ନଭେମ୍ବର ୨୦୨୨ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in



ପ୍ରସଙ୍ଗ

ରାଜାରାଣୀ କାହାଣୀ


Har sip mein dum
Ruchi Tea has a delightful blend of taste and strength which constantly energises you, keeps pushing you, for not just more. A lot more.
RUCHI
FOODLINE
Since 1976
Tea
Introducing
FREE RUCHI Haldi Powder ₹5 (12g)
RUCHI
Tea
Utkal
Dust
Net Wt. 250g
FREE Frozit Ruskdip ₹10 (60g)
RUCHI
Tea
Utkarsh
PREMIUM
KADAK CHAI
Net Wt. 250g
Dum Hardam

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ପଞ୍ଚମ ବର୍ଷ : ୧ମ ସଂଖ୍ୟା, ନଭେମ୍ବର ୨୦୨୨ ■ Vol-5, Issue : 1, November 2022



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର ବିଶ୍ୱାଳ**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ମ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**Bhubaneswar Office**
**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
**E-mail**
*rebatimedia@gmail.com*

**Editorial Office**
Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
**E-mail :**
*rebati.rebati2018@gmail.com*
*rebati.edit2020@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**


ସୂଚୀପତ୍ର

। ୫ମ ବର୍ଷ । ୧ମ ସଂଖ୍ୟା । ନଭେମ୍ବର ୨୦୨୨ ।

ଆମ ମାଟିର ସ୍ୱର




୧୧ ସମ୍ପାଦକୀୟ : ସାଂସାରିକ ସନ୍ତୋଷ : ସୁବାସିନୀ ଜେନା







୮
ବିଶେଷ ମତ : ଭକ୍ତି ଓ ଶକ୍ତିର ନିରାଜନା...: ଡକ୍ଟର ଶିଶିର ବେହେରା

୧୦
ମାନନୀୟେଷୁ : ହୃଦୟହାରୀ ହରିହର: ରବି ପଣ୍ଡା

୨୦
ପ୍ରସଙ୍ଗ-୧ : କଥାକହେ କନିକା... : ରଂଜନ ପ୍ରଧାନ

୨୮
ପ୍ରସଙ୍ଗ-୨ : ଉଦୟପୁରର ରାଜପ୍ରାସାଦ: ଦେବଯାନୀ ରାୟ

୩୮
ପ୍ରସଙ୍ଗ-୩ : ମୟୂରଭଞ୍ଜ ରାଜ ଉଆସ : ଅଜିତ୍ ପାତ୍ର

୪୫
ପ୍ରସଙ୍ଗ-୪ : ନିରବିତ ନୀଳଗିରି... : ଉଦୟନାରାୟଣ ଦାସ

୫୪ ଦ୍ୱି-ପ୍ରଚ୍ଛଦ : ମନିଷା ଧର ମହାପାତ୍ର
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ସଂଜିତ୍ କୁମାର ବଳ
୫୮ : ବିରଜା ବଳ
୫୯ : ଧୀରେନ ଆଚାର୍ଯ୍ୟ
: ଧନଞ୍ଜୟ ସ୍ୱାଇଁ
୬୦ : ସିତାଂଶୁ ଲେଙ୍କା
୬୧ : ରଞ୍ଜନ ବାଗ
୬୨ : ରାଜଶ୍ରୀ ମହାପାତ୍ର
: ଜୟନ୍ତିକା
୬୩ : ଚିତ୍ତରଞ୍ଜନ ନାୟକ
୬୪ : ସରୋଜ ମହାପାତ୍ର
: ହଂସନାଥ ମୁଦୁଲି
୬୫ : ସାବିତ୍ରୀ କର୍ବି














୬୬ ପ୍ରସଙ୍ଗ-୫ : ଲକ୍ଷ୍ମୀପ୍ରିୟା ଓଝା

୭୬ ଦେବାଳୟ : ନାରାୟଣ ରାଉତରାୟ

୮୨ କଥା-କାହାଣୀ : ଶୈବାଳିନୀ ସାହୁ

୮୭ ଆତ୍ମଜୀବନୀ : ଜୟନ୍ତୀ ରଥ

୯୨ ପ୍ରସଙ୍ଗ-୬ : ଲଳିତ ମୋହନ ମିଶ୍ର








## ନିୟମିତ ବିଭାଗ

ରୋଷେଇଶାଳ:


୧୦୧ : ରୋନାଲିସା ପଣ୍ଡା

୧୦୪ : ଗୀତିକା ଜ୍ୟୋତିପର୍ଣ୍ଣା

୧୦୬ ଶେଷପୃଷ୍ଠା : ସୃଜନଶୀଳତାରେ ସନ୍ତୁଷ୍ଟି : କୃଷ୍ଣ କୁମାର ମହାନ୍ତି







ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି

ପ୍ରଚ୍ଛଦ ମଡେଲ୍ : ନେହା ପାଣିଗ୍ରାହୀ, ବାରିପଦା

ଉଚ୍ଚତା : ୫ ଫୁଟ୍ ୩ ଇଞ୍ଚ

ବୃତ୍ତି : ଅଭିନେତ୍ରୀ, ମଡେଲିଂ

ରୁଚି : ପଢାପଢି ଓ ନାଚ

ଶିକ୍ଷା : +୩, ବିଜ୍ଞାନ, ପ୍ରଥମ ବର୍ଷ

ପ୍ରଚ୍ଛଦ ଫଟୋଗ୍ରାଫି : ମିଡ଼ିଆ କ୍ରିଏସନ ଫଟୋଗ୍ରାଫି,ବାରିପଦା

ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କମ୍ପ, ସୋନପୁର

ମେକ୍‌ଅପ୍ : ସାଇନ୍ ଏଣ୍ଡ୍ ଗ୍ଲୋ, ବାଲେଶ୍ୱର

କଷ୍ଟ୍ୟୁମ୍ : ବୃନ୍ଦାବନ ଡ୍ରେସ୍ ଡ଼ିଜାଇନର୍, ବାଲେଶ୍ୱର

ସ୍ଥାନ : ବାଲେଶ୍ୱର

**ମଲାଟ କଥା :** ପାର୍ବଣର ସମୟ ଆରମ୍ଭ ହୁଏ ଦଶହରାରୁ ସତ କିନ୍ତୁ ତା ପରେ ପରେ ପର୍ବପର୍ବାଣିର ପସରା ଲାଗିଯାଏ । ଘରେ ଘରେ ନାନା ପୂଜାବିଧି, ଓଷାବ୍ରତ, ପିଠାପଣାର ଏକ ଉତ୍ସବ ଆରମ୍ଭ ହୋଇଯାଏ । ଏମିତିରେ କାର୍ତ୍ତିକ ମାସ ହେଉଛି ଧର୍ମ ମାସ । ମାସ ମଧ୍ୟରେ ଶ୍ରେଷ୍ଠ ମାସ ବି କାର୍ତ୍ତିକ ମାସ । ଏହି ସମୟରେ ଦୀପାବଳି ଦୀପଦାନ, ବୋଇତ ବନ୍ଦାଣ, ରାଧା ଦାମୋଦର ପୂଜା, ବଡ଼ଓଷା, ବାଲୁଙ୍କା ପୂଜା ଇତ୍ୟାଦି ହୋଇଥାଏ । ପୂଜା ଓ ଆରାଧନା ତ ଘରର ସ୍ତ୍ରୀଲୋକ ହିଁ କରିଥାନ୍ତି । ଏ ମାସର ଧାର୍ମିକ ବାତାବରଣର ପବିତ୍ର ପ୍ରତୀକ ସ୍ୱରୂପ ପୂଜାଥାଳି ସହ ଗୃହଲକ୍ଷ୍ମୀ ହିଁ ଏଥରର ପ୍ରଚ୍ଛଦ ।




## ସବୁଠୁ ଆକର୍ଷଣୀୟ ବିଭୂତି ପଟ୍ଟନାୟକଙ୍କ ଆଲେଖ୍ୟ

● ଅକ୍ଟୋବର ୨୦୨୨ ସଂଖ୍ୟା 'ରେବତୀ' ପଢ଼ିଲି । ସବୁଠୁ ଆକର୍ଷଣୀୟ ହେଉଛି 'ବର୍ଣ୍ଣିଳ ବିଭୂତି' । ତାଙ୍କର ସମସ୍ତ ପୁସ୍ତକ ତାଲିକା ସହିତ ଅନ୍ୟାନ୍ୟ କୃତି ସମୂହର ଉଲ୍ଲେଖ- ନିଶ୍ଚିତ ଭାବେ ଗବେଷଣାର ବିଷୟ । ଆଲୋଚନାରୁ ତାଙ୍କ ସମ୍ପର୍କରେ ଅନେକ କଥା ଜାଣିବାକୁ ମିଳେ । ଏହା ପୂର୍ବରୁ ବିଭୂତି ବାବୁଙ୍କ ସମ୍ପର୍କରେ ଶ୍ୟାମାପ୍ରସାଦ ଚୌଧୁରୀଙ୍କ ସମ୍ପାଦନାରେ 'ପ୍ରତିବେଶୀ' ଏପ୍ରିଲ-ସେପ୍ଟେମ୍ବର-୨୦୦୨ ସଂଖ୍ୟାରେ 'ପ୍ରଚ୍ଛଦ ନାୟକ ବିଭୂତି ପଟ୍ଟନାୟକ' ଶୀର୍ଷକରେ ଗୋଟିଏ ଲେଖା ପ୍ରକାଶ ପାଇଥିଲା । ପରବର୍ତ୍ତୀ ଆକର୍ଷଣ ହେଉଛି ଡ. ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ 'ଦ୍ରୌପଦୀ-୨୦ । ଏହି କାବ୍ୟର ପ୍ରତ୍ୟେକ ଅଂଶ ପଢୁଛି । ମତେ ଖୁବ ଭଲ ଲାଗୁଛି । ଏ ସଂଖ୍ୟାରେ ଅଜୟ ସ୍ୱାଇଁଙ୍କ 'ସୂର୍ଯ୍ୟଦେଓ'ଙ୍କ ଉପରେ ଆଲେଖ୍ୟ, କବିତା ଓ ଅନ୍ୟାନ୍ୟ ବିଭାଗ ମଧ୍ୟ ଖୁବ୍ ଆକର୍ଷଣୀୟ । ପ୍ରଚ୍ଛଦ, ଅଳଙ୍କରଣ ସବୁ ଦିଗରୁ ଏକ ଉନ୍ନତମାନର ପତ୍ରିକାର ସୂଚନା ମିଳେ । ପତ୍ରିକାର ସଫଳ ପ୍ରକାଶ ପାଇଁ ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ ଅଦମ୍ୟ ପ୍ରଚେଷ୍ଟା ସହିତ ସମ୍ପାଦିକା ସୁବାସିନୀ ଜେନାଙ୍କ ଦିଗ୍‌ଦର୍ଶନ ଫଳରେ ପତ୍ରିକାଟି ବେଶ୍ ଉଲ୍ଲେଖଯୋଗ୍ୟ ସ୍ଥାନ ହାସଲ କରିପାରିଛି ।

**ବଂଶୀଧର ଷଡ଼ଙ୍ଗୀ,**
**ଗୁହାଳପଡ଼ା, ନିମାପଡ଼ା, ପୁରୀ**

## କ୍ରମଶଃ ମର୍ଯ୍ୟାଦାବନ୍ତ ହୋଇଉଠୁଛି 'ରେବତୀ'

● 'ରେବତୀ'ରେ ସ୍ଥାନ ପାଆନ୍ତି ସମ୍ଭ୍ରାନ୍ତ ଲେଖକ ଓ ଲେଖିକା ମାନେ, ଯେଉଁମାନଙ୍କୁ ଏକ ମାସ ମଧ୍ୟରେ ପଢ଼ି ହଜମ କରିବ ବାସ୍ତବିକ ଅସମ୍ଭବ । 'ରେବତୀ' କ୍ରମଶଃ ଅଧିକ ମର୍ଯ୍ୟାଦାବନ୍ତ ହୋଇ ଉଠୁଛି ତା'ର ପରିପାଟିରେ ଓ ସମୃଦ୍ଧ ହୋଇ ଉଠୁଛି ବିଭାଗ ଗୁଡ଼ିକରେ । ସମସ୍ତ ଲେଖକୀୟ କୃତିକୁ ମୋର ପ୍ରଣାମ, ସଭିଏଁ ଅନନ୍ୟ, ତେବେ କବି ଶ୍ରୀଦେବଙ୍କ 'ଜାଇଚିହ୍ନ', ଲେଖକ ବିଜୟ ନାୟକଙ୍କ 'ସ୍ୱୟଂବରା' ହଲଚଲ କରି ପକାଇଛି ମୋତେ । ଉତ୍ତର ଆଧୁନିକ ଜୀବନର ନିଖୁଣ ଉପସ୍ଥାପନା କରିଛନ୍ତି ଶ୍ରୀ ବିଜୟ ନାୟକ । କି ସୁନ୍ଦର ଗପଟେ ସ୍ୱୟଂବରା ! ବିଭିନ୍ନ ଚିତ୍ରକଳ୍ପରେ ସଜେଇଛନ୍ତି ଜୀବନଧର୍ମୀ କବିତାଟିକୁ କବି, ସତରେ ମନ ଖୁସ୍ କବିତାଟେ 'ଜାଇଚିହ୍ନ' । ପଢ଼ିଚି ମମତା ଦାଶ, ପ୍ରଜ୍ଞାଶ୍ରୀ ରଥ, ହରିଶ୍ଚନ୍ଦ୍ର ବେହେରାଙ୍କୁ । ପଢ଼ା ଚାଲିଛି ।

**ପଲ୍ଲିଶ୍ରୀ ପଟ୍ଟନାୟକ,** ଭବାନୀପାଟଣା

## ପ୍ରଜ୍ଞାଶ୍ରୀ ରଥଙ୍କ ଆଲେଖଟି ବହୁ ଅଜ୍ଞାତ ତଥ୍ୟର ଦସ୍ତାବିଜ୍

● ଆଜି ଫୁରୁସତରେ ପଢ଼ି ସାରିଲି ଅକ୍ଟୋବର ସଂଖ୍ୟା 'ରେବତୀ' । ପୂର୍ବ ମାସର କୃଷ୍ଣବାବୁଙ୍କ ଶେଷ ପୃଷ୍ଠା ସୃଜନଶୀଳତା ଓ ହରିହାଟର ସାମଗ୍ରିକ ସାହିତ୍ୟିକ ଅନୁଶୀଳନ କରିଛନ୍ତି ଡ. ଶିଶିର ବେହେରା । ଭଲ ଆଲୋଚନା । ସମ୍ପାଦକୀୟରେ ମହାପୂଜା ଅବସରରେ ସମ୍ପାଦିକାଙ୍କ ମାତୃଶକ୍ତି ସମ୍ପର୍କୀତ ଉପାଦେୟ ବିଚାର ସାଙ୍ଗକୁ 'ଶେଷପୃଷ୍ଠା'ର ଲେଖିକାମାନଙ୍କ ସୃଜନଶୀଳତାକୁ ନେଇ ପ୍ରସ୍ତୁତ ଆଲେଖ୍ୟଟି ମଧ୍ୟ ପ୍ରାସଙ୍ଗିକ । ପ୍ରଜ୍ଞାଶ୍ରୀ ରଥଙ୍କ 'ଦ୍ରୁମୀଶ୍ୱରୀ ଦେବୀ' ଚମତ୍କାର । ବିଭିନ୍ନ ତଥ୍ୟ, କଥନିକା, ଶ୍ଳୋକ ମାଧ୍ୟମରେ ଆମ ଦେବୀ ତତ୍ତ୍ୱ ଉପରେ ଆଧାରିତ ଆଲେଖ୍ୟଟି ବହୁତ ଅଜ୍ଞାତ କଥାକୁ ପରିପ୍ରକାଶ କରିଛି । ପ୍ରସଙ୍ଗଟିର ଆରମ୍ଭ ବହୁତ ସୁନ୍ଦର । ମହାପୂଜା ଅବସରରେ 'ରେବତୀ'ର ଏହା ଏକ ଉପାଦେୟ ସଂଯୋଜନା । ଶ୍ରଦ୍ଧାଞ୍ଜଳିଙ୍କ ଦୁର୍ଗାମାଧବ, ଆଲେଖ୍ୟଟି ବହୁ ଜିଜ୍ଞାସାକୁ ଚରିତାର୍ଥ କରେ । ଦୁର୍ଗାଙ୍କ ସହିତ ମାଧବ କିପରି ସଂପୃକ୍ତ ହୁଅନ୍ତେ ! ସେ ବହୁ ସୁନ୍ଦର ତଥ୍ୟ ଓ ଯୁକ୍ତି ଆଧାରରେ ଶାକ୍ତ ଓ ବୈଷ୍ଣବ ତତ୍ତ୍ୱକୁ ସ୍ପଷ୍ଟ କରିଛନ୍ତି । ବହୁତ ଅଜଣା ସୂଚନା ମିଳିଲା । ସୂର୍ଯ୍ୟ ଦେଓଙ୍କ ଉପରେ ଅଜୟ ସ୍ୱାଇଁଙ୍କ ଆଲେଖ୍ୟଟି ଆକର୍ଷଣୀୟ । ତାଙ୍କ ଜୀବନର ସଂଘର୍ଷ ଓ ସଫଳତାର ଜୀବନ ସହିତ ଅଜୟ ବାବୁ ନିଜେ ସଂପୃକ୍ତ ଥିବାରୁ ଆଲେଖ୍ୟଟି ଅତ୍ୟନ୍ତ ଜୀବନ୍ତ ଓ ରୋଚକ ହୋଇଛି । ସୂର୍ଯ୍ୟ ବାବୁଙ୍କ ଯାତ୍ରା ଜାରି ରହୁ । ଭୀମ ପୃଷ୍ଟିଙ୍କ ଭୀମଭୋଇଙ୍କୁ ଖୋଜିବା କାହାଣୀଟି ଖୁବ୍ ରୋମାଂଚକର ଲାଗିଲା । ତାଙ୍କର ଯାତ୍ରା, ରହଣି, ସେ ଅଂଚଳ, ଫେରନ୍ତି ଯାତ୍ରାର ଦୁର୍ଘଟଣା ଜନିତ ବ୍ୟପାର ଆଦି ଅଙ୍ଗେନିଭା ଘଟଣା ଗୁଡ଼ିକୁ ସେ ଯେମିତି ବର୍ଣ୍ଣନା କରିଛନ୍ତି, ପାଠକ ବିସ୍ମୟ ମୁଗ୍ଧ ହେବା ସ୍ୱାଭାବିକ । ତାଙ୍କୁ ସତରେ ଭୀମ ଭୋଇ ରକ୍ଷା କଲେ, ତାହା ହିଁ ଆଶ୍ୱସ୍ତି । କବିତା ଗୁଡ଼ିକ ସୁସଂପାଦିତ ଓ ସୁପାଠ୍ୟ, ସୁମଧୁର । ବିଜୟ ନାୟକଙ୍କ ଗପ 'ସ୍ୱୟଂବରା'ର ପରିସମାପ୍ତି ଜଣେ ଉତ୍କଣ୍ଠିତ ଗଳ୍ପ ପାଠକକୁ ଚମତ୍କୃତ ଓ ଆହ୍ଲାଦିତ କରିବ । ନେତାଜୀ ଅଭିନନ୍ଦନଙ୍କ ରାଜନୀତିର ରେଖାଚିତ୍ର ବହୁତ ମନଲାଖି । କିଏ ନିଜ ମାଟିର ଇତିହାସ ଜାଣିବାକୁ ଭଲ ନପାଏ ! ସେଥିରେ ପୁଣି ରାଜତନ୍ତ୍ରର ଜୀବନ୍ତ ଇତିହାସ ଜଡ଼ିତ । ପ୍ରଶାନ୍ତ ଦାସଙ୍କ ଚଟୁଳ ପ୍ରେମକଥା 'ଚିଠି ଯାଇଥିବା...' କାହା କାହାକୁ ପ୍ରେମମନସ୍କ କରି ପ୍ରଥମ ପ୍ରେମ ଚିଠିର ମଧୁର ଅନୁଭବକୁ ଫେରାଇ ଆଣିବ । ଅଶ୍ୱିନୀ କୁମାର ମହାନ୍ତିଙ୍କ 'ନର୍କପୁରୀ' ଗପ ଠାରୁ ଅଧିକ 'ଅବସରପ୍ରାପ୍ତଙ୍କ ପାଇଁ ଗୋଟେ ଉପଦେଶାତ୍ମକ ନିବନ୍ଧ ପରି ଲାଗିଲା । ଅବଶ୍ୟ ସେଥିରେ ବହୁ ଯଥାର୍ଥ ପ୍ରସଙ୍ଗ ଉଠାଇଛନ୍ତି । ଶ୍ୱେତା ରାଉତ ପ୍ରତି ସଂଖ୍ୟାରେ ବିଭିନ୍ନ ଫୁଲଙ୍କ ଉପରେ ଯେଉଁ ଗବେଷଣାତ୍ମକ ଆଲେଖ୍ୟ ଲେଖୁଛନ୍ତି, ତାହା ସମସ୍ତଙ୍କୁ ଆକୃଷ୍ଟ କରୁଥିବ ନିଶ୍ଚୟ । ଅନ୍ୟ ନିୟମିତ ବିଭାଗଗୁଡ଼ିକ ରୁଚି ଅନୁଯାୟୀ ଆକର୍ଷଣୀୟ । ଏଠାରେ କହି ରଖେ ଯେ, ପତ୍ରିକାରେ ପ୍ରକାଶିତ ପ୍ରତ୍ୟେକ ଆଲେଖ୍ୟ ଉପରେ ସୁବିସ୍ତୃତ ଆଲୋଚନା କରିବାର ପରିସର ଖୁବ୍ କମ୍ । ତେଣୁ ସମସ୍ତ ସ୍ରଷ୍ଟାଙ୍କୁ ସେମାନଙ୍କ ସୃଜନଶୀଳ ଯୋଗଦାନ ପାଇଁ ଯଥାମାନ୍ୟ ରଖୁଛି । ଶେଷରେ ଏହି ସଂଖ୍ୟାରେ ବିଶିଷ୍ଟ ସାହିତ୍ୟିକ ବିଭୂତି ପଟ୍ଟନାୟକଙ୍କ ଉପରେ ମୋ ଲିଖିତ ଆଲେଖ୍ୟଟି ତାଙ୍କୁ ବହୁତ ଭଲ ଲାଗିଛି ବୋଲି ଫୋନ-ଆଳାପ ବେଳେ କହିବା ସଂଗେ ସଂଗେ 'ରେବତୀ'ର ଏହି ଅଭିନବ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି ସେ ।

**ରବି ପଣ୍ଡା,** ଭୁବନେଶ୍ୱର

## ଶିଶିର ବେହେରାଙ୍କ 'ବିଶେଷ ମତ' ସମସ୍ତେ ପଢ଼ିବା ପାଇଁ ବାଧ୍ୟତାମୂଳକ ହେଉ

● ଆଜି ଅକ୍ଟୋବର 'ରେବତୀ' ପାଇଲି । ମୋ ଧାରାରେ ପ୍ରଥମେ ଶ୍ରଦ୍ଧାସ୍ପଦ ଶିଶିର ବେହେରାଙ୍କ 'ବିଶେଷ ମତ' ଏବଂ କୁଶଳୀ ସମ୍ପାଦକ ବନ୍ଧୁଙ୍କ 'ଶେଷପୃଷ୍ଠା' ପଢ଼ିଥାଏ । କିନ୍ତୁ ଆଜି ଶିଶିର ବାବୁଙ୍କ ପାଖରେ ଅଟକି ଗଲି । ଲେଖାଟି ବାରମ୍ବାର ପଢ଼ିଲି । ମୋର ଅନୁଭବ ହେଲା, ଦୀର୍ଘଦିନ ପରେ ଅନ୍ତରକୁ ଛୁଇଁଲା ଭଳି ଲେଖାଟିଏ ପଢ଼ିଲି । ଆଜି ସାହିତ୍ୟ ନାମରେ ଯାହା ସବୁ ଚାଲୁଛି ଏବଂ ନିଜକୁ ପ୍ରତିଷ୍ଠିତ ମଣୁଥିବା କିଛି ବ୍ୟକ୍ତି ଅନ୍ୟମାନଙ୍କୁ ଯେଉଁଭଳି ଭାବେ ହତାଦର କରୁଛନ୍ତି, ତାହାର ଚମତ୍କାର ଚିତ୍ର ସେ ପରିବେଷଣ କରିଛନ୍ତି । ସତେ ଯେମିତି ଅନ୍ତର ଖୋଲି ଦେଇଛନ୍ତି । ଯେଉଁ ବିଶ୍ୱାସର ସହିତ ଲେଖିଛନ୍ତି, ତାହା ହିଁ ପ୍ରଶଂସନୀୟ । ମୁଁ ଭାବୁଛି ସମସ୍ତ ଲେଖକଙ୍କ ପାଇଁ ଏହା ପଢ଼ିବା ବାଧ୍ୟତାମୂଳକ ହେଉ । ଶିଶିର ବାବୁଙ୍କ ଲେଖନୀକୁ ମୁଁ ପ୍ରଣାମ କରୁଛି ।

**ଅଭୟ ଦ୍ୱିବେଦୀ,** ଭଦ୍ରକ

# ସାଂସାରିକ ସନ୍ତୋଷ

ଘର ପରିବାରକୁ ଆମେ ମନ୍ଦିରର ସଂଜ୍ଞା ଦେଇଥାଉ । କାରଣ ଘର ଓ ପରିବାରର ବାତାବରଣ ଆମର ଜୀବନ ଓ ଦିନଚର୍ଯ୍ୟା ଉପରେ ପ୍ରଭାବ ପକାଇଥାଏ । ଅତଏବ ଘର ପରିବାରର ବାତାବରଣ ସଦା ଅନୁକୂଳ ହେବା ସହିତ ସୁଖଶାନ୍ତି ଓ ସନ୍ତୋଷ ବିରାଜମାନ କରିବା ନିତାନ୍ତ ଆବଶ୍ୟକ । ଯଦି ପରିବାର ଭିତରେ ସୁଖଶାନ୍ତି ଓ ସନ୍ତୋଷ ନରହେ ତେବେ ତାହା ପାରିବାରିକ ବା ସାଂସାରିକ ଜୀବନକୁ ପ୍ରଭାବିତ କରିବା ଥୟ । ଏହା ଦ୍ୱାରା ସଂସାରଟି ନର୍କକୁଣ୍ଡ ପାଲଟି ଯିବା ସହ ସଂସାରରେ ବସବାସ କରୁଥିବା ପ୍ରତ୍ୟେକଟି ପ୍ରାଣୀଙ୍କ ଜୀବନ ନଷ୍ଟବିନଷ୍ଟ ହେବା ଅବଶ୍ୟମ୍ଭାବୀ । ସୁତରାଂ ଘରସଂସାର କରିଥିବା ପ୍ରତ୍ୟେକ ସାଂସାରିକ ବ୍ୟକ୍ତି ନିଜ ସଂସାର ଭିତରେ ସୁଖଶାନ୍ତି ଓ ସନ୍ତୋଷ ବଜାୟ ରଖିବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରିଥାନ୍ତି ।

ଆମେ ଜାଣୁ ଯେ, ସଂସାର ହେଉଛି ଏମିତି ଏକ ସ୍ଥାନ, ଯେଉଁଠି ମଣିଷ ଶାନ୍ତିରେ ଓ ପରମ ସନ୍ତୋଷରେ କାଳାତିପାତ କରେ । ତଦନୁସାରେ ସେ ତା'ର ସାଂସାରିକ କର୍ତ୍ତବ୍ୟ ସମ୍ପାଦନ କରିବା ସହ ସଂସାରକୁ ସୁଖମୟ କରିବାରେ ସଫଳ ହୁଏ । ଆଜିର ସମୟରେ ବହୁ ନକାରାତ୍ମକ ଚିନ୍ତା ଓ ଚେତନା ଭିତରେ ମଣିଷ ବଞ୍ଚୁଥିବା ହେତୁ ଅନେକ ସମୟରେ ତା'ର ମାନସିକ ଅବସ୍ଥା ଅଶାନ୍ତ ଥାଏ । ଏହି ଅଶାନ୍ତ ମାନସିକତାକୁ ଧରି ସେ ତା'ର ସଂସାରର ଶାନ୍ତି ଓ ସନ୍ତୋଷକୁ ଭଙ୍ଗ କରିଚାଲେ । ଅଥଚ ବାହାରେ ଓ ଚାରିପାଖରେ ଖୋଜିବୁଲେ ସୁଖ ଓ ଶାନ୍ତି ମିଳିବ କେଉଁଠୁ? ସତ କହିଲେ, ଯାବତୀୟ ଦୁଃଖକଷ୍ଟ ଓ ଅଶାନ୍ତି ଆମେ ନିଜେ ହିଁ ସୃଷ୍ଟି କରିଥାଉ । ଅଥଚ ନିରାକରଣର ଉପାୟ ଆମେ ଖୋଜୁ ଅନ୍ୟତ୍ର ।

ନିଜ ସାଂସାରିକ ସୁଖସନ୍ତୋଷକୁ ଆମେ ନିଜେ ଅର୍ଜନ କରିପାରିବା । ଏଥିପାଇଁ ଜୀବନଚର୍ଯ୍ୟାରେ ଆଣିବାକୁ ହେବ ଏକ ଶୃଙ୍ଖଳା ଓ ସଂସ୍କାରିତ ମନୋଭାବ । ଘରେ ନକାରାତ୍ମକ ଶକ୍ତିକୁ ପ୍ରଶ୍ରୟ ନଦେଇ ସବୁବେଳେ ଧାର୍ମିକ ବ୍ୟବହାର ଓ ଆଚରଣ ଆପଣେଇବାକୁ ପଡ଼ିବ । ନିଜର ଦୈନନ୍ଦିନ କାର୍ଯ୍ୟଧାରାରେ ଏକ ଶୃଙ୍ଖଳାବୋଧ ରଖିବା ସହ ଅନ୍ୟମାନଙ୍କୁ ଅନୁଗାମୀ କରାଇବାକୁ ପଡ଼ିବ । କୌଣସି ଅବିବେକୀ କାର୍ଯ୍ୟ ବା ବିବେକକୁ ବାଧା ପହଞ୍ଚାଉଥିବା କାର୍ଯ୍ୟ ନକରିବା ପାଇଁ ସଂକଳ୍ପବଦ୍ଧ ହେବା ସହ ପରିବାରର ଅନ୍ୟମାନଙ୍କୁ ଏ ଦିଗରେ ପ୍ରାରମ୍ଭରୁ ଶିକ୍ଷା ଦେବାର ଏକ ବାତାବରଣ ବେଶ୍ ଜରୁରୀ ଅଟେ ପ୍ରତିଟି ଘର ଓ ପରିବାରରେ ।


କୁହାଯାଏ ଜୀବନରେ ସାଂସାରିକ ସୁଖଠୁ ବଡ଼ କିଛି ନାହିଁ । ଏହାର ଅପ୍ରାପ୍ତି ଜୀବନକୁ କେବଳ ଅସାର କରି ଦିଏନି, ଅଧିକନ୍ତୁ ଜୀବନ ହୋଇଉଠେ ଅର୍ଥହୀନ ଓ ଅସୁନ୍ଦର । ସେଥିପାଇଁ ନିଷ୍ଠାର ସହିତ ସଂସାରର ଧର୍ମ ପାଳନ କରିବାକୁ ପଡ଼େ । କିନ୍ତୁ ଆଜିର ପରିବର୍ତ୍ତିତ ସମୟରେ ଆମେ ସମସ୍ତେ ଅସ୍ଥାୟୀ ଆନନ୍ଦ, ସୁଖଶାନ୍ତି ପଛରେ ଏତେ ବେଶି ପାଗଳ ପରି ଧାଇଁଛୁ ଯେ, ଅସଲରେ ସୁଖଶାନ୍ତି ଓ ସନ୍ତୋଷର ଭରପୂର ଏକ ସଂସାରର ଆନନ୍ଦ ଯେ ଚିରସ୍ଥାୟୀ ଏବଂ ତାହା ହିଁ ଜୀବନକୁ ମହତ୍ତର କରିବା ସହ କରିଥାଏ ଅର୍ଥପୂର୍ଣ୍ଣ, ଏକଥା ପାଶୋରି ପକାଉଛୁ । ଆମେ ଦିଗ୍‌ଭ୍ରଷ୍ଟ ହୋଇ କ୍ଷଣିକ ଆନନ୍ଦ ପଛରେ ଦୌଡୁଛୁ । ପଛରେ ରହିଯାଉଛି ଆମ ସଂସାର ଓ ଆମର ସାଂସାରିକ ଧର୍ମ । ଏହି କାରଣରୁ ଆଜିର ସମୟରେ, ଏକାଧିକ ପରିବାର ଭିତରେ ବିରାଜିତ ଘନ ଅସନ୍ତୋଷ ଓ ଅଶାନ୍ତିର କୁହେଳିକା । ସେଇଥିପାଇଁ ମଣିଷ ଭିତରୁ ହଜି ଯାଇଛି ସରସତା ।

ଆପଣମାନେ ଭାବନ୍ତୁ ତ, ଗୋଟିଏ ଅଶାନ୍ତମୟ ଏବଂ ଅସନ୍ତୋଷଭରା ସଂସାରରୁ ଜଣେ ଯେତେବେଳେ ବାହାରିବ, ସେତେବେଳେ ବାହାର ଦୁନିଆକୁ ବାଣ୍ଟିବ କ'ଣ ? ତା' ନିଜ ସଂସାରରୁ ଆହରିତ ବା ତାର ମାନସିକତାକୁ ବିଷମୟ କରି ଦେଇଥିବା ସେଇ ଅସନ୍ତୋଷ ହିଁ ତ ସେ ବାଣ୍ଟିବ ! ଫଳରେ ପୂରା ବାତାବରଣ ହୋଇଉଠିବ ଅଶାନ୍ତ । ଏହାହିଁ ଆଜିର ବାସ୍ତବତା ।

ସତ୍‌ଜ୍ଞାନ ଆହରଣ କରିବା କିମ୍ବା ସତ୍‌ଚିନ୍ତା ମାଧ୍ୟମରେ ଅନ୍ୟକୁ ଉଦ୍‌ବୁଦ୍ଧ କରାଇବା ଭଳି ମାନସିକତା ଆମ ପାଖରେ ନାହିଁ । ଆମ ଭିତରେ ନାନା ପ୍ରକାର ଅବିଗୁଣ ଭରିରହିଛି । ମିଥ୍ୟା, ହିଂସା, ଈର୍ଷା, ଗର୍ବ, ଅହଂକାର ଭଳି ଗୁଣଗୁଡ଼ିକୁ ନେଇ ଆମେ ଆଜି ସାମୟିକ ସୁଖ ପଛରେ ଦୌଡୁଛେ । ଏସବୁ ମାୟା ମରୀଚିକା ବୋଲି ଆମେ ବୁଝି ପାରୁନା । ସୁତରାଂ ଆମକୁ ସଂସ୍କାରିତ ହେବାକୁ ପଡ଼ିବ । ଆମର କଥା କହିବାର ଶୈଳୀ, ନିଜର ଆଚରଣ ଓ ବ୍ୟବହାରରେ ଏତେ ମଧୁରତା ଭରିବାକୁ ପଡ଼ିବ ଯେ, ଅନ୍ୟମାନେ ଯେପରି ଆମକୁ ଅନୁସରଣ କରିବାକୁ ବ୍ୟଗ୍ର ହେବେ । ସମସ୍ୟାରେ ବିଚଳିତ ହୋଇ ଅନର୍ଥ କରିବା ଅନୁଚିତ । କାରଣ ସମସ୍ୟା ଜୀବନର ଶେଷକଥା ନୁହେଁ, ବରଂ ସେଇଠୁ ନୂଆ ଏକ ଜୀବନର ଆରମ୍ଭ ହୁଏ- ଏକଥା ଆମକୁ ମନେ ରଖିବାକୁ ପଡ଼ିବ । ନିଜେ ନିଜର ସଂସାରକୁ ମନ୍ଦିର ଭଳି ଗଢ଼ି ତୋଳିବାକୁ ପ୍ରତିଜ୍ଞାବଦ୍ଧ ହେବା ଉଚିତ୍ । ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କୁ ନିଜର ଉତ୍ତମ ଆଚରଣ ଓ ବ୍ୟବହାର ଦ୍ୱାରା ଆନନ୍ଦ ଓ ସନ୍ତୋଷ ବାଣ୍ଟିବାକୁ ପଡ଼ିବ । ତାହେଲେ ଯାଇ ସଂସାରରେ ସନ୍ତୋଷ ବିରାଜିବ । ଆମେ ଏକ ସୁନ୍ଦର ଜୀବନ ଆଡ଼କୁ ମାର୍ଗ ପାଇ ପାରିବା ।

ପୁଣି ଥରେ ପୂର୍ବବତ୍ ସମସ୍ତଙ୍କ ସହଯୋଗ ଆଶା କରି ଶୁଭେଚ୍ଛା ସହ ରହୁଛି ।

ସମ୍ପାଦିକା



ବିଶେଷ ମତ

# ଭକ୍ତି ଓ ଶକ୍ତିର ନିରାଜନା : ଦୁର୍ଗାମାଧବ ଉପାସନା

**ଡକ୍ଟର ଶିଶିର ବେହେରା**

ସହକାରୀ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪


▲ ଶିଶିର ବେହେରା

ଉତ୍କଳୀୟ ଧର୍ମଧାରାରେ ଯେତିକି ନୂତନତା ଓ ବୈଶିଷ୍ଟ୍ୟ ପରିଲକ୍ଷିତ, ତତୋଽଧିକ ଆଚାର ବିଧାନ, ଉପାସନାମାର୍ଗ , ଜ୍ଞାନତତ୍ତ୍ୱ, ପୂଜାପଦ୍ଧତି, ସାଧନା ପରାକାଷ୍ଠା ତନ୍ମଧରେ ସନ୍ନିହିତ । ବିବିଧ ଧର୍ମର ସମାବେଶ ହୋଇଥିଲେ ହେଁ, ସର୍ବଧର୍ମ ସମନ୍ୱୟର ପୀଠ ଭାବରେ ଉତ୍କଳୀୟ ଭୂଖଣ୍ଡ ଆପଣାର ଗୌରବକୁ ପ୍ରତିପାଦିତ କରିଆସିଛି । ଉଭୟ ଉପାସ୍ୟ ଓ ଉପାସକଙ୍କ ମହିମାରେ ଶତମୁଖ ହୋଇଛି ଆଧ୍ୟାତ୍ମିକ ଜ୍ଞାନଗ୍ରନ୍ଥ, ଶାସ୍ତ୍ରପୁରାଣ, ସାହିତ୍ୟ । ଶୈବ, ଶାକ୍ତ, ବୈଷ୍ଣବ ଧର୍ମ ଓ ଦର୍ଶନର ମିଳନ ଭୂମି ଉତ୍କଳର ସ୍ୱତନ୍ତ୍ରତା ଏବଂ ପୀଠ-ପୀଠାଧୀଶଙ୍କ ମହିମା ହିଁ ଭାରତୀୟ ଆଧ୍ୟାତ୍ମିକ ଦର୍ଶନର ପ୍ରମୁଖ ଉପାଦନା ପାଲଟି ଯାଇଛି । ଶକ୍ତି ଉପାସନା ଏହି ପର୍ବର ବହୁ ଆଦୃତ ଲୋକ ଉପାସନା । ଶାରଦୀୟ ଦୁର୍ଗାପୂଜା ଶକ୍ତି ଉପାସନାର ମହିମ୍ନ ଦିଗ ଦିଗନ୍ତ ଏହି ପର୍ଯ୍ୟାୟର ଜୀବନ୍ତ ସାକ୍ଷୀ । ମହାମାୟା ପରାଶକ୍ତି ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆରାଧନା, ପୂଜାର୍ଚ୍ଚନା ଉତ୍କଳୀୟ ଶକ୍ତି ଉପାସନାର ସର୍ବବୃହତ୍ ଅନୁଷ୍ଠାନ । ବିଭିନ୍ନ ପୀଠରେ ଶକ୍ତିଙ୍କ ଭିନ୍ନ ଭିନ୍ନ ଉପସ୍ଥିତି, କ୍ଷେତ୍ରାଧିଶ୍ୱରୀ ଭାବରେ ଲୀଳା ବିସ୍ତାର କଲେ ହେଁ ଦୁର୍ଗାପୂଜାର ସ୍ୱାତନ୍ତ୍ର୍ୟ ଓ ସାର୍ବଜନୀନତାକୁ ସମ୍ମାନର ସହ ଅଙ୍ଗୀକାର କରିବାକୁ ହୁଏ । ମାତ୍ର ଅନ୍ୟ ଏକ ପ୍ରମୁଖ ବ୍ୟତିକ୍ରମ ଓ ଆକର୍ଷଣ ହେଉଛି 'ଦୁର୍ଗାମାଧବ ଉପାସନା', ଯାହା ଉତ୍କଳୀୟ ଶାକ୍ତ ପରମ୍ପରାରେ 'ଶାକ୍ତ ଗୁଣ୍ଡିଚା' ନାମରେ ମଧ୍ୟ ଖ୍ୟାତ । **'ରେବତୀ'**ର ଅକ୍ଟୋବର ୨୦୨୨ ପୂଜାସଂଖ୍ୟାରେ ଶକ୍ତି ଉପାସନା ଓ ଦେବୀ ପୂଜାର ନାନା ବିଧିବିଧାନ ସଂପର୍କରେ ସବିଶେଷ ଚର୍ଚ୍ଚା କରିଛନ୍ତି ଆଲୋଚକମାନେ । ତନ୍ମଧ୍ୟରେ **ଶ୍ରଦ୍ଧାଞ୍ଜଳି କାନୁନଗୋ**ଙ୍କ 'ଶାକ୍ତ ଉପାସନାରେ ଦୁର୍ଗାମାଧବ' ଆଲେଖ୍ୟଟି ବେଶ୍ ପ୍ରାଣସ୍ପର୍ଶୀ ଓ ନୂତନ ସ୍ୱାଦଦାୟୀ । ଏହି ପ୍ରସଙ୍ଗରେ ଲେଖିକା ଉତ୍କଳୀୟ ଶକ୍ତିପୂଜା ଏକ ପ୍ରମୁଖ ପ୍ରସଙ୍ଗ ଚୟନ କରି ତାହାର ଆଧ୍ୟାତ୍ମିକ, ପୌରାଣିକ, ସାଂସ୍କୃତିକ ବିଚାର କରିଅଛନ୍ତି । ଭାରତୀୟ ଧର୍ମ, ଦର୍ଶନ, ତନ୍ତ୍ର ଆଧାରରେ ଦୁର୍ଗାମାଧବ ଉପାସନାର ଭିତ୍ତି ଓ ଭୂତିକୁ ପାଠକଙ୍କୁ ଅର୍ପଣ କରିଛନ୍ତି । ଏହି ଆଲେଖର ବିଚାର ହିଁ ମୋର ପ୍ରଚେଷ୍ଟା ।

ଓଡ଼ିଶାର ପ୍ରାଣ ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥଙ୍କ ଲୀଳା ଯେପରି ଅନନ୍ୟ ତାହାଙ୍କ ସମସ୍ତ ବିଧି-ବିଧାନ, ନୀତିକାନ୍ତି, ପୂଜା-ଆରାଧନା, ଯାନି-ଯାତରା ସେହିପରି ଅଲୌକିକ ଓ ରହସ୍ୟମୟ । ସେହି ରହସ୍ୟମୟ ଦାରୁଦିଅଁଙ୍କ ମହିମାର ଅନ୍ୟ ଏକ ନିଦର୍ଶନ ଶ୍ରୀକ୍ଷେତ୍ରରେ ଦୁର୍ଗାମାଧବ ଉପାସନା । ମା'ବିମଳା ଓ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଏହି ଉତ୍ସବର ପରିକଳ୍ପନା । ଆଶ୍ଚର୍ଯ୍ୟର ବିଷୟ, ସର୍ବତ୍ର ଶିବଦୁର୍ଗାଙ୍କର ଏକତ୍ର ପୂଜା ହେଉଥିବା ବେଳେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଦୁର୍ଗା ଏବଂ ଜଗନ୍ନାଥଙ୍କର ସମବେତ ଉପାସନା କରାଯାଏ, ଯାହା 'ଦୁର୍ଗାମାଧବ' ଉପାସନା ନାମରେ ସୁଖ୍ୟାତ ।

ମା' ବିମଳାଙ୍କ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥ ଶରତକାଳରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ ଠାରୁ ଶୁକ୍ଳନବମୀ ପର୍ଯ୍ୟନ୍ତ ଷୋହଳଦିନ ଯାଏଁ ଏକତ୍ର ପୂଜା ପାଇଥାନ୍ତି । ଏହା ହିଁ ଦୁଗାମାଧବ ଉପାସନା । ଓଡ଼ିଶାରେ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ଶୀକ୍ଷେତ୍ର ବାସିନୀ ବିମଳା ହେଉଛନ୍ତି ଅନ୍ୟତମ । କ୍ଷେତ୍ରାଧିଶ୍ୱରୀ ଭାବରେ ତାଙ୍କର ଅଧିଷ୍ଠାନ । ଶ୍ରୀମନ୍ଦିର ନୈଋତ କୋଣରେ ଅବସ୍ଥିତ ମା' ବିମଳାଙ୍କ ମନ୍ଦିର । କ୍ଷେତ୍ରେଶ୍ୱରୀ ମା' ବିମଳାଙ୍କୁ ଭୈରବୀ ଏବଂ ଜଗନ୍ନାଥଙ୍କୁ ଭୈରବ ରୂପରେ ତର୍କଣା କରାଯାଇଛି 'ତନ୍ତ୍ର ଚୂଡ଼ାମଣି ଗ୍ରନ୍ଥରେ- ବିମଳାସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ । ଶ୍ରୀଜଗନ୍ନାଥ ଓ ଦୁର୍ଗା ଏକ ବୋଲି ବିଚାର କରା ଯାଇଛି । ସେହିପରି 'ମହାନିର୍ବାଣ' ତନ୍ତ୍ର ମତରେ, 'ତାରାସାକ୍ଷାତ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ ।/ନୀଳାଦ୍ରୌ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣ କାଳିକା ।'

ଅର୍ଥାତ୍, ବଳଭଦ୍ର ହେଉଛନ୍ତି ତାରା, ସୁଭଦ୍ରା ହେଉଛନ୍ତି ଭୁବନେଶ୍ୱରୀ ଏବଂ ଜଗନ୍ନାଥ ହେଉଛନ୍ତି ସାକ୍ଷାତ ଦକ୍ଷିଣ କାଳିକା ବା ଦୁର୍ଗା ।

ପଣ୍ଡିତମାନେ 'ମାଧବ' ଶବ୍ଦର ତାତ୍ତ୍ୱିକ ବ୍ୟାଖ୍ୟା କରିଥାନ୍ତି । ମା' କହିଲେ ଲକ୍ଷ୍ମୀ ଏବଂ ଧବ କହିଲେ ଧାରଣ କରିବା । ଅର୍ଥାତ୍ ଯିଏ ଲକ୍ଷ୍ମୀଙ୍କୁ ଧାରଣ କରିଥାନ୍ତି, ସେ ହିଁ ମାଧବ । ସେହିପରି ଯୋଗେଶ୍ୱର ମହାଦେବଙ୍କର ଅନ୍ୟ ନାମ ଉମାଧବ । ଭଗବତୀ ଉମାଙ୍କୁ ପ୍ରଭୁ ଶଙ୍କର ଧାରଣ କରିଥାନ୍ତି । ତେଣୁ ନ୍ୟାୟ ବିଚାରରେ ମାଧବ ଏବଂ ଉମାଧବ ଏକ ଏବଂ ଅଭିନ୍ନ । ସମସ୍ତ ଶକ୍ତିପୀଠରେ ମହାଦେବୀଙ୍କ ଭୈରବ ହେଉଛନ୍ତି କେବଳ ରୁଦ୍ର । ମାତ୍ର, ଶ୍ରୀକ୍ଷେତ୍ରରେ ଭୈରବୀ ରୂପେ ବିମଳା ଏବଂ ଭୈରବ ରୂପେ ମାଧବ ଶ୍ରୀଜଗନ୍ାଥ ପୂଜିତ । ପୌରାଣିକ ଆଖ୍ୟାନୁଯାୟୀ, ଦକ୍ଷଯଜ୍ଞ ପରେ ମହାଦେବଙ୍କ କାନ୍ଧରେ ଦେବୀ ସତୀଙ୍କ ଶରୀରରୁ ବିଷ୍ଣୁ-ସୁଦର୍ଶନ ଛେଦନ ଦେବୀଙ୍କ ଶରୀରର ପାଦ ଏହି ଶ୍ରୀକ୍ଷେତ୍ରରେ ପତିତ ହୋଇଥିବା କାରଣରୁ ଏହା 'ପାଦପୀଠ' ନାମରେ ପରିଚିତ । ତେଣୁ ମା ବିମଳା ହିଁ ଆଦିଶକ୍ତି । ଭାଗବତରେ ବିମଳାଙ୍କୁ ଜଗନ୍ନାଥଙ୍କ 'ମାୟାଶକ୍ତି', ବଳଦେବଙ୍କ 'କ୍ରିୟାଶକ୍ତି' ଏବଂ ସୁଭଦ୍ରାଙ୍କ ଇଚ୍ଛାଶକ୍ତି ରୂପେ ବିବେଚନା କରାଯାଇଛି ।

ଶାକ୍ତ-ବୈଷ୍ଣବ ଧର୍ମର ସମନ୍ୱୟ ହିଁ ଏହି ଉପାସନାର ମୁଖ୍ୟ ଉଦ୍ଦେଶ୍ୟ । ଓଡ଼ିଶାରେ ମାଧବ ଉପାସନାର ବହୁ ପଦ୍ଧତି ପ୍ରଚଳିତ । ପ୍ରାଚୀ ମହାତ୍ମ୍ୟରେ ଉତ୍କଳର ଦ୍ୱାଦଶ ମାଧବଙ୍କ ନାମୋଲ୍ଲେଖ ରହିଛି । ଯଥା- ମାଧବାନନ୍ଦ, ନୀଳମାଧବ, ଯାଞ୍ଜିଳି ମାଧବ, ଲଳିତ ମାଧବ, ବେଲରା ମାଧବ, ରଘୁନାଥପୁର ମାଧବ, ମୁଦ୍‌ଗଲ୍ ମାଧବ, ନଟାବୁ ମାଧବ, କାକଟପୁର ମଙ୍ଗଳା ମାଧବ, ଲତାହରଣ ମାଧବ । ସେହିପରି ବିରଜା ମହାତ୍ମ୍ୟରେ ମଧ୍ୟ ଦ୍ୱାଦଶ



ଲେଖିକା ଶ୍ରଦ୍ଧାଞ୍ଜଳି କାନୁନଗୋ

ମାଧବଙ୍କ ପରିଚୟ ରହିଛି- ଆଦିମାଧବ, ଅନନ୍ତ ମାଧବ, ଭୋଗ ମାଧବ, ଚମ୍ପକି ମାଧବ, ରମାମାଧବ, ପ୍ରସନ୍ନ ମାଧବ, ପୁରୁଷୋତ୍ତମ ମାଧବ, ସୁଦର୍ଶନ ମାଧବ, ଜନାର୍ଦ୍ଦନ ମାଧବ, ନିରକାନ୍ତକ ମାଧବ, ବାସୁଦେବ ମାଧବ ଏବଂ ଗୋବିନ୍ଦ ମାଧବ । କିନ୍ତୁ 'ଦୁର୍ଗାମାଧବ' ଏ ମଧ୍ୟରେ ସ୍ୱତନ୍ତ୍ର ଓ ଅନନ୍ୟ । ଉଡ୍‌ଡୀୟାନ ପୀଠରେ ଅଧିଶ୍ୱରୀ ମା' ବିମଳା ଦୁର୍ଗା ରୂପରେ (ଭୈରବୀ) ଏବଂ ଶ୍ରୀଜଗନ୍ନାଥ କ୍ଷେତ୍ରପାଳ (ଭୈରବ) ରୂପରେ ଆରାଧିତ ହୋଇଥାନ୍ତି । ଶ୍ରୀକ୍ଷେତ୍ରର ପ୍ରମୁଖ ତ୍ରିଦେବୀ ହେଉଛନ୍ତି- ସୁଭଦ୍ରା, ଲକ୍ଷ୍ମୀ ଏବଂ ବିମଳା । ବରାହ ମିହିରଙ୍କ 'ବୃହତ୍ ସଂହିତା'ରେ କୃଷ୍ଣ ଏବଂ ବଳରାମଙ୍କ ମଧ୍ୟରେ ଅବସ୍ଥାନ କରିଥିବା ବିଗ୍ରହଟି ଏକାନଂଶା । ଏହି ଏକାନଂଶା ଯଶୋଦାଙ୍କ କନ୍ୟା ଭାବରେ ମହାଭାରତର ବିରାଟ ପର୍ବରେ ବର୍ଣ୍ଣିତ ହୋଇଛନ୍ତି । ତେଣୁ ଏକାନଂଶା ଏବଂ ସୁଭଦ୍ରା ମହାଭାରତ ଯୁଗରୁ କୃଷ୍ଣ-ବଳରାମଙ୍କ ଭଗିନୀ ରୂପେ ପରିଚିତା ହୋଇଥିବାରୁ ଅଷ୍ଟମ ଶତାବ୍ଦୀ ବେଳକୁ ଉଭୟଙ୍କ ମଧ୍ୟରେ ଅଭିନ୍ନତା ପ୍ରତିପାଦିତ ହୋଇଛି । ସେହିପରି 'ସ୍କନ୍ଦ ପୁରାଣ'ର ଉତ୍କଳ ଖଣ୍ଡରେ ସୁଭଦ୍ରାଙ୍କୁ କାଳାଗ୍ନିରୁଦ୍ରରୂପୀ ବଳଦେବଙ୍କ ଭୈରବୀ ଭାବରେ ଚିତ୍ରଣ କରାଯାଇଛି । 'ରୁଦ୍ରଯାମଳ' ତନ୍ତ୍ରରେ ବିମଳାଙ୍କ ଭୈରବ ଶ୍ରୀଜଗନ୍ନାଥ, 'କାଳିକା ପୁରାଣ'ରେ କାତ୍ୟାୟନୀ, ଶିବା ଓଡ୍ରେଶ୍ୱରୀ ଏବଂ ଜଗନ୍ନାଥ ଓଡ୍ରେଶ୍ୱରୀ ରୂପେ ବର୍ଣ୍ଣିତ । ଆଦିକବି ସାରଳା ଦାସ ତାଙ୍କ 'ମହାଭାରତ'ର ଆଦିପର୍ବରେ ମହିଷାମର୍ଦ୍ଦିନୀ ସାରଳାଙ୍କୁ ପରମ ବୈଷ୍ଣବୀ ଏବଂ ବିଷ୍ଣୁଙ୍କ ବଲ୍ଲଭୀ ରୂପେ ଆଖ୍ୟାୟିତ କରିଅଛନ୍ତି । ଜଗନ୍ନାଥଙ୍କ କୈବଲ୍ୟ ସେବନ କରୁଥିବା କାରଣରୁ ଦୁର୍ଗା ବିମଳା ନାମ ଧାରଣ କରିଛନ୍ତି । ବର୍ଷର ସମସ୍ତ ସମୟରେ ବିମଳା ପରମ ବୈଷ୍ଣବୀ ରୂପେ ପୂଜିତ ହେଉଥିଲା ବେଳେ ଶାରଦୀୟ ଦୁର୍ଗାପୂଜାରେ କୌଳାଚାର ତନ୍ତ୍ର ପଦ୍ଧତିରେ କୌଳଭୈରବୀ ରୂପେ ପୂଜିତ ହୋଇଥାନ୍ତି । ମାଧବଙ୍କ ଶକ୍ତି ଭାବରେ ଏହି ସମୟରେ ସେ ଆରାଧିତା ହୋଇଥାନ୍ତି । ଷୋହଳ ଦିନାତ୍ମକ ଏହି ପୂଜା ବା ଶାକ୍ତଗୁଣ୍ଡିଚା ହିଁ ଦୁର୍ଗା ମାଧବ ଉପାସନାର ପ୍ରମୁଖ ଆକର୍ଷଣ । ସୋମବଂଶର ରାଜତ୍ୱ କାଳରେ ଓଡ଼ିଶା ତନ୍ତ୍ରପୀଠ ଭାବରେ ପ୍ରସିଦ୍ଧି ଲାଭ କରିଥିଲା । ମା' ବିମଳାଙ୍କ ମନ୍ଦିର ସେହି ସମୟର । ତେଣୁ ଶ୍ରୀକ୍ଷେତ୍ର ମଧ୍ୟ ତନ୍ତ୍ରପୀଠ ଭାବରେ ପରିଚିତ । ସେଥିଲାଗି ତନ୍ତ୍ରଶାସ୍ତ୍ରରେ ଶ୍ରୀଜଗନ୍ନାଥ ଅଜୈକପାଦ ଭୈରବ, ବଳଭଦ୍ର ଅହିବୁଧ୍ନ ଶେଷଭୈରବ, ସୁଭଦ୍ରା ସ୍ୱୟଂ ଭୁବନେଶ୍ୱରୀ, ମହାଲକ୍ଷ୍ମୀ କମଳାତ୍ମିକା, ସୁଦର୍ଶନ ଏକଲିଙ୍ଗ ଏବଂ ମା' ବିମଳା କୌଳେଶ୍ୱରୀ ବା ମହାଭୈରବୀ ଅଟନ୍ତି । 'ମହାନିର୍ବାଣ ତନ୍ତ୍ର' ଅନୁସାରେ ଶ୍ରୀମନ୍ଦିର ଭୈରବୀ ଚକ୍ରର ନକ୍ସା ଆଧାରରେ ନିର୍ମିତ ହୋଇଛି । 'ବିମଳାସା ମହାଦେବୀ ବିଷ୍ଣୁଶକ୍ତି ସନାତନୀ' ଅର୍ଥାତ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶକ୍ତି ରୂପେ ଆବିର୍ଭୂତା ମା ବିମଳା । ଏହି ପ୍ରଭାବ ହେତୁ ଶୈବ, ଶାକ୍ତ ଓ ବୈଷ୍ଣବ ପୀଠର ସମନ୍ୱୟ କ୍ଷେତ୍ର ରୂପେ କୀର୍ତ୍ତିତ ପୁରୁଷୋତ୍ତମ ଧାମ ।

ଶାରଦୀୟ ଦୁର୍ଗାପୂଜା ହିଁ ବିମଳାରୂପୀ ଦୁର୍ଗା ଏବଂ ଶ୍ରୀଜଗନ୍ନାଥରୂପୀ ମାଧବଙ୍କ ଶାକ୍ତ-ବୈଷ୍ଣବ ଧର୍ମର ମିଳନ ପର୍ବ । ଭାରତବର୍ଷର ଅନ୍ୟତ୍ର ଏହି ପୂଜା ବିରଳ । ଜଗନ୍ନାଥଙ୍କ ପ୍ରତିନିଧି ଶ୍ରୀମାଧବ ବା ଶ୍ରୀବାଳ ପୁରୁଷୋତ୍ତମ ଏବଂ ବିମଳାଙ୍କ ପ୍ରତିନିଧି ଦୁର୍ଗା ଏକତ୍ର ପୂଜା ପାଇଥାନ୍ତି । 'ଦୁର୍ଗାମାଧବ' ଉପାସନା ଭାବରେ ଏହାର ସ୍ୱତନ୍ତ୍ର ଖ୍ୟାତି ରହିଛି । ଏଠାରେ ମାଧବ ସର୍ବସୁଖ ପ୍ରଦାୟକ ଏବଂ ଦୁର୍ଗା ବିଘ୍ନବିନାଶିନୀ । ଆଶ୍ୱିନ କୃଷ୍ଣ ଅଷ୍ଟମୀ ଠାରୁ ଶୁକ୍ଳନବମୀ ସତର ଦିନ (୧ ଦିନ ଦେବୀଙ୍କ ବିଶ୍ରାମ) ମଧ୍ୟରେ ଷୋହଳ ଦିନ ଏହି ପୂଜାର ଶୁଭାରମ୍ଭ । ଷୋଡ଼ଶ ଦିନାତ୍ମକ ପୂଜାରେ ଦୁର୍ଗାମାଧବ ଏକତ୍ର ଭଦ୍ରାସନରେ ରୁନ୍ଧା ହୋଇଥାନ୍ତି । ପୂଜାର ପ୍ରଥମ ଆଠଦିନ ରତ୍ନସିଂହାସନରେ ପୂଜା ପାଉଥିବା ମାଧବ ଓ ଭଣ୍ଡାର ଘରେ ଥିବା ଦୁର୍ଗା ବିମଳା ମନ୍ଦିରର ଖଟ ଉପରେ ଏକତ୍ର ବିଜେ କରିଥାନ୍ତି । ଏହାର ପରବର୍ତ୍ତୀ ଆଠଦିନ ସୁସଜ୍ଜିତ ରଥାକୃତି ବିମାନରେ ଦୁର୍ଗାମାଧବ ବିଜେ କରି ଦୋଳମଣ୍ଡପ ସାହିର ନାରାୟଣୀ ମନ୍ଦିରରେ ଉପସ୍ଥିତ ହୋଇଥାନ୍ତି । ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ଯାଏଁ ଶ୍ରୀକ୍ଷେତ୍ରରେ ଏହି ଅଲୌକିକ ଉପାସନାର ମହିମ୍ନ ରୂପ ଦେଖିବାକୁ ମିଳେ । ଏହା ଶାକ୍ତ ଗୁଣ୍ଡିଚା ନାମରେ ନାମିତ । ଭାଇଭଉଣୀଙ୍କ ସହିତ ଜଗନ୍ନାଥ ଶ୍ରୀଗୁଣ୍ଡିଚା ଯାତ୍ରା କରୁଥିବାରୁ ମହାଲକ୍ଷ୍ମୀ ଅଭିମାନ କରି ଅସନ୍ତୁଷ୍ଟ ଥାନ୍ତି । ତେଣୁ ଲକ୍ଷ୍ମୀଙ୍କ ପ୍ରୀତି ନିମନ୍ତେ ଜଗନ୍ନାଥ ମାଧବ ଏବଂ ମହାଲକ୍ଷ୍ମୀ ଦୁର୍ଗା ରୂପରେ ଯାତ୍ରା କରିଥିବାରୁ ଏହାକୁ 'ଗୁପ୍ତଗୁଣ୍ଡିଚା' କୁହାଯାଇଥାଏ । ସେଠାରେ ବିଧିପୂର୍ବକ ପୂଜାର୍ଚ୍ଚନା ଚାଲେ । ଦଶହରାରେ ଜଗନ୍ନାଥଙ୍କ ଆଜ୍ଞାମାଳ ପାଇବା ପରେ ଦୁର୍ଗାମାଧବ ରଥରେ, ରାମକୃଷ୍ଣ ମଝିରେ ପାଲିଙ୍କିରେ, ପଛରେ ମଦନମୋହନ ବିମାନରେ ବସି ଜଗନ୍ନାଥ ବଲ୍ଲଭ ମଠକୁ ଯାତ୍ରା କରନ୍ତି ଏବଂ ସେଠାରେ ମୁଦିରଥଙ୍କ ଦ୍ୱାରା ପ୍ରସାଦ ଲାଗି, ଶୀତଳ ଭୋଗ ଓ ବନ୍ଦାପନା ହୋଇଥାଏ । ପରେ ବାହୁଡ଼ା ବିଜେହୋଇ ମାଧବ ରତ୍ନସିଂହାସନରେ ଜଗନ୍ନାଥଙ୍କ ବାମପାର୍ଶ୍ୱରେ ଦୁର୍ଗା ଭଣ୍ଡାର ଗୃହରେ, ରାମକୃଷ୍ଣ ଓ ମଦନମୋହନ ଦକ୍ଷିଣ ଗୃହରେ ବିଜେ ହୁଅନ୍ତି । ଏହା ବିଜୟା ଉତ୍ସବ ବା ମାଙ୍ଗଳିକ କାଣ୍ଡୋତ୍ସବ ନାମରେ ବିଦିତ । ଷୋଳଦିନାତ୍ମକ ପୂଜାରେ ମା' ବିମଳା ୧୧ଗୋଟି ବେଶ ଧାରଣ କରିଥାନ୍ତି । ଯଥା- ବନଦୁର୍ଗା, ଭୁବନେଶ୍ୱରୀ, ନାରାୟଣୀ, ବଗଳା, ଜୟଦୁର୍ଗା, ଉଗ୍ରତାରା, ମାତଙ୍ଗିନୀ, ଦଶଭୂଜା, ରାଜରାଜେଶ୍ୱରୀ, ହରଚଣ୍ଡୀ ଏବଂ ସିଂହବାହିନୀ ବେଶ । ମହାସପ୍ତମୀ, ଅଷ୍ଟମୀ ଓ ନବମୀ ଦିନ ବିମଳାଙ୍କ ନିକଟରେ ବଳି ଅର୍ପଣ କରାଯାଏ । ମାଛଭୋଗ ସ୍ୱତନ୍ତ୍ର ରୀତିରେ ରନ୍ଧାଯାଇ ବିମଳାଙ୍କୁ ସମର୍ପଣ କରାଯାଇଥାଏ ।

ଶୈବ-ଶାକ୍ତ-ବୈଷ୍ଣବ ଧର୍ମର ମିଳନ 'ଦୁର୍ଗାମାଧବ ଉପାସନା' ସାଂପ୍ରଦାୟିକ ଭେଦଭାବ ଦୂର ସହ ସମନ୍ୱୟ ସ୍ଥାପନର ବାର୍ତ୍ତା ଦିଏ ଏହି ଉତ୍ସବ । ମହାମାୟା ଆଦି ପରାଶକ୍ତି ଦୁର୍ଗା ଏବଂ ଜଗତନାଥ ପରବ୍ରହ୍ମ ଜଗନ୍ନାଥଙ୍କର ଏହା ମହାନ ଲୀଳା । ଠାକୁର ଅଭିରାମ ପରମହଂସ ଏହି ଦୁର୍ଗାମାଧବଙ୍କ ଅଲୌକିକ ଲୀଳାର ଗୁଣଗାନ କରି କହିଛନ୍ତି- 'ଜୟ ଦୁର୍ଗାମାଧବ, କୃପାମୟ କୃପାମୟୀ ଦୁର୍ଗାଙ୍କୁ ସେବି ମାଧବ ହୋଇଲେ ମଦୀୟ ସାଇଁ । / ମାଧବଙ୍କ ଖେଳ ପାଇଁ, ଦେହଧରୁ କୃପାମୟୀ / ମାଧବଙ୍କୁ ପତିପୁତ୍ର ରୂପେ ଖେଳାଉଛୁ ତୁହି ।'

ଜଗନ୍ନାଥଙ୍କ କ୍ରିୟାଶୀଳ ପ୍ରକୃତି ମହାମାୟା । ଲେଖିକା ଶ୍ରଦ୍ଧାଞ୍ଜଳି କାନୁନଗୋ ମଧ୍ୟ ଏହି ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି- "କ୍ରିୟାଶୀଳ ପ୍ରକୃତିରୂପିଣୀ ଜଗଜ୍ଜନନୀ ହିଁ ପରଂବ୍ରହ୍ମ ଇଚ୍ଛାଶକ୍ତି ବଳରେ କ୍ଷଣକୁ କ୍ଷଣ ପରିବର୍ତ୍ତିତ ଏହି ସଂସାର ତଥା ମହାବିଶ୍ୱର ସର୍ଜନା, ସ୍ଥିତାବସ୍ଥା ଓ ପ୍ରଳୟରେ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି ମହାମାୟା ଦୁର୍ଗା ଓ ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥ ବା ଶ୍ରୀ ଶ୍ରୀ ମାଧବଙ୍କ ଉପାସନା ।"
**(ରେବତୀ, ଅକ୍ଟୋବର ୨୦୨୨, ପୃଷ୍ଠା-୨୨)**

ହରିହର, ଲକ୍ଷ୍ମୀ-ଦୁର୍ଗା ଏକ ଓ ଅଭିନ୍ନ । ଶକ୍ତି ଉପାସନାର ମହାପର୍ବ 'ଦୁର୍ଗାମାଧବ' ପୂଜା ହିଁ ଏହି ସତ୍ୟର ଦ୍ୟୋତକ । ଶାରଦୀୟ ଦୁର୍ଗାପୂଜାରେ ଅନୁଷ୍ଠିତ ଶ୍ରୀକ୍ଷେତ୍ରରେ ଦୁର୍ଗାମାଧବ ଉପାସନାର ଶାସ୍ତ୍ରାନୁମୋଦିତ ପ୍ରାମାଣିକ ଆଲେଖ୍ୟ **ରେବତୀ** ପୃଷ୍ଠାରେ ପ୍ରକାଶିତ ହୋଇଛି । ଶାକ୍ତ ଉପାସନାରେ ଦୁର୍ଗାମାଧବ ଶୀର୍ଷକରେ ଲେଖିକା କାନୁନଗୋଙ୍କ ତଥ୍ୟଧର୍ମୀ ଉପସ୍ଥାପନା ପାଠକଙ୍କୁ ନୂତନ ସ୍ୱାଦ ଦେଇପାରିଛି ବୋଲି ଆମ୍ଭର ବିଶ୍ୱାସ ।

# ହୃଦୟହାରୀ
# ହରିହର



# ସୃଜନର ହିରଣ୍ୟ କାରିଗର : ହରିହର

**ରବି ପଣ୍ଡା**
ପ୍ଲଟ୍ ନଂ-୯/୩୫୩୪
କପିଳ ପ୍ରସାଦ, ଭୁବନେଶ୍ୱର-୭୫୧୦୦୨
ଫୋନ:୯୪୩୭୨୭୫୮୦୮

ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ସୌମ୍ୟରଞ୍ଜନ ପଟ୍ଟନାୟକ
ଫଟୋ ସୌଜନ୍ୟ : ରବୀନ୍ଦ୍ର ବିଶ୍ୱାଳ

**ବିଭୁ ଚେତନାରେ ବିଭୋର ସେ । ଏକ ଉଦାର ହୃଦୟର ଉଚ୍ଚାରଣ ବି ସେ । ଆପଣାର ଅନୁଭବ ଓ ଜୀବନ ବଞ୍ଚୁଥିବା ସମାଜ ପ୍ରତି ଏକାନ୍ତ ବିଶ୍ୱସ୍ତ ସେ । ସେ ହେଲେ ବିଶିଷ୍ଟ କବି ଓ ନାଟ୍ୟକାର ହରିହର ମିଶ୍ର । ଏକାଧାରରେ କବିତା, ଗଳ୍ପ, ଉପନ୍ୟାସ ଓ ନାଟକ - ସବୁଥିରେ ଲେଖନୀ ଚାଳନା କରି ଆପଣା ପରିଚୟକୁ କରିଛନ୍ତି ପରିପୁଷ୍ଟ । ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ପଦରୁ ଅବ୍ୟାହତି ନେବା ପରେ ବି ଥମି ଯାଇନି ତାଙ୍କ ଲେଖାଲେଖିର ଆଗ୍ରହ । ଲେଖିବା ପାଇଁ ବଞ୍ଚୁଥିବା ଏହି କବି ଜଣକ ପୁରୀ, ସମୁଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ନେଇ ଗଢ଼ିଛନ୍ତି ତାଙ୍କ କାବ୍ୟ-ଦେଉଳ । ଶୂନ୍ୟ, ଶ୍ରୀଜଗନ୍ନାଥ, ଜୀବନ ଓ ମୃତ୍ୟୁକୁ ନେଇ ତାଙ୍କ କବିତା ଗୁଡ଼ିକ କାଳାତୀତବୋଧରେ ସମୁଜ୍ଜ୍ୱଳ । ତାଙ୍କର ବହୁ କବିତା ମିଥ୍ ଓ ପ୍ରତୀକଧର୍ମୀ ହୋଇଥିଲେ ମଧ୍ୟ ଭାବଧର୍ମୀ ଛନ୍ଦରେ ସେଗୁଡ଼ିକ ବେଶ୍ ହୃଦ୍ୟ ଓ ଗ୍ରାହ୍ୟ । ବହୁ କବିତାରେ ଜୀବନ ପ୍ରତି ଶ୍ଳେଷାତ୍ମକ ଦୃଷ୍ଟିଭଙ୍ଗୀ ଲକ୍ଷଣୀୟ । ନଭେମ୍ବର ତାଙ୍କ ଜନ୍ମମାସ । ଏଇ ଜନ୍ମମାସକୁ ସ୍ମରଣୀୟ କରିବାକୁ 'ରେବତୀ'ର ଏଇ ନମ୍ର ପ୍ରୟାସ ।**

ମାଟି ଛୁଇଁଲେ ଦେହରେ ସଂଚରିଯାଏ ମନ୍ଦ୍ର ଶିହରଣ । ମନକୁ ଆବୋରି ବସେ ମାନ୍ତ୍ରିକ ସମ୍ମୋହନ । ହୃଦୟରେ ପୁଲକପ୍ରଦ ଉଚ୍ଛାଟ ଉଦ୍‌ବେଳନ । ଆଖି ଉଦ୍‌ଗ୍ରୀବ ହେଇ ଅନିଷା କରି ଚାଲୁଥାଏ କାହିଁ କେତେ ଦୂରରେ ନୀଳଚକ୍ର ! ପତିତପାବନ ! ଅସ୍ମିତା ସେଠି ଅବାଞ୍ଛିତ, ପାର୍ଥିବତା ସେଠି ଭୂଲୁଣ୍ଠିତ, କେବଳ ମାତ୍ର ଗୋଟିଏ ଲକ୍ଷ୍ୟ, କାଳିଆ ଦର୍ଶନ । ଯାହାର ଆଖି ସହିତ ଆଖି ସାମାନ୍ୟତମ ଭାବେ ମିଳିଗଲେ ବି ଲାଗେ, ସାର୍ଥକ ହେଇଗଲା ଜୀବନ, ସମାହିତ ହେଇଗଲା ଯେମିତି ସଂଚିତ ଥିବା ଜନ୍ମଜନ୍ମାନ୍ତରର ପୁଣ୍ୟ ।

ଏ' ମୋ' କଥା କେବଳ ନୁହଁ, କୋଟି କୋଟି ଓଡ଼ିଆଙ୍କ ଜୀବନ ଦର୍ଶନ, ପ୍ରାଣର ସ୍ପନ୍ଦନ ।

ହଁ, ମୁଁ କହୁଚି ପୁରୁଷୋତ୍ତମ କ୍ଷେତ୍ର ପୁରୀ କଥା । ପୁରୀକୁ ମହନୀୟ କ୍ଷେତ୍ରର ମର୍ଯ୍ୟାଦା ଦେଇଥିବା ଶ୍ରୀଜଗନ୍ନାଥଙ୍କ କଥା । ପୁରୀ ଯିବ, ଅଥଚ ତାଙ୍କୁ ପ୍ରଥମେ ଦର୍ଶନ ନକରି ଆଉ କୁଆଡ଼େ ଯିବ ! ଏ କେମନ୍ତ କଥା !

କିନ୍ତୁ ଆମେ କ୍ଷମା ମାଗିଲୁ ।

ଆମେ (ମୁଁ ଏବଂ ମୋ ସହିତ 'ରେବତୀ'ର ମାର୍କେଟିଂ ମୁଖ୍ୟ ରବୀନ୍ଦ୍ର ବିଶ୍ୱାଳ)ଯାଉଛୁ ଏ ପୁରୀ କ୍ଷେତ୍ରର ବରପୁତ୍ର, ଆପଣଙ୍କ ଆଶୀର୍ବାଦ ପ୍ରାପ୍ତ, ଆପଣଙ୍କୁ ନେଇ ଲେଖିଥିବା, ଶଙ୍ଖନାଭି, ଚାହାଣୀ ମଣ୍ଡପ, ଭିତିରି ଚନ୍ଦନ, ଦର୍ପଣ ଶୀଳା, ସାନ୍ଧ୍ୟଦର୍ଶନ, ଶୟନ ପ୍ରତିମା ଆଦି ଅନନ୍ୟ କାବ୍ୟଗ୍ରନ୍ଥର କାଳଜୟୀ ସ୍ରଷ୍ଟା **ହରିହର ମିଶ୍ର**ଙ୍କ ପାଖକୁ । ଆପଣ ତାଙ୍କର ଆରାଧ୍ୟ, ତାଙ୍କ କବିତାର ଅନ୍ତରାତ୍ମାରେ ତ ଆପଣ ବିରାଜିତ । ତାଙ୍କୁ ସାକ୍ଷାତ କଲା ପରେ ନିଶ୍ଚିନ୍ତରେ ଆପଣଙ୍କୁ ଦର୍ଶନ କରିବୁ । ନିଶ୍ଚୟ ।

ଲାଗିଲା ନୀଳଚକ୍ର ଉପରେ ଲହରାୟିତ ପୀତ ନେତ ମାଧ୍ୟମରେ ଆପଣ ଅନୁମତି ଦେଇ ଦେଲେ ଆମକୁ ।

ଶ୍ରୀମନ୍ଦିରର ଉତ୍ତର ଦିଗର ଅନତି ଦୂରରେ ମାର୍କଣ୍ଡ ପୋଖରି ସନ୍ନିକଟ ମାର୍କଣ୍ଡେଶ୍ୱରସାହି । ଏଠାରେ ଅବସ୍ଥିତ ମାର୍କଣ୍ଡେଶ୍ୱର ମହାଦେବଙ୍କ ନାମାନୁସାରେ ଏହି ସାହିର ନାମକରଣ । ପୌରାଣିକ ତଥ୍ୟ ଅନୁଯାୟୀ ମାର୍କଣ୍ଡେୟ ଋଷି ଏଠାରେ ଶିବଙ୍କୁ ତପସ୍ୟା କରିଥିଲେ ।

ସାହି ରାସ୍ତାର ଦୁଇ ପଟରେ ଘର । କିନ୍ତୁ ଲାଗିଲା ଘରଗୁଡ଼ିକ ରାସ୍ତାର ପତ୍ତନ ଠାରୁ ବହୁ ଉଚ୍ଚାରେ ଅବସ୍ଥିତ । ଆମେ ଖୋଜି ଖୋଜି ଯାଉଥିଲା ବେଳେ ଜଣେ ଭଦ୍ରବ୍ୟକ୍ତିଙ୍କୁ ପଚାରନ୍ତେ ସେ ଆକର୍ଣ୍ଣ ଲମ୍ବିତ ହସଟିଏ ଫୁଟାଇ କହିଲେ, "ଆମ ହରିଭାଇନା ? ଏଇ ଟିକେ ଆଗକୁ ଯାଆନ୍ତୁ, ଡାହାଣହାତି ତାଙ୍କ ଘର, ଗେଟ୍‌ରେ ମରା ଯାଇଛି ତାଙ୍କ ନାମ ଫଳକ ।"

ଭଦ୍ରଲୋକଙ୍କ ପ୍ରାଣୋଚ୍ଛଳ ହସର ଅର୍ଥ ଖୋଜୁ ଖୋଜୁ ଆମେ ଗେଟ୍ ପାଖରେ ପହଞ୍ଚି ଯାଇଥିଲୁ । କୌଣସି ବିଶିଷ୍ଟ ବ୍ୟକ୍ତି କିପରି ଗୋଟେ ସ୍ଥାନର ପ୍ରତୀକ ବନି ଯାଆନ୍ତି, ଆଉ ସେଇ ପ୍ରତୀକ କିପରି ସ୍ଥାନୀୟ ଲୋକଙ୍କୁ ଗୌରବାନ୍ୱିତ କରେ, ତାହା ହିଁ ଥିଲା ସେ ହସର ତାତ୍ପର୍ଯ୍ୟ ।

ତେବେ ଯା'ହେଉ ଗେଟ୍ ଖୋଲି ଅନ୍ତତଃ ପାଞ୍ଚୋଟି ପାହାଚ ଚଢ଼ିଲା ପରେ ଆମେ କବି ହରିହର ମିଶ୍ରଙ୍କ ବୈଠକଖାନାର ପହଞ୍ଚିଗଲୁ । "ଆରେ ଆସ ଆସ..." ତାଙ୍କର ସାଦର ଶ୍ରଦ୍ଧାପଣର ସମ୍ଭାଷଣରେ ଆତ୍ମୀୟତା ଫୁଟି ଉଠୁଥିଲା । ଆମେ ପ୍ରଣାମ ଜଣାଇଲୁ ।

ଅସୁସ୍ଥତା ସତ୍ତ୍ୱେ ତାଙ୍କର ସମ୍ଭ୍ରାନ୍ତ ଚେହେରାର ଦେଦୀପ୍ୟମାନ ଔଜଲ୍ୟ ମହଳଣ ପଡ଼ିନାହିଁ ଯଦିଓ ଦିଶୁଛନ୍ତି ଟିକେ କ୍ଳାନ୍ତ । ତଥାପି ତାଙ୍କ କବିପଣର ଉଚ୍ଛଳ ଉଚ୍ଛ୍ୱାସ ଆଉଟିକେ ବଢ଼ିଗଲା ଆମର ଉପସ୍ଥିତିରେ । ଭିତର ଆଡ଼କୁ ମୁହଁ କରି କହିଲେ, "ଆରେ, ଦେଖ ଦୁଇ ରବି (ମୋ ସହିତ ଥିଲେ ରବୀନ୍ଦ୍ର ବାବୁ)ପହଞ୍ଚି ଗଲେଣି ।" ପଶି ଆସିଲେ କବିପତ୍ନୀ ଶ୍ରୀମତୀ ରାଜଲକ୍ଷ୍ମୀ ମିଶ୍ର । ମାତୃସ୍ୱରୂପା ମହୀୟସୀଙ୍କ ଓଠରେ ଅପତ୍ୟର ସ୍ନେହିଳ ମନ୍ଦହାସ୍ୟ । ଲାଗୁଥିଲା କବିଙ୍କର ସୃଜନ, ସଂସାରର ଯାବତୀୟ ଜଂଜାଳକୁ ଆଜୀବନ ନିରୂପଦ୍ରବ ଭାବେ ସମ୍ଭାଳି ଆସିଥିବା ନାରୀଟି ସତରେ ଆଜି ସୁଦ୍ଧା ବି କେତେ କର୍ମଚଞ୍ଚଳା !

ଆମେ ପ୍ରଣାମ କଲୁ । ସେ ସସ୍ନେହେ ବଢ଼େଇ ଦେଲେ ଆମ ଆଡ଼େ ଦୁଇଗ୍ଲାସ୍ ସର୍‌ବତ୍ ।

କବିଙ୍କ ସହ ଏଣୁତେଣେ କିଛି ବ୍ୟକ୍ତିଗତ କଥା ଉପରାନ୍ତେ ମୁଁ ପ୍ରସଙ୍ଗକୁ ଆସିଲି । ଏଠାରେ କହିରଖେ, ହରିହର ମିଶ୍ର ସାର୍ବଜନୀନ ଭାବେ କବି ପ୍ରସିଦ୍ଧି ପାଇଥିଲେ ହେଁ ତାଙ୍କର ସୃଜନଶୀଳତା ବହୁବର୍ଣ୍ଣୀ । ସେ ଏକାଧାରରେ କବି, କଥାକାର, ପ୍ରାବନ୍ଧିକ, ନାଟ୍ୟକାର, ଗୀତିକବି, ଅଭିନେତା, ନିର୍ଦ୍ଦେଶକ, ସଂଳାପ ଲେଖକ, ଶିକ୍ଷାବିତ୍ ଓ କ୍ରୀଡ଼ାବିତ୍ ।

ଜଣେ ବ୍ୟକ୍ତି ଭିତରେ ଏକକାଳୀନ ଏତେ ପ୍ରତିଭା



ସଂପନ୍ନତା କ୍ୱଚିତ୍ ଦେଖିବାକୁ ମିଳେ, ପୁଣି ସମସ୍ତ କ୍ଷେତ୍ରରେ ମଧ୍ୟ ସେ ଅବିଶ୍ୱସନୀୟ ଭାବେ ସଫଳ ଓ ସମର୍ଥ ।

ମୋର ଏ ସମ୍ପର୍କିତ ପ୍ରଶ୍ନରେ ସେ ଭାବପ୍ରବଣ ହୋଇଗଲା ପରି ଯେମିତି ସ୍ୱଗୋତୋକ୍ତି କଲେ, ବିଶ୍ୱାସ ଏବଂ ଅଣନିଃଶ୍ୱାସକୁ ପାଥେୟ କରି ଜୀବନର ଲମ୍ବା ରାସ୍ତାକୁ କେତେବେଳେ ଯେ ପାରି ହୋଇଗଲି ଜାଣି ହେଲାନି । ଏତେ ବେଳକୁ ମୁଁ ଅନୁଭବ କରୁଛି ନାଁ ମୁଁ ଯୋଦ୍ଧା ଅର୍ଜୁନ କିମ୍ୱା ନା ମୁଁ ଦ୍ରୋଣଙ୍କର ଅଶ୍ୱତ୍ଥାମା । ମୁଁ ତ ଜୀବନ ଯୁଦ୍ଧର ଜିତିଥିବା ଏବଂ ଚରମ ଜୀବନ ଯୁଦ୍ଧରେ ଜିତିଥିବା ଏବଂ ଚରମ ଭାବରେ ପରାଜିତ ହୋଇଥିବା ଅଭିଶପ୍ତ ଏକଲବ୍ୟଟିଏ ।

କବିଟି ତ ସହଜେ ଭାବପ୍ରବଣ ପୁଣି କବିତ୍ୱ ସାହିତ୍ୟ ନାଟ୍ୟ ପ୍ରତିଭା ଥିବା ଲୋକଟି ଆହୁରି ତରଳ, ଆହୁରି ଛଳଛଳ । ଏତେ ବିପୁଳ




ମହାମହିମ ରାଜ୍ୟପାଳଙ୍କ ସହିତ କବି ହରିହର ମିଶ୍ର

ସୃଜନକ୍ଷମ ଓ ଅଜସ୍ର ଯଶକୀର୍ତ୍ତି ଅର୍ଜନ କରିଥିବା ହରିହରଙ୍କୁ ଆକଳନ କରିବା ପାଇଁ ତ ମହଜୁଦ ଅଛି ତାଙ୍କ ପ୍ରକାଶିତ ପୁସ୍ତକ ସମଗ୍ର । କିନ୍ତୁ ବ୍ୟକ୍ତି ଭାବରେ ତାଙ୍କୁ ପରଖିବା ବେଳକୁ ସେ କହିଲେଣି ସେ ପରାଜିତ ହୋଇଥିବା ଅଭିଶପ୍ତ ଏକଲବ୍ୟଟିଏ ବୋଲି । ମୋର ବିସ୍ମିତ ହେବା ସ୍ୱାଭାବିକ । ତେଣୁ ମୁଁ ପଚାରିଲି, "ଆପଣ ଏତେ ସଫଳ ଓ ଯଶସ୍ୱୀ ହୋଇ ବି ନିଜକୁ ଅଭିଶପ୍ତ ଏକଲବ୍ୟ ବୋଲି କହିବା ତ ମୋତେ କାବା କରୁଛି । ସେମିତି କିଛି ସ୍ମୃତି ଅଛି କି ଆପଣଙ୍କ ଆବାଲ୍ୟର ?"

"ମୁଁ କାବା..." ଅତୀତକୁ ଫେରିଗଲା ଭଳି କହିଲେ କବି ହରିହର । "ଅର୍ଥାତ୍ ?" ମୋର ବିସ୍ମୟ ବିମୂଢ଼ ପ୍ରଶ୍ନ ।

"ଆରେ ମୋ ଡାକ ନାଁ 'କାବା' ।" ମୋତେ ଲାଗିଲା ପିଲାଦିନର ସେଇ ଶ୍ରଦ୍ଧାପ୍ରଦ

# ସୃଜନର ଯାତ୍ରାପଥ ସଂକୀର୍ଣ୍ଣ କି ସଂକୁଚିତ ନୁହେଁ : ହରିହର ମିଶ୍ର



▲ଆପଣ ସାହିତ୍ୟର ସବୁ ବିଭାଗକୁ ପ୍ରାୟ ସ୍ପର୍ଶ କରିଛନ୍ତି । ତେବେ ଆପଣ କେଉଁଥିରେ ଅଧିକ ସ୍ୱଚ୍ଛନ୍ଦ ?


● କବିତା ଏପରି ଏକ ଲିଖନ କଳା, ତାର ସବୁ ଆବେଗ ଓ ଅନୁଭବ ପ୍ରଜ୍ଞାରେ ନିୟନ୍ତ୍ରିତ ହେଉଥିଲା ବେଳେ ରସାଣିତ ହୁଏ ହୃଦୟରେ ଓ ବିକଶିତ ହୁଏ ଆତ୍ମଜ୍ଞାନରେ । ତେଣୁ ଆବେଗାତ୍ମକ ଦୃଷ୍ଟି କୋଣରୁ ମୁଁ କବିତାରେ ଅଧିକ ସ୍ୱଚ୍ଛନ୍ଦ । ତା'ଛଡ଼ା ସୃଜନର ଯାତ୍ରାପଥ ସଂକୀର୍ଣ୍ଣ କି ସଂକୁଚିତ ନୁହେଁ, ଜଣେ ବିଭିନ୍ନ ବିଭାଗରେ ମଧ୍ୟ ଲେଖିପାରିବେ ।

▲ଆପଣ ଲେଖକ ହେବାକୁ ମାନସିକ ପ୍ରସ୍ତୁତି ନେଇଥିଲେ ନା ଲେଖୁଲେଖୁ ଲେଖକ ହେଇଗଲେ ?

● ଭିତରେ ସୃଜନଶୀଳତା ଥିଲେ, ତାକୁ ଆବେଗଗତ ପ୍ରକ୍ରିୟାକୁ ସୁନିୟନ୍ତ୍ରିତ କରିପାରିଲେ ଜଣେ ଲେଖକ ହେଇପାରିବ । ମୁଁ ପିଲାଦିନେ ଫୁଟ୍‌ବଲ୍, କ୍ରିକେଟ୍, ଟେନିସ୍ ଆଦି ଖେଳୁଥିଲି । ଫୁଟ୍‌ବଲ୍‌ରେ ମୁଁ ଜିଲ୍ଲାସ୍ତରୀୟ ପ୍ରତିନିଧିତ୍ୱ କରିଛି । ହୁଏତ ଜଣେ ଭଲ କ୍ରୀଡ଼ାବିତ୍ ହେଇ ପାରିଥାନ୍ତି । କିନ୍ତୁ ସ୍ୱାସ୍ଥ୍ୟଗତ କାରଣରୁ ମୁଁ ସେଥିରୁ ଓହରିଲି । ପରବର୍ତ୍ତୀ ସମୟରେ ମୁଁ ସାମାଜିକ, ଐତିହ୍ୟର ବଳିଷ୍ଠ ପ୍ରାଣସତ୍ତାକୁ ଧାରଣ କରିବାକୁ ବ୍ୟାକୁଳ ହେଲି । ଏହାର ପରିଣାମ ହେଲା ଧୀରେ ଧୀରେ ଲେଖାଲେଖି ଭିତରକୁ ଆସିବା ।

▲ଆପଣ କବିତା ଲେଖିବାରେ ପ୍ରାଥମିକ ଅବସ୍ଥାରେ ଅନାମ ଗୋଷ୍ଠୀ ସହିତ ସଂପୃକ୍ତ ଥିଲେ ?

● ଉତ୍ତର ଷାଠିଏରେ କବିତାରେ ବୈପ୍ଳବିକ ସ୍ୱର ଉତ୍ତୋଳନ କରିଥିବା କୁମାର ମହାନ୍ତି ଏ ଅନାମ ଆନ୍ଦୋଳନ ସୂତ୍ରଧର । ଅନାମ ଏକ ଅହଂହୀନ ମୈତ୍ରୀ ଭାବାପନ୍ନ ଦର୍ଶନର କାବ୍ୟରୂପ । ଉଦାର ଜଗନ୍ନାଥ ଚେତନା ଏହାର ପ୍ରାଣ ଓ ପ୍ରେରଣା । ପୁଣି ଅନ୍ୟପକ୍ଷରେ ଏହାର ପରମ୍ପରା, ପରିସ୍ଥିତି, ପରିବର୍ତ୍ତନ, ପ୍ରଗତି ଓ ପ୍ରତିବାଦର ସ୍ୱର ଅନେକଟା ଜ୍ଞାନବିଜ୍ଞାନର ପାରସ୍ପରିକ ଶୃଙ୍ଖଳାରେ ଅଙ୍ଗୀକୃତ । ଏଥିରେ ଜନମାନସର ଭବିଷ୍ୟତ, ଆଶା, ଆକାଂକ୍ଷା, ବିଶ୍ୱାସ ପୁଞ୍ଜିଭୂତ । ମୋର ଲେଖକୀୟ ସତ୍ତା ଏହି ଆଦର୍ଶରେ ବିଶ୍ୱାସ କରୁଥିବାରୁ



ସାକ୍ଷାତକର୍ତ୍ତା ରବି ପଣ୍ଡାଙ୍କ ସହିତ ନିଜ ଘରେ କବି ହରିହର ମିଶ୍ର

ଭାବପ୍ରବଣ ହେଇ ପଡୁଛନ୍ତି । ଏବେ ଆଉ କିଏ ଥିବେ ଯେ ତାଙ୍କ ଠାରୁ ବରିଷ୍ଠ ବୟସ୍କ ତାଙ୍କୁ ସେଇ ନାମରେ ଡାକୁଥିବେ ? ସିଏ ତ ଏବେ ଏକ ଗୁରୁ ଗମ୍ଭୀର ସମ୍ମାନାସ୍ପଦ ନାମର ଉଚ୍ଚାରଣ ମାତ୍ର ! ହୁଏତ ଏଇ ନାମଟି ସହିତ ଯେଉଁ କୋମଳ ଅପତ୍ୟଟି ଜଡ଼ିତ, ତାଙ୍କୁ ଶୁଭି ଯାଉଥିବ ବୋଉର ଡାକ କି ବାପାଙ୍କ ଉଚ୍ଚାରଣ- ଏବେ ଏଇଠି କୋଉଠି ।


ସେ ଫେରୁଥିଲେ ତାଙ୍କର ପିଲାଦିନକୁ ।

ସେ ତାଙ୍କ ବାପା ମାଆଙ୍କ ଚତୁର୍ଥ ସନ୍ତାନ । ପ୍ରଥମ ଦୁଇପୁଅ ଗୋଟିଏ ଝିଅର ଅକାଳ ମୃତ୍ୟୁରେ ବାପାବୋଉ ମୁହ୍ୟମାନ । ଆଶା ଆଶଙ୍କା ଉଦ୍‌ବେଗରେ କଟୁଥାଏ ଜୀବନ । କାହାର ପରାମର୍ଶରେ ବୋଉ ଆରମ୍ଭ କଲା ଏକାନ୍ତ ମଙ୍ଗଳା ଓଷା । ମା' ମଙ୍ଗଳା ହୁଏତ ଆଉ ଗୋଟେ ମାଆର ପୀଡ଼ା ପ୍ରାର୍ଥନା ଶୁଣିଲେ । ପୁନଶ୍ଚ ହେଲା ଗର୍ଭସଂଚାର ।

ଭୂମିଷ୍ଠ ହେବାର ସମୟ ଉପଗତ ହେଲା । ବୋଉକୁ ନିଆଗଲା ଡାକ୍ତରଖାନା । ସାଙ୍ଗରେ ଘର ପାଖର ଜଣେ ନର୍ସ । ମାଘ ମାସର କୃଷ୍ଣପକ୍ଷର ଷଷ୍ଠୀ ତିଥି ରାତି । ଅନ୍ଧାର ହଟିହଟି ଯାଉଛି, ଆଲୁଅ ଫିଟି ଫିଟି ଆସୁଛି । ପାହାନ୍ତା ପହର, ହରିହରଙ୍କ ଜନ୍ମ ମୁହୂର୍ତ୍ତ । ୧୯୪୦ ମସିହା ନଭେମ୍ବର ୧୯ ତାରିଖ (ବାରାନ୍ତରେ ଉଲ୍ଲେଖ ଅଛି ୧୯୪୧ ମସିହା ଜାନୁଆରୀ ୨୦ ତାରିଖ) । ବୋଉ ତାଙ୍କୁ ଦେଖିଦେଇ ଆନନ୍ଦାତିଶଯ୍ୟରେ ହୁଏତ ଅଚେତ ହୋଇଗଲେ । ଯେମିତି ଅକଳ୍ପନୀୟ ପ୍ରାପ୍ତି ।

ବେଶ୍ କିଛି ସମୟ ପରେ ବୋଉର ଚେତା ଆସିଲା ପରେ ତା ବେଡ୍‌ରୁ ପାଖରେ ଝୁଲୁଥିବା ଦୋଳିକୁ ଟିକେ ଉଙ୍କିମାରି ଦେଖି ହାଉଳି ଖାଇଲେ, "ମୋ ପୁଅ କାହିଁ ! ଯେ'ତ ଝିଅ ! କାହାର ଝିଅ ଯେ !"

ତଥାପି ବୋଉ ତା ପଡ଼ୋଶିନୀ ସଦ୍ୟ ପ୍ରସୂତି ମହିଳାଙ୍କୁ ପଚାରିଲେ, "ଦେଖିଲ ଦେଖିଲ ତୁମ ଝୁଲାରେ ସେ ନର୍ସ ରାକ୍ଷାସୁଣୀଟା ଭୁଲ୍‌ରେ ମୋ ପୁଅକୁ ସେଠି ଶୁଆଇ ଦେଇ ନାହିଁ ତ ?"




ମୁଁ ଏହି ଆନ୍ଦୋଳନରେ ସାମିଲ ଥିଲି । ମୋ ସମସାମୟିକ ବହୁ କବି ଏଥିରେ ସଂପୃକ୍ତ ଥିଲେ ।

**▲ଆପଣ କବିତାରେ ଅଧିକ ପ୍ରସିଦ୍ଧି ଓ ପୁରସ୍କାର ପାଇଥିଲେ ହେଁ ଆପଣ ନାଟ୍ୟ ସାହିତ୍ୟରେ ପିଏଚ୍‌ଡି କରିଛନ୍ତି । ଆପଣଙ୍କ ସନ୍ଦର୍ଭର ବିଷୟବସ୍ତୁ କଣ ଥିଲା ?**

● କବିତା ଠାରୁ ନାଟକର ପରିସର ଅଧିକ । ଏହା ଏକ ଦୃଶ୍ୟକାବ୍ୟ ହୋଇଥିବାରୁ ଏଥିରେ ବିଭିନ୍ନ ବିଭାଗ ସଂପୃକ୍ତ । ସବୁଗୁଡ଼ିକର ସୁସାମଞ୍ଜସ୍ୟ ନରହିଲେ ନାଟକ ସଫଳ ହେବ ନାହିଁ । ତେଣୁ ମୁଁ ତାର ଗୁରୁତ୍ୱପୂର୍ଣ୍ଣ ଅଂଶଟିକୁ ମୋର ଗବେଷଣାର ବିଷୟବସ୍ତୁ ଭାବରେ ନେଇଥିଲି । ତାହା ଥିଲା 'ଷ୍ଟେଜ୍‌କ୍ରାଫ୍ଟ' ।

**▲ଆପଣ ସିନେମା ପାଇଁ ସଂଳାପ ଲେଖିଛନ୍ତି, ସହ ନିର୍ଦ୍ଦେଶକ ମଧ୍ୟ ରହିଛନ୍ତି । ପ୍ରଚ୍ଛଦପଟ ଗୀତ କିଛି ଲେଖିଛନ୍ତି କି ?**

● ହଁ, ମୁଁ 'ଚିଲିକାତୀରେ' ଚଳଚ୍ଚିତ୍ରର ସଂଳାପକାର ଓ ସହ ନିର୍ଦ୍ଦେଶକ ବି । 'ତପସ୍ୟା' ଚଳଚ୍ଚିତ୍ର ପାଇଁ ଲେଖିଥିବା ଗୀତଟି ଖୁବ୍ ଚର୍ଚ୍ଚିତ ଓ ଏଯାଏଁ ବି ଶ୍ରୋତାଙ୍କୁ ମୁଗ୍ଧ କରିଥାଏ । ସେ ଗୀତଟି ହେଉଛି-'ଢାଳିଦିଅ ସାରା ଧରଣୀରେ ଆଜି ତୁମରି ଆଶିଷ ଧାରା ।'

**▲ଆପଣ ବହୁତ ନାଟକ ଲେଖିଛନ୍ତି । କେଉଁ ନାଟକଟି ସବୁଠାରୁ ଚର୍ଚ୍ଚିତ ଓ ସଫଳ ।**

● ବିଶିଷ୍ଟ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଚର୍ଚ୍ଚିତ ଉପନ୍ୟାସ 'ଦାନାପାଣି'କୁ ନାଟ୍ୟରୂପ ଦେଲା ପରେ ମୁଁ ବିଭିନ୍ନ ତତ୍ତ୍ୱକୁ ଆଧାର କରି କେତୋଟି ନାଟକ ଲେଖିଛି । ଯେପରି ମନସ୍ତାତ୍ତ୍ୱିକ ନାଟକ କାଗଜଡଙ୍ଗା, ହାସ୍ୟରସାତ୍ମକ ଅନ୍ଧପୁଟୁଳି, ଧଳାଟୋପି, କଳାରୁମାଲ, ବାସ୍ତବବାଦୀ ନାଟକ ମଝିଦରିଆ, ବୈପ୍ଳବିକ ପ୍ରେମମୂଳକ ନାଟକ ମଧୁଲିତା, ସାଂସ୍କୃତିକ ବିପ୍ଳବ ଆଧାରିତ ନାଟକ ହଂସଧ୍ୱନି, ମୂଲ୍ୟବୋଧଧର୍ମୀ ନାଟକ ରାତିର ଦୁଇଟି ଡେଣା, ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦୀ ନାଟକ ହେ ନିଷାଦ ନିବୃତ୍ତ ହୁଅ, ଐତିହାସିକ ନାଟକ ଗଜପତି । ଏମାନଙ୍କ ମଧ୍ୟରୁ ବହୁ ଚର୍ଚ୍ଚିତ ନାଟକ, ରାତିର ଦୁଇଟି ଡେଣା, ଯାହା ଓଡ଼ିଶା ସାହିତ୍ୟ ଏକାଡ଼େମି ପୁରସ୍କାର ପାଇଛି, ଅନ୍ୟଟି ନିନ୍ଦିତ ଗଜପତି, ଏହାର ଶୈଳୀଗତ ଉତ୍କର୍ଷ ଯୋଗୁଁ ବିଶିଷ୍ଟ ସମାଲୋଚକ ରତ୍ନାକର ଚଇନି ଏହାକୁ ଭାରତବର୍ଷର ଶ୍ରେଷ୍ଠ ଦଶଗୋଟି ନାଟକ ମଧ୍ୟରେ ଏହାକୁ ପରିଗଣିତ କରନ୍ତି ।

**▲ଆପଣ ଗଳ୍ପ କି ଉପନ୍ୟାସ ଲେଖିବାକୁ କିଭଳି ପୂର୍ବ ପ୍ରସ୍ତୁତି ନିଅନ୍ତି ?**

● ମୋ ଭିତରେ ଏକ ଚିରନ୍ତନ ତନ୍ମୟତା ରହିଛି । ମୋର ସାଂସାରିକ ତଥା ଆଧିଭୌତିକ ଜ୍ଞାନ, କ୍ରିୟା ପ୍ରତିକ୍ରିୟାକୁ ଫେଣ୍ଟି ଦିଏ । ଆଉଟି ଆଉଟି ଗୋଟିଏ ସତ୍ୟ ଉପଲବ୍ଧିରେ ତାକୁ ସାକାର କରାଏ । ମୋ ଭିତରେ ପ୍ରେମାନୁଭୂତି ଖୁବ୍ ବିଶାଳ । ମାନବିକ ପୀଡ଼ା ପ୍ରତି ମଧ୍ୟ ମୁଁ ଖୁବ୍ ଦରଦଶୀଳ । ତାକୁ ଆଧାର କରି ମୁଁ ଗପ ଗୁଡ଼ିକ ଲେଖେ, ଉପନ୍ୟାସର ରୂପ ଦିଏ ।

**▲ଆପଣ ଗଳ୍ପରେ 'ଝଙ୍କାର ବିଷୁବ ଗଳ୍ପ' ପୁରସ୍କାର ପାଇଛନ୍ତି । ଆପଣଙ୍କ କେଉଁ ଗଳ୍ପ ଗୁଡ଼ିକ ଆପଣଙ୍କ ଦୃଷ୍ଟିରେ ଶ୍ରେଷ୍ଠ ?**

● ମୁଁ ଗଳ୍ପରେ ଓ କବିତାରେ ଝଙ୍କାର ବିଷୁବ ପୁରସ୍କାର ପାଇଛି । ମୋର ଚାରିଖଣ୍ଡ ଗଳ୍ପ ସଂକଳନ ପ୍ରକାଶ ପାଇଛି । ସାମାଜିକ ବାସ୍ତବତାର ଚିତ୍ର ମୋ ଗଳ୍ପମାନଙ୍କରେ ଦେଖାଇବାକୁ ସର୍ବଦା ସଚେଷ୍ଟ ରହିଛି । କୋମଳ ଗାନ୍ଧାର, ମହାକାଳ, ମହାସାଗର ତଳେ ବିସର୍ଜନ, ସମ୍ରାଟ ଓ ଅନ୍ୟମାନେ, ବୃଷଭର ଏକପାଦ ଆଦି ଗଳ୍ପ ମୋର ଚର୍ଚ୍ଚିତ ଓ ଆଲୋଚିତ ।

**▲ଆପଣଙ୍କ ଉପନ୍ୟାସ ସଂପର୍କରେ କିଛି ସୂଚନା ଦେବେ ?**

● ମୋର ସମୁଦାୟ ତିନୋଟି ଉପନ୍ୟାସ, ଯଥା, ବନବିହଙ୍ଗୀ, ନୀଳହ୍ରଦର ରକ୍ତକମଳ ଓ ଯୋଗୀ ଗୋବିନ୍ଦଚନ୍ଦ୍ର ପ୍ରକାଶିତ । ସରଳ, ନିଷ୍ପାପ ମଣିଷଙ୍କର ମନସ୍ତାତ୍ତ୍ୱିକ ସାମାଜିକ ଓ ବ୍ୟକ୍ତିଗତ ଜୀବନର ସଂଘର୍ଷ ଓ ସଫଳତା ଆଦିର ଚିତ୍ର ଦେବାକୁ ମୁଁ ଚେଷ୍ଟା କରିଛି ।

**▲ଜୀବନର ସାମଗ୍ରିକ ଶ୍ରେୟ କାହାକୁ ଦେବେ ?**

● ମହାପ୍ରଭୁଙ୍କୁ ।

**▲ଆଉ କିଛି କହିବେ ?**

● ନା, ପଦେ କବିତା କହିବି ଖାଲି । "ଏମିତି ଦିନେ ମୁଁ ଡେଇଁ ଡେଇଁ / ଫୁର୍‌କିନା ଉଡ଼ିଯିବି / ଶୀତ ସକାଳରେ / ମୁଁ ଉଡ଼ିଗଲା ପରେ / କ୍ଷେତ ସାରା ଛଳଛଳ ହେବ / ହିଡ଼କଡ଼ ଖାଲଖମା / ବଳକା ଲୁହରେ ।"

## କବିଙ୍କ ସଂପର୍କରେ ଯାହା କୁହନ୍ତି କବିପତ୍ନୀ ରାଜଲକ୍ଷ୍ମୀ ମିଶ୍ର



ଜଣେ ସାଧାରଣ ମହିଳାର ଅସାଧାରଣ ପତି ସିଏ । ତାଙ୍କ କବିତ୍ୱର ମୁଁ ଯାହା ଜଣେ ସାକ୍ଷୀ । ବିବାହ ପୂର୍ବରୁ ତାଙ୍କୁ କବି ଓ ନାଟ୍ୟକାର ଭାବରେ ଜାଣିଥିଲି । ସେ ସଂସାର ପ୍ରତି ଉଦାସୀନ ନୁହନ୍ତି, ନହେଲେ ମୋ ପିଲାମାନେ ପ୍ରତିଷ୍ଠିତ ହେଇପାରି ନଥାନ୍ତେ । କିନ୍ତୁ ସେ ଅନ୍ୟମନସ୍କ । ତାଙ୍କର 'ଧୂଳିମାଟିରେ ସ୍ୱର୍ଗ' ଓ 'ଦିବ୍ୟ ଅସନ୍ତୋଷ'ର କବିତା ଗୁଡ଼ିକ ମୋତେ ଭଲ ଲାଗେ । ମୁଁ ତାଙ୍କ କବିତା ଗୁଡ଼ିକୁ ବଡ଼ପାଟିରେ ପଢ଼େ ଓ ନାଟକ ସବୁ ଦେଖେ । ସେ ସବୁଥିରେ ଯୋଗ୍ୟ । ତାହା ହିଁ ମୋ ଗୌରବ ।

## କବିକନ୍ୟା ସୁଖ୍ୟାତ ଗାଳ୍ପିକା ମୋନାଲିସା ମିଶ୍ର ବାପାଙ୍କ ସମ୍ପର୍କରେ କହନ୍ତି:



ମୋ ବାପା କବି ହରିହର ମିଶ୍ର, ନାଟ୍ୟକାର ହରିହର ମିଶ୍ର । ପିଲାଦିନୁ ଦେଖିଛି ଗଦାଏ ବହିପତ୍ର, କାଗଜ, କଲମ ଭିତରେ ବାପା ବୁଡ଼ି ରହିଥାନ୍ତି । ସେ ଖାଲି କବିତା ଲେଖନ୍ତି ନାହିଁ, କବିତାରେ ବଂଚନ୍ତି । ସାହିତ୍ୟ ଅଧ୍ୟୟନ, ଆଲୋଚନା ଓ ସାହିତ୍ୟ ସାଧନା, ଏହା ହିଁ ତାଙ୍କର ଦିନଚର୍ଯ୍ୟା ।

ଅନେକ ଯନ୍ତ୍ରଣାର ଗର୍ଭ ଦେଇ ଗତି କଲେ ହୁଏତ ଶବ୍ଦଟିଏ ଫୁଟେ, କିନ୍ତୁ ମତେ ଲାଗେ ତାଙ୍କୁ ହାତ ପାହାନ୍ତାରେ ଆସି ଶବ୍ଦମାନେ ଧରା ଦିଅନ୍ତି । ଅନେକ ଥ...ତ...ମ...ତ ହେଉଥିବା ଶବ୍ଦ ଗୁଡ଼ିକୁ ଏକାଠି କରି ସେ ଯେଉଁ କୋଣାର୍କ ଗଢ଼ନ୍ତି, ସେଠି ଥାଏ ଭାବର, ଆତ୍ମଦର୍ଶନର ଉତ୍ତରିତ ଚେତନାର ବିଗ୍ରହ ।

ଝିଅ ହିସାବରେ ଗୋଟିଏ ସଂପତ୍ତି ମୁଁ ତାଙ୍କ ଠାରେ ବା ଆମ ପରିବାରରେ ଦେଖିଚି, ତାହା ହେଉଚି ଆତ୍ମୀୟତା । ଜଗନ୍ନାଥ ଚେତନା ଯାହା କାବ୍ୟ ପୃଷ୍ଠଭୂମି ନାଟକର ଯିଏ ଦର୍ଶନ, ଦ୍ୱନ୍ଦ୍ୱ, ପ୍ରଗତି, ପ୍ରତିବାଦର କଥା କହେ ତା ପାଖରେ ଭଲ ପାଇବା ହିଁ ଏକମାତ୍ର ସମ୍ବଳ । ମହାକାବ୍ୟ ସେଇ କଥା କହନ୍ତି । ଆସ ମିଶିଯାଅ, ଲୋଟିଯାଅ, ବସୁଧାକୁ କୁଟୁମ୍ବ କରିଦିଅ ।

ବାପା ମୋର ଅବିନଶ୍ୱର । ଚେତନାରେ ଅବଚେତନରେ ସ୍ୱପ୍ନରେ ତୁହାଇ ତୁହାଇ ଆସେ ତାଙ୍କର ସ୍ୱର । ସେ ହିଁ ମୋର ପ୍ରତିଟି ସକାଳର ଶୁଭରଙ୍ଗ ।

ସେ ଚୁପ୍ ରହିଲା ।

ଏଇ ସମୟରେ ବୋଉ ପାଟି ଶୁଣି ବୟସ୍କା ନର୍ସ ଜଣେ ହରିହରଙ୍କ ପାଖରେ ରହୁଥିବା ତରୁଣୀ ନର୍ସଟିକୁ ଗାଳିବର୍ଷଣ କରି କହି ଆସୁଥାଏ, "ଚାକିରି ପିତା ଲାଗିଲାଣି ନୁହେଁ?"


ତୁରନ୍ତ ତା ଦୋଳିରୁ ହରିହରଙ୍କୁ ଅଣାଯାଇ ବୋଉ କୋଳରେ ଦିଆଗଲା ।

ପରେ ବୋଉ ଠାରୁ କେତେ ରହସ୍ୟମୟ କଥା ସବୁ ଶୁଣିଛନ୍ତି ହରିହର ।

ସେ ପଡ଼ୋଶିନୀ ସଦ୍ୟ ପ୍ରସୂତି ମହିଳାଟି ଥିଲା ଚୁଡ଼ଙ୍ଗସାହିର ଜଣେ ଜଣାଶୁଣା ବେଶ୍ୟା । ସେହି ସାହିର ଆଉ ଜଣେ ପୁରୁଣା ଦାରୀ । ତାର ହେପାଜତ କରୁଥାଏ । ତାକୁ ଡାକନ୍ତି ଦଣ୍ଡୀନାନୀ । ତା ନାକର ନୋଥ ଦଣ୍ଡୀ ଉପରେ ନାଲି ଆଉ ହଳଦିଆ ଦି'ଟା ପଥର । ତେଣୁ ତାରା ଏ ଡାକ ନାଁ । ସେ ବୋଉ ସହ କଥା ହେଇ ତା' ଦୁଃଖ ଶୁଣିଲା, କେମିତି ତିନିଟା ପୁଅ ଝିଅକୁ ସେ ଅକାଳରେ ହରେଇ ହତଭାଗିନୀ ପରି ବଞ୍ଚିଛି । ପୁଣି ଯେ ଅପ୍ରତ୍ୟାଶିତ ଉଠିଆଣି ଛୁଆଟା ହେଇଛି ଯେ କ'ଣ ମା' ମଙ୍ଗଳା ପ୍ରଭୁ ଜଗନ୍ନାଥ କରୁଛନ୍ତି କେଜାଣି ! ବୋଉ ଏତକ କହୁ କହୁ ଭୋଭୋ କାନ୍ଦି ଉଠେ ।

ଦଣ୍ଡୀନାନୀ ପରାମର୍ଶ ଦେଲା, ତୁ ଏ ଛୁଆକୁ ସେ ବେଶ୍ୟାକୁ ଦେ, ରିଷ୍ଟ କଟିଯିବ । ସେ ବେଶ୍ୟା ବୋଉକୁ ଟଙ୍କାଟିଏ ଦେଇ କିଣି ନେଲା । ସେ ବେଶ୍ୟା ତା ଝିଅର ନାଁ ଦେଇ ସାରିଥାଏ ବେଲୁ । ତାକୁ ବେଲୁ ମା' ଦାରିଆଣି ବୋଲି ସମସ୍ତେ ଡାକୁ ଥାଆନ୍ତି ।

କବି ଗପି ଚାଲିଥାଆନ୍ତି ଅନର୍ଗଳ, "ତିନି ଚାରିଦିନ ପରେ ବୋଉ ସହ ଘରକୁ ଆସିଲି । ନନା (ବାପା) ଥାଆନ୍ତି ବିଦେଶରେ । ନନା ମୋର ଜଗନ୍ନାଥଙ୍କ ଯାତ୍ରୀ ପଣ୍ଡା । ବହୁତ ସମୟରେ ଭାରତର ବିଭିନ୍ନ ସହରରେ ବୁଲୁଥାଆନ୍ତି । କାଶୀ, ବନାରସ, ମଥୁରା ବୃନ୍ଦାବନ, ଅଯୋଧ୍ୟା, ଚିତ୍ରକୂଟ, ଋଷିକେଶ ଠୁ ବଦ୍ରି ନାରାୟଣ ଯାଏଁ । ଅନ୍ୟ ପକ୍ଷରେ ବାପା ଥିଲେ ବିଶିଷ୍ଟ ମଲ୍ଲଯୋଦ୍ଧା । ଲକ୍ଷ୍ନୌର ମଲ୍ଲଯୋଦ୍ଧା ଆଖଡ଼ାରେ ଟ୍ରେନିଂ ଦିଅନ୍ତି । ସେଠାକୁ ମୁଲାୟମ ସିଂ ଯାଦବ ମଧ୍ୟ ଆସନ୍ତି । ସେ ଜଣେ ଖ୍ୟାତନାମା ମଲ୍ଲଯୋଦ୍ଧା ।



କବି ସମରେନ୍ଦ୍ରନାଥ ମହାପାତ୍ରଙ୍କ ସହିତ କବି ହରିହର ମିଶ୍ର

ବାପା ବିଦେଶରୁ ଫେରି ନଥିବାରୁ ମୋର ନାମକରଣ ବିଳମ୍ବ ହେଉଥାଏ । ତିନିଟାଙ୍କୁ ଉପରେ ମାରି ଚତୁର୍ଥରେ ଆସିଥିବା ପିଲାଟାର କଣ ଗୋଟେ ଏକୋଇଶା ହେବ?

କିଛିଦିନ ଗଲା ପରେ ନନା ଫେରିଲେ । ସେ ମୋ ଜନ୍ମ ହେବା ଖବର ପାଇ ସାରିଥାନ୍ତି । ଆନନ୍ଦରେ ତାଙ୍କର ଗୋଡ଼ ତଳେ ଲାଗୁ ନଥିବ । ଗୁଆଲିଅର କି ଶିବ୍‌ପୁରୀରୁ ଯେମିତି ଉଡ଼ି ଆସିଥିବେ । ତାକୁ କୋଳରେ ପୂରେଇ କହିଲେ, ଜାଣିଲ ସେବ (ମୋ ବୋଉନାଁ ସେବତୀ ଦେବୀ) ମୁଁ 'କାବା' ତୀର୍ଥକୁ ଯାଇଥିଲି । 'କାବା' ମସ୍‌ଜିଦ୍‌ର ଉତ୍ତର ଦୁଆରେ ଯେମିତି ଚେମିଣି ଝାଞ୍ଜ ପିଟନ୍ତି, ପୁରୀ ଜଗନ୍ନାଥ ମନ୍ଦିରର ଉତ୍ତର ଦୁଆରେ ଚେମିଣିଙ୍କର ବାଦିପାଲା ସେମିତି ଚାଲିଥାଏ । କାବା ତୀର୍ଥରେ ଥାଇ ପୁଅ ଜନ୍ମକଥା ଖବର ପାଇଲି । ତେଣୁ ତାକୁ 'କାବା' ଡାକିବା । ତା ନାଁ ଏବେଠୁ 'କାବା' ।

ବୋଉ ଶୂନ୍ୟକୁ ମୁଣ୍ଡିଆ ମାରି କହିଲା, "ତାକୁ କାବା ଡାକ ବା ବାବା ଡାକ, ସେ ଯେମିତି କୋଟି ଆୟୁଷ ପାଉ, ସେତିକି ମୋର ମା'ଙ୍କୁ ଗୁହାରି । ସେ ନାଁରୁ କ'ଣ ମୁଁ ପାଇବି?"

# ହରିହର ମିଶ୍ରଙ୍କ ବିବଧ କୃତି

## ନାଟ୍ୟକୃତି

| | | |
|---|---|---|
| ୧. | କାଗଜଡଙ୍ଗା | ୧୯୬୦ |
| ୨. | ମଧୁଲିତା | ୧୯୬୮ |
| ୩. | ମଚ୍ଛିଦରିଆ | ୧୯୬୩ |
| ୪. | ହଂସଧ୍ୱନି | ୧୯୭୦ |
| ୫. | ରାତିର ଦୁଇଟି ଡେଣା | ୧୯୭୩ |
| ୬. | ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଗରିଲା (ଅନୁବାଦ) | ୧୯୭୪ |
| ୭. | ହେ ନିଷାଦ ନିବୃତ୍ତ ହୁଅ | ୧୯୭୪ |
| ୮. | ନିନ୍ଦିତ ଗଜପତି | ୧୯୭୫ |
| ୯. | ଅଦୃଶ୍ୟନଟ | ୧୯୮୦ |
| ୧୦. | ଏବେ ନୁହେଁ ତ କେବେ ନୁହେଁ | ୧୯୯୦ |
| ୧୧. | ପ୍ରତିପକ୍ଷ | ୧୯୯୦ |
| ୧୨. | ଗୋଟିଏ ଗୁଳି ବାକି | ୧୯୯୬ |
| ୧୩. | ସମ୍ଭବ ଅସମ୍ଭବ | ୧୯୯୬ |
| ୧୪. | ଦାନାପାଣି, ପ୍ରାୟଶ୍ଚିତ ନାଟ୍ୟରୂପ ନଅଟି ନାଟକ (ନାଟକ ସମଗ୍ର) | ୨୦୦୮ |
| ୧୫. | ସୁଖବାସୀ (ଦୂରଦର୍ଶନରେ ପ୍ରସାରିତ, ନେପଥ୍ୟ ସଂସ୍ଥା, ନୟାଗଡ଼) | |
| ୧୬. | ଧଳାଟୋପି କଳା ରୁମାଲ | |
| ୧୭. | ନାଟର ଗୋବର୍ଦ୍ଧନ | |
| ୧୮. | ଆରୋହଣ (ଶିଶୁନାଟକ) | |

## ଉପନ୍ୟାସ

| | | |
|---|---|---|
| ୧. | ବନ ବିହଙ୍ଗୀ (୧୯୬୧, ଦ୍ୱିତୀୟ ମୁଦ୍ରଣ- ଦକ୍ଷ ପ୍ରକାଶନୀ) | ୨୦୨୧ |
| ୨. | ନୀଳହ୍ରଦ ରକ୍ତ କମଳ | ୧୯୬୨ |
| | ଦ୍ୱିତୀୟ ମୁଦ୍ରଣ | ୨୦୦୧ |
| ୩. | ଯୋଗୀ ଗୋବିନ୍ଦ ଚନ୍ଦ୍ର | ୨୦୦୨ |

## ଗଳ୍ପ

୧. ବୃଷଭର ଏକପାଦ

୨. ମୂଳ ଡାହୁକ

୩. ଇଚ୍ଛାର ସାମ୍ରାଜ୍ୟ (କଥା ପଞ୍ଚବିଂଶତି) ହରିହର ମିଶ୍ରଙ୍କ କଥାଯାତ୍ରା

## ସମାଲୋଚନା

୧. ସ୍ୱର ଓ ସାଧକ (ଓଡ଼ିଶା ବୁକ୍‌ଷ୍ଟୋର୍)

୨. କବିମନ ଓ ଦୃଶ୍ୟକଥା (ଆର୍ଯ୍ୟ ପ୍ରକାଶନୀ)

୩. ଗ୍ରନ୍ଥ ବିଳାସ (ଲେଖାଲେଖି)

## କବିତା

| | | |
|---|---|---|
| ୧. | ଶଙ୍ଖନାଭି (ଲାର୍କ ବୁକ୍) | ୧୯୭୩ |
| | ପୁନଃ ପ୍ରକାଶିତ 'ଶଙ୍ଖନାଭି ଓ ଅନ୍ୟାନ୍ୟ କବିତା' | ୨୦୦୦ |
| | ଆର୍ଯ୍ୟା ପ୍ରକାଶନୀ, କଟକ) | |
| ୨. | ସୂକ୍ତ ଶତକ : କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର | ୧୯୭୮ |
| ୩. | ବ୍ରହ୍ମକଣିକା (ପୁନଃ ପ୍ରକାଶ) | |
| ୪. | ଅକ୍ଷମ ଦେବତା : ଅଗ୍ରଦୂତ, କଟକ | ୧୯୭୮ |
| ୫. | ଚନ୍ଦ୍ରବିମ୍ବ : ଓଡ଼ିଶା ବୁକ୍‌ଷ୍ଟୋର, କଟକ | ୧୯୮୧ |
| ୬. | ଲାଲକଢ଼ର ତପସ୍ୟା : ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ | ୧୯୮୨ |
| ୭. | ଚାହାଣି ମଣ୍ଡପ : ଗ୍ରନ୍ଥ ମନ୍ଦିର, କଟକ | ୧୯୮୭ |
| ୮. | ସ୍ୱପ୍ନ ବିନିମୟ : ବିଦ୍ୟାପୁରୀ, କଟକ | ୧୯୯୨ |
| ୯. | ଭିତିରି ଚନ୍ଦନ : କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର | ୧୯୯୪ |
| ୧୦. | ଶବ୍ଦ ଏକାଏକା ଏକତ୍ର: ଲାର୍କ ବୁକ୍, ଭୁବନେଶ୍ୱର | ୧୯୯୫ |
| ୧୧. | ଦର୍ପଣ ଶିଳା : ଆର୍ଯ୍ୟ ପ୍ରକାଶନୀ, କଟକ | ୧୯୯୫ |
| ୧୨. | ସନ୍ଧ୍ୟା ଦର୍ଶନ : କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର | ୧୯୯୮ |
| ୧୩. | ଅଣ ଅକ୍ଷର : ନିଜସ୍ୱ ପ୍ରକାଶନୀ, ପୁରୀ | ୧୯୯୮ |
| ୧୪. | ସ୍ୱରବର୍ଣ୍ଣ (ଗୀତିକବିତା): ସରସ୍ୱତୀ ପବ୍ଲିକେସନ, ଜଗତପୁର | ୧୯୯୯ |
| ୧୫. | ଅର୍ଦ୍ଧମାନବୀ : ଅପୂର୍ବା ପ୍ରକାଶନୀ, ଭୁବନେଶ୍ୱର | ୨୦୦୩ |
| ୧୬. | ପାହାଡ଼ର ଡେଣା : ଶ୍ରୀପର୍ଣ୍ଣା, ପୁରୀ | ୨୦୦୪ |
| ୧୭. | ଦର୍ପଣଶିଳା(ହିନ୍ଦୀ): ଅନୁବାଦକ- ଗୋପୀନାଥ ମହାପାତ୍ର (ସରସ୍ୱତୀ ପବ୍ଲିକେଶନ) | ୨୦୦୪ |
| ୧୮. | ଅନେକ ଆଶ୍ଚର୍ଯ୍ୟ : ଶ୍ରଦ୍ଧା ପ୍ରକାଶନୀ, ବାଲେଶ୍ୱର | ୨୦୦୪ |
| ୧୯. | ନେତ୍ରୋତ୍ସବ : କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର | ୨୦୦୭ |
| ୨୦. | ଶୟନ ପ୍ରତିମା : ଶ୍ରଦ୍ଧା,ବାଲେଶ୍ୱର | ୨୦୦୮ |
| ୨୧. | ଧୂଳି ମାଟିର ସ୍ୱର୍ଗ : ସରସ୍ୱତୀ ପବ୍ଲିକେସନ | ୨୦୦୮ |
| ୨୨. | ଦିବ୍ୟ ଅସନ୍ତୋଷ : ସମନ୍ୱୟ ପ୍ରକାଶନୀ, ବାଲୁଗାଁ | ୨୦୦୯ |
| | (ଶାରଳା ପୁରସ୍କାର ପ୍ରାପ୍ତ ୨୦୧୧) | |
| ୨୩. | କୋଇଲି ତୁ ଚୁପ୍ ରହ : ଲେଖାଲେଖି, ଭୁବନେଶ୍ୱର | ୨୦୧୩ |
| ୨୪. | ଦିଷ୍ଟି : ଶ୍ରଦ୍ଧା, ବାଲେଶ୍ୱର | ୨୦୧୫ |

## ହିନ୍ଦୀ ଅନୁବାଦ

୨୫. ହମାରେ ଖୁନ୍‌ସେ ଲାଲ୍ କଲ୍‌କୀ ସୁବହ ଅନୁବାଦ- ଦୀପକ ରଞ୍ଜନ ମିଶ୍ର (ଅନ୍ୱେଷିତା, ପୁରୀ)

| | | |
|---|---|---|
| ୨୬. | ଇନ୍ଦ୍ରାଣୀ : ଲେଖାଲେଖି, ଭୁବନେଶ୍ୱର | |
| ୨୭. | ଗୁଡ଼ପଦ : ଦକ୍ଷ ପ୍ରକାଶନୀ | ୨୦୧୭ |
| ୨୮. | ଭୁଜବର୍ଣ୍ଣ : ପକ୍ଷୀଘର, ଭୁବନେଶ୍ୱର | ୨୦୧୮ |
| ୨୯. | ଅକିଞ୍ଚନ : ଚୁନୀ ପ୍ରକାଶନୀ | ୨୦୧୮ |
| ୩୦. | ପରାଗ ସଂଗମ : ପ୍ରବାହ | ୨୦୨୧ |
| ୩୧. | ଆସକ୍ତ ଭଗ୍ନାଂଶ : ସୁବର୍ଣ୍ଣଶ୍ରୀ | ୨୦୨୧ |
| ୩୨. | ନିଃଶବ୍ଦ ପାଦଶବ୍ଦ : ଦକ୍ଷ ପ୍ରକାଶନୀ | ୨୦୨୧ |
| ୩୩. | ଏ ଦୁଇମାସ : ସୁଲଭ ପ୍ରକାଶନୀ ପୁରୀ | ୨୦୨୨ |

## ପ୍ରମୁଖ ପୁରସ୍କାର ଓ ସମ୍ମାନ

୧. ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର

୨. ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର

୩. ବିଷୁବ ପୁରସ୍କାର(ତିନିଥର)

୪. ଶାରଳା ପୁରସ୍କାର

୫. ସର୍ବଭାରତୀୟ ଓଡ଼ିଆ ଅଧ୍ୟାପକ ସମ୍ମେଳନ ସମ୍ମାନ

୬. ଅତିବଡ଼ି ସମ୍ମାନ (ପୁରୀ)

୭. ସାମନ୍ତ ଚନ୍ଦ୍ରଶେଖର ସମ୍ମାନ

୮. ଅନନ୍ତ ପଟ୍ଟନାୟକ ପୁରସ୍କାର

୯. ବ୍ରହ୍ମୋତ୍ରୀ ଦେବୀ ସମ୍ମାନ

୧୦. ସୁରେନ୍ଦ୍ର ମହାନ୍ତି ସମ୍ମାନ

୧୧. ଭାନୁଜୀ ରାଓ ପୁରସ୍କାର

୧୨. ସଚ୍ଚି ରାଉତରା ସମ୍ମାନ

୧୩. ସମାରୋହ ସମ୍ମାନ

୧୪. ପଣ୍ଡିତ ଗୋଦାବରୀଶ

୧୫. ଲକ୍ଷ୍ମୀକାନ୍ତ (କାନ୍ତକବି) ପୁରସ୍କାର

୧୬. ଭରତ ନାୟକ ସମ୍ମାନ

୧୭. ଦୀପକ ମିଶ୍ର ସମ୍ମାନ

୧୮. ସମ୍ମାନ ଓ କବିସଂଧି-କେନ୍ଦ୍ର ସାହିତ୍ୟ ଏକାଡ଼େମୀ

୧୯. କଳିଙ୍ଗ ପୁରସ୍କାର

୨୦. ଜୀବନରଂଗ ସମ୍ମାନ

୨୧. ଜ୍ଞାନଦା କବିତା ସମ୍ମାନ

୨୨. ଅଭିନନ୍ଦନିକା ସମ୍ମାନ

୨୩. ଭୁବନେଶ୍ୱର ପୁସ୍ତକମେଳା ସମ୍ମାନ

୨୪. ପୁରୀ ପୁସ୍ତକମେଳା ସମ୍ମାନ


୨୫. ଟାଇମ୍ସ ଅଫ ଇଣ୍ଡିଆ ସମ୍ମାନ

୨୬. ଧରିତ୍ରୀ ସମ୍ମାନ

ଏବଂ ଆଦି...



# କବି ହରିହରଙ୍କ ଘନିଷ୍ଠ ବନ୍ଧୁ ଓ ପଢାସାଥୀ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସ୍ମୃତିରୁ



ମୁଁ ପାଞ୍ଚବର୍ଷର ହୋଇଥିଲି ମୋ ନନା (ବାପା) ମରିଗଲେ । ମୁଁ ଛେଉଣ୍ଡ ହୋଇଗଲି । ହରି ସହିତ ସଖ୍ୟ ହେଲା ପରେ ତା' ନନା ମଧ୍ୟ ମୋତେ ପୁତ୍ରବତ୍ ସ୍ନେହ କଲେ । ସେଇ ବାଲିଖେଳରୁ ହରିମିଶ୍ର ମୋର ବନ୍ଧୁ, ଭାଇ, ସହପାଠୀ, ସହକର୍ମୀ, ସହଯାତ୍ରୀ, ସମଦୁଃଖୀ ସମସୁଖୀ । ଦୀର୍ଘ ପଞ୍ଚଷଠୀ ବର୍ଷ ଏ ନିବିଡ଼ ସଂପର୍କରେ ଲେଖି ବସିଲେ କାଗଜ କାଳି ଅଣ୍ଟିବନି । ସ୍କୁଲରେ ପଢ଼ିଲା ବେଳେ ଆମେ ସାହିରେ ମାଗିମାଗି ଆଣି 'ସର୍ବ ମଙ୍ଗଳା ପାଠାଗାର'ଟିଏ ପ୍ରତିଷ୍ଠା କରିବା ସଂଗେ ସଂଗେ ତପନ ଓ ଶମ୍ପା ନାମରେ ଦୁଇଟି ହାତଲେଖା ପତ୍ରିକା ପ୍ରକାଶ କରିଥିଲୁ । କାବା (ହରିହର) ସେଥିରେ ଗଳ୍ପ କବିତା ସବୁ ଲଖୁଥିଲା ବେଳେ ମୁଁ ତାହାର ପ୍ରଚ୍ଛଦ ଚିତ୍ର ଭିତରେ ଅଳଙ୍କାର ମଧ୍ୟ କରୁଥିଲି ।

ଆଉ ଗୋଟେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମୁଁ ତା'ପାଇଁ ଗୀତ ଗାଇଲି ।

ଥରେ ଆମ ସାଙ୍ଗମାନେ ପୁରୀ ମଙ୍ଗଳାଘାଟ ଯମୁନାନଈରେ ନୌକା ବିହାର କରି ମଉଜ କରୁଥିଲୁ । ଏହି ସମୟରେ କାହୁଁ ଖଣ୍ଡେ କଳାମେଘ ଭାସିଆସି ଝଲକାଏ ପବନରେ ଆମ ନାଆଟିକୁ ଦୋହଲାଇ ଦେଲା । ଏହାକୁ ଲକ୍ଷ୍ୟ କରି କାବା ଗୋଟେ ଗୀତର ମୁଖଡ଼ା ହଠାତ୍ ମୋତେ ଶୁଣେଇ ଦେଲା ।

"ରଖି ଯା ପବନ ପୁଲକ ଏ ମନ
ନୀଳ ଗଗନରେ ମିଶିଲା ସପନ
ବାଆ ଶିରିଶିରି ବୁହେଇଲା, ଦକ୍ଷିଣାପବନ
ଘର କୋଣେ ଥିବ ଚାହିଁ ମୋ ଚନ୍ଦ୍ର ବଦନ ।"

ଏ ଗୀତଟି ସୁର ଦେଇ ଗାଇଲା ପରେ ସାଙ୍ଗମାନେ ମୁଗ୍ଧ ହୋଇ ବାରମ୍ବାର ସେ ପଦଟି ଗାଇବାକୁ କହିଲେ । ମୋର ମନେହୁଏ, ତାହା ଥିଲା, ଏକ ମାହେନ୍ଦ୍ର ମୁହୂର୍ତ୍ତ । ଯେଉଁଠି କାବ୍ୟର ପ୍ରଥମ ଗୀତ କବିତାକୁ ପ୍ରଥମ ଥର ପାଇଁ ସ୍ୱରରେ ହଜେଇ ମୁଁ ଗାଇଲି । ସେଇଠୁ ବୋଧେ ଆରମ୍ଭ ହେଲା କାବାର ଗୀତ ରଚନା ଏବଂ ମୋର ସ୍ୱର ସଂଯୋଜନାର ଯୁଗଳବନ୍ଦୀ ।

ବୋଉର ସେ ଆକୁଳ ପ୍ରାର୍ଥନା ମା'ମଙ୍ଗଳା ଏତେ ଶୁଣିଲେ ମୋ ପରେ ପରେ ବୋଉକୁ ଆଉ ତିନି ତିନିଟି ପୁଅ ଦେଇ ଦେଲେ ।"

ଗୋଟେ ହୃଦୟ ଖୋଲା ରାଜକୀୟ ହସ ହସି ଉଠିଲେ କବି ହରିହର । ବାସ୍ତବରେ ଅତ୍ୟନ୍ତ ରୋମାଞ୍ଚକର ଲାଗୁଥିଲା କବିଙ୍କର ବାଲ୍ୟ ଜୀବନର ଆଖ୍ୟାୟନ ।

ମୁଁ ପଚାରିଲି, "ଆପଣଙ୍କ ଏ ନାଁଟି ପୁଣି କେବେ ଦିଆଗଲା ?"

"ରୁହ, ତାହା ଦ୍ୱିତୀୟ ଅଙ୍କର କଥା । ପ୍ରଥମ ଅଙ୍କର ଶେଷଦୃଶ୍ୟଟି ଆଗ ସରୁ...."

ନାଟ୍ୟ ରଚନା ସାଙ୍ଗକୁ ଅଭିନୟରେ ପ୍ରମୁଖ ପ୍ରସିଦ୍ଧି ପାଇଥିବା ଅଭିନେତା ହରିହର ସତରେ ତାଙ୍କ ଜୀବନକୁ ନାଟକ ଢାଞ୍ଚାରେ ତୋଳିଧରି ପାରନ୍ତି । ଲାଗୁଥିଲା ଅଭିନେତା ଜଣକ ଯେମିତି ତାଙ୍କ ଜୀବନ ନାଟକର ଅଙ୍ଗୀଭୂତ ଅନୁଭୂତି ସବୁକୁ ସଂଳାପରେ ପରିଣତ କରିଦେଉଛନ୍ତି ।

"ହଁ," କଥା ଆରମ୍ଭ କଲେ କବି । "ବାପା କିଛିଦିନ ପରେ ପୁଣି ଚାଲିଗଲେ ରାଜ୍ୟ ବାହାରକୁ । ବୋଉ ଏକା । ତାର ଏକମାତ୍ର ଚିନ୍ତା ମୁଁ କେମିତି ବଞ୍ଚିରହିବି । ତିନିତିନିଟା ଛୁଆଙ୍କୁ ହରେଇ ମା' କେମିତି ବା ଥୟ ହୁଅନ୍ତା ! ବିଭିନ୍ନ ଲୋକ ବୋଉଙ୍କୁ ବିଭିନ୍ନ ପରାମର୍ଶ ଦିଅନ୍ତି, ବୋଉ ଜୀବନ ବିକଳେ ସମସ୍ତଙ୍କ କଥା ମାନି ସବୁ କରିଯାଏ । ତାର ଧାରଣା ହୁଏ, ତାର କୌଣସି ଦୁଷ୍ଟ ଗ୍ରହ କି ପ୍ରବଳ ରିଷ୍ଟ ଦୋଷ ରହୁଥିବାରୁ ତା'ର ଛୁଆ ରହୁ ନାହାନ୍ତି । ସୁତରାଂ ସେ ମୋତେ ଖାଲି ଦେଇ ଚାଲେ । କହେ ଯେ' ମୋର ନୁହେଁ, ତମର । ତମେ ସବୁ ତାର ମାଆ । ଏହିଭଳି ଭାବରେ ମୁଁ ଦାରୀର, ଦାରୀ ପରେ ମାହାରୀର ଶେଷକୁ ମହାରାଣୀଙ୍କ ମଧ୍ୟ ମୋତେ ବିକ୍ରି କରିଦେଲା । ବାରବ୍ରତ ଓଷା ଓପାସ ଆରମ୍ଭ କଲା । ସ୍ୱର୍ଗଦ୍ୱାରରେ ନେଇ ଭିକ ମଗାଇଲା । ଓପାସ ରହିଲା ମଙ୍ଗଳବାର ଦିନ । ପାଞ୍ଚ ଦୁଆରୁ, ସାତ ଦୁଆରୁ ମାଗି ଆଣି ଖାଏ । ତାର ଭାରି ପ୍ରିୟ 'ଟୀକା ଗୋବିନ୍ଦଚନ୍ଦ୍ର' ପଢ଼େ । ସେ କହେ, ତୋତେ ଗୋବିନ୍ଦ ଚନ୍ଦ୍ର କରିଦେଲି । କହେ ତୋତେ ମୁଁ ହାଡ଼ିଆଣୀକି ଦେଇଦେବି । ହାଡ଼ି ପାଦକୁ ଯେମିତ ତା ମା ମାହାରୀ ଘରକୁ ଯାଇଥିଲା, ଶୁଣ୍ଢିଆଣୀ ଘରକୁ ଯାଇଥିଲା, ତୁ ସେମିତି ଯା, ବଞ୍ଚିକି ରହ । ଘରେ ସବୁ ପ୍ରକାର ପୁରାଣ ଥାଏ, ବୋଉ ସବୁ ପୁରାଣ ପଢ଼େ, ପିଣ୍ଡାରେ ପୁରାଣ ପାଠ ହେଲେ ବୋଉ ବସି ଶୁଣେ । ପ୍ରାୟ ଚାରିବର୍ଷ ପରେ ମୋ ତଳ ଭାଇ ଜନ୍ମହେଲା ପର୍ଯ୍ୟନ୍ତ ବୋଉର ଏ ନିଷ୍ଠା ଜାରି ରହିଥିଲା । ଏହାକୁ ନେଇ ପରବର୍ତ୍ତୀ ସମୟରେ ମୁଁ ଗୋଟେ କବିତା ଲେଖିଥିଲି । "ମା' ମାହାରୀ, ମହାରାଣୀ ମୋତେ ବାହା ଦିଅ ଦାରିଆଣୀ, ବଞ୍ଚିବି ଦୁଆରୁ ମାଟି ଆଣି ।"

ମୁଁ ଯେତେବେଳେ ଛୋଟ ଥିଲି ମୋହନଦେବ ଗୋସ୍ୱାମୀଙ୍କ ରାସରେ କୃଷ୍ଣ ବେଶରେ ସଜେଇ ହେଇ ପୂଜା ପାଏ । ଗୋପୀମାନଙ୍କୁ ନାନା ହଇରାଣ କରେ । ରାସର ପାରମ୍ପରିକ ଉତ୍ସବରେ ତମାମ ମୋ ପିଲାବେଳକୁ କୃଷ୍ଣ ଭୂମିକାରେ ଅବତୀର୍ଣ୍ଣ କରା ଯାଇଛି । ମାର୍କଣ୍ଡେଶ୍ୱର ପୋଖରି ମଝିରେ ହୁଏ କାଳୀୟ ଦଳନ ଉତ୍ସବ । କାଳୀଦଳନ ଏକାଦଶୀ ରାତିରେ କାଳୀୟ ସାପ ଗୋଟାଏ ମଞ୍ଚା ଉପରେ ଫଣାଟେକି ପୋଖରୀ ମଝିରେ ଚାହିଁଥାଏ । ନାଆରେ କୃଷ୍ଣ ଯାଆନ୍ତି । ସେ ତାକୁ ଚୋଟ ମାରେ । ଗରୁଡ଼ ପୁଣି ନାଆରେ ଯାଆନ୍ତି, କୃଷ୍ଣଙ୍କୁ ଅମୃତ ଲଡୁ ଖୁଆନ୍ତି । ଏମିତି ଏମିତି ଦୃଶ୍ୟ ସବୁ ଲୋକମାନେ ମାର୍କଣ୍ଡ ପୋଖରୀ ଚାରିପାଖର ପାହାଚ ଉପରେ ବସି ଦେଖନ୍ତି ।

ବାଳୁତ ବେଳର ଏଇ ଅଭିନୟ ମୋ ଭିତରେ ଥିବା ନାଟ୍ୟ ପ୍ରତିଭାକୁ ହୁଏତ ଧିରେ ଧିରେ ବିକଶିତ କରୁଥାଏ । ନହେଲେ ଖୁବ୍ କମ ବୟସରେ 'ଅନ୍ଧବିଚାର' ପରି ଛୋଟ ନାଟକ ଲେଖି ଓଡ଼ିଶା ସଂଗୀତ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥାନ୍ତି କିପରି ? ସେହି ବୟସରେ, (ପ୍ରାୟ ଅଠର ବର୍ଷ) ମୁଁ 'ନାଟର ଗୋବର୍ଦ୍ଧନ', 'ଆରୋହଣ' ନାମକ ଆଉ ଦୁଇଟି ନାଟକ ମଧ୍ୟ ଲେଖିଥିଲି ।"

**ଖଡ଼ିଛୁଆଁ**



ଜୀବନପାତ୍ର ମୋ ଭରିଛ କେତେ ମତେ : କବିପତ୍ନୀ ଓ କବି

## ସେମାନଙ୍କ ଦୃଷ୍ଟିଭଙ୍ଗୀରେ



ଯାହା ପାଣ୍ଡିତ୍ୟରେ ନାହିଁ, କାରିଗରିରେ ନାହିଁ, ତାହା କବିତ୍ୱରେ ଅଛି । ଅର୍ଥାତ୍ କବିତ୍ୱ ଏଭଳି ଏକ ଅବସ୍ଥା ଯହିଁରେ କଳ୍ପନା ଏସବୁ ଗଢ଼ିପାରେ । ଅର୍ଥାତ୍ କଳ୍ପନା ଏସବୁର ବିକଳ୍ପ ନିର୍ମାଣକାରୀ, ଏକ ବିଶେଷ ଅର୍ଦ୍ଧ ଚୈତନ୍ୟ । ହରିହର ମିଶ୍ରଙ୍କ କବିତାକୁ ନେଇ ତିନୋଟି ଜରୁରୀ କଥା ଯାହା ପାଠକଙ୍କ ଦୃଷ୍ଟିରେ ନିଆଯାଇପାରେ । ତାହାହେଲା, ହରିହର ମିଶ୍ରଙ୍କ କବିତାରେ ସରଳରୈଖିକ ଯୌକ୍ତିକ ଗଢ଼ଣ ପ୍ରାୟ ନଥାଏ । ହରିହର ମିଶ୍ରଙ୍କ କବିତାରେ କୌଣସି ବିଷୟ ପୂର୍ଣ୍ଣ କୁହାଯାଏ ନାହିଁ । ହରିହର ମିଶ୍ରଙ୍କ କବିତାରେ କାବ୍ୟଦୃଷ୍ଟି ବିମ୍ବବହୁଳ, କିନ୍ତୁ ବିମ୍ବାତ୍ମକ ନୁହେଁ ।

**- ହରପ୍ରସାଦ ଦାସ**



ହରିହର ମିଶ୍ରଙ୍କ କବିତାରେ ସାନ୍ଦ୍ରତା ଅନୁଭବ କରାଯାଇପାରେ ସହଜରେ । କିନ୍ତୁ ଯୁକ୍ତିନିଷ୍ଠ ପ୍ରାଞ୍ଜଳତା ସବୁ ସମୟରେ ଆଶା କରାଯାଇ ପାରେନା । ତାଙ୍କ କବିତାରେ ଗୋଟିଏ ଚିତ୍ରକଳ୍ପ- ଏପରିକି ପ୍ରଥମ ଧାଡ଼ିଟି- ଭାରି ମୁଗ୍ଧ କରିପାରେ ପାଠକକୁ, ଯେ ପରବର୍ତ୍ତୀ ଚିତ୍ରକଳ୍ପ ବା ଧାଡ଼ିମାନଙ୍କ ମର୍ମ ଉପଲବ୍ଧିର ମାନସିକତା ହରେଇ ବସେ । ଏଥିରୁ କବିଙ୍କର ସାମର୍ଥ୍ୟ ପ୍ରମାଣିତ ହୁଏ, ଦୁର୍ବଳତା ନୁହଁ ।

**- ଡ. ଗଣେଶ୍ୱର ମିଶ୍ର**



ହରିହରଙ୍କ କବିତାରେ ଏହି ପ୍ରାର୍ଥନା, ଏହି ସ୍ୱପ୍ନ ସାଂପ୍ରତିକ କବିତାରେ ଏକ ଉଦାର ମନର ନିଜସ୍ୱ ଉଚ୍ଚାରଣ । ଏହାରି ଭିତରେ ନିହିତ ଏକ ମୃଦୁ ଅହଙ୍କାର ଏକ ମୃଦୁ ବିପ୍ଳବ । ଆଉ ଏଇଥିପାଇଁ ହରିହରଙ୍କ କବିତା ଏତେ ପ୍ରାଣସ୍ପର୍ଶୀ ।

**- ସୌରୀନ୍ଦ୍ର ବାରିକ**



ପ୍ରକୃତିର ଅବରୋଧ, ପ୍ରକାଶଭଙ୍ଗୀରେ ସ୍ୱାଭାବିକତା ଓ କାବ୍ୟ ଆବେଗରେ ଗଭୀରତା, କାବ୍ୟାସ୍ୱାଦ ନିମିତ୍ତ ବ୍ୟାପକତର ଉପଲବ୍ଧି ଅଛି ହରିହର ମିଶ୍ରଙ୍କ କାବ୍ୟକୃତିରେ । ମିଶ୍ରଙ୍କ କାବ୍ୟନିଷ୍ଠା, ସ୍ୱକୀୟ ଦୃଷ୍ଟିଭଙ୍ଗୀ ଓ ନିଜସ୍ୱ କାବ୍ୟଶୈଳୀରେ ପରିଣତ ଘଟିଛି 'ଚାହାଣୀ ମଣ୍ଡପ'ରେ ।

**- ବଂଶୀଧର ଷଡ଼ଙ୍ଗୀ**



ନିଜ ମାଟି ଠାରୁ ବହୁ ମାତ୍ରା ଦୂରେଇ ରହିଥିବା ବେଳେ ଅଧୁନିକ କବି ଅନ୍ୟପକ୍ଷରେ ହରିହର ମିଶ୍ର ଆଧୁନିକ କବି ହୋଇ ଐତିହ୍ୟ ଓ ସଂସ୍କୃତି ସହ ଜଡ଼ିତ ରହିଛନ୍ତି । ଏହା ତାଙ୍କର କାବ୍ୟାନୁସନ୍ଧାନର ପ୍ରକ୍ରିୟା, ଯେଉଁଠି ଅବଚେତନ ଓ ଅଚେତନସ୍ତର ଦେଇ ସେ ଐତିହ୍ୟର ମୂଳରୂପକୁ ଉଦ୍‌ଘାଟନ କରିବାକୁ ସାଧନାରତ ।

**- ଆଶୁତୋଷ ପରିଡ଼ା**

ଆମ ଘର ସାମ୍ନା କାବ୍ୟତୀର୍ଥ ଗଦାଧର ମହାପାତ୍ରଙ୍କ ଘର । ମହାନ ପଣ୍ଡିତ ଆମର କୁଳ ପୁରୋହିତ । ତାଙ୍କ ସାନପୁଅ ଦେବ, ମୋ ଠାରୁ ବର୍ଷେ ବଡ଼ । ହେଲେ ବି ସାଙ୍ଗ । ଦିନେ ଦାଣ୍ଡରେ ଏଣେତେଣେ ବୁଲୁ ବୁଲୁ ମୋ ନଜରରେ ଗୋଟ ଦୁଧଖଡ଼ି ଗୋଟାଳି ପଡ଼ିଲା । ମୁଁ ତାକୁ ଉଠେଇ ଆଣିଲି । ପଣ୍ଡିତ ଗଦାଧର ମହାପାତ୍ରଙ୍କ ନଜର ପଡ଼ିଲା, ପଚାରିଲେ, କଣ ପାଇଲୁକି ରେ ? ଏଠିକି ଆ' । ମୁଁ ତାଙ୍କ ଚାନ୍ଦିନୀ ଉପରକୁ ବହୁ କଷ୍ଟରେ ଉଠିଲି । ପାଖରେ ଦେବଭାଇନା ତା ସିଲଟ ଧରି ଠିଆ ହେଇଥିଲା । ଗଦାଧର ମହାପାତ୍ର ତା ସିଲଟରେ ଲେଖିଦେଲେ ତିନୋଟି ମୁଣ୍ଡଳା, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର । ଦେବ ଭାଇନାର ଦି'ଟା ସିଲଟ, ମୋତେ ସେଇଟା ଦେଇ ଦେଲା । ସେଇଠାରୁ ଆରମ୍ଭ ହେଲା ମୋ ଚାଟଶାଳୀ ପାଠ । ଶିଶୁ ଓ ପ୍ରଥମ ଶ୍ରେଣୀ ।

ସେତେବେଳକୁ ମୋତେ ଛ'ବର୍ଷ ଚାଲୁଥାଏ । ଆମ ସାହିର କାଳିଆ କକା । ଦିନେ କହିଲେ, ଆଜି ଚାଲ୍, ତୋ ନାଁ ସ୍କୁଲରେ ଲେଖା ହବ । ମେତେ ଆମ ସାହି ମାର୍କଣ୍ଡେଶ୍ୱର ଉ.ପ୍ରା. ସ୍କୁଲକୁ ନେଇଗଲେ । ହେଡ଼ମାଷ୍ଟ୍ରେ ଜଗନ୍ନାଥ ମହାପାତ୍ର ପଚାରିଲେ, ପିଲା ନାଁ କ'ଣ ?

କାଳିଆ କକା ମୋତେ ଚାହିଁଲେ । କ'ଣ ଭାବିଲେ କହିଲେ, ତା' ନାଁ ହରିହର ମିଶ୍ର ।

ହେଡ଼ ସାର୍, ମୋତେ ପଚାରିଲେ, ମୁଁ ବି କହିଦେଲି ହରିହର ମିଶ୍ର । ହଠାତ୍ ମୁଁ 'କାବା'ରୁ ହେଇଗଲି 'ହରିହର' ।

କାଳିଆ କକା ଆସି ବୋଉକୁ କହିଲା, ତାକୁ ଆଉ କାବା ଡାକିବ ନାହିଁ, ତା ନାଁ ଏବେ ହରିହର ।

ବୋଉ ବି ବେଜ୍ଞାଏ ହସିଲା । ସମସ୍ତଙ୍କୁ କହିଲା, ଆଉ କେହି କାବାକୁ କାବା ଡାକିବ ନାହିଁ । ଡାକିବ ହରିହର । ଏବେ ସେ ସ୍କୁଲ୍ ଗଲାଣି ।

ତା'ପରେ ଆରମ୍ଭ ହୁଏ ତାଙ୍କର ଉଚ୍ଚଶିକ୍ଷାର ଯାତ୍ରା । ସ୍ଥାନୀୟ ଗଦାଧର ହାଇସ୍କୁଲରେ ପଢ଼ିବା ବେଳେ ସେ ପ୍ରଭାବିତ ହୁଅନ୍ତି ସେହି ହାଇସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କ ଦ୍ୱାରା । ସେ ଜଣେ କିମ୍ବଦନ୍ତୀର ଶିଳ୍ପୀ । ପରବର୍ତ୍ତୀ ସମୟରେ ସେହି ପ୍ରତିହାରୀ ମହାଶୟ ଚଳଚ୍ଚିତ୍ର 'ଚିଲିକା ତୀରେ'ରେ ବିଜୟ ମହାନ୍ତିଙ୍କ ବାପା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ, ଯେଉଁ ଚଳଚ୍ଚିତ୍ରର ସଂଳାପକାର ଓ ସହ ନିର୍ଦ୍ଦେଶକ ଥିଲେ କବି ହରିହର ମିଶ୍ର ।

ହରିହର ଗଦାଧର ହାଇସ୍କୁଲରୁ ପାଶ୍ କଲା ପରେ ପୁରୀ କଲେଜରୁ ସ୍ନାତକ ସାରି ରେଭେନ୍ସା କଲେଜରେ ସ୍ନାତକୋତ୍ତର ଶିକ୍ଷା ଓ ଓଡ଼ିଆ ଭାଷା ସାହିତ୍ୟ ସମାପ୍ତ କରି ସାରିଲା ପରେ ବଡ଼ମ୍ବା କଲେଜରେ ଅଧ୍ୟାପକ ଭାବରେ ପ୍ରଥମେ ଯୋଗ ଦେଲେ । ତାପରେ ସେ ଆସିଲେ ନୟାଗଡ଼ । ନୟାଗଡ଼ କଲେଜରେ ଦୀର୍ଘ ସମୟ ସେ ଅଧ୍ୟାପକ ଜୀବନ କଟାଇଥିଲେ । ସେଠାରେ ସେ ଯେଉଁ ଘରେ ରହୁଥିଲେ, ସେ ଘରର ନାଁ ଥିଲା ଛାୟାପଥ । ତାପରେ ଆସିଲେ ନିମାପଡ଼ା । ନିମାପଡ଼ାରୁ ନହରକଣ୍ଟା କଲେଜର ଅଧ୍ୟକ୍ଷ ହେଲା ପରେ ସେ ସେବା ନିବୃତ୍ତ ହୋଇ ସଂପ୍ରତି ପୁରୀର ପୈତୃକ ବାସଗୃହରେ ସେ ଅବସ୍ଥାନ କରୁଛନ୍ତି ।

ତାଙ୍କର ବୃତ୍ତିଗତ ଜୀବନ ଠାରୁ ସୃଜନଶୀଳ ଜୀବନ ଅଧିକ ଉଲ୍ଲେଖନୀୟ । ଫୁଟବଲ, କ୍ରିକେଟ ଆଦି ଖେଳରେ ପଟୁତା ଅର୍ଜନ କରିଥିବା ହରିହର ପୁରୀର ଜାଗାଘରେ ମଧ୍ୟ କୁସ୍ତି କସରତ କରୁଥିଲେ । ତାଙ୍କ ବାପା ମଣିରାମ ମିଶ୍ରଙ୍କ ଭିତରେ ଥିବା ବହୁ ଅନ୍ତର୍ନିହିତ ଗୁଣର ସେ ଥିଲେ ଉତ୍ତରାଧିକାରୀ । ମଣିରାମ ମିଶ୍ର କୁସ୍ତିକସରତରେ ଓସ୍ତାଦ ଥିଲେ । ତାଙ୍କର ସେବା ମନୋଭାବ, ଅମାୟିକ ବ୍ୟବହାର, ହାସ୍ୟରସ ପରିପୂର୍ଣ୍ଣ ଜୀବନାଦର୍ଶ ହରିହରଙ୍କ ଅବଚେତନକୁ ଆକ୍ରାନ୍ତ କରିଥିଲା । ମଣିରାମ ମିଶ୍ର ଏତେ ଆମୋଦପ୍ରିୟ ଥିଲେ ଯେ ନିଜ ଘର ଦୁଆର ମୁହଁରେ ବଡ଼ବଡ଼ ଅକ୍ଷରରେ ଲେଖିଥିଲେ: 'ମଣିରାମ ଚକାଚକ୍, ଗାଡ଼ି ଚାଲେ ଧକାଧକ' ।

ତାଙ୍କର ନାଟ୍ୟ ଜୀବନତ ବାଲ୍ୟତ କାଳରୁ ଆରମ୍ଭ ହୋଇଥିଲା, ସାହିତ୍ୟ


କ୍ଷେତ୍ରକୁ ପ୍ରବେଶର ମୁଖଶାଳା ଥିଲା ହାତଲେଖା ପତ୍ରିକା 'ଶମ୍ପା' । ଯାହାକି ପରବର୍ତ୍ତୀ ସମୟରେ 'ତପନ' ନାମରେ ପ୍ରକାଶ ପାଇଲା । ତାର ସମ୍ପାଦକ ଥିଲେ ସ୍ୱୟଂ କବି ହରିହର ମିଶ୍ର ।

ସେହି ସମୟରେ ତାଙ୍କ ସାଇରେ ବସବାସ କରୁଥିଲେ ରାଜକିଶୋର ପଟ୍ଟନାୟକ, ପଠାଣି ପଟ୍ଟନାୟକଙ୍କ ପରି ବିଶିଷ୍ଟ କଥାକାର ଓ ସମାଲୋଚକ, ପୁଣି ସେତେବେଳକୁ ପୁରୀର ମାଜିଷ୍ଟ୍ରେଟ ଥାଆନ୍ତି ବିଶିଷ୍ଟ ଔପନ୍ୟାସିକ ଗୋପୀନାଥ ମହାନ୍ତି ।

ରବୀନ୍ଦ୍ର ବିଶ୍ୱାଳଙ୍କ ସହିତ କବି ହରିହର ମିଶ୍ର



ସେ ସମୟରେ କବି ହରିହର ଓ ତାଙ୍କ ସାଙ୍ଗମାନେ ସ୍ଥାପନ କରିଥିଲେ 'ଜୟହିନ୍ଦ୍' କ୍ଲବ । କ୍ଲବ ତରଫରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ କଲେ 'ଅଭିଯାନ' ନାଟକ । ତାଙ୍କର ଅଭିନେତା ଜୀବନର ଅୟମାରମ୍ଭ ସେଇଠାରୁ ବିଧିବଦ୍ଧ ଭାବେ ଆରମ୍ଭ ହେବା ସଂଗେ ନାଟକ ଲେଖିବାର ପ୍ରେରଣା ସେଇଠାରୁ ମିଳିଥିଲା । ବିଶିଷ୍ଟ ସଂଗୀତଜ୍ଞ ପ୍ରଫୁଲ୍ଲ କର ତାଙ୍କର କ୍ଲାସ୍‌ମେଟ୍ ଓ ଘନିଷ୍ଠ ବନ୍ଧୁ । ପ୍ରଫୁଲ୍ଲ କର ଯେତେବେଳେ ପୁରୀ କଲେଜର ଡ୍ରାମାଟିକ ସେକ୍ରେଟେରୀ ହେଲେ, ସେତେବେଳେ ସେ ହରିହର ମିଶ୍ରଙ୍କୁ ନାଟକ ଲେଖି ମଞ୍ଚସ୍ଥ କରିବାକୁ ପରାମର୍ଶ ଦେଲେ । ହରିହର ଗୋପୀନାଥ ମହାନ୍ତିଙ୍କ ପ୍ରସିଦ୍ଧ ଉପନ୍ୟାସ 'ଦାନାପାଣି'କୁ ନାଟ୍ୟରୂପ ଦେବା ସଂଗେ ସଂଗେ ବଳୀଦତ୍ତ ଭୂମିକାରେ ମଧ୍ୟ ଅଭିନୟ କରିଥିଲେ । ପରବର୍ତ୍ତୀ ସମୟରେ ହରିହର ବହୁ ମଞ୍ଚ ନାଟକ ଲେଖିବା ସଂଗେ ସଂଗେ ଆକାଶବାଣୀ କଟକ କେନ୍ଦ୍ର ପାଇଁ ବହୁ ନାଟକ ଲେଖିଛନ୍ତି ଓ ନିଜେ ମଧ୍ୟ ଆକାଶବାଣୀ ନାଟକ ବିଭାଗର ଜଣେ ଟପ୍‌ଗ୍ରେଡ୍ ଆର୍ଟିଷ୍ଟ । 'ନାଟର ଗୋବର୍ଦ୍ଧନ' ଶିଶୁ ନାଟକ (୧୯୫୯) ରୁ ଆରମ୍ଭ ହୋଇ 'ଏବେ ନୁହେଁତ କେବେ ନୁହେଁ'(୧୯୯୦) ଯାଏ ପ୍ରଲମ୍ବିତ ତାଙ୍କ ନାଟ୍ୟ ଯାତ୍ରାରେ ଅଛି 'ରାତ୍ରିର ଦୁଇଟି ଡେଣା', 'ହେ




ନିଷାଦ ନିବୃତ୍ତ ହୁଅ', 'ନିନ୍ଦିତ ଗଜପତି' ପରି କାଳଜୟୀ ନାଟକ କେତୋଟି । ଏହାବ୍ୟତୀତ ସେ ଅନେକ ଗୁଡ଼ିଏ ଶିଶୁ ନାଟକ ମଧ୍ୟ ଲେଖିଛନ୍ତି । ତାଙ୍କର 'ବନାଗ୍ନି' ନାମକ ଏକ ଏକାଙ୍କିକା ସଂଗ୍ରହ ମଧ୍ୟ ଅଛି ।

ନାଟ୍ୟକାର ଓ ଅଭିନୟ କ୍ଷେତ୍ରରେ ଅପାର ସଫଳତା ପାଇଥିଲେ ହେଁ ହରିହର ତାଙ୍କର କବି ପ୍ରସିଦ୍ଧିକୁ ଅଧିକ ଗୁରୁତ୍ୱ ଦିଅନ୍ତି । ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ତାଙ୍କର ପ୍ରଚୁର ଅବଦାନ ସତ୍ତ୍ୱେ 'କବି ହରିହର ମିଶ୍ର' ସମ୍ବୋଧନଟି ତାଙ୍କ ପାଇଁ ବେଶୀ ପୁଲକପ୍ରଦ ଓ ସମ୍ମାନନୀୟ ବୋଧ ହୁଏ ।

"'ଦିବ୍ୟ ଅସନ୍ତୋଷ' ପାଇଁ ମୁଁ ଶାରଳା ପୁରସ୍କାର ଓ କବିତା ପାଇଁ ମୁଁ ଝଙ୍କାର ପୁରସ୍କାର ପାଇଛି । ଅନ୍ୟପକ୍ଷରେ ମୋର କବିତାର ସୃଜନ ଭୂମିଟି ଅଧିକ ଉଜ୍ଜ୍ୱଳ ଓ ବିପୁଳ । ଏକ ହଜାରରୁ ଅଧିକ କବିତା ମୁଁ ଲେଖିଛି ଓ ମୋର କାବ୍ୟଗ୍ରନ୍ଥ ମଧ୍ୟ ସର୍ବାଧିକ ପ୍ରକାଶିତ । 'ଶଙ୍ଖନାଭି' (୧୯୭୩) ଠାରୁ ଦିବ୍ୟ ଅସନ୍ତୋଷ (୨୦୦୯) ଯାଏଁ ମୋର କାବ୍ୟ ଯାତ୍ରାରେ ଅଛି ପନ୍ଦର ଖଣ୍ଡ କବିତା ପୁସ୍ତକ ।"

ବାସ୍ତବରେ କବି ତାଙ୍କ ସୃଜନର ପ୍ରାଥମିକ ଅବସ୍ଥାରୁ ନାଟକ ସହିତ କବିତାର ସହଯାତ୍ରା ଆରମ୍ଭ କରିଥିଲେ । ସ୍ୱପ୍ନ ପ୍ରବଣତା ହିଁ ତାଙ୍କର କାବ୍ୟ ଦୁନିଆ ତାଙ୍କ କାବ୍ୟିକ ଅସ୍ତିତ୍ୱର ତିନୋଟି ସ୍ତର ବୋଲି ସମାଲୋଚକମାନେ ବିଶ୍ୱାସ ରଖନ୍ତି । ପ୍ରେମ ପାଇଁ ବଞ୍ଚିବା, ନିଜ ସ୍ୱପ୍ନ ଓ ଆଦର୍ଶ ନେଇ ବଞ୍ଚିବା ଓ ଏସବୁର ଊର୍ଦ୍ଧ୍ୱରେ ଅଜଣା ଅଫେରନ୍ତି ପଥରେ ମହାସୁଷୁପ୍ତିର ମଧୁମୟ ମୂର୍ଚ୍ଛନା ପାଲଟି ଯିବା । ଅନ୍ୟପକ୍ଷରେ କବି ହରିହରଙ୍କ କବିତା ହେଉଛି ଓଡ଼ିଆ ଚେତନାର କବିତା । ପୁରୀ, ଶ୍ରୀଜଗନ୍ନାଥ ଓ ସମୁଦ୍ର ତାଙ୍କ ପ୍ରାଥମିକ କାବ୍ୟ ଚେତନା ହେଲାବେଳେ ଆମ ଐତିହ୍ୟ, ଆମ ସାଂସ୍କୃତିକ ପରମ୍ପରା ହେଉଛି ତାଙ୍କର ଅନ୍ୟ ଏକ ଚୈତସତ୍ତା । ଅନ୍ୟପକ୍ଷରେ 'ଅନାମ' ଆନ୍ଦୋଳନ ବିଚାରଧାରାର ସେ ଥିଲେ ଅଗ୍ରଣୀ ଅନୁଗାମୀ ।

ତାଙ୍କର ପ୍ରଥମ ଉପନ୍ୟାସ ବଂଶୀଧର ଭୂୟାଁଙ୍କ ସମ୍ପାଦିତ 'ଜନସାହିତ୍ୟ'ରେ ପ୍ରକାଶ ପାଇଥିଲା । ସେ ଉପନ୍ୟାସର ନାମ ଥିଲା 'ବନବିହଙ୍ଗୀ' । ତାପରେ ଆହୁରି ଦୁଇଟି ଉପନ୍ୟାସ ଓ ଚାରୋଟି ଗଳ୍ପ ସଂକଳନ ପ୍ରକାଶ ପାଇ ତାଙ୍କର ଗଦ୍ୟ ସୃଜନ ପ୍ରତିଭାର ବଳିଷ୍ଠତାକୁ ପ୍ରମାଣ କରିଛି ।

ଜୀବନର ବହୁ ଅନୁଭବର ଧନୀ କବି ହରିହର ମିଶ୍ର ତାଙ୍କ ଠାଣିରେ ଯେତିକି ସମ୍ଭ୍ରାନ୍ତ ବାଣୀରେ ସେତିକି ଉଦାତ୍ତ ଓ ଶାଣିତ । କିଛି କିଛି ଭାବାବେଗ ତାଙ୍କୁ କରି ଦେଉଥିଲା ଛଳଛଳ ଓ ଆର୍ଦ୍ର । ଶୈଶବରୁ ଏଯାବତ୍ ବ୍ୟକ୍ତିଗତ, ସାଂସାରିକ ତତ୍ତ୍ୱ ବୃତ୍ତିଗତ ଜୀବନଯାତ୍ରା ପିଲାବେଳେ କୃଷ୍ଣ ବେଶ ଠାରୁ ଏଯାବତ୍ ତାଙ୍କର ବିପୁଳ ସୃଜନ ଯାତ୍ରା ସହିତ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ'ର ସମ୍ମାନଜନକ ସଭାପତି ପଦ ମଣ୍ଡନ ପର୍ଯ୍ୟନ୍ତ ତାଙ୍କର ପ୍ରଲମ୍ବିତ ଜୀବନରେଖାର ସ୍ୱର୍ଣ୍ଣିମ କାଳଖଣ୍ଡ ଯେତିକି ରୋଚକ ସେତିକି ତାତ୍ପର୍ଯ୍ୟପୂର୍ଣ୍ଣ । ସୁଖର କଥା ଖୁବ୍ ଶୀଘ୍ର ପ୍ରକାଶ ପାଉଛି ତାଙ୍କର ଆତ୍ମଜୀବନୀ 'କବି ଯେ ସତ ମିଛ କରି କହନ୍ତି', ଯାହାକି ହେବ ଓଡ଼ିଆ ସାହିତ୍ୟର ଆଗାମୀ ପିଢ଼ି ପାଇଁ ଏକ ଦୁର୍ମୂଲ୍ୟ ଦସ୍ତାବିଜ ।

ଏମିତି ଏକ ବୌଦ୍ଧିକ ପରିବେଶରେ ଥିଲେ ସମୟ ମନେ ପଡ଼େନାହିଁ, କିନ୍ତୁ ଘଡ଼ିରେ ଦୁଇଟା ବାଜିବାକୁ ଯାଉଥିଲା । କବି ହରିହର ମିଶ୍ର ଓ କବିପତ୍ନୀ ରାଜଲକ୍ଷ୍ମୀ ମାଉସୀଙ୍କର ତାଙ୍କ ଘରେ ମଧ୍ୟାହ୍ନ ଭୋଜନ କରିବାର ସଶ୍ରଦ୍ଧ ଆଗ୍ରହ ସସମ୍ମାନେ ଏଡ଼ିଦେଇ ଆମେ ଉଠିଲୁ । ଆମର ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ଅଛି ଯେ ।

ଉଭୟଙ୍କୁ ପ୍ରଣମାନ୍ତେ ଆମେ ବାହାରକୁ ଆସିଲୁ । ବାହାରେ ବର୍ଷା ଧୂଆ ଚକ୍‌ଚକ୍ ଆକାଶରୁ ବିଛେଇ ହେଇ ପଡୁଥିଲା ତୀର୍ଯ୍ୟକ ପାଣିଖରା ଆମେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଆଡ଼େ ମୁହାଁଇ ଥିବା ରାସ୍ତାରେ ପାଦ ଥାପିଲୁ ।


ମୋଡ଼ ମୁଣ୍ଡରେ ମୁଁ ବୁଲି ପଡ଼ି କବିଙ୍କ ଘର ଆଡ଼େ ଟିକେ ଚାହିଁଲି । ମୋତେ ଲାଗିଲା କବି ସେଠାରେ ଯେମିତି ଠିଆ ହେଇ କାହାକୁ ଅନିଶା କରି ଗାଉଛନ୍ତି: "ମୋ ପାଇଁ ସ୍ୱଚ୍ଛ ଏକ ଜଳଘଟ ଥୋଇ / କେଉଁଆଡ଼େ ଯାଇଚି ସେ / କବିତାର ମହାଦେବୀ / ଏଯାଏଁ ସେ ଆସିପାରି ନାହିଁ / ମୁଁ କଣ ବସିବି ଚାହିଁ / ତା ବାଟକୁ / ଯେଉଁ ପଥ କେବେ ସରେ ନାହିଁ !"

କବି ଶତାୟୁ ହୁଅନ୍ତୁ, ମୁଁ ଶ୍ରୀଜଗନ୍ନାଥଙ୍କୁ ହାତ ଯୋଡ଼ିଲି ।


SMILE GOLD JEWELLERS
SG
SMILE GOLD JEWELLERS
Festival Season Offer
Flat Making Charges 399
Flat Making Charges 499
ZERO
Making on advance deposits
Pay 11 months equally, after the 11th month you will be eligible to buy gold ornament for the same amount with absolutely free making charges. T&C Apply.
• Lowest Gold price in Odisha • Free Gold Testing
• Guarantee for Purity • Life time free Servicing
Plot No B38, Fancy Market, Saheed Nagar,
BBSR, 9438019696, 9438029797

ପ୍ରସଙ୍ଗ - ୧

# କଥା କହେ :



# କନିକା ରାଜପ୍ରାସାଦ



# ଓଡ଼ିଶାର 'ବକିଂହାମ୍ ପେଲେସ୍' : କନିକା ରାଜପ୍ରାସାଦ

କନିକା ରାଜପ୍ରାସାଦକୁ ଓଡ଼ିଶାର 'ବକିଂହାମ୍ ପ୍ୟାଲେସ୍' ବୋଲି କୁହାଯାଏ । ଲଣ୍ଡନର ବକିଂହାମ୍ ପ୍ୟାଲେସ୍ ଶୈଳୀରେ ଏହି ରାଜଉଆସଟି ନିର୍ମିତ ହୋଇଥିବାରୁ ସମ୍ଭବତଃ ଏହାକୁ ଏଭଳି ସମ୍ବୋଧନ କରାଯାଇଥାଏ । ଓଡ଼ିଶାରେ ଯେତେ ରାଜପ୍ରାସାଦ ରହିଛି, ସମ୍ଭବତଃ କନିକା ରାଜପ୍ରାସାଦର ରାଜକୀୟ ଠାଣି ଓ ଏହାର ଭାସ୍କର୍ଯ୍ୟ କଳା ନିଆରା ବୋଲି ଗବେଷକମାନେ ମତବ୍ୟକ୍ତ କରିଥାନ୍ତି । କନିକାର ଲୋକପ୍ରିୟ ମହାରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବଙ୍କ ବିଚକ୍ଷଣ ପ୍ରଶାସନିକ ଦକ୍ଷତା ଓ ଦୂରଦର୍ଶିତାର ପରିଣାମ ଏହି ରାଜକୀୟ ନିର୍ମାଣଟି ଓଡ଼ିଶାର ଏକ ଅନନ୍ୟ କଳା ପରମ୍ପରା । ଏଥିରେ କେବଳ ଓଡ଼ିଶା କାହିଁକି ଇଂଲଣ୍ଡ, ଜର୍ମାନୀ, ପଶ୍ଚିମବଙ୍ଗର କଳା କାରିଗରି ଦକ୍ଷତା ପ୍ରତିଫଳିତ ହୋଇଛି ।

କେନ୍ଦ୍ରାପଡ଼ା ସଦର ମହକୁମା ଠାରୁ ୫୫ କିଲୋମିଟର ଦୂର ରାଜକନିକା ବ୍ଲକ ସଦର ମହକୁମା ନିକଟରେ ଓଡ଼ିଶାର ଏହି ଅନ୍ୟତମ ପ୍ରାଚୀନ ଓ ଶ୍ରେଷ୍ଠ ସୌଧ ରହିଛି । ସରକାରୀ ନଥି ଅନୁସାରେ, କନିକା ରାଜବାଟୀ ସହିତ ଘେରି ରହିଥିବା ପଚାଶ ଏକର ସ୍ଥାନ ଗଞ୍ଜା ମୌଜା ଅନ୍ତର୍ଭୁକ୍ତ । ଉଭୟ ବୈତରଣୀ ଓ ଖରସ୍ରୋତା ନଦୀଦ୍ୱୟର ଉଚ୍ଚ ବାଲୁକା ଉପତ୍ୟକାରେ ୧୯୦୯ ମସିହା ଜୁନ୍ ୯ ତାରିଖରେ ଏହି ରାଜଉଆସଟି ନିର୍ମିତ ହୋଇଥିଲା । କନିକା ରାଜବଂଶର ୩୪ତମ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଏହି ରାଜପ୍ରାସାଦ ନିର୍ମାଣ କରିଥିଲେ । ପ୍ରାୟ ଚାରି ଏକର ଜମି ଉପରେ ନିର୍ମିତ ଓ ୭୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ରାଜପ୍ରାସାଦକୁ କଲିକତାର 'ବାର୍ଡ ଆଣ୍ଡ କୋ' କମ୍ପାନି ନିର୍ମାଣ କରିଥିଲା । ଏହା ଲଣ୍ଡନରେ ଥିବା ବକିଂହାମ୍ ରାଜପ୍ରାସାଦ ଶୈଳୀରେ ନିର୍ମିତ ହୋଇଛି । ଏହି ରାଜପ୍ରାସାଦ ନିର୍ମାଣ କାମ ଶେଷ ହେବାକୁ ଦଶ ବର୍ଷ ଲାଗି ଯାଇଥିଲା । କନିକା ରାଜପ୍ରାସାଦଟି ନରାଜ ପାହାଡ଼ରୁ ଆନିତ ପଥର, ବ୍ରହ୍ମଦେଶର ଶାଗୁଆନ କାଠ, କଲିକତି ନିର୍ମାଣ ଉପକରଣ, ଇଟାଲିର ଟାଇଲ ଓ ବେଲ୍‌ଜିୟମ୍‌ର କାଚର ସାମଗ୍ରୀକ ଉପକରଣରେ ନିର୍ମିତ ହୋଇଛି ବୋଲି କୁହାଯାଏ । ଏହି ଦ୍ୱିତଳ ବିଶିଷ୍ଟ ସୌଧ ଚାରିପଟେ ଘେରି ରହିଛି ତିନି କିଲୋମିଟର ବ୍ୟାପୀ ସୁଉଚ୍ଚ ପ୍ରାଚୀର । ମୁଖ୍ୟ ଦ୍ୱାର କାରୁକାର୍ଯ୍ୟପୂର୍ଣ୍ଣ ହୋଇଥିବା ବେଳେ ପ୍ରାଚୀର ମଧ୍ୟରେ ଚାରିଗୋଟି ବୃହତ୍ ପୁଷ୍କରିଣୀ ରହିଛି । ୨୦୦୭ ମସିହା ଠାରୁ ଏହି ରାଜବାଟୀକୁ ସାଧାରଣ ଦର୍ଶକମାନଙ୍କ ନିମନ୍ତେ ଉନ୍ମୁକ୍ତ କରାଯାଇଛି । ଏହି ରାଜପ୍ରାସାଦ ମଧ୍ୟରେ ରାଣୀମାନଙ୍କର ବହୁମୂଲ୍ୟର ଶାଢୀ, ହାତୀଦାନ୍ତର ପଲଙ୍କ, ରାଜ ସିଂହାସନ, ରାଜକୀୟ ଅଳଙ୍କାର, ପୁରୁଣା ରାଜକୀୟ ଅସ୍ତ୍ରଶସ୍ତ୍ର, ତରବାରୀ ଓ ବିଦେଶୀ ବନ୍ଧୁକ ସହିତ ୩୦ରୁ ଊର୍ଦ୍ଧ୍ୱ ବାଘ ମୁଣ୍ଡ ଥିବା ଛାଲ, କୁମ୍ଭୀର ଛାଲ, ବଡ଼ବଡ଼ କୁମ୍ଭୀର ମୁଣ୍ଡ, ବାର୍ହା ମୁଣ୍ଡ, ହରିଣ ମୁଣ୍ଡ ଏବଂ ରାଜ ମୁକୁଟ ରହିଛି । ରାଜପ୍ରାସାଦ ମଧ୍ୟରେ ଏକ ଦୁର୍ଲଭ ପାଠାଗାର ମଧ୍ୟ ରହିଛି । ଏହି ଲାଇବ୍ରେରୀକୁ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ୧୯୧୬ ମସିହାରେ ପ୍ରତିଷ୍ଠା କରିଥିଲେ । ସମୁଦାୟ ରାଜପ୍ରାସାଦ ମଧ୍ୟରେ ୭୪ଟି ବୃହତ୍ କୋଠରୀ ରହିଛି । ରାଜଉଆସ ପରିସର ମଧ୍ୟରେ ପାଞ୍ଚଟି ପ୍ରଶସ୍ତ ପ୍ରାଙ୍ଗଣ ଓ ମା' ଜୟଦୁର୍ଗାଙ୍କ ମନ୍ଦିର ରହିଛି । ରାଜବାଟୀର ପଶ୍ଚାତ ଭାଗରେ ରାଣୀ ମହଲ ଏବଂ ପଶ୍ଚିମରେ ରାସ ପାର୍ଟିର ଭଗ୍ନ ରଙ୍ଗମଞ୍ଚ ରହିଛି । ରାଜପ୍ରାସାଦ ପରିସରରେ ବିଲିୟାର୍ଡ ଖେଳ ନିମନ୍ତେ ଏକ ସ୍ୱତନ୍ତ୍ର ବିଲିୟାର୍ଡ ଗୃହ ରହିଛି । ରାଜବାଟୀର ଉତ୍ତର-ପୂର୍ବ ଦିଗକୁ ଏକ ବିରାଟ ପୁଷ୍ପ ଉଦ୍ୟାନ ରହିଛି । ଏଠାରେ ଅତୀତରେ ନାନା ପ୍ରଜାତିର ଦେଶୀ ଓ ବିଦେଶୀ ଫୁଲ ଶୋଭା ପାଉଥିଲା । କନିକା ରାଜାଙ୍କର ଫୁଲ ପ୍ରତି ସ୍ୱତନ୍ତ୍ର ଆଗ୍ରହ ରହିଥିବାରୁ ଏଭଳି ଏକ ପୁଷ୍ପ ଉଦ୍ୟାନର ପରିକଳ୍ପନା କରାଯାଇଥିଲା ।

କବିବର ରାଧାନାଥ ରାୟଙ୍କ ସୁପୁତ୍ର ଶଶୀଭୂଷଣ ରାୟ ୧୯୧୨ ମସିହାରେ କିଛିଦିନ ପାଇଁ କନିକା ରାଜାଙ୍କ ଅତିଥି ହୋଇଥିଲେ । ସେତେବେଳକୁ କନିକା ରାଜପ୍ରାସାଦ ନିର୍ମାଣାଧୀନ ଅବସ୍ଥାରେ ଥିଲା । ଶଶୀଭୂଷଣ ରାୟ କନିକା ପରିଭ୍ରମଣ କରି 'କନିକା ଦର୍ଶନ' ପୁସ୍ତକରେ କନିକା ରାଜପ୍ରାସାଦ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ଶଶୀଭୂଷଣ କନିକାର ନବନିର୍ମିତ ରାଜପ୍ରାସାଦ ଦର୍ଶନରେ ଏତେମାତ୍ରାରେ ଅଭିଭୂତ ହୋଇ ପଡ଼ିଥିଲେ, ତାହା ତାଙ୍କ 'କନିକା ଦର୍ଶନ' ପୁସ୍ତକ (୧୯୫୧)ର ପ୍ରତିଟି ପୃଷ୍ଠାରୁ ବାରିହୋଇ ପଡ଼ିଥାଏ । ଶଶୀଭୂଷଣ ରାୟଙ୍କ 'କନିକା ଦର୍ଶନ' ପୁସ୍ତକରେ ଥିବା ବର୍ଣ୍ଣନା ଅନୁସାରେ, "ଏହି ନବନିର୍ମିତ ନବରର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । ମାତ୍ର ଆଜି ପର୍ଯ୍ୟନ୍ତ ଯାହା ହୋଇଅଛି ଦେଖିଲେ ଏହାକୁ ଉତ୍କଳର ଶ୍ରେଷ୍ଠତମ ସୌଧର ଆଖ୍ୟା ପ୍ରଦତ୍ତ ହୋଇପାରେ । ରାଜା ମହୋଦୟ ତିନି ଥର ବିଲାତ ଯାଇ ସମସ୍ତ ୟୁରୋପ ପରିଭ୍ରମଣ କରି ନିଜର ବହୁଦର୍ଶିତାର ଏହି ପ୍ରକାଣ୍ଡ ପ୍ରାସାଦ ନିର୍ମାଣ କରୁ ଅଛନ୍ତି । ସୁତରାଂ ରୁଚି, ଗଠନ ପ୍ରଣାଳୀ ଏବଂ ସଜାରେ ଏହା ଯେ ସର୍ବୋତ୍କୃଷ୍ଟ ହେବ, ଏଥିରେ ସନ୍ଦେହ କଣ ?"

ଶଶୀଭୂଷଣ ରାୟ କନିକା ରାଜପ୍ରାସାଦର ଉଚ୍ଚତାକୁ ନେଇ ପୁଣି ମଧ୍ୟ ଉଲ୍ଲେଖ କରିଛନ୍ତି, "ସୌଧ ଚୂଡ଼ା ଉପରୁ ବିଶାଳ ଦୃଶ୍ୟ ଦେଖିଲେ ହୃଦୟ ପୁଲକିତ ହୁଏ ଏବଂ ପ୍ରକୃତିର ବିଚିତ୍ର ସୌନ୍ଦର୍ଯ୍ୟ ନିଶ୍ଚୟ ଆସ୍ୱାଦନର ପୂର୍ଣ୍ଣ ସୁଯୋଗ ମିଳେ । ଏହି ପ୍ରାସାଦ ଉପରୁ ନୀଳଗିରିର ସ୍ୱର୍ଣ୍ଣଚୂଡ଼ ପାହାଡ଼, ମହୀପାଳ, ଦନ୍ତୁର ପର୍ବତସମୂହ, ମୟୂରଭଞ୍ଜର ମେଘାସନ, ଶିମିଳିପାଳ ଗିରିଶ୍ରେଣୀ, କପ୍ତିପଦାର ଶାରୀଶୁଆ, କେନ୍ଦୁଝରର ଅପ୍ରସିଦ୍ଧ ପର୍ବତମାଳା, ସୁକିନ୍ଦାର ଚମ୍ପକା ପର୍ବତ, ଦର୍ପଣୀର ମହାବିନାୟକ ଏବଂ ଚନ୍ଦନ ମଞ୍ଜୁଳ ଅଳତିଗିରି ସ୍ୱଷ୍ଟ ଦେଖାଯାଏ । ନଅରର ଚତୁର୍ଦ୍ଦିଗବେଷ୍ଟିତ ପ୍ରାଚୀର ବଡ଼ କମ୍ ନୁହେଁ । ସମସ୍ତ ପ୍ରାଚୀରଟି ଦୀର୍ଘରେ ଏକ ମାଇଲଠୁ ବେଶି ହେବ । ନଅରକୁ ଘେରି ରହିଥିବା ପ୍ରାଚୀରର ମୁଖ୍ୟ ଫାଟକର କାରୁକାର୍ଯ୍ୟ ଅତି ରମଣୀୟ । ଏହା ମଧ୍ୟରେ ବିସ୍ତୀର୍ଣ୍ଣ ଉଦ୍ୟାନ ଏବଂ ଚାରିଗୋଟି ପୁଷ୍କରିଣୀ । ଗୋଟିଏ ଉଦ୍ୟାନ ମଧ୍ୟରେ ୩୦/୪୦ ଗୋଟି ହରିଣ ଓ ସମ୍ବର ଅକୁତୋଭୟରେ ବିଚରଣ କରୁଥିବାର


**ରଞ୍ଜନ ପ୍ରଧାନ**

ଜିଲ୍ଲା ପ୍ରତିନିଧି, 'ସମ୍ବାଦ', କନ୍ଧମାଳ (ଫୁଲବାଣୀ)
ଫୋନ୍: ୯୪୩୭୨୧୩୮୫୪


ଫଟୋ ସୌଜନ୍ୟ: ଲେଖକ



ଲେଖକ ରଞ୍ଜନ ପ୍ରଧାନ

ଦେଖିଲି । ନଅରର ପ୍ରବେଶ ଦ୍ୱାର ସମ୍ମୁଖରେ ଗୋଟିଏ ପ୍ରକାଣ୍ଡ ପୁଷ୍କରିଣୀ, ପୁଷ୍କରିଣୀର ଚତୁଃପାର୍ଶ୍ୱରେ ଚାରୋଟି ପଥରର ଘାଟ । ରାଜ ନଅରକୁ ପରିବେଷ୍ଟିତ କରି ରହିଥିବା ଚାରିଗୋଟି ପୁଷ୍କରିଣୀମାନଙ୍କ ମଧ୍ୟରୁ ଚନ୍ଦନ ପୋଖରୀ ବୃହତ୍ତମ । ଏହାର ଚତୁଃପାର୍ଶ୍ୱରେ ପଥର ଘାଟ ନିର୍ମିତ । ପୁଷ୍କରିଣୀର ମଧ୍ୟଭାଗରେ ଦ୍ୱୀପସଦୃଶ ଏକ ସ୍ଥଳଭାଗ । ଏଥିରେ ପ୍ରତିବର୍ଷ ପାଳନ ହୁଏ ଶ୍ରୀଗୋପାଳଜୀଉ ଠାକୁରଙ୍କ ଚନ୍ଦନ ଚାପ ଉତ୍ସବ ।"

କନିକା ରାଜପ୍ରାସାଦ ଓଡ଼ିଶାର ଏକ ଶ୍ରେଷ୍ଠ ରାଜକୀୟ ଭାସ୍କର୍ଯ୍ୟକଳାର ନିଦର୍ଶନ । ଏଣୁ ଏହି ରାଜପ୍ରାସାଦ ପ୍ରତି ଦେଶବିଦେଶର ବହୁ ପର୍ଯ୍ୟଟକ, ଗବେଷକ ଆକୃଷ୍ଟ ହୋଇ ଏଠାକୁ ଆସିଥାନ୍ତି । ଅନେକ ସମୟରେ କନିକା ରାଜପ୍ରାସାଦରେ ବହୁ ସିନେମା, ଟେଲିଭିଜନ ଡକ୍ୟୁ ଫିଲ୍ମ ଓ ଓଡ଼ିଆ ଧାରାବାହିକ ସୁଟିଂ କରାଯାଇଛି । ଏହି ରାଜପ୍ରାସାଦର ଆକର୍ଷଣୀୟ ନିର୍ମାଣ ଶୈଳୀ ଅନେକ ସିନେମା ଓ ଟେଲି ଧାରାବାହିକ ପ୍ରଯୋଜକଙ୍କୁ ଆକୃଷ୍ଟ କରିପାରିଛି । ଏହି ରାଜପ୍ରାସାଦରେ ଓଡ଼ିଆ ସିନେମା 'ନଇ ସେପାରି କନକ ଗୋରୀ', 'ଚକୋଲେଟ୍' ଏବଂ ଟେଲି ଧାରାବାହିକ 'ଛ ମାଣ ଆଠ ଗୁଣ୍ଠ', 'ରାଜକନ୍ୟା', 'କାଞ୍ଚି ଅଭିଯାନ'ର ସୁଟିଂ ହୋଇଛି ବୋଲି କନିକା ରାଜାଙ୍କ ନଅର ମ୍ୟାନେଜରଙ୍କ ଠାରୁ ପ୍ରକାଶ ।


ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ

## ରାଜପ୍ରାସାଦରେ ପ୍ରାଚୀନ ସଂଗ୍ରହାଳୟ ଓ ପୁସ୍ତକାଳୟ

ରାଜକନିକା ଠାରେ ଥିବା ଓଡ଼ିଶାର ଏହି ଆଭିଜାତ୍ୟପୂର୍ଣ୍ଣ ରାଜପ୍ରାସାଦ ମଧ୍ୟରେ ଏକ ପ୍ରାଚୀନ ସଂଗ୍ରହାଳୟ ରହିଛି । ୧୯୭୦ ମସିହାରେ ଏହି ଦ୍ୱିତଳବିଶିଷ୍ଟ କନିକା ରାଜପ୍ରାସାଦର ତଳ ମହଲାକୁ 'ବନ୍ୟପ୍ରାଣୀ ସଂଗ୍ରହାଳୟ' ଭାବେ ବିକାଶ କରା ଯାଇଥିଲା । ଏହି ସଂଗ୍ରହାଳୟ ମଧ୍ୟରେ ବିଶ୍ୱର ସବୁଠୁ ବୃହତ୍ ଓ ଦୀର୍ଘତମ କୁମ୍ଭୀରର ଖପୁରୀ ସ୍ଥାନ ପାଇଛି । ବିଶ୍ୱର ପ୍ରସିଦ୍ଧ ସରୀସୃପ ବିଜ୍ଞାନୀ ଏଚ୍. ଆର୍. ବଷ୍ଟାର୍ଡ କନିକା ରାଜପ୍ରାସାଦ ମଧ୍ୟରେ ଥିବା ଏହି ସଂଗ୍ରହାଳୟକୁ ବୁଲି ଆସିଥିଲେ । ସଂଗ୍ରହାଳୟ ମଧ୍ୟରେ ଥିବା କୁମ୍ଭୀରର ଖପୁରୀକୁ ଦେଖି ସେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହିତ ଏହା ବିଶ୍ୱର ସର୍ବବୃହତ୍ କୁମ୍ଭୀର ଖପୁରୀ ବୋଲି ଘୋଷଣା କରିଥିଲେ । କନିକା ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ଏହି ବୃହତ୍ କୁମ୍ଭୀରକୁ ଶିକାର କରିଥିଲେ ବୋଲି କୁହାଯାଏ । ଏହି କୁମ୍ଭୀରଟି କନିକା ରାଜ୍ୟର ୨୬ ଜଣ ଲୋକଙ୍କୁ ଖାଇ ଯାଇଥିଲା ଏବଂ ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଥିଲେ ବୋଲି କୁହାଯାଏ । ତେବେ ବ୍ରିଟିଶ ମ୍ୟୁଜିୟମରେ ବିଶ୍ୱର ଦ୍ୱିତୀୟ ବୃହତ୍ତମ କୁମ୍ଭୀର ଖପୁରୀ ରହିଛି ବୋଲି ବଷ୍ଟାର୍ଡ କହିଥିଲେ । ଏହା ସହିତ ଏହି ସଂଗ୍ରହାଳୟରେ କନିକା ରାଜାଙ୍କର ବିଭିନ୍ନ ଶିକାର ସାମଗ୍ରୀ, ଅସ୍ତ୍ରଶସ୍ତ୍ର, ବନ୍ଧୁକ, ତରବାରୀ ମଧ୍ୟ ସ୍ଥାନ ପାଇଛି । କନିକା ରାଜାଙ୍କୁ ନେଇ ବହୁ ବିରଳ ଫଟୋ, ଚିତ୍ରପଟ୍ଟ, ରାଜକୀୟ ପୋଷାକ, ରାଜମୁକୁଟ, ବଡ଼ବଡ଼ ଦର୍ପଣ, ମୃଗଛାଲ, ବ୍ୟାଘ୍ର ଛାଲ ଆଦି ଜୀବଜନ୍ତୁଙ୍କ ଅବଶେଷ ମଧ୍ୟ ଏହି ସଂଗ୍ରହାଳୟରେ ଦେଖିବାକୁ ମିଳିଥାଏ । ଏହି ସଂଗ୍ରହାଳୟ ମଧ୍ୟରେ ବିରଳ ହାତୀଦାନ୍ତ ଓ ସବୁଠୁ ବଡ଼ ପୁରୁଷ ହାତୀର ଖପୁରୀ ମଧ୍ୟ ଦେଖିବାକୁ ମିଳିଥାଏ । କନିକା ରାଜପ୍ରାସାଦ ମଧ୍ୟରେ ଥିବା ଏହି ପ୍ରାଚୀନ ସଂଗ୍ରହାଳୟରେ ବିଶ୍ୱରର ସର୍ବ ବୃହତ୍ ମହାବଳ ବାଘ (ରୟାଲ ବେଙ୍ଗଲ ଟାଇଗର)ର ମୁଣ୍ଡ ସହ ଛାଲ ରହିଛି ।

ସେହିଭଳି କନିକା ରାଜପ୍ରାସାଦର ତଳ ମହଲାରେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବଙ୍କ ଉଦ୍ୟମରେ ଏକ ଲାଇବ୍ରେରୀ (ପୁସ୍ତକାଳୟ)ର ପରିକଳ୍ପନା କରାଯାଇଥିଲା । ରାଜପ୍ରାସାଦ ପରିସରରେ ଏକ ବିଶାଳକାୟ ପୁସ୍ତକାଳୟ ସେତେବେଳର ପଣ୍ଡିତ ଓ ପାଠକଙ୍କ ପାଇଁ ବେଶ୍ ଉପଯୋଗୀ ହୋଇ ପାରିଥିଲା । କେବଳ ପଣ୍ଡିତ, ବିଜ୍ଞ କାହିଁକି ସାଧାରଣ ଲୋକଟିଏ ମଧ୍ୟ କନିକା ରାଜପ୍ରାସାଦ ମଧ୍ୟରେ ଥିବା ଲାଇବ୍ରେରୀକୁ ଯାଇ ବହି ପଢ଼ାପଢ଼ି କରିପାରୁଥିଲେ । ଏହା କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବଙ୍କ ପୁସ୍ତକପ୍ରୀତିର ପରିଚୟ ପ୍ରଦାନ କରିଥାଏ ।

କନିକା ରାଜପ୍ରାସାଦକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ ପାଇଁ ଗତ ୨୦୧୬ ମସିହାରେ 'ୟୁନେସ୍କୋ' ଏବଂ 'ଆଇୟୁସିଏନ୍'ର ଦୁଇଟି ଦଳ ଏଠାକୁ ପରିଦର୍ଶନରେ ଆସିଥିଲେ । 'ଇଣ୍ଟରନ୍ୟାସନାଲ ୟୁନିୟନ ଫର୍ କନ୍‌ଜରଭେସନ ଅଫ୍ ନେଚର' (ଆଇୟୁସିଏନ୍)ର ଏକ ଦଳ ମଧ୍ୟ କନିକା ରାଜପ୍ରାସାଦ ବୁଲି ଆସି ଏହି ମ୍ୟୁଜିୟମରେ ଥିବା ଜୀବଜନ୍ତୁଙ୍କ ଅବଶେଷ ଓ ମୃତ ଶରୀରକୁ ଅନୁଧ୍ୟାନ କରି ଫେରି ଯାଇଛନ୍ତି । ତେବେ ଏହି ଦୁଇଟି ଅନୁଧ୍ୟାନକାରୀ ଦଳର ସୁପାରିଶ ପରେ କନିକାକୁ ଅନ୍ତର୍ଜାତୀୟ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

କନିକା ରାଜପ୍ରାସାଦର ଅନତି ଦୂରରେ ବିଶ୍ୱ ପ୍ରସିଦ୍ଧ ଭିତର କନିକା ଜାତୀୟ ଉଦ୍ୟାନ, ଗହୀରମଥା କଇଁଛ ଅଭୟାରଣ୍ୟ, ଦ୍ୱାର ନଥିବା ଶିଆଳିଆ ଗାଁ, ପେଣ୍ଠ ସମୁଦ୍ର ବେଳାଭୂମି ଆଦି ପର୍ଯ୍ୟଟନ ସ୍ଥଳ ଥିବାରୁ ଏଠାକୁ ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକମାନେ ଆସିଥାନ୍ତି ଓ କନିକା ରାଜପ୍ରାସାଦର ମହିମାମଣ୍ଡିତ କାରୁକାର୍ଯ୍ୟକୁ ଉପଭୋଗ କରିଥାନ୍ତି ।

କଟକର 'କନିକା କୋଠି', ଉତ୍କଳ ସମ୍ମିଳନୀ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ କଟକସ୍ଥିତ 'କନିକା କୋଠି'ଟି ଐତିହାସିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରିଥାଏ । କନିକା ରାଜାଙ୍କର ଏକ ରାଜପ୍ରାସାଦ କଟକରେ ରହିଥିଲା । ଏହା 'କନିକା କୋଠି' ନାମରେ ପରିଚିତ । ଏହି କନିକା କୋଠିଟି ମଧୁବାବୁଙ୍କ 'ଉତ୍କଳ ସମ୍ମିଳନୀ'ର ପ୍ରାଣକେନ୍ଦ୍ର ପାଲଟିଥିଲା । ଉତ୍କଳ ସମ୍ମିଳନୀକୁ ଯଦି କେଉଁ ଦେଶୀୟ ରାଜା ମନପ୍ରାଣ ଭରି ସହାୟତା ଓ ପ୍ରୋତ୍ସାହିତ କରୁଥିଲେ, ସେ ଉତ୍ସର୍ଗୀକୃତ ଓଡ଼ିଆ ରାଜା ହେଉଛନ୍ତି କନିକାର ମହାରାଜା ତଥା ମଧୁବାବୁଙ୍କ ଅନ୍ତରଙ୍ଗ ବନ୍ଧୁ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ । ଏହି 'କନିକା କୋଠି'ରୁ ହିଁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବୀଜ ବପନ କରାଯାଇଥିଲା । ଏଣୁ କଟକର 'କନିକା କୋଠି'କୁ ଓଡ଼ିଶାର ଜାତୀୟତାବୋଧ ଏବଂ ଓଡ଼ିଆତ୍ୱର ପ୍ରାଣକେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଜି କଟକ ସହରର କନିକା ଛକ ଠାରେ ଥିବା ଏହି 'କନିକା କୋଠି' ହିଁ ସମସ୍ତ ଐତିହାସିକ ଓ ଓଡ଼ିଆ ଜାତୀୟତାବୋଧର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ।

୧୯୦୩ ମସିହାରେ ତତ୍କାଳୀନ ମାନ୍ଦ୍ରାଜରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଓଡ଼ିଆ ପ୍ରତିନିଧି ଭାବେ ସ୍ୱାଭିମାନୀ ଓଡ଼ିଆ ମଧୁସୂଦନ ଦାସ ଓରଫ ମଧୁବାବୁ ଯୋଗ ଦେଇ ବିଭିନ୍ନ ପ୍ରଦେଶରେ ଥିବା ଓଡ଼ିଆମାନଙ୍କୁ ଏକ ଶାସନାଧୀନ କରାଇବାର ପ୍ରସ୍ତାବ ରଖିଥିଲେ । ତେଲୁଗୁ ପ୍ରତିନିଧିଗଣ ଏକଜୁଟ ହୋଇ ଗଞ୍ଜାମ ଜିଲ୍ଲା ଓ ମାନ୍ଦ୍ରାଜ ପ୍ରଦେଶର କୌଣସି ଅଂଶ ଓଡ଼ିଶା ସହ ମିଶିବ ନାହିଁ ବୋଲି ଦୃଢ଼ ଦାବିକୁ କଂଗ୍ରେସ ଗ୍ରହଣ କରି ନେଇଥିଲା । ବଙ୍ଗକୁ ଏକତ୍ର କରିବା ପାଇଁ ପ୍ରସ୍ତାବକୁ କଂଗ୍ରେସ ସ୍ୱାଗତ କରିଥିଲେ ମଧ୍ୟ ଓଡ଼ିଆଭାଷୀ ଅଂଚଳକୁ


ଭେଟ
ଆମ ମାଟିର ସ୍ୱର

ଏକତ୍ର କରିବା କ୍ଷେତ୍ରରେ କଂଗ୍ରେସ ଉଦାସୀନ ରହିଥିଲା । କଂଗ୍ରେସର ଏଭଳି ପକ୍ଷପାତି ନୀତିରେ ମଧୁବାବୁ ଭୀଷଣ କ୍ରୋଧାନ୍ୱିତ ହୋଇ ପଡ଼ିଥିଲେ । କଂଗ୍ରେସ ଦ୍ୱାରା ଓଡ଼ିଶାର ସ୍ୱାର୍ଥ ପୂରଣ ହୋଇ ପାରିବ ନାହିଁ ବୋଲି ଅନୁଭବ କରି ମଧୁବାବୁ କଂଗ୍ରେସ ସହ ନିଜର ସମସ୍ତ ସମ୍ପର୍କ ଛିନ୍ନ କରିଥିଲେ । ଏହାପରେ ମଧୁବାବୁ ଉତ୍କଳ ସମ୍ମିଳନୀକୁ ନେଇ ନୂଆ ସ୍ୱପ୍ନ ଦେଖିଥିଲେ । ଏଥିରେ ତାଙ୍କୁ ଉତ୍କଳ ପ୍ରାଣ କର୍ମବୀର ଗୌରୀଶଙ୍କର ରାୟ ଏବଂ ତାଙ୍କର ପରମ ମିତ୍ର କନିକାର ମହାରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ପ୍ରମୁଖ ଭାବେ ସହାୟତା କରିଥିଲେ । ଓଡ଼ିଆଙ୍କ ମଧ୍ୟରେ ସଚେତନତା ଓ ଜାତି ପ୍ରେମ ସୃଷ୍ଟି କରିବାରେ ମଧୁବାବୁ ନିଜର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ସେତେବେଳେ 'ଉତ୍କଳ ଦୀପିକା' ମାଧ୍ୟମରେ ମଧୁବାବୁ ଓଡ଼ିଆ ଜାତୀୟତାବୋଧ ସୃଷ୍ଟି କରିବାରେ ସଫଳ ହୋଇପାରିଥିଲେ । ଜାତୀୟତାବୋଧର ଏହି ଆହ୍ୱାନରେ ତତ୍କାଳୀନ ରାଜାମହାରାଜାମାନେ ମଧୁବାବୁଙ୍କ ହାତ ସହ ହାତ ମିଳାଇଥିଲେ । ତେବେ ମଧୁବାବୁଙ୍କ ହାତମୁଠାକୁ ଶକ୍ତ କରିବାକୁ ତାଙ୍କର ପରମମିତ୍ର ତଥା କନିକାର ମହାରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ପ୍ରଥମେ ଆଗେଇ ଆସିଥିଲେ । ମଧୁବାବୁଙ୍କ ଏତେବଡ଼ ଆୟୋଜନ (ଉତ୍କଳ ସମ୍ମିଳନୀ)କୁ ସଫଳ କରିବା ପାଇଁ ପ୍ରଥମେ ଯେ, ଏକ ବସାଉଠା ସ୍ଥାନର ଆବଶ୍ୟକ ପଡ଼ିବ ବୋଲି ହୃଦୟଙ୍ଗମ କରି କନିକା ରାଜା ରାଜେନ୍ଦ୍ର ନାରାୟଣ ନିଜର କଟକସ୍ଥିତ ରାଜପ୍ରାସାଦ 'କନିକା କୋଠି'କୁ ତାଙ୍କ ହାତରେ ଟେକି ଦେଇଥିଲେ ।

କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ମଧୁବାବୁଙ୍କର ଜଣେ ଅତି ଅନ୍ତରଙ୍ଗ ବନ୍ଧୁ ଥିଲେ । ଦୁଇ ବନ୍ଧୁ ଗଭୀର ଭାବେ ବିଚାର ବିମର୍ଷ କରି ସମଭାବାପନ୍ନ ଓଡ଼ିଆଙ୍କୁ ନେଇ ଉତ୍କଳ ସମ୍ମିଳନୀର ପରିକଳ୍ପନା କରିଥିଲେ । ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଆୟୋଜନରେ ମଧୁବାବୁଙ୍କୁ ସହାୟତା ଯୋଗେଇ ଦେଉଥିଲେ କନିକା ରାଜା ରାଜେନ୍ଦ୍ର ନାରାୟଣ । ଏମାନଙ୍କ ସହ ସେତେବେଳେ କର୍ମବୀର ଗୌରୀଶଙ୍କର ରାୟ, ଆଦିନେତା ବିଚିତ୍ରାନନ୍ଦ ଦାସ, ନାଟ୍ୟକାର ରାମଶଙ୍କର ରାୟ ପ୍ରମୁଖ ସାମିଲ ହୋଇଥିଲେ ।

କନିକା ରାଜାଙ୍କ କଟକସ୍ଥିତ 'କନିକା କୋଠି'ରେ ସେତେବେଳେ ଓଡ଼ିଶାର ବହୁ ବୁଦ୍ଧିଜୀବୀ, ରାଜା ମହାରାଜା, ସାମନ୍ତ, ଜମିଦାର, ସାହିତ୍ୟିକ, ନେତା ସମ୍ମିଳିତ ହେଉଥିଲେ । ଓଡ଼ିଶାର ଖଣ୍ଡବିଖଣ୍ଡିତ ଅଞ୍ଚଳକୁ ନେଇ 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ' ଗଠନର ସ୍ୱପ୍ନ ଦିନେ ଏଇ 'କନିକା କୋଠି'ରୁ ଦେଖା ଯାଇଥିଲା । ମଧୁବାବୁ ଅତି ଗଭୀର ଭାବେ ଅନୁଶୀଳନ କରି କନିକା ମହାରାଜାଙ୍କୁ ବ୍ରିଟିଶ କର୍ମକର୍ତ୍ତାଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା, ଖଲିକୋଟ ମହାରାଜା ହରିହର ମର୍ଦ୍ଦରାଜା ଓ ରାମଚନ୍ଦ୍ର ମର୍ଦ୍ଦରାଜଙ୍କୁ ସଂଗଠନ ଦାୟିତ୍ୱ, ପଣ୍ଡିତ ଗୋପବନ୍ଧୁଙ୍କୁ ସାମାଜିକ ଚେତନା ଓ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ରାଜନୈତିକ କାର୍ଯ୍ୟ ତୁଲାଇବାର ଦାୟିତ୍ୱ ଅର୍ପଣ କରିଥିଲେ । କଟକର ଇଦ୍‌ଗାହ ପଡ଼ିଆରେ ଅନୁଷ୍ଠିତ ହୋଇଥିବା ଐତିହାସିକ ଉତ୍କଳ ସମ୍ମିଳନୀର ସମ୍ପୂର୍ଣ୍ଣ ରୂପରେଖ 'କନିକା କୋଠି'ରେ ହିଁ ପ୍ରସ୍ତୁତ କରାଯାଇଥିଲା । କଟକର ଏହି ଐତିହାସିକ ରାଜପ୍ରାସାଦ 'କନିକା କୋଠି' କେବଳ ଉତ୍କଳ ସମ୍ମିଳନୀ ନୁହେଁ ବରଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଏନ୍ତୁଡ଼ିଶାଳ ଥିଲା ।

କଟକରେ ଥିବା କନିକା ରାଜପ୍ରାସାଦ (କନିକା କୋଠି)କୁ କେନ୍ଦ୍ର କରି କଟକ ସହରର ଛକର ନାମ ମଧ୍ୟ 'କନିକା ଛକ' ହୋଇଥିଲା । ତେବେ ଆଜି କଟକରେ ଥିବା ଏହି 'କନିକା କୋଠି' ଆମ ଓଡ଼ିଆଙ୍କ ପ୍ରାଚୀନ ଐତିହ୍ୟ ଓ ଜାତୀୟତାବୋଧର ମହିମା ଗାନ କରୁଛି ।

## କନିକା ରାଜବଂଶ ଓ ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ

ମୟୂରଭଞ୍ଜର ଭଞ୍ଜ ରାଜବଂଶର ଦାୟାଦ ଜଗଦୀଶ୍ୱର ଭଞ୍ଜ ଦ୍ୱାଦଶ ଶତାବ୍ଦୀ ବେଳକୁ କନିକା ଚାଲିଆସି ଛ'ମୁକା ଅଞ୍ଚଳକୁ ଜୟ କରି ଏଠାରେ କନିକା ରାଜବଂଶ ପ୍ରତିଷ୍ଠା କରିଥିଲେ । ରାଜା ଜଗଦୀଶ୍ୱର ଭଞ୍ଜ ଏବଂ ଏହି ବଂଶର ଦାୟାଦମାନେ କନିକାରେ ରାଜ୍ୟ ଶାସନ ଚଳାଇ ଆସିଥିଲେ । ମୟୂରଭଞ୍ଜର ଭଞ୍ଜ ରାଜାଙ୍କ ସନ୍ତକ ମୟୂର ଭଳି କନିକା ରାଜବଂଶର ରାଜଚିହ୍ନ ମଧ୍ୟ ମୟୂର । ରାଜା ଜଗଦୀଶ୍ୱର ଭଞ୍ଜ କନିକା ଅଞ୍ଚଳର ଛ'ମୁକା ଜୟ କରିବା ପୂର୍ବରୁ ଏ ଅଞ୍ଚଳ ସାଧବମାନଙ୍କ ଦ୍ୱାରା ଶାସିତ ହେଉଥିଲା ।

କନିକା ରାଜବଂଶର ନାମକରଣ ପଛରେ ଏକ କାହାଣୀ ରହିଛି । କୁଜଙ୍ଗ ରାଜାଙ୍କର ପ୍ରଥମ ରାଣୀଙ୍କର କୌଣସି ସନ୍ତାନସନ୍ତତି ନଥିଲେ । ରାଣୀ ମହାଦେବଙ୍କ ଅନ୍ନକଣିକା ସେବନ କରି ଯେଉଁ କନ୍ୟାସନ୍ତାନ ଜନ୍ମ ଦେଲେ ତାହାର ନାମ 'କଣିକା' ରଖିଥିଲେ । ରାଜା ଜଗଦୀଶ୍ୱର ଭଞ୍ଜ କୁଜଙ୍ଗ ରାଜଜେମା କଣିକାଙ୍କୁ ବିବାହ କରିବା ପରେ ରାଣୀ 'କଣିକା'ଙ୍କ ନାମାନୁସାରେ ନିଜ ରାଜ୍ୟର ନାମ 'କଣିକା' ବା 'କନିକା' ରଖିଥିଲେ । ରାଣୀ କନିକା ପୁରୀ ଶ୍ରୀମନ୍ଦିରରେ ଯେଉଁ ଖେଚେଡ଼ି ଅନ୍ନଭୋଗ ଖଞ୍ଜି ଦେଇଥିଲେ, ତାଙ୍କ ନାମାନୁସାରେ ତାହାକୁ 'କାନିକା' କୁହାଗଲା ।

ଜଗଦୀଶ୍ୱର ଭଞ୍ଜଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ରାଜାମାନେ କନିକାକୁ ଶାସନ କରିଥିଲେ । ତେବେ କନିକା ରାଜବଂଶର ୩୩ତମ ରାଜା ପଦ୍ମନାଭ ଭଞ୍ଜ ରାଜ୍ୟ ପରିଚାଳନାରେ ଉଦାସୀନ ରହିବାରୁ କନିକା ଇଷ୍ଟେଟ କର୍ମଚାରୀମାନେ ଆୟ ଠାରୁ ବ୍ୟୟ ଅଧିକ ଦର୍ଶାଇ ଅର୍ଥ ଆତ୍ମସାତ କଲେ । ଏଣୁ ଇଷ୍ଟେଟ୍ ଶାସନ ଚଳାଇ ନପାରି ରାଜା ପଦ୍ମନାଭ ଭଞ୍ଜ ଇଂରେଜ ସରକାରଙ୍କୁ ୧୮୬୨ ମସିହାରେ ଏହାର ଶାସନ ଭାର ଅର୍ପଣ କରି ସେହିବର୍ଷ କଟକ ତୁଳସୀପୁର ଠାରେ ଏକ ସୁରମ୍ୟ ପ୍ରାସାଦ ନିର୍ମାଣ କରି ସେଠାରେ ରହିଲେ । ଏହା କନିକା କୋଠି ନାମରେ ଖ୍ୟାତ ହେଲା ।

ରାଜା ପଦ୍ମନାଭ ଭଞ୍ଜ ନିଃସନ୍ତାନ ଥିବାରୁ ନୃପେନ୍ଦ୍ର ନାରାୟଣଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ । କିନ୍ତୁ ସେ ରାଜା ହେବା ପୂର୍ବରୁ ମାତ୍ର ୧୫ ବର୍ଷ ବୟସରେ ନାବାଳକ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ନୃପେନ୍ଦ୍ରଙ୍କୁ ମଧ୍ୟ କନିକା ରାଜ୍ୟର ୩୪ତମ ରାଜା ଭାବେ ଗ୍ରହଣ କରାଯାଇଥାଏ । ଏହାପରେ ରାଜା ପଦ୍ମନାଭ ଭଞ୍ଜ ନିଜ ଶଳା ତଥା ଆଳି ରାଜା ଯଦୁନାଥ ଦେବଙ୍କ ମଧ୍ୟମ



SUPRATIK INFRAVENTURES

# The best property in the town to live



Few Villas Available




2BHK, 3BHK & 4BHK Flats Available

## Ammenities



MULTI FACILITY GYM



SWIMMING POOL



ROOFTOP GARDEN



BANQUET HALL



**Supratik Infraventures Private Limited**

Branch Office: Alupur,Near Laxminaryan Temple, O.T. Road, Balasore - 756001

+91-7205330222 I sales@supratikinfraventures.com

www.supratikinfraventures.com

ପୁତ୍ର ବଂଶୀଧର ଦେବଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କଲେ । ବଂଶୀଧର ଦେବ ୧୮୯୬ ମସିହାରେ କନିକା ରାଜବଂଶର ୩୫ତମ ରାଜପଦ ଗ୍ରହଣ କରି ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ଭାବେ ପରିଚିତ ହେଲେ । ଏହା ପୂର୍ବରୁ କନିକାର ସମସ୍ତ ରାଜାମାନଙ୍କ ନାମ ସହ ଭଞ୍ଜ ଯୋଡ଼ା ଯାଉଥିବାବେଳେ ରାଜେନ୍ଦ୍ର ନାରାୟଣଙ୍କ କ୍ଷେତ୍ରରେ 'ଭଞ୍ଜଦେବ' ଯୋଡ଼ାଗଲା । ରାଜେନ୍ଦ୍ର ଓରଫ ବଂଶୀଧର ଆଳି ରାଜାଙ୍କ ସାଙ୍ଗିଆ 'ଦେବ' ଧାରୀ ଥିଲେ ଏବଂ କନିକାର ପୂର୍ବ ରାଜାମାନେ 'ଭଞ୍ଜ' ସାଙ୍ଗିଆ ଧାରୀ ଥିଲେ । ଏଣୁ ଉଭୟ 'ଭଞ୍ଜ' ଓ 'ଦେବ' ସାଙ୍ଗିଆକୁ ମିଶ୍ରଣ କରି କନିକାର ନୂତନ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ଭାବେ ପରିଚିତ ହେଲେ ।



ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ୨୧ ବର୍ଷ ବୟସରେ ୧୯୦୨ ମସିହାରେ କନିକାର ରାଜଭାର ଗ୍ରହଣ କଲେ । ତେବେ ସେତେବେଳକୁ କନିକା ରାଜ୍ୟ ନାନା ପ୍ରକାର ସମସ୍ୟାରେ ବୁଡ଼ି ରହିଥିଲା । କନିକା ରାଜ୍ୟର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସ୍ଥିତି ଖୁବ୍ ଦୁର୍ବଳ ହୋଇ ପଡ଼ିଥିଲା । ସ୍ୱର୍ଗତଃ ପିତା ପଦ୍ମନାଭ ଭଞ୍ଜଙ୍କ ସମୟରୁ କନିକା ରାଜ୍ୟ ଋଣଭାରରେ ବୁଡ଼ି ରହିଥିଲା । ତେବେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବଙ୍କ ତ୍ୱରିତ ଓ ସମୟୋଚିତ ପଦକ୍ଷେପ ତଥା ସୁଶାସନ ଯୋଗୁଁ କନିକା ରାଜ୍ୟ ନିଜର ପୂର୍ବ ଗୌରବ ଫେରି ପାଇଥିଲା । ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ରେଭେନ୍‌ଶା କଲିଜିଏଟ୍ ସ୍କୁଲ ଏବଂ ରେଭେନ୍‌ଶା କଲେଜରେ ଅଧ୍ୟୟନ କରିଥିଲେ । ବିଲାତରେ ବାରିଷ୍ଟର ପଢ଼ିଥିଲେ ଏବଂ ଜଣେ ଉଚ୍ଚ ଶିକ୍ଷିତ ରାଜା ଥିବାରୁ ରାଜ୍ୟ ଶାସନରେ ଅନେକ ସଂସ୍କାର ଆଣିପାରିଥିଲେ ।

ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ୧୯୦୭ ମସିହାରୁ ବଡ଼ଲାଟ୍ ସଭାର ଜଣେ ସଦସ୍ୟ ଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସ ତାଙ୍କର ଆଇନ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ । ଏଣୁ ଦେଶବିଦେଶ ଭ୍ରମଣ ଓ ଅବସ୍ଥାନ ଯୋଗୁଁ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ସେଠାକାର ଉନ୍ନତ ତଥା ପ୍ରଗତିଶୀଳ ଶାସନ ସଂସ୍କାର ପ୍ରଣାଳୀ ଦ୍ୱାରା ପ୍ରଭାବିତ ହୋଇ ନିଜ ରାଜ୍ୟରେ ଅନେକ ପ୍ରକାର ସଂସ୍କାରମୂଳକ ତଥା ଲୋକାଭିମୁଖୀ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ।

ରାଜେନ୍ଦ୍ର ନାରାୟଣ ଭଞ୍ଜଦେବଙ୍କ ସମୟରେ ହିଁ ବର୍ତ୍ତମାନର କନିକା ରାଜପ୍ରାସାଦ ନିର୍ମିତ ହୋଇଥିଲା । ରାଜେନ୍ଦ୍ର ନାରାୟଣ ଲଣ୍ଡନ ଫେରିବା ପରେ ବକିଂହାମ୍ ପ୍ୟାଲେସ୍ ଶୈଳୀରେ ନିଜ ରାଜାପ୍ରାସାଦ ନିର୍ମାଣ କରିବାକୁ ଇଚ୍ଛା ପ୍ରକଟ କରିଥିଲେ । ରାଜେନ୍ଦ୍ର ନାରାୟଣ ଭଞ୍ଜଦେବଙ୍କ ସମୟରୁ ହିଁ କନିକା ରାଜ୍ୟରେ ଅନେକ ସଂସ୍କାରମୂଳକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ତାଙ୍କ ସମୟରେ ଶାସନଗତ ସୁବିଧା ଦୃଷ୍ଟିରୁ କନିକା ରାଜ୍ୟକୁ ଚାରିଗୋଟି ସବ୍ ଡିଭିଜନରେ ବିଭକ୍ତ କରିଥିଲେ । ତାଙ୍କ ଶାସନ କାଳରେ ହିଁ କନିକା ରାଜ୍ୟରେ ଟେଲିଫୋନ୍ ସେବା, କଚେରୀ ପ୍ରତିଷ୍ଠା, ଡାକଘର, ଟେଲିଗ୍ରାଫ୍ ଅଫିସ୍, ଡାକ୍ତରଖାନା, ସବ୍ ରେଜିଷ୍ଟ୍ରାର ଅଫିସ୍, ଥାନା ଆଦି ପ୍ରତିଷ୍ଠା ହୋଇଥିଲା ।

କଟକରେ ଥିବା କନିକା କୋଠି ସେତେବେଳେ ଉତ୍କଳ ସମ୍ମିଳନୀର ମୁଖ୍ୟ ଦପ୍ତର ଭାବେ କାର୍ଯ୍ୟ କରୁଥିଲା । ସୁଶାସନ ଏବଂ ଦକ୍ଷ ପ୍ରଶାସନ ପାଇଁ ତତ୍କାଳୀନ ଭାରତ ସରକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବଙ୍କୁ 'ସାର୍', 'ନାଇଟ୍', 'ରାଜାବାହାଦୁର' ଆଦି ଉପାଧି ପ୍ରଦାନ କରିଥିଲେ । ଇଂରାଜି ଭାଷାରେ ରାଜେନ୍ଦ୍ର ନାରାୟଣଙ୍କ ଅଦ୍ଭୁତ ଦକ୍ଷତା ଥିବାରୁ ସେ ସମସ୍ତ କାର୍ଯ୍ୟ ଅତି ସୁଚାରୁ ରୂପେ ସମ୍ପାଦନ କରିପାରୁଥିଲେ । ତାଙ୍କର କାର୍ଯ୍ୟଦକ୍ଷତା ଓ ଜ୍ଞାନଗରିମାକୁ ଲକ୍ଷ୍ୟ କରି ତାଙ୍କୁ ଭାରତୀୟ ବ୍ୟବସ୍ଥାପକ ସଭାର ସଦସ୍ୟ ଭାବେ ନିଯୁକ୍ତ କରାଯାଇଥିଲା । ସେ ଲଣ୍ଡନସ୍ଥିତ ରୟାଲ ଏସିଆଟିକ୍ ସୋସାଇଟିର ସଦସ୍ୟ ଏବଂ ଫେଲୋ ଏବଂ ବିହାର-ଓଡ଼ିଶା ରାଜ୍ୟର ଅର୍ଥମନ୍ତ୍ରୀ ଥିଲେ । ସେ ସ୍ୱଳ୍ପକାଳୀନ ପାଇଁ ଲାଟ୍ ସାହେବ ଦାୟିତ୍ୱ ମଧ୍ୟ ବହନ କରିଥିଲେ ।

କନିକା ରାଜା ରାଜେନ୍ଦ୍ର ନାରାୟଣଙ୍କ ସହିତ ପଣ୍ଡିତ ଜବାହର ଲାଲ ନେହେରୁ, ମହମ୍ମଦ ଅଲ୍ଲି ଜିନ୍ନା, ମଦନ ମୋହନ ମାଲବ୍ୟ, ସୁରେନ୍ଦ୍ର ନାଥ ବାନାର୍ଜୀ, ଗୋପାଳ କୃଷ୍ଣ ଗୋଖ୍‌ଲେଙ୍କ ଭଳି ନେତାଙ୍କ ସହ ଅତି ଘନିଷ୍ଠ ସମ୍ପର୍କ ଥିଲା । ସମ୍ବିଧାନ ବିଶ୍ଳେଷଣ ଓ ଆଇନ ପ୍ରଣୟନ କ୍ଷେତ୍ରରେ ତାଙ୍କର ଅଗାଧ ଜ୍ଞାନ ଓ ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ଥିବାରୁ ତାଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କମିଟିରେ ସ୍ଥାନିତ କରାଯାଇଥିଲା ।

## ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେବ

ପିତା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବଙ୍କ ଆଦର୍ଶ ଓ ସୁଶାସନର ପଥ ଅନୁସରଣ କରି ପୁତ୍ର ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେବ ମଧ୍ୟ ଉତ୍ତମ ଶାସନ କରିଥିଲେ । ଓଡ଼ିଆ ଭାଷା ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧ୍ୟ ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେବଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶୈଳେନ୍ଦ୍ର ନାରାୟଣ ୧୯୦୮ ମସିହାରେ ନବନିର୍ମିତ କନିକା ରାଜପ୍ରାସାଦରେ ଜନ୍ମଗ୍ରହଣ କରିଥିଲେ । ରାଜା ଶୈଳେନ୍ଦ୍ର ନାରାୟଣଙ୍କ ସମୟରେ ଭାରତ ସ୍ୱାଧୀନତା ଲାଭ କରିଥିଲା ଏବଂ ଦେଶରୁ ରାଜାରାଜୁଡ଼ା ଶାସନର ବିଲୋପ ଘଟିଥିଲା । ମାତ୍ର ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେବ ସାଧାରଣ ନିର୍ବାଚନରେ ଅଂଶଗ୍ରହଣ କରି ବିପୁଳ ଭୋଟରେ ବିଜୟୀ ହୋଇ ରାଜ୍ୟ ସରକାରଙ୍କ ଅତି ଗୁରୁତ୍ୱପୂର୍ଣ୍ଣ ପୂର୍ତ୍ତ, ନଗର ଉନ୍ନୟନ ଓ ଜଳସେଚନ ବିଭାଗର ମନ୍ତ୍ରୀ ହୋଇଥିଲେ । ରାଜା ଶୈଳେନ୍ଦ୍ର ନାରାୟଣଙ୍କ ସମୟରେ କନିକା ରାଜପ୍ରାସାଦର ଅନେକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଥିଲା ।

## ଶେଷ କଥା

ବିଚକ୍ଷଣ ଧୀସମ୍ପନ୍ନ ଓ ଦୂରଦୃଷ୍ଟିସମ୍ପନ୍ନ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଅନ୍ୟତମ ବିନ୍ଧାଣୀ କନିକା ମହାରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବଙ୍କ ଦ୍ୱାରା ନିର୍ମିତ କନିକା ରାଜପ୍ରାସାଦ ସମ୍ଭବତଃ ଓଡ଼ିଶାର ଏକ ଶ୍ରେଷ୍ଠ ରାଜକୀୟ ନିଦର୍ଶନ । ଓଡ଼ିଶାରେ ଅନେକ ରାଜକୀୟ ପ୍ରାସାଦ ରହିଛି । ମାତ୍ର କନିକା ରାଜପ୍ରାସାଦର ଗଠନ ଓ ନିର୍ମାଣଶୈଳୀ ଅନ୍ୟମାନଙ୍କ ତୁଳନାରେ ସ୍ୱତନ୍ତ୍ର । କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ବାରିଷ୍ଟର ବିଦ୍ୟା ଅଧ୍ୟୟନ ପାଇଁ ହେଉ କି ବିଶେଷ କାର୍ଯ୍ୟକ୍ରମରେ ଲଣ୍ଡନ ବୁଲିଯିବା ଫଳରେ ସେ ଲଣ୍ଡନର ବକିଂହାମ୍ ପ୍ୟାଲେସ ଦ୍ୱାରା ପ୍ରଭାବିତ ହୋଇ ଠିକ୍ ଅନୁରୂପ ଶୈଳୀରେ କନିକା ରାଜପ୍ରାସାଦ ନିର୍ମାଣ କରିବା ପଛରେ ତାଙ୍କର ଦୂରଦର୍ଶିତାର ପରିଚୟ ମିଳିଥାଏ । ଆଜି ସିନା ରାଜକୀୟ ଶାସନ ବ୍ୟବସ୍ଥା ଓ ପରମ୍ପରା ଆମ ଦେଶରୁ ଲୋପ ପାଇଛି, ମାତ୍ର ସେମାନଙ୍କ ଦ୍ୱାରା ସ୍ଥାପିତ ରାଜକୀୟ ନିର୍ମାଣ ଆମମାନଙ୍କ ପାଇଁ ଏକ ଶ୍ରେଷ୍ଠ ନମୁନା ଭାବେ ଇତିହାସର ପୃଷ୍ଠା ଲେଉଟାଇଥାଏ । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି କନିକା ରାଜପ୍ରାସାଦ ।




# Utkalika

1959

**63 years of Excellence**

## Pioneer of Cultural Heritage Since 1959

*Odisha's Art & Crafts has occupied a significant place in the world due to its intricacy and exclusiveness. Watch the creativity in myriad shades of Odisha handloom and handicrafts at Utkalika. Every single rendition is a breathtaking example of Odisha's traditional heritage and artistry.*



### Our Branches

**Inside the State**

| | | |
|---|---|---|
| Bhubaneswar | : | 1. Unit-II, Market Building<br>2. Airport |
| Cuttack | : | Dargha Bazar |
| Rourkela | : | Sector- 5 |
| Puri | : | Grand Road |
| Jeypore | : | Debottar Market |
| Sambalpur | : | VSS Marg |

**Outside the State**

| | | |
|---|---|---|
| New Delhi | : | Baba Kharag Singh Marg, |
| Kolkata | : | Dhakuria |
| Hyderabad | : | Saifabad |
| Pune | : | Farguson Road |
| Mumbai | : | Navi Mumbai |
| Bengaluru | : | Residency Road |

**Authentic Handloom & Handicraft of Odisha**

**www.utkalikaodisha.com**

**Odisha State Co-operative Handicrafts Corporation Ltd. (Utkalika)**

(Under Handlooms, Textiles & Handicrafts Dept., Govt. of Odisha)

D- 2/3, Industrial Estate, Rasulgarh, Bhubaneswar- 751010

Phone- 0674-2549090, E-mail : oschcltd@gmail.com, Website : www.utkalika.co.in



# ଉଦୟପୁର



# ରାଜପ୍ରାସାଦ

# ଉଦୟପୁରର ରାଜପ୍ରାସାଦ


## ଦେବଯାନୀ ରାୟ

ରାମଚନ୍ଦ୍ରପୁର ବଜାର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଛ, ଜଟଣୀ, ଖୋର୍ଦ୍ଧା-୭୫୨୦୫୦

ଫୋନ : ୯୪୩୭୪୧୩୩୧୪


ଫଟୋ ସୌଜନ୍ୟ : ଲେଖିକା

ବର୍ଷାର ପ୍ରଭାବ କମି କମି ଆସିଥିଲା । ତଥାପି ମଝିରେ ମଝିରେ ଫରିଫରି ବର୍ଷା ଲାଗି ରହୁଥିଲା । ଅକ୍ଟୋବର ମାସ ପୂଜା ଛୁଟିରେ ରାଜସ୍ଥାନର ଗୋଲାପି ଦୃଶ୍ୟ ଏବଂ ଇତିହାସ ପ୍ରସିଦ୍ଧ ସ୍ଥାନଗୁଡ଼ିକୁ ଦେଖିବାକୁ ଆଉ ଏହାର ପ୍ରସିଦ୍ଧ ସହର ଉଦୟପୁରର ରାଜାରାଜୁଡ଼ାଙ୍କ ବୀରତ୍ୱର ଗାଥାକୁ ଅଙ୍ଗେ ଅଙ୍ଗେ ଅନୁଭବ କରିବା ପାଇଁ ମନ ଭିତରେ ଖୁସିର ଲହରୀ ସମୁଦ୍ରର ଉର୍ମିମାଳା ପରି ଉଚ୍ଛୁଳି ଉଠୁଥାଏ । ତେବେ ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁସାରେ ୧୬.୧୦.୨୦୧୮ରିଖ ଦିନ ସକାଳ ୧୦ଟାରେ ଆମେ ଦୁଇପ୍ରାଣୀ ଆମର ଦୁଇ ଅମୂଲ୍ୟ ରତ୍ନ ଝିଅ ଓ ପୁଅ, ଝିଆରୀ, ଭାଇ ଭାଉଜ ଓ ତାର ପାଞ୍ଚବର୍ଷର ପୁଅ ସମୁଦାୟ ଆଠଜଣ ଭୁବନେଶ୍ୱର ଏୟାରପୋର୍ଟରୁ ବମ୍ବେ ଅଭିମୁଖେ ଯାତ୍ରା ଆରମ୍ଭ କରିଲୁ । ସେଠାରୁ ପୁଣି ଦିନ ୧୨ଟା ସମୟରେ ଉଦୟପୁର ଯିବା ପାଇଁ ଉଡ଼ାଣ ଭରିଲୁ । ଉଦୟପୁର ଏୟାରପାର୍ଟରେ ଦିନ ୪.୦୦ ସମୟରେ ପହଞ୍ଚିବା ପରେ ସେଠାରେ ପୂର୍ବରୁ ଠିକ୍ କରାଯାଇଥିବା ଟ୍ରାଭେଲ୍‌ର ଗାଡ଼ି ଆମମାନଙ୍କୁ ଉଦୟପୁରର ଏକ ସାନଦାର ହୋଟେଲରେ ପହଞ୍ଚାଇ ଦେଇଥିଲ ।

ସେଦନ ରାତିରେ ହୋଟେଲର ଡିମ୍ ଲାଇଟ୍‌ରେ ରାତ୍ରିଭୋଜନ ସମାପନ ପରେ ଆମେ ସମସ୍ତେ ଭିନ୍ନ ଭିନ୍ନ କୋଠରୀରେ ବିଶ୍ରାମ ନେଇଥିଲୁ । ତା' ପରଦିନ ସକାଳୁ ପ୍ରଥମେ ଚିତ୍ତୋରଗଡ଼ ବାହାରିଲୁ । ଏଠାରେ କହିରଖେ, ଉଦୟପୁରର ରାଜଭବନ ସହିତ ଚିତ୍ତୋରଗଡ଼ ଓତଃପ୍ରୋତ ଭାବରେ ଜଡ଼ିତ । ତେଣୁ ଉଦୟପୁରର ରାଜପ୍ରାସାଦ ଉପରେ ବର୍ଣ୍ଣନା କରିବା ପୂର୍ବରୁ ଚିତ୍ତୋରଗଡ଼ ଉପରେ ସମ୍ୟକ ଟିପ୍ପଣୀ ପ୍ରଦାନ କରିବାକୁ ଯୁକ୍ତିଯୁକ୍ତ ମନେ କରୁଛି । କାରଣ ଉଦୟପୁର ଚିତ୍ତୋରଗଡ଼ ଦେଖିସାରିବା ପରେ (CityPalace) ରାଜ ମହଲ ବିଷୟରେ ସମସ୍ତ ତଥ୍ୟ ଠିକ୍ ଠିକ୍ ବୁଝି ହୋଇଥାଏ । ଦୁର୍ଗ ଉପରକୁ ଉଠିବା ପାଇଁ ଟ୍ରାଭେଲ୍‌ଗାଡ଼ିକୁ ଅନୁମତି ନଥିଲା, ତେଣୁ ସେଠାରୁ ଅଟୋ ଧରି ଦୁର୍ଗ ବୁଲିବାକୁ ଗଲୁ । ସେହି ଅଟୋ ଚାଳକ ହିଁ ଗାଇଡ୍ ଥିଲେ । ମଝିରେ ମଝିରେ ବିଭିନ୍ନ ମନ୍ଦିର ଏବଂ ଐତିହାସିକ ସ୍ଥଳ ମାନଙ୍କରେ ଅଟୋ ରଖି ଆମମାନଙ୍କୁ ବୁଲି ଦେଖାଇବା ସହିତ ସେହି ସ୍ଥାନ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରୁଥାନ୍ତି । ଯେମିତିକି ରାଣୀ ମୀରାବାଇ ମନ୍ଦିର ଏବଂ ଶ୍ରୀକୃଷ୍ଣଙ୍କ ମନ୍ଦିର । କାଳିକା ମାତା ମନ୍ଦିର, ଗୋମୁଖ କୁଣ୍ଡ, ସୂର୍ଯ୍ୟକୁଣ୍ଡ, ରାଣୀ ପଦ୍ମିନୀ ମହଲ, ସମାଧୀକ୍ଷର ମନ୍ଦିର, ମହାସତୀ ଦାହସ୍ଥାନ, ବିଜୟ ସ୍ତମ୍ଭ ଜୟସ୍ତମ୍ଭ, କୀର୍ତ୍ତି ସ୍ତମ୍ଭ ଅନ୍ୟତମ ।

ରାଜସ୍ଥାନର ଚିତ୍ତୋରଗଡ଼ ଜିଲ୍ଲାର ବେରାଚ ନଦୀ କୂଳରେ ରାଜସ୍ଥାନର ସବୁଠାରୁ ବଡ଼ଦୁର୍ଗ ଚିତ୍ତୋରଗଡ଼ ଅବସ୍ଥିତ । ଯାହାର ନିର୍ମାଣ ସପ୍ତମ ଶତାବ୍ଦୀରେ ମୌର୍ଯ୍ୟ ଶାସକଙ୍କ ଦ୍ୱାରା କରାଯାଇଥିଲା । ଏହା କେବଳ ରାଜସ୍ଥାନର ଗୌରବ ନୁହେଁ, ବରଂ ଭାରତର ସାହସୀ ଯୋଦ୍ଧାମାନଙ୍କର ଏକ ବିରାଟ ଐତିହ୍ୟପୂର୍ଣ୍ଣ ଦୁର୍ଗ ଅଟେ । ପ୍ରାୟ ସାତଶହ ଏକର ଜମିରେ ବିସ୍ତାରିତ ଏହି ଦୁର୍ଗ ନିଜର ଭବ୍ୟ ସୌନ୍ଦର୍ଯ୍ୟ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି । ସେଥିପାଇଁ ୨୦୧୩ ମସିହାରେ ବିଶ୍ୱ ପ୍ରସିଦ୍ଧ ଦୁର୍ଗ ଭାବରେ ଏହା ୟୁନେସ୍କୋ ଘୋଷିତ ହୋଇଛି । ଏହି ଦୁର୍ଗକୁ ନେଇ ଏକ କିମ୍ବଦନ୍ତୀ ରହିଛି । କୁହାଯାଏ କି ମହାଭାରତର ପାଣ୍ଡବ ପାଞ୍ଚଭାଇଙ୍କ ମଧ୍ୟରୁ ସବୁଠାରୁ ବଳଶାଳୀ ପାଣ୍ଡବ ଭୀମ ଏହି ବିଶାଳକାୟ ଦୁର୍ଗର ନିର୍ମାଣ କରିଥିଲେ । ତାଙ୍କର ନାମ ଅନୁସାରେ ଭୀମତାଲ, ଭୀମଗଡ଼ ସହିତ ଆହୁରି ଅନେକ ସ୍ଥାନ ଏହି ଦୁର୍ଗ ମଧ୍ୟରେ ନିର୍ମାଣ କରାଯାଇଛି । ପୁଣି ବି କୁହାଯାଇଛି, ମୌର୍ଯ୍ୟ ଶାସକ ଚିତ୍ରାଙ୍ଗଦ (ଚିତ୍ରାଙ୍ଗ) ଏହି ଦୁର୍ଗର ନିର୍ମାଣ କରି ଏହାର ନାମ 'ଚିତ୍ରକେଟ' ରଖିଥିଲେ । ଚିତ୍ତୋରଗଡ଼ ମେୱାର୍‌ର ପ୍ରାଚୀନତମ ରାଜଧାନୀ ଥିଲା । ଭାରତର ମହାନ ବୀର ମହାରାଣା ପ୍ରତାପ ସିଂହଙ୍କ ରାଜୁତି କାଳରେ ଏହାକୁ ପ୍ରତାପ ଗଡ଼ ଏବଂ ଜୋହର ତଥା ସତୀଦାହ ଘଟଣା ପାଇଁ ଏହି ଦୁର୍ଗକୁ ଜୋହର ଗଡ଼ ମଧ୍ୟ କୁହାଯାଏ ।

ଚିତ୍ତୋରଗଡ଼ ସେହି ବୀର ଭୂମି ଯାହାକି ଭାରତର ସମ୍ମୁଖ ଶୌର୍ଯ୍ୟ ଦେଶ ଭକ୍ତି ଏବଂ ବଳିଦାନର ଉଦାହରଣ । ଏହି ଦୁର୍ଗ ରାଜପୁତ୍‌ମାନଙ୍କର ବୀରତା, ବୀରଙ୍ଗନାମାନଙ୍କର ବିଜୟଗାଥାକୁ ନେଇ ଗର୍ବିତ । ବୀରତାର କାହାଣୀରେ ଗୁଞ୍ଜରିତ । ଏଠାକାର ଚଳଚଞ୍ଚଳ ସମୀରଣ ଏବେ ବି ଏକତାର ସଙ୍କେତ ପ୍ରଦାନ କରିଆସୁଛି ।

## ସର୍ବସାଧାରଣ ସୂଚନା

୨୦୧୧ ମସିହା ଜନଗଣନା ଅନୁଯାୟୀ ଚିତ୍ତୋରଗଡ଼ର ଜନସଂଖ୍ୟା ସମୁଦାୟ ୧,୧୬,୯୦୯ ଥିଲା । ଯାହା ମଧ୍ୟରୁ ପୁରୁଷ ୫୦,୨୨୯ ଏବଂ ମହିଳା ୫୬,୧୮୦ଥିଲେ । ଏହାର ସମୁଦ୍ର ତଳରୁ ଉଚ୍ଚତା-୪୦୮ମିଟର, ଘନତା-୨,୮୦୦ କି.ମି. ଦୁର୍ଗର ଘେରାଉ-୪୧କି.ମି. ଏବଂ ଉଚ୍ଚତା-୧,୨୯୪.୦ଫୁଟ୍ । ଏଠିକାର ସ୍ଥାନୀୟ ଲୋକେ ମେୱାଡ଼ି ରାଜସ୍ଥାନୀ ଏବଂ ହିନ୍ଦୀ କୁହନ୍ତି । ଚିତ୍ତୋରଗଡ଼ର ଇତିହାସ ଯୁଦ୍ଧ ଏବଂ ହତ୍ୟାର ପ୍ରମାଣ ଦେଇ ଆସୁଅଛି । ଏହି ଦୁର୍ଗର ପରାକ୍ରମୀ ଏବଂ



ଲେଖିକା ଦେବଯାନୀ ରାୟ

ବୀରତ୍ୱର ଗାଥା ଏବେବି ସ୍ଥାନୀୟ ଲୋକମୁଖରେ ଗାୟନ କରାଯାଉଛି । ବିଶେଷ ଭାବରେ ମହାରଣା ପ୍ରତାପଙ୍କ ପାଇଁ ବିଦିତ ଲୋକଗୀତ:

"ମେରା ମେୱାଡ଼ି ସରଦାର
ନୀଲେ ଘୋଡ଼େରା ଅଶୀବାର
ରାଣା ଶୁଣୁତାଇ ଯା' ଯୋଜି
ଓ ରାଣା...
ଶୁଣୁତାଇ ଯା ଯୋଜି ।"

ଚିତ୍ତୋରଗଡ଼ରେ କେତେ ପରାକ୍ରମୀ ରାଜାଙ୍କର ଜନ୍ମ ଏବଂ ମୃତ୍ୟୁ ହୋଇଛି । ସେମାନଙ୍କ ଦ୍ୱାରା ବିଭିନ୍ନ ଐତିହାସିକ ସ୍ଥାନମାନ ଦୁର୍ଗ ମଧ୍ୟରେ ନିର୍ମିତ ହୋଇଛି । ଯଥା:

**ମୀରାବାଈ ମନ୍ଦିର:** ଉଦୟପୁର ରାଜପୁତ୍ ପରିବାରର ବୋହୂ ତଥା ମହାରାଜ ଭୋଜରାଜ ସିଂ ସିସୋଦିଆଙ୍କର ରାଣୀ ମୀରାବାଈ । ସେ ପ୍ରଗାଢ଼ ଭକ୍ତି ପାଇଁ ଇତିହାସରେ ନିଜର ନାଁ ଲିପିବଦ୍ଧ କରି ଯାଇଛନ୍ତି । ତାଙ୍କର ନିଃସ୍ୱାର୍ଥ କୃଷ୍ଣଭକ୍ତି ଆଗରେ ରାଜା ଭୋଜରାଜ ନିଜକୁ ସମର୍ପିତ କରିଥିଲେ । କାରଣ ସେ ମଧ୍ୟ ଜଣେ କୃଷ୍ଣଭକ୍ତ ଥିଲେ । ସେ ଶ୍ରୀକୃଷ୍ଣଙ୍କୁ ତାଙ୍କର ସ୍ୱାମୀ ଏବଂ ମୀରାବାଈଙ୍କୁ ନିଜର ସ୍ୱାମିନୀ ମନେ କରି ତାଙ୍କର ସମ୍ମାନ କରୁଥିଲେ । ସେଥିପାଇଁ ମୀରାବାଈଙ୍କ ନିମନ୍ତେ ରାଜା ଭୋଜରାଜ ଶ୍ରୀକୃଷ୍ଣଙ୍କ ମନ୍ଦିର ସମେତ ମୀରାଙ୍କର ଏକ ମନ୍ଦିର ନିର୍ମାଣ କରାଇଥିଲେ । ଯାହା ବର୍ତ୍ତମାନ ପାଇଁ ଏକ ଦର୍ଶନୀୟ ସ୍ଥାନ ପାଲଟି ଯାଇଛି ।

**କାଳିକା ମାତା ମନ୍ଦିର:** ମହାରାଣା ସଜ୍ଜନ ସିଂହ ବୈଶାଖ ଶୁକ୍ଳ ଅଷ୍ଟମୀ ତିଥିରେ କାଳିକା ମାତାଙ୍କର ମୂର୍ତ୍ତି ସ୍ଥାପନ କରାଇଥିଲେ । ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଏଠାରେ ବିରାଟ ମେଳାର ଉତ୍ସବ ଲାଗି ରହିଥାଏ ।

**ରାଣୀ ପଦ୍ମିନୀ ଉଆସ:** ଚୌହାନ ଅର୍ଥାତ୍ ଘୋଡ଼ା ଦୌଡ଼ ସ୍ଥାନର ପାଖାପାଖି ଏକ ଛୋଟ ଜଳାଶୟ କୂଳରେ ରାଜା ରାଓଲ ରତନ ସିଂହଙ୍କ ରାଣୀ ପଦ୍ମିନୀଙ୍କର





ମହଲ ଅବସ୍ଥିତ । ଏହି ଉଆସ ପାଣିର ମଧ୍ୟ ଭାଗରେ ନିର୍ମିତ ହୋଇଛି । ଏହାର ଅନ୍ୟନାମ 'ଜନାନା ମହଲ' । ଜନାନା ମହଲର ଗୋଟିଏ କୋଠରୀରେ ଏକ ବିରାଟ 'କାଚ ଆଇନା' ବା ଦର୍ପଣ ଲାଗିଛି । ସେହି ଦର୍ପଣରେ ଜନାନା ମହଲର ସିଡ଼ି ଉପରର ଦୃଶ୍ୟ ପ୍ରତିଫଳିତ ହୋଇଥାଏ । କିନ୍ତୁ ପଛକୁ ବୁଲି ଦେଖିଲେ ସିଡ଼ି ଉପରର ବ୍ୟକ୍ତି ଦୃଶ୍ୟମାନ ହୁଅନ୍ତି ନାହିଁ । ରାଣୀ ପଦ୍ମିନୀ ଏମିତି ହିଁ ଆଲ୍ଲାଉଦ୍ଦିନ ଖିଲିଜଙ୍କୁ ଦେଖା ଦେଇଥିଲେ ।

## ଜୋହର ସ୍ଥଳ (ମହାସତୀ ସମାଧିସ୍ଥଳ)

ସମାଧିଶ୍ୱର ମହାଦେବ ମନ୍ଦିରର ମହାରାଣା କୁମ୍ଭା କକିଚ ସ୍ତମ୍ଭର ମଧ୍ୟ ଭାଗରେ ଏକ ବିରାଟ ଜମି ଯାହାକି ଚାରିପଟୁ ପାଚେରୀ ଘେରା ହୋଇ ରହିଛି । ଏହା ଭିତରକୁ ଯିବା ପାଇଁ ଦୁଇଟି ଦ୍ୱାର ରହିଛି । ତାହାକୁ ମହାସତୀ ଦ୍ୱାର କୁହା ଯାଇଥାଏ । ଏହାକୁ ମହାରାଜା ରାଓ୍ୱଲ ରତନ ସିଂହ ନିର୍ମାଣ କରାଇଥିଲେ ।


ପ୍ରଥମ ସତୀଦାହ ରାଓ୍ୱଲ ରତନସିଂହଙ୍କ ଶାସନ କାଳରେ ଆଲାଉଦ୍ଦିନ ଖିଲିଜୀଙ୍କ ଆକ୍ରମଣ ସମୟ ୧୩୦୩ରେ ରାଣୀ ପଦ୍ମିନୀଙ୍କ ନେତୃତ୍ୱରେ କରା ଯାଇଥିଲା । କାରଣ ଆଲ୍ଲାଉଦ୍ଦିନ ଖିଲିଜ ଚିତ୍ତୋରଗଡ଼ର ରୂପବତୀ ରାଣୀ ପଦ୍ମିନୀଙ୍କୁ ପାଇବା ଉଦ୍ଦେଶ୍ୟରେ ଦୁର୍ଗ ଆକ୍ରମଣ କରି ନିଜର ପିଶାଚ ପ୍ରବୃତ୍ତି ଦ୍ୱାରା ଛଳରେ ରାଜା ରାଓଲ୍ ରତନ ସିଂହ ଏବଂ ତାଙ୍କର ବାହାଦୂର ସେନାପତି ଗୋରା ବାଦଲଙ୍କୁ ହତ୍ୟା କରିଥିଲା । ଅନେକ ବୀର ବାହାଦୂର ଯୋଦ୍ଧାଙ୍କର ମୃତ୍ୟୁ ହୋଇଥିଲା । ଏହି ପରିସ୍ଥିତିରେ ରାଣୀ ପଦ୍ମିନୀ ୧୬୦୦୦ ବୀରାଙ୍ଗନାଙ୍କ ସହିତ ସତୀଦାହ କୁଣ୍ଡରେ ଝାସ ଦେଇଥିଲେ । ଏହି କାର୍ଯ୍ୟକୁ 'ଜୋହର' କୁହାଯାଏ ।

**୨.** ଦ୍ୱିତୀୟ ସତୀଦାହ ରାଜା ବିକ୍ରମାଦିତ୍ୟଙ୍କର ଶାସନ କାଳରେ ୧୫୩୪ରେ ଗୁଜୁରାଟର ଶାସକ ବାହାଦୂର ଶାହଙ୍କ ଆକ୍ରମଣ ସମୟରେ 'ରାଣୀ କର୍ଣ୍ଣାବତୀ'ଙ୍କ ନେତୃତ୍ୱରେ ସମ୍ମାନ ଓ ସତୀତ୍ୱର ରକ୍ଷା ପାଇଁ ୧୩୦୦୦ ବୀରାଙ୍ଗନାଙ୍କ ସହ ବିଶ୍ୱ ପ୍ରସିଦ୍ଧ 'ଜୋହର' କରିଥିଲେ । ଏହା ପୂର୍ବରୁ ସ ହୁମାୟୁଙ୍କ ନିକଟକୁ ରାକ୍ଷୀ ଓ ଚିଠି ପଠାଇ ସହଯୋଗ ପାଇଁ କହିଥିଲେ । କିନ୍ତୁ ହୁମାୟୁଙ୍କ ନିକଟରେ ତାଙ୍କର ଚିଠି ପହଞ୍ଚିବାରେ ଡେରି ହୋଇଯାଇଥିଲା ।

**୩.** ସେହିପରି ସତୀ ଓ ବୀରାଙ୍ଗନାମାନଙ୍କର ତୃତୀୟ ଜୋହର ରାଣା ଉଦୟ ସିଂହଙ୍କ ଶାସନକାଳରେ ଆକବରଙ୍କର ଆକ୍ରମଣ ସମୟରେ ୨୫ ଫେବୃଆରୀ ୧୫୬୮ ସିସୋଦିଆଙ୍କର ପତ୍ନୀ ଫୁଲ କଁଓ୍ୱରଙ୍କ ନେତୃତ୍ୱରେ କରାଯାଇଥିଲା । ବର୍ତ୍ତମାନ ଏହି ସତୀଦାହ କୁଣ୍ଡକୁ ସରକାର ପୋତି ଦେଇଛନ୍ତି ।

୧୫୬୮ରେ ଆକବରଙ୍କ ସହିତ ସନ୍ଧି ଅନୁସାରେ ମହାରାଣା ଉଦୟ ସିଂହ ଚିତ୍ତୋରଗଡ଼ ବଦଳରେ ଉଦୟପୁରକୁ ନିଜର ରାଜଧାନୀ ବନାଇଥିଲେ । କିନ୍ତୁ

ମହାରଣା ଉଦୟ ସିଂହଙ୍କ ପୁତ୍ର ମହାରଣା ପ୍ରତାପ ଏହି ଘଟଣାକୁ ସହଜରେ ଗ୍ରହଣ କରିପାରି ନଥିଲେ ଏବଂ ସେଥିପାଇଁ ଆକବରଙ୍କ ସହିତ ଦୁଇଦୁଇ ଥର ଯୁଦ୍ଧ କରିଥିଲେ । ଶେଷଥର ହଳଦୀଘାଟ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧ ହିନ୍ଦୁସ୍ଥାନର ସବୁଠାରୁ ମଜଭୁତ ଶାସକଙ୍କର ସାହସ ଓ ଧୈର୍ଯ୍ୟର ଯୁଦ୍ଧ ଥିଲା । ଯାହାକୁ ସାରା ବିଶ୍ୱ ମହାରଣା ପ୍ରତାପଙ୍କ ବୀରତ୍ୱ ପାଇଁ ମନେ ରଖିଛି ।




## ଉଦୟପୁର ରାଜପ୍ରାସାଦ

ରାଜସ୍ଥାନର ଉଦୟପୁର ରାଜପ୍ରାସାଦ ବର୍ତ୍ତମାନ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଭାବରେ ଖ୍ୟାତ ଏବଂ ଏହାର କାରଣ ଏଠାରେ ରହିଥିବା ସୁନ୍ଦର କାରୁକାର୍ଯ୍ୟ । ଯାହାକୁ ଦେଖିଲା ପରେ ସ୍ୱତଃ ଆଶ୍ଚର୍ଯ୍ୟ ଚକିତ ହେବା ସହ ସୁନ୍ଦର ଅନୁଭୂତିର ଭାବନା ଅବିସ୍ମରଣୀୟ । ଏହି ସହର କେତେଗୁଡ଼ିଏ ସୁନ୍ଦର ହ୍ରଦରେ ପରିପୂର୍ଣ୍ଣ । ତେଣୁ ଉଦୟପୁରକୁ ହ୍ରଦର ସହର ମଧ୍ୟ କୁହା ଯାଇଥାଏ ।

ଉଦୟପୁରର ବିଶ୍ୱପ୍ରସିଦ୍ଧ ଅଦ୍ଭୁତ ମହଲର ନିର୍ମାଣ ମହାରାଜା ଉଦୟ ସିଂହ ଦ୍ୱିତୀୟ ଏବଂ ଉତ୍ତରାଧିକାରୀ ମହାରାଣା ପ୍ରତାପଙ୍କ ଦ୍ୱାରା ୪୦୦ ବର୍ଷ ତଳେ କରାଯାଇଥିଲା । ୧୫୦୭ରେ ମହାରାଣ ଉଦୟସିଂ ଦ୍ୱିତୀୟ ଚିତ୍ତୋରରେ ମେୱାର୍ ସାମ୍ରାଜ୍ୟର ପ୍ରତିଷ୍ଠା କରିଥିଲେ । କିନ୍ତୁ ସେହି ସମୟରେ ସେ ତାଙ୍କର ପ୍ରଥମ ଦୁର୍ଗକୁ ମୋଗଲଙ୍କ ହାତକୁ ଚାଲିଯିବା ଦେଖୁଥିଲେ । ତାପରେ ସେ ପିଚ୍ଛୋଲା ହ୍ରଦ ପାଖରେ ମହଲ ନିର୍ମାଣ ପାଇଁ ସ୍ଥିର କରି ନେଇଥିଲେ, ଯାହାକି ବଣ, ହ୍ରଦ ଏବଂ ଆରବଲୀ ପାହାଡ଼ ଉପରେ ଚାରିଦିଗରୁ ସୁରକ୍ଷିତ ଜାଗା ଥିଲା । ୧୫୭୫ ମସିହାରେ ଉଦୟ ସିଂଙ୍କ ମୃତ୍ତ ଉପରେ ତାଙ୍କର ପୁତ୍ର ମହାରାଣା ପ୍ରତାପ ଉଦୟପୁରର ସତ୍ତା ତଥା ଶାସନ କାର୍ଯ୍ୟର ଗୁରୁ ଦାୟିତ୍ୱ ନିଜ ହାତକୁ ନେଇଥିଲେ । ୧୫୭୬ ହଳଦୀଘାଟ ଯୁଦ୍ଧ ପରେ ମୋଗଲ ସମ୍ରାଟ ଆକବରଙ୍କ ହାତକୁ ମେୱାର ଆସି ଯାଇଥିଲା । କିନ୍ତୁ ଆକବରଙ୍କ ପରେ ତାଙ୍କ ପୁତ୍ର ହୁମାୟୁ ପୁନଶ୍ଚ ମେୱାରକୁ ମହାରଣା ପ୍ରତାପଙ୍କ ପୁତ୍ର ଅମର ସିଂ ପ୍ରଥମଙ୍କୁ ଫେରାଇ ଦେଇଥିଲେ । ମରାଠୀମାନଙ୍କ ଆକ୍ରମଣର ସାକ୍ଷୀ ଭାବେ ଆଜି ବି ଉଦୟପୁର ରାଜପ୍ରାସାଦରେ ବିଦୀର୍ଣ୍ଣ ଦୃଶ୍ୟ ଦୃଶ୍ୟମାନ । ୧୮୦୦ ଶତାବ୍ଦୀରେ ଜୟକିଲ୍ଲା ଇଂରେଜଙ୍କ ଅଧୀନକୁ ଆସି ଯାଇଥିଲା । ଯାହାକୁ କି ପର ମୁହୂର୍ତ୍ତରେ ଭାରତ ସହିତ ମିଶାଇ ଦିଆ ଯାଇଥିଲା ।

ଏହି ରହସ୍ୟମୟ ରାଜପ୍ରାସାଦ ଉପରେ କେତେକେତେ ସାମ୍ରାଜ୍ୟର ଶାସକମାନେ ଆକ୍ରମଣ କରିଥିଲେ । ଯେଉଁଥିପାଇଁ ୧୮୧୮ ମରାଠୀମାନଙ୍କ ଆକ୍ରମଣକୁ ଦୃଷ୍ଟିରେ ରଖି ଦୁର୍ଗର ଜୟକିଲ୍ଲା କ୍ଷେତ୍ରକୁ ଇଂରେଜମାନଙ୍କ ସହିତ ଏକ ସନ୍ଧି ପାଇଁ ସମର୍ପଣ କରିଥିଲେ । ଯାହାକୁ ୧୯୪୮ରେ ସ୍ୱାଧୀନତାର ପରମୁହୂର୍ତ୍ତରେ ଭାରତ ସହିତ ମିଶାଇ ଦିଆ ଯାଇଥିଲା । ଉଦୟପୁରର ରାଜପ୍ରାସାଦ ଭାରତର ସର୍ବବୃହତ ରାଜପ୍ରସାଦ ଅଟେ । ଏହି ପ୍ରାସାଦ ୫୯୮ ମିଟରର ଜାଗା ଉପରେ, ୪୪ ମିଟର ଲମ୍ବା, ୩୧୪ ମିଟର ଉଚ୍ଚତା ଅଟେ । ଏହାର ନିର୍ମାଣ ମେୱାର୍‌ର ପ୍ରସିଦ୍ଧ ସିସୋଦିଆ ଶାସକଙ୍କ ଦ୍ୱାରା କରା ଯାଇଥିଲା । ୩୬ ପିଢ଼ିରୁ ଅଧିକ ସିସୋଦିଆ ରାଜା ମହାରାଜାମାନେ ଏହି ପ୍ରାସାଦର ନିର୍ମାଣରେ ବ୍ରତୀ ଥିଲେ । ନିର୍ମାଣର ପ୍ରମୁଖ ଭୂମିକା ଉଦୟ ସିଂ ଦ୍ୱିତୀୟଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ଉଦୟପୁର ପ୍ରାସାଦର ବିଶାଳତାର ଅନୁମାନ କରାଯାଇ ଜଣାଯାଏ ଯେ, ଏହି ମହଲର ଭିତର ପାର୍ଶ୍ୱ ୧୧ଟି ବଡ଼ବଡ଼ ମହଲରେ ପରିପୂର୍ଣ୍ଣ । ଏହି ମହଲର ଦ୍ୱାର ଗୁଡ଼ିକୁ ପୋଲ କୁହା ଯାଉଥିଲା । ଏହି ମହଲର ସବୁଠାରୁ ବଡ଼ଦ୍ୱାର ପ୍ରାସାଦ ଭିତରର ବୃହଦାକାର ଆଙ୍ଗନ ଆଡ଼କୁ ରହିଛି । ଅନ୍ୟ ପ୍ରମୁଖ ଦ୍ୱାରମାନଙ୍କ ମଧ୍ୟରେ ତ୍ରିପୋଲିଆ ପୋଲ ଯାହାକି ତିନୋଟି ମେହେରା ଚାରିଦ୍ୱାରମାନଙ୍କ ସହିତ ମିଶିଛି । ପ୍ରାସାଦ ମଧ୍ୟବର୍ତ୍ତୀ ସର୍ବୋଚ୍ଚ ପ୍ରାଙ୍ଗଣ ଅମର ବିଳାସ ପ୍ରାଙ୍ଗଣ ଅଟେ । ଯାହା ମୋଗଲ୍ ଶୈଳୀରେ ଏକ ଆନନ୍ଦ ମଣ୍ଡପ ରୂପରେ ତିଆରି କରାଯାଇଛି । ଏହି ମହଲ ଭିତରର ଗ୍ରେଟ୍ (Great Palace) ପେଲେସ୍‌କୁ garden palace ମଧ୍ୟ କୁହାଯାଏ । ୨୭ ମିଟର ଉଚ୍ଚତା ବିଶିଷ୍ଟ ପ୍ରାକୃତିକ ଚଟାଣର କେନ୍ଦ୍ରରେ ଏହି ପ୍ରାସାଦ ଅବସ୍ଥିତ । ଏହି ପ୍ରାସାଦ ମଧ୍ୟବର୍ତ୍ତୀ ଜଗଦୀଶ୍ ମନ୍ଦିର, ସୁଇମିଂପୁଲ ଓ ଅନ୍ୟାନ୍ୟ ସୁନ୍ଦର ସୁନ୍ଦର ସ୍ନାନାଗାର ମଧ୍ୟ ରହିଛି । ଏହା ମଧ୍ୟରେ ଭୀମ୍‌ବିଳାସ ଏକ ଗ୍ୟାଲେରୀ ମଧ୍ୟରେ ରାଧାକୃଷ୍ଣଙ୍କର ବାସ୍ତବ ଜୀବନୀ ଉପରେ ଅନେକ ଚିତ୍ରପଟ୍ଟ ରହିଛି । ଏହାମଧ୍ୟରେ ଦିଲ୍‌ଖୁସ୍ ମହଲ୍ ଅଥବା ଜୟ ମହଲ୍ ଅବସ୍ଥିତ । ଯାହା ଭାରତର ସର୍ବୋତ୍କୃଷ୍ଟ ସାନ୍‌ଦାର ମହଲ ଭାବରେ ପରିଚିତ । ଦିଲ୍‌ଖୁସ୍ ମହଲର ନିର୍ମାଣ ୧୬୨୧ ମସିହାରେ ହୋଇଥିଲା । ଉଦୟପୁର ପ୍ରାସାଦ ମଧ୍ୟରେ 'ଫତେ ପ୍ରକାଶ' ପେଲେସ୍ ରହିଛି । ଯାହା ବର୍ତ୍ତମାନ ଏକ ଲକ୍‌ଜୁରି ହୋଟେଲ୍ ରୂପେ ପରିଚିତ । କ୍ରିଷ୍ଟାଲ ଗ୍ୟାଲେରୀ , କ୍ରିଷ୍ଟାଲ ସୋଫା, ଡ୍ରେସିଙ୍ଗ୍ ଟେବୁଲ, ଚେଆର୍ ଏବଂ ବିଛଣା ଇତ୍ୟାଦି ରହିଛି । ଯାହାର ଏ ପର୍ଯ୍ୟନ୍ତ ଆକଳନ କରା ଯାଇନାହିଁ । ପ୍ରାସାଦ ମଧ୍ୟରେ ସ୍ଥିତ ମୟୂର ପ୍ରାସାଦ ବେଶ୍ ଆକର୍ଷଣୀୟ । ୧୯୩୪ ମସିହାରେ ପ୍ରାସାଦ ମଧ୍ୟରେ କେତୋଟି ପ୍ରାସାଦକୁ ସଂଗ୍ରହାଳୟ କରାଯାଇଛି । ଏହି ପ୍ରାସାଦ ମଧ୍ୟରେ ଅନ୍ୟ କେତୋଟି ପ୍ରମୁଖ ପ୍ରାସାଦ ହେଉଛି: କ୍ରିଷ୍ଟ




HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com



ବିଳାସ, ଲକ୍ଷ୍ମୀ ବିଳାସ, ରଙ୍ଗ ଭବନ ମହଲ, ମନକ ମହଲ ଇତ୍ୟାଦି ପ୍ରସିଦ୍ଧ । ଉଦୟପୁର ରାଜପ୍ରାସାଦର ଏହିସବୁ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ମହଲ ଏବଂ ତାହାର କାରୁକାର୍ଯ୍ୟ ଖୁବ୍ ପ୍ରସିଦ୍ଧ । ପ୍ରାସାଦ ଭିତରର ସୁନ୍ଦର କାରୁକାର୍ଯ୍ୟ., ଦାମୀ ଟାଇଲ କାର୍ଯ୍ୟ, କାରୁକାର୍ଯ୍ୟ ପୂର୍ଣ୍ଣ ଚିତ୍ରିତ ବଡ଼ବଡ଼ ଦିଓ୍ୱାର (କାନ୍ଥ) ଏବଂ ଏଟିଙ୍ଗ୍ ଫର୍ଣ୍ଣିଚର ଦେଖିବାକୁ ଖୁବ୍ ସୁନ୍ଦର ଏବଂ କମନୀୟତାରେ ପରିପୂର୍ଣ୍ଣ । ସବୁଦିଗରୁ ଚିନ୍ତା କରି ଦେଖିଲେ ଏହି ଜାଗା ସୁନ୍ଦର କାରିଗରୀ, ଫଟୋଗ୍ରାଫି ଏବଂ ଐତିହାସିକ ତଥ୍ୟାବଳୀ ପାଇଁ ପ୍ରସିଦ୍ଧ । ଏହା ମଧ୍ୟରେ କ୍ରିଷ୍ଟାଲ ଗ୍ୟାଲେରୀ, ମେଓ୍ୱାଡ଼ ଲାଇଟ୍ ଶୋ'ର ମଜା ବେଶ୍ ମନୋହର ।


ସକାଳ ୯.୩୦ ମିନିଟ୍ ସମୟରେ ଉଦୟପୁରର ରାଜପ୍ରାସାଦ (City Palace) ଖୋଲା ଯାଉଛି । ପର୍ଯ୍ୟଟକଙ୍କ ପାଇଁ ଗାଇଡ୍ ସୁବିଧା ରହିଛି । ପର୍ଯ୍ୟଟକମାନେ ଏଣ୍ଟ୍ରି ଟିକେଟ୍ କରି ସାରିବା ପରେ ଗାଇଡ୍‌ଙ୍କୁ ଶୁଳ୍କ ପ୍ରଦାନ ପୂର୍ବକ ରାଜପ୍ରାସାଦ ଉପରେ ଅନେକ ତଥ୍ୟ ଜାଣିବାକୁ ପାଇଥାନ୍ତି ।

ଇତିହାସ ବର୍ଣ୍ଣିତ ମହାରଣା ଉଦୟସିଂଙ୍କ ପୁତ୍ର ମହାରଣା ପ୍ରତାପଙ୍କ ବୀରତ୍ୱ ଗାଥା ଏବଂ ନିଜର ସାମ୍ରାଜ୍ୟ ପ୍ରତି ତାଙ୍କର ଅହେତୁକ ଭଲପାଇବା କିପରି ମୋଗଲ ସମ୍ରାଟଙ୍କୁ ନତମସ୍ତକ କରାଇଥିଲା, ତାହା ଆମମାନଙ୍କୁ ଗାଇଡ୍ ଖୁବ୍ ସୁନ୍ଦର ଭାବରେ ବୁଝାଇଥିଲେ । ଏହି ବର୍ଣ୍ଣନା ଶୁଣିବା ସମୟରେ ମୋର ଛାତ୍ରୀ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ପୁଣିଥରେ ଗୋଟି ଗୋଟି କରି ମନେ ପଡ଼ି ଯାଉଥିଲା । ବହିରେ ପଢ଼ିଥିବା ହଳଦୀଘାଟ ଯୁଦ୍ଧ ବିଷୟରେ ମଧ୍ୟ ଆମେମାନେ ସେଠାରେ ଅଙ୍କିତ ଚିତ୍ରକଳା ମାଧ୍ୟମରେ ଦେଖିବାକୁ ପାଇଥିଲୁ ଏବଂ ସେ ଉପରେ ସୁବିସ୍ତୃତ ସୂଚନା ପାଇଥିଲୁ ।

## ମହାରାଣା ପ୍ରତାପ ଏବଂ ହଳଦୀଘାଟ ଯୁଦ୍ଧ

ଗୋଟି ଗୋଟି କରି ସମସ୍ତ ଭାରତୀୟ ରାଜା ମୋଗଲ ସମ୍ରାଟଙ୍କ ଆକବରଙ୍କ ଆଗରେ ନିଜର ମସ୍ତକ ନୁଆଁଇ ସାରିବା ପରେ ଭାରତର ମେଓ୍ୱାର୍‌ର ଏକମାତ୍ର ରାଜା ମହାରାଣା ପ୍ରତାପ ମୋଗଲ ସମ୍ରାଟ ଆକବରଙ୍କ ସମ୍ମୁଖରେ ନିଜର ମୁଣ୍ଡ ନୁଆଁଇବାକୁ ଆଦୌ ପ୍ରସ୍ତୁତ ନଥିଲେ । ସେଥିପାଇଁ ବ୍ୟତିବ୍ୟସ୍ତ ହୋଇ ଆକବର ମହାରାଣା ପ୍ରତାପଙ୍କୁ ନିଜର ଅକ୍ତିଆର ଭିତରେ ଥିବା ଭାରତର ଅଧା ରାଜ୍ୟ ଦେବା ପାଇଁ ପ୍ରସ୍ତୁତ ଥିଲେ । କିନ୍ତୁ ସେହି ସର୍ତ୍ତରେ ମହାରାଣା ପ୍ରତାପ ଲୋଭାସକ୍ତ ହୋଇ ନଥିଲେ । ଐତିହାସିକ ମତ ଅନୁସାରେ ମେଓ୍ୱାର ଆକବରଙ୍କ ରପ୍ତାନି ଆମଦାନି କଥା ଯିବା ଆସିବାର ବାଟ ମଝିରେ ରହୁଥିଲା, ତେଣୁ ଆକବର ନିଜର ପାରୁପର୍ଯ୍ୟନ୍ତ ମେଓ୍ୱାର୍‌କୁ ନିଜର ଅକ୍ତିଆରକୁ ନେବା ପାଇଁ ସଦା ଚେଷ୍ଟିତ ଥିଲେ ।

ମେଓ୍ୱାରର ରାଜା ଉଦୟ ସିଂଙ୍କ ୨୦ଜଣ ରାଣୀ ଥିଲେ ଏବଂ ସମୁଦାୟ ୩୩ଜଣ ସନ୍ତାନଙ୍କ ମଧ୍ୟରୁ ମହାରାଣା ପ୍ରତାପ ଥିଲେ ସବୁଠାରୁ ବଡ଼ । ତାଙ୍କର ଜନ୍ମ ୧୫୪୦ ମଇ ୯ ତାରିଖରେ କୁମ୍ଭଲଗଡ଼ରେ ହୋଇଥିଲା । ମହାରାଣା ପ୍ରତାପଙ୍କ ଠାରେ ଛୋଟ ବେଳରୁ ହିଁ ଜଣେ ମହାନ୍ ଦେଶପ୍ରେମୀ ତଥା ରାଜାର ସମସ୍ତ ଲକ୍ଷଣ ପ୍ରକାଶ ପାଇଥିଲା । ମେଓ୍ୱାରକୁ ଅକ୍ତିଆରକୁ ନେବା ପାଇଁ ୧୫୭୬ ମସିହାରେ ଆକବର ନିଜର ବିଶାଳ ସେନାନୀ ସହିତ ଆରାବଳୀ ପାହାଡ଼ର ହଳଦୀଘାଟ ନାମକ ଜାଗାରେ ମହାରାଣା ପ୍ରତାପଙ୍କ ସହିତ ଯୁଦ୍ଧ କରିଥିଲେ । କିନ୍ତୁ ପ୍ରଥମଥର ଏହି ଯୁଦ୍ଧରେ ଆକବରଙ୍କର ୮୦,୦୦୦ ସୈନ୍ୟଙ୍କୁ ମହାରାଣା ପ୍ରତାପଙ୍କର ୧୬.୦୦୦ସୈନ୍ୟ ଅତି ଶୋଚନୀୟ ଭାବରେ ପରାସ୍ତ କରିଥିଲେ । କାରଣ ଆରାବଳୀ ପାହାଡ଼ର ପ୍ରତ୍ୟେକ କୋଣ ଅନୁକୋଣ ଯାହାକି ମହାରଣାଙ୍କର ସୈନ୍ୟ ସାମନ୍ତଙ୍କୁ ଭଲ ଭାବରେ ଜଣାଥିଲା ବେଳେ ଆକବରଙ୍କ ସୈନ୍ୟଙ୍କୁ ତାହା ଜଣାନଥିଲା । ତା'ପରେ ଇତିହାସ କୁହେ ମହାରାଣା ପ୍ରତାପଙ୍କ ଶରୀର ସାଧାରଣ ମଣିଷର ଶରୀରର ଆକାର ଠାରୁ ଅନେକ ମାତ୍ରାରେ ବଡ଼ ଥିଲା ଏବଂ ସେହି ମହାନ୍ ଯୋଦ୍ଧାଙ୍କ ଶରୀରରେ ଭରି ରହିଥିଲା ଶକ୍ତି ଓ ଆତ୍ମବିଶ୍ୱାସ । ଯୁଦ୍ଧ କରିବାର ଅନନ୍ୟ କୌଶଳ ତାଙ୍କୁ ବେଶ୍ ଭଲ ଭାବରେ ଜଣାଥିଲା । ଯୁଦ୍ଧ ସମୟରେ ୧୭ କିଲୋ ଓଜନର କବଚ ସେ ପିନ୍ଧୁଥିଲେ । ୮୦ କିଲୋ ଓଜନର ଭାଲା ଏବଂ ତାଙ୍କର ଖଣ୍ଡାର ଓଜନ ୧୦ କିଲୋରୁ ଅଧିକ ରହିଥିଲା ଏହି ସବୁଥିରୁ ଅନୁମାନ କରାଯାଏ କି ୮୦ କିଲୋ ଓଜନର ଭାଲାରେ ଶତ୍ରୁ ଉପରେ ପ୍ରହାର କରିବା ଦ୍ୱାରା ସେହି ଶତ୍ରୁର ଅବସ୍ଥା କିପରି ହେଉଥିବ ! ସେଥିପାଇଁ ଶେଷ ପର୍ଯ୍ୟନ୍ତ ଆକବରଙ୍କର ସାହସ ହୋଇନଥିଲା ମହାରାଣାଙ୍କର ସାମ୍ନା କରିବା ପାଇଁ । ଆହୁରି ଏକ କାରଣ ଥିଲା ମହାରାଣା



ପ୍ରତାପଙ୍କର ଘୋଡ଼ା ଚେତକ । ଚେତକ ଏକ ବିଶ୍ୱସ୍ତ, ଚାଲାକ୍ ତଥା ଲଢୁଆ ଘୋଡ଼ା ଥିଲା । ତାହାର କାର୍ଯ୍ୟ କୌଶଳ ପାଇଁ ସେ ଇତିହାସ ପ୍ରସିଦ୍ଧ । ମହାରାଣା ତାହାକୁ ନିଜର ପୁତ୍ର ପରି ଖୁବ୍ ଭଲ ପାଉଥିଲେ । ଆକବରଙ୍କର ସେନାପତି ମାନସିଂଙ୍କ ସହିତ ଯୁଦ୍ଧ ସମୟରେ ଚେତକ ମାନସିଂଙ୍କର ହାତୀର ଖଣ୍ଡା ପ୍ରହାରରେ ନିଜର ଆଗ ଗୋଡ଼ରେ ଗଭୀର ଭାବେ କ୍ଷତାକ୍ତ ହୋଇଥିଲା । ଯାହା ଫଳରେ ବହୁତ ପରିମାଣରେ ରକ୍ତସ୍ରାବ ହୋଇଥିଲା । ସେତେବେଳେ ଯୁଦ୍ଧ ସମୟରେ ହାତୀମାନଙ୍କ ଶୁଣ୍ଢରେ ଖଣ୍ଡା ବାନ୍ଧି ଦିଆ ଯାଉଥିଲା । ଚେତକର କ୍ଷତାକ୍ତ ଅବସ୍ଥା ଦେଖି ଆକବର ସୈନ୍ୟମାନେ ମହାରଣାଙ୍କ ଉପରେ ଆକ୍ରମଣ ପାଇଁ ଆଗେଇ ଆସିଥିଲେ । କିନ୍ତୁ ଚାଲାକ୍ ଚେତକ୍ ସେହି କ୍ଷତାକ୍ତ ଅବସ୍ଥାରେ ହିଁ ମହାରଣାଙ୍କୁ ନେଇ ଯୁଦ୍ଧ ସ୍ଥାନ ପରିତ୍ୟାଗ କରିଥିଲା ଓ ବାଟରେ ଏକ ୨୨ଫୁଟର ନାଳକୁ ନିଜର ସମସ୍ତ ବଳ ପ୍ରୟୋଗ କରି ଡେଇଁ ପାରି ହେବା ପରେ ମହାରାଣାଙ୍କୁ ଏକ ସୁରକ୍ଷିତ ସ୍ଥାନରେ ପହଞ୍ଚାଇବା ସହିତ ନିଜର ଅମୂଲ୍ୟ ଜୀବନ ତ୍ୟାଗ କରିଥିଲା । ସେହି ଘଟଣାରେ ମହାରାଣା ବହୁମାତ୍ରାରେ ଦୁଃଖରେ ଭାଙ୍ଗି ପଡ଼ିଥିଲେ । ଚେତକର ରଙ୍ଗ ନୀଳ ରଙ୍ଗ ଥିଲା ଏବଂ ତାହାକୁ ଆଫଗାନସ୍ଥାନରୁ ଅଣାଯାଇଥିଲା । ସେହି ଯୁଦ୍ଧ ହଳଦୀଘାଟ ଯୁଦ୍ଧ ଥିଲା । 'ହଳଦୀଘାଟ' ଯୁଦ୍ଧରେ ମହାରାଣା ପ୍ରତାପଙ୍କର ପରାଜୟ ଘଟିଥିଲେ ମଧ୍ୟ ତାଙ୍କର ବୀରତ୍ୱର କାହାଣୀ ବିଶ୍ୱ ତଥା ଇତିହାସ ପ୍ରସିଦ୍ଧ । ଏହି ଯୁଦ୍ଧ ପରେ ମଧ ମହାରାଣା ପ୍ରତାପ ଆକବରଙ୍କର ସମ୍ମୁଖରେ ହାର୍ ମାନିନଥିଲେ ଏବଂ ଜଙ୍ଗଲରେ ରହି ଫଳମୂଳ ଆହାର ପୂର୍ବକ ନୂତନ ରଣକୌଶଳ ଅଭ୍ୟାସ କରିବାରେ ବ୍ୟସ୍ତ ରହିଥିଲେ ଏବଂ ଜଙ୍ଗଲୀ ସେନାଙ୍କର ଆକ୍ରମଣରେ ଆକବରଙ୍କର ସୈନ୍ୟମାନଙ୍କର ମୃତ୍ୟୁ ଘଟିଥିଲା । ମେଓ୍ୱାରକୁ ଅକ୍ତିଆରରେ ନେବା ପାଇଁ ଆକବରଙ୍କର ସବୁ ଚେଷ୍ଟା ବିଫଳ ହେଇଥିଲା । ଆକବର ନିଜେ ଭାରତର ଏପରି ଜଣେ ମହାନ୍ ଯୋଦ୍ଧାଙ୍କ ସମ୍ମୁଖରେ ନତ ମସ୍ତକ ହେବାକୁ ବାଧ ହୋଇଥିଲେ । ୧୫୯୭ ମସିହାରେ ମହାରାଣା ପ୍ରତାପ ବାଘ ଶିକାର ସମୟରେ ବାଘସହିତ ଯୁଦ୍ଧ କରି ପୂର୍ଣ୍ଣ ମାତ୍ରାରେ କ୍ଷତାକ୍ତ ହୋଇଥିଲେ । ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା । କିନ୍ତୁ ମହାରାଣା ପ୍ରତାପଙ୍କର ଏହି ବୀରତ୍ୱ ଗାଥା ଆଜି ବି ଯୋଦ୍ଧାମାନଙ୍କର ପ୍ରେରଣାର ଉତ୍ସ । କିପରି ଭାବେ ସେ ନିଜର ବଳ, ଶୌର୍ଯ୍ୟ ଓ ପରାକ୍ରମ ବଳରେ ଆକବର ତଥା ମୋଗଲମାନଙ୍କୁ ନତମସ୍ତକ କରାଇ ଥିଲେ ତାହା ଆଜିବି ଲୋକ ମୁଖରେ ବିଦିତ । ତାପରେ ମହଲର ପାର୍ଶ୍ୱସ୍ଥାନ ଗୁଡ଼ିକ ଦେଖିବା ପାଇଁ ଆଗେଇଲୁ ।

## ପିଛୋଲା ହ୍ରଦ

ଉଦୟପୁର୍ ରାଜପ୍ରାସାଦର ପାଖକୁ ଲାଗି 'ପଛୋଲା ହ୍ରଦ'ର ସୌନ୍ଦର୍ଯ୍ୟ ବେଶ୍ ମନୋହର । ହ୍ରଦର ପାଣିରେ ସୂର୍ଯ୍ୟଙ୍କ ଲାଲ୍ ରଙ୍ଗ ପ୍ରତିଫଳିତ ହୋଇ ବହୁ ସୁନ୍ଦର ଦେଖାଯାଏ । ଆମେ ଯିବା ସମୟରେ ସେଥିପାଇଁ ଦିନରେ ବୋଟିଂ ପାଇଁ ୪୦୦ଟଙ୍କା ଥିବା ସମୟରେ ସୂର୍ଯ୍ୟାସ୍ତ ବେଳେ ୭୫୦ଟଙ୍କା ଧାର୍ଯ୍ୟ ଥିଲା । ହ୍ରଦର ମଝିରେ ରାଜପ୍ରାସାଦ (City Palace)ର ଦୃଶ୍ୟ ସତରେ ଖୁବ୍





ମନୋମୁଗ୍ଧକର ।

ହ୍ରଦ ଆଉ ହ୍ରଦ ଭିତରେ ବୋଟିଂ କଥାରୁ ମୁଁ ଏଠାରେ ଏକାଥରେ ଆଉ କେତୋଟି ହ୍ରଦର ବୋଟିଂର ଅନୁଭବ ବିଷୟରେ କହି ରଖୁଛି । ଯେମିତିକି ଲେକ୍ ପେଲେସ୍ (Lake Palace)।

**ଲେକ୍ ପେଲେସ୍:** ପୁରା ରାଜସ୍ଥାନର ଉଦୟପୁରରେ ଥିବା ଏହି ଲେକ୍ ପେଲେସ୍ ପୂର୍ବରୁ ମହାରାଣା ଜଗତ୍‌ସିଂହଙ୍କର ମହଲ ଭାବରେ ଜଣା ଯାଉଥିଲା । କିନ୍ତୁ ବର୍ତ୍ତମାନ ଏହା ଏକ ପଞ୍ଚତାରକା ହୋଟେଲ ଭାବେ ପରିଚିତ । ଏଠାରେ ବୋଟିଂର ମଜ୍ଜା ବହୁତ ଆନନ୍ଦ ଦାୟକ ।

**ଜପମହଲ:** ଉଦୟପୁରର ଆଉ ଏକ ଜାଗା ଜପମହଲ । ଭିତରେ ଜଳାଶୟର କୂଳରେ ପଥର ନିର୍ମିତ ଅନେକ ଗୁଡ଼ିଏ ହସ୍ତୀ ଏକାଧାରରେ ସୁସଜ୍ଜିତ ହୋଇ ଯେମିତି ପର୍ଯ୍ୟଟକଙ୍କୁ ସ୍ୱାଗତ ଜଣାଉଛନ୍ତି, ସେହିପରି ଭାବରେ ଛିଡ଼ା ହୋଇ ରହିଛନ୍ତି । ଜପମହଲରୁ ଜଳାଶୟର ଶାନ୍ତ ବାତାବରଣ ବେଶ୍ ଲୋଭନୀୟ ।

**ଫତେସାଗର ହ୍ରଦ:** ଫତେସାଗର ହ୍ରଦକୁ ମହାରାଣା ଜୟସିଂ କରାଇଥିଲେ । ଏହା ମଧ୍ୟରେ ତିନୋଟି ଛୋଟ ଛୋଟ ଦ୍ୱୀପ ରହିଛି । ଏଥିସହିତ ବିଭିନ୍ନ ପାର୍କ ଏବଂ ଅନ୍ୟାନ୍ୟ ରୁଚିପୂର୍ଣ୍ଣ ସ୍ଥାନ ରହିଛି ।

ଉଦୟପୁରର ରାଜପ୍ରାସାଦ ଠାରୁ କିଛି ହିଁ ଦୂରରେ ଭଗବାନ୍ ଜଗଦୀଶ ମନ୍ଦିର ଅବସ୍ଥିତ । ଏହି ମନ୍ଦିରର ପ୍ରତିଷ୍ଠାତା ଥିଲେ ରାଜା ଜଗତ୍‌ସିଂ ପ୍ରଥମ । ଏହି ମନ୍ଦିର ପ୍ରାୟ ୪୦୦ ବର୍ଷ ତଳର ପ୍ରସିଦ୍ଧ ମନ୍ଦିର ଅଟେ । ମନ୍ଦିରର କାରୁକାର୍ଯ୍ୟ ପର୍ଯ୍ୟଟକମାନଙ୍କୁ ବିମୁଗ୍ଧ କରିଥାଏ । ଭଗବାନ ବିଷ୍ଣୁଙ୍କର ଭବ୍ୟ ମୂର୍ତ୍ତି ଭକ୍ତ ତଥା ପର୍ଯ୍ୟଟକଙ୍କର ଆଧାତ୍ମିକ ଭାବନାକୁ ବହୁଗୁଣିତ କରିଥାଏ । ଖ୍ରୀଷ୍ଟାବ୍ଦ ୧୬୫୧ରେ ମହାରାଣା ଜଗତସିଂ ଏହି ମନ୍ଦିରଟିକୁ ପ୍ରତିଷ୍ଠା କରିଥିଲେ । ମନ୍ଦିରଟିର ଜଗତି ମଣ୍ଡପ ୩୨ଫୁଟ୍ ଉଚ୍ଚ, ୩୨ ପାହାଚ ଦେଇ ଉପରକୁ ଯିବାକୁ ପଡ଼ିଥାଏ । ଏହା ଉଦୟପୁରର ସର୍ବୋଚ୍ଚ ଓ ସର୍ବ ବୃହତ ମନ୍ଦିର ଅଟେ ।

## ସଜ୍ଜନଗଡ଼ ପେଲେସ୍

ଆରାବଳୀ ପାହାଡ଼ ଉପରେ ସୁନ୍ଦର ସଜ୍ଜିତ ଶଙ୍ଖମଲ୍‌ମଲ୍ ମହଲକୁ ମନ୍‌ସୁନ୍ ମହଲ୍ ମଧ୍ୟ କୁହାଯାଏ । ଏହା ଦେଖିବାକୁ ଏକ ଆଲିସାନ୍ ହୋଟେଲ୍ ପରି ଲାଗିଥାଏ, କୁହାଯାଏ ବର୍ଷାଭରା ବାଦଲ୍‌କୁ ପାଖରୁ ଦେଖିବା ପାଇଁ ମେୱାଡ଼ର ରାଜା ସଜ୍ଜନ ସିଂହ ଏହି ମହଲ୍‌କୁ ବନାଇଥିଲେ । ଏହି ମହଲର ଉପରି ଭାଗରେ ଛିଡ଼ା ହେଲେ ପିଛୋଲା ଲେକ୍ ଓ ଉଦୟପୁରର ସମସ୍ତ ଦୃଶ୍ୟ ଦେଖାଯାଇଥାଏ ।

**ଆମ୍ବା ମନ୍ଦିର:** ଉଦୟପୁରର ଆଉ ଏକ ସୁନ୍ଦର ଦର୍ଶନୀୟ ସ୍ଥାନ ମଧ୍ୟରୁ ଆମ୍ବାମନ୍ଦିର ଅନ୍ୟତମ । ମହାରାଣା ରାହାତସିଂ ଏହି ମନ୍ଦିରର ନିର୍ମାଣ କରାଇଥିଲେ । ସୁନ୍ଦର କାଚକାମ ଏବଂ ଶଙ୍ଖମଲ୍‌ମଲ୍ ପଥରର କାରୁକାର୍ଯ୍ୟ ପାଇଁ ଏହି ମନ୍ଦିର ପ୍ରସିଦ୍ଧ ସିଟି ପେଲେସ୍ ଠାରୁ ଦୁଇ କିଲୋମିଟର ଯିବା ପରେ ଏକ ପୁରୁଣା କାର୍ ସଂଗ୍ରହାଳୟ ରହିଅଛି । ଯେଉଁଠାରେ କି ୨ ଡଜନ ପୁରୁଣା କାର୍ ଦେଖିବା ପାଇଁ ରହିଛି । ତାପରେ ଗୁଲାବ୍ ବାଗ୍ ଏବଂ ଚିଡ଼ିଆ ଘର ବୁଲି



ଦେଖିବା ପରେ ଆମେ 'ସହେଲିଓ କି ବାରି'ବୁଲି ଯାଇଥିଲୁ । ସେଠାରେ ବିଭିନ୍ନ ରାଜସ୍ଥାନୀ ଡ୍ରେସ୍ ପିନ୍ଧି ଫଟୋ ଉଠାଇଥିଲୁ ।

ଏହିସବୁ ସ୍ଥାନ ବୁଲିସାରିବା ପରେ ମନରେ ରାଜକୀୟ ଭାବ ଓ ଅନୁଭୂତି ନେଇ ଫେରିଲୁ । ଉଦୟପୁରରୁ ଚର୍ଚ୍ଚିତ କାଠପୁତୁଳି (କାଠର କଣ୍ଢେଇ) ସହ ଅନ୍ୟ କିଛି ଛୋଟମୋଟ ଜିନିଷ ସବୁ ଧରି ସିଧା ଜୟପୁର୍ ଅଭିମୁଖେ ବାହାରିଗଲୁ ।

## ଆଜମେର୍

ଉଦୟପୁର ଓ ଜୟପୁରର ମଧ୍ୟବର୍ତ୍ତୀ ଆଜମେର ଅବସ୍ଥିତ । ଆଜମେର ରାଜସ୍ଥାନର ଏକ ଜିଲ୍ଲା ଅଟେ । ଆଜମେର୍ ସହରଟି ସପ୍ତମ ଶତାବ୍ଦୀରେ ରାଜା ଅଜୟରାଜ ଚୌହାନଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା । ଯିଏକି ପୃଥ୍ୱୀରାଜ ଚୌହାନଙ୍କ ପୂର୍ବଜ ଥିଲେ । ସେଠାରେ ପହଞ୍ଚିବା ବେଳକୁ ସନ୍ଧ୍ୟା ହୋଇ ଆସୁଥିଲା । ଆମେ ଅଗତ୍ୟା କେବଳ ଦର୍ଶକ ସାଜି ସେଠାରୁ ଜୟପୁର ବାହାରି ଯାଇଥିଲୁ । ଜୟପୁରରେ ତିନିଦିନ ରହଣି ଭିତରେ ଆମେ ବିର୍ଲା ମନ୍ଦିର, ଜଲ୍ ମହଲ, ଆଲବର୍ଟ ହଲ୍ ମ୍ୟୁଜିୟମ, ନାହାରଗଡ଼ ପୋର୍ଟ, ଜୟଗଡ଼ ପୋର୍ଟ, ଅମ୍ବର ପୋର୍ଟ, ସିଟି ପେଲେସ୍, ଯନ୍ତର ମନ୍ତର, ହାୱାମହଲ୍ ବୁଲିବା ଭିତରେ ଜୟପୁରର କାରୁକାର୍ଯ୍ୟ ପୂର୍ଣ୍ଣ ବିଭିନ୍ନ ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ କିଣାକିଣି କରି ଖୁସି ମନରେ ଦିଲ୍ଲୀ ଅଭିମୁଖେ ବାହାରି ଏୟାରପୋର୍ଟ ଫେରିଲୁ ।


ବାର୍ଷିକ ଗ୍ରାହକ ହୁଅନ୍ତୁ
ଘରେ ବସି ରେବତୀ ପାଆନ୍ତୁ

ରିହାତି ୧୭%

ବାର୍ଷିକ ଗ୍ରାହକ ଯୋଜନା




- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୫୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୫୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ 'ରେବତୀ ମିଡିଆ ହାଉସ ପ୍ରା. ଲିଃ.' ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍‌ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟଟି ଆମକୁ ପଠାଇବେ ।

ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ,
ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦



**Bank Details**
**Benificiary Name : Rebati Media House Pvt Ltd.**
**Bank Name : HDFC BANK (India), Balasore**
**Account No : 50200033907121**
**IFSC Code : HDFC0000366**

www.rebatee.in
୪୦/-
ରେବତୀ
ଆମ ମାଟିର ସ୍ୱର




We Make

• Etching • Beveling • H-Polish • Designers Glass
• Colour Etching • Hi-Polish Etc. • Decorative Mirror







MIRROR HOUSE

Plot No.-19, Rebati Nagar, Near Odiani Dhaba, Cuttack-Puri N.H., Bi-pass Road,
Bhubaneswar - 751002, Mob.: 9861150065, 9040483341, Email: shankar198611@gmail.com

ପ୍ରସଙ୍ଗ - ୩

# ମୟୂରଭଞ୍ଜା



# ରାଜ ଉଆସ



# କଥା କୁହେ ରାଜପ୍ରାସାଦ

ପୃଥିବୀର ଇତିହାସରେ ରାଜପ୍ରାସାଦର ଭୂମିକା ସବୁଠାରୁ ବେଶୀ । ରାଜପ୍ରାସାଦ ହିଁ ବେଶୀ ବେଶୀ ଇତିହାସ-କଥା କହେ । ରାଜପ୍ରାସାଦ ଭିତରେ ଲୁଚି ରହିଛି ତା'ର ସମଗ୍ର ରାଜ୍ୟର କାହାଣୀ ଆଉ ଲୁଚି ରହିଛି କେତେ କେତେ କିମ୍ବଦନ୍ତୀ ଠାରୁ ଆରମ୍ଭ କରି କେତେ କେତେ ଅକୁହା କଥା । ଆମେ ଆଜି ସୁଦ୍ଧା ସେହି ଇତିହାସ ପୁରାପୁରି ଖୋଜି ପାରିନୁ କି ସମ୍ଭବ ବି ନୁହେଁ । ଏଥିପାଇଁ ରାଜପ୍ରାସାଦଗୁଡ଼ିକର ଆକର୍ଷଣ ଆମ ପାଇଁ ବିସ୍ମୟକର ହୋଇ ରହିଛି । କୌଣସି ଅଞ୍ଚଳର ଇତିହାସ ଜାଣିବାକୁ ହେଲେ ରାଜପ୍ରାସାଦ ଭିତରେ ପ୍ରବେଶ କରି ରାଜାଙ୍କ ବିଷୟରେ ସର୍ବାଙ୍ଗୀନ ଅଧ୍ୟୟନର ଆବଶ୍ୟକତା ରହିଛି । କାହିଁକି ନା ରାଜାଙ୍କୁ କେନ୍ଦ୍ର କରି ସାମାଜିକ, ଧାର୍ମିକ, ଆର୍ଥିକ ଇତ୍ୟାଦି ବିଷୟରେ ସଠିକ୍ ଧାରଣା ମିଳେ । ସେଥିପାଇଁ ପ୍ରାମାଣିକ ଇତିହାସ ଲିପିବଦ୍ଧ କରିବାକୁ ହେଲେ ଏ ଅଧ୍ୟୟନର ବିଷଦ ଆବଶ୍ୟକତା ରହିଛି ।


## ଅଜିତ୍ ପାତ୍ର

**ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ**
**ଭୁଗୁଡ଼ାକୋଟା, ବାରିପଦା, ମୟୂରଭଞ୍ଜ**
**ଫୋନ : ୯୮୬୧୬୨୯୭୦୨**

**ଫଟୋ ସୌଜନ୍ୟ: ଲେଖକ**




◀ ଲେଖକ ଅଜିତ୍ ପାତ୍ର

ମୟୂରଭଞ୍ଜ ରାଜ୍ୟର ଇତିହାସ ଆମ ଭାରତବର୍ଷର ଇତିହାସର ପୃଷ୍ଠାରେ ଦେଖିବାକୁ ଗଲେ ବେଶ୍ ପୁରୁଣା ଓ ମହର୍ତ୍ତ୍ୱପୂର୍ଣ୍ଣ କିନ୍ତୁ ଭାରତ ଇତିହାସରେ ମୟୂରଭଞ୍ଜର ଇତିହାସକୁ ଯେତିକି ଗୁରୁତ୍ୱ ସହକାରରେ ସ୍ଥାନ ଦେବା କଥା ତାହା ଦିଆ ଯାଇ ନାହିଁ, ଏହା ଭାରତର ଇତିହାସ ପୃଷ୍ଠାର ଏକ ଦୁର୍ଭାଗ୍ୟ ଛଡ଼ା ଆଉ କିଛି ନୁହେଁ । ଏଥିରେ ଅବଶ୍ୟ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ କାହିଁକି ନା ଭାରତର ଇତିହାସ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଲିପିବଦ୍ଧ ହୋଇନାହିଁ ଏବଂ ଆମ ପୂର୍ବଜମାନଙ୍କ ଦ୍ୱାରା ଆମର ଇତିହାସ ଲେଖା ହୋଇନାହିଁ କିଛି ବିଦେଶୀ ପରିବ୍ରାଜକ ଓ ବିଦେଶୀ ଇତିହାସକାରଙ୍କ ଦ୍ୱାରା ଭାରତର ଇତିହାସ ପ୍ରଣୟନ ହେବା ଦ୍ୱାରା ଉତ୍କଳ ପ୍ରଦେଶର ଏମିତି ନିଛାଟିଆ ପାହାଡ଼ ଜଙ୍ଗଲ ପରିବେଷ୍ଟିତ ଅଞ୍ଚଳକୁ ତାଙ୍କ ଦୃଷ୍ଟିପଥରେ ସେମିତି ଭାବେ ଆସି ନାହିଁ । ତେବେ ବି ଯେତିକି ଆସିଥିଲା ତାହା ହିଁ ଆମର ସାକ୍ଷୀ ଓ ପରବର୍ତ୍ତୀ କାଳରେ ଯାହା ଲିପିବଦ୍ଧ ହୋଇଛି ତହିଁରେ ମୟୂରଭଞ୍ଜର ଇତିହାସ ସମୃଦ୍ଧ ହେଉଛି ଏବଂ ମୟୂରଭଞ୍ଜର ଇତିହାସ ସଦାବେଳେ ଭାରତର ମୁଖ୍ୟ ଇତିହାସ ସହିତ କୋଉଠି ନା କୋଉଠି ଜଡ଼ିତ ରହିଛି ।

ଭଞ୍ଜବଂଶୀୟ ଯେଉଁ ରାଜପ୍ରାସାଦ ତା'ର ଉଜ୍ଜ୍ୱଳ ଗୌରବ ନେଇ ଆଜି ମଧ୍ୟ ଅଧୁନା ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ସଦର ବାରିପଦାରେ ଠିଆ ହୋଇ ରହିଛି ଏହା ଭଞ୍ଜବଂଶୀୟ ଅନ୍ତିମ ରାଜପ୍ରାସାଦ । ଭଞ୍ଜବଂଶୀୟ ବାକି ରାଜପ୍ରାସାଦଗୁଡ଼ିକ ଯାହା ଭିନ୍ନ ଭିନ୍ନ ଜାଗାରେ ରାଜଧାନୀ ସ୍ୱରୂପ ପ୍ରତିଷ୍ଠିତ ହୋଇଥିଲା ତାହା ସେହି ସମୟରେ ଧ୍ୱଂସପ୍ରାପ୍ତ ହୋଇ ଏବେ ମାଟି ତଳେ ଶୟନମାନ । ଯଦିଓ କୋଉଠି ପରିବର୍ତ୍ତୀ କାଳରେ ଉତ୍ଖନନ ଦ୍ୱାରା ଅଳ୍ପ କିଛି ଅଂଶ ଦୃଷ୍ଟିଗୋଚର ହୁଏ, ତାହା ଏବେ ଶ୍ରୀହୀନ । ଉତ୍ତରସୂରୀ ଭଞ୍ଜରାଜାମାନଙ୍କ ଦ୍ୱାରା ପୁନଃନିର୍ମିତ କିଛି ମନ୍ଦିର, ଅବଶ୍ୟ ଆଜି ମଧ୍ୟ ଭକ୍ତ, ଶ୍ରଦ୍ଧାଳୁ ଓ ଦର୍ଶକମାନଙ୍କ ଆଗରେ ଠିଆ ହୋଇ ତା'ର ଗୌରବମୟ ଇତିହାସର କଥା କହୁଛି ।

### ଭଞ୍ଜବଂଶର ଉତ୍ପତ୍ତିର କିମ୍ବଦନ୍ତୀ

ଭଞ୍ଜବଂଶ ସୃଷ୍ଟିର ପଛରେ ଯେଉଁ କିମ୍ବଦନ୍ତୀ ସବୁଠାରୁ ଲୋକପ୍ରିୟ, ତାହା ହେଲା ଏହି ରାଜ୍ୟର ରାଜାରାଜୁଡ଼ାମାନଙ୍କର ପ୍ରାଚୀନ ବଂଶଧର ଆଦିଭଞ୍ଜ ମୟୂର ଅଣ୍ଡାରୁ ଜନ୍ମଲାଭ କରିଥିଲେ । ଆଉ ଏକ କିମ୍ବଦନ୍ତୀ ହେଉଛି ବାମନଘାଟିର ରାଜା ମୟୂରଧ୍ୱଜଙ୍କ ନାମ ଅନୁସାରେ ଏହି ବଂଶର ନାମକରଣ ହୋଇଛି ବୋଲି କୁହାଯାଏ । ଆଉ ଏକ କିମ୍ବଦନ୍ତୀ ହେଉଛି ସ୍ୱଦେଶ ପ୍ରତ୍ୟାବର୍ତ୍ତନ ସମୟରେ ରାଜପୁତନାର ରାଜା ଜୟସିଂହ ବାମନଘାଟିର ରାଜା ମୟୂରଧ୍ୱଜଙ୍କୁ ପରାସ୍ତ କରିଥିଲେ ଏବଂ ଅଷ୍ଟାଦଶ ଶତାବ୍ଦୀରେ ଏହି ରାଜ୍ୟ ସ୍ଥାପିତ ହୋଇଥିଲା । କିନ୍ତୁ ଏହାର ଐତିହାସିକ ସତ୍ୟତା କିଛି ନାହିଁ, କାରଣ ଅଷ୍ଟାଦଶ ଶତାବ୍ଦୀରେ ଜୟପୁର ରାଜ୍ୟ ଗଠନ ହୋଇନଥିଲା ।

### ଇତିହାସ

ମୟୂରଭଞ୍ଜର ଇତିହାସ ପ୍ରାଚୀନ କାଳରୁ ଆରମ୍ଭ ହୋଇ ୧୯୪୮ ମସିହା ପର୍ଯ୍ୟନ୍ତ ବିସ୍ତୃତ । ପରମାନନ୍ଦ ଆଚାର୍ଯ୍ୟଙ୍କ 'ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ' ପୁସ୍ତକରେ ଭଞ୍ଜବଂଶୀୟ ରାଜ୍ୟର ରାଜାଙ୍କର ତାଲିକା ପ୍ରସ୍ତୁତ କରିବାକୁ ଯାଇ ୪୬ ଜଣ ରାଜାଙ୍କର ନାଁ କ୍ରମବଦ୍ଧ ଭାବରେ ଲିପିବଦ୍ଧ କରିଛନ୍ତି । ଯାହା ଜଗନ୍ନାଥ ଭଞ୍ଜ (ଆନୁମାନିକ ୧୫୧୫/୨୦ ରୁ ୧୫୪୦ ମସିହା) । ବୌଦ୍ଧଗ୍ରନ୍ଥ ବିନୟପୀଟକରେ ଉଲ୍ଲେଖ ଅଛି ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭଞ୍ଜ ନାମୀୟ ଜାତି ଉତ୍କଳରେ ବସବାସ କରୁଥିଲେ । କିନ୍ତୁ ଆମେ ଯଦି ଭଞ୍ଜବଂଶର ଉତ୍ପତ୍ତି ବିଷୟରେ ଜାଣିବା ତାହେଲେ ଦେଖିବା ଯେ ଭଞ୍ଜବଂଶ ଦୁଇଟି ଶାଖାରେ ବିଭକ୍ତ ଏବଂ ଏମାନେ ନବମ-ଦଶମ ଶତାବ୍ଦୀ ବେଳକୁ ରାଜତ୍ୱ ଆରମ୍ଭ କରିଥିଲେ । ଯେଉଁ ଶାଖାର ରାଜ୍ୟ ପରବର୍ତ୍ତୀ କାଳରେ ମୟୂରଭଞ୍ଜ ନାମରେ ନାମିତ ହେଲା ତାହା ସେତେବେଳେ ଖିଜିଙ୍ଗମଣ୍ଡଳ ରାଜ୍ୟ ନାମରେ ନାମିତ ଥିଲା ବେଳେ ଏହାର ରାଜଧାନୀ ଥିଲା ଖିଜିଙ୍ଗକୋଟ୍ଟ ଯାହା ଏବେ ଖିଚିଂ ନାମରେ ପରିଚିତ । ଏହି ଶାଖାର ରାଜାମାନେ ଏଠାରେ ସୁଦୃଢ ଭାବରେ ପ୍ରାୟ ୫ଶହ ବର୍ଷ ଧରି ରାଜତ୍ୱ କରୁଥିଲେ । ଦିଲ୍ଲୀର ସୁଲତାନ ଫିରୋଜ ସାହ ତୋଗଲକ ୧୩୬୦-୬୧ରେ ଓଡ଼ିଶା ଅଭିଯାନରେ ଆସିବା ବେଳେ ଖିଚିଂ ନଗରୀକୁ ଧଂସ କରିଦେଇଥିଲେ । ଖିଜିଙ୍ଗକୋଟ୍ଟର ଭଞ୍ଜବଂଶ ଦ୍ୱାରା ପ୍ରଦତ୍ତ ପନ୍ଦରଟି ତାମ୍ରଶାସନ ଏ ପର୍ଯ୍ୟନ୍ତ ଆବିଷ୍କାର ହୋଇଛି । ଖିଜିଙ୍ଗମଣ୍ଡଳର ଆଉ ଜଣେ ଉଲ୍ଲେଖଯୋଗ୍ୟ ରାଜାଙ୍କ ନାଁ ଥିଲା ଦୁର୍ଜୟଭଞ୍ଜ । ସେ ଥିଲେ ଶିବଭକ୍ତ । କିନ୍ତୁ ଏହି ରାଜ୍ୟରେ ବ୍ରାହ୍ମଣଧର୍ମ ବ୍ୟତୀତ ବୁଦ୍ଧଧର୍ମର ମନ୍ଦିର ରହିଥିବାର ଜଣାଯାଏ ।

ଯେତେବେଳେ ଫିରୋଜ ସାହ ତୋଗଲକ ବିହାର ଆଡ଼ରୁ ପତନୋନ୍ମୁଖୀ ଗଙ୍ଗ ସାମ୍ରାଜ୍ୟ ଉପରେ ଆକ୍ରମଣ କଲେ ସେତେବେଳେ ଭଞ୍ଜବଂଶୀୟ ରାଜ୍ୟ ଖିଜିଙ୍ଗକୋଟ୍ଟକୁ ମଧ୍ୟ ଧ୍ୱଂସ କରିଦେଲେ । ତା

ସହିତ ଏହି ସାମ୍ରାଜ୍ୟର ରାଜାମାନଙ୍କ ଦ୍ୱାରା ନିର୍ମିତ ବହୁ ଦର୍ଶନୀୟ ମନ୍ଦିର ଓ ଅଟ୍ଟାଳିକା ମଧ୍ୟ ଧ୍ୱଂସପ୍ରାପ୍ତ ହେଲା । କିନ୍ତୁ ଏଥିରେ ଭଞ୍ଜ ଇତିହାସରେ ଗୋଟିଏ ନୂତନ ମୋଡ଼ ଆସିଲା । ହରିହର ଭଞ୍ଜଙ୍କ ନେତୃତ୍ୱରେ ନିଜର ସୁରକ୍ଷା କାରଣରୁ ରାଜଧାନୀକୁ ପୂର୍ବ ଆଡ଼େ ବଳଙ୍ଗ ନଦୀ କୂଳରେ ୧୪୦୦ ମସିହାରେ ହରିହର ପୁର ଦୁର୍ଗ ସ୍ଥାପନ କରି ଏଠାରେ ରାଜଧାନୀକୁ ସ୍ଥାନାନ୍ତରିତ କଲେ । ମଝିରେ କେତେକ ବର୍ଷ ବହଳଦାରେ ମଧ୍ୟ ରହିଥିବାର ପ୍ରମାଣ ମିଳେ ଯାହା ଏକ ଅସ୍ଥାୟୀ ରାଜଧାନୀ ଭାବେ ଆମକୁ ଜାଣିବାକୁ ପଡ଼ିବ । ଏମିତି ପରେ ପୁଣି ଏବେକାର ମୟୂରଭଞ୍ଜ ଜିଲ୍ଲାର ସଦର ବାରିପଦାକୁ ଭଞ୍ଜବଂଶୀୟ ରାଜାମାନେ ରାଜଧାନୀ ସ୍ଥାନାନ୍ତରିତ କରିଥିଲେ । ଇତିହାସକୁ ଦେଖିଲେ ପ୍ରାୟ ୪୬ଜଣ ଭଞ୍ଜବଂଶୀୟ ରାଜା ଏହି ରାଜତ୍ୱକୁ ଶାସନ କରିଥିଲେ ବୋଲି ଜଣାଯାଏ । ଏହା ପ୍ରସିଦ୍ଧ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ତାଙ୍କର 'ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ' ପୁସ୍ତକରେ ଲିପିବଦ୍ଧ କରିଛନ୍ତି । ଯାହା ପ୍ରଥମ ରାଜା ଜଗନ୍ନାଥ ଭଞ୍ଜ (ଆନୁମାନିକ ଖ୍ରୀଷ୍ଟାବ୍ଦ ୧୫୧୫/୨୦ - ୧୫୪୦ ) ଓ ଶେଷ ରାଜା ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କ ( ଖ୍ରୀଷ୍ଟାବ୍ଦ ୧୯୨୮-ଖ୍ରୀଷ୍ଟାବ୍ଦ ୧୯୪୮ ) ପର୍ଯ୍ୟନ୍ତ ବିସ୍ତୃତ ।

## ଖିଚିଂରେ ଥିବା ମନ୍ଦିର

ଏଠାରେ ଭଞ୍ଜବଂଶୀୟ ରାଜାମାନେ ପ୍ରାୟ ପାଞ୍ଚଶହ ବର୍ଷକାଳ ଧରି ରାଜତ୍ୱ କାଳରେ ବେଶ୍ କିଛି ମନ୍ଦିର ଓ ଦେବାଳୟ ତିଆରି କରିଥିଲେ ଯାହା ସମୟାନୁକ୍ରମରେ ବ୍ରହ୍ମଚର୍ଯ୍ୟ ଧର୍ମୀୟ, ବୌଦ୍ଧ ଧର୍ମୀୟ ଓ ଜୈନ ଧର୍ମୀୟମାନେ ବ୍ୟବହାର କରୁଥିଲେ । ଆମେ ଏବେ ଖିଚିଂରେ ଯେଉଁ କଳା ମୁଗୁନି ପଥରରେ ତିଆରି ଖୁବ୍ ଆକର୍ଷଣୀୟ କୀଚେକେଶ୍ୱରୀ ମନ୍ଦିରଟି ଦେଖୁଛୁ ଏହା ପରବର୍ତ୍ତୀ କାଳରେ ଭଞ୍ଜବଂଶୀୟ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ପୃଷ୍ଠପୋଷକତାରେ ସେ ସମୟର କ୍ୟୁରେଟର୍ ଶୈଳେନ୍ଦ୍ର ନାଥ ବୋଷ ଓରଫ୍ ବୀରବଳବାବୁଙ୍କ ଅଦମ୍ୟ ପରିଶ୍ରମ ଓ ପାରଦର୍ଶିତା ବଳରେ ନିର୍ମାଣ କରାଯାଇଥିଲା । ଏହି ମନ୍ଦିରରେ ଯୋଡ଼ା ଯାଇଥିବା ସମସ୍ତ ପ୍ରସ୍ତର ଖଣ୍ଡ ଓ ମୂର୍ତ୍ତିଗୁଡ଼ିକୁ ସେଠାରେ ରାଜତ୍ୱ କରୁଥିବା ଭଞ୍ଜ ଯୁଗର ଧ୍ୱଂସପ୍ରାପ୍ତ ବହୁ ମନ୍ଦିରରୁ ସଂଗ୍ରହ କରି ଆଣିଥିଲେ । ଯେଠାରେ ଏବେ ମା' କୀଚେକେଶ୍ୱରୀ ମନ୍ଦିର ଓଡ଼ିଶା ତଥା ଓଡ଼ିଶା ବାହାରର ହଜାର ହଜାର ଶ୍ରଦ୍ଧାଳୁ ତଥା ଦର୍ଶକମାନଙ୍କୁ ଆକର୍ଷିତ କରିବା ସହିତ ଓଡ଼ିଶାର ଗର୍ବକୁ ସଂବୃଦ୍ଧି କରାଉଛି । ସେଠାରେ ଆଗରୁ ରହିଥିବା ମନ୍ଦିରର ଧଂସାବଶେଷକୁ ମରାମତ କରାଇ ପୁଣି ସେହି ପୁରୁଣା ଢାଞ୍ଚାରେ ତିଆରି କରାଯାଇଛି । ଏହାର ଉଚ୍ଚତା ପ୍ରାୟ ୬୮ ଫୁଟ୍ । ଭଞ୍ଜବଂଶୀୟ ରାଜାମାନେ ବ୍ରାହ୍ମଣ ମନ୍ଦିର ଛଡ଼ା ବୁଦ୍ଧ ମନ୍ଦିର ମଧ୍ୟ ନିର୍ମାଣ କରିଥିଲେ । ଏହି କୀଚକେଶ୍ୱରୀ ମନ୍ଦିରର ଗାତ୍ରରେ କଳାପଥର ଉପରେ ନିର୍ମିତ ବୁଦ୍ଧଦେବଙ୍କ ମୁଖାୟବର ଆକୃତି ଆଜି ମଧ୍ୟ ଦେଖିବାକୁ ମିଳେ । ଏଥିରୁ ଜଣାଯାଏ ରାଜାଙ୍କର ସର୍ବଧର୍ମ ପ୍ରତି ପ୍ରୀତିର ସମ୍ପର୍କ ଥିଲା ।

ଏହାଛଡ଼ା ୧୯୨୮ ମସିହାରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ପ୍ରତିଷ୍ଠିତ ଖିଚିଂ ସଂଗ୍ରହାଳୟରେ ୩୦୦ରୁ ଊର୍ଦ୍ଧ୍ୱ ପ୍ରାଚୀନ ମୂର୍ତ୍ତି, ଭାସ୍କର୍ଯ୍ୟ, ମୁଦ୍ରା, ତାମ୍ର ଫଳକ, ପ୍ରସ୍ତର ଯୁଗର ଅଂଶବିଶେଷ, ତାଳପତ୍ର ପୋଥି ଇତ୍ୟାଦି ସଂଗୃହୀତ ହୋଇ ରହିଛି । ଏହି ଅଞ୍ଚଳରେ ରହୁଥିବା ବହୁ ମନ୍ଦିର ଓ ଅଟ୍ଟାଳିକାରୁ ଭଞ୍ଜବଂଶୀୟ ରାଜାଙ୍କ ସ୍ଥାପତ୍ୟ କଳା ଓ ଉନ୍ନତ ମାନସିକତାର ପରିଚୟ ମିଳିବା ସହିତ ରାଜ୍ୟର ଆର୍ଥିକ ସ୍ଥିତି ସମ୍ପର୍କରେ ଆମେ ଧାରଣା କରିପାରୁ ।



## ହରିହରପୁର ଗଡ଼

ରାଜା ହରିହର ଭଞ୍ଜଙ୍କ ଦ୍ୱାରା ହରିହରଗଡ଼ ୧୪୦୦ ମସିହାରେ ସ୍ଥାପିତ ହୋଇଥିଲା । ଏହି ସମୟରୁ କୌଣସି ଅଜଣା କାରଣରୁ ଏହି ରାଜ୍ୟର ନାମକରଣ ହୁଏ ମୟୂରଭଞ୍ଜ ଏବଂ ରାଜ୍ୟର ରାଜକୀୟ ଚିହ୍ନ ରଖାଯାଏ ମୟୂର ପକ୍ଷୀ । ଏହି ରାଜଧାନୀକୁ ସୁରକ୍ଷିତ ଭାବରେ ଭଞ୍ଜରାଜାମାନେ ଦେଖୁଥିଲେ । କିନ୍ତୁ ହରିହରପୁର ମଧ୍ୟ ଦିନେ ଧଂସପ୍ରାପ୍ତ ହୋଇ ମାଟି ତଳେ ଶୟନମାନ ହେଲା । ଏହି ଗଡ଼ ଓ ଏଠାରେ ନିର୍ମିତ ମନ୍ଦିର ଓ ତୋରଣକୁ ପରବର୍ତ୍ତୀ କାଳରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କ ଆଗ୍ରହ ଓ ପୃଷ୍ଠପୋଷକତାରେ ଶୈଳେନ୍ଦ୍ରନାଥ ବୋଷ ସଫଳତାର ସହିତ ହରିହରପୁର ଗଡ଼ର ଭୂଖୋଦନ କାର୍ଯ୍ୟ ଆରମ୍ଭ କରନ୍ତି । ଏହି ରାଜପ୍ରାସାଦ ଭିତରେ ଅବସ୍ଥିତ ରସିକରାୟ ମନ୍ଦିର ପୁନରୁଦ୍ଧାର ଓ ରାଜମହଲର ଧଂସପ୍ରାପ୍ତ ବିଭିନ୍ନ ଅଂଶକୁ ଖୋଦନ ଦ୍ୱାରା ପରିଷ୍କାର କରିଥିଲେ । ରାଜମହଲର ଆୟତନ ହେଲା ୧୨୦୦ x ୮୫୦ ଫୁଟ୍ । ଏବେ ବି ଗୋଟିଏ କୂପ ଦେଖିବାକୁ ମିଳେ । ଏଠାରେ ରାଜତ୍ୱ କରିଥିବା ରାଜାମାନେ ବୈଷ୍ଣବ ଧର୍ମ ସମର୍ଥନ କରୁଥିଲେ । ଶ୍ରୀଚୈତନ୍ୟ ମହାପ୍ରଭୁ ( ଖ୍ରୀଷ୍ଟାବ୍ଦ ୧୪୫୮-୧୫୧୩ ) ପୁରୀ ଯାତ୍ରା ସମୟରେ ଏଠାରେ ଗୋଟିଏ ରାତ୍ରି ଅତିବାହିତ କରିଥିଲେ ବୋଲି ବିଭିନ୍ନ ଲେଖାରୁ ଜଣାଯାଏ । ଗୋପୀବଲ୍ଲଭପୁରରେ ବସବାସ କରୁଥିବା ସ୍ୱାମୀ ରସିକାନନ୍ଦ ଥିଲେ ରାଜା ବୈଦ୍ୟନାଥ ଭଞ୍ଜଙ୍କ ଧର୍ମଗୁରୁ । ସେଥିପାଇଁ ରାଜା ବୈଦ୍ୟନାଥ ଭଞ୍ଜ ଷୋଡ଼ଶ ଶତାବ୍ଦୀରେ ରସିକାନନ୍ଦଙ୍କ ସ୍ମୃତିରେ ରସିକରାୟ ମନ୍ଦିର ନିର୍ମାଣ କରିଥିଲେ । ଏହା ଓଡ଼ିଶା ଭିତରେ ଥିବା ବିରଳ ମନ୍ଦିର ଭିତରେ ଗୋଟିଏ, ଯାହା ଗୌଡ଼ୀୟ ଶୈଳୀରେ ପୋଡ଼ା ଇଟା ଦ୍ୱାରା ତିଆରି କରାଯାଇଥିଲା । ଏହି ମନ୍ଦିର କାରୁକାର୍ଯ୍ୟମୟ ପୋଡ଼ା ଇଟାରେ ନିର୍ମିତ ହେବା ସହିତ ପୁରାଣ ବର୍ଣ୍ଣିତ କଥାର ବହୁ ନକ୍ସା ମନ୍ଦିର ଗାତ୍ରରେ ରହିଛି । ସେଥିରୁ କୃଷ୍ଣଲୀଳାର ଚିତ୍ର ପୋଡ଼ା ମାଟିରେ ଖୋଦିତ ଓ ସୁଶୋଭିତ । ଏହି ମନ୍ଦିରଟି ଦର୍ଶକଙ୍କ ପାଇଁ ଆକର୍ଷଣର ଆଜି କେନ୍ଦ୍ରବିନ୍ଦୁ ପାଲଟିଛି । ଏଠାରେ ଆଉ ଏକ ରାଧାମୋହନ ମନ୍ଦିର ରହିଛି, ଯାହା ରାଜପ୍ରାସାଦର ଗୋଟିଏ କୋଣରେ ଅବସ୍ଥିତ । ହୁଏତ ଏହା ପ୍ରଜାମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥାଇପାରେ ।

ଏହି ରାଜପ୍ରାସାଦଟି ତତ୍କାଳୀନ ସମୟରେ ବେଶ୍ ମନୋମୁଗ୍ଧକର ଓ ସୁନିୟୋଜିତ ରାଜପ୍ରାସାଦ ରୂପେ ପରିଚିତ ଥିଲା । ଆଜି ମଧ୍ୟ ମାଟି ଉପରେ ଓସାରିଆ କାନ୍ଥସବୁର ନିର୍ଦ୍ଦେଶନ ଦେଖିବାକୁ ପାଇବେ ଓ ପ୍ରାଚୀର ସଂଲଗ୍ନ ତୋରଣ ପ୍ରଲୁବ୍ଧ କରିବ ।

ବଙ୍ଗ ନବାବ ସୁଲେମାନ କର୍‌ରାନୀ କାଂଶବାଂଶ ନଦୀ ଓ ମୟୂରଭଞ୍ଜ ଦେଇ ଓଡ଼ିଶା ଅଧିକାର ଅଭିପ୍ରାୟରେ ଯାଉଥିବା ବେଳେ ସେନାବାହିନୀର ସେନାପତି କଳାପାହାଡ଼ଙ୍କ ଦ୍ୱାରା ଓଡ଼ିଶା ରାଜାଙ୍କୁ ୧୫୬୮ ମସିହାରେ ପରାସ୍ତ କରିବା ସମୟରେ ଏହି ଭଞ୍ଜବଂଶର ରାଜପରିବାର ଧ୍ୱସ୍ତବିଧ୍ୱସ୍ତ ହୁଏ । ରାଜପରିବାରର ଲୋକେ ଗଭୀର ଜଙ୍ଗଲ ଭିତରେ ଲୁଚି ଆତ୍ମଗୋପନ କରନ୍ତି । ପ୍ରଜାମାନେ ବହୁ ପରିମାଣରେ ନିହତ ଓ ଉତ୍ପୀଡ଼ିତ ହୁଅନ୍ତି । ଆଉ ଯେତେବେଳେ ରାଜା ତୋଡ଼ରମଲ୍ଲ ବଙ୍ଗ ଆକ୍ରମଣ କଲେ(ମାର୍ଚ୍ଚ ୧୫୭୫) ସେତେବେଳେ ତାଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ବଙ୍ଗ ଶାସକ ଦାଉଦ ଖାଁ ଏହି ଗଡ଼ରେ ଆଶ୍ରୟ ନେଇଥିଲେ ବୋଲି 'ଆକବରନାମା'ରେ ଉଲ୍ଲେଖ ରହିଛି । ଦାଉଦ ଖାଁ ପରାସ୍ତ ହେବା ପରେ ମୋଗଲମାନେ କଟକ ପର୍ଯ୍ୟନ୍ତ ନିଜର ଆଧିପତ୍ୟ ବିସ୍ତାର କରନ୍ତି । ବୈଦ୍ୟନାଥ ଭଞ୍ଜଙ୍କ ମୃତ୍ୟୁ ପରେ ପ୍ରାୟ ଦୁଇଶହ ବର୍ଷ ପର୍ଯ୍ୟନ୍ତ ଭଞ୍ଜରାଜାମାନେ ହରିହରପୁରରେ ରାଜତ୍ୱ କରୁଥିଲେ ।

ହରିହରପୁରରୁ ମୟୂରଭଞ୍ଜର ରାଜଧାନୀ ବାରିପଦାକୁ ସ୍ଥାନାନ୍ତରିତ କରିବା ପରେ ୧୮୦୪ ମସିହାରୁ ଏହି ନୂତନ ରାଜଧାନୀର ଗୁରୁତ୍ୱ ଧୀରେଧୀରେ ବଢ଼ିବାକୁ ଲାଗିଲା । କାରଣ ଦାମୋଦର ଭଞ୍ଜଙ୍କ ସମୟରୁ ମରହଟ୍ଟାମାନଙ୍କ ବାରମ୍ବାର ଆକ୍ରମଣ ଫଳରେ ହରିହରପୁରରେ ଆଉ କେହି ରହିବା ପାଇଁ ଚାହିଁଲେ ନାହିଁ ।

ମୟୂରଭଞ୍ଜର ଇତିହାସରେ ଦୁଇ ମହାରାଜେଶ୍ୱରୀ ସିଂହାସନ ସୁଶୋଭିତ କରିଥିଲେ ମଧ୍ୟ ମହାରାଜେଶ୍ୱରୀ ସୁମିତ୍ରାଦେବୀ ଭଞ୍ଜଦେଓ (୧୭୯୬-୧୮୧୧ ମସିହା)ଙ୍କ ରାଜତ୍ୱକାଳ ବହୁ ଗୁରୁତ୍ୱପୂର୍ଣ୍ଣ । ସିଏ ମରହଟ୍ଟାମାନଙ୍କ କବଳରୁ ରାଜ୍ୟକୁ ରକ୍ଷା କରିବା ପାଇଁ ହରିହରପୁର ଠାରୁ ରାଜଧାନୀ ବାରିପଦାକୁ ସ୍ଥାନାନ୍ତରିତ କରିଥିଲେ । ଓଡ଼ିଶାର ସବୁଠାରୁ ସମୃଦ୍ଧଶୀଳ ସହର ଭାବରେ ଆଜି ମଧ୍ୟ ସେହି ବାରିପଦା ତା'ର ଗର୍ବ ଓ ଗାରିମା ନେଇ ମୁଣ୍ଡ ଟେକି ଠିଆ ହୋଇ ରହିଛି ।

ଭଞ୍ଜବଂଶୀୟ ରାଜାଙ୍କ ଭିତରେ ଅନ୍ୟତମ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ (୧୮୬୭-୧୮୮୨ ମସିହା) ତାଙ୍କ ରାଜ୍ୟରେ ଶିକ୍ଷା, କଳା-ସଂସ୍କୃତି ଓ କାରିଗରୀକୁ ବହୁଳ ପରିମାଣରେ ବିକାଶ କରିଥିଲେ । ସିଏ ବାରିପଦାରୁ ବାଲେଶ୍ୱର ଓ ବହଳଦା ପର୍ଯ୍ୟନ୍ତ ରାଜପଥ ନିର୍ମାଣ କରାଇଥିଲେ । ବାରିପଦାରେ ଏକ ସୁଶୋଭିତ ବେଶ୍ ବଡ଼ ରାଜପ୍ରାସାଦ, ଡାକଘର, ଥାନା, ବିଦ୍ୟାଳୟ, ବିଶ୍ରାମାଗାର ଇତ୍ୟାଦି ତିଆରି କରାଇଥିଲେ । ଜଳସେଚନ ପାଇଁ ମୁଣ୍ଡାରୀରେ ଜଳସେଚନ ପ୍ରକଳ୍ପ ସ୍ଥାପନ ତାଙ୍କ ରାଜତ୍ୱ କାଳରେ ନିର୍ମାଣ ହୋଇଥିଲା । ସିଏ ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ କଟକରେ କଲେଜ ପାଇଁ କୋଠା ନିର୍ମାଣ ଉପଲକ୍ଷେ ସତେଇଶ ହଜାର ମୁଦ୍ରା ଦାନ କରିଥିଲେ । ବାରିପଦାରେ ଗୋଟିଏ ମୁଦ୍ରଣ ଯନ୍ତ୍ର ସ୍ଥାପନ କରିଥିଲେ ଶିକ୍ଷାର ପ୍ରସାର ପାଇଁ ଏବଂ ଏହି ମୁଦ୍ରଣ ଯନ୍ତ୍ର ସହାୟତାରେ ସିଏ 'ମୟୂର ପାକ୍ଷିକ ପତ୍ରିକା' ୧୮୭୮ ମସିହାରୁ ପ୍ରକାଶିତ କରୁଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (୧୮୯୦-୧୯୨୧ ମସିହା) ଜଣେ ସୁଶିକ୍ଷିତ ରାଜା ଥିଲେ । ବିଜ୍ଞାନ ଓ ଗଣିତ ବିଷୟରେ ସିଏ ବି.ଏ. ଡିଗ୍ରୀ ଲାଭ କରିଥିଲେ । ତାଙ୍କ ସମୟରେ ଗଡ଼ଜାତ ରାଜ୍ୟ ଭାବରେ ସୁଶାସନ ପାଇଁ ମୟୂରଭଞ୍ଜର ମର୍ଯ୍ୟାଦା ବୃଦ୍ଧି ପାଇଥିଲା । ସିଏ ସମଗ୍ର ଉତ୍କଳ ପ୍ରଦେଶର ଉନ୍ନତି ପାଇଁ ସଦା ପ୍ରୟାସୀ ଥିଲେ । ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ଭାବେ ଜାତିକୁ ଯେଉଁ ସମ୍ବୋଧିତ କରିଥିଲେ ତାହା ଆଜି ମଧ୍ୟ ଓଡ଼ିଆ ଜାତି ପାଇଁ ଚିରସ୍ମରଣୀୟ । ଓଡ଼ିଶାର ପ୍ରଥମ ମେଡିକାଲ କଲେଜ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ରେଭେନ୍ସା କଲେଜ ପ୍ରତିଷ୍ଠା ପାଇଁ ତାଙ୍କ ଦାନ ଅବିସ୍ମରଣୀୟ । ଶ୍ରୀ ରାମଚନ୍ଦ୍ର ମେଡିକାଲ କଲେଜ ପାଇଁ ସେ ସମୟରେ ସିଏ ତିରିଶ ହଜାର ମୁଦ୍ରା ଦାନ କରିଥିଲେ । ସାହିତ୍ୟ କଳା ସଂସ୍କୃତିର ବିକାଶ ପାଇଁ ସିଏ କଟକରେ ଶ୍ରୀରାମଚନ୍ଦ୍ର ଭବନ ନିର୍ମାଣ କରିଥିଲେ ଯାହା ଆଜି ମଧ୍ୟ ଓଡିଶାର ସାହିତ୍ୟ ସଂସ୍କୃତିର ଏକ ଶ୍ରୀକ୍ଷେତ୍ର ଭାବରେ ପରିଚିତ । ତାଙ୍କ ସମୟରେ ଆଉ ଏକ ଉଲ୍ଲେଖନୀୟ ଅବଦାନ ହେଉଛି ୧୯୦୦ରୁ ୧୯୦୪ ମସିହାରେ ରୁପ୍ସା ଠାରୁ ବାରିପଦା ପର୍ଯ୍ୟନ୍ତ ରେଳପଥ ନିର୍ମାଣ କରିବା, ଯାହା ୧୯୦୪ ମସିହାରେ ବଙ୍ଗଦେଶର ଲେଫ୍ଟନାଣ୍ଟ ଗଭର୍ଣ୍ଣର ସାର୍ ଆଣ୍ଡ୍ରୁ ଫ୍ରେଜାର ବାରିପଦା ଆସି ଏହି ରେଳପଥକୁ ଉଦ୍‌ଘାଟନ କରିଥିଲେ ।

ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ମହତ୍ କାର୍ଯ୍ୟ ପାଇଁ କେତେ ଯେ ଦାନ କରିଥିଲେ ତାହା ଲିପିବଦ୍ଧ କରିବା ସମ୍ଭବ ନୁହେଁ, ଏହା ଏକ ଗବେଷଣାର ବିଷୟ । ସରଳାଦେବୀ ଚୌଧୁରାଣୀ ତାଙ୍କ ଆତ୍ମଜୀବନୀ 'ଜୀବନର ଝରାପତ୍ର'ରେ ଉଲ୍ଲେଖ କରିଛନ୍ତି- "ରୁଷ୍ ସହିତ ଜାପାନର ଯୁଦ୍ଧ ବାଧିଲା । ବଙ୍ଗାଳୀମାନଙ୍କୁ ମଣିଷତ୍ୱର ପଥରେ ଆଉ ଏକ ଡିଗ୍ରୀ ଉପରକୁ ଉଠାଇବା ପାଇଁ ଏହି ସୁଯୋଗଟି କାର୍ଯ୍ୟରେ ଲଗାଇଲି । ଖବରକାଗଜରେ ଗୋଟିଏ ବିଜ୍ଞପ୍ତି ଦେଲି, ଇଂରେଜମାନଙ୍କର ରେଡକ୍ରସ୍ ପରି ବଙ୍ଗାଳୀମାନଙ୍କର ବି ଗୋଟିଏ ରେଡକ୍ରସ୍ ଦଳ ଗଠନ ପାଇଁ ସଚେଷ୍ଟ ହେଲି । + + + + ଅର୍ଥର ଦିଗରୁ ସର୍ବପ୍ରଥମେ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଅଯାଚିତ ଭାବରେ ଗୋଟିଏ ହଜାରେ ଟଙ୍କାର ଚେକ୍ ପଠାଇଲେ ।"

**( ଜୀବନର ଝରାପତ୍ର-ସରଳାଦେବୀ ଚୌଧୁରାଣୀ, ଅନୁବାଦ-ଅଜିତ୍ ପାତ୍ର/ ପ୍ରକାଶକ-ଶିକ୍ଷାସନ୍ଧାନ, ଭୁବନେଶ୍ୱର-୨୦୧୯)**

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ (୧୮୬୮-୧୮୮୨ ମସିହା) ଜଣେ କଳା ଓ ସଂସ୍କୃତି ପ୍ରେମୀ ଥିଲେ । ତାଙ୍କ ସମୟରେ ଛଉନୃତ୍ୟକୁ ପୃଷ୍ଠପୋଷକତା ମିଳିଥିଲା । ଛଉନୃତ୍ୟ ଏମିତି ଏକ ନୃତ୍ୟ ଯାହା ଧୀରେନ୍ଦ୍ର ପଟ୍ଟନାୟକଙ୍କ ମତରେ, "ଗଜପତି ମହାରାଜାଙ୍କ ଅଧୀନରେ ଥିବା ରାଜ୍ୟରେ 'ପାଇକ ଆଖଡ଼ା' ସୈନ୍ୟମାନଙ୍କ ମନୋରଞ୍ଜନ ତଥା ଶାରୀରିକ ବ୍ୟୁତ୍ପତ୍ତି ପାଇଁ ପ୍ରଚଳିତ । ଅନୁଗତ ରାଜାମାନେ ଏହାକୁ ଅନୁକରଣ କରି ନିଜ ନିଜ ରାଜ୍ୟରେ ଥିବା ସୈନ୍ୟମାନଙ୍କ ମନୋରଞ୍ଜନ ପାଇଁ ପ୍ରଚଳିତ କରିଥିଲେ । ସେନାବାହିନୀ ରଣାଙ୍ଗନରେ ନ ଥିବା ସମୟରେ ଅବସର ବିନୋଦନ ଉଦ୍ଦେଶ୍ୟରେ 'ଆଖଡ଼ା' ବା Cantonment ସହିତ ସଂପୃକ୍ତ କରାଯାଏ । ଏମିତି ଭାବରେ ଛଉନୃତ୍ୟର ପ୍ରାଦୁର୍ଭାବ ଘଟେ । ଯାହା ହେଉ ସାରା ଓଡ଼ିଶା ଓ ପୃଥିବୀରେ ଏହି ଛଉନୃତ୍ୟର ଖୁବ୍ ପ୍ରଚାର ପ୍ରସାର ଘଟିବା ସହିତ ଏହା ପ୍ରତିବର୍ଷ ଚୈତ୍ରପର୍ବ ସମୟରେ



ଅନୁଷ୍ଠିତ ହୁଏ । ଯେଉଁ ପଡ଼ିଆରେ ପ୍ରତିବର୍ଷ ଛଉନୃତ୍ୟ ହଜାର ହଜାର ସଂଖ୍ୟକ ଦର୍ଶକଙ୍କ ଗହଣରେ ଅନୁଷ୍ଠିତ ହେଉଥାଏ ତାହା ଏବେବି ଛୌ-ପଡ଼ିଆ ନାମରେ ପରିଚିତ । ଏହି ନୃତ୍ୟ ଆଜି ବିଶ୍ୱ ପ୍ରସିଦ୍ଧ ଓ ଭାରତ ତଥା ବିଶ୍ୱର ବହୁ ନରନାରୀ ଏଠାରେ ଆସି ଛଉନୃତ୍ୟ ତାଲିମ ନିଅନ୍ତି । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ଭଞ୍ଜବଂଶୀୟ ରାଜାଙ୍କ ଏକ ତାଲିକା ପ୍ରସ୍ତୁତ କରିଥିଲେ ଯାହା 'ଓଡ଼ିଶା ଡିଷ୍ଟ୍ରିକ୍ଟ ଗେଜେଟିଅର୍ ମୟୂରଭଞ୍ଜ'ର ୮୯ ପୃଷ୍ଠାରେ ଲିପିବଦ୍ଧ ରହିଛି । ତାଲିକାରୁ ଜଣାଯାଏ ମହାରାଜା କୃଷ୍ଣଚନ୍ଦ୍ରଙ୍କ ପର୍ଯ୍ୟନ୍ତ ମୋଟ ୪୩ ଜଣ ଭଞ୍ଜବଂଶୀୟ ରାଜା ଶାସନ କରିଥିଲେ । ସର୍ବପ୍ରଥମେ ମହାରାଜା ଜୟସିଂହ (୫୯୮-୬୧୮ ମସିହା) ଉଲ୍ଲେଖ ରହିଛି ଓ ତାପରେ ମହାରାଜା ଆଦିଭଞ୍ଜ ( ୬୧୮-୬୫୬ ମସିହା)ରେ ରାଜତ୍ୱ କରିଥିବା ଜଣାଯାଏ ।

ଭଞ୍ଜବଂଶୀୟ ରାଜତ୍ୱ କାଳରେ ବାରିପଦା ଓ ମୟୂରଭଞ୍ଜରେ ବହୁ ମନ୍ଦିର ନିର୍ମାଣ ହୋଇଥିଲା । ତନ୍ମଧ୍ୟରୁ ବାରିପଦାର ବଡ଼ଦାଣ୍ଡରେ ଠିଆ ହୋଇଥିବା ଜଗନ୍ନାଥ ମନ୍ଦିର ବା ହରିବଳଦେବଜିଉ ମନ୍ଦିର, ଯାହା ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ । ଏହି ମନ୍ଦିର ବୈଦ୍ୟନାଥ ଭଞ୍ଜଙ୍କ ଦ୍ୱାରା ୧୫୭୫ ମସିହାରେ ନିର୍ମିତ ହେଇଥିଲା । ରଥଯାତ୍ରା ବେଳେ ଏହାର ବିଶେଷତା ହେଉଛି ମା' ସୁଭଦ୍ରାଙ୍କ ରଥ କେବଳ ମହିଳାମାନଙ୍କ ଦ୍ୱାରା ଟଣା ହୋଇଥାଏ । ବାରିପଦାକୁ ମନ୍ଦିରମାଳିନୀ ସହର କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଏହି ସହରରେ ରହିଛି ଜ୍ୱାଳାମୁଖୀ ମନ୍ଦିର । ଏହା ବୁଢାବଳଙ୍ଗ ନଦୀ କୂଳରେ ଅବସ୍ଥିତ । ରାଣୀସତୀ ମନ୍ଦିର ପ୍ରାୟ ମହାରାଜା ଶ୍ରୀନାଥ ଭଞ୍ଜଦେଓ (୧୮୬୩-୧୮୬୮ ମସିହା ) ଏହି ମନ୍ଦିର ନିର୍ମାଣ କରାଇଥିଲେ । ବାଣ୍ଟିଆ ଜଗନ୍ନାଥ ମନ୍ଦିର ମଧ୍ୟ ବହୁ ପ୍ରାଚୀନ ମନ୍ଦିର ଯାହା ସହର ଭିତରେ ଅବସ୍ଥିତ । ଏଠାରେ ଅନୁଷ୍ଠିତ ରଥଯାତ୍ରା କେବଳ କିଶୋର ଓ କିଶୋରୀଙ୍କ ସାହାଯ୍ୟରେ ଟଣାଯାଏ । ଭଞ୍ଜବଂଶୀୟ ରାଜାମାନଙ୍କ ଦ୍ୱାରା ସ୍ଥାପିତ ମନ୍ଦିର ଭିତରଟି ବହୁଶୋଭିତ ହୋଇ ଏବେ ମଧ୍ୟ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଭିତରେ ବିରାଜମାନ କରୁଛି ରାଧାମୋହନ ମନ୍ଦିର, ଅମ୍ବିକା ମନ୍ଦିର, ଶାରଦା ମନ୍ଦିର, ମାଆ କୀଚକେଶ୍ୱରୀ ମନ୍ଦିର, ଗୌରାଙ୍ଗ ମନ୍ଦିର, ବ୍ରାହ୍ମ ମନ୍ଦିର, ସାତଭଉଣୀ ମନ୍ଦିର, ବୁଢ଼ାବଳଙ୍ଗ ମଠ, ବୁଢ଼ା ରାଉଳ ମନ୍ଦିର ଭଳି ସହସ୍ରାଧିକ ମନ୍ଦିର । ରହିଛି ବାରିପଦା କ୍ଲବ୍, ଏମ୍.କେ.ସି. ଉଚ୍ଚ ବିଦ୍ୟାଳୟ । କୀଚକେଶ୍ୱରୀ ମନ୍ଦିରକୁ ଯିବାକୁ ହେଲେ ଚାର୍ମିନାର ଶୈଳୀରେ ନିର୍ମିତ ଭବ୍ୟ ତୋରଣ, ତତ୍କାଳୀନ ମୟୂରଭଞ୍ଜ ରାଜ୍ୟର ହାଇକୋର୍ଟ ଯାହା ବର୍ତ୍ତମାନ ଜିଲ୍ଲା ଜଜ୍ କୋର୍ଟ ହିସାବରେ ବ୍ୟବହାର ହେଉଛି ଏସବୁ ପର୍ଯ୍ୟଟକଙ୍କ ପାଇଁ ଖୁବ୍ ଆକର୍ଷଣୀୟ । ଏହା ଛଡ଼ା ମହାରାଣୀ ଲକ୍ଷ୍ମୀ କୁମାରୀ ଧର୍ମଶାଳା, ପୌରପାଳିକା, ଐତିହ୍ୟ ମଣ୍ଡିତ ଜୁବୁଲି ଲାଇବ୍ରେରୀ ବା ଶ୍ରୀରାମଚନ୍ଦ୍ର ପାଠାଗାର ଯାହା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଦ୍ୱାରା ୧୮୯୮ ମସିହାରେ ନିର୍ମିତ ହେଇଥିଲା ଏଠାରେ ବହୁ ମୂଲ୍ୟବାନ ପୁସ୍ତକ ସଂଗ୍ରହ ହୋଇ ରହିଛି ।

ଭଞ୍ଜବଂଶୀୟ ଶେଷ ରାଜା ହେଉଛନ୍ତି ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ( ୧୯୨୮-୧୯୪୮ ମସିହା)ଙ୍କ ଶାସନ କାଳରେ ରାଜ୍ୟର ବହୁ ଆଧୁନିକୀକରଣ କରାଇଥିଲେ । ୧୯୩୮ ମସିହାରେ ମୟୂରଭଞ୍ଜର ପ୍ରଥମ ହାଇକୋର୍ଟ ପ୍ରତିଷ୍ଠିତ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବ୍ରିଟିଶ ସରକାରଙ୍କୁ ସିଏ ବିପୁଳ ଅର୍ଥରାଶି ସହିତ ନିଜର ଉଡ଼ାଜାହାଜ ଚପଲାକୁ ଦାନ କରିଥିଲେ । ମହାରାଜାଙ୍କ ପୃଷ୍ଠପୋଷକତାରେ 'ଭଞ୍ଜ ପ୍ରଦୀପ' ୧୯୩୪ ମସିହାରେ (ଓଡ଼ିଆ) ଓ Mayurbhanj Chronicle (English) ପତ୍ରିକା ପ୍ରକାଶ ପାଉଥିଲା । ତାଙ୍କ ମୃତ୍ୟୁ ପରେ ତାଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀ ପ୍ରଦୀପଚନ୍ଦ୍ର ଭଞ୍ଜଦେଓ ପାରମ୍ପରିକ ନିୟମ ଅନୁଯାୟୀ ରାଜତ୍ୱ କରିଥାନ୍ତେ କିନ୍ତୁ ଭାରତ ୧୫ ଅଗଷ୍ଟ ୧୯୪୭ ମସିହାରେ ସ୍ୱାଧୀନତା ଲାଭ କରିବା ପରେ ବି ଭାରତ ସରକାରଙ୍କ ସହିତ ମିଶି ନଥିଲେ । କିନ୍ତୁ ବିଶେଷ ପରିସ୍ଥିତିରେ ୧୭ ଅକ୍ଟୋବର ୧୯୪୮ ମସିହାରେ ଭାରତ ସରକାରଙ୍କ ସହିତ ମିଶ୍ରଣର ଚୁକ୍ତିପତ୍ରରେ ପ୍ରତାପଚନ୍ଦ୍ର ଭଞ୍ଜଦେଓ ସ୍ୱାକ୍ଷର କରିଥିଲେ ଓ ଏହା ୧୯୪୮ ମସିହା ଜାନୁଆରୀ ୧ ତାରିଖରୁ ଓଡ଼ିଶା ରାଜ୍ୟର ଏକ ଜିଲ୍ଲା ଭାବରେ ପରିଣତ ହେଲା ।

ବାରିପଦାରେ ଭଞ୍ଜବଂଶୀୟ ପୁରାତନ ରାଜପ୍ରାସାଦଟି ଆଜି ଜୁନିଅର ଏମ୍.ପି.ସି. ମହାବିଦ୍ୟାଳୟ ଭାବରେ ପାଠ ପଢ଼ିବା ପାଇଁ ପରବର୍ତ୍ତୀ ସମୟରେ ବର୍ତ୍ତମାନ ରାଜାଙ୍କ ଦ୍ୱାରା ଉତ୍ସର୍ଗୀକୃତ । ବର୍ତ୍ତମାନ ରହିଛି ମୟୂରଭଞ୍ଜ ମହାରାଜାଙ୍କ ବେଲଗାଡ଼ିଆ ରାଜପ୍ରାସାଦ ଯେଉଁଠି ତାଙ୍କ ବଂଶଧରମାନେ ଆସି ବସବାସ କରୁଛନ୍ତି ଓ ପୁଣି କେମିତି ମୟୂରଭଞ୍ଜର ବିକାଶ ହେବ ସେ ବିଷୟରେ ଚେଷ୍ଟା ମଧ୍ୟ କରୁଛନ୍ତି ।

ଏମିତି ଭାବରେ ଭଞ୍ଜବଂଶୀୟ ରାଜାମାନେ ସଦାବେଳେ ରାଜପ୍ରାସାଦରୁ ଆରମ୍ଭ କରି ସମଗ୍ର ରାଜ୍ୟ ଓ ଉତ୍କଳର ଶିକ୍ଷା, କଳା ଓ ସଂସ୍କୃତିର ବିକାଶ ପାଇଁ ଚେଷ୍ଟା କରି ଆସୁଥିଲେ । ସେତେବେଳେ ମଧ୍ୟ ବିଲାତରୁ ଅଣାଯାଇଥିବା ବିରାଟ ଆକାରର ଜେନେରେଟର୍ ସାହାଯ୍ୟରେ ବାରିପଦାକୁ ଆଲୋକିତ କରିବାର ସୁନିୟୋଜିତ ବ୍ୟବସ୍ଥା ରହିଥିଲା ।

## ଭଞ୍ଜବଂଶୀୟ ରାଜାମାନଙ୍କ ଓଡ଼ିଆ ସାହିତ୍ୟକୁ ଅବଦାନ

ଭଞ୍ଜବଂଶୀୟ ରାଜାମାନେ କେବଳ ଯେ ସୁଶାସକ ଥିଲେ ତାହା ନୁହେଁ । ଏମାନେ ସଦାବେଳେ କଳା ସଂସ୍କୃତି ପ୍ରେମୀ ଥିଲେ । ସେଥିପାଇଁ ଏମାନଙ୍କର ସାହିତ୍ୟ ପ୍ରତି ବି ବିଶେଷ ଅବଦାନ ରହିଛି । ଏମାନେ ଯେ କେବଳ ପତ୍ରିକା ପ୍ରକାଶନ କରୁଥିଲେ ତାହା ନୁହେଁ ନିଜେ ମଧ୍ୟ କବି ଓ ସୁଲେଖକ ଥିଲେ ।



# କର୍ପୂର ଉଡ଼ିଯାଇଛି, କନାର ମହକ ଅଛି



କଳା, ସାହିତ୍ୟ, ସଂସ୍କୃତିର ଶ୍ରୀକ୍ଷେତ୍ର ହେଲା ଓଡ଼ିଶାର ଉପାନ୍ତ ସର୍ବବୃହତ ଅବିଭକ୍ତ ଜିଲ୍ଲା ମୟୂରଭଞ୍ଜ । ଦିନେ ଏହା ଗଡ଼ଜାତ ରାଜ୍ୟ ଭାବରେ ପରିଚିତ ଥିଲା । ଏଠି ରାଜତ୍ୱ କରୁଥିବା ମହାରାଜାମାନେ କେବଳ ସୁଶାସକ, ପ୍ରଜାବତ୍ସଳ ନଥିଲେ, ଅଧିକନ୍ତୁ ଥିଲେ କଳା, ସାହିତ୍ୟ, ସଂସ୍କୃତି ପ୍ରେମୀ । ବିଶେଷକରି ଶେଷ ଚାରିଜଣ ମହାରାଜା (କୃଷ୍ଣଚନ୍ଦ୍ର, ଶ୍ରୀ ରାମଚନ୍ଦ୍ର, ପୂର୍ଣ୍ଣଚନ୍ଦ୍ର ଓ ପ୍ରତାପଚନ୍ଦ୍ର ଭଞ୍ଜଦେଓ)ଙ୍କ ସମୟରେ ମୟୂରଭଞ୍ଜ ଏକ ଉତ୍କୃଷ୍ଟ କଳା, ସାହିତ୍ୟ, ସଂସ୍କୃତି ରାଜ୍ୟ ଭାବରେ ସାରା ଓଡ଼ିଶାରେ ପରିଗଣିତ ହୋଇପାରିଥିଲା । 'ଓଡ଼ିଶା ସାହିତ୍ୟକୁ ମୟୂରଭଞ୍ଜର ଦାନ' ଶୀର୍ଷକ ବିଷୟକୁ ନେଇ ମୁଁ ଡି.ଲିଟ୍ ନିମନ୍ତେ ଗବେଷଣା କରିବା ଅବସରରେ ଏ ସମ୍ପର୍କରେ ବହୁ ତଥ୍ୟ ସଂଗ୍ରହ କରି ପାରିଥିଲି ଓ ମୟୂରଭଞ୍ଜର ଝିଅ ହୋଇଥିବାରୁ ଗର୍ବ ଅନୁଭବ କରିଥିଲି । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୃଷ୍ଠପୋଷକତାରେ ଦିନେ ଏ ମାଟିରୁ ପ୍ରକାଶିତ ହୋଇଥିଲା ଉଚ୍ଚାଙ୍ଗ ସାହିତ୍ୟ ପତ୍ରିକା 'ଉତ୍କଳପ୍ରଭା' (୧୮୯୧-୧୮୯୫) । ଯାହାକୁ ୧୧୬ ବର୍ଷ ପରେ 'ପୁନଶ୍ଚ ଉତ୍କଳପ୍ରଭା' ନାଁରେ ମୁଁ ୨୦୨୧ରେ ସମ୍ପାଦନା କଲି । ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସମୟରେ ଓଡ଼ିଶାର ସର୍ବବୃହତ ପାଠାଗାର 'ଜୁବୁଲି ଲାଇବ୍ରେରୀ' ୧୮୯୮ରେ ପ୍ରତିଷ୍ଠା କରାଯାଇଥିଲା ଓ ଓଡ଼ିଶାର ଇତିହାସ ତଥା ଅଭିଧାନସବୁ ସଂଗ୍ରହ କରାଯାଇଥିଲା । କାବ୍ୟକବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଗବେଷଣା କ୍ଷେତ୍ରରେ ପରବର୍ତ୍ତୀ ସମୟରେ ଏ ମାଟିର ସାରସ୍ୱତ ସାଧକମାନେ ଓଡ଼ିଶା ସହିତ ସର୍ବଭାରତୀୟ ସ୍ତରରେ ନିଜ ପ୍ରତିଭାର ମହକ ବିତରଣ କରିଛନ୍ତି । ତନ୍ମଧ୍ୟରୁ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଗାଳ୍ପିକ ବସନ୍ତ ଶତପଥୀ, ରବି ପଟ୍ଟନାୟକ, ଜଗଦୀଶ ମହାନ୍ତି, ସୌରୀନ୍ଦ୍ର ବାରିକ, ସନତ ଦାସ ପଟ୍ଟନାୟକ, କାବ୍ୟକାର ପରମାନନ୍ଦ ସାହୁ, ପ୍ରଫେସର ପ୍ରମୋଦ ମିଶ୍ର, ଗୀତିକବି ଜଗଦୀଶ ପାଣି, ଗୁରୁକୃଷ୍ଣ ଗୋସ୍ୱାମୀ, ଔପନ୍ୟାସିକ ଓ ଗାଳ୍ପିକ ସାତକଡ଼ି ହୋତା, ନାଟ୍ୟକାର ଆନନ୍ଦ ଶଙ୍କର ଦାସ, ପଞ୍ଚାନନ ପାତ୍ର ପ୍ରଭୃତି ସ୍ମରଣୀୟ । ଏହାଛଡ଼ା ମହାରାଜାଙ୍କ ଅନୁଦାନ ପାଇ ପ୍ରକାଶିତ ହୋଇଥିଲା ଗୋପାଳ ପ୍ରହରାଜଙ୍କ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ', ପ୍ରତିଷ୍ଠା ହୋଇଥିଲା କଟକରେ ଉତ୍କଳ ଭବନ, ଶ୍ରୀ ରାମଚନ୍ଦ୍ର ମେଡ଼ିକାଲ କଲେଜ । ମୟୂରଭଞ୍ଜର ଷ୍ଟେଟ୍ ପ୍ରେସ୍‌ଟି ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଅବସରରେ ଦାନ କରାଯାଇଥିଲା । ଓଡ଼ିଆ ଭାଷା ଓ ପ୍ରଦେଶ ପ୍ରତିଷ୍ଠା ଆନ୍ଦୋଳନରେ ମୟୂରଭଞ୍ଜର ଭୂମିକା କିଛି କମ୍ ନୁହେଁ । ଆଜି କର୍ପୂର ଉଡ଼ି ଯାଇଛି ସିନା ହେଲେ କନା ସେଦିନର ସୁବର୍ଣ୍ଣ ଯୁଗକୁ ମନେ ପକାଇ ଦିଏ ।

**ଡକ୍ଟର କବିତା ବାରିକ,** ସାହିତ୍ୟିକା, ଗବେଷିକା



ମହାରାଜା ତ୍ରିବିକ୍ରମ ଭଞ୍ଜ (୧୬୬୦-୮୮ ମସିହା)ଙ୍କ ଠାରୁ ସାହିତ୍ୟକୁ ଅବଦାନର ଉଲ୍ଲେଖ ମିଳେ । ସିଏ ଜଣେ ଉଚ୍ଚକୋଟୀର କବି ଥିଲେ । ତାଙ୍କ ରଚିତ ମଧ୍ୟଯୁଗୀୟ କାବ୍ୟ ରୀତିରେ ରଚିତ 'କନକଲତା କାବ୍ୟ' ଏକ ଉଲ୍ଲେଖନୀୟ ଅବଦାନ । ମହାରାଜା ରଘୁନାଥ ଭଞ୍ଜ (୧୭୨୮-୧୭୫୦ ମସିହା) । ସେ 'ରସ ଲହରୀ' କାବ୍ୟ ରଚନା କରିଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ (୧୮୬୭-୧୮୮୭ ମସିହା) 'ମୟୂରଭଞ୍ଜ ପାକ୍ଷିକ ପତ୍ରିକା' ପ୍ରକାଶନ ସହିତ ବିଦ୍ୟାଳୟ ପାଇଁ ବହୁ ପାଠ୍ୟପୁସ୍ତକ ବିଦ୍ୟାଧରଙ୍କ ଦ୍ୱାରା ପ୍ରଣୟନ କରାଇଥିଲେ । ଏହା ବ୍ୟତୀତ ପ୍ରତାପଚନ୍ଦ୍ର ଭଞ୍ଜଦେଓ ଓଡ଼ିଆ ଭାଷାର ଅମୂଲ୍ୟ ସମ୍ପଦ ' ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ପ୍ରକାଶନ ପାଇଁ ତାଙ୍କ ବଡ଼ଭାଇଙ୍କ ନାମରେ ଟଙ୍କା ଦାନ କରିଥିଲେ । ଏହି ଭାଷାକୋଷର ନାଁ ସେଥିପାଇଁ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ହୋଇଥିଲା । ରାଖାଲଚନ୍ଦ୍ର ବାନାର୍ଜୀଙ୍କ ରଚିତ ଓଡ଼ିଶାର ପ୍ରଥମ ବିଧିବଦ୍ଧ ଇତିହାସ ଓ ପଣ୍ଡିତ ବିନାୟକ ମିଶ୍ରଙ୍କ ଲିଖିତ 'ଓଡ଼ିଆ ସାହିତ୍ୟର ଇତିହାସ' ଓ 'ଓଡ଼ିଆ ଭାଷାର ଇତିହାସ' ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହୋଇଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟକୁ ୮ ଲକ୍ଷ ଟଙ୍କା ସହିତ ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ଟି ମଧ ଦାନ କରିଥିଲେ ।

## ପତ୍ରିକା

ମୟୂରଭଞ୍ଜ ପାକ୍ଷିକ ( ୧୮୭୮ ମସିହା ), ଉତ୍କଳ ପ୍ରଭା ( ୧୮୯୧ ମସିହା ), ମନୋରମା (୧୯୦୫), ମୟୂରଭଞ୍ଜ ଗେଜେଟ୍ (୧୯୩୧), ଭଞ୍ଜ ପ୍ରଦୀପ (୧୯୩୪) ଆଦି ମୟୂରଭଞ୍ଜ ରାଜାଙ୍କ ଓଡ଼ିଆ ସାହିତ୍ୟକୁ ଗୋଟିଏ ଗୋଟିଏ ଅମୂଲ୍ୟ ଅବଦାନ ଓ ସମ୍ପଦ ।

ବାରିପଦାକୁ ବୁଲିବାକୁ ଆସିଲେ କେବେ କେହି ନିରାଶ ହୋଇନାହାଁନ୍ତି କି ହେବେ ମଧ ନାହିଁ । ପାଖରେ ରହିଛି ହରିହରପୁର ଗଡ଼, ବଣଜଙ୍ଗଲ, ପାହାଡ଼ ରହିଛି । ରହିଛି ଅଜସ୍ର ଝରଣା । ପାଖରେ ଲୁଲୁଙ୍ଗ୍ ଜଙ୍ଗଲ-ନିବାସ ଓ ସେଇଠି ରହିଛି ସୀତାକୁଣ୍ଡ ଝରଣା । ରହିଛି ବଳଙ୍ଗ, ଇଟାଯୋଡ଼ି, ଚିପଟ, ଗଙ୍ଗାହାର ପରି କେତେ ସୌନ୍ଦର୍ଯ୍ୟମଣ୍ଡିତ ନଦୀ ଓ ତା'ର ବାଙ୍କ ଓ ରଙ୍ଗରଙ୍ଗର ପଥର ଓ ଗୋଡ଼ି । କେତେ ବନ୍ଧ ଓ ପୁଷ୍କରିଣୀ, ଆଗରୁ ଥିବା ବାଘଘର । ଏଠାରେ ଏବେବି ରାଜାଙ୍କ ସମୟରେ ଚାଲୁଥିବା ସେହି ରେଳ ଇଂଜିନଟି ଷ୍ଟେସନ ବଜାର ରେଲ୍ ଷ୍ଟେସନ ସାମ୍ନାରେ ଠିଆ ହୋଇ ରହିଛି ।

ଏ ମାଟିକୁ ଓଡ଼ିଶାର ବରପୁତ୍ର ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଆଦିଙ୍କ ସମେତ ବଙ୍ଗଳାର ସାହିତ୍ୟିକ ବୁଦ୍ଧଦେବ ଗୁହ ବାରମ୍ବାର ଆସିଛନ୍ତି । ସେଥିପାଇଁ ଏଠାକାର ଜନଜୀବନ ତାଙ୍କ ସାହିତ୍ୟରେ ସ୍ଥାନ ପାଇଛି ।

ଲତାଗୁଳ୍ମ ଆଚ୍ଛାଦିତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏ ଜିଲ୍ଲା ଆପଣଙ୍କୁ ସେତେବେଳେ ବି ଓ ଆଜି ବି ସହାସ୍ୟ ସ୍ୱାଗତ କରିବାକୁ ତୟାର୍ ଅଛି । ଆସନ୍ତୁ ଥରେ ମହକ ନେବାକୁ ମୟୂରଭଞ୍ଜର ।


ପ୍ରସଙ୍ଗ - ୪
ନିରବିତ
ନୀଳଗିରି ରାଜପ୍ରାସାଦ

# ନୀଳଗିରି : ଅସ୍ତମିତ ରାଜତନ୍ତ୍ର

**ଉଦୟ ନାରାୟଣ ଦାସ**

ଚୂନଭାଟୀ କଲୋନୀ, ଗୋପାଳଗାଁ, ବାଲେଶ୍ୱର
ଫୋନ:୭୭୩୫୯୫୧୩୮୪

ଫଟୋ ସୌଜନ୍ୟ : ଲେଖକ



▲ ଲେଖକ ଉଦୟ ନାରାୟଣ ଦାସ

ଅନେକ ରୋମାଞ୍ଚକର ରାଜାରାଣୀ କାହାଣୀ (ସତ କି କାଳ୍ପନିକ ଜାଣେନା) ବାପା ଓ ଜେଜେମାଙ୍କ ଠାରୁ ଶୁଣିଥିଲି ବା ପଢ଼ିଥିଲି ଗପବହିରୁ । ରାଜଉଆସ, ମହାରାଜା, ମହାରାଣୀ, ରାଜକୁମାର, ରାଜକୁମାରୀଙ୍କର କେତେକେତେ ବୀରତ୍ୱ, ପ୍ରେମର କଥା, ଶିକାର ଓ ପାରିଧି, ଯୁଦ୍ଧ ରାଜ୍ୟଜୟ, ରାଜକୁମାରୀଙ୍କ ବିବାହ ଓ ପ୍ରେମ ବିଚ୍ଛେଦର କାହାଣୀ କେବେବି ଶେଷ ହେଉନଥିଲା, ରାତି ପରେ ରାତି ପାହିଗଲେ ବି । ମୁଁ ଅନେକ ରାତିରେ ସ୍ୱପ୍ନରେ ଦେଖୁଥିଲି ସେଇ ବିଳାସମୟ ରାଜଉଆସ । କେବେବି ଦେଖିନଥିଲି ଜୀବଦ୍ଦଶାରେ । ସ୍ୱପ୍ନ ଭାଙ୍ଗିଗଲେ ସବୁ ସରି ଯାଉଥିଲା ।

ଆମ ଦେଶ ସ୍ୱାଧୀନ ହେଲାପରେ ପରେ ଗୋଟି ଗୋଟି ରାଜତନ୍ତ୍ର ଶାସନ ବିଲୁପ୍ତ ହେଇଗଲା । କିନ୍ତୁ ଏଯାଏଁ ସେ ସବୁ ରାଜଉଆସ ଓ  ସେଇ ଅବଲୁପ୍ତ ରାଜବଂଶର ଦାୟାଦମାନେ ମୂକସାକ୍ଷୀ ହେଇ ରହିଛନ୍ତି ମଧ୍ୟ ।

ସେଦିନ ଥିଲା ଅଠର ସେପ୍ଟେମ୍ବର ୨୦୨୧ ମସିହାର ଏକ ନରମ ସକାଳ । ମୁଁ କେବେ ସ୍ୱପ୍ନରେ ଭାବିନଥିଲି ସେଦିନ ସତ ସତିକା ମୋ ଅତି ନିକଟରେ ସ୍ୱଦେହରେ ଉପବିଷ୍ଟ ଜଣେ ମହାରାଣୀଙ୍କୁ ଦର୍ଶନ କରିବି !

ସେଇଦିନ ପୂର୍ବାହ୍ନରେ ଆମେ (ବନ୍ଧୁ ଦେବେନ୍ଦ୍ର ମହାପାତ୍ର, ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା, କେଶୁଦାସ, ଶିଳ୍ପୀ ଓ ଲେଖକ) ପହଞ୍ଚିଥିଲୁ ନୀଳଗିରି ସହର ଠୁଁ ଛଅ କିଲୋମିଟର ଦୂର ଏକ ପାହାଡ଼, ନାଳ ଓ ନିଘଞ୍ଚ ବନାନୀ ଘେରା ଆଦିବାସୀ ଜନଜାତି ରହୁଥିବା ବାବନ୍ଧ ଗ୍ରାମରେ । ସେଇ ଗାଁ ପ୍ରାଙ୍ଗଣରେ ଏକ ଛୋଟ ସଭାର ଆୟୋଜନ ହେଇଥିଲା । ସେଇ ସଭାର ସଭାପତି ଆସନ ଅଳଙ୍କୃତ କରିବାକୁ ଆସିଥିଲେ ନୀଳଗିରି ରାଜବାଟୀର ବର୍ତ୍ତମାନର ରାଣୀ ସାହେବା ମନୋଜ ମଞ୍ଜରୀ ଦେବୀ ମହୋଦୟା । ତାଙ୍କର ଅପୂର୍ବ ଔଜଲ୍ୟ, ଅମାୟିକ ସ୍ୱଭାବ ଓ ଭାଷଣର ଚାତୁର୍ଯ୍ୟ ମୋତେ ବିମୁଗ୍ଧ କରିଥିଲା । ମହାରାଣୀଙ୍କ ସହିତ କେଇପଦ କଥାରୁ ରାଜପରିବାରର ଏକ ରହସ୍ୟମୟ ଐତିହାସିକ ତଥ୍ୟ ଥିବାର ସୂଚନା ପାଇଲି । ସେଠି ମୋର ହୃଦ୍‌ବୋଧ ହେଲା ରାଣୀ ଜଣେ ଐତିହ୍ୟ ସଂପନ୍ନା ବ୍ୟକ୍ତି ବୋଲି ।

ମୁଁ ପ୍ରଲୁବ୍ଧ ହେଇଥିଲି ତାଙ୍କ ସାହଚର୍ଯ୍ୟରେ ନୀଳଗିରି ରାଜବଂଶ ଉପରେ ଗୋଟେ ଆଲେଖ୍ୟ ପ୍ରସ୍ତୁତ କରିବା ପାଇଁ । କାରଣ ମୋତେ 'ରେବତୀ' ପକ୍ଷରୁ କୃଷ୍ଣ କୁମାର ମହାନ୍ତି ରାଜାରାଣୀ କାହାଣୀ ସମ୍ପର୍କିତ ଏକ ବିଶେଷ ସଂଖ୍ୟାରେ ମୋ ଠାରୁ ଏକ ଲେଖା ଲୋଡ଼ିଥିଲେ । ତେଣୁ ମୋ ମନର ଅଭିଳାଷ ମୁଁ ରାଣୀ ସାହେବାଙ୍କୁ ବ୍ୟକ୍ତ କରିଥିଲି । ସେ ଏଥିରେ ଖୁବ୍ ପ୍ରୀତ ହେଇ ମୋତେ ଉଆସକୁ ନିମନ୍ତ୍ରଣ କରିଥିଲେ । ଏବଂ ପ୍ରତିଶ୍ରୁତି ଦେଇଥିଲେ ରାଜ ଉଆସର ସମସ୍ତ ଅନାଲୋଚିତ ଇତିହାସ, ସଂସ୍କୃତି, ଐତିହ୍ୟ ସମ୍ପର୍କରେ ତାଙ୍କ ଜ୍ଞାତସାରରେ ଥିବା ତଥ୍ୟ ଯୋଗାଇ ଦେବେ ।

ତାଙ୍କ କଥାନୁସାରେ ମୁଁ ରାଜ ଉଆସକୁ ୯-୧୦-୨୦୨୧ ସକାଳେ ଯାଇଥିଲି । ରାଜ ଉଆସ ଥିଲା ନୀରବ ନିସ୍ପନ୍ଦ । ସିଂହଦ୍ୱାର ଅତିକ୍ରମ କରି ମୁଁ ପେଲେସ୍ ଭିତରକୁ ପଶିଥିଲି । ରାଜାରାଣୀ ଉପରେ ରହୁଥିଲେ । ଜଣେ ପରିଚାରକଙ୍କ ଜରିଆରେ ରାଣୀମା'ଙ୍କୁ ଖବର ପଠାଇ ଦେଇ ମୁଁ  ରାଜ ଉଆସକୁ ଭଲ କରି ନିରୀକ୍ଷଣ କରୁଥିଲି ଓ ସନ୍ଦିହାନ କଥାସବୁ ସ୍ଥାନୀୟ ଲୋକଙ୍କ ଠୁଁ ବୁଝୁଥିଲିଲି । ସୁନ୍ଦର ଛବି ମାନ ମୋ କେମେରାରେ ଉତ୍ତୋଳନ କରୁଥିଲି ।

## ନୀଳଗିରି ରାଜଉଆସ

ନୀଳଗିରି ରାଜ ଉଆସ ସ୍ୱର୍ଣ୍ଣଚୂଡ଼ ପାହାଡ଼ ପାଦ ଦେଶରେ ଅବସ୍ଥିତ । ଉଆସ ଗେଟ୍‌ଟି ସାଧାରଣତଃ ବନ୍ଦ ହୋଇ ରହିଥାଏ । ଭିତରକୁ ପଶିଗଲେ ବାମପାଖକୁ ପଡ଼ିବ କନକଦୁର୍ଗା ମନ୍ଦିର ଓ ତା ପାର୍ଶ୍ୱକୁ ରାଧାକୃଷ୍ଣ ମନ୍ଦିର । ଠାକୁରଙ୍କ ପୂଜା ରୀତିନୀତିରେ ଏବେବି ପୂଜକ ପୂଜା କରନ୍ତି । ଦେବୀ କନକ ଦୁର୍ଗାଙ୍କୁ ମୁଁ ପ୍ରଥମେ ଦର୍ଶନ କରି ସାରିଲା ପରେ ରାଧାକୃଷ୍ଣ ମନ୍ଦିରକୁ ଯାଇଥିଲି । ଆସ୍ଥାନରେ କୃଷ୍ଣ ଓ ତାଙ୍କର ଦୁଇ ସଙ୍ଗୀ ବିପାଶା ଓ ଲଳିତାଙ୍କ ମୂର୍ତ୍ତି । କିନ୍ତୁ ରାଧାଙ୍କ ମୂର୍ତ୍ତି ନଥିଲା । ଏହା ହିଁ ଥିଲା ସେ ମନ୍ଦିରର ବିଶେଷତ୍ୱ । ମୁଁ ଶୁଣି ପାରୁଥିଲି ବ୍ରାହ୍ମଣଙ୍କ ମନ୍ତ୍ରପାଠ ଯେଉଁଥିରେ ସମଗ୍ର ରାଜଉଆସ ଝଙ୍କୃତ ହେଉଥିଲା । ଫୁଲ ଅଗୁରୁ, ଚନ୍ଦନରେ ମନ୍ଦିର ମହକୁଥିଲା ।

ମନ୍ଦିରର ତଳକୁ ଗୋଟେ ବିରାଟ ବାମ୍ଫି । ବାମ୍ଫିରେ ସଦା ସର୍ବଦା ସୁଶୀତଳ ପାଣି । ଏ ପାଣି କୁଆଡ଼େ ପାହାଡ଼ି ଝରଣାରୁ ନିମ୍ନବାଟେ ଝରିଆସୁଛି । ସ୍ଥାନୀୟ ଲୋକ କହୁଥିଲେ ତମାମ ବର୍ଷ ଏ ବାମ୍ଫିରୁ ପାଣି କେବେ ବି ଶୁଖି ଯାଏ ନାହିଁ । ବାମ୍ଫି ତଳେ ତଳେ ସୁଡ଼ଙ୍ଗ ରାସ୍ତା ଅଛି ଯାହା ପଶ୍ଚିମରେ ଥିବା ରାଣୀହଂସପୁର ଯାଏ ଲମ୍ୱି ଯାଇଛି ।

ଶୁଣାଯାଏ, ମହାରାଣୀ ରାଣୀହଂସପୁରରୁ ସେଇ ସୁଡ଼ଙ୍ଗ ପଥରେ ବାମ୍ଫିକୁ ଆସନ୍ତି । ମୁଦୁସୁଲିମାନେ ବାମ୍ଫିରୁ ପାଣି ବାହାର କରିଦେଲେ, ରାଣୀମା ସେଇ ପାଣିରେ ଠାକୁର ମାର୍ଜନା କରନ୍ତି ।

ସୁଡ଼ଙ୍ଗ ଭିତରେ ଯଥେଷ୍ଟ ସ୍ଥାନ ଅଛି ଯାହା ଖୁବ୍ ସୁଶୀତଳ ଓ ଥଣ୍ଡା । ଏହା ଏତେ ଥଣ୍ଡା ଯେ



ବର୍ତ୍ତମାନର ଶୀତତାପ ନିୟନ୍ତ୍ରିତ କୋଠରୀ ଠୁଁ ଅଧିକ ଥଣ୍ଡା । ସେଇଠି ମହାରାଣୀ ଓ ମହାରାଜା ଖରାଦିନେ ଉପବିଷ୍ଟ ହୁଅନ୍ତି ।

ବାମ୍ଫିର ଟିକେ ତଳକୁ ଠାକୁର ମଣ୍ଡପ । ସେଇଠିକୁ ପର୍ବପର୍ବାଣିରେ ମା' କନକ ଦୁର୍ଗା ବିଜେ କରନ୍ତି । ସେଇଠି ରାଜ ପରିବାରର ବିଧି ମୁତାବକ ପୂଜା ହୁଏ । ପୂର୍ବ ଦିଗରେ ମାଆଙ୍କ ପାଇଁ ବଳି ପଡ଼ିବାର ଏକ ବଳି ପ୍ରକୋଷ୍ଠ ନିର୍ମିତ ହୋଇଛି । ଏବେ ସେଠି ମାଆଙ୍କ ବଡ଼ ପୂଜାରେ କେବଳ କଖାରୁ ବଳି ଦିଆଯାଏ ।

ମଣ୍ଡପ ସାମ୍ନାରେ ଉଆସର ପୂର୍ବ ପାଚେରୀକୁ ଲାଗି ଅଛି ବିରାଟ ନାଟ୍ୟ ମଣ୍ଡପ । ଏଇଠି ଛଉ ନାଟ ବା ଅନ୍ୟସବୁ ନାଟକ ରାଜାଙ୍କ ପୃଷ୍ଠପୋଷକତାରେ ହେଉଥିଲା । ରାଜାମାନେ ଥିଲେ କଳାର ପୂଜାରୀ । ନାଟ୍ୟ ମଣ୍ଡପ ବିପରୀତ ପଶ୍ଚିମ ପାଖକୁ ଦୁଇତାଲା କୋଠାଘର, ଯାହା ରାଣୀହଂସପୁର । ରାଣୀହଂସପୁର ବାହାର କରିଡରରେ ରାଜାରାଣୀ ବସି ନାଟକ ପରିବେଷଣ ଦେଖୁନ୍ତି ।

ରାଣୀହଂସପୁରର ସାମ୍ନା ପୂର୍ବଦିଗକୁ ପଡୁଥିଲା ମହାରାଜାଙ୍କ ମୟୂର ସିଂହାସନ (ଯାହା ଏବେ ଭୁବନେଶ୍ୱର ମିଉଜିଅମ୍‌ରେ ରହିଛି) ଓ ସେଇଠି ବସୁଥିଲା ରାଜ ପାରିଷଦ । ବ୍ୟାସକବି ଫକୀର ମୋହନ କୃଷ୍ଣଚନ୍ଦ୍ର ମର୍ଦ୍ଦରାଜଙ୍କ ସମୟରେ ପ୍ରଥମ କରି ବାଲେଶ୍ୱର ଜିଲ୍ଲାପାଳ ଜନ୍ ବୀମ୍‌ସ୍‌ଙ୍କ ଅନୁମୋଦନରେ ୧୮୭୨ ରୁ ୧୮୭୫ ଯାଏଁ ରାଜ ଉଆସରେ ଦେୱାନ ଭାବେ ନିଯୁକ୍ତି ପାଇଥିଲେ । ମହାରାଜାଙ୍କ ସିଂହାସନ ପାଖକୁ ଦେୱାନଙ୍କ ଏକ ଚୌକି ପଡୁଥିଲା । ଫକୀରମୋହନ ନୀଳଗିରିରେ ଅନେକ ସଂସ୍କାର କାର୍ଯ୍ୟ କରିଥିଲେ । କିଛି କାର୍ଯ୍ୟ ବି ପ୍ରଜାମାନଙ୍କୁ କଷ୍ଟ ଦେଇଥିଲା । ବିଶେଷକରି ବ୍ରାହ୍ମଣମାନଙ୍କୁ ସଂସ୍କାର ସୁହାଇ ନଥିବାରୁ ସେମାନେ ବିଦ୍ରୋହ କରିଥିଲେ । ଅବଶ୍ୟ ଚତୁର ଫକୀରମୋହନ ତାହାକୁ ବହୁଶୀଘ୍ର ସମାଧିତ କରି ଦେଇଥିଲେ । ତାଙ୍କ ସମୟରେ ଶିକ୍ଷା, ଡ଼ାକଘର ଓ ରେଳର ବିକାଶ ପାଇଁ ପ୍ରଚେଷ୍ଟା ହେଇଥିଲା । ସେସବୁ ରାଜ ଦରବାର ଦେଖି ମୁଁ ବିହ୍ୱଳିତ ହେଇ ଯାଇଥିଲି ।

ସେ ଯାଏଁ ରାଜାରାଣୀ ତଳକୁ ଆସି ନଥିଲେ । ମୁଁ ସମୟ ନଷ୍ଟ ନକରି ଉଆସ ବାହାରକୁ ଆସି ସ୍ୱର୍ଣ୍ଣଚୂଡ଼ ପାହାଡ଼ ଉପରକୁ ଯାଇଥିଲି । ଉଆସ ଠିକ୍ ପାହାଡ଼ ତଳେ ନିର୍ମିତ ହେଇଛି । ପାହାଡ଼ ଓ ଉଆସ ମଝିରେ ରାଜାଙ୍କ ଘୋଡ଼ାଶାଳ ଓ ଶିକାର ହେଇ ଆସୁଥିବା ବ୍ୟାଘ୍ରମାନଙ୍କ ପାଇଁ ନିର୍ମିତ ହୋଇଥିବା ଖୁଆଡ଼ ଦେଖିଲି ।

ଏଇଠି ମଧ୍ୟ ଚାରିଦ୍ୱାର ବିଶିଷ୍ଟ ଶିବ ମନ୍ଦିର ଅଛି ଯାହା ରାଜଉଆସକୁ ଲାଗି ରହିଛି । ଏବେବି ସେଇ ଶିବ ମନ୍ଦିରରେ ପୂଜା ବିଧି କରାଯାଉଛି ।

### ନୀଳଗିରି ରାଜପ୍ରାସାଦ ଘଡ଼ିଘର

ମନ୍ଦିର ପରିସରରୁ ସ୍ୱର୍ଣ୍ଣଚୂଡ଼ ପାହାଡ଼ ତଳେ ଥିବା ରାଜପ୍ରାସାଦର ସୌନ୍ଦର୍ଯ୍ୟ ଖୁବ୍ ରମଣୀୟ । ପ୍ରାସାଦ ଭିତରକୁ ଯିବାକୁ ହେଲେ ଏକ ସୁଉଚ୍ଚ ଟାୱାର୍ ଦେଇ ପ୍ରବେଶ କରିବାକୁ ହେବ । ଏହି ଟାୱାର୍‌ଟି ଘଡ଼ିଘର ଭାବେ ପରିଚିତ । ରାଜ ଶାସନ ସମୟରେ ୪ଟି ଘଡ଼ି ଚାରି ଦିଗରେ ସମୟର ଗତି ସଂପର୍କରେ ସୂଚନା ଦେଉଥିଲା । ଓଡ଼ିଶାର ଅନ୍ୟ କୌଣସି ଗଡ଼ଜାତରେ ଏପରି ଘଡ଼ି ଦୃଶ୍ୟମାନ ହୁଏ ନାହିଁ । ଅନେକ ଦିନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିବା ପରେ ରାଜ୍ୟ ସରକାର ଓ ଇନ୍‌ଟାକ୍ ଦ୍ୱାରା ୨୦୧୮ ମସିହାରେ ଏହି ଘଡ଼ିର ସଂରକ୍ଷଣ କରାଯାଇଛି ।

ରାଜା ଶ୍ୟାମଚନ୍ଦ୍ର ମର୍ଦ୍ଦରାଜଙ୍କ ସମୟରେ ଏହି ଘଡ଼ିଘର ତିଆରି ହୋଇଥିଲା । ଏହି ସମୟରେ ନୂଆ ରାଜଉଆସ ମଧ୍ୟ ନିର୍ମାଣ କରା ଯାଇଥିଲା । ଏହି ଉଆସ ନିର୍ମାଣରେ ବଙ୍ଗୀୟ କଳାର ଛାପ ଦେଖିବାକୁ ମିଳେ । ପରବର୍ତ୍ତୀ ସମୟରେ ଟାୱାର୍‌ର ସୁରକ୍ଷା ଦୃଷ୍ଟିରୁ ଓଜନିଆ ଘଡ଼ିଗୁଡ଼ିକୁ କାଢ଼ି ନିଆ ଯାଇଥିଲା ।

ଘଡ଼ିଘର ତଳେ ରହିଛି ପ୍ରାସାଦ ଭିତରକୁ ଯିବାର ପ୍ରବେଶ ଦ୍ୱାର । ଏହି ଦ୍ୱାରର ଦୁଇ ପାଖରେ ଦୁଇଟି ସିଂହ ମୂର୍ତ୍ତି ସ୍ଥାପିତ ହେଇଛି । ଏହି ଦୁଇ ମୂର୍ତ୍ତିକୁ ପରମ୍ପରା ଅନୁସାରେ ସୁରକ୍ଷାର ପ୍ରତୀକ ଭାବେ ଗ୍ରହଣ କରାଯାଏ । ପ୍ରବେଶ ଦ୍ୱାର ଡାହାଣ ପଟେ ରହିଛି ଛଉ ମଣ୍ଡପ । ରାଜା ଶ୍ୟାମସୁନ୍ଦର ଏ ମଣ୍ଡପ ନିର୍ମାଣ କରିଥିଲେ । ପାରମ୍ପରିକ ସମରକଳା ଛଉନୃତ୍ୟକୁ ଏଠାରେ ନିୟମିତ ପ୍ରଦର୍ଶନ କରିବା ପାଇଁ ବ୍ୟବସ୍ଥା ହୋଇଥିଲା । ଛଉନୃତ୍ୟର ନିଆରାପଣ ପାଇଁ ନୀଳଗିରିର ଛଉ ସାରା ଭାରତରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିଲା ।

ରାଜାଙ୍କ ଉଆସରୁ କିଛିବାଟ ମୁଖ୍ୟ ରାସ୍ତାକୁ ଆସିଲେ ପଡ଼ିବ ରାଜାଙ୍କ ଦ୍ୱାରା ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର । ମନ୍ଦିର ସଦା ସର୍ବଦା ଜନସାଧାରଣଙ୍କ ପାଇଁ ଉନ୍ମୁକ୍ତ ଅଛି । ଏବେ ବି ଶ୍ରୀଜଗନ୍ନାଥଙ୍କ ପ୍ରସାଦ ସମଗ୍ର ଅଞ୍ଚଳରେ ପ୍ରସିଦ୍ଧ ।

ରାଜାରାଣୀଙ୍କ ଉପର ମହଲାକୁ ଯିବା ପାଇଁ କାଠର ନିର୍ମିତ ସିଡ଼ି ଯାହା ଖୁବ୍ ଦାମିଲା କାଠରେ ହେଇଛି । ସେଇ ଅନ୍ଦର ମହଲରେ ଏବେ ରାଜାରାଣୀ ଏକାକୀତ୍ୱ ନୀରବ ଜୀବନ ବିତାଉଛନ୍ତି । ଏଠି ଆଉ ରାଜ କର୍ମଚାରୀ ନାହାନ୍ତି କି ସେଇ ରାଜଉଆସର ଗହଳିଚହଳି ନାହିଁ । ଅବଶ୍ୟ ଭାରତ ସ୍ୱାଧୀନ ହେବା ପରେ ରାଜା ରାଜେନ୍ଦ୍ର ମର୍ଦ୍ଦରାଜ ୪ଥର ବିଧାୟକ ଥିଲେ । ସେଥିପାଇଁ ପୁଣି ଲୋକମାନଙ୍କର ଭିଡ଼ ହେଉଥିଲା । ରାଣୀ ମନୋଜ ମଞ୍ଜରୀ ଦେବୀ ବି ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ହୋଇ ହାରି ଯାଇଛନ୍ତି ।

ଇତ୍ୟବସରରେ ମୋର ଆଗମନର ବାର୍ତ୍ତା ପାଇ ମହାରାଜା ଓ ମହାରାଣୀ ବ୍ୟସ୍ତ ବିବ୍ରତ ହେଇ ତଳକୁ ଓହ୍ଲାଇ ଆସିଥିଲେ ମୋତେ ପାଛୋଟି ନେବାକୁ । ସେମାନଙ୍କ ସହ ମୁଁ ରାଜ ପ୍ରକୋଷ୍ଠକୁ ଯାଇଥିଲି । ସାମାନ୍ୟ ରାଜକୀୟ ଚାହାପାନ ଓ ଜଳଖିଆ ସେବନ କରି ଆମେ ରାଜ ଉଆସ ବାହାରେ ମହାରାଣୀଙ୍କ ଉଦ୍ଦିଷ୍ଟ ସ୍ୱତନ୍ତ୍ର ପ୍ରକୋଷ୍ଠକୁ ଆସିଥିଲୁ । ସେଠି ଆଉ ଏକ ପ୍ରକୋଷ୍ଠ ଅଛି ଯେଉଁଠି ରାଣୀଙ୍କ କାର୍ଯ୍ୟାଳୟ ଚାଲୁଛି । ସେଠି ଦୁଇ ତିନିଜଣ କର୍ମଚାରୀ ଅଛନ୍ତି । ମୁଁ ସେ କାର୍ଯ୍ୟାଳୟ ବୁଲି ଦେଖିଲି । ମୋତେ ଖୁସି ଲାଗିଲା କାର୍ଯ୍ୟାଳୟରେ ସେଇ ରାଜରାଜୁଡ଼ା ସମୟର ଚୌକି ଓ ଟେବୁଲ୍ ସବୁ ପଡ଼ିଥିବାର ଦେଖି । ଏତେବର୍ଷ ପରେ ବି ମହାରାଣୀ ଏସବୁକୁ ନଷ୍ଟ କରିବାକୁ ଚାହୁଁନଥିଲେ ।

ଆମେ ସମୟ ନଷ୍ଟ ନକରି ରାଣୀମା'ଙ୍କ ପ୍ରକୋଷ୍ଠକୁ ଆସିଥିଲୁ । ମହାରାଜା ବି ସେଠି ବିରାଜମାନ କରିଥିଲେ । ସେମାନେ ରାଜପରିବାର ଓ ନୀଳଗିରି ସମ୍ପର୍କରେ ଅନେକ ଅସରନ୍ତି କଥା ଆରମ୍ଭ କରିଥିଲେ ଓ ମୁଁ ସେସବୁ ଯଥାସାଧ୍ୟ ଶୁଣୁଥିଲି ଓ ଟିପି ରଖୁଥିଲି ।

### ନୀଳଗିରିର ଭୌଗୋଳିକ ପୃଷ୍ଠଭୂମି

ଭାରତର ପୂର୍ବଘାଟ ପର୍ବତମାଳାର ଐଶାନ୍ୟ କୋଣ, ଉତ୍ତର ଅକ୍ଷାଂଶ ୨୧-୧୭ଡିଗ୍ରୀରୁ ୨୧ଡିଗ୍ରୀ-୩୫ଡିଗ୍ରୀ ପୂର୍ବ ଦ୍ରାଘିମା ୮୬ଡିଗ୍ରୀ-୨୬ ଡିଗ୍ରୀରୁ ୮୬ଡିଗ୍ରୀ-୪୯ଡିଗ୍ରୀ ମଧ୍ୟରେ ଅବସ୍ଥିତ । ନୀଳଗିରି ଏକ ଛୋଟ କରଦ ରାଜ୍ୟ ଯାହା ସ୍ୱାଧୀନତା ପରେ ସମଗ୍ର ଭାରତ ବର୍ଷରେ ପ୍ରଥମଥର ପାଇଁ ୧୪-୧୧-୪୨ରେ ବାଲେଶ୍ୱର ଜିଲ୍ଲା ସହ ମିଶି ଏକ Sub-Division ଭାବେ ଗଣ୍ୟ ହେଲା ।

ନୀଳଗିରିର ଉତ୍ତର ପଶ୍ଚିମରେ ମୟୂରଭଞ୍ଜ, ପୂର୍ବ-ଦକ୍ଷିଣରେ ବାଲେଶ୍ୱର ଓ ଦକ୍ଷିଣ ପଶ୍ଚିମରେ କେନ୍ଦୁଝର ଜିଲ୍ଲା ରହିଛି । ସମୁଦ୍ର ଠୁ ୧୬ ମାଇଲ୍ ଦୂର, ୨୨୦୦ ଫୁଟ ଉଚ୍ଚରେ ଦେବଗିରି ପର୍ବତମାଳା, ୧୦୦ଫୁଟ ଉଚ୍ଚ ଉପତ୍ୟକା ଓ ନିଘଂଚ ଜଂଗଲ ।



ଉତ୍ତର ଦିଗରେ ଚିରସ୍ରୋତା ଶୋଣ ନଦୀ ଓ ତାର ଉପନଦୀ ଟାଙ୍ଗଣା, କମଳା, ସିନ୍ଧିଆ ଓ ଘର୍ଘରା । ଏସବୁ ନଦୀ ଉପତ୍ୟକା ପାର୍ବତ୍ୟ ପଟୁ ପରିପୂର୍ଣ୍ଣ ଉର୍ବର ଶସ୍ୟ ଶ୍ୟାମଳା । କଲରାପାଳ ଛୁଆ ଉଷା ଇତ୍ୟାଦି ଛଅ ସାତଟି ପାର୍ବତ୍ୟ ଝରଣା ଅଛି । ନୀଳଗିରି ଜଙ୍ଗଲର ଅସଂଖ୍ୟ ଲତା, ଗୁଳ୍ମ, ବୃକ୍ଷମାନଙ୍କର ଅମ୍ଳଜାନ ଓ ପୁଷ୍ପର ସୁଗନ୍ଧି ମଣିଷ ହୃଦୟରେ ସୁସ୍ଥ ଭାବ ସଂଚାର କରେ ଏବଂ ସବଳ ଓ ନିରୋଗ ରଖେ । ପାହାଡ଼ମାନଙ୍କରେ ବହୁ ଔଷଧ ଗଛ ଅଛି । ଏଠିକାର ମୁଗୁନି ପଥର ବାସନ, ମୂର୍ତ୍ତି ଦେଶ ବିଦେଶରେ ପ୍ରସିଦ୍ଧ । ବଉଳଗଡ଼ିଆ ପ୍ରସ୍ତର ସମବାୟ ସମିତି ଏହାର ଶେଷ ମୂକସାକ୍ଷୀ । ଏ ଅଂଚଳର ଖଡ଼ି, ମୁଗୁନି ପଥର, ମାଙ୍କଡ଼ା, ଚୂନପଥର, ଗ୍ରାନାଇଟ୍, କ୍ରୋମାଇଟ୍, କାଇନାଇଟ୍, ଆଜବେଷ୍ଟସ, ତିଳକ, ମାଗ୍ନେଟାଇଟ୍, ଲୁହାପଥର ଓ ସୁନା ବି ରହିଛି ।

ଏସବୁ କଥା ମହାରାଜ ଜୟନ୍ତ ମର୍ଦ୍ଦରାଜ ଗୋଟିଏ ହୋସରେ କହି ଚାଲିଥିଲେ । ରାଜ୍ୟର ଭୌଗୋଳିକ ସ୍ଥିତି ଉପରେ ଏତେ ଜ୍ଞାନ ରାଜାଙ୍କର ଦେଖି ମୁଁ ସ୍ତମ୍ଭୀଭୂତ ହେଇ ଯାଇଥିଲି ।

## ନୀଳଗିରି: ପୌରାଣିକ ଓ ଐତିହାସିକ ସ୍ଥିତି

ମୋର ନୀଳଗିରି ରାଜ୍ୟ ଉପରେ ଜାଣିବାର ପ୍ରବଳ ଆଗ୍ରହ ଦେଖି ମହାରାଜ ଆହୁରି ପ୍ରଗଳ୍‌ଭ ହେଇ ଯାଇଥିଲେ । ଏ ରାଜ୍ୟର ପୁରାଣ ଆଖ୍ୟାନ କଥା ସେ ଗପି ଚାଲିଲେ ଗୋଟେ ଖିଆଲରେ ।

ଏଇ ରାଜ୍ୟର ଜନଶ୍ରୁତି ଅଛି ତ୍ରେତୟା ଯୁଗରେ ରାମଚନ୍ଦ୍ର ସୀତା ଲକ୍ଷ୍ମଣ ଗମନ କରିଥିଲେ । ଏଠାରେ କିଛି କାଳ ଅଧିବାସ କରିଥିବାରୁ ଏ ଅଞ୍ଚଳର ନାମ ଅଯୋଧା ହେଇଥିଲା । ଅଯୋଧାର ଉତ୍ତରରେ ଶୋଣ, ପୂର୍ବରେ ଘର୍ଘରା ଓ ପଶ୍ଚିମରେ ସିନ୍ଧୁ ନଦୀର ନାମକରଣ ସେଇ ସମୟରେ ହିଁ ହୋଇଥିଲା । ସୀତା ପାଞ୍ଚଟି ଶିବମୂର୍ତ୍ତି ପାହାଡ଼ ଉପରେ ସ୍ଥାପନ କରିଥିବାରୁ ସେଇ ସ୍ଥାନର ନାମ ପଞ୍ଚଲିଙ୍ଗେଶ୍ୱର ହେଇଛି ।

ଏହାପରକୁ ଦ୍ୱାପର ଯୁଗର କଥାର ନିଦର୍ଶନ ବି ଏଠି ଅଛି । ଅଯୋଧ୍ୟାର ଉତ୍ତରରେ ବିରାଟ ପଦ୍ମତୋଳା ହ୍ରଦ (୨୫୨ବାଟି)ଅଛି । ପାଣ୍ଡବମାନଙ୍କର ଅଜ୍ଞାତବାସ ବେଳେ ବିରାଟ ରାଜାଙ୍କର ପଲ୍ଲେ ଗାଈ ଥିଲେ ଓ ଏହି ସବୁ ଗାଈମାନଙ୍କ ୧୨ବର୍ଷର ଗୋବର ଜମାଟ ହୋଇଥିଲା । କଥାଥିଲା ଏସବୁ ଗୋବରକୁ ଯିଏ ସଫା କରିଦେବ, ସେ ହିଁ ଗାଈଆଳ ହେବ । ପାଣ୍ଡବ ବୀର ନକୁଳ ଏଇ ହ୍ରଦରେ ପାଣି ପୂର୍ଣ୍ଣକରି ସବୁ ଗୋବରକୁ ଭସାଇ ଦେଇ ଥିବାର ପ୍ରବାଦ ଅଛି । ଏହି ହ୍ରଦକୁ ଲାଗି ଗୋଟେ କେନାଲ ଖୋଳା ଯାଇଥିଲା । ଏଇ କେନାଲର ବର୍ତ୍ତମାନର ନାମ କାଳନ୍ଦୀ କେନାଲ ।

ଅଯୋଧ୍ୟାର ପଶ୍ଚିମ ଦିଗରେ ୨୨ ମାଇଲ ଦୂରକୁ ସମୀବୃକ୍ଷ ନାମରେ ଗୋଟେ ପର୍ବତ ଏବେବି ଅଛି । ସେଇଠି ପାଣ୍ଡବମାନେ ଅଜ୍ଞାତବାସ ସମୟରେ ସେମାନଙ୍କ ଅସ୍ତ୍ର ଲୁଚାଇଥିଲେ । ପୁଣି ଏକ ବର୍ଷ ପୂରିଲା ବେଳକୁ କୌରବମାନେ ଆସି ବିରାଟ ରାଜାଙ୍କ ଗାଈମାନଙ୍କୁ ଘଉଡ଼ାଇ ନେଲାବେଳେ ଅର୍ଜୁନ ଏହି ସମୀବୃକ୍ଷ କୋଟରରୁ ଅସ୍ତ୍ର ବାହାର କରି ବିରାଟ ରାଜା ଉତ୍ତରକୁ ସାହାଯ୍ୟ କରିଥିଲେ ଓ ସମର ଜିଣିଥିଲେ । ସ୍ୱର୍ଣ୍ଣଚୂଡ଼ ପାହାଡ଼ ପୂର୍ବପଟେ ପାଣ୍ଡବମାନେ ସେମାନଙ୍କର ଅଳଙ୍କାର ଲୁଚାଇଥିଲେ ଯାହା ରାଜଦେୱାନ ସତ୍ୟ ଚନ୍ଦନ ଚଣ୍ଡ ପରବର୍ତ୍ତୀ ସମୟରେ ଆବିଷ୍କାର କରିଥିଲେ ।

୬୦୫ ଖ୍ରୀ.ଅ.ରେ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଭ୍ରମଣ ବୃତ୍ତାନ୍ତରେ ଉଲ୍ଲେଖ କରିଛନ୍ତି- ଦକ୍ଷିଣ ଭାରତକୁ ସେ ଏଇ ଅଂଚଳ ଦେଇ ଯାଇଥିଲେ । ଏ ଅଞ୍ଚଳର ସେ ସମୟରେ ନାମ ଥିଲା ବଡ଼ଦାଣ୍ଡ ଓ ଏହା ପୁରୀକୁ ସଂଯୋଗ ହୋଇଥିଲା । ସେଇ ସମୟରେ ଅଯୋଧ୍ୟାର ନାମ ଥିଲା ଆଉଧ । ଭୁବନେଶ୍ୱରକୁ ବାଦ୍ ଦେଲେ ବେଶୀ ମନ୍ଦିର କେବଳ ଓଡ଼ିଶାରେ ଏଇଠି ଥିଲା । ଏଠିକାର ଲୋକମାନେ ଅତି ସରଳ, ଦୟାଳୁ ଓ ଅତିଥିବତ୍ସଳ ଥିଲେ । ଏହା ସବୁ ଧର୍ମର ପୀଠସ୍ଥଳୀ ଥିଲା । କୌଣସି ଧର୍ମ ପ୍ରତି ଲୋକମାନଙ୍କ ଭିତରେ ଅସୂୟା ନଥିଲା । ଏଠି ସୁନ୍ଦର ପ୍ରସ୍ତର ମୂର୍ତ୍ତି ନିର୍ମାଣ ହେଉଥିବାର ଉଲ୍ଲେଖ ଅଛି ।

ଅଯୋଧ୍ୟାକୁ ପାଞ୍ଚଗଡ଼ କୁହାଯାଏ । ଏହାର ଅର୍ଥ ବଡ଼ବଡ଼ ଅଟ୍ଟାଳିକା ବା ଦୁର୍ଗ ହେଇପାରେ । ଶୋଣ ନଦୀ ଧାରେ ଧାରେ ଗ୍ରାମମାନଙ୍କର ଭଗ୍ନସ୍ତୁପ, ମୂର୍ତ୍ତି, ମନ୍ଦିର ଓ ବାମ୍ଫି ଏବେ ବି ଦେଖିବାକୁ ମିଳେ । ଅଯୋଧ୍ୟାର ଦକ୍ଷିଣ-ପୂର୍ବ ପାଖକୁ ରତ୍ନଗଡ଼, ପଶ୍ଚିମକୁ ପାଟକନ୍ୟାଗଡ଼ ଓ ପଶ୍ଚିମକୁ ରାଜଉଆସ ଥିଲା । ଏହାର ଉତ୍ତର ପଶ୍ଚିମକୁ ପ୍ରତାପପୁର ଗଡ଼ ଅବସ୍ଥିତ । ଏହାର ପୂର୍ବ ଦିଗରେ ଘର୍ଘରା ନଦୀ ଓ ବେତନାଳିଆ ଗଡ଼ଖାଇ ଅବସ୍ଥିତ ।

ଅଯୋଧ୍ୟାରୁ ଲକ୍ଷ୍ମୀମୂର୍ତ୍ତି ଏବେ ଜର୍ମାନୀରୁ ମିଳେ । ଏଠାରୁ ବୌଦ୍ଧ, ଜୈନ, ଶିବ, ଗଣେଷ, ପାର୍ବତୀ, ସତ୍ୟବାନ, ସାବିତ୍ରୀ, ନଟରାଜ, ରାଧା, ଭୈରବ, ନାରାୟଣ ଓ ବ୍ରହ୍ମାମୂର୍ତ୍ତି ମିଳିଛି । ଏଠି ବିଷ୍ଣୁକୁଣ୍ଡ, ଦେବୀକୁଣ୍ଡ, ରୁଦ୍ରକୁଣ୍ଡ ଓ ବିରଞ୍ଚି କୁଣ୍ଡ ନାମିତ ପୋଖରୀ ବି ଅଛି ।

ନୀଳଗିରିର ଅଯୋଧ୍ୟା ଇତିହାସ ବହୁ ପୁରାତନ, ୫୦୦ବର୍ଷ ତଳର । ମାଟି ତଳୁ ଅନେକ ଶାଳଗ୍ରାମ ମଧ୍ୟ ଉଦ୍ଧାର ହେଇଛି । ବୋଧହୁଏ ମୋଗଲ ସମୟରେ ଏ ମୂର୍ତ୍ତି ସବୁ ଲୁଚାଇ ଦିଆ ଯାଇଥିଲା । କଳାପାହାଡ଼ ଏ ଅଞ୍ଚଳକୁ ଆକ୍ରମଣ କରିଥିବା ଅନୁମାନ । ଏ ଗ୍ରାମର ଗୋଟିଏ ପୋଖରୀ ନାମ ପଠାଣ ଗଡ଼ିଆ ଓ ଜାଗାର ନାମ ପଠାଣ ମହଲା ଅଛି ।



ମହାରାଜ ଏମିତି ସବୁ ପୁରାଣ ଓ ଇତିହାସର ଆଶ୍ଚର୍ଯ୍ୟଜନକ କଥା କହିଲା ବେଳେ ମୁଁ ମନ୍ତ୍ରମୁଗ୍ଧ ହୋଇ ଶୁଣି ଚାଲିଥିଲି । ସେ କିନ୍ତୁ ଭାବ ବିହ୍ୱଳ ହୋଇ କେହି ଚାଲିଥିଲି ।

## ରାଜ ବଂଶାବଳୀ

(ନାରାୟଣ ସିଂହ ଭୂଜଂଗ- ୧୫୨୧-୧୫୬୪
ରାମଚନ୍ଦ୍ର ମର୍ଦ୍ଦରାଜ-୧୮୩୨-୧୮୩୩
ରାଣୀ ଚିତ୍ରା ଦେବୀ-୧୮୩୩ -୧୮୪୩
କୃଷ୍ଣଚନ୍ଦ୍ର ମର୍ଦ୍ଦରାଜ- ୧୮୪୩-୧୮୯୩
ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ- ୧୮୯୩-୧୯୧୩
କିଶୋର ଚନ୍ଦ୍ର ମର୍ଦ୍ଦରାଜ- ୧୯୧୩-୧୯୬୦
ରାଜେନ୍ଦ୍ର ମର୍ଦ୍ଦରାଜ- ୧୯୬୦-୨୦୦୧
ଜୟଚନ୍ଦ୍ର ମର୍ଦ୍ଦରାଜ- ୨୦୦୧ରୁ ବର୍ତ୍ତମାନ)

## ନୀଳଗିରି ରାଜବଂଶର କଥା

ଏହା ପରକୁ ମହାରାଣୀ, ନୀଳଗିରି ରାଜପରିବାରର କଥା ଆରମ୍ଭ କରୁଥିଲେ । ମହାରାଜା ତାଙ୍କୁ ସାହାଯ୍ୟ କରୁଥିଲେ ସମୟେ ସମୟେ ।

ନୀଳଗିରି ମହାରାଜା ସ୍ୱର୍ଗତ କିଶୋର ଚନ୍ଦ୍ର ଅତ୍ୟନ୍ତ କଳାପ୍ରିୟ ଥିବାରୁ ସେ ତାଙ୍କ ପୂର୍ବ ବଂଶର ଇତିହାସ ସଂଗ୍ରହ କରି 'ନାରାୟଣ ବସନ୍ତ' କାବ୍ୟ ରଚନା କରିଥିଲେ । ଏଇଥିରୁ ନୀଳଗିରି ରାଜବଂଶର ଇତିହାସକୁ ମହାରାଣୀ ପର୍ଯ୍ୟାଲୋଚନା କରି କହୁଥିଲେ ।

ବିରାଟ ବଂଶର ରାଜା ନାରାୟଣ ବସନ୍ତ ବିରାଟ ଭୂଜଂଗ ବଳିଆର ସିଂଦେଓ ମାନଧାତା ୧୫୨୧ରୁ ୧୫୬୪ ପର୍ଯ୍ୟନ୍ତ କପ୍ତିପଦାରେ ରାଜତ୍ୱ କରୁଥିଲେ ।

ସେତେବେଳେ ପୁରୀ ଗଜପତି ଥିଲେ ଗଜପତି ପ୍ରତାପ ରୁଦ୍ରଦେବ । ଏତିକିବେଳେ ବଂଗ ସୁଲତାନ ଆଲ୍ଲାଉଦ୍ଦିନଙ୍କ ସେନାପତି ଇସମାଇଲ୍ ଘାଜି ପୁରୀ ଠାକୁରଙ୍କୁ ଆକ୍ରମଣ କରିବାକୁ ଆଗଭର ହେଲାବେଳେ ବସନ୍ତ ବିରାଟ ଭୂଜଂଗ ଗଜପତିଙ୍କୁ ସହାୟତା କରିଥିଲେ ଓ ସେଥିପାଇଁ ସେ ସାମନ୍ତରାଜା ଭାବରେ ସ୍ୱୀକୃତି ପାଇଥିଲେ । ନାରାୟଣ ବସନ୍ତ ରାଜା ପୁରୀ ରଥଯାତ୍ରାକୁ ଯାଇଥିଲା ବେଳେ ପୁରୀ ରାଜକନ୍ୟା ହଂସବତୀ ଓ କଲରା ଦେଇଙ୍କୁ ବିବାହ କରିଥିଲେ ।

ଠିକ୍ ସେତିକି ବେଳେ ତତ୍କାଳୀନ ମୟୂରଭଞ୍ଜ ରାଜା ନୀଳକଣ୍ଠ ଭଞ୍ଜ ତାଙ୍କ ରାଜ୍ୟ ଆକ୍ରମଣ କଲାରୁ ନାରାୟଣ ବସନ୍ତ ପଞ୍ଚଲିଙ୍ଗେଶ୍ୱର ପର୍ବତ ଭିତରେ ଆତ୍ମଗୋପନ କଲେ । କିନ୍ତୁ ଏହା ପରେ ଦ୍ୱିତୀୟବାର ମୟୂରଭଞ୍ଜ ରାଜା ପଞ୍ଚଲିଙ୍ଗେଶ୍ୱର ଦୁର୍ଗରେ ପରାସ୍ତ ହେଲା ପରେ ସନ୍ଧି ହେଲା ଓ ନାରାୟଣ ବସନ୍ତ କପ୍ତିପଦାକୁ ଫେରି ଆସିଲେ । ରାଜାଙ୍କ ହଂସବତୀ ରାଣୀଙ୍କ ଠୁଁ ଅନନ୍ତ ମାନ୍ଧାତା ଓ କଲରା ଦେଈଙ୍କ ଠୁଁ ସାଧୁ ମାନଧାତା ଜନ୍ମ ହେଲେ । ରାଜାଙ୍କ ଅକାଳ ବିୟୋଗ ପରେ ଦୁଇ ରାଣୀଙ୍କ ଭିତରେ ମତାନ୍ତର ହେବାରୁ ସାନ ଭାଇ ସାଧୁ ମାନଧାତା ଶୋଣନଦୀ ପୂର୍ବପଟ ଗରଡିହିରେ ରାଜା ହେଲେ ।




ସେ ଗରଡିହିରେ ଦଧିବାମନ ଜିଉ ମନ୍ଦିର କରି ବିରାଟ ରଥଯାତ୍ରା କଲେ । ସେ ଅଞ୍ଚଳର କୁଡୁମି ଜାତିର ଲୋକମାନେ ରାଜାଙ୍କ ସୈନ୍ୟ ବାହିନୀରେ ରହି ତାହାକୁ ଶକ୍ତିଶାଳୀ କଲେ । ପୁଣି ରାଜମାତା କଲରା ଦେବୀଙ୍କ ପରାମର୍ଶ କ୍ରମେ ସଜନାଗଡ଼ ଠାରେ ଦୁର୍ଗା ମନ୍ଦିର ପ୍ରତିଷ୍ଠା ହେଲା । ଏଠି ବାଥୁଡ଼ି ଜାତିର ଦୁର୍ଦ୍ଧର୍ଷ ଲୋକାମନେ ରାଜାଙ୍କ ଆନୁଗତ୍ୟ ହେଲେ । ସେମାନଙ୍କ ପୂଜିତ ତନ୍ତଦେବୀ ଭୂଦାର ଚଣ୍ଡୀଙ୍କୁ ଗଡ଼ଚଣ୍ଡି ହିସାବରେ ପ୍ରତିଷ୍ଠା କରାଯାଇ ବିଶାଳ ମନ୍ଦିର ନିର୍ମାଣ କରାଗଲା । ଏହାର ପ୍ରତିବେଢ଼ାରେ ବେଦ ପୁରାଣ ବର୍ଣ୍ଣିତ ବହୁ ଦେବାଦେବୀଙ୍କ ମୂର୍ତ୍ତି ନିର୍ମାଣ ହେଲା ।

କାଳକ୍ରମେ ସାଧୁ ମାନ୍ଧାତା କୁଡୁମି ଓ ବାଥୁଡ଼ି ସୈନ୍ୟ ବାହିନୀଙ୍କୁ ଧରି ନୀଳଗିରିର ଦୁର୍ଦ୍ଧର୍ଷ ନୀଳ ସେନାପତିଙ୍କୁ ନିହତ କରି ନୀଳଗିରି ରାଜ ଉଆସ ସ୍ଥାପନ କଲେ । ୧୬୦୫ ରୁ ୧୬୨୮ ପର୍ଯ୍ୟନ୍ତ ଦିଲ୍ଲୀର ସମ୍ରାଟ ଜାହାଙ୍ଗୀରଙ୍କ ଶାସନ କାଳରେ ମୋଗଲମାନଙ୍କ ଓଡ଼ିଶା ଆକ୍ରମଣ ଓ ବାରବାଟୀ ଦୁର୍ଗ ଦଖଲରେ ସାଧୁ ମାନ୍ଧାତା ସାହାଯ୍ୟ କରିଥିବାରୁ ଦିଲ୍ଲୀ ସମ୍ରାଟ ପ୍ରୀତ ହେଇ ତାଙ୍କୁ ୧୬୧୧ରେ ଗୋଟେ ତଲୱାର ପୁରସ୍କାର ଦେଇଥିଲେ । ସେଥିରେ ଲେଖା ଥିଲା- 'ମାନ୍ଧାତା ସାଧୁ ବିରାଟ ଭୂଜଙ୍ଗ ବଳିଆର ସିଂହଦେଓ ମର୍ଦ୍ଦରାଜ ହରିଚନ୍ଦନ ।'

ଏହାପରେ ଦୀର୍ଘ ଦୁଇଶହ ବର୍ଷ ଧରି ନୀଳଗିରି ରାଜବଂଶର ଇତିହାସ ଅନ୍ଧକାରାଚ୍ଛନ୍ନ ହେଇଯାଇଛି । ୧୮୦୩ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଦଖଲ କଲେ । ସେତେବେଳେ ନୀଳଗିରିର ମହାରାଜା ଥିଲେ ରାମଚନ୍ଦ୍ର ମର୍ଦ୍ଦରାଜ । ରାଜା କମ୍ପାନୀ ସହିତ ଚୁକ୍ତି କରିଥିଲେ । ଚୁକ୍ତି ଅନୁଯାୟୀ ୨୩,୪୦୦ କାହାଣ କଉଡ଼ି ପେସ୍‌କିସ୍ ଧାର୍ଯ୍ୟ ହେଇଥିଲା । ରାଜାଙ୍କ ନାମ ସଂକ୍ଷିପ୍ତ କରି ସନନ୍ଦରେ କେବଳ ରାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ରଖାଗଲା । ପୁଣି ୨୫.୯.୧୮୦୯ରେ କଉଡ଼ି ବଦଳରେ ୨୧୦୭ ଟଙ୍କା ବାରଅଣା ଦେବା ପାଇଁ ପୁନଃ ଆଦେଶ ହେଲା ।

## ରାଜା ଗୋବିନ୍ଦ ଚନ୍ଦ୍ର (୧୮୧୧ରୁ ୧୮୪୮)

ରାଜା ଗୋବିନ୍ଦ ଚନ୍ଦ୍ର ଅତ୍ୟନ୍ତ ଦୟାବାନ୍ ଥିଲେ । ଇଂରେଜ ରାଜତ୍ୱ ଯୋଗୁଁ ନୀଳଗିରି ରାଜ୍ୟରେ ଯୁଦ୍ଧ ଓ ପାଇକ ପ୍ରସ୍ତୁତିର ଆବଶ୍ୟକତା ପଡୁନଥିଲା । ସେଥିପାଇଁ ଏ ଦିଗରେ ଖର୍ଚ୍ଚ କମାଇ ପ୍ରଜାମଙ୍ଗଳ କାମରେ ଅର୍ଥ ବ୍ୟୟିତ ହେଉଥିଲା । ରାଜା ସବାରିରେ ଯାଆସ କରୁଥିଲେ । ରାଜ ପରିବାରର ମୁଖ୍ୟ ଠାକୁରାଣୀ ବଗଳାଦେବୀ ଥିଲେ । ତାଙ୍କ ରାଜତ୍ୱ କାଳରେ ଶ୍ରୀ ଜଗନ୍ନାଥ ଓ କନକଦୁର୍ଗା ମନ୍ଦିର ସ୍ଥାପିତ ହେଇଥିଲା । ପୁଣି ଗୁଣ୍ଡିଚା ମନ୍ଦିର କରାଯାଇ ରଥଯାତ୍ରା ଆରମ୍ଭ ହୋଇଥିଲା ।

ରାଜ୍ୟରେ ବଡ଼ବଡ଼ ଅପରାଧୀମାନଙ୍କୁ ଧରିବା ପାଇଁ ଜଣେ ଦାରୋଗା ନିଯୁକ୍ତି ପାଇଥିଲେ । ଦୁର୍ଗାଦେବୀ ମନ୍ଦିର ସାମ୍ନାରେ ଦୋଷୀଙ୍କୁ ହଡ଼ି କାଠରେ ପକାଇ ଦିଆ ଯାଉଥିଲା । ଆସାମୀ ଏଥିରେ ଆବଦ୍ଧ ହେଇ ରହି ପାରୁଥିଲା, ଶୋଇ ବି ପାରୁଥିଲା । ଦାରୋଗା ରାଜାଙ୍କ ସମ୍ମୁଖରେ ଅପରାଧ ବିବରଣୀ ପାଠ କରୁଥିଲେ । ସେତେବେଳେ ଲୋକମାନେ ସତ୍ୟ କହୁଥିଲେ । ସାମାନ୍ୟ ଦୋଷ ଥିଲେ ରାଜା ଦୋଷୀମାନଙ୍କୁ ସାବଧାନ କରି ଛାଡ଼ି ନେଉଥିଲେ । ଅଧିକ ଦୋଷ ଥିଲେ ଦୁଇ ଚାପଡ଼ କି ଅଧିକ ମାଡ଼ ଦିଆ ଯାଉଥିଲା । ଗରୀବ ଲୋକ ହେଇଥିଲେ ଗଉଣିଏ ଧାନ ଦେଇ ଛାଡ଼ି ଦିଆ ଯାଉଥିଲା ।

## ରାଜା କୃଷ୍ଣଚନ୍ଦ୍ର ମର୍ଦ୍ଦରାଜ (୧୮୪୯-୧୮୯୩)

କୃଷ୍ଣଚନ୍ଦ୍ର ମର୍ଦ୍ଦରାଜ ସିଂହାସନ ଆରୋହଣ କଲେ ୧୯୪୯ରେ । ତାଙ୍କ ସମୟରେ ନୀଳଗିରିରେ ବନ୍ଦୋବସ୍ତ ବ୍ୟବସ୍ଥା ହେଇଥିଲା । ୧୮୫୩ରେ ଏହା ସରିଥିଲେ ମଧ୍ୟ ଖଜଣା ଆଦାୟ ମାପଚୁପ ଇତ୍ୟାଦିରେ ବହୁ ଅସଙ୍ଗତି ରହିଥିଲା ।



ମହାରାଜ ଦୁଇଟି ବିବାହ କରିଥିଲେ । ତଥାପି ସେ ନିଃସନ୍ତାନ ଥିଲେ । ସେଥିପାଇଁ ସେ ତୀର୍ଥ ଭ୍ରମଣକୁ ଯାଇ ବୃନ୍ଦାବନରୁ ରାଧାକିଶୋର ମୂର୍ତ୍ତି ଆଣି ଘରେ ପୂଜା କରୁଥିଲେ ।

ରାଜା Political agent ଓ Presidentଙ୍କ ପରାମର୍ଶ କ୍ରମେ ଚୌକିଦାର, ପୁଲିସ ଥାନା, କଚେରି, ଡାକଘର, ଟେଲିଗ୍ରାମ, ଦେବନ୍ତ Revenue Officer, Sub-Registrar ଇତ୍ୟାଦି ଇଂରେଜଙ୍କ ପରାମର୍ଶ କ୍ରମେ ଶାସନ ଚାଲିଥିଲା । Settlement ଠିକ୍ ନଥିବାରୁ ନାଜି Settlement କାର୍ଯ୍ୟ ଆରମ୍ଭ ହେଇଥିଲା । ସାନରାଣୀ ନିର୍ମଳା ଦେବୀଙ୍କ ନାମ ଅନୁସାରେ ନିର୍ମଳା ହାଟ ବସିଥିଲା ।

ରାଜା ରାଜକୁମାର ଶ୍ୟାମସୁନ୍ଦରଙ୍କୁ ପୋଷ୍ୟ କରି ବାରିପଦା ରାଜ ପରିବାରରୁ ଆଣିଥିଲେ । ସେ ନାବାଳକ ଥିବାରୁ କିଏ ତାଙ୍କୁ ହତ୍ୟା କରି ଦେବ, ସେଥିପାଇଁ ତାଙ୍କୁ ଦାର୍ଜିଲିଂରେ ପଢ଼ାଉଥିଲେ । ୧୮୯୩ରେ କୃଷ୍ଣଚନ୍ଦ୍ର ମର୍ଦ୍ଦରାଜଙ୍କ ମୃତ୍ୟୁ ହେଲା । ଶାସନ ବ୍ରିଟିଶମାନଙ୍କ ହାତରେ ରହିଲା ।

## ନୀଳଗିରି ରାଜ ଦରବାର ଓ ଫକୀରମୋହନ ସେନାପତି

ରାଜା କୃଷ୍ଣଚନ୍ଦ୍ର ନୀଳଗିରିରେ ଆଧୁନିକ ଶାସନର ମୂଳଦୁଆ ପକାଇଥିଲେ । ଜଳସେଚନ, ସ୍କୁଲ ନିର୍ମାଣ, ମନ୍ଦିର ଓ ରାସ୍ତାଘାଟ ତିଆରିରେ ସେ ଧ୍ୟାନ ଦେଇଥିଲେ । ପଞ୍ଚଲିଙ୍ଗେଶ୍ୱର ପର୍ଯ୍ୟଟନ ବିକାଶ ତାଙ୍କ ସମୟରେ ହେଇଥିଲା ।

ତାଙ୍କ ସମୟରେ ନୀଳଗିରି ଦେଓ୍ୱାନ ଭାବେ କାର୍ଯ୍ୟ କରୁଥିଲେ ପ୍ରବାଦ ପୁରୁଷ ଫକୀରମୋହନ(୧୮୭୨-୭୫) । ତାଙ୍କ ପରାମର୍ଶରେ ପ୍ରଜାଙ୍କ ପାଇଁ ବିକାଶ ମୂଳକୁ ଯୋଜନା ହାତକୁ ନିଆ ଯାଇଥିଲା । ଜିଲ୍ଲାର ବିକାଶର ସମସ୍ତ ଦାୟିତ୍ୱ ସେନାପତିଙ୍କ ଉପରେ ନ୍ୟସ୍ତ ଥିଲା । ରାଜା ଏସବୁ କାର୍ଯ୍ୟ କିଛି ବି ବୁଝୁ ନଥିଲେ । ସେନାପତିଙ୍କ କିଛି କାର୍ଯ୍ୟ ଠିକ୍ ନହେଲେ ବି ରାଜା ତାଙ୍କୁ କିଛି କହୁନଥିଲେ । ନିଜଗଡ଼ର ପୂର୍ବ ଦିଗରୁ ଟ୍ରଙ୍କ ରୋଡ଼ ଯାଏଁ ରାସ୍ତା ଫକୀରମୋହନଙ୍କ ଯୋଜନା ମୁତାବକ ନର୍ମାଣ ହେଇଥିଲା । ଶଙ୍କରାଖୁଣ୍ଟା ପୋଖରୀ କୂଳ ହାଟ ହିଁ ଫକୀରମୋହନ ବସାଇଥିଲେ ।

## ମହାରାଜ ଶ୍ୟାମସୁନ୍ଦର ୧୮୯୮-୧୯୧୩)

ଶ୍ୟାମସୁନ୍ଦର ମର୍ଦ୍ଦରାଜ ୨୪/୨/୧୮୯୮ରେ ସିଂହାସନରେ ବସିଲେ । ତାଙ୍କ ରାଜତ୍ୱ କାଳରେ ସେ ୧୯୦୫ ମସିହାରେ ନୀଳଗିରିରେ ହାଇସ୍କୁଲ ବସାଇଲେ । ଏହାର ପ୍ରଥମ ପ୍ରଧାନ ଶିକ୍ଷକ ରହିଲେ ଗୋଦାବରୀଶ ମିଶ୍ର ଓ ତା'ପରେ ରହିଲେ ଉତ୍କଳମଣି ଗୋପବନ୍ଧୁ ଦାସ । ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରହିଲେ ପଣ୍ଡିତ ନୀଳକଣ୍ଠ ଓ ସହକାରୀ ଶିକ୍ଷକ ଥିଲେ ଆଚାର୍ଯ୍ୟ ହରିହର । କିନ୍ତୁ ଦୁର୍ଭାଗ୍ୟ ଯେ ରାଜା ଖୁବ୍ ଅଳ୍ପ ବୟସରେ ୨୩-୧୦-୧୯୧୩ରେ ହଠାତ୍ ମୃତ୍ୟୁ ମୁଖରେ ପଡ଼ିଲେ । ପୁଣି ରାଜ୍ୟ କୋର୍ଟ ଅଫ୍ ୱାର୍ଡସ୍ ହେଲା । ରାଜକୁମାର କିଶୋର ଚନ୍ଦ୍ର ଆଜମିର ମେଓ ରାଜକୁମାର କଲେଜରେ ପାଠ ପଢ଼ିଲେ । ସେ ୨-୨-୧୯୨୫ରେ ସିଂହାସନ ଆରୋହଣ କଲେ ।

## ମହାରାଜା କିଶୋର ଚନ୍ଦ୍ର (୧୯୨୫-୧୯୬୦)

### କିଶୋର ଚନ୍ଦ୍ରଙ୍କ ଶୀକାର ଜୀବନ:

୧- ଆଜମିରରେ ପଢୁଥିଲା ବେଳେ ରାଜକୁମାର ବମ୍ବେ ବୁଲିବାକୁ ଯାଇଥିଲେ । ସମୁଦ୍ରରେ ଗୋଟେ ବିରାଟକାୟ ତିମିମାଛ ଖୁବ୍ ଉପଦ୍ରବ କରୁଥିଲା । ଜନଜୀବନ କ୍ଷତି ବି କରୁଥିଲା । କେହି ସାହେବ ମାନେ ବି ତିମିକୁ ମାରି ପାରୁନଥିଲେ । ଅଥଚ ସାହସୀ ରାଜକୁମାର ଗୋଟେ ଦଶ ନଳିଆ ବନ୍ଧୁକ ନେଇ ତିମି ଶିକାର କରିବାକୁ ସମୁଦ୍ର ଭିତରକୁ ପଶିଲେ । ପାଣିର ଶବ୍ଦ ବାରି ଶୁଣ୍ଢଟେକି ତିମି ମାଡ଼ି ଆସିଲା । ରାଜ କୁମାର ଲକ୍ଷ୍ୟ କରି ତାକୁ ଗୁଳି ମାରିଲେ । ଗୁଳି ଠିକ ଲକ୍ଷ୍ୟ ଭେଦ କରି ତିମିର ମୁଣ୍ଡରେ ବାଜିଥିଲା । କ୍ଷତ ଓ ଯନ୍ତ୍ରଣାରେ ତିମି ସମୁଦ୍ର ଭିତରକୁ ଚାଲିଗଲା ବେଳେ ପାଣି ରକ୍ତରେ ରଂଜିତ ହେଇ ଯାଉଥିଲା । ଧୀରେ ଧୀରେ ତିମି ସଂପୂର୍ଣ୍ଣ ଅବଶ ହେଇଗଲା । ମୃତ ତିମି ଦେହରୁ ୮୦ ମହଣ ଚର୍ବି ବାହାରିଥିଲା ।

୨- ଛୁଟିରେ ରାଜକୁମାର ନୀଳଗିରି ଆସିଥିଲା ବେଳେPolitical agent ତାଙ୍କୁ ଦୁଇଟି ମଣିଷ ଖିଆ କୁମ୍ଭୀର କଥା କହିଥିଲେ । ରାଜକୁମାର ଦୁଇଟି ଯାକ କୁମ୍ଭୀରଙ୍କୁ ବନ୍ଧୁକରେ ନିପାତ କରି ଦେଇଥିଲେ ।

୩- ରାଜାଙ୍କ ପକ୍ଷୀ ଶିକାର ବି ଆଉ ଏକ ତାଙ୍କ ଶିକାରୀ ଜୀବନର ଦସ୍ତାବିଜ । ପଦ୍ମତୋଳା ହ୍ରଦ ୭୫୨ ବାଟି ପରିମିତ । ଏହି ହ୍ରଦ ନୀଳଗିରି ଉତ୍ତରକୁ ସୋଣ ନଦୀକୁ ଲାଗି । ଏଠିକୁ ହିମାଳୟ ଓ ସାଇବେରିଆରେ ବରଫ ପଡ଼ିଲେ ପକ୍ଷୀମାନେ ଉଡ଼ି ଆସନ୍ତି । ପକ୍ଷୀଙ୍କ ଖାଦ୍ୟ ପାଇଁ ରାଜାଙ୍କ ଆଦେଶରେ ଧାନ କଟା ଯାଉନଥିଲା । ପକ୍ଷୀମାନେ ପାଣିଫଳ, ପଦ୍ମପତ୍ର, କେଶୁର ପ୍ରତି ଆକୃଷ୍ଟ ହେଉଥିଲେ । ରାଜା ଗୋଟେ ଦସ୍ତା ନିର୍ମିତ ଡଙ୍ଗାରେ ହ୍ରଦ ଭିତରକୁ ପଶୁଥିଲେ । ଚାରିପଟେ ଲୋକେ ସଜାଗ ହେଇ ରହୁଥିଲେ । ରାଜା ଗୋଟେ ଗୁଳି ଫୁଟାଇ ସଂକେତ ଦେଲେ ଲୋକମାନେ ବାଉଁଶରେ ଜଳକୁ ବାଡ଼େଇ ଦେଉଥିଲେ ଓ ଯୋର କରି ପାଟି କରୁଥିଲେ । ଏଥିରେ ପକ୍ଷୀମାନେ ଏକା ସାଙ୍ଗରେ ହୁରୁଡ଼ି ଯାଇ ଆକାଶକୁ ଉଠୁଥିଲେ । ଠିକ୍ ଏତିକିବେଳେ ରାଜା ହଜାର ହଜାର ସଂଖ୍ୟାରେ ଚଢ଼େଇ ଶିକାର କରୁଥିଲେ ଗୁଳି ଫୁଟାଇ ।

## ୧୯୩୭-୩୮ ଗଣ ଆନ୍ଦୋଳନ ଓ ରାଜା କିଶୋର ଚନ୍ଦ୍ର

ନୀଳଗିରିରେ ପ୍ରଜା ଆନ୍ଦୋଳନ ରାଜା ଓ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ସଂଘଟିତ ହେଇଥିଲା ୧୯୩୮ ମସିହାରେ । ଏହାର ମୁଖ୍ୟ କର୍ଣ୍ଣଧାର ଥିଲେ ବନମାଳୀ ଦାସ, ପ୍ରାଣକୃଷ୍ଣ ଅଗସ୍ତି, ଗିରିଧାରୀ ପଣ୍ଡା, ଚୈତନ୍ୟ ମିଶ୍ର ଓ ବୃନ୍ଦାବନ ଷଡ଼ଙ୍ଗୀ । ଏମାନେ ସମସ୍ତେ କମ୍ୟୁନିଷ୍ଟ ଦଳୀୟ ଲୋକ ଥିଲେ । ଏହା ସହ କଂଗ୍ରେସର ଭାବଧାରାକୁ ମିଶାଇ ଏହି ସଂଗ୍ରାମୀ ସଂଗଠନକୁ ସମାଜବାଦୀ ଢାଞ୍ଚାରେ ନାମିତ କରାଯାଇଥିଲା ।



ମୁଖ୍ୟତଃ ଏହି ଦଳରେ ଥିବା ଆଦିବାସୀ ଓ ମୁଳିଆ ଶ୍ରେଣୀ ଓ ଦକ୍ଷିଣ ନୀଳଗିରିର ଅନୁନ୍ନତ ଲୋକମାନେ ସଙ୍ଗଠନରେ ବହୁ ସଂଖ୍ୟାରେ ଯୋଗ ଦେଉଥିଲେ । ୩୦-୭-୧୯୩୭ରେ ଏକ ଲିଫଲେଟ୍ ରାଜାଙ୍କ ଶାସନ ବିରୁଦ୍ଧରେ ବଣ୍ଟା ଯାଇଥିଲା । ଏଥିରେ ମଧ୍ୟ ସମସ୍ତେ ଏକଜୁଟ ହେଇ ରାଜତନ୍ତ୍ର ବିରୁଦ୍ଧରେ ଅହିଂସା ଯୁଦ୍ଧ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା ।

ନିଖିଳ ଭାରତ ପ୍ରଜା ସମ୍ମିଳନୀ ଓ ଓଡ଼ିଶୀ ଗଡ଼ଜାତ ସମ୍ମିଳନୀ ପକ୍ଷରୁ ଗଡ଼ଜାତରେ ପ୍ରଜା ଆନ୍ଦୋଳନ ଜୋରଦାର କରିବା ପାଇଁ ଡାକରା ଦିଆ ଯାଇଥିଲା । ନୀଳଗିରିରେ ପ୍ରଜାମଣ୍ଡଳ କାର୍ଯ୍ୟାଳୟ କଲେ ରାଜାଙ୍କ ଆକ୍ରୋଶ ହେବ ବୋଲି ଅଳସୁଆ ଗାଁରେ ଅଫିସ ହେଲା । କିନ୍ତୁ ସେ ଗାଁକୁ ଗମନା ଗମନରେ ଅସୁବିଧା ହେବାରୁ ନୀଳଗିରି ସେରଗଡ଼ ରାସ୍ତାର ପୂର୍ବତନ ଶିକ୍ଷା ବିଭାଗ ସବ୍-ଇନ୍ସପେକ୍ଟର ଗଡ଼ିଆମାଳର ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଘରେ ଏ ଅଫିସକୁ ଉଠାଇ ଅଣାଗଲା ।

ପ୍ରଜାମଣ୍ଡଳ ତରଫରୁ ରାଜାଙ୍କୁ ୩୧ଟି ଦାବିପତ୍ର ଦିଆ ଯାଇଥିଲା । ତା'ସହିତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନର ଧମକ ବି ଦିଆ ଯାଇଥିଲା । ଲୋକଙ୍କ ଭିତରେ ପ୍ରବଳ ଅସନ୍ତୋଷର ନିଆଁ ଜଳୁଥିଲା ।

୧୯୩୮ ମସିହା ଅକ୍ଷି ତୃତୀୟା ଠିକ୍ ପୂର୍ବରୁ ରାଜ କର୍ମଚାରୀମାନେ ବିଦ୍ରୋହକୁ ଦମନ କରିବା ପାଇଁ ପ୍ରାଣବନ୍ଧୁ ଅଗସ୍ତି, ଚୈତନ୍ୟ ମିଶ୍ର ଓ ଗିରିଧାରୀ ପଣ୍ଡାଙ୍କୁ ଗିରଫ କରିଥିଲେ ଓ ସମଗ୍ର ନୀଳଗିରି ଅଞ୍ଚଳରେ ୧୪୪ଧାରା ଲାଗୁ କରାଇ ଦିଆ ଯାଇଥିଲା ।

ଏହାର ପ୍ରତିବାଦରେ ଆନ୍ଦୋଳନ ଆହୁରି ବ୍ୟାପକ ରୂପ ଧାରଣ କରିଥିଲା । ଅଯୋଧ୍ୟା ଶିବିରରୁ ପ୍ରାଣବନ୍ଧୁ ପରିଡ଼ାଙ୍କ ନେତୃତ୍ୱରେ ୩୦୦ ଲୋକ ଶୋଭାଯାତ୍ରା କରି ନୀଳଗିରି ରାଜ ଦରବାରକୁ ଆସିବା ରାସ୍ତାରେ ପୁଲିସ ଲାଠି ଚାଳନା କରିଥିଲା । ଏଥିରେ କିଛି ଲୋକ କ୍ଷତାକ୍ତ ହେଇଥିଲେ, ହେଲେ ନେତାମାନେ ଦବି ନଯାଇ ପୁଣି ଅଳସୁଆ ଓ ଅଯୋଧ୍ୟାରୁ ପ୍ରତିଦିନ ଶୋଭାଯାତ୍ରା ବାହାର କରୁଥିଲେ । ଅବଶ୍ୟ ଏଥିରୁ କିଛି ନେତୃବୃନ୍ଦଙ୍କୁ ପୋଲିସ ଗିରଫ କରି ଅନ୍ୟମାନଙ୍କୁ ଛାଡ଼ି ଦେଇଥିଲା । ଏମିତି ଆନ୍ଦୋଳନ ପ୍ରତି ଗାଁରେ ଚାଲିଥିଲା ଦିନକୁ ଦିନ ।

ଏହାରି ଭିତରେ ୧୩-୮-୧୯୩୮ରେ ବାଲେଶ୍ୱର ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ରାଜା, ପଲିଟିକାଲ ଏଜେଣ୍ଟ ଓ ପ୍ରଜାମଣ୍ଡଳ ନେତାଙ୍କୁ ନେଇ ଗୋଟେ emergent meeting ବସିଲା । ଏଥିରେ ହରେକୃଷ୍ଣ ମହତାବ ଓ କୈଳାସ ଚନ୍ଦ୍ର ମହାନ୍ତି ପ୍ରମୁଖ ନେତା ବି ରହିଲେ । ପ୍ରଜାମଣ୍ଡଳର ୩୧ଟି ଦାବି ମଧ୍ୟରୁ ରାଜା ୧୮ଟି ଦାବି ମାନିନେଲେ ।

କେବଳ ବାକି ରହିଲା ଆୟବ୍ୟୟ ଓ ପ୍ରଜାସଂଘର ସ୍ୱାୟତ୍ତ ଶାସନ । ରାଜା ସେଇ ସଭାରେ ଘୋଷଣା କଲେ ଅନ୍ୟ କେଉଁ ରାଜ୍ୟରେ ଏହା ପ୍ରଚଳନ ହେଲେ ସେ ବି ବିନା ଦ୍ୱିଧାରେ ତାହା ମଞ୍ଜୁର କରିବେ ।



RAJA KRUSHNA CHANDRA MARDARAJ HARICHANDAN
(1833-1893)
FOUNDER OF THAKURMAHAL TRUST, NILGIRI

ଏମିତି ଭାବେ ୧୯୩୮ ଗଣ ଆନ୍ଦୋଳନର ଶେଷ ଯବନିକା ରାଜା ପକାଇଥିଲେ ।

### ରାଜାଙ୍କ ବହିଷ୍କାର: ୧.୧୧.୧୯୪୨

କିନ୍ତୁ ରାଜାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ରର ଶେଷ ହେଲା ନାହିଁ । ୧୯୪୨ ମସହି । Political Agent ମିଚେଲ୍ ୩ଟି ଉଡ଼ାଜାହାଜରେ Eastern Command Joint Police Force ଓ ପେସୱାରରୁ ମୁସଲିମ୍ ବାହିନୀ ଆଣି ଆକାଶ ମାର୍ଗରୁ ୩ଜଣ ଲୋକଙ୍କୁ ମାରି ଦେଇଥିଲେ । ବ୍ରାହ୍ମଣ ଶାସନ ଭିତରେ ମୁସଲିମମାନଙ୍କ ଅତ୍ୟାଚାର, ଠାକୁର ମନ୍ଦିରରେ ମୁସଲମାନଙ୍କ ପ୍ରବେଶ, ମୂର୍ତ୍ତି ଭାଙ୍ଗିବା ଓ ଲୋକମାନଙ୍କ ସର୍ବସ୍ୱ ଲୁଟି ନେବା ଇତ୍ୟାଦି ଅଭିଯୋଗ ଉଭୟ ରାଜା କିଶୋର ଚନ୍ଦ୍ର ଓ Political Agent ବିରୁଦ୍ଧରେ ବଡ଼ଲାଟ୍ ପାଖକୁ ଯାଇଥିଲା । ଦୁଇ ପକ୍ଷଙ୍କୁ Show Cause Notice ବି ଯାଇଥିଲା । କିନ୍ତୁ ବଡ଼ ଲାଟ୍ ହୃଦ୍‌ବୋଧ କଲେ ଏଥିରେ ରାଜାଙ୍କର କିଛି ବି ଭୂମିକା ନାହିଁ ।

ତଥାପି ରାଜାଙ୍କ ବିରୁଦ୍ଧରେ ଚକ୍ରାନ୍ତର ଅନ୍ତ ହେଇ ନଥିଲା । ସେତେବେଳେ ନୀଳଗିରି ରାଜା, ଛତିଶଗଡ଼ ରାଜା ଓ ଓଡ଼ିଶାର ଗଡ଼ଜାତ ରାଜା ମାନେ ମିଶି ଗୋଟେ ସଂଗଠନ କରିଥିଲେ । ଏହାର ସଭାପତି ଥିଲେ ତ୍ରିପୁରାର ତତ୍କାଳିନ ମହାରାଜା ମାଣିକ୍ୟ ବାହାଦୂର । ସେଥିପାଇଁ ନୀଳଗିରି ରାଜା ବହୁବାର କଲିକତା ଯାଇ Grand Hotelରେ ଅବସ୍ଥାନ କରୁଥିଲେ । ସେତେବେଳେ ସୁବାଷ ବୋଷଙ୍କ ଜର୍ମାନୀ ଓ ଜାପାନରେ ଥାଇ ଆଜାଦ ହିନ୍ଦ ଫୌଜ ଗଠନ କରି ଭାରତକୁ ସ୍ୱାଧୀନ କରିବାକୁ ଚାହୁଁଥିଲେ । କିଛି ଖଳ ଲୋକ ନୀଳଗିରି ରାଜାଙ୍କର ସୁବାଷ ସହିତ କଥାର ଗୋଟେ ଟେପ୍‌ରେକର୍ଡ଼ ବଡ଼ଲାଟଙ୍କ ପାଖକୁ ପଠାଇ ଦେଇଥିଲେ । ଏଥିରେ ବଡ଼ଲାଟ୍ କ୍ଷୁବ୍ଧ ହୋଇ ରାଜାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଓ ୧-୧୧-୧୯୪୨ରେ ନିର୍ଦ୍ଦେଶ ଦେଲେ ରାଜ୍ୟରୁ ସେ ବହିଷ୍କୃତ ହେବେ । ରାଜା ତତ୍‌କ୍ଷଣାତ୍ ତାଙ୍କ ପରିବାର ସହିତ ରାଞ୍ଚି ଚାଲି ଯାଇଥିଲେ ।

### ପ୍ରଜାସଭା ନିର୍ବାଚନ ଓ ନୀଳଗିରିରେ ଆଜାଦ ସରକାର ଗଠନ- ୧୯୪୭

ରାଜାଙ୍କ ନିର୍ବାସନର ପାଞ୍ଚ ବର୍ଷ ପରେ ସେ ନିଜ ରାଜଧାନୀକୁ ପୁଣି ଫେରି ଆସିଥିଲେ । ସେ ଫେରିଲା ପରେ ପ୍ରଜାମଣ୍ଡଳ ଦାବି ଓ ଗଡ଼ଜାତ ରାଜ୍ୟ ପ୍ରତିନିଧି ମୂଳକ ଶାସନ ପ୍ରବର୍ତ୍ତନ ପାଇଁ ରାଜା କୋହଳ ନୀତି ପ୍ରବର୍ତ୍ତନ କରିଥିଲେ । ରାଜାଙ୍କ ଏଇ କୋହଳ ମନୋଭାବର ଘୋଷଣା ଫଳରେ ୧୨-୫-୧୯୪୭ ରେ ପ୍ରଜା ସଭା ପାଇଁ ନିର୍ବାଚନ ହେଲା । କିନ୍ତୁ ଏଇ ପ୍ରଜାସଭା ନିର୍ବାଚନରେ ନୀଳଗିରିର ପ୍ରମୁଖ ନେତା ବନମାଳୀ ଦାସ ଓ ବୃନ୍ଦାବନ ଷଡ଼ଙ୍ଗୀ ହାରି ଯାଇଥିଲେ ।

### ୧୫-ଅଗଷ୍ଟ-୧୯୪୭

ଯଦିଓ ନୀଳଗିରି ରାଜା ସ୍ୱାଧୀନ ସାର୍ବଭୌମ୍ୟ କ୍ଷମତାର ଅଧିକାରୀ ଥିଲେ, ତଥାପି ସ୍ଥିର ହେଲା ସ୍ୱାଧୀନ ଭାରତର ଚକ୍ର ଚିହ୍ନିତ ତ୍ରିରଙ୍ଗା ପତାକା ନୀଳଗିରିରେ ଉଡ଼ିବ ଓ ତା'ପରେ ନୀଳଗିରି ରାଜାଙ୍କର ନୀଳବର୍ଣ୍ଣ ସାର୍ବଭୌମ ପତାକା ଉଡ଼ିବ । ଦିବା ସାତ ଘଟିକା ବେଳେ ପ୍ରତି ଗ୍ରାମରୁ ଲୋକେ ଆସି ଥାନା ପଡ଼ିଆରେ ରୁଣ୍ଡ ହେଲେ ।

ଗୋଟେ ଲମ୍ବା ବାଉଁଶରେ ଭାରତର ବଡ଼ ଜାତୀୟ ପତାକା ବନ୍ଧା ହେଲା । ତାଠୁଁ ଟିକେ ଛୋଟ ବାଉଁଶରେ ରାଜାଙ୍କ ପତାକା ବନ୍ଧା ହେଲା । ପ୍ରାୟ କୋଡ଼ିଏ ହଜାର ଲୋକ ଧାଡ଼ିବାନ୍ଧି ଅର୍ଦ୍ଧଚନ୍ଦ୍ର ହେଇ ଜାତୀୟ ପତାକାକୁ

ଅଭିବାଦନ ଜଣାଇ ସଙ୍ଗୀତ ଓ ସ୍ଲୋଗାନ ଦେଲେ । କିନ୍ତୁ ରାଜାଙ୍କ ପତାକା ଟାଣିଲା ବେଳକୁ ଲୋକଙ୍କ ଭିତରେ ସେଇ ଉଦ୍ଦୀପନା ନଥିବାରୁ ରାଜା ମାନସିକ ସ୍ତରରେ ଭାଙ୍ଗିଯିବା ସ୍ୱାଭାବିକ ଥିଲା । ଲୋକମାନେ ବି କୁହାକୁହି ହେଉଥିଲେ, 'ଏ ରାଜ ଶାସନ ଆଉ ରହିବ ନାହିଁ ।'

ରାଜା କ'ଣ ଭାବି କେଜାଣି ସେହିଦିନ ହତ୍ୟା ଆସାମୀ ଧୁନ୍ଦା ମାଝି, ଆନନ୍ଦ ସିଂ, ଧୁନ୍ଦା ମହାରାଜ, ସାନ୍ଧିଆ ମହାରାଜଙ୍କୁ ବନ୍ଦୀମୁକ୍ତ କରି ଦେଇଥିଲେ ।

## ନୀଳଗିରିରେ ଆଜାଦ ସରକାର-୧୯୪୭

ମହାରାଜ ୨୫-୭-୪୭ ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞାପନରେ ଘୋଷଣା କଲେ ୩-୮-୧୯୪୭ରେ ଏକ ସଭା ରାଜ ଉଆସରେ ବସିବ । ସେହି ଅନୁଯାୟୀ ରାଜା ପ୍ରଜାମାନଙ୍କୁ 'ଶ୍ରଦ୍ଧେୟ ପ୍ରଜାବୃନ୍ଦ' ବୋଲି ସମ୍ବୋଧନ କରି କହିଥିଲେ, 'ମୁଁ ଆପଣମାନଙ୍କର ଓ ଆପଣମାନେ ମୋର' ।

ସେ ଆହୁରି କହିଲେ, 'ଏହା ଗଣତନ୍ତ୍ର ଶାସନର ଯୁଗ । ଏକ ଛତ୍ର ଶାସନର ସମୟ ଚାଲି ଯାଇଛି । ଏ ଗଣତନ୍ତ୍ର ଯୁଗରେ ଆପଣମାନେ ଗଣତନ୍ତ୍ର ଶାସନ ପାଇଁ ବ୍ୟାକୁଳ । ମୁଁ ମଧ୍ୟ ବର୍ତ୍ତମାନର ବାୟୁ ମଣ୍ଡଳରେ ରହି ତାହାର ପ୍ରଭାବ ଯେ ମୋ ଉପରେ ନ ପଡ଼ିଛି ତାହା କହିବା ମୂର୍ଖତା ମାତ୍ର । ଉଭୟଙ୍କ ଆଦର୍ଶ ଯଦି ଏକ ହୁଏ, ତେବେ ଲକ୍ଷ୍ୟ ବସ୍ତୁ ପାଇବାର ଅନ୍ତରାୟ କ'ଣ- ହୁଏତ ସ୍ଥାନ, କାଳ, ପାତ୍ର ବିବେଚନାରେ ସମୟର ବ୍ୟବଧାନ ହେବ ।'

'ମୁଁ ନିର୍ଭର ଜବାବ ଦେଉଛି ଯେ ପ୍ରଜାରଂଜନ ସେବା, ଉପକାର ଓ ନ୍ୟାୟ ମୋ ଶାସନର ମୂଳମନ୍ତ୍ର ହେବ । ମୋର ପ୍ରଜାମାନଙ୍କ ପ୍ରତି ଯାହା କର୍ତ୍ତବ୍ୟ ଓ ଗୁରୁଦାୟିତ୍ୱ, ଯାହାକି ସମୟ ଚହେଁ, ସେ ସମସ୍ତ ଚରିତାର୍ଥ କରିବି, କିନ୍ତୁ ଆପଣମାନଙ୍କ ଠୁଁ ସେହି ଆନ୍ତରିକତା ଚାହେଁ ।'

ରାଜାଙ୍କର ଏ କଥା ପରେ ୨୧-୧୦-୧୯୪୭ରେ ଆମ୍ବଡିହା ଠାରେ ସମଗ୍ର ରାଜ୍ୟର ଲୋକଙ୍କୁ ନେଇ ଏକ ବିରାଟ ସଭା ହେଲା । ଆଜାଦ ସରକାର ଗଠନର ମୂଳଦୁଆ ପଡ଼ିଲା । ସରକାରରେ ନିଆ ଯାଇଥିବା ସଭ୍ୟମାନଙ୍କର ନାମ ଘୋଷଣା ହେଲା । ଲୋକମାନେ ଆଜାଦ ସରକାରକୁ ନୈତିକ ସମର୍ଥନ ଦେବାକୁ ରାଜି ହେଲେ ।

ବାଲେଶ୍ୱର ଜିଲ୍ଲାପାଳ ଦୁର୍ଗାଚରଣ ଦାସ, ଏସ୍‌ପି ମନବୋଧ ପଣ୍ଡା ଓ ମହତାବଙ୍କ ପରାମର୍ଶ କ୍ରମେ 'ନୀଳଗିରି ଆଜାଦ ସରକାର' ଚାଲିବାକୁ ଆରମ୍ଭ କଲା ।

## ୧୪ ନଭେମ୍ବର ୧୯୪୭

୧୩-୧୧-୧୯୪୭ ରାତିରେ ଭାରତ ସରକାରଙ୍କ ଠୁଁ ବାଲେଶ୍ୱର ଜିଲ୍ଲାପାଳ ଓ ଓଡ଼ିଶା ସରକାରଙ୍କୁ ଜରୁରୀ ଚିଠି ଆସିଲା- ନୀଳଗିରି ରାଜାଙ୍କ ସହିତ ଚୁକ୍ତି ବା ଯୁଦ୍ଧ ଦ୍ୱାରା କ୍ଷମତା ଛାଡ଼ି ଅଣାଯାଉ ।

କିନ୍ତୁ ଏ ଖବର କିପରି ରାଜାଙ୍କୁ ଦିଆଯିବ ? ଓଡ଼ିଶା ସରକାରଙ୍କ ସେକ୍ରେଟେରୀ ନୀଳମଣି ସେନାପତି ରାଜସ୍ୱମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ଜିଲ୍ଲାପାଳ ଦୁର୍ଗା ଦାସ ଓ ଏସ୍‌ପି ମନବୋଧ ପଣ୍ଡା ପ୍ରମୁଖ ଚିନ୍ତିତ ହୋଇ ପଡ଼ିଥିଲେ । ନୀଳଗିରି ରାଜା ଦିନ ୧୦ଟା ପର୍ଯ୍ୟନ୍ତ ଶୋଇ ପଡୁଥିଲେ । ଅଥଚ ୧୦ବେଳକୁ ସେଠି Army march କରିବାର ଆଦେଶ ଆସିଥିଲା ।

ତେଣୁ ରାଜାଙ୍କ ମତାମତ ୧୦ଟା ପୂର୍ବରୁ ହସ୍ତଗତ ହେବା ଦରକାର । ରାତି ଦୁଇଟା । ପ୍ରବୀଣ ସାମ୍ବାଦିକ ଜୟନ୍ତ ଘୋଷ (ରେମୁଣା) ସେଇ ସମୟରେ ରାଜାଙ୍କ ପାଖରେ ଥିଲେ । ଆଜାଦ ସରକାର ପକ୍ଷରୁ ଦୁଇଜଣ ମନ୍ତ୍ରୀ ରହିବେ, ପୁଣି ପ୍ରଜାସଭା ବସି ରାଜ୍ୟ ଶାସନ ଦାୟିତ୍ୱ ନେବେ । ରାଜାଙ୍କ ପ୍ରତିନିଧି ବି ରହିବେ । ଏ ବିଷୟରେ ଘୋଷ ସବୁ କଥା ଜିଲ୍ଲାପାଳଙ୍କୁ ଜଣାଇବେ । ରାଜାଙ୍କ ଡ୍ରାଇଭର ପଲୁ ଜୟନ୍ତ ଘୋଷଙ୍କୁ ଧରି ଜିଲ୍ଲାପାଳଙ୍କ ପାଖକୁ ଆସିଲେ । ସେ ଆସିଲା ମାତ୍ରେ ଜିଲ୍ଲାପାଳ ତାଙ୍କୁ ଅନୁରୋଧ କଲେ, ସେ ହିଁ କେବଳ ସେଇ ମୁହୂର୍ତ୍ତରେ ରାଜାଙ୍କ ପାଖକୁ ଯିବେ ।



ମହାରାଣୀଙ୍କ ସହ ଆଳାପରତ ଲେଖକ ଶ୍ରୀ ଉଦୟ ନାରାୟଣ ଦାସ

ଗୋଟେ ବେତାର ଯନ୍ତ୍ରବାହୀ ପୁଲିସ୍ ଜିପ୍, ସମ୍ବାଦବାହୀ ପାରା, ଦୁଇଜଣ ରକ୍ଷୀ ଓ କେନ୍ଦ୍ର ସରକାରଙ୍କ ଆଦେଶ ପତ୍ର ଧରି ଜୟନ୍ତ ଘୋଷ ପୁଣି ନୀଳଗିରି ଫେରିଲେ । ଆଉ ଦୁଇଟି ଫୋର୍ସ ଭେନ୍ ସୀମାନ୍ତବର୍ତ୍ତୀ ଆମ୍ବଡିହା ଗ୍ରାମରେ ଅପେକ୍ଷା କଲା । ବାଲିଗୋହିରୀ ଚେକ୍‌ଗେଟ୍‌ରେ ଗାର୍ଡ଼ ତାଙ୍କୁ ଛାଡ଼ି ଦେଲେ, କାରଣ ଜୟନ୍ତ ଘୋଷ ରାଜାଙ୍କ ପାଖକୁ ଯିବା ପାଇଁ ଆଦେଶ ଥିଲା । ସୂର୍ଯ୍ୟ ଉଦୟ ହେଇ ଆସୁଥିଲେ । ପେଲେସ୍ ଆଗରେ ଗାଡ଼ି ରହିଲା । ଘୋଷ ଓ ସେଠିକାର ଆସିଷ୍ଟାଣ୍ଟ ଦେୱାନ-ମୋହିନୀ ମୋହନ ରାଜ ଉଆସକୁ ପଶିଲେ ।

ଜୟନ୍ତ ଘୋଷ ବହୁ କଷ୍ଟରେ ଯାଇ ରାଜାଙ୍କ ପାଖରେ ପହଞ୍ଚି କହିଲେ, 'ଏ କେନ୍ଦ୍ର ସରକାରଙ୍କ ଚିଠି ।' ରାଜା ଚିଠିଟି ପଢ଼ିସାରି ତାଙ୍କ ଫୋର୍ସ ହେଡ୍ କ୍ୱାର୍ଟରର୍ସକୁ କଲେ ଓ ଶେଷକୁ ରାଜା ଆତ୍ମସମର୍ପଣ ପାଇଁ ରାଜି ହୋଇ ଲେଖିଦେଲେ, 'ମୁଁ ବିନା ଯୁଦ୍ଧରେ, ସ୍ୱଇଚ୍ଛାରେ ରାଜ୍ୟ, ଭାରତ ସରକାର ଦଖଲକୁ ଛାଡ଼ିଦେଲି । ଏ ରାଜ୍ୟର ଶାସନ, ଆଇନ, ଶାନ୍ତିଶୃଙ୍ଖଳା ଦାୟିତ୍ୱ ଭାରତ ସରକାରଙ୍କୁ ଗତାଇ ଦେଲି ।' ଏତିକି କାମ ସରିଲା ବେଳକୁ ତାଙ୍କ ଆଖିରୁ ଦି'ଟୋପା ଲୁହ ଝରି ପଡ଼ିଲା । ଏବଂ ଏହା ହିଁ ଥିଲା ଭାରତବର୍ଷର ରାଜ ଶାସନ ବିଲୋପର ପ୍ରଥମ ଅଶ୍ରୁବିନ୍ଦୁ । ତାଙ୍କ ରାଜମୁକୁଟ ଅକାମି ହେଇଗଲା ।

ଜୟନ୍ତ ଘୋଷ୍ ରାଜାଙ୍କୁ ଅନାଇ ନ ପାରି କହିଲେ, 'କ୍ଷମା କରିବେ ।' ବେତାର ବାର୍ତ୍ତା ଜିଲ୍ଲାପାଳଙ୍କୁ ଚାଲି ଯାଇଥିଲା । ନବକୃଷ୍ଣ ଚୌଧୁରୀ, କୈଳାସ ଚନ୍ଦ୍ର ମହାନ୍ତି, ନୀଳଗିରି ସେନାପତି, ଇଷ୍ଟର୍ଣ୍ଣ ଗଭରମେଣ୍ଟ, ଜିଲ୍ଲାପାଳ, ଏସ୍.ପି. ଜମନ୍ତ ଘୋଷଙ୍କୁ ଅଭିବାଦନ ଜଣାଇଲେ, ଏଭଳି ଏକ ଦୁଃସାହସିକ କୂଟନୈତିକ ଚୁକ୍ତି ପାଇଁ ।

ନୀଳଗିରିରେ Army March ହେଲା । ସବା ଆଗରେ ସାଞ୍ଜୁଆ ମୋଟର ସାଇକେଲରେ Army Guard, ତା ପଛକୁ ଆଜାଦ ସରକାର ଓ କମ୍ୟୁନିଷ୍ଟ ପାର୍ଟିର ଗାଡ଼ି, ତା ପଛକୁ ସାଞ୍ଜୁଆ ଟେଙ୍କ ଓ କମାଣ ବାହିନୀ ତା ପଛକୁ ମେସିନଗନ୍, ୱାୟାରଲେସ ଗାଡ଼ି, ସୈନ୍ୟବାହିନୀ ଓ ସବା ପଛରେ ଓଡ଼ିଶା ମିଲିଟାରୀ ପୋଲିସ ଥିଲେ । ଉପରେ ଦୁଇଟି ଯୁଦ୍ଧ ଜାହାଜ ଉଡ଼ିଥିଲା । ଏସବୁ ଦେଖି ରାଜା ମ୍ରିୟମାଣ ହେବା ଥିଲା ସ୍ୱାଭାବିକ ।

## ଚୁକ୍ତିପତ୍ର: ୧୪-୧୨-୧୯୪୭

ଏଇ ଚୁକ୍ତିପତ୍ର ୧୪-୧୨-୧୯୪୭ରେ ସମ୍ପାଦିତ ହେଇଥିଲା । ଏଥିରେ ସ୍ୱାକ୍ଷର କରିଥିଲେ V.P. Menon, Secretary, Govt of India, Home Dept ଏବଂ ରାଜା କିଶୋର ଚନ୍ଦ୍ର ମର୍ଦ୍ଦରାଜ ।

ଧାରା୧ : ନୀଳଗିରି ରାଜା ଏତେ ଦ୍ୱାରା କ୍ଷମତାଚ୍ୟୁତ ହେଲେ । ଜାନୁଆରୀ ଏକ ୧୯୪୮କୁ ଚୁକ୍ତି ଦିବସ କୁହାଯିବ ।

ଧାରା ୨ : ରାଜ୍ୟ ଉକ୍ତ ଦିବସ ଠାରୁ ରାଜ୍ୟର ରାଜସ୍ୱରୁ ବାର୍ଷିକ ହାତପାଣ୍ଠି ହିସାବରେ ୪୦,୦୦୦ ଟଙ୍କା ଟିକସ ମୁକ୍ତ ହିସାବରେ ପାଇବେ । ଏହି ଟଙ୍କା ରାଜାଙ୍କର ସମସ୍ତ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ ରାଜା, ତାଙ୍କ ପରିବାର, ବ୍ୟକ୍ତିଗତ କର୍ମଚାରୀ, ନିଜ ଗୃହର ଖର୍ଚ୍ଚ, ବିବାହ, ଅନ୍ୟ ସମସ୍ତ ପର୍ବପର୍ବାଣିର ଖର୍ଚ୍ଚ ଅନ୍ତର୍ଭୁକ୍ତ ।

## ଓଡ଼ିଶା ସରକାରଙ୍କ ଘୋଷଣା: ୧-୧-୧୯୪୮

ତତ୍କାଳୀନ ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ସରକାରୀ ଘୋଷଣା କରି କହିଲେ, ରାଜାମାନେ ସମୟର ଗତି ଅନୁଭବ କରି, ପ୍ରଜାମାନଙ୍କ ହିତ କାମନା କରି ସମସ୍ତ ଶାସନ ଭାର ବର୍ତ୍ତମାନର ପଣ୍ଡିତ ଜବାହରଲାଲ ନେହେରୁ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦ୍ୱାରା ପରିଚାଳିତ ଭାରତ ସରକାରଙ୍କ ହାତରେ ସ୍ୱତଃପ୍ରବୃତ୍ତ ହେଇ ଛାଡ଼ିଦେଲେ । ଭାରତ ସରକାର ସେ ଭାର ଓଡ଼ିଶା ସରକାରଙ୍କ ହାତରେ ଛାଡ଼ି ଦେଇଛନ୍ତି । ସେଇ ଅନୁଯାୟୀ ସର୍ବତ୍ର ଆଇନର ଶାସନ ଚାଲୁ ହେବ । ଏହାର ଅର୍ଥ ଏଇ ଯେ, "ସମସ୍ତଙ୍କ ପାଇଁ ସମାନ ଆଇନ ପ୍ରଯୁକ୍ତ ହେବ । ଆଇନ ଆଗରେ ବଡ଼ସାନ କେହି ବିବେଚିତ ହେବେ ନାହିଁ । ଅନ୍ୟାୟ ଆଇନମାନ ଉଠାଇ ଦିଆଯିବ ।"

## ମହାରାଜା ରାଜେନ୍ଦ୍ର ମର୍ଦ୍ଦରାଜ (୩-୪-୧୯୧୮ ରୁ ୩୦-୫-୨୦୦୧)

ରାଜା କିଶୋର ଚନ୍ଦ୍ରଙ୍କ ସ୍ୱର୍ଗବାସ ପରେ ତାଙ୍କ ସୁପୁତ୍ର ରାଜା ରାଜେନ୍ଦ୍ର ମର୍ଦ୍ଦରାଜ ରାଜ ଅଭିଷିକ୍ତ ହେଇଥିଲେ । ୧୮୫୧ରେ ଏମଏଲଏ ପାଇଁ ଲଢ଼ି ଜିତିଥିଲେ । ଏଠାରେ ପ୍ରଣିଧାନ ଯୋଗ୍ୟଯେ, ୧୯୬୧ ମସିହା ସାଧାରଣ ନିର୍ବାଚନରେ ସେ ବି ସ୍ୱତନ୍ତ୍ର ପାର୍ଟି ତରଫରୁ ଏମ୍ଏଲଏ ପ୍ରାର୍ଥୀ ହେଇଥିଲେ । ତାଙ୍କୁ ପରାସ୍ତ କରିବା ପାଇଁ କଂଗ୍ରେସ ପାର୍ଟି ତରଫରୁ ସେତେବେଳର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ନୀଳଗିରି ପ୍ରଚାର କରିବାକୁ ଆସିଥିଲେ । ୧୯୬୪ରେ ସେ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ ।

୪ ଥର ସେ ଇଲେକ୍ସନରେ ପ୍ରତିଦ୍ୱନ୍ଦିତା କରି ଶେଷକୁ ସେ ପ୍ରତିଦ୍ୱନ୍ଦିତାରୁ ଓହରି ଯାଇଥିଲେ । ଶେଷଥର ୧୯୭୭ରେ ସେ ବିଧାୟକ ଭାବେ ଜନତା ପାର୍ଟିରେ ନିର୍ବାଚିତ ହୋଇଥିଲେ ।

## ମହାରାଜା ଜୟନ୍ତ ମର୍ଦ୍ଦରାଜ (୩୦ମଇ-୨୦୦୧ରୁ ଆଜି ପର୍ଯ୍ୟନ୍ତ)

ରାଜା କଂଗ୍ରେସ ପାର୍ଟିର ସକ୍ରିୟ ସଭ୍ୟ ଅଛନ୍ତି । ସେ ବି ନିର୍ବାଚନରେ ବିଧାୟକ ପାଇଁ ପ୍ରତିଦ୍ୱନ୍ଦିତା କରିଥାନ୍ତେ । କିନ୍ତୁ ସେଇଥର କମ୍ୟୁନିଷ୍ଟ ସହିତ କଂଗ୍ରେସର କ୍ୱାଲିସନ ହେଇଥିଲା ଓ ସର୍ତ୍ତ ମୁତାବକ ସେଇ ସିଟ୍ କମ୍ୟୁନିଷ୍ଟ ପ୍ରାର୍ଥୀ ପ୍ରଦୀପ୍ତ ପଣ୍ଡାଙ୍କୁ ଅର୍ପଣ କରାଯାଇଥିଲା । ସେହି ଘଟଣା ପର ଠୁ ମହାରାଜା ଆଉ ପ୍ରତିଦ୍ୱନ୍ଦିତା କରିନାହାନ୍ତି । କିନ୍ତୁ ପାର୍ଟି ପ୍ରତି ଅନୁଗତ୍ୟ ଅଛନ୍ତି । ଅବଶ୍ୟ ମହାରାଣୀ ମନୋଜ ମଂଜରୀ ଦେବୀ ୨୦୧୯ରେ କଂଗ୍ରେସ ପାର୍ଟି ତରଫରୁ ନିର୍ବାଚନ ଲଢ଼ି ହାରି ଯାଇଛନ୍ତି ।

ରାଜାଙ୍କ ବାର୍ଷିକ ହାତପାଣ୍ଠି ଅର୍ଥ ସମ୍ବିଧାନ ସଂଶୋଧନ ତତ୍କାଳୀନ ପ୍ରଧାନମନ୍ତ୍ରୀ ଉଚ୍ଛେଦ କରିଦେଲେ ।

"The amendment says, ' The prince, the chief or other person who, at any time before the commencement of the constitution (26 Amendments -1971) was recognised by the president as the ruler of the Indian State or any person who at any time before commencement was recognised by the president as successor of such ruler shall on and from such commencement, cease to be recognised as such ruler."

ଏପରି ନିଷ୍ପତ୍ତି ସରକାରଙ୍କର ଏକତରଫା ଥିଲା । ଅବଶ୍ୟ ଏଥିପାଇଁ ରାଜାମାନେ ସୁପ୍ରିମକୋର୍ଟ କରିଥିଲେ । କୋର୍ଟ ରାୟ ରାଜାଙ୍କ ସପକ୍ଷରେ ଯାଇଥିଲେ ବି ସରକାର ଚାରିବର୍ଷର ହାତ ପାଣ୍ଠିକୁ exgratia ଭାବେ ଦେଇ ବନ୍ଦ କରିଦେଲେ ।

ତେବେ ରାଜା ରାଣୀ କୁହନ୍ତି, 'ଏମିତି ନିଷ୍ପତ୍ତି ନେବା ସରକାରଙ୍କର କେଉଁ ନ୍ୟାୟ ?' ଆହୁରି ରାଜାରାଣୀଙ୍କର କ୍ଷୋଭ ଅଛି ରାଜା କିଶୋର ଚନ୍ଦ୍ରଙ୍କର ପ୍ରଜାପୀଡ଼ନ ଓ ଅତ୍ୟାଚାରର ମିଛ ପ୍ରଚାର ନେଇ । ରାଜା କିଶୋର ଚନ୍ଦ୍ର କେବେ ବି ଅତ୍ୟାଚାରୀ ଶାସକ ନଥିଲେ । କିନ୍ତୁ ଏସବୁ ମିଥ୍ୟା ପ୍ରଚାରିତ ହେଉଛି ।

ସ୍ୱାଧୀନତାର ଏତେ ବର୍ଷ ପରେ ନୀଳଗିରି ଏବେ ବି ଅନୁନ୍ନତ ଓ ଶିକ୍ଷାର ଆଲୋକ ବିସ୍ତାରିତ ହୋଇ ନଥିବାରୁ ସେମାନେ କ୍ଷୋଭ ପ୍ରକାଶ କରନ୍ତି ।

## ରାଜ ଉଆସରେ ସେଇ ଅଭୁଲା ରାତିର କଥା

ଏମିତି ଅନେକ ରାଜ ଦରବାର ସଂପର୍କିତ ରୋମାଞ୍ଚିତ କଥା ହେଉ ହେଉ କେତେବେଳେ ମଧ୍ୟାହ୍ନ ଗଡ଼ି ଯାଇଥିଲା । ରାଜାରାଣୀ ମୋତେ ଆମନ୍ତ୍ରଣ କଲେ ସେମାନଙ୍କ ସହିତ ଲଂଚ୍ କରିବାକୁ । ମହାରାଣୀ ଟେବୁଲ୍‌ରେ ଥୋଇ ଦେଇଥିଲେ ଖେଚୁଡ଼ି, ମୁଗଡାଲି, ନେଉଟିଆ ଶାଗ ଓ ଆଉ ସବୁ କ'ଣ କ'ଣ ରାଜକୀୟ ବ୍ୟଞ୍ଜନ । ସେସବୁ ପରଷା ଯାଇଥିଲା ରାଜ ଉଆସର ପାରମ୍ପାରିକ ବାସନ କୁସନରେ । ଖାଦ୍ୟର ବାସ୍ନାରେ ମହକୁଥିଲା ଚତୁର୍ଦ୍ଦିଗ । ରାଜା ଓ ରାଣୀଙ୍କ ସହ ସୌହାର୍ଦ୍ଦ୍ୟମୟ ଏକତ୍ର ଭୋଜନ ଥିଲା ମୋ ଜୀବନର ଏକ ଅବିସ୍ମରଣୀୟ ମୁହୂର୍ତ୍ତ । ଡାଇନିଂ କାନ୍ଥରେ ରେ ଥିଲା ରାଜା କିଶୋର ଚନ୍ଦ୍ରଙ୍କର କ୍ଷମତା ହସ୍ତାନ୍ତର ସମୟର ଏକ ତୈଳଚିତ୍ର । ଚିତ୍ରିତ ହେଇଥିଲା ରାଜାଙ୍କ ଆଖିରୁ ନିଗିଡ଼ି ପଡୁଥିବା ଦୁଇ ଟୋପା ଲୁହର ମୁକ୍ତାବିନ୍ଦୁ । ଚିତ୍ରକୁ ଦେଖି ମୋ ଆଖି ବି ଛଳଛଳ ହେଇ ଯାଇଥିଲା । କାନ୍ଥରେ ବି ଟଙ୍ଗା ଯାଇଥିଲା ରାଜାଙ୍କ ବନ୍ଧୁକ, ତରବାରୀ, ଶିକାରର ନମୁନା ମଧ୍ୟ । ଏସବୁ ଚିତ୍ର ଓ ବସ୍ତୁ ଦେଖି ମୁଁ ଶିହରିତ ହେଇଯିବା ଥିଲା ସ୍ୱାଭାବିକ ।

ପୁଣି ଟିକେ ବିଶ୍ରାମ ନେଲା ପରେ ସଞ୍ଜ ଗଡ଼ି ରାତି ଆସି ଯାଇଥିଲା । ମୁଁ ବାଧ୍ୟ ହେଇ ରାତିଟି ରାଜ ଉଆସରେ ରହିବାକୁ ମନସ୍ଥ କରିଥିଲି । ରାଜା ରାଣୀ ଖୁସି ହୋଇଥିଲେ ମୋତେ ସେ ରାତିରେ ଅତିଥି ଭାବେ ପାଇ ।

ସତରେ ରାଜାଙ୍କର ରାଜକୀୟ ଢଙ୍ଗ, ପୋଷାକ ପିନ୍ଧିବାର ଆଦବ ଢଙ୍ଗ, ରାଣୀଙ୍କର ଶାଢ଼ି ପିନ୍ଧିବାର ଶୈଳୀ ଓ ପରମ୍ପରା ମୋତେ ଚକିତ କରିଥିଲା । ମୋ ପାଇଁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ପ୍ରସ୍ତୁତ ଥିଲା ରାତ୍ରି ଶୟନ ପାଇଁ । କିନ୍ତୁ ମୁଁ ରାତିରେ ଶୋଇ ପାରି ନଥିଲି । ନୋଟ୍ କରିଥିବା କଥାକୁ ମୁଁ ଡାଏରୀରେ ଲେଖୁଥିଲି ।  ଗଭୀର ରାତ୍ରିରେ ପାହାଡ଼ ସେ ପଟୁ ପଶୁଙ୍କ ବିକଟ ଚିତ୍କାର ମୋ ଛାତିକୁ ଥରାଇ ଦେଉଥିଲା । ମୁଁ ଅନୁଭବ କରି ପାରୁଥିଲି କେମିତି ରାଜ ପରିବାର ଠୁଁ ସମସ୍ତେ ଦୂରେଇ ଯିବା ପରେ ରାଜବାଟି ହେଇଯାଇଛି ନୀରବ ନିସ୍ପନ୍ଦ !

ପ୍ରତ୍ୟୁଷରେ ଉଠିଲା ବେଳେ ସମଗ୍ର ରାଜ ଉଆସ ମୋତେ ନିଃସ୍ୱ, ଖାଁ ଖାଁ ବୋଧ ହେଉଥିଲା । ଲାଗୁଥିଲା ଯେମିତି ରାଜ ଉଆସର ସମସ୍ତ ଶ୍ରୀ କିଏ ଭୁଲୁଣ୍ଠିତ କରି ନେଇଛି । ସବୁ ତୈଳଚିତ୍ର ଭିତରେ ପୂର୍ବ ମହାରାଜା ଓ ମହାରାଣୀମାନଙ୍କ ମୁମୁର୍ଷୁଭାବ ପ୍ରକଟିତ ହେଉଥିଲା ମୋତେ । ମୁଁ ଆଉ ରାଜ ଉଆସରେ ବେଶୀ ସମୟ ରହିବାକୁ ଚାହୁଁନଥିଲି ।

ମହାରାଜା ଓ ମହାରାଣୀ ବି ଉଠି ପଡ଼ିଥିଲେ । ମହାରାଣୀ ଗରମ ଚାହା ଓ ବିସ୍କୁଟ୍ ବଢ଼ାଇ ଦେଲେ ମୋ ହାତକୁ । ଚାହା ପାନ କରି ଦେହ ଟିକେ ସତେଜ ହେଇ ଯାଇଥିଲା । ମୁଁ ବିଦାୟ ମାଗିଲି ମହାରାଜା ଓ ମହାରାଣୀଙ୍କ ଠାରୁ ।

ଦ୍ୱି-ପ୍ରଚ୍ଛଦ


ଆମ ମାଟିର ସର
ପ୍ରଚ୍ଛଦ କଳ୍ପନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ମନିଷା ଧର ମହାପାତ୍ର
ଉଚ୍ଚତା : ୫ ଫୁଟ୍ ୨ ଇଞ୍ଚ୍
ବୃତ୍ତି : ଅଭିନେତ୍ରୀ
ଶିକ୍ଷା : ବିଏଡ୍, ଏମ୍ଏଡ୍
ପ୍ରବୃତ୍ତି : ଅଭିନୟ ଓ ନାଚ
ପ୍ରଚ୍ଛଦ ଫଟୋଗ୍ରାଫି : ଦୀପକ କୁମାର ଅଗ୍ରୱାଲ, ଏଲିଗେଣ୍ଟ୍ ଫଟୋଗ୍ରାଫି
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କମ୍ପ
ମେକ୍ଅପ୍ : ସୁନୀଲ ଶାହା
କଷ୍ଟ୍ୟୁମ : ପାରୁଲ ଧର ମହାପାତ୍ର
ସ୍ଥାନ : ବଡ଼ବଜାର, ବାରିପଦା

ଲେଣ୍ଡର

# ନଭେମ୍ବର - ୨୦୨୨

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

୦୧/୧୧/୨୦୨୨ : ଜଗଦ୍ଧାତ୍ରୀ ପୂଜା
୦୯/୧୧/୨୦୨୨ : ଛାଡ଼ଖାଇ
୧୪/୧୧/୨୦୨୨ : ଶିଶୁ ଦିବସ
୧୬/୧୧/୨୦୨୨ : ପ୍ରଥମାଷ୍ଟମୀ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

# ଦ୍ରୌପଦୀ-୨୧

## ପ୍ରଫୁଲ୍ଲ କୁମାର ମହାନ୍ତି

ଆଗେ ଆଗେ ବିଜୟୀ ନାୟକ
ସାଥେ ସାଥେ ନାୟକର ପୁରସ୍କାର
ପଛେ ପଛେ ପାଣ୍ଡବ ଭାଇମାନେ
ଧାରେ ଧାରେ ରାସ୍ତାର ପାଞ୍ଚାଳ ଜନତା
ଆଖିରେ ଆଶ୍ଚର୍ଯ୍ୟ ଦୃଶ୍ୟ ଛାତିରେ ମମତା ।
ଅନଭ୍ୟସ୍ତ ଖାଲିପାଦେ ଗୋଡ଼ି ମାଟି ମାଡ଼ି
ଚାଲୁ ଚାଲୁ ଝଲସିଲା ଦ୍ରୌପଦୀ ଆଖିରେ
ବାପାଙ୍କର କ୍ରୋଧ ଉଦ୍‌ଗୀରଣ ଦୃଶ୍ୟ
କାହିଁକି ନେବ ନାହିଁ ଯୌତୁକ ସମ୍ଭାର
କାହିଁକି ନେବ ନାହିଁ ଆମ ସ୍ନେହ ଉପହାର ?
ସହସ୍ର ଶଗଡ଼ରଥ ରହିଛି ସଜା ହୋଇ
ଦ୍ରୁପଦର ସରାଗ ଢେଭାର କାହିଁକି
କାହିଁକି ନେବ ନାହିଁ କାହିଁକି କରୁଛ ମନା
ରାଜବିଧି କୁଳବିଧି ବାତ୍ସଲ୍ୟ ମମତାର
ସନ୍ତକ ସ୍ୱରୂପ ଆଶିଷର ଅମର୍ଯ୍ୟାଦା କରି ?
କାହିଁକି ନେବ ନାହିଁ ରଥ ଅଶ୍ୱ ହସ୍ତୀ ସେନା
ଏମିତି ଅଭେକା ହୋଇ କେମିତି ବା ନେବ ମୋର
ପ୍ରାଣ ସ୍ପନ୍ଦନର କୋମଳ କନ୍ୟାକୁ ଚଲାଇ ଚଲାଇ ?

ଆଖି ଓଦା ହେଲା ଦ୍ରୌପଦୀର
ମା'ଙ୍କ ବିଦାୟୀ ଲୁହ ମନେ ପଡ଼ି ଆକୁଳ ହେଲା
ଦ୍ରୌପଦୀର ଆତ୍ମା- ତଥାପି କୋହ ଚାପି
ଆଗେଇଲା ଦ୍ରୌପଦୀ ପାଦଫୁଟା ରକ୍ତଝରା
ବେଖାତିର କରି କାନରେ ବାଜୁଥିଲା
ସଖାଙ୍କର ଆଶ୍ୱାସନା ଗର୍ବ ମଧ୍ୟ ଆସୁଥିଲା
ନିର୍ଲୋଭ ପତିଙ୍କର ନମ୍ର ଦୀପ୍ତିରେ ।
କୃଷ୍ଣ କହିଥିଲେ ଯାଅ ସଖୀ ଯାଅ
ଯାହା ଘଟୁଛି ଘଟିବାକୁ ଦିଅ
ଘଟଣା ସୃଷ୍ଟି କର ନୂଆ ପୃଥିବୀରେ ।

କଣେଇ ଚାହିଁଲା ଦ୍ରୌପଦୀ ନିଜ ନାୟକକୁ
ସୁନ୍ଦର ସୌମ୍ୟ ମୁଖ ତୀକ୍ଷ୍ଣ ମନ ଦୃଷ୍ଟି
ସୁଠାମ କାନ୍ତିମୟ ଶାଣିତ ନିର୍ଭୀକ
କାହିଁକି ଏମିତି ଚୁପ୍ କଣ ପାଇଥାନ୍ତେ କେବେ
ମୋ'ପରି ସୁନ୍ଦରୀ ନାରୀ ବିନା ବୀରତ୍ୱରେ
ଗାଉଁଲି ଗାଧୁଆ ତୁଠେ ଅଳସ ଖରାରେ
ମନେମନେ ହସିଲା ଦ୍ରୌପଦୀ ନିଜ ଅହଂକାରେ

କହିଥିଲେ ସଖା ଏ ହିଁ ଅର୍ଜୁନ
ମୋର ଯୋଗ୍ୟ ପତି ଭାରତ କିରିଟି
ତେବେ କାହିଁକି ଚୁପ୍ ଦେଖି ମୋର ରକ୍ତଝରା ପାଦ
ମୁଁ କ'ଣ ଖାଲି ଏକ ବିଜୟ ନିଶାଣ
ଇଚ୍ଛା କଣ ହେଉନାହିଁ ନେବାପାଇଁ କାନ୍ଧ ଉପରକୁ
ଟୋକି ଧରିବାକୁ ମତେ ଜୟଧ୍ୱଜ ପରି ?
ଭଲ ଲାଗିଥିଲା ମତେ ଯେତେବେଳେ କରିଥିଲେ ମନା
ନେବେ ନାହିଁ ଯଉତୁକ
ନେବେ ଖାଲି ରତ୍ନ ରାଜଜେମା
ଆମେ ନେବୁ ଯାହା ଆମ ପ୍ରାପ୍ୟ କହିଥିଲେ ସବୁଭାଇ
ତେବେ ପ୍ରାପ୍ୟ କଣ ଉଦାସୀନ ଅବହେଳା ପାତ୍ର ?


ହଉ ହେଲା ମୁଁ ଖାଲି ଏକ ପୁରସ୍କାର
କିନ୍ତୁ କାହିଁକି ଅନାଦର ବିଜୟ ସନ୍ତକର ?
ମନ କଥା ବୁଝିପାରି ଚାହିଁଲେ ଅର୍ଜୁନ
ହାତ ଧରି ଭରିଦେଲେ ଦେହସାରା
ରିମ୍ ଝିମ୍ ସପନର ଶାନ୍ତ ଶିହରଣ
ଗଛଡାଳୁ ପତ୍ର ଆଣି ପୋଛିଦେଲେ ରକ୍ତ
ଆନନ୍ଦରେ ମନ ମୋର ହୋଇଲା ଆରକ୍ତ:
ଅଧାବୁଡ଼ା ସୂର୍ଯ୍ୟ ଆଲୋକରେ
ଅଟକିଲା ସବୁ ପାଦ ଉତ୍ତର ଯୌବନର
ଶୀର୍ଣ୍ଣ ଏକ କୁଟୀର ଆଗରେ
ସୂର୍ଯ୍ୟର ଶେଷ ନାଲି ମଉଳିବା ପରେ
ଅନ୍ଧାର ଚାଦର ମେଲିବା ପୂର୍ବରୁ
କ୍ଳାନ୍ତ ଦେହ ପୀଡ଼ା ଥମିବା ପୂର୍ବରୁ
ତାରାହୀନ ଆକାଶର ପରିହାସ ଶୁଭିବା ପୂର୍ବରୁ
ଶୁଭିଲା ବଡ଼ ଭାଇ ଯୁଧିଷ୍ଠିର କଥା-
ଦ୍ୱାର ଖୋଲ ମାତା ଦେଖ ଆମେ
ଆଣିଛୁ କଣ ଆଜି ରାଜଭୋଗ୍ୟ ପୁରସ୍କାର-



ଭିତରୁ ଶୁଭିଲା ସ୍ୱର ନରମ ମଧୁର
"ବାଣ୍ଟିକରି ଭୋଗ କର ତୁମ ପୁରସ୍କାର !"
ପାଞ୍ଚାଳୀ ବୁଝିବା ପୂର୍ବରୁ ରୁଦ୍ଧଦ୍ୱାର ଖୋଲିଗଲା
ଉଭା ହେଲେ ସମୟର ତୀରବିଦ୍ଧ ମଉଳା ସୁନ୍ଦରୀ
ପାଞ୍ଚଭାଇ ନଇଁକରି ପ୍ରଣମିଲେ ପାଦ
କହିଲେ ଦେଖ ମାତା ଏଇ ଆମ ପୁରସ୍କାର
ଭିକ୍ଷା ନୁହେଁ ଦାନ ନୁହେଁ
ସ୍ୱୟଂବର ସର୍ତ୍ତ ବିଜୟର ଅମୂଲ୍ୟ ସମ୍ପଦ:

ଆଁ ! ଓଃ କଣ କଲି ମୁଁ !
ନ ଦେଖି ଶୁଣାଇଦେଲି ବାଣ୍ଟି ଭୋଗ କର !

♥ 'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୦୩୬୨୩



▶ ଡ. ପ୍ରଫୁଲ୍ଲ କୁମାର ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି

# ଥରଟେ ଭାବିବାକୁ ଦିଅ

## ସଂଜିତ୍ କୁମାର ବଳ



ଚିତ୍ର : ଶିଳ୍ପୀ ପ୍ରିୟଙ୍କା ସାମନ୍ତ

ମୋତେ ଥରଟେ
ଭାବିବାକୁ ଦିଅ
ତାପରେ କହିପାରିବି
ତମଠୁ ମୋ ପବନ
କାହିଁକି ବେଶି ନିରୀହ ।

ଆଜି ମୋର କିଛି
ଦାନ୍ତ କହିଲେ,ଏବେ ତ
ଆମକୁ ଅବସର ଦିଅ,
ଆମେ ପରସ୍ପର ସହ
କେତେ ଆଉ ଲଢ଼ିବୁ



ସଂଜିତ୍ କୁମାର ବଳ

ସହିବାକୁ ତୁମ ଭୟ ।
କହିଲେ ବି ଆଖିଯୋଡ଼ିକ
କେତେଥର ଆମେ ନିଜର
ରଂଗ ବଦଳେଇବୁ
ତୁମ ପବନ କେମିତି ତାତିଯାଏ
ସେତିକି ତ ଜାଣିରଖ ।

ମୁଁ କିଛି ବି ଜାଣିପାରେନା
ଜଣେଇବାକୁ ତୁମେ
ମୂକ ପବନକୁ ପଠାଅ
ଯେ ଖାଲି ଗାର ଟାଣେ ପାଣିରେ,
ମୁଁ ପଢ଼ିପାରେନି ସେ ଅକ୍ଷରକୁ
ସେ କହେ, ସବୁ ବୁଝିଯିବ
ପାଣି ମୁହଁରୁ
କ୍ଷତ ଶୁଖିଯିବା ପରେ ।

ଜାଣିଚି,ଅନେକ କିଛି
ପାଣିର ଉପହାର,
ଏପରିକି ମୋ ସ୍ୱପ୍ନରୁ
ନିଗିଡ଼ି ପଡୁଥିବା ଝାଳବୁନ୍ଦା
ଭିଜେଇବା ଶିଖିଚି ଅଂଧାର ।
ଝାଳ ହିଁ ଝଳାଏ ମାଟିକୁ

ସେଥିପାଇଁ ତ ମାଟିର
କୋଳରେ ପାଣି ଶୋଇରହି
ନାନାବାୟା ଶୁଣେ ଶୋଷର ।

ଥରଟେ ଭାବିବାକୁ ଦିଅ
ତାପରେ କହିପାରିବି
ମୋ ଆଲୁଅର ପରାଗ ବେଳେ
ମୁଁ କାହିଁକି ହୋଇଯାଏ ତମୋମୟ ।

ମୋର ଅନେକ ଦୁଃଖ
ପୋତି ହୋଇଯାଏ
ତମ ପ୍ରତାରଣାର ସିଆରରେ
ପହିଲି ବର୍ଷାର ମାଟିଚ୍ଛୁଆଁ ବେଳେ
ସେ ଦୁଃଖସବୁ ଗଜା ମାରେ,
ତମ ପବନ ଚାରାଗଛଙ୍କ
କାନପାଖେ ଶୁଣାଏ
ଯୋଉ ଗୀତସବୁ
ତା ଧୀରେଧୀରେ କଢ଼ି ହୁଏ
ଓ ଫଳ ହେଇ ଝୁଲିପଡ଼େ ।

ଏବେ କୁହ, ସେ ଫଳକୁ
ଯେବେ ମୁଁ ଖାଇଚାଲେ
ମୋ ଦାନ୍ତ ଓ ଆଖି
ବିଦ୍ରୋହ ନକରି କଣ
ରହି ପାରନ୍ତେ ନୀରବରେ ।

ସା: ମୃଷାଂଗ ପୋ: କୋହ୍ଲ, ତିହିଡ଼ି,
ଜିଲ୍ଲା:ଭଦ୍ରକ
ଫୋନ:୮୨୪୯୦୮୧୯୨୭

# ସମୟର କ୍ଷୟ

## ବିରଜା ବଳ

ଶଗଡ ଗଡି ଚାଲିଥାଏଫ

ଶଗଡ ତଳେ ଗାରେ ଆଲୁଅକୁ ପାକୁଳି କରି
ଲଣ୍ଠନ ହଲୁଥାଏ,
ଶଗଡ ସହ ଲଣ୍ଠନ ଓ ସମୟ
କଳା ପିଚୁ ସଡକ ଉପରେ
କାଠର ଚକ ଓ ଚକର ଧାତୁ ସହିତ ଘଷି ହୋଇ
କୋଳାକୋଳି ହୋଇ ଗଡି ଚାଲିଥାନ୍ତି ।

ଏ ଅଧକ ରାତି ଅଧା ନୂଆ ଓ ଅଧା ପୁରୁଣାର ରାତି
ଯା'ର ଅଧକ ସ୍ପନ୍ଦନ ଆମେ ଛାଡ଼ିଦେଇ ଆସିଛେ ପଶ୍ଚାତ୍‌ରେ
ଏଇ ଅଧକ ରାତି ଉପରେ ଜୀବନ ଘୂରୁଥାଏ
ଲଣ୍ଠନର ଅସୀମତା ତେଜି ଦେଉଥାଏ ଜୀବନକୁ
ଅନ୍ଧକାରର ଗତିଶୀଳତା ଉପରେ ।

ଆଜିର ରାତିଟିକୁ ଦେଖ,
ଧୀରେ ଧୀରେ ରାତିର ନାଡ଼ିକୁ ଚିପ
ରାତିଟିର ଉଷ୍ମତା ଓ ଶୀତଳତାକୁ ଅନୁଭବ କର,



ଚିତ୍ର : ଶିଳ୍ପୀ ଜ୍ୟୋସ୍ନାରାଣୀ ନନ୍ଦ

ଅନୁଭବ କର ନିଜର ସଂପ୍ରସାରଣ
ଅନ୍ଧାରର ଅନୁଲୋମ ଓ ବିଲୋମରେ !

ରୁହ, ମୋ' ଆଖିକୁ ଟିକେ ତେଜି ଦିଏ
ଲଣ୍ଠନର ସ୍ପନ୍ଦନକୁ ସ୍ୱୀକାର କରି,
ରାତିର ପ୍ରଚ୍ଛାୟାକୁ ଟିକେ ପ୍ରଲମ୍ବିତ କରିଦିଏ
ଲଣ୍ଠନର ଗାରେ ଆଲୁଅରେ !

ମୋ' ଦୃଷ୍ଟି ବାସ୍ତବ ନୁହେଁ ଦୃଶ୍ୟ ପରି,
ମୋ' ଆଖି ଚକ୍ରାକାରରେ ଘୂର୍ଣ୍ଣନ କରେ
ସମୟର ତୀକ୍ଷ୍ଣ ଧାରରେ ଓ ଧୀରେ ଧୀରେ କ୍ଷୟ ହୁଏ ।

ସମୟ କାଳେ କ୍ଷୟ ହୁଏନା ଧରାରେ !

ଲଣ୍ଠନ ଫିତାର ପୋଡା କଳା କଣିକା
ମଞ୍ଜି ଧରେ ଗଛ ହବାକୁ
ପୁଣି ଫୁଲ ହବାକୁ, କଢ ହବାକୁ !

ସମୟ ସ୍ଥିର ଓ ଅଚଳ ହୋଇ ପଡି ରହିଥାଏ ଓ
ଧୀରେ ଧୀରେ ବୁଢା ହେଉଥାଏ ମଞ୍ଜି ପେଟରେ ।

ଅନ୍ଧକାରର ନାଡିରୁ ଶସ ଆଣି ଅବିରତ ଲଣ୍ଠନ ଜଳୁଥାଏ,
ସମୟ କ୍ଷୟ ହୋଇ ଚାଲିଥାଏ ଘସି ହୋଇ ହୋଇ କଳାକଣିକାର କକ୍ଷପଥରେ ।



କବି ବିରଜା ବଳ

'ଚିତ୍ରକଞ୍ଜ'
ବାଲିଗଣ୍ଡ, କୁଆଁରପୁର
ରାମବାଗ, ଯାଜପୁର- ୭୫୫୦୧୪
ଫୋନ୍ : ୭୭୯୦୦୦୩୪୪୨

# ନୀଡ଼ଫେରା ଗୀତ

## ଧୀରେନ୍ ଆଚାର୍ଯ୍ୟ

ଜଠଜ୍ୱାଳା, ଅନ୍ନ ଅନ୍ୱେଷଣ
ଜଟିଳ କର୍କଶ ଗଦ୍ୟ,
ତେଣୁ ତ ପକ୍ଷୀ ଆଉ ଦାଦନି ଶ୍ରମିକ,
ଦୁହିଁଙ୍କ ପାଖରେ ଉଡ଼ିବାର ପକ୍ଷ ।
ଅସ୍ତସୂର୍ଯ୍ୟ ଇସାରାରେ
ପକ୍ଷୀ ଫେରେ ଆପଣା ନୀଡ଼କୁ,
ଦାଦନିର ଘର ଫେରନ୍ତା
ସଞ୍ଜଟିକ କିନ୍ତୁ ଆୟତ୍ତ ବାହାରେ ।
ଭୋକର ଗୋଇଠା ଖାଇ ତଳି ପେଟରେ
ନୀଡ଼ ଛାଡ଼ି ଉଡ଼ି ଯିବା ପରେ,
ବାଲି, ମାଟି, ଇଟା, ସିମେଣ୍ଟ,
ତରଳା ପିଚୁ ଅବା ଚିମିନି ଧୂଆଁ ପାଖେ
ଡେଣା ତା'ର ବନ୍ଧା ପଡ଼ିଯାଏ ।

ସାରା ସାରା ଦିନ...
ଏଠୁ ଉଡ଼ି ସେଠି ବସି ପକ୍ଷୀ
ଯେତେ ଗୀତ ଗାଇ ପାରେ ନାହିଁ,
ତାଆ ଠାରୁ ଢେର୍ ବେଶୀ ଗାଇ ଗାଇ
ଏକକ କି ମିଳିତ କଣ୍ଠରେ
ଆପଣା ନୀଡ଼କୁ ଫେରେ ଡେଣା ଲହରାଇ ।

ଦାଦନିର ଭାଗ୍ୟଭବ୍ୟ ଫେରନ୍ତା ମୁହୂର୍ତ୍ତ,
ଦିନ,ରାତି, ସକାଳ,ମଧ୍ୟାହ୍ନ ନିର୍ବିଚାରେ
ଠିକ୍ ସେଇମିତି ଗୋଟେ ଉଲ୍ଲସିତ ଗୀତିମୟ ସଞ୍ଜ,
ସୁର-ତାଳ-ଲୟ, ଭାବ-ଅନୁଭାବ
ରାଗ-ଅନୁରାଗ ଦୁହିଁଙ୍କର ଏକା ।

ଅମେଳ ଏତିକି କେବଳ...
ଯୋଉ ଗୀତ ମୁକ୍ତକଣ୍ଠ ମୁଖର ସ୍ୱରରେ
ପକ୍ଷୀ ଗାଇ ଗାଇ ଫେରେ,
ସେଇ ଗୀତ ଦାଦନି ଶ୍ରମିକ
ନିନାଦିତ ଛାତି ତଳୁ ଗାଉଥାଏ
ମୂକ କଣ୍ଠ, ନୀରବିତ ଶବ୍ଦ ଝଙ୍କାରରେ ।


♥ ୧୮୨୩, ମହତାବ ରୋଡ଼
ଅନନ୍ତନଗର ଲେନ୍-୨
ଭୁବନେଶ୍ୱର-୭୫୧୦୦୨
ଫୋନ:୯୪୩୯୪୮୬୧୬୮




ଫଟୋ ଧୀରେନ୍ ଆଚାର୍ଯ୍ୟ

# ତୁମ ଗାଁ ବର୍ଷା

## ଧନଞ୍ଜୟ ସ୍ୱାଇଁ

ଅମାନିଆ ଲୁହେ ଉଛୁଳଇ ଯବେ ଆଖି-କଳସୀ
ବରଷା ତୁମରି ମନତଳ କ୍ଷତ ଉଖୁରେ ଆସି
ବରଷା ତୁମରି ବେତ ଭୋଗେଇରେ ବାଣ୍ଟଇ ଫୁଲ
କାଦୁଅ କରଇ ଖେଳୁଆ ଧାନରେ ତୁମ ଗାଁ ବିଲ ।

ତୁମକୁ ଛୁଇଁଲେ ମହୁଟୋପା ମେଘ ବରଷେ ବେଶି
ଅଖୋଲା ଛତାକୁ ଖୋଲିଦିଏ ଆମ ମଥାରେ ଆସି
ଝରକା ସେ ପାଖେ କୁନିଝିଅ ପରି କଟାକ୍ଷ କରି
ତୁମ ଚାଳିଘର କଖାରୁଲଟାରେ ପଡ଼ଇ ଝରି ।

ବରଷାର ଛିଟା ଖାଇ ଆମେ ଦୁହେଁ ହୋଇଛେ ବଣା
ମନେଥିଲା ଦକା ହେଲେ ବାଟ ପଡୁ ନଥିଲା ଜଣା
ଦେହ ବାଜିଗଲେ ଘୁଞ୍ଚି ଯାଉଥିଲ ନ କହି କଥା
ଛତା ତଳେ ଆମେ ଦୁହେଁ ଆଗେ ଥିଲା ଅସରା ରାସ୍ତା ।

ଆସନ୍ତିନି ଝାଞ୍ଜିଖରାକୁ ନଡରି ଆଉ ଥରେ ଛିଟ ଫ୍ରକ୍ ପିନ୍ଧି !
ଡେଣା ଭଙ୍ଗା କୁନି କଙ୍କିକୁ ଉଡ଼ାନ୍ତେ ସୂତାରେ ବାନ୍ଧି
ଆଉଥରେ ଆସନ୍ତନି ମେଘୁଆ ସଂଜରେ ତୁମ ଭୁଲତା ନଚେଇ
ଆଉଥରେ ଆସନ୍ତନି ମଞ୍ଜୁଆତି ବୋଲି ତୁମ ନଖକୁ ପଚେଇ ।
ଆଉଥରେ ସଖି ! ଆସନ୍ତନି ତୁମେ ଏକାଏକା ମାରି ତାଳି
ବରକୋଳି ଟୋପା ବରଷାରେ ଭିଜି ଖାଆନ୍ତେ ଦିଜଣ ଗାଳି ।


♥ ମଙ୍ଗଳାଳୟ, ପ୍ଲଟ୍ ନଂ-୩୪୮୭, ସା/ପୋ-ରାଜେନ୍ଦ୍ର ନଗର,
ମଙ୍ଗଳା ମନ୍ଦିର ରାସ୍ତା, କଟକ, ଫୋନ:୯୪୩୭୦୦୦୬୩୬


ଫଟୋ ଧନଞ୍ଜୟ ସ୍ୱାଇଁ



# ରଜାପୁଅ

**ସିତାଂଶୁ ଲେଙ୍କା**

ଯଉଠି ଯଉଠି
ଅଟକି ଯାଇଚି ରାସ୍ତା
ସେଇଠି ସେଇଠି
ମୁଁ ଆରମ୍ଭ କରିଚି ଉଡ଼ାଣ

ତମ ଚା' କପ୍‌ରେ ଭର୍ତ୍ତି ହେଇ ଯାଇଚି
ମୋର ମୁହଁ

ଆଶ୍ଚର୍ଯ୍ୟ କରି ଠିଆ ହେଇ ଯାଇଚି
ତମ ବାଡ଼ି ବଗିଚାର ସୂର୍ଯ୍ୟୋଦୟ ପାଖରେ

ନିଇତି ଗୋଟେ ଗୋଟେ ଲୋରି ଶୁଣେଇଚି
ତମ କାନ ପାଖରେ

କାନ୍ଥରେ ଆଉଜି ପଡ଼ିଥିବା
ଦରଶୁଖିଲା ଶାଢ଼ି କି ବ୍ଲାଉଜ୍ !
ନସ୍‌ମା ବାସ୍ନା ପାଖରେ
ପହଞ୍ଚି ଯାଇଚି ମୋର ନିଃଶ୍ୱାସ

ମୋ ଆଖି ଭିତରେ
ସାଇତି ଦେଇଚି ତମ ହାତପାପୁଲିର ରେଖା,
ତମ ଘନକେଶ ବହଳ ଅନ୍ଧାର
ପାଦତଳର ନିଟୋଳ ଝଙ୍କାର


▲ଶ୍ରୀ ସିତାଂଶୁ ଲେଙ୍କା
ଫଟୋ : ଶ୍ରୀ ସାହୁ


▲ଚିତ୍ର : ଶ୍ରୀ ସୋମଦତ୍ତ ପଣ୍ଡା

ବହିପତ୍ରରେ, ରଫ୍‌ଖାତାରେ, ଡାଏରୀରେ
ତକିଆ ତଳେ ପଶି ଯାଇଚି
ଖଣ୍ଡେ ଚିଠି ହେଇ

ତମ କପାଳରେ ଚୁମାଟିଏ ହେଇ
ଆଙ୍କି ଦେଇଚି ନିଜର ବିଛଣା
ମୁହଁ ଗୁଂଜି ଦେଇଚି
ଚିର ସବୁଜ ଆଲିଙ୍ଗନର ତୃପ୍ତି


ଶେଷକୁ
ବନ୍ଧବାଡ଼ ଭାଙ୍ଗି ଦେଇ
ସମ୍ରାଟ୍ ହେବାକୁ ଚାହିଁଚି
ରଜାପୁଅ ବେଶରେ

କାହାକୁ ଖାତିର ନଥିବ
ମିଛର ମରୁଭୂମିରେ
ତିଆରି କରିଚି ଗୋଟେ ନଅର
ତାକୁ ବୁଝି ହୁଏନା
ଏତେ ସଅଳ ।

♥ ମେଘଦୟରୁ, କୁରୁଡ଼ା, ବାଲେଶ୍ୱର-୭୫୬୦୫୬
ଫୋନ:୯୦୪୦୪୪୭୨୭୯

# ନିଘୋଡ଼ ନିଦରେ

**ରଞ୍ଜନ ବାଗ**




ଚିତ୍ର : ଶ୍ରୀ ପ୍ରଶାନ୍ତ ଦେବ

ଦିନେ ପହଞ୍ଚିବ ଆସି
ଏମିତି ଏକ ରାତି
କେବେ ପାହୁ ନଥିବ, ସେ ରାତି ।

ନାନାବାୟା ଗୀତ
କେହି ବୋଲିନଥିବେ
ମୁଁ କିନ୍ତୁ ଶୋଇଥିବି ନିଘୋଡ଼ ନିଦରେ ।


କେହି ବି ମୋ ଦେହକୁ ହଲାଇ
ବଡ଼ ପାଟିରେ ଡାକୁଥିବେ
ଆଉ ମୋତେ ଶୁଣୁ ନଥିବି,
ମୋ ପାଇଁ ସୂର୍ଯ୍ୟ ହୋଇ ସାରିଥିବେ
ଚିର ଅସ୍ତମିତ,
ମୁଁ ଶୋଇଥିବି ନିଘୋଡ଼ ନିଦରେ ।

ଏ ସମୟରେ ମୋର କିନ୍ତୁ
ମୋତେ ଶୋଇବାର ନଥିଲା ।
ସକାଳର କାର୍ଯ୍ୟସୂଚୀରେ
କେତେକଙ୍କୁ ଭେଟି
ଜଣାଇବାର ଥିଲା କୃତଜ୍ଞତା ।

ଜୀବନ ଯାତ୍ରାରେ ଜ୍ଞାତରେ କି ଅଜ୍ଞାତରେ
କରିଥିବା ଭୁଲ୍ ତ୍ରୁଟି ପାଇଁ
ସେମାନଙ୍କ ଠାରେ
କରିବାର ଥିଲା କ୍ଷମା ପ୍ରାର୍ଥନା ।

ବାପା ଲଗାଇଥିବା ଚମ୍ପାଗଛରେ
ବସା ବାନ୍ଧିଥିବା ପକ୍ଷୀମାନଙ୍କୁ
ଅଲ୍‌ବିଦା କହିବାର ଥିଲା ।
ଶେଷଥର ପାଇଁ ମୋର
ଏକାନ୍ତ ଅନ୍ତରଙ୍ଗ
ସେଇ ଗୁଲୁଗୁଲିଆ ପିଲାଟିକୁ
ଡାଇରୀ ମିଲ୍‌କ୍ ଚକୋଲେଟ୍‌ଟିଏ
ଦେବାର ଥିଲା,
ପ୍ରତିବଦଳରେ ତାକୁ କୋଳେଇବାକୁ
ସେ କଥା ଦେଇଥିଲା ।

ସକାଳେ ଗାଧୋଇ ପାଧୋଇ
ବାପା ମା'ଙ୍କର ତୈଳଚିତ୍ର ସାମ୍ନାରେ
ମୁଣ୍ଡ ପାତି କିଛି ସମୟ
ଛିଡ଼ା ହେବାର ଥିଲା ।



ଚିତ୍ର ରଞ୍ଜନ ବାଗ

ଶେଷରେ ! କେବେ କିଛି
ଦେଇ ପାରି ନଥିବା ପ୍ରିୟତମାଙ୍କୁ ମୋର
ବଗିଚାରୁ ଛିଣ୍ଡାଇ
ସଜ ରକ୍ତଗୋଲାପଟେ
ଦେବାକୁ ଇଚ୍ଛାଟିଏ ଥିଲା ।

ଏତେ ସବୁ କାମ ବାକି ଥାଇ
କେମିତି ଶୋଇଗଲି
ନିଘୋଡ଼ ନିଦରେ ?


ବରିଷ୍ଠ ସାମ୍ବାଦିକ, ମଲ୍ଲିକାଶପୁର, ବାଲେଶ୍ୱର
ଫୋନ: ୯୪୩୭୨୬୪୩୩୬

# ପାର୍ବଣ

**ରାଜଶ୍ରୀ ମହାପାତ୍ର**

ଏତେପରେ ବି ଶୁଖିଲା ଲହୁଧାରକୁ
ବେଢ଼ି ବସିଛନ୍ତି ଯେଉଁମାନେ ତା ଗାଲ ଉପରେ,
ସେମାନେ ମାଛି ବେଶରେ ମଣିଷ
କେଜାଣି ବସି ରହିଥିବେ ଏମିତି ଆହୁରି କେତେକାଳ

ଯଦି ଅହଂକାରକୁ ଚିହ୍ନି ପାରୁଥାନ୍ତା ଅନ୍ଧାର
ଏମିତି କଣ ମାଡ଼ି ଆସି ପାରୁଥାନ୍ତା ଜୁଆର !
ଦେଖ, କେମିତି ଜଳଜଳ ଚାହିଁ ରହିଛନ୍ତି ସତ୍ୟଯୁଗର ତାରାଗଣ

ଉଡ଼ି ଯାଉଯାଉ କହିଲେ ପରୀଗଣ,
କିଛି ନଜାଣିଲା ପରି ସହିଯିବାଟା ଧର୍ମ ତୁମର
ପୋଷେ ତ ଚାଉଳର ସଂସାର
ମନେରଖ ପାର୍ଥୁକ, ସରିବନି ମହିଷାସୁରର
ଏ ପରା ପାର୍ଥିବ ଖେଳ ! ତୁମକୁ ବୋଧେ ଅଗୋଚର

ଦେବୀ ମଣ୍ଡପରେ ସଜେଇଛି ଯେତେ ଅଦାଢୁଆ ଶସ୍ତ୍ର
ସେଥିରେ ବୋଳିଛି ଶଙ୍ଖବିଷ
ସେ କେଉଁ କାମର !

କାହାପାଇଁ ଏ ଧୂପ, ଦୀପ, ସିନ୍ଦୂର, ନାରିକେଳର ଜଳ
ଧରା ସହିବାକୁ ସିନା ଏ ଅସବ୍ୟ ମନ୍ତ୍ରପାଠ !
ମନ ବୁଝିବାକୁ ଓଠରେ ପିନ୍ଧିଛ କେଡ଼େ ସୁନ୍ଦର
ସଙ୍କଟମୋଚନ ଲଜ୍ଜାମାନ ହସର ତାବିଜ
ବାସ୍, ଏଇଥିପାଇଁ ତ ଏ ପାର୍ବଣ !

♥ କୁଞ୍ଜକାନ୍ତ(ଉତ୍ତର),ପୋ/ଜି: ଢେଙ୍କାନାଳ-୭୫୯୦୦୧
ଫୋନ:୮୨୮୦୦୫୮୪୪୦

# ରହସ୍ୟର ରାତିଦିନ

**ଜୟନ୍ତିକା**

ସବୁ ପ୍ରାପ୍ତି ପ୍ରତିଷ୍ଠା ଭିତରେ
ଜମା ଦିଶୁ ନଥିବା ଛାତିତଳେ ଉଦ୍‌ବେଳନ ହିଁ
ଅନେକ ଅଫେରା ଜୀବନର ଗୁପ୍ତ ରହସ୍ୟ ।

ବେଦନାର ଭରାନଈରେ ଭାସି ଚାଲୁଥାଏ ନାଆ,
କୂଳ କି କନାରା ଦିଶୁ ନଥାଏ କୋଉଠି,
ଖୁବ୍ ଏକ୍‌ଲା ଉଦାସ ଲାଗୁଥାଏ,
ଦିନସବୁ ଦୁର୍ଦ୍ଦିନ, ରାତି ଦୁଃସ୍ୱପ୍ନର ରାତି ପାଲଟି ଯାଉଥାଏ ।

ହଜିଗଲା ସମ୍ପତ୍ତିର ହିସାବ ଚାଲୁଥାଏ ସବୁଠି,
ମେଲା ମୁକୁଳା ପଡ଼ି ରହିଥାଏ ସଂସାର,
ଜନ୍ମଜାତକ ଠୁ ହାତବ୍ୟାଗ୍ ବହିପତ୍ର ସବୁକିଛି,
ତର୍କ ସନ୍ଦେହ ସଂପୃକ୍ତି ସବୁ ପାଲଟି ଯାଉଥାଏ
ଅସରନ୍ତି ପ୍ରଶ୍ନବାଚୀ ।

ଏଇ 'ରହସ୍ୟ' କଥାଟି ଆଉ କ'ଣ କି ?

ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ସଂକୁଚିତ ହୋଇପଡ଼େ ପୃଥିବୀ,
ସାମ୍ନାରେ ଦୁର୍ଭେଦ୍ୟ ନୀରବତା ବାଟ ଓଗାଳି ଠିଆ ହୋଇ ରହେ
ସରି ଆସୁଥାଏ ଦୀପରୁ ତେଲ, ଦେହରୁ ଆୟୁଷ
କଅଁଳ ପ୍ରତ୍ୟୟ ସବୁ ଧୀରେ ଧୀରେ ଶୁଖି ଆସୁଥାଏ ।

ଭାରି ଭାରି ଲାଗୁଥାଏ ଛାତି,
ଜଗତ ଜଞ୍ଜାଳ ଅଜବ ଲାଗେ
ବିଷ ଲାଗେ ସଂସାର ସୁଖ, ପ୍ରୀୟାପ୍ରୀତି ।

ଦୁକ୍‌ଦୁକିର ନୀରବ ସ୍ପନ୍ଦନ ସତେ
ଏଡ଼େ ମାୟାବୀ, ରହସ୍ୟମୟ ହୋଇପାରେ ?
ଦିନେ ବଉଳଫୁଲରେ ବେଣୀ ବାନ୍ଧୁଥିବା ହସକୁରୀ ଝିଅଟି
ବିନା କାରଣରେ ଅଚାନକ ହଜିଯାଏ ଦିନ ଦିପହରେ !

♥ 'କଥାକାର', ୧୬୧-ଶୈଳଶ୍ରୀବିହାର, ଭୁବନେଶ୍ୱର-୭୫୧୦୨୧
ଫୋନ: ୮୭୬୩୯୯୮୪୯୮






# ଈଶ୍ୱର ଫେରିଲେ ନାହିଁ

## ଚିତ୍ତରଞ୍ଜନ ନାୟକ

ଏଣେତେଣେ ଫିଙ୍ଗା ହେଇଥିବା ହତିଆର
ମୁହଁ ମାଡ଼ି ଶୋଇଥିବା ତିରସ୍କାର
ରକ୍ତ ଚାଉଳ ଚୋବେଇ ହେଉଥିବା ଅସହିଷ୍ଣୁତା
ମନ୍ଦିରରେ ନିରବି ଯାଇଥିବା ସକାଳର ପ୍ରାର୍ଥନା
ମସ୍‌ଜିଦ୍‌ରେ ମାଟି କାମୁଡ଼ି ପଡ଼ିଥିବା ଜିହାଦ
କୋଉଠି ବି ଦୃଶ୍ୟମାନ ହେଉନଥିଲା
ସେ ରହସ୍ୟ ଟିକକ
ଯିଏ ପାଣି ସିଞ୍ଚି ଜୀବନ୍ୟାସ ଦେଇ ଚାଲୁଥିଲା ଦୁଃଖ
ଯିଏ ରକ୍ତରେ ସଫା କରି ଚାଲୁଥିଲା
ଇତିହାସର ସବାଶେଷ ସୁଖ !

ସେଇ ରହସ୍ୟ ଟିକକକୁ କାନିରେ ବାନ୍ଧି
ପଣ୍ଡିତେ କହିଲେ- ହେଇ ମୋ ଅଣ୍ଟାରେ ଅଛି ଈଶ୍ୱର
ଜହ୍ଲାଦ କହିଲା- ସେ ବଳି ପଡ଼ିବାର ପୁରୁଣା ପଥର
ନାସ୍ତିକ କହିଲା- ସେ ପୃଥିବୀର ପ୍ରଥମ ଅନ୍ଧାର !
ତଥାପି ଫେରି ନଥିଲେ ଇଚ୍ଛାର ଈଶ୍ୱର
କୁଲା ଢାଉଁ ଢାଉଁ କରି କେହିଜଣେ ବାଡୁଥିଲେ ପ୍ରେମ
ଚୁପ୍‌ଚାପ୍ ସ୍ୱପ୍ନଙ୍କ ନିଦ ନଭାଙ୍ଗି
କେହି ଜଣେ ସଜାଡୁଥିଲା ଶେଷ ହାହାକାର ।

ସେମାନେ ମାଟିରେ ମିଶାଉଥିଲେ ପ୍ରତିବାଦ
ପବନରେ ଫେଣ୍ଟୁଥିଲେ ନିର୍ଜନତା
ପାଣିରେ ଦ୍ରବୀଭୂତ କରୁଥିଲେ ପ୍ରତିଶ୍ରୁତି
ଦିନର ଯୁଦ୍ଧରେ ଶବ ହେଇ ଫେରୁଥିଲା ରାତି
ପୁଞ୍ଜିଭୂତ ଦୟାରୁ ଛିଟିକି ଆସିଥିବା ଶବ୍ଦରେ
ହାଣ ମୁହଁକୁ ଡେଇଁ ପଡୁଥିଲା ଛାତି ।

ସେମାନେ ଅସ୍ୱୀକାର କରି ଚାଲିଥିଲେ
ଋତୁମାନଙ୍କ ଆତ୍ମହତ୍ୟା
ତତଲା କଡ଼େଇରେ ସେକା ହେଉଥିବା ସ୍ୱପ୍ନ
ଖଣିର କଙ୍କାଳ ଉପରେ ଖୋଜା ହେଉଥିଲା



ଚିତ୍ର : ଶିଳ୍ପୀ ସୁସ୍ମିତା ମିଶ୍ର

ବିସ୍ଥାପିତ ରକ୍ତ ମାଂସର ପ୍ରମାଣପତ୍ର
ଶୁଖିଲା ହିଡ଼ରେ ଅନୁକୂଳ ହେଉଥିଲା
ଶ୍ୟାମଳ ଝଡ଼ର ଅର୍ଥ ନୂଆ ଗୀତ ।

ତଥାପି ଈଶ୍ୱର ଫେରିଲେ ନାହିଁ
କିମ୍ବା କୈଫିୟତ ମାଗିଲେ ନାହିଁ
କି କେବେ ସରିବ ଏ ଆତ୍ମ ନିର୍ବାସନ
କେବେ ଅମୃତ ଉତ୍ସବରେ ଉଲ୍ଲସିତ ହେବ
ଏ ଅସଂଖ୍ୟ ଆଲୋକବର୍ଷର ଅମୃତ ମନ୍ଥନ
କେବେ ଉତ୍ତରମାନଙ୍କ ଭୋକିଲା ଆଖିରୁ
ଲୁହ ସବୁ ପୋଛିଦେବ ନୂଆ ପ୍ରଶ୍ନଚିହ୍ନ !

ସେମାନେ ପରେଡ଼୍ କରୁଥିଲେ ଧାଡ଼ିଧାଡ଼ି କୃତଜ୍ଞତା ହେଇ
ସେମାନେ ଶାଣ ଦେଉଥିଲେ ଧନୁ, ତୀର, ଅଧିକାର
ସେମାନେ ବୁଣି ଚାଲିଥିଲେ ହସର ହାଇବ୍ରିଡ୍ ମଞ୍ଜି
ସେମାନେ ଖୋଲା ବଜାରରୁ କିଣୁଥିଲେ ପ୍ରଣୟର ପୁରସ୍କାର
ସେମାନେ ଛଦ୍ମବେଶେ ସାଜୁଥିଲେ ପ୍ରଳୟର ଅଧୀଶ୍ୱର ।

ତଥାପି ଈଶ୍ୱର ଫେରିଲେ ନାହିଁ
ହେଲେ ଫେରିଗଲେ ସୁଖର ସାଧବ ପୁଅ
ବୋଇତରେ ଅମୃତ ଥିଲା ନା ଜହର
ଅପେକ୍ଷା ଥିଲା ନା ଅହଙ୍କାର
ଏତକ ହିଁ ବୁଝୁବୁଝୁ
ଭାଙ୍ଗି ଯାଇଥିଲା ରଥଚକ
ଧୂଳି ହେଇ ଯାଇଥିଲା ଦୁର୍ଗ
ହେଲେ ପୂର୍ବବତ ସହି ସଲାମତ ଥିଲା
ଈଶ୍ୱରଙ୍କ ଦୁଃଖ ।



କବି ଚିତ୍ତରଂଜନ ନାୟକ

ଅତିରିକ୍ତ ବିଡ଼ିଓ, ଘଟଗାଁ ବ୍ଲକ, କେନ୍ଦୁଝର-୭୫୮୦୨୭
ଫୋନ:୯୯୩୭୫୬୫୪୯୨

# ଭୁବନେଶ୍ୱରିଆ

## ସରୋଜ ମହାପାତ୍ର

ଲକ୍ଷ ଲକ୍ଷ ମଣିଷଙ୍କ ଭିତରୁ
ଖାଣ୍ଟି କହିଲେ ଅଳ୍ପ ମାତ୍ର
ଆଉ ସବୁ ଉଡା ଚଢେଇ
ବାଗ ଉଣ୍ଡି ବସା ଖଞ୍ଜିଛନ୍ତି ।
ଖାଂଟି ମାନେ ଟିକେ ନିଆରା
ସୁନା ଚେନ୍ ପିନ୍ଧିବା
ବୁଲେଟ୍ ଷ୍ଟାଣ୍ଡ୍ ମାରିବା
ଅନେଇଲ, ପୁରା ପତିଆରା ।
ପାଟିରେ ମୁଖସ୍ତ ଥାଏ
ଗୁଣ୍ଠ, ସେଣ୍ଟ୍ ଓ ସ୍କୁଆର୍ ଫିଟ୍‌ର ହିସାବ
କିଛି ସ୍ୱାଭିମାନ ଓ ଆତ୍ମବିଶ୍ୱାସ
ଦେଉଥାଏ ଜିତାପଣର ଜବାବ
ଶିଙ୍ଗ ଯେତେ ହେଉ ଦଦରା, ଫଟା
ଯୁଝିଲା ବେଳକୁ ଗୋଟା ।

ଅ-ଖାଣ୍ଟିଆ ମାନେ
ପଡିଶାଘର ମୁହଁ ଚିହ୍ନନ୍ତି
ସିସି କ୍ୟାମେରାରେ
ଯେଝା ସୁବିଧାରେ
ବର୍ଷା କରାନ୍ତି
ଛତା ଖୋଲନ୍ତି
ବାଁ ହାତ କଥା ଡାଁ ଜାଣେନି
ଯିଏ ଯେମିତି ବୁଝିଲା
ରାମ ନାମ ସେମିତି ଭଜିଲା ।

ଯେତେ ପୁରୁଣା ହଉଚ ହୁଅ
ଯେତେ ଲମ୍ବା ଚଉଡା ବାସ କରି
ରହୁଚ ରୁହ ।
କିନ୍ତୁ, ଖାଣ୍ଟି ଭୁବନେଶ୍ୱରିଆ ହେବା
ଏତେ ସହଜ ନୁହଁ ।

♥ ମହାନଗର ନିଗମ,
ଭୁବନେଶ୍ୱର
ଫୋନ: ୯୪୩୭୦୬୪୬୯୩





▶ ଚିତ୍ର : ଶିଳ୍ପୀ ସତ୍ୟବ୍ରତ ସାହୁ
ଷ୍ଟାଣ୍ଡାର୍ଡ-୬


# ବାଲୁକା ଚିତାଟେ

## ହଂସନାଥ ମୁଦୁଲି

ବାଲୁକା ବିତାନେ
ମଥାପିଟି ତାର
ସାଗର କହୁଛି କଥା
ଅନ୍ତର ଭିତର
ଶାନ୍ତ ଦିଶେ ସିକା
ଲହଡ଼ି ବଖାଣେ ବ୍ୟଥା । ॥୦॥
କେତେ ଇଚ୍ଛା ତାର
ଉପକୂଳେ ଆସି
ଦିଅନ୍ତା ଦୁଃଖ ଉଭାରି
ସମ୍ଭବ ହୁଏନା
ଧରାର ବନ୍ଧନ
ଧରିଅଛି ତାକୁ ଭିଡ଼ି
ଚନ୍ଦ୍ରମାକୁ ଖୋଜେ
ସେଇଥିଲାଗି ସେ
ଦୂର କରିଦେବ ବାଧା
ସାଗର କହୁଛି କଥା । ॥୧॥

ଗରଭେ ତାହାର
ମଣି ମାଣିକରେ
ସମର୍ପିତ ଗନ୍ତାଘର
ଆନନ୍ଦ ଲଭନ୍ତା
ଖୋଲି ହୋଇଗଲେ
ସବୁ ସେହି ଭଣ୍ଡାରର
ବୁଝି ପାରୁନି ସେ
କାହାକୁ କହିବ
ଅନ୍ତରର ସେଇଗାଥା
ସାଗର କହୁଛି କଥା । ॥୨॥

♥ ଖଣ୍ଡଗିରି, ଡୁମୁଡୁମା-୧,
ଭୁବନେଶ୍ୱର- ୭୫୧୦୩୦
ଫୋନ:୯୭୭୭୯୬୮୭୧୯







▶ ଚିତ୍ର : ଶିଳ୍ପୀ ସମିତା ପାଣିଗ୍ରାହୀ

# ବୋଉ

## ସାବିତ୍ରୀ କବି

ଏତେବାଟ ଚାଲି ଆସିଲିଣି ଏକାଏକା
ଖୁବ୍ ଥକି ପଡ଼ିଲିଣି
ଏବେ ଆଉ ମନେପଡୁନି କିଛି ବୋଲି କିଛି
ଦିନେ ଖୁବ୍ ମାନୁଥିଲା ହଳଦୀ ଗୁରୁଗୁରୁ ଦେହକୁ
ନାଲିପାଟ, କପାଳରେ ଟିପିଟିପି ଚନ୍ଦନ
ଅଳତାମଖା ପାଦ, ଦେହରେ ଦେହେ ଲାଜ
ଦେହେ ରୋମାଞ୍ଚ, ଆଖିଏ ସ୍ୱପ୍ନ
ଥରଥର ଓଠରୁ ଝରି ପଡୁଥିଲା କବିତାର ମହୁ
ରାତି କହୁଥିଲା ସାରାରାତି ଗପ
କେହିଜଣେ ଡାକୁଥିଲା ସାଥିହୋଇ
ଉଡ଼ି ଉଡ଼ି ଛୁଇଁବାକୁ ସ୍ୱର୍ଗ

ଏ ଆଖିକୁ ଏତେ ଲୁହ କୋଉଠୁ ଆସେ
ପଥର ପରି ଓଜନିଆ ଲାଗେ ଛାତି
କେହି ନଥିଲା ବେଳେ ଖୁବ୍ ଏକୁଟିଆ ହୋଇଗଲେ
ବୋଉ ମନେପଡ଼େ
ସେଇ ଅଫେରା ରାଇଜରୁ ଆଉଥରେ
ଫେରି ଆସିବ କି ବୋଉ
ଛାତିରେ ଚାପି ଧରି ଗେହ୍ଲା କରିବ ଢେର୍ ବେଳ ଯାଏଁ
ମୋ ଅଳରା କେଶବାସକୁ ସଜାଡ଼ି ଦେଇ ସାରା ଦେହରେ



▶ ଓଁ ସାବିତ୍ରୀ ଓଁ

ତା ଯାଦୁଭରା ହାତ ବୁଲେଇ ନେଇ କହିବ:
'ମୋ ଧନଟା, ମୋ ସୁନାଟା କାନ୍ଦନା, ମୁଁ ପା
ଏଇଠି ତୋ ପାଖେପାଖେ ଅଛି କୁଆଡ଼େ ଯାଇନି
ଗୋଡ଼େ ଗୋଡ଼େ ଜଗିଛି ତୋତେ କାଲି ପରି ଆଜି ବି ।'

ମୁଁ ଚମକି ପଡ଼େ
ଗୋଟେ ବୋଉମୟ ପୃଥିବୀ ଭିତରେ
ମୋର ଅସ୍ତିତ୍ୱ କୋଉଠି ମିଳେଇ ଯାଏ
ମୋ ଦେହରେ ଏତେ ଶକ୍ତି କୋଉଠୁ ଆସେ
ମୁଁ ବୋଉକୁ ଆଲିଙ୍ଗନ ମୁଦ୍ରାରେ
ଯାବୁଡ଼ି ଧରେ ଓ କାନ୍ଦେ । ବୋଉ ନଥାଏ ।

ଶୁଣିଛି, ବୋଉମାନେ କାଳେ ଅମରପଦ
ପାଇଥାନ୍ତି, ଖାଡ଼ାପହରା ଥାଆନ୍ତି ତାଙ୍କ
ପିଲାଛୁଆର ସଂସାର ପାଇଁ ସ୍ୱର୍ଗରେ ବି
ଏବେ ଏକାଏକା ରାସ୍ତା ଚାଲିବାକୁ କଷ୍ଟ ଲାଗେନି
ବୋଉ ନଥାଇ ବି ଅଛି
ମୋ ରକ୍ତରେ, ନିଃଶ୍ୱାସରେ, ବିଶ୍ୱାସରେ, ଚିନ୍ତନରେ
ଚେତନାରେ, ଘର-ପୁର ଅଗଣା ଆକାଶ ସବୁ
ବୋଉ ବୋଉ ବାସୁଛି

ବୋଉମାନେ ମରି ପାରନ୍ତିନି ଅମରପଦ ପାଇଥାନ୍ତି
ଖାଡ଼ାପହରା ଥାଆନ୍ତି, ତାଙ୍କ ପିଲାଛୁଆର
ସଂସାର ପାଇଁ ସ୍ୱର୍ଗରେ ବି ।


♥ ବିଶ୍ୱନାଥପୁର, ରାଣୀତାଲ, ଭଦ୍ରକ-୭୫୬୧୧୧
ଫୋନ: ୯୪୩୯୧୭୭୩୮୦

# ବରୋଦାର ଲକ୍ଷ୍ମୀବିଳାସ



# ଭବ୍ୟ ମହଲ ରାଜପ୍ରାସାଦ



# ଲକ୍ଷ୍ମୀବିଳାସ ପେଲେସ୍

**ଲକ୍ଷ୍ମୀପ୍ରିୟା ଓଝା**
ଟାୱାର୍ ବି-୪୦୧, ଦ ଆଟ୍‌ଲାଣ୍ଟିକ୍, ମକରପୁରା ରୋଡ୍,
(ଏସ୍‌ଆର୍‌ପି ଗ୍ରାଉଣ୍ଡ୍ - ୯ ପାଖ)
ବରୋଦା-୩୯୦୦୧୦, ଗୁଜରାଟ
ଫୋନ : ୭୪୯୦୯୯୬୮୬୫

ଫଟୋ ସୌଜନ୍ୟ : ଲେଖିକା



▶ଲେଖିକା ଲକ୍ଷ୍ମୀପ୍ରିୟା ଓଝା

"ବାବାରେ ୧୬୦ବଖରା ! ସେ ବି କେବଳ ଦି' ଜଣଙ୍କ ପାଇଁ !" ମୋ ପାଟିରୁ ଏମିତି ବିସ୍ମୟ ବାଚକ ପ୍ରଶ୍ନଟିଏ ବାହାରିଥିଲା ଯେବେ ଶୁଣିଥିଲି ତା ଉପରେ । ଆଉ ମୋ ଝିଅ ଯେଉଁଦିନ ପ୍ରଥମଥର ପାଇଁ ଦେଖିଲା ତା ପାଟିରୁ ଆପେ ବାହାରିଥିଲା, "ସି ମାମା, ସିଣ୍ଡ୍ରେଲାସ୍ କ୍ୟାସେଲ ।"

ତିରିଶ ବର୍ଷ ତଳେ, କୋଡ଼ିଏ ବର୍ଷ ବୟସରେ ମନରେ ଅନେକ ଉନ୍ମାଦନା ନେଇ ପ୍ରଥମଥର ପାଇଁ ଓଡ଼ିଶାରୁ ବାହାରକୁ ଗୋଡ଼ କାଢ଼ି ଆସି ପହଞ୍ଚିଲି ଗୁଜରାଟ ମାଟିରେ ବାହାଘର ପରେ । ବରୋଦା ମାଟିରେ ପାଦ ଦେଲା ପରେ ଏ ସହର ମୋ ମନ ପ୍ରାଣ ଆତ୍ମାକୁ ମମତାର ମାୟାରେ ଏମିତି ବାନ୍ଧିଦେଲା ଯେ ଚାକିରୀ କାଳରେ ସାରା ଭାରତର ବିଭିନ୍ନ ରାଜ୍ୟରେ ଅନେକ ସହରରେ ରହଣି ଭିତରେ କେହି ଆଉ ବାନ୍ଧି ପାରିଲେନି ସେମିତି । ଏମିତିକି ଜନ୍ମମାଟି ବି ନୁହେଁ । ସବୁବେଳେ ଝୁରିହେଲି ବରୋଦାକୁ । ସମ୍ପୂର୍ଣ୍ଣ ଆଧୁନିକତା ସହ ସୁସାଂସ୍କୃତିକ ଚଳଣି, ଲୋକଙ୍କର ଅମାୟିକ ବ୍ୟବହାର, ସାହାଯ୍ୟ, ସହଯୋଗ ମନୋବୃତ୍ତି, ଉନ୍ନତ ଚିନ୍ତାଧାରା, ଶସ୍ତା ଏବଂ ସହଜରେ ଉପଲବ୍ଧ ସମସ୍ତ ଜିନିଷ, ସୁଖ ସୁବିଧା ପୂର୍ଣ୍ଣ ସରଳ ସ୍ୱଚ୍ଛନ୍ଦ ଜୀବନ, ବଞ୍ଚିବାର ସମସ୍ତ ଉପାଦାନ ଯୋଗାଇ ଦିଏ ଏ ସହର । ଏମିତିକି ଗୁଜରାଟୀ ମାନେ ମଧ୍ୟ ମାନନ୍ତି ଗୁଜରାଟର ସବୁଠୁ ସୁନ୍ଦର ସହର 'ବରୋଦା' ବୋଲି । କେବଳ ମୁଁ ନୁହେଁ ଯିଏ ଥରେ ବରୋଦା ଆସିଲା ସେ ଆଉ ଫେରିବାକୁ ଚାହିଁଲାନି । ଆମେ ବି ଅନୁରୋଧ କରି ଟ୍ରାନ୍ସଫର ମାଗି ପୁଣି ଫେରିଲୁ ବରୋଦା ଚାକିରିର ଶେଷ ଆଡ଼କୁ । କଣ ଅଛି ଏ ମାଟିରେ ? ବାକି ସହର ଠାରୁ ଏଠି ରହିବା ଏତେ ଆନନ୍ଦଦାୟ କାହିଁକି ? ଯିଏ ଅନୁଭବ କରିଛି ସେ ହିଁ କେବଳ ବୁଝି ପାରିବ । ଏ ଆଲେଖ ପଢ଼ି ସାରିଲା ବେଳକୁ ଆପଣ ମଧ୍ୟ କିଛି କିଛି ବୁଝିଯିବେ ନିଶ୍ଚିନ୍ତ ।

ହଁ, ମୁଁ ଯେବେ ପ୍ରଥମ ଥର ପାଇଁ ବରୋଦା ଷ୍ଟେସନରେ ଓହ୍ଲାଇ ଅଟୋରେ ବସିଲି ପ୍ରଥମେ ମୋ ଆଖିରେ ପଡ଼ିଲା ମୋ କଲେଜ ରେଭେନ୍ସା ପରି ବିଲ୍‌ଡିଂ । କିନ୍ତୁ ଦେଖା ଯାଉଥିଲା ପେଲେସ୍ ପରି । ଭାବପ୍ରବଣ ହେବା ଥୟ । ମୁଁ ପଚାରିଲି, "ରାଜାଙ୍କ ମହଲ କି ?" ମୋ ସ୍ୱାମୀ କହିଲେ, "ନା ଏମ୍.ଏସ.ୟୁନିଭର୍ସିଟି । ପେଲେସ୍ ଆଗରେ । ସମ୍ପୂର୍ଣ୍ଣ ବରୋଦା ସହର ଗାଇକଓ୍ୱାର୍ଡ଼ ରାଜାଙ୍କର ରାଜବାଟୀ । ତେଣୁ ସମ୍ପୂର୍ଣ୍ଣ ସହରରେ ଗାଇକଓ୍ୱାର୍ଡ଼ ରାଜବଂଶର ଛାପ ଦେଖିବାକୁ ମିଳିବ ।" ରାସ୍ତା ସାରା ଓଝା ବାବୁ ଚିହ୍ନେଇ ଚିହ୍ନେଇ ଆସୁଥିଲେ, ଏ ଏମ୍.ଏସ୍.ୟୁନିଭର୍ସିଟି, ସୟାଜୀ ବାଗ୍, ଖଣ୍ଡେରାଓ ମାର୍କେଟ୍‌କୁ ରାସ୍ତା, ରାଜମହଲ ରୋଡ୍, ପେଲେସ୍, କାଶୀ ବିଶ୍ୱନାଥ ମନ୍ଦିର ଆଉ ଆମ ଜଗନ୍ନାଥ ମନ୍ଦିର ଆଦି ଆଦି । ଚୌଡ଼ାଚୌଡ଼ା ପରିଷ୍କାର ରାସ୍ତା, କଡ଼େକଡ଼େ ବିଶାଳ ବିଶାଳ ପୁରୁଣା ବରଗଛ, ଲ୍ୟାମ୍ପ୍ ପୋଷ୍ଟ୍‌ରେ ଝଲମଲ କରୁଥିବା ଲାଇଟ୍, ରାସ୍ତା କଡ଼ରେ ବସିବା ପାଇଁ ପଡ଼ିଥିବା ବେଞ୍ଚ୍, ଆଜିକାଲିର ମଲ୍ ପରି ସେ ସମୟରେ ବି ମାର୍କେଟ ବିଲ୍‌ଡିଙ୍ଗ୍ ସବୁ, ମୋ ପରି ବାଉନ ବଜାର ତେପନ ଗଳି କଟକ ସହରରେ ବଢ଼ିଥିବା ଝିଅ ପାଇଁ ରୋମାଞ୍ଚ ଭରୁଥିଲା ନିଶ୍ଚିତ । ଏସବୁ ଉନ୍ନୟନ ମୂଳକ କାର୍ଯ୍ୟ ପଛରେ ଥିଲେ ଏଠିକାର ରାଜା । ପରାଧୀନ ଭାରତରେ ଯେତେବେଳେ ଅଧିକାଂଶ ରାଜାମାନେ ନିଜ ନିଜ ଭିତରେ ବା ଇଂରେଜମାନଙ୍କ ସହ ଯୁଦ୍ଧ କରି ନହେଲେ ବିଳାସ ବ୍ୟସନରେ ବୁଡ଼ି ରହି ପ୍ରଜାଙ୍କର ଶୋଷଣ କରୁଥିଲେ, ନିଜର ସମ୍ପତ୍ତି, ପ୍ରତିପତ୍ତି, ସୀମା ବୃଦ୍ଧି କରିବାରେ ଲାଗିଥିଲେ, ସେ ସମୟରେ ବରୋଦାର ମହାରାଜା ସୟାଜୀ ରାଓ ତୃତୀୟ ଆଧୁନିକ ଭାରତର କେବଳ ସ୍ୱପ୍ନ ଦେଖୁ ନଥିଲେ, ତାକୁ ଫଳବତୀ କରାଇବାରେ ବ୍ରତୀ ଥିଲେ ।

ଗୁଜରାଟର ବରୋଦାରେ ଗାଇକଓ୍ୱାର୍ଡ଼ ରାଜବଂଶର ପ୍ରବେଶ ହେଲା ୧୭୨୦ ମସିହାରେ । ମରାଠା ଶାସକ ଛତ୍ରପତି ଶିବାଜୀଙ୍କ ନାତି ଛତ୍ରପତି ସାହୁ ମରାଠା ସାମ୍ରାଜ୍ୟର ବିସ୍ତାର ପାଇଁ ନିଜର ସେନାପତିମାନଙ୍କୁ ଭାରତର ବିଭିନ୍ନ ପ୍ରାନ୍ତକୁ ପଠାଇଥିଲେ । ସେଇ କ୍ରମରେ ସେନାପତି ଖଣ୍ଡେରାଓ ଦାଉଡ଼େ ଗୁଜରାଟ ଆସିଲେ । ତାଙ୍କ ଅଧୀନରେ ଥିବା ପିଲାଜୀ ରାଓ ଗାଇକଓ୍ୱାର୍ଡ଼ ମୋଗଲ ଶାସକ ସେର ଖାଁ ବାବିଙ୍କୁ ପରାସ୍ତ କରି ବରୋଦାରେ ମରାଠା ସାମ୍ରାଜ୍ୟ ପ୍ରତିଷ୍ଠା କଲେ । ସମୟକ୍ରମେ ଗାଇକଓ୍ୱାର୍ଡ଼ ଓ ପେଶଓ୍ୱାଙ୍କ ମଧ୍ୟରେ ମନମାଳିନ୍ୟ ହେଲା ଏବଂ ଗାଇକଓ୍ୱାର୍ଡ଼ ରାଜାମାନେ ପେଶଓ୍ୱାଙ୍କ ଅଧୀନତା ସ୍ୱୀକାର କରିବାକୁ ପସନ୍ଦ କରିଲେନାହିଁ । ଇତିମଧ୍ୟରେ ୧୭୭୦ ମସିହାରେ ଆଙ୍ଗ୍‌ଲୋ ମରାଠା ଯୁଦ୍ଧରେ ଗାଇକଓ୍ୱାର୍ଡ଼ ରାଜା ପେଶଓ୍ୱାଙ୍କ ବିରୁଦ୍ଧରେ ସିଧାସିଧା ଇଂରେଜମାନଙ୍କୁ ସମର୍ଥନ କରିଥିଲେ । ୧୮୦୫ ମସିହାରେ ବ୍ରିଟିଶ୍ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ସହ ସନ୍ଧି କରି ନିଜ ପାଖରେ ଥିବା କାଠିଆବାଡ଼ ରିୟାସତର ବଡ଼ ଭାଗ ଜୁନାଗଡ଼, ଭାବନଗର, ଜାମନଗର, ରାଜକୋଟ ଆଦି ଇଂରେଜଙ୍କୁ ଦେଇଦେଲେ । କିନ୍ତୁ କାଠିଆବାଡ଼ର ଦୁଇଟି ମୁଖ୍ୟ ସ୍ଥାନ ହିନ୍ଦୁଙ୍କ ଧାର୍ମିକ ପୀଠ ଦ୍ୱାରିକା ଏବଂ ଅମ୍ରେଲି ନିଜ ଅଧୀନରେ ରଖିଲେ ।



କାଠିଆବାଡ଼ ରିୟାସତରୁ ଖଜଣା ପାଇ ଇଂରେଜ ଖୁସି ଥିଲେ । ଆଉ ଯୁଦ୍ଧର ଘନଘଟା ଭିତରେ ନପଶି ସମୃଦ୍ଧଶାଳୀ ବରୋଦାକୁ ଆହୁରି ସମୃଦ୍ଧ କରି ଗାଇକୱାର୍ଡ଼ ଶାନ୍ତିରେ ଶାସନ କରିଲେ ।

ଓଡ଼ିଆରେ ଗୋଟେ ପ୍ରବାଦ ଅଛି, 'ରାଜଯୋଗ ଥିଲେ ହାତୀ ସୁନାକଳସରେ ପାଣି ଆଣି ଢାଳେ ।' ଏ ଉକ୍ତିଟି ସମ୍ପୂର୍ଣ୍ଣ ପ୍ରଯୁଜ୍ୟ ଏଠି । ମହାରାଜା ଖଣ୍ଡେରାଓ ଗାଇକୱାର୍ଡ଼ଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ଭାଇ ମଲ୍ହାର ରାଓ ଗାଇକୱାର୍ଡ଼ ସିଂହାସନରେ ବସିଲେ ସତ କିନ୍ତୁ ତାଙ୍କର ଇଂରେଜମାନଙ୍କ ସହ ନିରନ୍ତର ମନମାଳିନ୍ୟ ଲାଗି ରହିଲା । ସେ ସମୟରେ ବରୋଦା ପାଇଁ ଇଂରେଜମାନେ ନିଯୁକ୍ତ କରିଥିବା ପଦାଧିକାରୀ (ରେସିଡେଣ୍ଟ) ରବର୍ଟ ଫାୟାରଙ୍କୁ କମଳା ଜୁସ୍‌ରେ ହୀରାଗୁଣ୍ଡ ମିଶାଇ ପରଷିଥିବା ଘଟଣା ଖୁବ୍ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ୧୮୭୫ ମସିହାରେ ମାତ୍ର ଚାରିବର୍ଷ ଶାସନ ପରେ ଶେଷରେ ଇଂରେଜ ତାଙ୍କୁ ମାଡ୍ରାସକୁ ନିର୍ବାସିତ କରିଥିଲେ ଏବଂ ମହାରାଜା ଖଣ୍ଡେରାଓଙ୍କ ବାଇଶି ବର୍ଷିଆ ବିଧବା ପତ୍ନୀ ଯମୁନା ବାଈଙ୍କ ପାଇଁ ପୋଷ୍ୟପୁତ୍ର ଖୋଜିବାରେ ଲାଗିଲେ । ଆଶ୍ଚର୍ଯ୍ୟ ଲାଗୁନି କି ? ଠିକ୍ ଏଇ ପାଖାପାଖି ସମୟରେ ୧୮୫୩ ମସିହାରେ ଗଙ୍ଗାଧର ରାଓଙ୍କ ମୃତ୍ୟୁ ପରେ ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈ ଯେବେ ଦାମୋଦର ରାଓଙ୍କୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କଲେ, ସେ ସମୟରେ ଇଂରେଜମାନେ ତାଙ୍କର ବିରୋଧ କରିଥିଲେ । କିନ୍ତୁ ଏହାର ପାଖାପାଖି କୋଡ଼ିଏ ବର୍ଷ ପରେ ଇଂରେଜ ଉଚ୍ଚ ପଦାଧିକାରୀ ଏଫ.ଏଚ୍.ଆଲବର୍ଟ ନାସିକର ଗୋଟେ ଅଖ୍ୟାତ ଗାଁ କଭଲନାରୁ ଗାଇକୱାର୍ଡ଼ ବଂଶର ଗୋଟେ ଗରିବ ପରିବାରରୁ ତିନୋଟି ଅଶିକ୍ଷିତ ପିଲାଙ୍କୁ ଧରି ବରୋଦାରେ ପହଞ୍ଚିଲେ । ରାଜ ଦରବାରରେ ସେ ତିନି ପିଲାଙ୍କୁ ସମସ୍ତ ରାଜ ପାରିଷଦଙ୍କ ସାମ୍ନାରେ ଆସିବାର ଅଭିପ୍ରାୟଙ୍କ ପଚରାଗଲା । ବାରବର୍ଷୀୟ ଗାଉଁଲି ନିରକ୍ଷର ଗୋପାଳ ରାଓ ନିର୍ଭୀକ ଭାବରେ ଉତ୍ତର ଦେଇଥିଲେ, "ମୁଁ ତ ରାଜା ହେବାକୁ ଆସିଛି ।" ଏହି ପିଲାଟି ଇଂରେଜ ଶିକ୍ଷକ ଏଫ.ଏ.ଏଚ. ଇଲିୟଟଙ୍କ ଠାରୁ ପାଶ୍ଚାତ୍ତ ଶିକ୍ଷା (ଇଂରେଜମାନଙ୍କ ପରି ପ୍ରୋଗ୍ରେସିଭ ହେବା ପାଇଁ ଆଧୁନିକ ଶିକ୍ଷା) ଏବଂ ଦେୱାନ ରାଜା ମାଧବ ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତୀୟ ଧର୍ମ, ସଂସ୍କୃତି, ରାଜକୀୟ ଶିକ୍ଷା ପାଇ ମହାରାଜା ସୟାଜୀ ରାଓ ତୃତୀୟ ଭାବରେ ବରୋଦା ସିଂହାସନ ଅଳଙ୍କୃତ କଲେ । ଯଦିଓ ଗାଇକୱାର୍ଡ଼ ବଂଶରେ ଅନେକ ରାଜା ଆସିଛନ୍ତି ଓ ଯାଇଛନ୍ତି ତେବେ ସୟାଜୀ ରାଓ ଗାଇକୱାର୍ଡ଼ ତୃତୀୟଙ୍କର ଅଦମ୍ୟ ନିଷ୍ଠା ଓ ପ୍ରୋତ୍ସାହନ ବରୋଦାର ସର୍ବାଙ୍ଗୀନ ଉନ୍ନତି କରିପାରିଛି । ତାହା ହିଁ ତାଙ୍କୁ ସ୍ୱତନ୍ତ୍ର କରି ଦେଖେଇ ପାରିଛି ଭାରତର ଅନ୍ୟ ରାଜମାନଙ୍କ ଠାରୁ ।

ସୟାଜୀ ରାଓ ଓ ବରୋଦା, ବରୋଦା ଓ ସୟାଜୀ ରାଓ ଓତଃପ୍ରୋତ ଭାବରେ ଜଡ଼ିତ । ସ୍ୱାଧୀନ ଭାରତରେ ଉନ୍ନତି ଲାଗି ଯାହାସବୁ ଉନ୍ନୟନ ମୂଳକ କାମ ପାଇଁ ଆଇନ ପ୍ରଣୟନ ସମୟକ୍ରମେ ହେଇଛି ବା ହେଉଛି ଏବଂ ୭୫ବର୍ଷ ପରେ ମଧ୍ୟ ଆମେ ଏହାର ସଫଳ ରୂପାୟନ ଦେଖି ପାରୁନାହୁଁ ତାହା ପରାଧୀନ ଭାରତରେ ବରୋଦା ପାଇଁ ସୟାଜୀ ରାଓ କରି ସାରିଛନ୍ତି । ବଞ୍ଚିବା ପାଇଁ ସମସ୍ତ ସୁଖ ସୁବିଧାରେ ପରିପୂର୍ଣ୍ଣ ଏ ସହର ।

ରାଜମହଲ ରୋଡ଼ରେ ଯିବା ଆସିବା ସମୟରେ ଆଖି ଫେରେଇ ହୁଏନି କାରୁକାର୍ଯ୍ୟ ପୂର୍ଣ୍ଣ ଲକ୍ଷ୍ମୀବିଳାସ ପେଲେସ୍ ଉପରୁ । ଯେତିକି ମନମୁଗ୍ଧକର, ସେତିକି ଆକର୍ଷଣୀୟ । ଆଗ୍ରାର ତାଜମହଲ ସାରା ବିଶ୍ୱରେ ପ୍ରସିଦ୍ଧ ଶିଳ୍ପ, ଭାସ୍କର୍ଯ୍ୟ ଏବଂ ସୌନ୍ଦର୍ଯ୍ୟ ପାଇଁ । ତା ଠାରୁ ଆହୁରି ପ୍ରସିଦ୍ଧ ସାହାଜାନ ମମତାଜଙ୍କର ଅମର ପ୍ରେମ କାହାଣୀକୁ ନେଇ । ମମତାଜଙ୍କର ମୃତ୍ୟୁ ପରେ ସେ ଗଢ଼ିଥିଲେ ଏ ମକ୍ବାରା । କିନ୍ତୁ ଏଠି ଲକ୍ଷ୍ମୀ ବିଳାସ ପେଲେସ୍‌କୁ ନିର୍ମାଣ କରିଥିଲେ ମହାରାଜା ସୟାଜୀ ରାଓ ତାଙ୍କର ପ୍ରଥମ ପତ୍ନୀ ମହାରାଣୀ ଲକ୍ଷ୍ମୀବାଈଙ୍କ ରହିବା ପାଇଁ । କେବଳ ଦୁଇ ଜଣଙ୍କର ରହିବା ପାଇଁ ୧୭୦ ବଖରା ! କିନ୍ତୁ ଯାହା ପାଇଁ ନିର୍ମାଣ ହେଲା ଏ ବିଶାଳ ମହଲ ସେ କେଉଁ ଭୋଗି ପାରିଲେ ଭଲା ! ମହଲ ସମ୍ପୂର୍ଣ୍ଣ ହେବା ପୂର୍ବରୁ ସେ ଏ ସଂସାରରୁ ବିଦାୟ ନେଲେ । ବିଧିର ବିଡ଼ମ୍ବନା ବୋଧେ ଏମିତି । ତାଙ୍କର ନାମରେ ନାମିତ ହେଲା ଏ ମହଲ । ଆଉ ଦ୍ୱିତୀୟ ପତ୍ନୀ ହେଣ ଯେ ଆସିଲେ ତାଙ୍କର ନାମ ବି ଥିଲା ଲକ୍ଷ୍ମୀ । ସେ ରାଜାଙ୍କ ସହ ନିଜର ସଫଳ ଦାମ୍ପତ୍ୟ ଜୀବନକୁ ଉପଭୋଗ କଲେ ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଧରି । ଏହି ପେଲେସ୍ ଆଜି ଭାରତର ସବୁଠାରୁ ବଡ଼ ବ୍ୟକ୍ତିଗତ ବାସଗୃହମାନଙ୍କ ଭିତରେ ଅନ୍ୟତମ ।

ଅପରୂପ ସୌନ୍ଦର୍ଯ୍ୟରେ ବିଭୂଷିତ କାରୁକାର୍ଯ୍ୟ ପୂର୍ଣ୍ଣ ମହଲର ଶୋଭାକୁ ଦେଖି ତା ପ୍ରେମରେ ପଡ଼ିବା ଥୟ । କିନ୍ତୁ ମହଲ ଅଧାଗଢ଼ା ଅବସ୍ଥାରେ ଏହାର ମୁଖ୍ୟ ଶିଳ୍ପକାର ବ୍ରିଟିଶ ଆର୍କିଟେକ୍‌ଚର୍ ଚାର୍ଲସ ମଣ୍ଟୋଙ୍କୁ ଲାଗିଲା ତାଙ୍କ ଡିଜାଇନ୍‌ରେ କିଛି ଭୁଲ ଅଛି । ମହଲ ବେଶିଦିନ ରହିବନି । ଭୁଷୁଡ଼ି ପଡ଼ିବ । ସେ ଏକଥା ଭାବି ଏତେ ବିଷାଦଗ୍ରସ୍ତ ହେଲେ ଯେ ଶେଷରେ ଆତ୍ମହତ୍ୟା କରିଦେଲେ । ଆଉ ଏକ ଧର୍ମପଦର ବଳିଦାନର କାହାଣୀ ଶୁଣିଲି ମୁଁ ! ଦୁଃଖଦ । ମହଲର ନିର୍ମାଣ ୧୮୯୦ ମସିହାରେ ଶେଷ ହେଇ ବର୍ତ୍ତମାନ ପ୍ରାୟ ଦେଢ଼ଶହ ବର୍ଷ ହେଲା ନିଖୁଣ ରୂପରେ ଦଣ୍ଡାୟମାନ । ଚାର୍ଲସ ମଣ୍ଟୋଙ୍କ ପରେ ଆଉଜଣେ ବ୍ରିଟିଶ ଆର୍କିଟେକ୍‌ଚର୍ ରବର୍ଟ ଚିସ୍‌ହୋଲମ୍ ଯିଏକି ମାଡ୍ରାସର ସନେଟ୍ ହାଉସ ବନେଇଥିଲେ, ସେ ଏ ମହଲର କାମ ହାତକୁ ନେଲେ ଏବଂ ସମ୍ପୂର୍ଣ୍ଣ କଲେ । ମହଲଟି ସମ୍ପୂର୍ଣ୍ଣ ରୂପରେ ହିନ୍ଦୁ ମୋଗଲ ଶିଳ୍ପକଳାକୁ ନେଇ ନିର୍ମିତ । ଯାହା ସେ ସମୟରେ ବ୍ରିଟିଶମାନଙ୍କର ପସନ୍ଦର ଶୈଳୀ ଥିଲା ଭାରତ ପାଇଁ । ବମ୍ବେର

ଛତ୍ରପତି ଶିବାଜୀ ଟର୍ମିନସ, ମାଡ୍ରାସ ହାଇକୋର୍ଟ, ଭିକ୍ଟୋରିଆ ମେମୋରିଆଲ ଆଦି ଏହି ଶୈଳୀରେ ନିର୍ମିତ । ଯାହାର କଳା ଚାତୁରୀ ଦେଖିଲେ ଆଖି ଫେରେଇ ହେବନି ।

ମହଲ ମୋ ଘର ଠାରୁ ଜମା ତିନି କିଲୋମିଟର ଦୂରରେ ଏବଂ ମୋ ଯିବା ଆସିବା ରାସ୍ତାରେ ଅବସ୍ଥିତ । ଯଦିଓ ମୁଁ ଅନେକଥର ଯାଇଛି ତା ଭିତରକୁ । **'ରେବତୀ'** ପାଇଁ ଲେଖିବାକୁ ଆଉଥରେ ଯିବାର ଆଗ୍ରହକୁ ଏଡ଼େଇ ପାରିଲିନି । ଦୁଇ ନମ୍ବର ଗେଟ୍‌ରେ ନିଜର ନାମ ଓ ମୋବାଇଲ ନମ୍ବର ଲେଖି ଭିତରକୁ ପଶିଲି । ସାଙ୍ଗରେ ଥିଲେ ମୋର ସହକାରୀ ଜ୍ୟୋସ୍ନାବେନ୍ । ଟିକେଟ କାଉଣ୍ଟରରୁ ଟିକେଟ୍ କାଟିଲି ଜଣକା ଅଢ଼େଇଶ ଟଙ୍କା ହିସାବରେ । ପାଖରେ ଥିବା ଫତେସିଂ ମ୍ୟୁଜିୟମ ପାଇଁ ଆଉ ଦେଢ଼ଶହ । ଏକା ସାଙ୍ଗରେ ସବୁ ଦେଖି ହେବନି ଭାବି କେବଳ ମହଲର ଟିକେ କିଣି ଭିତରେ ପଶିଲୁ । ଅଫିସ୍‌ରୁ ଆମକୁ ମିଳିଲା ଇୟର୍ ପୋଡ୍ । ଗାଇଡ୍‌ର ଆବଶ୍ୟକତା ନାହିଁ । ପେନ୍ ଡ୍ରାଇଭ୍ ପରି ଛୋଟ ଇନଷ୍ଟ୍ରୁମେଣ୍ଟ୍‌ରେ ଇୟର ଫୋନ୍ ଲାଗିଛି । ସେଥିରେ ଷ୍ଟୋର ହେଇ ରହିଛି ମହଲର ଇତିହାସ । ଇୟର୍ ଫୋନ୍‌କୁ କାନରେ ଲଗାଇ ତାକୁ ସ୍ୱିଚ୍‌ଅନ୍ କଲେ ସେ ବନିଯିବ ଆପଣଙ୍କର ଗାଇଡ୍ । ଆପଣଙ୍କୁ ରାସ୍ତା କଢ଼େଇବ । ମହଲର ଗୋଟିଏ ଗୋଟିଏ କରି ସବୁ ଜିନିଷକୁ ଚିହ୍ନେଇ ଦେଇ ତା ସମ୍ପର୍କରେ କହିବ । ସେ ପୁଣି ହିନ୍ଦୀ, ଇଂଲିଶ, ଗୁଜରାଟୀ, ମରାଠୀ, ଫରାସୀ ଏମିତି ପାଂଚଟି ଭାଷାରେ । ଆପଣଙ୍କୁ ଯେଉଁ ଭାଷାରେ ଦରକାର ସେ ଭାଷାର ପୋଡ୍ ବାଛି ନେବେ ଆପଣ । କି ସୁନ୍ଦର ବ୍ୟବସ୍ଥା ନା ! ବଢ଼ିଆ । ଏମିତି ଅତ୍ୟାଧୁନିକ ବ୍ୟବସ୍ଥା ବୋଧହୁଏ ଆଉ କୌଣସି ପେଲେସ୍‌ରେ ନାହିଁ । ହଁ ଏ ତ ଅତ୍ୟାଧୁନିକ ପେଲେସ୍ ଥିଲା ସେ ସମୟରେ ମଧ୍ୟ । ଯେଉଁ ସମୟରେ ଅନ୍ୟ ପେଲେସ୍‌ମାନଙ୍କରେ ଦୀପ ଜାଳି ଆଲୋକିତ କରାଯାଉଥିଲା ସେ ସମୟରେ ଏଠି ଇଲେକ୍ଟ୍ରିକ୍ ବେଲ୍ ଥିଲା । ଟେଲିଫୋନ୍‌ର ବ୍ୟବସ୍ଥା ଥିଲା । ତନି ମହଲା ବିଶିଷ୍ଟ ପେଲେସ୍‌କୁ ଯିବା ଆସିବା ପାଇଁ ଲିଫ୍ଟ ଥିଲା । ସମସ୍ତ ଅତ୍ୟାଧୁନିକ ସରଞ୍ଜାମରେ ସୁସଜ୍ଜିତ ଥିଲା । ବ୍ରିଟିଶ ପ୍ରିନ୍ସ ଓ କୁଇନ୍‌ଙ୍କ ବାସଗୃହ ବକିଙ୍ଗହାମ୍ ପେଲେସ୍‌ଠୁ ଏହା ଚାରିଗୁଣା ବଡ଼ ଆଉ ବେଶୀ ସୁନ୍ଦର ଥିଲା ସେ ସମୟରେ । ସେ ସମୟରେ ଯେଉଁ ବ୍ରିଟିଶ ଆମକୁ ଶାସନ କରୁଥିଲେ ତାଙ୍କ ରାଣୀଙ୍କ ବାସଗୃହ ବକିଙ୍ଗ୍‌ହାମ ପେଲେସ୍‌ରେ ଲିଫ୍ଟ ନଥିବା ସମୟରେ ଭାରତର ଜଣେ ରାଜା ନିଜ ବାସଗୃହରେ ଲିଫ୍ଟ ଲଗେଇବା, ତାଙ୍କ ଠାରୁ ଚାରିଗୁଣ ବଡ଼ ବ୍ୟକ୍ତିଗତ ନିବାସରେ ରହିବା କଣ କମ୍ କଥା ହେଇଛି କି ? ଲଣ୍ଡନର ପ୍ରସିଦ୍ଧ କୀଓ୍ୱ (ବଟାନିକାଲ୍ ଗାର୍ଡ଼େନର ଡିଜାଇନର୍ ସାର୍ ୱିଲିୟମ୍ ଗୋଲ୍ଡ ରିଙ୍ଗ୍‌ଙ୍କୁ ଡାକି ପେଲେସ୍ ଚାରିପଟେ ଅନେକ ସୁନ୍ଦର ସୁନ୍ଦର ଗାର୍ଡ଼େନ ତିଆରି କରିଥିଲେ । ତନ୍ମଧ୍ୟରୁ ୧୦୦ ଏକର ବିଶିଷ୍ଟ ପଶ୍ଚିମ ଭାରତର ସବୁଠୁ ବଡ଼ ବରୋଦାର ସୟାଜୀ ଗାର୍ଡ଼େନ ଅନ୍ୟତମ । ଯାହାର ମାଟି ଉପରେ ଜୀବନ୍ତ ଫୁଲରେ ସୁସଜ୍ଜିତ ଘଣ୍ଟା ପୃଥିବୀର ସବୁଠାରୁ ବଡ଼ ଘଣ୍ଟା । ଯାହା ଆଜି ବି ନିର୍ଭୁଲ ସମୟ ଦିଏ ।

ଇୟର୍ ପୋଡ୍ ଲଗେଇଲା ପରେ ଗୋଟେ ଘଣ୍ଟା ପାଇଁ ସେ ବନିଗଲା





ମୋର ସାଥି ଏବଂ ଗାଇଡ୍ । ପ୍ରଥମ ନିର୍ଦ୍ଦେଶ ଅନୁସାରେ ଆମେ ପହଞ୍ଚିଲୁ ମହଲର ବାହାରେ ଥିବା ଦୁଇଟି ମୟୂର ବସିଥିବା ମାର୍ବଲର ଗୋଟେ ସ୍ତମ୍ଭ ପାଖରେ । ସାମ୍ନାରେ ସବୁଜ ଘାସ ଗାଲିଚାର ଗଲ୍ଫକୋର୍ଟ । ଯାହା ମହାରାଜା ପ୍ରତାପ ସିଂ ରାଓ ନିଜର ୟୁରୋପୀୟ ବନ୍ଧୁମାନଙ୍କ ପାଇଁ ତିଆରି କରିଥିଲେ । ଆଉ ତାଙ୍କ ନାତି ଏବର ରାଜା ସମରଜିତ ସିଂ ଗାଇକୱାର୍ଡ଼ ପବ୍ଲିକ ପାଇଁ ଖୋଲି ଦେଇଛନ୍ତି ଏ ଗଲ୍ଫକୋର୍ଟ । ଅବଶ୍ୟ ମେମ୍ବର ହେଇ ଦେୟ ପୈଠ କରି ଖେଳିବାକୁ ପଡ଼ିବ । ସାମ୍ନାରେ ସୁନ୍ଦର ସୁନ୍ଦର ମାର୍ବଲର ମୂର୍ତ୍ତି ସହ ଖୁବ୍ ବଡ଼ ଗୋଟେ ଚଉତରା । ଯେଉଁଠି ସେ ସମୟରେ ରାଜ ଦରବାର ବସୁଥିଲା ଆଉ ଏବେ ଯିଏ ଚାହିଁବ ପଇସା ଦେଇ ବାହାଘର, ଜନ୍ମଦିନ ଆଦି ଫଙ୍କ୍‌ସନ୍ କରିପାରିବ । ସେଠି ଦେଖି ସାରିଲା ବେଳକୁ ଆମ ଇଲୋକ୍ଟ୍ରୋନିକ୍ସ ଗାଇଡ ନିର୍ଦ୍ଦେଶ ଦେଲା ପଛକୁ ମୋଡ଼ିବାକୁ ମାନେ ମହଲ ଆଡ଼କୁ ମୁହଁ କରିବାକୁ । ମହଲର ଠିକ୍ ସାମ୍ନାରେ ଗୋଟେ ସବୁଜ ମାର୍ବଲରେ ଖୋଦେଇ ନାରୀଟି ମୁଣ୍ଡରେ ଛୋଟ ଶିଶୁଟିକୁ ଟୋକେଇରେ ଧରିଛି ।

ଭିତରକୁ ପ୍ରବେଶ କରିବା ପୂର୍ବରୁ ଘଡ଼ିଏ ଚାହିଁଲି ମହଲକୁ । ଗୋଟେ ଭାଗରେ ରାଜାଙ୍କ ବ୍ୟକ୍ତିଗତ ବାସଗୃହ, ଅନ୍ୟ ଭାଗରେ ରାଣୀ ଅନ୍ତଃପୁର । ସେ ସମୟରେ କେବଳ ରାଜାଙ୍କୁ ଛାଡ଼ି କୌଣସି ପୁରୁଷଙ୍କର ପ୍ରବେଶ ନିଷେଧ ଥିଲା ଏଠି । ରାଜାଙ୍କ ଅନୁମତି କ୍ରମେ ମଝି ଭାଗରେ ସଭା ସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା । ଏବେ ବି ରାଜମାତା, ରାଜା, ରାଣୀ ଆଉ ତାଙ୍କର ଦୁଇ କୁନି ଝିଅ ରହୁଛନ୍ତି ।

ଟିକେଟ୍ ଗାର୍ଡ଼କୁ ଦେଖାଇ ଭିତରକୁ ପଶିଲି । ଚତ୍ତାକର୍ଷକ ସାଜସଜ୍ଜା । ତଳେ ଇଟାଲିୟନ ଭିନେଟିଆନ ମାର୍ବଲର ଫୁଲକରା ଫ୍ଲୋରିଙ୍ଗ୍ । ଉପରେ ଶିଶୁକାଠର ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ଉପର ମହଲାର ବାଡ଼ । ଛାତରୁ ଝୁଲୁଛି ବଡ଼ବଡ଼ ଚାନ୍ଦେଲିୟମ୍ । ରାସ୍ତାର ମଝିରେ ଆଉ ଦୁଇପଟେ ପ୍ରସିଦ୍ଧ ଶିଳ୍ପକାର ଫେଲିଚିଙ୍କ ଦ୍ୱାରା ବ୍ରୋଞ୍ଜ୍ ଆଉ ମାର୍ବଲର ଅନେକ ମୂର୍ତ୍ତି । ଖମ୍ବମାନଙ୍କରେ ନିଖୁଣ କାରିଗରୀ । ତାପରେ ଚାରିଟି ଶିଡ଼ି ଚଢ଼ିଲେ ସାମ୍ନାରେ ଖୁବ୍ ଚୌଡ଼ା ମାର୍ବଲର ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ଶିଡ଼ି । କିନ୍ତୁ ତାହା ଆମ ଭଳି ସାଧାରଣ ଜନତାଙ୍କ ଯିବା ପାଇଁ ମନା । ସେଇ ଶିଡ଼ି ଘର କାନ୍ଥରେ ଅନେକ ମାର୍ବଲ ମୂର୍ତ୍ତି ସହ ଗୋଟେ ବଡ଼ ମୟୂର ପେଣ୍ଟିଙ୍ଗ୍ ଯେଉଁଥିରେ ବ୍ୟବହାର ହେଇଛି ସୁନା । ବେଲ୍‌ଜିଅମ୍‌ରୁ ମଗା ଯାଇଥିବା ରଙ୍ଗ ବେରଙ୍ଗ ଷ୍ଟେଣ୍ଡ୍ ଗ୍ଲାସ୍‌ରେ ସାମ୍ନା ଝିଡ଼ିକି ସବୁ ଚିତ୍ରିତ । କୁହାଯାଏ ପୃଥିବୀର ସବୁଠାରୁ ବେଶୀ ଷ୍ଟେଣ୍ଡ୍ ଗ୍ଲାସ୍ ଏହି ପେଲେସ୍‌ରେ ବ୍ୟବହାର ହେଇଛି । ଗୋଟେ ବାଘର ମୃତ ଶରୀରକୁ କେମିକାଲ ଦ୍ୱାରା ସଂରକ୍ଷିତ କରି ରଖାଯିବା ସହ ବିଭିନ୍ନ ରାଜକୀୟ ଜିନିଷରେ ସୁସଜ୍ଜିତ ଶିଡ଼ି ତଳ ।

ତାପରେ ବୈଠକ ବା ଡ୍ରଇଂ ରୁମ୍ । ରାଜକୀୟ ସୋଫା, ଡାଇନିଂ ଟେବୁଲ ଆଦି ସହ ବିଖ୍ୟାତ ଚିତ୍ରକର ରାଜା ରବି ବର୍ମାଙ୍କ ଦ୍ୱାରା ସୟାଜୀ ରାଓ ତୃତୀୟଙ୍କର ଦୁଇଟି ଫୁଲ୍ ସାଇଜ୍ ପେଣ୍ଟିଙ୍ଗ୍ । ରାଜା ରବି ବର୍ମାଙ୍କୁ ପ୍ରସିଦ୍ଧ କରାଇବାରେ ସୟାଜୀ ରାଓ ତୃତୀୟଙ୍କର ବହୁତ ବଡ଼ ଭୂମିକା ରହିଛି ବାଲି ନିଜେ ରାଜା ରବି ବର୍ମା କହି ଯାଇଛନ୍ତି । ସେ ତାଙ୍କୁ କେରଳରୁ ଆଣି ପୃଷ୍ଟପୋଷକତା ଦେଇ



ତାଙ୍କ କଳାକୁ ଦେଶବିଦେଶରେ ପହଞ୍ଚେଇଥିଲେ । ରାଜା ରବି ବର୍ମା ୟୁରୋପିଆନ ଶୈଳୀରେ ଭାରତୀୟ ହିନ୍ଦୁ ପରମ୍ପରାକୁ ଚିତ୍ରିରେ ନିଖୁଣ ରୂପରେ ଉତାରି ପାରୁଥିବା ପ୍ରସିଦ୍ଧ ଶିଳ୍ପୀ । ଏତେ ବର୍ଷ ପରେ ମଧ୍ୟ ତାଙ୍କର ପେଣ୍ଟିଙ୍ଗ ସବୁ ଟିକେ ବି ଖରାପ ହେଇନି । ସେମିତି ନିଖୁଣ ଅବସ୍ଥାରେ ମହଲ ଏବଂ ମ୍ୟୁଜିୟମ୍‌ର ଶୋଭାବର୍ଦ୍ଧନ କରୁଛି । କେବଳ ମହଲ ନୁହେଁ ବରୋଦା ମ୍ୟୁଜିୟମ, ଫତେସିଂ ମ୍ୟୁଜିୟମ ପୃଥିବୀର ସବୁ ଦେଶର ପ୍ରସିଦ୍ଧ ଚିତ୍ରକରଙ୍କର ଶହଶହ ପେଣ୍ଟିଙ୍ଗ୍, ଶିଳ୍ପ କଳାରେ ସମୃଦ୍ଧ ।

ତାପରେ ଆମ ଗାଇଡ୍ ଆମକୁ ନିର୍ଦ୍ଦେଶ ଦେଲା ଅସ୍ତ୍ରାଗାରକୁ ଯିବା ପାଇଁ । ଅସ୍ତ୍ରାଗାରରେ ଅନେକ ଅସ୍ତ୍ରଶସ୍ତ୍ର । ନମ୍ବରିଙ୍ଗ୍ ହେଇ ସୋକେଶ୍‌ରେ ଅଛି ଏବଂ ଆମ ଗାଇଡ୍ ଖୁବ୍ ପ୍ରାଞ୍ଜଳ ଭାବରେ ମୁଖ୍ୟ ମୁଖ୍ୟ ଅସ୍ତ୍ରଶସ୍ତ୍ରଙ୍କ ସମ୍ପର୍କରେ ବୁଝେଇ ଦେଉଥିଲା । ତନ୍ମଧ୍ୟରେ ଅଛି ନାଗୀନ ତଲ୍‌ବାର । ଯାହା ଦେଖିବାକୁ ସାପ ଆକୃତିର । ତାକୁ ସାପ ବିଷରେ ବୁଡ଼ାଇ ରଖାଯାଏ ଶତ୍ରୁ ପାଇଁ । ଆଉ ଗୋଟେ ତଲ୍‌ୱାର୍ ଦେହରେ ଜଡ଼ିତ ହେଇଛି ଅନେକ ଖୁବ ଛୋଟ ଛୋଟ ହୀରା । ଗୋଟେ ଢାଲରେ ଖୁବ ବଡ଼ବଡ଼ ଏମ୍ରାଲଡ୍ ଲାଗିଛି । ରାଜାଙ୍କର ରାଶି ଅନୁସାରେ ଖଣ୍ଡା, ଢାଲ ଆଦିରେ ମୂଲ୍ୟବାନ ରତ୍ନ ସବୁ ଲାଗୁଥିଲା । ଔରଙ୍ଗଜେବଙ୍କର ପ୍ରସିଦ୍ଧ ଖଣ୍ଡା ମଧ୍ୟ ଏଇଠି ଅଛି । ହାତୀମାନଙ୍କୁ ନିୟନ୍ତ୍ରଣରେ ଆଣିବା ପାଇଁ ଗୋଲେଇ ବଳା ରଖା ଯାଇଛି ଯାହାର ଭିତର ଆଡ଼ ଅଙ୍କୁଶରେ ଭର୍ତ୍ତି । ମ୍ୟୁଜିୟମ୍‌ରେ ମଧ୍ୟ ଅନେକ ଅସ୍ତ୍ରଶସ୍ତ୍ର ଅଛି । ତେବେ ବରୋଦା ରାଜାମାନେ ଶାନ୍ତିପ୍ରିୟ ଥିଲେ । ଗୋଟେ ଦି'ଟି କଥାରୁ ଗାୟକୱାର୍ଡ଼ ରାଜବଂଶର ସବୁଠାରୁ ସଫଳ ରାଜା ସାୟାଜୀ ରାଓ ତୃତୀୟଙ୍କର ବୁଦ୍ଧିମତ୍ତାକୁ ବୁଝି ହେବ । ଆଗକୁ ସୟାଜୀ ରାଓ କହିଲେ ସାୟାଜୀ ରାଓ ତୃତୀୟ ହିଁ ବୁଝିବା ।

ଇଂରେଜମାନେ ନିରକ୍ଷର ସାୟାଜି ରାଓଙ୍କୁ ତାଲିମ ଦେଇ ନିଜ ଭଳି କରିବାକୁ ଚାହୁଁଥିଲେ । ତଦ୍ୱରା ସେମାନେ ବରୋଦାକୁ ନିଜ ଅକ୍ତିଆରରେ ରଖିପାରିବେ । କିନ୍ତୁ ସୟାଜୀ ରାଓ ଥିଲେ ଜଣେ ସଫଳ କୂଟନୀତିଜ୍ଞ । ସେ ଅନ୍ୟ ରାଜାମାନଙ୍କ ପରି ଇଂରେଜମାନଙ୍କ ପାଖରେ ମୁଣ୍ଡ ନୁଆଁଇ ବା ଯୁଦ୍ଧ କରି ନିଜର ଧନ, ଜନର କ୍ଷତି ଚାହୁଁନଥିଲେ । ତାଙ୍କ ପାଇଁ ପ୍ରଜାଙ୍କ ହିତ ଥିଲା ସର୍ବୋପରି । ସେ ଅଯଥା ବିବାଦର ବୁଢ଼ିଆଣି ଜାଲ ଭିତରେ ଛନ୍ଦି ନହୋଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ମନନିବେଶ କରିଥିଲେ । ସେ ମରାଠୀ ଶାସକ ହେଲେ ମଧ୍ୟ ଆଜି ବି ତାଙ୍କ ପାଇଁ ଗୁଜରାଟୀ ପ୍ରଜା ସମ୍ମାନରେ ମଥାନତ କରନ୍ତି । ସେ ଗୋଟେ ସମାନ୍ତରାଳ ସରଳ ରେଖାରେ ଚାଲୁଥିଲେ । ଇଂରେଜଙ୍କ ସହ ସୁସମ୍ପର୍କ ରଖିବା ସହିତ ପରୋକ୍ଷରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସାହାଯ୍ୟ କରୁଥିଲେ ।

ଲବଣ ସତ୍ୟାଗ୍ରହ ଦାଣ୍ଡି ମାର୍ଚ୍ଚ ସାବରମତୀରୁ ବାହାରି ବରୋଦା ହୋଇ ଦାଣ୍ଡି ଆଡ଼କୁ ଯିବା ସମୟରେ ମହାତ୍ମାଗାନ୍ଧୀ ଏବଂ ତାଙ୍କ ସହଯୋଗୀଙ୍କୁ ବନ୍ଦୀ ବନାଇବା ପାଇଁ ଇଂରେଜ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ଗାନ୍ଧୀଙ୍କୁ ଗୋଟେ ଚିଠି ଲେଖି ଜଣେଇଲେ ଯେ ବରୋଦା ଦେଇ ଆପଣ ଯିବା ସମୟରେ କୌଣସି ସ୍ଲୋଗାନ ବା ସଭାସମିତି କରିବେନି । ଏବଂ ଆଉ ଗୋଟେ ଛୋଟ କାଗଜ ଟୁକୁଡ଼ାରେ ଲେଖି ଦେଲେ କି ବରୋଦାରେ ଆପଣଙ୍କର ସୁରକ୍ଷା ଦାୟିତ୍ୱ ଆମର । ସାର ମାଣିକ ରାଓଙ୍କ ନେତୃତ୍ୱରେ ଚାଳିଶ ଜଣ ସୁରକ୍ଷାକର୍ମୀଙ୍କ ହାତରେ ରୁଲବାଡ଼ି ଦେଇ ସତ୍ୟାଗ୍ରାହୀମାନଙ୍କ ଯିବା ରାସ୍ତାରେ ନିଯୁକ୍ତ କଲେ । ତଦ୍ୱାରା ଲବଣ ସତ୍ୟାଗ୍ରହୀ ଅନୁଶାସନ ଭାଙ୍ଗିବେନି ଏବଂ ଇଂରେଜଙ୍କୁ ଲାଗିବ ଯେ ସେମାନଙ୍କୁ ଗିରଫଦାର କରିବାକୁ ସେ ସୈନ୍ୟମାନଙ୍କୁ ପଠାଇଛନ୍ତି । ଯେବେ ଗାନ୍ଧୀ ସମସ୍ତ ସତ୍ୟାଗ୍ରହୀମାନଙ୍କ ସହ ବରୋଦା ପାର୍ ହେଇଗଲେ ଇଂରେଜ ତାଙ୍କୁ ଗିରଫଦାର ନକରିବାର କାରଣ ପଚାରିଲେ । ସୟାଜୀରାଓଙ୍କର ଉତ୍ତର ଥିଲା, "ସେମାନେ ଚୁପଚାପ ରାସ୍ତାରେ ଚାଲିଗଲେ । କିଛି କଲେନି । କେଉଁ କାରଣ ଦର୍ଶାଇ ସେମାନଙ୍କୁ ଗିରଫଦାର କରିଥାନ୍ତି ?"

ଅନେକ ସ୍ୱାଧୀନତା ସଂଗ୍ରାମୀ ଆସି ମାସ ମାସ ଧରି ବରୋଦାରେ ଆତ୍ମଗୋପନ କରୁଥିଲେ । ତନ୍ମଧ୍ୟରୁ ଭଗତ ସିଂ ଓ ତାଙ୍କ ସାଥି ଅନ୍ୟତମ ଥିଲେ । ସେମାନେ ମାସେ କାଳ ଏବେକାର ଅରବିନ୍ଦ ଆଶ୍ରମ ଗୃହରେ ଆତ୍ମଗୋପନ କରିଥିଲେ । ଯେବେ ଇଂରେଜ ସର୍ଚ୍ଚ ୱାରେଣ୍ଟ୍ ନେଇ ସୟାଜୀ ରାଓଙ୍କର ପରମିସନ ନେଇ ଭିତରକୁ ଆସିଲେ ତା ପୂର୍ବରୁ ସୟାଜୀ ରାଓ ତାଙ୍କୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ କରି ସାରିଥିଲେ । ଏଠି କହିରଖେ ବରୋଦା ଏକ ପ୍ରିନ୍ସିଲି ଷ୍ଟେଟ୍ ବା ବ୍ୟକ୍ତିଗତ ଦେଶୀୟ ରାଜ୍ୟ ହେଇଥିବାରୁ ରାଜାଙ୍କ ବିନା ଅନୁମତିରେ ଇଂରେଜମାନେ ପ୍ରବେଶ କରି ପାରୁନଥିଲେ । ଆଉ ସେମାନେ ଅନୁମତି ନେଇ ଆସିବା ପୂର୍ବରୁ ରାଜା କ୍ରାନ୍ତିକାରୀମାନଙ୍କୁ ଅନ୍ୟ ସ୍ଥାନକୁ ପଠାଇ ଦେଉଥିଲେ । ସେ ଲଣ୍ଡନରେ ଥିବା ଇଣ୍ଡିଆ ହାଉସର କ୍ରାନ୍ତିକାରୀମାନଙ୍କୁ ଆର୍ଥିକ ସାହାଯ୍ୟ ମଧ ଦେଉଥିଲେ ।

ପଞ୍ଚମ ଜଜ୍ ଯେବେ ପ୍ରଥମଥର ପାଇଁ ଭାରତ ଆସିଲେ, ଭାରତର ସବୁ ରିୟାସତ୍‌ର ରାଜାମାନଙ୍କୁ ଦିଲ୍ଲୀ ଦରବାରରେ ତାଙ୍କ ସ୍ୱାଗତ ପାଇଁ ଡକା ଯାଇଥିଲା । ପ୍ରଥା ଅନୁସାରେ ପଞ୍ଚମ ଜଜ୍‌ଙ୍କୁ ତିନିଥର ମୁଣ୍ଡ ନୁଆଁଇ ପ୍ରଣାମ କରିବା ପରେ ତାଙ୍କୁ ସାମ୍ନା କରି ପଛୁଆ ପଛୁଆ ଫେରିବା କଥା । କିନ୍ତୁ ସୟାଜି ରାଓ କେବଳ ଜଣେ ରାଜା ଥିଲେ ଯିଏ ଥରେ ମୁଣ୍ଡ ନୁଆଁଇ ତାଙ୍କୁ ପିଠି କରି ଫେରିଥିଲେ । ପଚାରିଲାରୁ କହିଥିଲେ, "ମୋତେ ଆଦବ କାଇଦା ଜଣାନଥିଲା । କାର୍ଯ୍ୟବ୍ୟସ୍ତତା ଯୋଗୁଁ ରିହଲସେଲ୍‌ରେ ଯୋଗ ଦେଇ ପାରିନଥିଲି ।" କିନ୍ତୁ

ସେଠି ଉପସ୍ଥିତ ଥିବା ଲୋକ ଦେଖିଛନ୍ତି ଫେରିବା ସମୟରେ ତାଙ୍କ 'ଅଳ୍ପ ହସ ହସ ମୁହଁକୁ' ।

ଥରେ ତାଙ୍କୁ ପୁନେର ଶାସନ ଆଗା ଖାନ ଗୋଟେ ସଭାରେ ପଚାରିଥିଲେ "କେମିତି ଲାଗୁଛି ?" ସେ କହିଥିଲେ, "ଗୋଟେ ଛୋଟ ରିୟାସତର ରାଜା ହେବା ଅପେକ୍ଷା ସ୍ୱାଧୀନ ଭାରତର ଜଣେ ସାଧାରଣ ନାଗରିକ ହେବା ପସନ୍ଦ କରିବି ।" ଏମିତି କୁଟନୀତି କରି ସେ ଇଂରେଜଙ୍କ କୋପରୁ ବଞ୍ଚିବା ସହ ସ୍ୱାଧୀନତା ସଂଗ୍ରାମୀମାଙ୍କୁ ସଂରକ୍ଷଣ ଦେଉଥିଲେ । କିନ୍ତୁ ତା ଠୁ ବେଶୀ ନିଜ ରାଜ୍ୟର ଉନ୍ନୟନ ମୂଳକ କାର୍ଯ୍ୟରେ ମନୋନିବେଶ କରିଥିଲେ ।

ଅସ୍ତ୍ରଶସ୍ତ୍ର ପ୍ରକୋଷ୍ଠରୁ ବାହାରି ଗାଦିଘର ଆଡ଼କୁ ଯିବାକୁ ଆମକୁ ନିର୍ଦ୍ଦେଶ ଦେଲା ଆମ ଗାଇଡ୍ । ହଁ ବାରଣ୍ଡାରେ ଅଟକେଇ ଦେଇ କହିଲା ଦେଖିବକୁ ମିନାର୍‌କୁ । ଅବଶ୍ୟ ଚାରିପଟ ଘର ସହ ଲମ୍ୱା ଲମ୍ୱା ପାମ୍ ଟ୍ରି ଲୁଚେଇ ଦେଉଥିଲା ମୀନାର୍‌କୁ । ଭାବିଲି ପଚାରିବାକୁ ଯେ, କେମିତି ପଚାରିବି ? ରକ୍ତ ମାଂସର ଶରୀର ନୁହେଁ, ସେ ଆମର ଇଲେକ୍ଟ୍ରୋନିକ ଗାଇଡ୍ ନା । ତେବେ ଏ ମିନାର ମୋ ଘର ଛାତ ଉପରୁ ଦିଶେ ଖୁବ୍ ସ୍ପଷ୍ଟ । କେବଳ ମୋ ଛାତ ନାହିଁ ସମଗ୍ର ବରୋଦା ସହରକୁ ଦିଶେ । ସେ ସମୟର ଭାରତର ପ୍ରସିଦ୍ଧ ଶିଳ୍ପ ଶୈଳୀ ମଧ୍ୟରେ ମୁଖ୍ୟ ଥିଲା ଏ ଭଳି ମିନାର୍ । ଖୁବ ଗୋଟେ ବଡ଼ କାରୁକାର୍ଯ୍ୟ ପୂର୍ଣ୍ଣ ସ୍ତମ୍ଭ ଉପରେ ଲଗା ଯାଉଥିଲା ବଡ଼ ଘଣ୍ଟାଟିଏ । ସହରବାସୀଙ୍କୁ ସମୟ ସୂଚେଇ ଦେବାପାଇଁ । ସେ ସମୟରେ ଘଣ୍ଟାଟିଏ କାହା କାନ୍ଥ ବା ହାତରେ ଶୋଭା ପାଇବା ଆଭିଜାତ୍ୟର ସଂକେତ ଥିଲା । ସାଧାରଣ ଲୋକଙ୍କ ପାଇଁ ସାତ ସପନ । ଆଉ ଯେ ଏତିକି ସୁବିଧା ଯୋଗାଇ ଦେଲା ସେ ସମ୍ମାନୀୟ ହେଇ ରହୁଥିଲା ନିରୀହ ପ୍ରଜାଙ୍କ ନିକଟରେ । ନୁହେଁ କି ? ସେମିତି କିଛି ଭାବନା ନେଇ ଲକ୍ଷ୍ମୀ ବିଳାସ ପେଲେସ୍‌ର ମୁଖ୍ୟ ଶିଳ୍ପକାର ଚାର୍ଲସ୍ ମଣ୍ଟୋ ଏ ମିନାର ନିର୍ମାଣ ଆରମ୍ଭ କରିଥିଲେ । କିନ୍ତୁ ତାଙ୍କ ମୃତ୍ୟୁ ପରେ ଶିଳ୍ପକାର ରବର୍ଟ ଚିସହୋଲମ୍‌ଙ୍କୁ ଲାଗିଲା ମିନାର ଉପରେ ଘଣ୍ଟା ଲଗାଇଲେ ଘଣ୍ଟାର ଶବ୍ଦରେ ପ୍ରାସାଦବାସୀଙ୍କ ଶାନ୍ତିରେ ବ୍ୟାଘାତ ହେବ । ତେଣୁ ସେ ତା ଉପରେ ଲାଇଟ୍ ଲଗାଇ ଦେଲେ ଏବଂ ନିୟମ ପ୍ରଣୟନ ହେଲା ରାଜା ମହଲରେ ଥିବା ସମୟରେ ସେ ଲାଇଟ୍ ଜଳିବ ଓ ନଥିବା ସମୟରେ ବନ୍ଦ ରହିବ । ଆଜି ବି ସେ ନିୟମ ପ୍ରଣୟନ । ଏବେ ବି ଲାଇଟ୍ ଦେଖି ବରୋଦାବାସୀ ଜାଣିଯାନ୍ତି ବର୍ତ୍ତମାନର ରାଜା ସମରଜିତ ସିଂ ଗାଇକୱାର୍ଡ଼ ମହଲରେ ଅଛନ୍ତି କି ନାହାଁନ୍ତି । ବଢ଼ିଆ ନା ।

ହଁ, ଆସନ୍ତୁ ଗାଦି ଘରକୁ ଯିବା । ଯିବା ପୂର୍ବରୁ ଚପଲ ବାହାରେ ଖୋଲିବାକୁ ପଡ଼ିବ । ସେଠି କାର୍ଯ୍ୟରତ ଗାର୍ଡ଼ଙ୍କ ଭାଷାରେ, "ଏ ମନ୍ଦିର । ପବିତ୍ର ସ୍ଥାନ ।" ଯଦିଓ ଏଠି ଦେବତା ନାହାଁନ୍ତି । କିନ୍ତୁ ଏଇ ହଲ୍‌ରେ ହୁଏ ରାଜାମାନଙ୍କର ରାଜ୍ୟାଭିଷେକ । ତେଣୁ ତାଙ୍କ ପାଇଁ ତାହା ପବିତ୍ର ମନ୍ଦିର ସଦୃଶ୍ୟ । ଅପେକ୍ଷାକୃତ ବଡ଼ ହଲ୍‌ଟିଏ । ଗୋଟେ ଛତା ତଳେ ସାଧାରଣ ଗାଦିଟିଏ । ଏଇ ଗାଦି ଉପରେ ବସି ରାଜ୍ୟାଭିଷେକ ହେଲା ପରେ କେତେ ବଡ଼ ଦାୟିତ୍ୱ କାନ୍ଧାଏ ମଣିଷଟିଏ । ସାମ୍ନାରେ ରବି ବର୍ମାଙ୍କ କୃତ ଦୁଇଟି ବିରାଟ ବଡ଼ବଡ଼ ଲକ୍ଷ୍ମୀ ସରସ୍ୱତୀଙ୍କର ଚିତ୍ର । ରାଜାଟିଏ ହେଲା ପରେ ପ୍ରଜାହିତ ପାଇଁ ଉଭୟ ଲକ୍ଷ୍ମୀ, ସରସ୍ୱତୀଙ୍କୁ ଧରି ଚାଲିବାର ସଂକେତ ବୋଧେ । ଗାଇକୱାର୍ଡ଼ ରାଜାମାନେ ଖୁବ ବିତ୍ତଶାଳୀ ଥିଲେ । କୋହିନୂର ଠାରୁ ବଡ଼ ହୀରା, ସତ୍‌ଲଡ଼ା ମୋତିର ହାର ୭୫ କେଜି ଲେଖାଁ ଦୁଇଟି ଚାନ୍ଦି ଦୁଇଟି ସୁନାର ତୋପ ସହ ମୋତି, ମାଣିକ୍ୟ ସୁନା, ରୂପା, ହୀରା, ଅଳଙ୍କାରରେ ପେଲେସ୍‌ର ଭଣ୍ଡାର ଭରପୁର ଥିଲା । ଏବେ ମଧ୍ୟ ବରୋଦା ମ୍ୟୁଜିୟମରେ ଚୀନ, ଜାବାନ ଇଜିପ୍ଟ ୟୁରୋପ, ଆମେରିକା ଆଦି ପୃଥିବୀର ପ୍ରାୟ ସମସ୍ତ ଦେଶର ହଜାର ହଜାର ମୂଲ୍ୟବାନ ବସ୍ତୁ ଜନସାଧାରଣଙ୍କ ଦେଖିବା ପାଇଁ ଅଛି । କିଛି ଉପହାର ସ୍ୱରୂପ ତ ଆଉ କିଛି ନିଜ ଇଚ୍ଛାରେ କ୍ରୟ କରିଥିଲେ ଗାଇକୱାର୍ଡ଼ ରାଜାମାନେ । ଇଜିପ୍ଟର ୬୦୦ ବି.ସି.ର ମମି ସହ ୭୧ ଫୁଟ୍‌ର ବ୍ଲୁ ହ୍ୱେଲ୍‌ରେ ସ୍କେଲିଟନ୍, ସୁନା, ଚାନ୍ଦି, ବ୍ରୋଞ୍ଜ୍ ଆଦିରେ ନିର୍ମିତ ବିଭିନ୍ନ ଦେଶର ବାସନ, ହାତୀଦାନ୍ତର ସୂକ୍ଷ୍ମ କାରୁକାର୍ଯ୍ୟ, ପ୍ରାଗ୍ ଐତିହାସିକ ଯୁଗର ବଣମଣିଷଙ୍କ ବ୍ୟବହୃତ ଜିନିଷ, ବିଭିନ୍ନ ଫସିଲ୍, ହଜାରହଜାର ଦୁର୍ମୂଲ୍ୟ ସଂଗ୍ରହ ମଧ୍ୟରୁ କିଛି । ସେ ସମୟରେ ସମଗ୍ର ବିଶ୍ୱରେ ସୁନାର ତୋପ ଥିବା ରାଜା ନାମରେ ପ୍ରସିଦ୍ଧ ଥିଲେ ଗାଇକୱାର୍ଡ଼ ରାଜା । ମହାରାଜା ସୟାଜୀରାଓଙ୍କ ଭାଷାରେ, "ସାହିତ୍ୟ ଇତିହାସ, କଳା, ସ୍ଥାପତ୍ୟରୁ ଗୋଟିଏ ଦେଶର ସଂସ୍କୃତିକୁ ଜାଣିହୁଏ ।" ତେବେ ଲକ୍ଷ୍ମୀଙ୍କ ସହ ସରସ୍ୱତୀଙ୍କର ସହାବସ୍ଥାନକୁ ଖୁବ୍ ସୂଚାରୁରୂପେ ରୂପବନ୍ତ କରିପାରିଥିଲେ ସୟାଜୀରାଓ ଗାଇକୱାର୍ଡ଼ ।

ଉଭୟ ଇଂରେଜ ଓ ଭାରତୀୟ ଗୁରୁଙ୍କ ଠାରୁ ସେ ଶିକ୍ଷା ପାଇ ଏତିକି ବୁଝିଥିଲେ ଯେ ବିଶ୍ୱ ସହ ଯୋଡ଼ି ହେଲେ ହେଁ ରାଜ୍ୟ ବାସୀଙ୍କର ସର୍ବାଙ୍ଗୀନ ଉନ୍ନତି ହେବ । ଆଉ ସେଥିପାଇଁ ଶିକ୍ଷା ନିତାନ୍ତ ଆବଶ୍ୟକ । ଆମେରିକାର ଶିକ୍ଷା, ଜୀବନ ଶୈଳୀ, ସାମାଜିକ ପ୍ରଣାଳୀରେ ସେ ବିଶେଷ ଭାବରେ ପ୍ରଭାବିତ ହେଇଥିଲେ । ସୟାଜୀ ରାଓଙ୍କର ଦ୍ୱିତୀୟ ପତ୍ନୀ ଖୁବ ଉଚ୍ଚ ଚିନ୍ତାଧାରାର ମହିଳା ଥିଲେ । ୧୮୮୧ ମସିହା ବେଳକୁ ପରଦା ଭିତରେ ରହୁଥିଲେ ନାରୀ । ତା ତାହାର ବିରୋଧ କରି ନାରୀ ଶିକ୍ଷା ଓ ସ୍ୱାଧୀନତା ଉପରେ ଅନେକ କାମ କରି ଭାରତରେ ଖୁବ ପ୍ରଶଂସିତ ହେଇଥିଲେ । ସର୍ବ ଭାରତୀୟ ମହିଳା କନଫେରେନ୍ସର ପ୍ରଥମ ମହିଳା ପ୍ରେସିଡେଣ୍ଟ ହେଇଥିଲେ । ସୟଜୀରାଓ ପୁରୁଷ ଶିକ୍ଷା ସହ ନାରୀ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ନିଜ ରାଜ୍ୟରେ ଆଠଟି ବାଳିକା ବିଦ୍ୟାଳୟ, ବରୋଦା କଲେଜ ଆଦି ସ୍ଥାପନ କରିଥିଲେ । ନାରୀ ଶିକ୍ଷକମାନଙ୍କ ପାଇଁ ଟ୍ରେନିଙ୍ଗ ସ୍କୁଲ ଖୋଲିଥିଲେ । ସେ ଭାରତର ପ୍ରଥମ ରାଜା ଥିଲେ ଯିଏ ୧୮୯୩ ମସିହାରେ ସର୍ବଶିକ୍ଷା ଅଭିଯାନ ଅନ୍ତର୍ଗତ ପ୍ରାଥମିକ ଶିକ୍ଷାକୁ ମାଗଣା ଏବଂ ବାଧ୍ୟତାମୂଳକ କରିଥିଲେ, ଯାହା ୧୯୦୬ ମସିହା ବେଳକୁ ତାଙ୍କ ସମଗ୍ର ରାଜ୍ୟରେ ବ୍ୟାପ୍ତ ହେଇ ସାରିଥିଲେ । ପ୍ରୌଢ଼ ଶିକ୍ଷାକୁ ମଧ୍ୟ ପ୍ରାଧାନ୍ୟ ଦେଉଥିଲେ ।

ସେ ଗରିବ ମେଧାବୀ ଛାତ୍ରମାନଙ୍କୁ ମେଧାବୃତ୍ତି ଦେଇ ବିଦେଶ ପଠାଉଥିଲେ । ସର୍ତ୍ତ ରଖୁଥିଲେ ଯେତିକି ଦିନ ଛାତ୍ର ବୃତ୍ତି ପାଇ ସେମାନେ ପଢ଼ିବେ ସେତିକି ଦିନ ବରୋଦା ରିୟାସତ୍‌ରେ କାମ କରିବେ । ଆପଣ ଜାଣି ଆଶ୍ଚର୍ଯ୍ୟ ତନ୍ମଧ୍ୟରୁ ଆମ ସମ୍ବିଧାନ ପ୍ରଣେତା ଭୀମ ରାଓ ଆମ୍ବେଦକରଙ୍କୁ ସାୟାଜୀ ରାଓ ହିଁ ପଢ଼ିବା କଲମ୍ବିଆ ୟୁନିଭରସିଟି ପଠାଇଥିଲେ ।

ବର୍ଷକୁ ଥରେ ସେ ନିଶ୍ଚିତ ଭାବରେ ଇଂଲଣ୍ଡ ଯାଉଥିଲେ ଓ ସେଠୁ ଭାରତୀୟ ମେଧାବୀ ଛାତ୍ରମାନଙ୍କୁ ଆଣି ବରୋଦାରେ ଚାକିରୀ ଦେଉଥିଲେ । ସେଇ କ୍ରମରେ ପଣ୍ଡିଚେରୀ ଆଶ୍ରମର ପ୍ରତିଷ୍ଠାତା ମାତ୍ର କୋଡ଼ିଏ ବର୍ଷ ବୟସରେ ଯୁବକ ଶ୍ରୀ ଅରବିନ୍ଦଙ୍କୁ ଲଣ୍ଡନରେ ଭେଟି ତାଙ୍କ ଅସାଧାରଣ ଦକ୍ଷତାକୁ ଚିହ୍ନି ତତ୍‌କ୍ଷଣାତ୍ ତାଙ୍କୁ ବରୋଦା କଲେଜର ଅଧ୍ୟାପକ ରୂପେ କାର୍ଯ୍ୟଭାର ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କରିଥିଲେ ଓ ଶ୍ରୀଅରବିନ୍ଦ ୧୮୯୩ ମସିହାରେ ଆସି ବରୋଦା କଲେଜରେ ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ । ଅରବିନ୍ଦ ରହୁଥିବା ଘରେ ଆଜି ମଧ୍ୟ ଶ୍ରୀଅରବିନ୍ଦ ଆଶ୍ରମ ଚାଲିଛି । କେବଳ ସେତିକି ନୁହେଁ ସେ ବାରମ୍ୱାର ଆମେରିକା, ୟୁରୋପ, ଜାପାନ, କାନାଡ଼ା ଆଦି ଦେଶକୁ ଭ୍ରମଣରେ ଯାଇ ସେଠିକାର ଉନ୍ନତ ଜୀବନଶୈଳୀ, ଶିକ୍ଷାନୀତିକୁ ଅନୁସରଣ କରି ବରୋଦାରେ ତାହାର ପ୍ରୟୋଗ କରୁଥିଲେ । ସେଠିକାର ବିଶିଷ୍ଟ ଲୋକଙ୍କୁ ଆଣି ବରୋଦାର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ନିଯୁକ୍ତ କରୁଥିଲେ ।

ଆମେରିକାର ଲାଇବ୍ରେରୀ ସିଷ୍ଟମ ତାଙ୍କୁ ପ୍ରଭାବିତ କରିଥିଲା । ସେଠି କାମ କରୁଥିବା ୱିଲିୟମ ବୋର୍ଡ଼ନଙ୍କୁ ବରୋଦାରେ ସେଭଳି ଲାଇବ୍ରେରୀ ପ୍ରତିଷ୍ଠା ପାଇଁ ନିମନ୍ତ୍ରଣ କରିଥିଲେ । ୧୯୧୧ ମସିହାରେ ବୋର୍ଡ଼ନ ଭାରତ ଆସି ବରୋଦାରେ ଲାଇବ୍ରେରୀ ଖୋଲିବା ସହ ଲାଇବ୍ରେରୀ କଲେଜ ଖୋଲି ଭିଷ୍ୟତର ଲାଇବ୍ରେରିୟାନ୍ ପ୍ରସ୍ତୁତ କରିଥିଲେ ।

ଶିକ୍ଷା ପାଇଁ ପ୍ରିଣ୍ଟିଙ୍ଗ୍ ପ୍ରେସ୍ ବସାଇ ଇତିହାସ, ବିଜ୍ଞାନ, ଧର୍ମ, ସାହିତ୍ୟ



ସମ୍ପର୍କିତ ପୃଥିବୀର ସବୁ ଭଲ ଭଲ ବହି ହିନ୍ଦୀ,ଇଂରାଜୀ, ମରାଠୀ, ଗୁଜରାଟୀ ଆଦି ଭାଷାରେ ଅନୁବାଦ କରିଥିଲେ । ୧୯୧୦ ମସିହାରେ ବରୋଦାରେ ଷ୍ଟେଟ୍ ଲାଇବ୍ରେରୀ ଖୋଲିବା ସହ ନିଜ ରାଜ୍ୟର ଗାଁ ଗାଁରେ ଛୋଟ ବଡ଼ ୧୫୦୦ ଲାଇବ୍ରେରୀ ଖୋଲି ମାଗଣାରେ ବହି ପହଞ୍ଚାଉଥିଲେ ଏବଂ ଲୋକଙ୍କୁ ପଢ଼ିବାକୁ ଉତ୍ସାହିତ କରୁଥିଲେ । କେବଳ ସେତିକି ନୁହେଁ ବନାରସ, ଶାନ୍ତିନିକେତନ ଆଦି ବିଶ୍ୱବିଦ୍ୟାଳୟର ଲାଇବ୍ରେରୀକୁ ମଧ୍ୟ ବହି ପଠାଇବା ସହ ଆର୍ଥିକ ଅନୁଦାନ ମଧ୍ୟ ଦେଉଥିଲେ । ସମଗ୍ର ଭାରତରେ ଲାଇବ୍ରେରୀ ବିପ୍ଳବ ଆରମ୍ଭ କରିଥିଲେ । ପରାଧୀନ ଭାରତର ସେ ପ୍ରଥମ ରାଜା ଥିଲେ ଯିଏ ଶିକ୍ଷାକୁ ପ୍ରୋତ୍ସାହନ ଦେଇ ଇଂରେଜମାନଙ୍କ ଠାରୁ ମଧ୍ୟ ଆଗକୁ ବଢ଼ି ଯାଇଥିଲେ । ତାଙ୍କ ନିର୍ମିତ ଓ ପରେ ତାଙ୍କ ନାତି ପ୍ରତାପ ରାଓଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହେଇଥିବା ଇଞ୍ଜିନିୟରିଂ, ମେଡ଼ିକାଲ, କଳା, ବାଣିଜ୍ୟ, ବିଜ୍ଞାନ ଆଦି ୮୫ ବିଭାଗକୁ ଧରି ୨୭୫ ଏକରରେ ପରିବ୍ୟାପ୍ତ ଏମ.ଏମ.ୟୁନିଭର୍ସିଟି ଗୁଜରାଟର ସର୍ବବୃହତ ଓ ସର୍ବପ୍ରାଚୀନ ୟୁନିଭର୍ସିଟି । ଯାହା ରାଜ୍ୟ ଭିତରେ ଓ ବାହାରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଗରିବ ଓ ନିମ୍ନ ମଧ୍ୟବିତ୍ତ ପିଲାଙ୍କ ପାଇଁ ଆରମ୍ଭ ହେଇଥିଲା । ପଦ୍ମଭୂଷଣ ଶ୍ୟାମ ପିଟ୍ରୋଡା, ଭାରତରତ୍ନ ବିନୋବା ଭାବେ, ନୋବେଲ ପୁରସ୍କାର ପ୍ରାପ୍ତ ଭେଙ୍କଇ ରାମକୃଷ୍ଣ ଭଳି ଅନେକ ଭାରତର ସୁଯୋଗ୍ୟ ସନ୍ତାନ ଏହି ୟୁନିଭରସିଟିରୁ ଶିକ୍ଷାପ୍ରାପ୍ତ କରିଛନ୍ତି ।

ମହଲରେ ଅଛି ରବି ବର୍ମାଙ୍କ କୃତ ଆଉ ଗୋଟିଏ ସୁନ୍ଦର ପେଣ୍ଟିଙ୍ଗ ସୟାଜୀରାଓଙ୍କର ପାଳିତ ମାତା ଯମୁନା ବାଇଙ୍କର । ଯମୁନା ବାଇ ମାତ୍ର ୨୨ ବର୍ଷରେ ବିଧବା ହେଇ ଯାଇଥିଲେ । ମା'ଙ୍କର ବୈଧବ୍ୟର ଯନ୍ତ୍ରଣାକୁ ସେ ଖୁବ ପାଖରୁ ଅନୁଭବ କରିଥିଲେ । ତେଣୁ ରାଜା ହେବା ପରେ ବାଳ ବିବାହକୁ ରୋକିବା ସହ ଇଣ୍ଟରକାଷ୍ଟ ମ୍ୟାରେଜ, ବିଧବା ବିବାହର ପ୍ରଚଳନ କରିଥିଲେ । ଯେଉଁ ସମୟରେ ଗୁଜରାଟରେ ଜାତିପ୍ରଥା ଖୁବ ଉତ୍କଟ ଥିଲା ସେ ସମୟରେ, ୧୯୨୫ ମସିହାରେ ନିଜ ପ୍ରାସାଦରେ ଗୋଟେ ଭୋଜିର ଆୟୋଜନ କରିଥିଲେ । ଯେଉଁଥିରେ ସବୁ ଜାତିର ପୁରୁଷ ଏକାଠି ବସି ଖାଇଥିଲେ ।

ରବି ବର୍ମାଙ୍କର ଗୋଟେ ପେଣ୍ଟିଙ୍ଗରେ ଅଛି ସୟାଜୀ ରାଓଙ୍କର ନାତି ପ୍ରତାପ ରାଓଙ୍କର ରାଜ୍ୟାଭିଷେକର ଚିତ୍ର । ସୟାଜୀରାଓଙ୍କର ପ୍ରଥମ ପତ୍ନୀଙ୍କର ଏକମାତ୍ର ପୁତ୍ର ଖଣ୍ଡେରାଓଙ୍କର ମାତ୍ର ତେଇଶ ବର୍ଷ ବୟସରେ ଅତ୍ୟଧିକ ମଦ୍ୟପାନ ଯୋଗୁଁ ମୃତ୍ୟୁ ହେଇଥିଲା । ତେଣୁ ନିଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୟାଜୀରାଓ ନିଜ ନାତିକୁ ଶିକ୍ଷା, ସଂସ୍କାର ଦେଇ ଗଢ଼ିଥିଲେ । ପ୍ରତାପ ରାଓ ଥିଲେ ପରାଧୀନ ଭାରତର ଶେଷରାଜା । ତାପରେ ଭାରତ ସ୍ୱାଧୀନତା ପାଇଲା ପରେ ସ୍ୱେଚ୍ଛାରେ ସେ ନିଜ ରିୟାସତକୁ ଭାରତ ସହ ମିଶାଇବାରେ ଥିଲେ ପ୍ରଥମ ରାଜା । ଏଠି କହିରଖେ ସ୍ୱାଧୀନତା ପରେ ପରେ ମହାତ୍ମାଗାନ୍ଧୀଙ୍କୁ ସମ୍ମାନ ଜଣେଇ ୧୯୬୦ ମସିହାରୁ ମଦ ତିଆରି କରିବା, କିଣା, ବିକା, ପିଇବା ଗୁଜୁରାଟରେ ଏକ ଧର୍ତ୍ତବ୍ୟ ଅପରାଧ । ଏଠି ଝଲମଲ ଆଲୁଅରେ ସୁସଜ୍ଜିତ ମଦଦୋକାନ ଦେଖିବାକୁ ମିଳିବନି । ହଁ ବସ୍ତିରେ କେହି କେହି ଚୋରାରେ ଦେଶୀ ମଦ ରାନ୍ଧି ଲୁଚି ଛପି ବିକ୍ରି କରନ୍ତି । ତେଣୁ ଏଠି ରେପ୍, ହତ୍ୟା, ଚୋରି ଆଦି ଅପରାଧ ନାହିଁ କହିଲେ ଚଳେ ।

ତାପରେ ଆମ ଗାଇଡ୍ ଆମକୁ ହାତୀ ହଲ୍ ଆଡ଼କୁ ଯିବା ପାଇଁ ନିର୍ଦ୍ଦେଶ ଦେଲା । ଏଇ ହଲ୍‌ରୁ ହାତୀ ଚଢ଼ି ରାଜା ବାହାରକୁ ଯାଉଥିଲେ । ତେଣୁ ଯଥେଷ୍ଟ ଉଚ୍ଚା ଏ ହଲ୍ । ଗୁଜରାଟର ବିଭିନ୍ନ ପଗଡ଼ି ସହ ଗାଇକୱାର୍ଡ଼ ରାଜାମାନେ ବ୍ୟବହାର କରୁଥିବା ବେଲ୍ଟ ଆଦି ଅଛି । ତା ପାଖକୁ ଦରବାର ହଲ୍ । ଯେଉଁଠି ଅନୁଷ୍ଠିତ ହେଉଥିଲା ଅନେକ ସାଂସ୍କୃତିକ କାର୍ଯ୍ୟ । ଦୁଆର ମୁହଁରେ ଫେଲିଚିଙ୍କ ଦ୍ୱାରା ନିର୍ମିତ ସୟାଜୀ ରାଓଙ୍କର ପ୍ରକୃତ ପିତା କାଶୀ ରାଓଙ୍କର ମୂର୍ତ୍ତି । ସାମ୍ନାରେ ଉପର କାନ୍ଥରେ ଷ୍ଟେଣ୍ଡ୍ ଗ୍ଲାସ୍‌ର ପନ୍ଦର ଫୁଟ୍ ଉଚ୍ଚତା ବିଶିଷ୍ଟ ରାମ, ସୀତା, ଦ୍ୱାରକାଧିଶ, ଯଶୋଦା ଆଦିଙ୍କର ପାଞ୍ଚୋଟି ଚିତ୍ର । ସମଗ୍ର ପେଲେସ୍ ପରି ଏ ହଲ୍‌ର ଫ୍ଲୋରିଙ୍ଗ ଭିନେଟିଆନ ଇଟାଲିୟନ ମାର୍ବଲର ସୁନ୍ଦର କାରୁକାର୍ଯ୍ୟରେ ପୂର୍ଣ୍ଣ । ଆମ ଗାଇଡ୍ କହିବା ମୁତାବକ ଇଟାଲୀରୁ ଅଠର ଜଣ ଶିଳ୍ପୀ ଆସି ଅଠର ମାସ ଲଗେଇଥିଲେ ଏହି ଫ୍ଲୋରିଙ୍ଗ୍ ତିଆରି କରିବାକୁ । ବେଲ୍‌ଜିୟମ କାରିଗରୀରେ ଉପର ଛାତ ଭର୍ତ୍ତି । ନୃତ୍ୟ, ସଙ୍ଗୀତ ଶୁଣିବା ପାଇଁ ବା ସଭାରେ ଭାଗ ନେବା ପାଇଁ ଉପରେ ରାଣୀମାନଙ୍କ ପାଇଁ ଉପର ମହଲାରେ ଉଦ୍ଦିଷ୍ଟ ବାଲକୋନୀ । ବାହାରେ ଫେଲିଚିଙ୍କ ହାତଗଢ଼ା ମାର୍ବଲ ମୂର୍ତ୍ତି ସହ ଇଟାଲିୟନ ଫାଉଣ୍ଟେନ୍ । ଯାହା ଏବେ ବି ଚଳଚଞ୍ଚଳ ।

ତାମିଲନାଡୁର ତଞ୍ଜାଉର୍ ରାଜ୍ୟର ରାଜକନ୍ୟା ସୟାଜୀରାଓଙ୍କର ପ୍ରଥମ ପତ୍ନୀ ଲକ୍ଷ୍ମୀବାଇ ଭାରତନାଟ୍ୟମ ନୃତ୍ୟଶିଳ୍ପୀ ଓ କର୍ଣ୍ଣାଟକୀ ସଙ୍ଗୀତଜ୍ଞ ଥିଲେ । ବିଭା ହେଇ ଆସିବା ସମୟରେ ସାଙ୍ଗରେ ଅନେକ ନୃତ୍ୟଗୁରୁ ଏବଂ ସଙ୍ଗୀତଜ୍ଞଙ୍କୁ ନେଇକି ଆସିଥିଲେ । ତେଣୁ ବରୋଦାରେ ସୟାଜୀରାଓଙ୍କର ପୃଷ୍ଠପୋଷକତାରେ ସଙ୍ଗୀତ ଓ ନୃତ୍ୟକଳା ସର୍ବୋଚ୍ଚ ଶିଖରରେ ପହଞ୍ଚିଥିଲା । ଏଠି ଇନାୟତ ଖାଁ, ଉସ୍ତାଦ ମୌଲାନା ବକ୍ସଙ୍କ ପରି ଅନେକ ସଙ୍ଗୀତଜ୍ଞ ନିଜ କଳାର ଚରମ ବିକାଶ ପାଇଁ ସୁଯୋଗ ପାଇଥିଲେ । ୧୯୬୧ ମସିହାରେ ଭାରତର ପ୍ରଥମ ମ୍ୟୁଜିକ କନଫେରେନ୍ସ ହେଇଥିଲା ବରୋଦାରେ । ଆଜି ମଧ୍ୟ ଏମ.ଏସ. ୟୁନିଭର୍ସିଟିର ଫାଇନ୍ ଆର୍ଟ ବିଭାଗ ପୃଥିବୀ ପ୍ରସିଦ୍ଧ । ବିଶ୍ୱରୁ ଅନେକ ଛାତ୍ର ଆସି ଏଠି ପଢ଼ନ୍ତି । ଭାରତୀୟ ସିନେମା ଜଗତର ପ୍ରାଣ ପ୍ରତିଷ୍ଠାତା ଦାଦା ସାହେବ ଫାଲକେ ଲିଖିତ ଭାବରେ ସୟାଜୀରାଓଙ୍କର ସମ୍ପର୍କରେ କହି ଯାଇଛନ୍ତି, 'ଆର୍କିଟେକ୍‌ଚର




ଅଫ ମାଇଁ ଫ୍ୟୁଚର୍ ।'

ଦାଦା ଭାଇ ନାରୋଜୀ ତାଙ୍କ ରିୟାସତର ଦିୱାନ ଥିଲେ । ସେ 'ବ୍ରିଟିଶ ହାଉସ୍ ଅଫ୍ କମନ୍ସ'ରେ ଇଲେକସନ ଜିତି ଏସିଆର ପ୍ରଥମ ମେମ୍ବର ଭାବେ ଇତିହାସ ରଚନା କରିଥିଲେ । କୁହାଯାଏ ତାଙ୍କୁ ଜିତେଇବାରେ ସୟାଜୀରାଓଙ୍କର ହିଁ ହାତ ଥିଲା । ସ୍ୱାଧୀନତା ପରେ ଭାରତର ପ୍ଲାନିଂ କମିଶନର ଭାଇସ ପ୍ରେସିଡେଣ୍ଟ ଭି.ଟି.କ୍ରିଷ୍ଣମାଚାରୀ ମଧ୍ୟ ବରୋଦା ରିୟାସତର ଦିୱାନ ଭାବରେ କାମ କରି ସାରିଥିଲେ । ତେଣୁ ଏଥିରୁ ଜଣାପଡ଼େ ସୟାଜୀ ରାଓ ବିଦ୍ୱାନ ଲୋକମାନଙ୍କୁ ଚିହ୍ନି ତାକୁ ଆଣି ବରୋଦା ରିୟାସତରେ କାମ ଦେଇ ବରୋଦାର ସର୍ବାଙ୍ଗୀନ ଉନ୍ନତି କରି ଚାଲିଥିଲେ । ତାଙ୍କ ମିନିଷ୍ଟର ଚିନ୍ତାମନ ବିଷ୍ଣୁ ସାଣେଙ୍କୁ ଚାଷବାସ ଉପରେ ରିସର୍ଚ୍ଚ କରିବା ପାଇଁ ଆମେରିକା ପଠାଇଥିଲେ ।

କେବଳ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ସାମାଜିକ କାର୍ଯ୍ୟ ନୁହେଁ ବରୋଦାକୁ ଅତ୍ୟାଧୁନିକ କରି ଗଢ଼ି ତୋଳିଥିଲେ ସୟାଜୀ ରାଓ । ଗମନା ଗମନର ସୁବିଧା ପାଇଁ ନିଜ ରାଜ୍ୟର ପ୍ରତି କୋଣ ଅନୁକୋଣ ଯାଏ ନ୍ୟାରୋ, ମିଟର, ବ୍ରଡ଼ଗେଜ ଲାଇନ ବିଛାଇ ରେଳ ଚଳାଚଳ କରିଥିଲେ । ଆଜି ମଧ୍ୟ ବିଶ୍ୱର ସବୁଠାର ବଡ଼ ନ୍ୟାରୋଗଜ୍ ରେଲ୍‌ୱେ ନେଟୱର୍କ ବରୋଦା ନାମରେ ଅଛି । ତାଙ୍କ ପିଲାମାନେ ମହଲ ପାଖରେ ଥିବା ସ୍କୁଲ୍‌କୁ ରେଳ ଗାଡ଼ିରେ ଯାଉଥିଲେ । ଆଜି ମଧ ସେହି ରେଳଗାଡ଼ି (ପରିବର୍ତ୍ତିତ ରୂପ) ଚଢ଼ି ସାଧାରଣ ଜନତା ସୟାଜୀ ଗାର୍ଡ଼େନ ପରିଭ୍ରମଣ କରନ୍ତି ।

ସାହୁକାରଙ୍କ ଠାରୁ ସାଧାରଣ ଜନତାଙ୍କୁ ମୁକ୍ତ କରିବା ପାଇଁ ୧୯୦୮ ବ୍ୟାଙ୍କ ଅଫ ବରୋଦା ପ୍ରତିଷ୍ଠା କରିଥିଲେ । ଯାହା ଏବେ ଭାରତର ପ୍ରମୁଖ ବ୍ୟାଙ୍କମାନଙ୍କ ମଧ୍ୟରୁ ଅନ୍ୟତମ । ଏହି ବ୍ୟାଙ୍କ୍ ଜରିଆରେ ସେ ସମୟରେ ଗରିବ ଓ ଛୋଟ ବ୍ୟବସାୟୀମାନଙ୍କୁ ବିନା ସୁଧରେ ଋଣ ଯୋଗାଇ ଦେଉଥିଲେ । ଯେଉଁ ସମୟରେ ସମଗ୍ର ଭାରତରେ ବଜାର କହିଲେ ଛୋଟ ଛୋଟ ଦୋକନକୁ ବୁଝା ଯାଉଥିଲା ସ୍ୱାଧୀନତା ପୂର୍ବ ଭାରତରେ ଆଜିର ମଲ୍ ପରି ମାର୍କେଟ କମ୍ପ୍ଲେକ୍ସ ବନେଇ ସବୁ ଜିନିଷ ଗୋଟିଏ ଜାଗାରେ ଉପଲବ୍ଧ କରିବାର ମାର୍ଗକୁ ସୁଗମ କରିଥିଲେ । ୧୮୭୫ ମସିହାରୁ ୧୯୩୯ ମସିହା ପର୍ଯ୍ୟନ୍ତ ଶାସନ କରି ସ୍ୱାଧୀନତାର ଠିକ ସାତ ବର୍ଷ ପୂର୍ବରୁ ମୃତ୍ୟୁ ବରଣ କରିଥିଲେ ମଧ୍ୟ ବରୋଦାକୁ ଅନ୍ୟ ରାଜ୍ୟ ତୁଳନାରେ ଶହେ ବର୍ଷ ଆଗୁଆ ଆଧୁନିକ କରି ସାରିଥିଲେ । ଗୋଟିଏ ଲୋକ ଚାହିଁଲେ କେତେ କଣ ନକରିପାରେ ସତେ ?

ବରୋଦା ଭଳି ସ୍ୱଳ୍ପ ବୃଷ୍ଟି ଅଞ୍ଚଳରେ ଦୀର୍ଘ ପାଞ୍ଚ କିଲୋମିଟର ଆଜ୍‌ୱା ଲେକ୍ ଖୋଳି ନିଜ ରାଜ୍ୟରେ ପାଣି ସମସ୍ୟାର ସମାଧାନ କରିବା ସହ ବିଶ୍ୱାମିତ୍ରୀ ନଦୀ ସହ ତାକୁ ସଂଯୋଗ କରିଦେଇଥିଲେ । ତଦ୍ୱାରା ସହରକୁ ବନ୍ୟା ଜଳରୁ ମୁକ୍ତ କରାଯାଇ ପାରିବ । ସେ ସମୟରେ ଲୋକସଂଖ୍ୟା ଏକ ଲକ୍ଷ ଥିଲେ ମଧ୍ୟ ତିନି ଲକ୍ଷ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାର କ୍ଷମତା ରଖେ ଏ ହ୍ରଦ । ସେଥିରୁ ତାଙ୍କ ଦୂରଦର୍ଶିତାର ପ୍ରମାଣ ମିଳେ । ଆଜି ମଧ୍ୟ ଏ ହ୍ରଦ ବରୋଦାର ଗୋଟେ ବଡ଼ ଭାଗକୁ ପାଣି ଯୋଗାଏ ।

ସେ ଜର୍ମାନରୁ ଇଂଜିନିୟର୍ସ ଆଣି ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଗ୍ଲାଇଡର୍ସ ବନାଇଥିଲେ । ଯାହା ଦେହରେ ଇଞ୍ଜିନ ଲଗାଇଲେ ଫାଇଟର୍ ପ୍ଲେନ୍‌ରେ କନଭର୍ଟ କରିହେବ । ଏମ.ଏସ. ୟୁନିଭର୍ସିଟି ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ ଆଜିବି ତନ୍ମଧ୍ୟରୁ ଗୋଟେ ଗ୍ଲାଇଡର୍ ଅଛି । କୁହାଯାଏ ରାଇଟ୍ ବଦର୍ସ ପ୍ରଥମ ବିମାନ ଉଡ଼ାଇବାର ଆଠବର୍ଷ ପୂର୍ବରୁ ବମ୍ବେରେ ୧୮୯୫ ମସିହାରେ ଭାରତୀୟ ଏସ.ବି. ତାଲ୍‌ପଡ଼େଙ୍କ ଦ୍ୱାରା ଉଡ଼ା ଯାଇଥିବା ମାନବ ରହିତ ବିମାନର ସୟାଜୀରାଓ ସାକ୍ଷୀ ଥିଲେ । ସେ ବରୋଦା ଏୟାରପୋର୍ଟ ବନେଇବା ପାଇଁ ମଧ ଜର୍ମାନ ସହ ଚୁକ୍ତି ସ୍ୱାକ୍ଷର କରିଥିଲେ ।

ଗାଇକୱାର୍ଡ଼ ବଂଶର ଜଣେ ରାଜକୁମାରୀ ଓଡ଼ିଶାର ଆଳି ରାଜାଙ୍କୁ ବାହା ହେଇଛନ୍ତି । ତେଣୁ ରାଜମହଲ ପରିସରରେ ଅଛି ଆମ ଆରାଧ୍ୟ ଜଗନ୍ନାଥ ମନ୍ଦିର । ମନ୍ଦିରର ଶିଳ୍ପୀ, ପୂଜାରୀ ସମସ୍ତେ ଓଡ଼ିଆ । ଏଠି ସବୁ ନୀତି କାନ୍ତି ସହ ରଥଯାତ୍ରା ମଧ୍ୟ ହୁଏ । ଆମେ ସବୁ ଓଡ଼ିଆ ପୂଜା ପାର୍ବଣରେ ଏକାଠି ହେଉ ସେଠି ।

ଗାଇକୱାର୍ଡ଼ ରାଜାମାନଙ୍କ ତରଫରୁ ଯମୁନା ବାଇ ହସ୍ପିଟାଲ, ଶାନ୍ତା ଦେବୀ ହସ୍ପିଟାଲ, ଏସ୍‌ଏସ୍‌ଜି ଜେନେରାଲ ହସ୍ପିଟାଲ ଆଦି ଖୋଲି ସାଧାରଣ ଜନତାଙ୍କୁ ମାଗଣା ବା ଖୁବ କମ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ନିଜର ୧୦୦ଏକର ଜମିରେ ବରୋଦାବାସୀଙ୍କ ମନୋରଞ୍ଜନ ପାଇଁ ପ୍ଲାନେଟୋରିୟମ, ମ୍ୟୁଜିୟମ ରଖି ସହର ମଝିରେ ସୟାଜୀବାଗ ଭଳି ଗାର୍ଡ଼େନ ଖୋଲିବା, ଖଣ୍ଡେରାଓ ମାର୍କେଟ ପରି ପରିବା, ଫୁଲ ଆଦିର ଗୋଦାମ ଖୋଲି ସହଜରେ ଖାଦ୍ୟ ସାମଗ୍ରୀ ଯୋଗାଇ ଦେବା, ସର୍ବସାଧାରଣଙ୍କ ପାଇଁ ଗଲ୍ଫକୋର୍ଟ, କ୍ରିକେଟ, ଟେନିସ, ବ୍ୟାଡ଼ମିଣ୍ଟନ କୋର୍ଟ ଆଦି ଖୋଲିବା, ଦରକାର ପଡ଼ିଲେ ରାସ୍ତା ବା ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ସରକାରଙ୍କୁ ନିଜ ଜାଗା ଦେଇଦେବା ଆଦି ଗାଇକୱାର୍ଡ଼ ରାଜାମାନଙ୍କର ଜନତାଙ୍କ ପ୍ରତି ପ୍ରୀତି ଓ ସମ୍ବେଦନଶୀଳତାକୁ ଦର୍ଶାଏ ।  ସମଗ୍ର ବରୋଦାରେ କେବଳ ଗାଇକୱାର୍ଡ଼ ପରିବାରର ଛାପ । ଏମିତିରେ ତ ଅଧେ ବରୋଦା ଏବେ ବି ତାଙ୍କର । ଇରଫାନ ପଠାନ, ହାର୍ଦ୍ଦିକ ପାଣ୍ଡିଆଙ୍କ ପରି ଅନେକ କ୍ରିକେଟର୍‌ଙ୍କୁ ତ ବରୋଦା ଦେଇଛି । ସ୍ୱାଧୀନତା ପୂର୍ବରୁ ସୟାଜିରାଓ ବରୋଦା ରିୟାସତକୁ ଏତେ ସମୃଦ୍ଧ କରି ଯାଇଛନ୍ତି ଯେ ସରକାରଙ୍କ ପାଇଁ ବିଶେଷ କିଛି କରିବାକୁ ନାହିଁ ଏଠି ।

ପାଞ୍ଚଶହ ଏକର ବ୍ୟାପି ରାଜମହଲ ପରିସର । ପ୍ରେମ୍ ରୋଗ, ଗ୍ରାଣ୍ଡ୍ ମସ୍ତି ପରି ଅନେକ ହିନ୍ଦୀ ସିନେମା ଏଠି ସୁଟିଙ୍ଗ୍ ହେଇଛି । ଏ ଭିତରେ ଅଛି ପଞ୍ଚ ତାରକା ହୋଟେଲ । ଉଚ୍ଚ ଏବଂ ଉଚ୍ଚ ମଧ୍ୟବର୍ଗୀଙ୍କର ପସନ୍ଦର ବାହାଘର, ରିସେପ୍‌ସନ୍ ସ୍ଥଳ । ମୋର ସୌଭାଗ୍ୟ ମୁଁ ଅନେକଥର ନିମନ୍ତ୍ରିତ ହୁଏ ସେଠିକୁ ।

ଲକ୍ଷ୍ମୀ ବିଳାସ ପେଲେସ୍ କାରୁକାର୍ଯ୍ୟ ପୂର୍ଣ୍ଣ ସୁନ୍ଦର ମହଲଟିଏ । ଉଦୟପୁର ମହୀଶୂର ପେଲେସ୍ ପରି ଖୁବ ପରିଷ୍କାର ପରିଚ୍ଛନ୍ନ । ଏବେ ବି ଦେଖିଲେ ଲାଗେ ଏବେ ଏବେ ଗଢ଼ା ଯାଇଛି ଯେମିତି । କୋଇଲିର କୁହୁ ପକ୍ଷୀଙ୍କର କଳରବ, ମୟୂରଙ୍କର ବିଚରଣ, ଗୋଟେ ସୁନ୍ଦର ସବୁଜିଆ ପାଞ୍ଚ ଶହ ଏକର ଜଙ୍ଗଲ ଭିତରେ ସିଣ୍ଡ୍ରେଲାର କ୍ୟାସେଲ୍ ପରି ଏ ମହଲ । ଯାହା ସମ୍ପୂର୍ଣ୍ଣ ବ୍ୟକ୍ତିଗତ । କେବଳ ଚାରି ପାଞ୍ଚୋଟି ରୁମ୍ ସାଧାରଣ ଜନତାଙ୍କର ଦେଖିବା ପାଇଁ ଖୋଲା ଯାଇଛି । ତେବେ ମହଲ ପାଖରେ ଥିବା ଫତେସିଂ ମ୍ୟୁଜିୟମ ଏବଂ ସୟାଜୀ ଗାର୍ଡ଼େନରେ, ରାଜକୀୟ ଶୈଳୀର ବରୋଦା ମ୍ୟୁଜିୟମରେ ରାଜ ପରିବାରର ସମସ୍ତ ସନ୍ତକ ଅଛି । ଯେଉଁଠୁ ସେମାନଙ୍କର ବିଶାଳ ବିତ୍ତଶାଳୀତାର ପ୍ରମାଣ ମିଳେ । ଏ ମହଲରେ ବାକି ମହଲମାନଙ୍କ ପରି ରୋମାଞ୍ଚକର କାହାଣୀ ଶୁଣିବାକୁ ମିଳେ ନାହିଁ । ମହଲ ଭିତରେ ନିଜର ବ୍ୟକ୍ତିଗତ ଜୀବନକୁ ଖୁସିରେ କାଟୁଛନ୍ତି ବର୍ତ୍ତମାନର ରାଜ ପରିବାର ।

ପରାଧୀନ ଭାରତରେ ବରୋଦା ପ୍ରଜାଙ୍କ ପାଇଁ ସୟାଜୀରାଓ ଯାହା କରିଯାଇଛନ୍ତି ଆଜି ସ୍ୱାଧୀନ ଭାରତ ସେଠି ପହଞ୍ଚିବାର ସ୍ୱପ୍ନ ଦେଖୁଛି । ସମଗ୍ର ବରୋଦା ସହର ଭିତରେ ରାଜାଙ୍କର ବା ପରିଷଦମାନଙ୍କର ରହିବା ପାଇଁ ଶହେ ଉପରେ କୋଠି ସମ୍ପୂର୍ଣ୍ଣ ସହରକୁ ରାଜକୀୟ ଅନୁଭୂତି ଦିଏ । ଧନ୍ୟବାଦ **ରେବତୀ,** ଧନ୍ୟବାଦ କୃଷ୍ଣ କୁମାର ମହାନ୍ତି ସାର୍ ମୋତେ ମୋ ପ୍ରିୟ ସହରକୁ ଆଉ ଟିକେ ନିକଟରୁ ଜାଣିବାର ସୁଯୋଗ ଦେଇଥିବାରୁ ।




Image: HIGHLAND AGRO PLANT, Balasore, Odisha




















/ highlandagro

# HIGHLAND GROUP

**Corporate Office:** Alupur, Near Laxminaryan Temple, O.T. Road, Balasore, Odisha (India) - 756001

+91-6782 - 262550 | info@highlandgroups.com

www.highlandgroups.com


# ଚାମୁଣ୍ଡା ଚର୍ଚ୍ଚା



# ତନ୍ତ୍ରଦେବୀ ଚାମୁଣ୍ଡାଙ୍କ ଆଦିଭୂମି ଯାଜପୁର

**ନାରାୟଣ ରାଉତରାୟ**
ଉପୁଳାଇ, ନଗୁଆଁ, ଯାଜପୁର ରୋଡ୍, ଯାଜପୁର
ଫୋନ : ୯୯୩୭୧୨୮୫୮୪

ଫଟୋ ସୌଜନ୍ୟ : ଲେଖକ



▲ ଲେଖକ ନାରାୟଣ ରାଉତରାୟ

କରାଳବଦନାଂ ଘୋରାଂ, ମୁଣ୍ଡମାଳା ବିଭୂଷିତାଂ– ବିକଟ ଦେଖା ଯାଉଥିବା ମୁହଁ,ଖୋଲାଖୋଲା ଆଖି, ଆଁ କରିଥିବା ବିକଟ ପାଟି, ଭିତରକୁ ପଶି ଯାଇଥିବା ପେଟ, ଶିରାପ୍ରଶିରା ଦେଖା ଯାଉଥିବା ଏକ କଙ୍କାଳସାର ଶରୀରରେ ଲମ୍ବା ଲମ୍ବା ନଖ, ମୁଣ୍ଡରେ ଭରପୁର ଜଟାଜୁଟ ଏବଂ ସର୍ପକୁ କେଶରେ ବନ୍ଧନ କରି ପାରିଥିବା ଜୁଡା, ଗଳାରେ ଲମ୍ବିଛି ନରମୁଣ୍ଡର ମାଳ, ତୃଷା ମେଣ୍ଟାଇବା ପାଇଁ ହାତରେ ଅଛି ନର ରକ୍ତ ଭରା ପିଆଲା, ଦୃଷ୍ଟି ପଡିଗଲେ ମନରେ ଭୟ ଓ ଆତଙ୍କର ଶିହରଣ ସୃଷ୍ଟି ହୁଏ ଏବଂ ଲୋମ ଟାଙ୍କୁରି ଉଠେ । ଛାତିରେ କମ୍ପନ ସୃଷ୍ଟି ହୋଇ ହୃତ୍‌ସ୍ପନ୍ଦନ ବଢିଯାଏ । ଏଭଳି ଏକ ଭୟ ସୃଷ୍ଟିକାରୀ ମୂର୍ତ୍ତି ମୋର ଦୃଷ୍ଟିଗୋଚର ହୋଇଥିଲା ଯାଜପୁର ସହର ବିରଜା ମନ୍ଦିରର ଉତ୍ତରଦିଗର ଅନତି ଦୂରରେ ଥିବା ତ୍ରିଲୋଚନେଶ୍ୱର ମନ୍ଦିର ପରିସରରେ ଥିବା ନଅ ହାତ ମନ୍ଦିରରେ ଅଠର ହାତର କାଳୀଙ୍କ ମନ୍ଦିରର ପ୍ରବେଶ ପଥରେ । ଅନ୍ୟମାନଙ୍କ ମନରେ ଭୟ ସୃଷ୍ଟି କରୁଥିବା ଏହି ମୂର୍ତ୍ତିଟି ବିଷୟରେ ଜାଣିବା ପାଇଁ ମୋ ମନରେ କୌତୁହଳ ଜାତ ହେଲା । ଆଗରୁ ସର୍ବେକ୍ଷଣ ସମୟରେ ବିରଜା କ୍ଷେତ୍ରରୁ ମୋ ଦ୍ୱାରା ଆବିଷ୍କୃତ ହୋଇଥିବା ବୌଦ୍ଧ, ଜୈନ, ଦୁର୍ଗା ଓ ଅନେକ ଶିବ ଲିଙ୍ଗଙ୍କ ମଧ୍ୟରୁ ଏହି ମୂର୍ତ୍ତି ଥିଲା ନିଆରା । ସେଠାରୁ ଫେରି ବିଶିଷ୍ଟ ଐତିହାସିକ ତଥା ଗବେଷକ ଡକ୍ଟର ଏକାଦଶୀ ପାଢୀଙ୍କ ସହିତ ଫୋନ ଯୋଗେ ଯୋଗାଯୋଗ କରିବାରୁ ଏହି ମୂର୍ତ୍ତି ସଂପର୍କରେ ସବିଶେଷ ତଥ୍ୟ ଦେଇ ସେ କହିଲେ ଯେ ଏହି ମୂର୍ତ୍ତି ଅଷ୍ଟମ ଶତାବ୍ଦୀର ଚାମୁଣ୍ଡା ମୂର୍ତ୍ତି । ଏହାପରେ ମୁଁ ଅନ୍ୟ ଗବେଷକ ମାନଙ୍କ ସହିତ, ବିରଜା କ୍ଷେତ୍ରରେ ଥିବା ବିଭିନ୍ନ ଗ୍ରାମର ଦେବଦେବୀଙ୍କୁ ଯାହାକୁ ଗ୍ରାମବାସୀମାନେ ଗ୍ରାମଦେବତୀ ଭାବରେ ଚୂଆ ଚନ୍ଦନ ଓ ସିନ୍ଦୂର ଦେଇ ପୂଜା କରି ଆସୁଛନ୍ତି, ସେମାନଙ୍କ ବିଜେସ୍ଥଳକୁ ଯାଇ ତନ୍ନତନ୍ନ କରି ପରଖି ଜାଣିବାକୁ ପାଇଲି ଏମାନେ ସମସ୍ତେ ଭିନ୍ନଭିନ୍ନ ଭୂଜ ବିଶିଷ୍ଟ ଗୋଟିଏ ଗୋଟିଏ ଚାମୁଣ୍ଡା ମୂର୍ତ୍ତି ।

## ଐତିହାସିକ ପୃଷ୍ଠଭୂମି

ଶକ୍ତି ଉପାସନା ଓ ଶାକ୍ତଧର୍ମ ଭାରତୀୟ ସଂସ୍କୃତିର ଏକ ଅଂଶ । ବିଭିନ୍ନ ସ୍ଥାନରେ ପୂଜିତ ସପ୍ତମାତୃକା, ଅଷ୍ଟମାତୃକା, ଅଷ୍ଟଚଣ୍ଡୀ, ନବଶକ୍ତି, ନବକନ୍ୟା, ଚତୃଷଷ୍ଠୀ ଯୋଗିନୀ, ଦଶ ମହାବିଦ୍ୟା, ଆଦି ଦେବୀମାନେ ତନ୍ତ୍ର ସାଧନାରେ ଅଗ୍ରପୂଜା ପାଇଥାନ୍ତି । ବୌଦ୍ଧ ଧର୍ମର ବଜ୍ରତନ୍ତ୍ର ଅନୁଯାୟୀ ଓଡିଶାରେ ତନ୍ତ୍ରପୀଠମାନ ଗଢିଉଠି ଶକ୍ତି ଉପାସନାର ଆରମ୍ଭ ହୋଇଥିଲା । ସେଗୁଡିକ ହେଲା ଯାଜପୁର, ପୁରୀ, ଉଦୟଗିରି, ରତ୍ନଗିରି, ଲଳିତଗିରି, ବେଲଖଣ୍ଡି, ଟିଟିଲାଗଡ, ଖିଚିଂ, ଧର୍ମଶାଳା, କୁଣ୍ଡେଶ୍ୱର ଆଦି ସ୍ଥାନରେ ଥିବା ଶାକ୍ତପୀଠ । ଏହିପୀଠ ଗୁଡିକରେ ମାତୃକା ଉପାସନା ଭାବରେ ସପ୍ତମାତୃକା ବିଶେଷ ଭାବରେ ପୂଜା ହେବାକୁ ଲାଗିଲେ । ଏହି ସପ୍ତମାତୃକାଙ୍କ ମଧ୍ୟରେ ଚାମୁଣ୍ଡା ଥିଲେ ଅନ୍ୟତମ । ଯାଜପୁର ଏକ ପ୍ରାଚୀନ ଶକ୍ତି କ୍ଷେତ୍ର । ସଂସ୍କୃତ ମହାଭାରତରେ କୁହା ଯାଇଛି ଯାଜପୁର ଗଲେ ଗୋସହସ୍ର ଦାନର ଫଳ ମିଳେ । କୃଷ୍ଣ ସିଂହଙ୍କ ମହାଭାରତରେ ବର୍ଣ୍ଣନା କରା ଯାଇଛି ଯେ ଯାଜପୁର ଗଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ । ଭୌମ ବଂଶ ରାଜତ୍ୱ କାଳରେ ଓଡିଶାରେ ବିଶେଷତଃ ଯାଜପୁରରେ ତନ୍ତ୍ରବାଦର ବହୁଳ ପ୍ରଚଳନ ପରିଲକ୍ଷିତ ହୋଇଥିବା ବିଭିନ୍ନ ଐତିହାସିକ ଗବେଷଣା ଜନିତ ତଥ୍ୟମାନଙ୍କରୁ ଜଣାପଡେ । ଏହି ବଂଶର ଆଦି ରାଜାମାନଙ୍କୁ ତାନ୍ତ୍ରିକ ବୌଦ୍ଧ ଧର୍ମୀ ବୋଲି କୁହାଯାଉଥିଲା । ପରବର୍ତ୍ତୀ ଭୌମ ରାଜାମାନେ ବ୍ରାହ୍ମଣ୍ୟ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ତନ୍ତ୍ରବାଦରୁ ଦୂରେଇ ଯାଇନଥିଲେ । ଏହି ରାଜାମାନଙ୍କ ରାଜତ୍ୱ କାଳରେ ଓଡିଶାର ତନ୍ତ୍ରବାଦ କିଭଳି ପ୍ରବଳ ହୋଇଥିଲା ତାହା ପ୍ରତାପରୁଦ୍ର ଦେବଙ୍କ ସଭାମଣ୍ଡିତ କରିଥିବା କବି ଡିଣ୍ଡିମଜୀବ ଦେବଙ୍କ ଭକ୍ତିଭାଗବତରେ ବର୍ଣିତ ହୋଇଅଛି । ଭୌମ ରାଜା ଏବେକାର ବିରଜା ହାଇସ୍କୁଲ୍ ନିକଟରେ ଫାଙ୍କାଇ ନାମରେ ପୂଜା ପାଉଥିବା ଏକ ଚାମୁଣ୍ଡା ଉଦ୍ୟତ କେଶରୀଙ୍କ କୁଳଗୁରୁଙ୍କ ଦ୍ୱାରା ପୂଜା ପାଉଥିଲେ । ଉଦ୍ୟତ କେଶରୀ ଥିଲେ ଦ୍ୱିତୀୟ ଯଯାତିଙ୍କ ପୁତ୍ର । ଉଦ୍ୟତକେଶରୀଙ୍କ ପୂର୍ବପୁରୁଷ ଯାଜପୁରକୁ ତନ୍ତ୍ରବାଦରୁ ଉଦ୍ଧାର କରି ବୈଦିକ ଧର୍ମର ପ୍ରବର୍ତ୍ତନ କରିଥିଲେ । ପ୍ରଥମ ଯଯାତିଙ୍କ ରାଜତ୍ୱ ସମୟରେ ଓଡିଶା ତନ୍ତ୍ରବାଦରେ ନିମଜ୍ଜିତ ଥିଲା । ତେଣୁ ବୈଦିକ ରୀତିରେ ଦଶାଶ୍ୱମେଧ ଯଜ୍ଞ କରିବାକୁ କାନ୍ୟକୁବଜରୁ ଦଶ ସହସ୍ର ବେଦ ବ୍ରାହ୍ମଣ ମାନଙ୍କୁ ଅଣାଇ ଥିଲେ । ସୋମବଂଶର ପରବର୍ତ୍ତୀ ରାଜା କର୍ଣ୍ଣଦେବଙ୍କ ରାଜତ୍ୱ କାଳରେ ଗଙ୍ଗବଂଶର ରାଜା ଅନନ୍ତ ବର୍ମନ ଚୋଡଗଙ୍ଗ ଦେବ ଓଡିଶା ଆକ୍ରମଣ କରି ୧୧୧୦ ଖ୍ରୀଷ୍ଟାବ୍ଦରେ ଏହାକୁ ଦଖଲ କରି ଆଧୁନିକ କଟକକୁ ନିଜର ରାଜଧାନୀ କରିଥିଲେ । ଚୋଡଗଙ୍ଗଦେବ ଶାକ୍ତ ମତବାଦର ଘୋର ବିରୋଧୀ ଥିଲେ, କିନ୍ତୁ ସେ ସମୟରେ ସମାଜରେ ଚାଲିଥିବା ତନ୍ତ୍ରପୂଜାକୁ ପରିବର୍ତ୍ତନ କରିପାରି ନଥିଲେ ।

## ପୁରାଣ ପୃଷ୍ଠାରେ ଚାମୁଣ୍ଡା




ମହିଷାସୁରର ନିଧନ ପରେ ଦେବୀ ଦୁର୍ଗାଙ୍କ ଶରୀରରୁ ଉତ୍ପନ୍ନ ଶକ୍ତି ଶୁମ୍ଭନିଶୁମ୍ଭ ନାମକ ଦୁଇ ଦାନବଙ୍କ ସେନାପତି ଚଣ୍ଡ ଓ ମୁଣ୍ଡଙ୍କୁ ବଧ କରି ତାଙ୍କର ମସ୍ତକ ଦୁଇଟିକୁ ଆଣି ଦେବୀ ଦୁର୍ଗାଙ୍କ ପାଦପଦ୍ମରେ ଅର୍ପଣ କରିଥିଲେ । ସେହି ଦିନ ଠାରୁ ସେହି ଉତ୍ପନ୍ନ ଶକ୍ତିଙ୍କ ନାମ ଚାମୁଣ୍ଡା ନାମରେ ନାମିତ ହୋଇଥିଲା । ଚଣ୍ଡୀ ପୁରାଣ ଅନୁସାରେ ଦେବୀ ଚାମୁଣ୍ଡା ଦେବୀ ଦୁର୍ଗାଙ୍କ କପାଳରୁ ଆବିର୍ଭୂତ । ତେଣୁ ସେ କାପାଳି ନାମରେ ମଧ୍ୟ ଅଭିହିତ ହୁଅନ୍ତି । ଭୁବନେଶ୍ୱର ବୈତାଳୀ ମନ୍ଦିରରେ ପୀଠଦେବୀ ଚାମୁଣ୍ଡାଙ୍କୁ କାପାଳୀ କୁହାଯାଏ । ଚାମୁଣ୍ଡା ବା କାପାଳୀଙ୍କୁ ଉପାସନା କରୁଥିବା ବ୍ୟକ୍ତି କାପାଳିକ ବୋଲି କଥିତ ହୁଅନ୍ତି । କାପାଳିକ ମାନେ ଶିବଙ୍କ ସହ ଶକ୍ତି ଓ ଚାମୁଣ୍ଡାଙ୍କୁ ଉପାସନା କରିଥାନ୍ତି । ଭବଭୂତିଙ୍କ ମାଳତିମାଧବ ନାଟକ ପ୍ରମାଣ ଦିଏ ଯେ କାପାଳି ବା ଚାମୁଣ୍ଡାଙ୍କ ନିକଟରେ ସୁନ୍ଦରୀ ସୁଲକ୍ଷଣା ଲଳନାମାନଙ୍କୁ ବଳି ଦିଆଯାଏ । ଏବେ ବି ଭୁବନେଶ୍ୱର ବୈତାଳୀ ମନ୍ଦିରରେ ଏକ ଯୂପକାଷ୍ଠ ପରିଦୃଷ୍ଟ ହୁଏ । ସମ୍ଭବତଃ କାପାଳିକମାନେ ସୃଷ୍ଟି ସ୍ଥିତି ଓ ପ୍ରଳୟର କାରଣ ରୂପେ ଭୈରବଙ୍କୁ ଆରାଧନା କରନ୍ତି ଓ ତାଙ୍କର ଶକ୍ତି ରୂପେ ଚାମୁଣ୍ଡାଙ୍କୁ ଆରାଧନା କରିଥାନ୍ତି । ତନ୍ତ୍ର ଶାସ୍ତ୍ରରେ ଏହି ପୂଜା ପାଇଁ ନଅଟି ଚକ୍ରର ବିଧାନ କରାଯାଇଛି । ଏହି ଚକ୍ରରେ ସାଧକ ସାଧନା ପୂଜା ଉପାସନା ଆଦି କର୍ମ କଲେ ତାଙ୍କର ସମସ୍ତ କାମନା ସିଦ୍ଧି ହୋଇଲାଭ କରିଥାଏ ବୋଲି ପ୍ରବାଦ ରହିଛି । ଶତ୍ରୁକୁ ନିଜ ବଶରେ ସାଧକମାନେ ରଖିପାରନ୍ତି । ସୁଖ ସୌଭାଗ୍ୟ ପ୍ରଦାୟକ ସମସ୍ତ ପଦାର୍ଥ ସହଜରେ ଉପଲବ୍ଧ ହୋଇଥାଏ । ସାଧକର କୌଣସି କାମନା ଅପୂରଣୀୟ ରହେ ନାହିଁ । ସମସ୍ତ ଶାରିରୀକ ଓ ମାନସିକ ରୋଗରୁ ମୁକ୍ତ ରହନ୍ତି । ଅଷ୍ଟ ସିଦ୍ଧି ପ୍ରାପ୍ତ ହୋଇଥାଏ ସାଧକଙ୍କୁ । ସର୍ବୋପରି ସମ୍ମୋହନ, ବଶୀକରଣ, ମାରଣ, ତାରଣ, ସ୍ତମ୍ଭନ ଓ ଉଚ୍ଚାଟନ ଆଦି ସର୍ବସିଦ୍ଧି ପ୍ରାପ୍ତ ହୋଇଥାଏ । ଚାମୁଣ୍ଡାଙ୍କ ଆରାଧନା ମନ୍ତ୍ର – ଓଁ ଐଁ ହ୍ରୀଁ କ୍ଲିଂ ଚାମୁଣ୍ଡାୟେ ବିଜେ , ଓଁ ଐଂ ହ୍ରୀଂ କ୍ଲୀଂ ଚାମୁଣ୍ଡାୟେ ବିଜେ, ହ୍ରୀଂ କ୍ଲୀଂ ଐଂ ଓଁ ଚାମୁଣ୍ଡାୟେ ବିଜେ । ବୌଦ୍ଧ ଧର୍ମର ମହାଜନ ପନ୍ଥି ଯେତେବେଳେ ତନ୍ତ୍ରଯାନରେ ପ୍ରବେଶ କଲେ ସେତେବେଳେ ତନ୍ତ୍ରସାଧନାର ପ୍ରଥମ ସ୍ୱର ଏହି ଉତ୍କଳ ଭୂମିରୁ ସୃଷ୍ଟି ହୋଇଥିଲା । ତନ୍ତ୍ର ସାଧନା ପରେ ପରେ ମାତୃକା ପୂଜା ମଧ୍ୟ ତନ୍ତ୍ର ସାଧନାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ପଡିଥିଲା । ପ୍ରତି ପୀଠରେ ମାତୃକା ପୂଜାର ଆରମ୍ଭ କରାଗଲା । ପରେ ପରେ ବୈଷ୍ଣବ ଧର୍ମର ପ୍ରଚାର ଫଳରେ ଚାମୁଣ୍ଡା ପୂଜା ମଳିନ ପଡି ଯାଇଥିଲା । ଏବେ କିନ୍ତୁ ଧୀରେ ଧୀରେ ଏହି ଚାମୁଣ୍ଡାପୂଜା ବିକଶିତ ହେବାରେ ଲାଗିଛି । ଓଡିଶାର ଭୌମକର ଯୁଗରେ ତନ୍ତ୍ର ଉପାସନା ପ୍ରଧାନ୍ୟ ଲାଭ କରିଥିଲା । ଚାମୁଣ୍ଡା ପୂଜାର ନିଦର୍ଶନ ରୂପେ ଦୁଇଭୂଜା, ଚାରିଭୂଜା, ଛଅଭୂଜା, ଆଠଭୂଜା, ଦଶଭୂଜା, ବାରଭୂଜା ଓ ଅଷ୍ଟାଦଶଭୂଜା ବିଶିଷ୍ଟ ଚାମୁଣ୍ଡା ତନ୍ତ୍ରକ୍ଷେତ୍ର ଯାଜପୁରରେ ଦେଖିବାକୁ ମିଳେ । ଶୈବକ୍ଷେତ୍ର ଭୁବନେଶ୍ୱର ଓ ଶାକ୍ତକ୍ଷେତ୍ର ବିରଜା କ୍ଷେତ୍ରର କଳା ଓ ସ୍ଥାପତ୍ୟର ଗୁଣାତ୍ମକ ଅନୁଶୀଳନ କଲେ ଏମାନଙ୍କ ଅଭିବୃଦ୍ଧି ସମଭାବରେ ହୋଇଥିବା ଜଣାଯାଏ । ଯାଜପୁରରେ ପରିଦୃଷ୍ଟ ମୂର୍ତ୍ତିମାନଙ୍କ ମଧ୍ୟରେ ସ୍ୱୟଂ ବିରଜା ଦେବୀ ହିଁ ସର୍ବ ପ୍ରାଚୀନ । ଅଷ୍ଟମ ନବମ ଶତାବ୍ଦୀରେ ଭୌମକର ଶାସକ ନିର୍ମାଣ କରିଥିବା ବହୁ ପ୍ରାଚୀନ ମନ୍ଦିର ସଂପର୍କରେ ଐତିହାସିକ ଦଲିଲରୁ ଜଣାପଡେ । ଏହି ସମୟରେ ତନ୍ତ୍ରବାଦ ସହିତ ବୌଦ୍ଧଧର୍ମର ପ୍ରାଧାନ୍ୟ ରହିଥିଲା । ବୌଦ୍ଧିସତ୍ୱ ପଦ୍ମପାଣିଙ୍କ ସାହିତ୍ୟମୂର୍ତ୍ତି, ବିରଜାମନ୍ଦିର ଗାତ୍ରରେ ଥିବା ଧ୍ୟାନମଗ୍ନ ବୁଦ୍ଧ ମୂର୍ତ୍ତି ଏପରିକି ସୋମେଶ୍ୱର ମନ୍ଦିର ନିକଟରେ ଥିବା ବିକଟାଳ ଚାମୁଣ୍ଡା ମୂର୍ତ୍ତିକୁ ମଧ୍ୟ ତାନ୍ତ୍ରିକ ବୌଦ୍ଧମୂର୍ତ୍ତି ବୋଲି ଐତିହାସିକ ତଥ୍ୟ ରହିଛି ।



## ଦ୍ୱିଭୁଜା ଚାମୁଣ୍ଡା

ଯାଜପୁରର ଦଶାଶ୍ୱମେଧ ଘାଟ ନିକଟରେ ଥିବା ସପ୍ତମାତୃକା ମନ୍ଦିରରେ ଗୋଟିଏ ଦ୍ୱିଭୁଜା ଚାମୁଣ୍ଡା ମୂର୍ତ୍ତି ଦେଖିବାକୁ ମିଳେ । ମୂର୍ତ୍ତିଟି ଦନ୍ତୁରା ନାମରେ ବିଦିତ । ଏହା ଦେଖିବାକୁ ଅତି ଭୟଙ୍କର ଓ ଶୀର୍ଣ୍ଣକାୟ ହୋଇଥିବା ବେଳେ ଏହା ଆଣ୍ଠୁ ମାଡି ବସି ରହିଛନ୍ତି । ଏହି ମୂର୍ତ୍ତିଟିର ମୁଣ୍ଡରେ ଆଦୌ କେଶ ନଥିବା, କୂଟୀଳ ହସଯୁକ୍ତା । ଏକାଦୃଶ ମୂର୍ତ୍ତି ଓଡିଶାର ଅନ୍ୟତ୍ର ବିରଳ । ଦ୍ୱିତୀୟ ଦ୍ୱିଭୂଜା ଚାମୁଣ୍ଡା ମୂର୍ତ୍ତି ଯାଜପୁର ସହରାଞ୍ଚଳ ନିକଟ କୋଦଣ୍ଡପୁର ଗ୍ରାମରେ ରହିଛି । ନରମୁଣ୍ଡମାଳା ପରିହିତା, ଗୋଟିଏ ଆଣ୍ଠୁମାଡି ପଦ୍ମଫୁଲ ଉପରେ ଆସୀନା ଚାମୁଣ୍ଡାଙ୍କର ସ୍ଥାନୀୟ ନାମ ହେଉଛି ସ୍ଥାନେଶ୍ୱରୀ । ତାଙ୍କ ଆସୀନ ପୀଠରେ ଏକ ପ୍ରେତ ଶାୟିତ । ବାହନ ପେଚକ ସୁଦୃଶ୍ୟ ଉଭୟ ପାର୍ଶ୍ୱରେ ଦୁଇଟି କ୍ଷୁଦ୍ର ବାରୁଣୀ ମୂର୍ତ୍ତି ମସ୍ୟ ଧାରଣ କରି ଦଣ୍ଡାୟମାନ । କର୍ଣ୍ଣରେ ଶାମୁକା କୁଣ୍ଡଳ, ତଥା କଟୀରେ ନରହସ୍ତର ଏକ




ବେଢଣୀ ପରିଦୃଷ୍ଟ ହୁଏ । ତୃତୀୟ ଚାମୁଣ୍ଡା ମୂର୍ତ୍ତି କୁଣ୍ଡପାଟଣା ନିକଟସ୍ଥ କାଳୀକାହୁଣ୍ଡା ମନ୍ଦିରରେ ଦେଖିବାକୁ ମିଳେ । ମୂର୍ତ୍ତିଟି ଜଟାମୁକୁଟ ଧାରିଣୀ ଓ ଶବାସନା ।



## ଚତୁର୍ଭୁଜା ଚାମୁଣ୍ଡା

ଯାଜପୁରର ବରାହନାଥ ଠାରେ ଗୋଟିଏ କ୍ଷୁଦ୍ର ମନ୍ଦିରରେ ନୃତ୍ୟରତା ଚତୁର୍ଭୁଜା ଚାମୁଣ୍ଡା ମୂର୍ତ୍ତିଟିଏ ଦେଖିବାକୁ ମିଳେ । ଏହି ମୂର୍ତ୍ତି ଖଟ୍ୱାଙ୍ଗ, ଅକ୍ଷମାଳା, ଡମ୍ବରୁ ଓ ଶୂଳ ଧାରିଣୀ । ଅନୁରୂପ ଚତୁର୍ଭୁଜା ଚାମୁଣ୍ଡା ମୂର୍ତ୍ତି ବିରଜା ମନ୍ଦିର ବେଢା ପରିସରରେ ପରିଦୃଷ୍ଟ ହେଉଥିବା ବେଳେ, ତ୍ରିଲୋଚନେଶ୍ୱର ମନ୍ଦିର ବେଢାରେ ଓ କୁଣ୍ଡପାଟଣାସ୍ଥ କାଳୀକାହୁଣ୍ଡା ମନ୍ଦିରରେ ଅନ୍ୟ ଏକ ମୂର୍ତ୍ତି ଦେଖିବାକୁ ମିଳେ । ଅନ୍ୟ ଏକ ଯାଉଁଳିବନ୍ଧ ଠାରେ ଶାୟିତ ଶବାସନା ଚାମୁଣ୍ଡା, ନରମୁଣ୍ଡ, ତ୍ରିଶୂଳ, ଖଡ୍‌ଗ, ଅକ୍ଷମାଳା ଓ ବରଦ ମୁଦ୍ରାରେ ଶୋଭିତା । ଦକ୍ଷିଣ କର୍ଣ୍ଣରେ ସର୍ପକୁଣ୍ଡଳ, ଗଳାରେ ନରମୁଣ୍ଡମାଳ ଦେଖିବାକୁ ଅତି ସୁନ୍ଦର ।



## ସେମାନେ ଯାହା କହନ୍ତି



ବିରଜା ମଣ୍ଡଳ ଯାଜପୁର ଅତୀତରେ ତନ୍ତ୍ରଧାରାର ପ୍ରସିଦ୍ଧି ଚତୁଷ୍ପଦ ପୀଠ ମଧ୍ୟରେ ଉଡ୍ଡୀୟାନ ପୀଠ ଭାବରେ ପରିଚିତ । ତେଣୁ ଯାଜପୁର ଅଂଚଳରେ ବହୁଳ ଭାବରେ ଦ୍ୱିଭୂଜା, ଚାରିଭୂଜା, ଷଡଭୂଜା, ଅଷ୍ଟଭୂଜା, ଦଶଭୂଜା, ଅଠରଭୂଜା ବିଶିଷ୍ଟ ଚାମୁଣ୍ଡା ପରିଲକ୍ଷିତ ହୁଏ । ଶାସ୍ତ୍ରମାନଙ୍କରେ ଦ୍ୱିଭୂଜା ଓ ଛଅଭୂଜା ଚାମୁଣ୍ଡା ମାନଙ୍କର ବର୍ଣ୍ଣନା ଥିବା ବେଳେ, ଯାଜପୁରରେ ଏହି ବିରଳ ମୂର୍ତ୍ତିମାନ ଦେଖା ଯାଆନ୍ତି । ଅତୀତରେ ସମୟର ବହୁ ଘାତ ପ୍ରତିଘାତ ସମ୍ମୁଖୀନ ହୋଇ ଅର୍ଦ୍ଧଭଗ୍ନ, ଆଂଶିକ ଭଗ୍ନ, ସମ୍ପୂର୍ଣ୍ଣ ଭଗ୍ନ ଅବସ୍ଥାରେ ଏହି ଚାମୁଣ୍ଡା ମୂର୍ତ୍ତିଗୁଡିକ ପଡି ରହିଛନ୍ତି । ମୋର ମନେହୁଏ ଏହିଧାରା ଦୀର୍ଘଦିନ ଚାଲୁ ରହିଲେ ଉତ୍ତରପିଢିମାନଙ୍କ ପାଇଁ ଚାମୁଣ୍ଡା ମୂର୍ତ୍ତି ଦେଖିବା ପାଇଁ କଷ୍ଟସାଧ୍ୟ ହୋଇପଡିବ । ପ୍ରତ୍ନତତ୍ତ୍ୱ ବିଭାଗ ଏହି ବିରଳ ମୂର୍ତ୍ତିମାନଙ୍କର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ନଦେବା ଅତ୍ୟନ୍ତ ପରିତାପର ବିଷୟ । ମୋର ମତ, ଚାମୁଣ୍ଡା ମୂର୍ତ୍ତିଗୁଡିକୁ ବିକ୍ଷିପ୍ତ ଅବସ୍ଥାରେ ନରଖି ସ୍ୱତନ୍ତ୍ର ମନ୍ଦିରମାନଙ୍କରେ ସ୍ଥାନିତ କରାଗଲେ ଆଗାମୀ ପିଢି ପାଇଁ ବଳିଷ୍ଠ ସାଂସ୍କୃତିକ ବାର୍ତ୍ତା ଦେଇପାରିବ ।

**ପଣ୍ଡିତ ଭୂପତି ଭୂଷଣ ମିଶ୍ର,** ସଂପାଦକ: 'ଯଜ୍ଞପ୍ରଭା', ଯାଜପୁର



୨୦୦୨ରେ ଅନୁଷ୍ଠିତ ସର୍ବ ଭାରତୀୟ ସଜ୍ଜନ ସମ୍ମିଳନୀ ଅବସରରେ ପ୍ରକାଶ ପାଇଥିବା ପତ୍ରିକାରେ, ବ୍ରହ୍ମପୁର ମେଡିକାଲ କଲେଜ୍‌ର ପ୍ରଫେସର ତଥା ଇନ୍‌ଟାକ୍‌ର କୋଷାଧ୍ୟକ୍ଷ ଦୀପକ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ଏକ ପ୍ରବନ୍ଧରେ ଉପାସ୍ଥାପନା କରାଯାଇଛି ଯେ ପ୍ରାଚୀନ କଳାସ୍ଥାପତ୍ୟର ଆଦିଭୂମି ଓଡିଶାର ଅନେକ ସ୍ଥାନରେ ଚାମୁଣ୍ଡା ମୂର୍ତ୍ତିମାନ ପରିଦୃଷ୍ଟ ହୁଅନ୍ତି । ମନୁଷ୍ୟ ଶରୀରର ଯେଉଁସବୁ ସ୍ଥାନରେ ଯାହା ଶିରାପ୍ରଶିରା ଅସ୍ଥି ମାଂସପେଷୀ ରହିଛି ଚାମୁଣ୍ଡା ଭିତରେ ସେସବୁ ଖୋଦିତ ହୋଇଛି। । ଜନୈକ ଫରାସୀ ଶରୀର ତତ୍ତ୍ୱବିତ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷତ ଚାମୁଣ୍ଡା ମୂର୍ତ୍ତିମାନଙ୍କର ଫଟୋଚିତ୍ର ଦେଖି ଏହାର ପତ୍ନତାତ୍ତ୍ୱିକ ବୈଶିଷ୍ଟ୍ୟ ଶତପ୍ରତଶତ ଠିକ ବୋଲି ପ୍ରମାଣିତ କରି ଦେଖାଇଛନ୍ତି । ଚାମୁଣ୍ଡା ମୂର୍ତ୍ତିର ଶରୀରତତ୍ତ୍ୱକୁ ଦେଖି ତତ୍‌କାଳୀନ ଓଡିଶାର ଚିକିତ୍ସା ଶାସ୍ତ୍ରର ବିକାଶକୁ ପ୍ରତିଫଳିତ କରିଛି । ଏହି ଦୃଷ୍ଟିରୁ ବିକ୍ଷିପ୍ତ ଭାବରେ ପଡିରହିଥିବା ଚାମୁଣ୍ଡା ମୂର୍ତ୍ତି ଗୁଡିକର ସଂରକ୍ଷଣର ଆବଶ୍ୟକତା ରହିଛି ।

**ରବିନନ୍ଦନ ପତି,** ଶିକ୍ଷାବିତ୍, ବ୍ୟାସନଗର, ଯାଜପୁର



## ଷଡଭୂଜା ଚାମୁଣ୍ଡା

ଯାଉଁଳୀବନ୍ଧ ନିକଟସ୍ଥ ତ୍ରିଲୋଚନେଶ୍ୱର ମନ୍ଦିର ପରିସରର ପ୍ରବେଶ ଦ୍ୱାର ନିକଟରେ ରାସ୍ତା କଡରେ ଏକ ଷଡଭୂଜା ଚାମୁଣ୍ଡା ଶବାରୂଢ଼ା ହୋଇଥିବାର ପରିଦୃଷ୍ଟ ହୁଏ । ଏହା ବୃହଦାକାର ଓ ଅର୍ଦ୍ଧ ପଦ୍ମାସନା ଉପରେ ଆସୀନ । ସେ ପାନପାତ୍ର, ତ୍ରିଶୂଳ, ଛିନ୍ନପାଦ, ଛୁରୀକା, ମାଳା ଓ ବରଦ ମୁଦ୍ରା ଧାରଣ କରିଛନ୍ତି। କଣ୍ଠରେ ଛିନ୍ନମସ୍ତକର ମାଳା, ଦକ୍ଷିଣ କର୍ଣ୍ଣରେ ସର୍ପର କୁଣ୍ଡଳ ପରିଧାନ କରିଛନ୍ତି। ଐତିହାସିକମାନେ ଏକମତ ଯେ ଭୌମକର ବଂଶର ପ୍ରଥମ ସମ୍ରାଟ କ୍ଷେମଙ୍କର ଦେବଙ୍କ ରାଣୀ ବସ୍ତାଦେବୀଙ୍କ ଦ୍ୱାରା ଏହି ପ୍ରତିମା ସ୍ଥାପିତ ହୋଇଛି । ସେହି କାରଣରୁ ତାଙ୍କ ନାମ ମୂର୍ତ୍ତିର ପାଦପୀଠରେ ଖୋଦିତ ହୋଇଥିବା ଦେଖିବାକୁ ମିଳେ । ଅନ୍ୟ ଏକ ଷଡଭୂଜା ଚାମୁଣ୍ଡା ମୂର୍ତ୍ତି କଳସପୁର ଗ୍ରାମର ମଧ୍ୟସ୍ଥଳରେ ଦୃଷ୍ଟିଗୋଚର ହଅନ୍ତି । ଏକ ଭଗ୍ନ ମନ୍ଦିରର ଗର୍ଭଗୃହରେ ଥିବା ଏକ ଉଚ୍ଚ ସିଂହାସନ ଉପରେ ଏହି ମୂର୍ତ୍ତି ଆସୀନା । ତାଙ୍କର ଗୋଟିଏ ଗୋଡ ଝୁଲନ୍ତା ଅବସ୍ଥାରେ ରହିଥିବା ବେଳେ,ହସ୍ତରେ ମନୁଷ୍ୟ ଖପୁରୀର ପାନପାତ୍ର, ଛିନ୍ନଶିର, ଅକ୍ଷମାଳା, ଛୁରୀକା, ତ୍ରିଶୂଳ, ଧାରଣ କରିଛନ୍ତି । ଅନ୍ୟ ଏକ ଷଡଭୂଜା ଚାମୁଣ୍ଡା ବିରଜା ହାଇସ୍କୁଲ ନିକଟରେ ଦେଖିବାକୁ ମିଳେ । ସେ ଶବ ଉପରେ ଅର୍ଦ୍ଧ ପଦ୍ମାସନରେ ଉପବେଶନ କରିଛନ୍ତି । ତାଙ୍କର ବିସ୍ତାରିତ ମୁଖ ଗହ୍ୱର ଭୟଙ୍କର, ଦନ୍ତପଂକ୍ତି, କୋଟରାଗତ ଚକ୍ଷୁ, ମନରେ ଭୟ ସଂଚାର କରିଥାଏ ।




## ଅଷ୍ଟଭୂଜା ଚାମୁଣ୍ଡା

ଯାଜପୁର ଅଂଚଳରେ ଅଷ୍ଟଭୂଜା ଚାମୁଣ୍ଡା ମୂର୍ତ୍ତି ବହୁଳ ଭାବରେ ଦେଖା ଯାଆନ୍ତି । ତରାଙ୍ଗ ସାଗରପୁର, ବିନ୍ଧାଣ, ସୋମନାଥପୁର, ବରୁଆଡି, ଗରିଆପୁର, ସିଦ୍ଧେଶ୍ୱର ଓ ବିଭିନ୍ନ ବ୍ରାହ୍ମଣ ଶାସନ ମାନଙ୍କରେ ଏହି ଅଷ୍ଟଭୂଜା ଚାମୁଣ୍ଡାମାନେ ପୂଜା ପାଉଥିବା ଦେଖିବାକୁ ମିଳନ୍ତି । ଦେବୀ ମହାତ୍ମ୍ୟ ବର୍ଣ୍ଣନାନୁସାରେ ସେମାନେ ବାଣମୂଷଳ, ଶୂଳ,ଚକ୍ର, ଶଙ୍ଖ, ଘଂଟା ଓ କାର୍ମୁକ ଧାରଣ କରିଥିବା ଦେଖିବାକୁ ମିଳେ । ଦକ୍ଷିଣ ଚଣ୍ଡି ନାମରେ ପୂଜା ପାଉଥିବା ତରାଙ୍ଗ ସାଗରପୁରର ଚାମୁଣ୍ଡା, ବନ୍ଧେଶ୍ୱରୀ ନାମରେ ପୂଜା ପାଉଥିବା ବିନ୍ଧାଣର ଚାମୁଣ୍ଡା ଦ୍ୱୟ ବୃହଦାକାର ଅଟନ୍ତି । ସେମାନେ ଶାୟିତ ଶବ ଉପରେ ଅର୍ଦ୍ଧ ପଦ୍ମାସନରେ ଉପବେସନ କରିଛନ୍ତି । ଶବକୁ କାମୁଡି ଧରିଥିବା ଦୁଇଟି ଶୃଗାଳ, ଦେବୀଙ୍କ ହସ୍ତରେ ଧାରଣ କରିଥିବା ଛିନ୍ନଶିରରୁ ରକ୍ତବୁନ୍ଦାକୁ ପାନକରୁଥିବା ଦୁଇଟି ଯୋଗିନୀ ମୁଖ୍ୟ ମୂର୍ତ୍ତିର ଦୁଇପାଖରେ ଶୋଭା ପାଉଛନ୍ତି ।

## ଦଶଭୂଜା ଚାମୁଣ୍ଡା

ଯାଜପୁର ଠାରେ ଦୁଇଗୋଟି ଦଶଭୂଜା ଚାମୁଣ୍ଡା ମୂର୍ତ୍ତି ନିଖୁଣ ଅବସ୍ଥାରେ ଦୃଷ୍ଟିଗୋଚର ହୁଅନ୍ତି । ମୂର୍ତ୍ତିତତ୍ତ୍ୱ ଦୃଷ୍ଟିରୁ ଦୁଇଟି ଯାକ ଚାମୁଣ୍ଡା ମୂର୍ତ୍ତି ଏକ ପ୍ରକାରର ଓ ଅତ୍ୟନ୍ତ ଭୟଙ୍କର । ସେମାନଙ୍କ ମଧ୍ୟରୁ ଯେଉଁ ଚାମୁଣ୍ଡାଟି ତ୍ରିଲୋଚନେଶ୍ୱର ମନ୍ଦିର ନିକଟରେ ସଂରକ୍ଷିତ ହୋଇଛି, ସେ ଅତ୍ୟନ୍ତ ଶୀର୍ଣ୍ଣ ଶରୀର ଯୁକ୍ତା । କଣ୍ଠରେ ମୁଣ୍ଡମାଳା ପରିଧାନ କରିଛନ୍ତି । ତାଙ୍କର ନେତ୍ର ଗୋଲକ ଦ୍ୱୟ କୋଟରାଗ । ତାଙ୍କ ମୁଖମଣ୍ଡଳ ଦେଖିବାକୁ ଅତି ଭୟଙ୍କର ଓ ବିବସ୍ତ୍ର । ହାସ୍ୟରେଖା ଲାଖିରହିଛି ମୁହଁରେ । ମୁହଁମାଡି ପଡିଥିବା ଏକ ଶବଉପରେ ଅର୍ଦ୍ଧପଦ୍ମାସନରେ ଉପବେଶନ କରିଛନ୍ତି । ଖଟ୍ୱାଂଗରେ ଏକ କ୍ଷୁଦ୍ରଶବ ଲାଖି ରହିଛି । ଅନ୍ୟଟି ବରୁଆଡିର ଚଣ୍ଡି ମନ୍ଦିର ମଧ୍ୟରେ ସାଢେ ତିନିଫୁଟ ଉଚ୍ଚତାର ଅନୁରୂପ ପ୍ରତିମା ଦୃଷ୍ଟିଗୋଚର ହୁଏ । ହୀରାପୁର ଠାରେ ଅନ୍ୟ ଏକ ଦଶଭୂଜା ଚାମୁଣ୍ଡା ଦୃଷ୍ଟିଗୋଚର ହୁଅନ୍ତି । ହୀରାପୁରବାସୀ ଏହାକୁ ଦକ୍ଷୀଣ କାଳୀ ଭାବରେ ପୂଜା କରିଆସୁଛନ୍ତି ।

## ଅଷ୍ଟାଦଶ ଭୂଜା ଚାମୁଣ୍ଡା

ତ୍ରିଲୋଚନେଶ୍ୱର ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ମନ୍ଦିରରେ କାଳୀ ଓ ମହାଲକ୍ଷ୍ମୀ ଭାବେ ପୂଜା ପାଉଥିବା ଏକ ବୃହଦାକାରର ଅଷ୍ଟାଦଶ ଭୂଜା ଚାମୁଣ୍ଡା ଦୃଷ୍ଟିଗୋଚର ହୁଅନ୍ତି । ସାଧାରଣ ଲୋକେ ଏହାକୁ ନଅ ହାତ ଦେଉଳରେ ଅଠର ହାତର କାଳୀ ବୋଲି କହିଥାନ୍ତି । ଏହାର ଅର୍ଥ ହେଲା ନଅ ହାତ ଉଚ୍ଚତା ବିଶିଷ୍ଟ ମନ୍ଦିର ଭିତରେ ପୂଜା ପାଉଛନ୍ତି ଅଠରଟି ହାତ ବିଶିଷ୍ଟ ଚାମୁଣ୍ଡା ବା କାଳୀକା ମୂର୍ତ୍ତି । ସେ କେବଳ ଯାଜପୁରରେ କାହିଁକି ସମଗ୍ର ଓଡିଶାର ସର୍ବବୃହତ ଚାମୁଣ୍ଡା ମୂର୍ତ୍ତି । ତାଙ୍କର ମୂର୍ତ୍ତିକଳା ଦେବୀ ମହାତ୍ମ୍ୟର ମହାଲକ୍ଷ୍ମୀଙ୍କ ଧ୍ୟାନ ଅନୁସାରେ ସ୍ଥିରିକୃତ ହୋଇଛି । ସେ ଏକ ଶବ ଉପରେ ଆସୀନା । ଏକ ଲମ୍ୱା ମୁଣ୍ଡମାଳା କଣ୍ଠଦେଶରେ ଶୋଭା ପାଉଥିବା ବେଳେ, କର୍ଣ୍ଣରେ ସର୍ପର କୁଣ୍ଡଳ, ତାଙ୍କ ତ୍ରିଶୂଳ ଅଗ୍ରଭାଗରେ ଏକ କ୍ଷୁଦ୍ର ଶବ, ହସ୍ତମାନଙ୍କରେ ଅକ୍ଷମାଳା, କମଳ, ବାଣ, ଅସୀ, କୁଳୀଶ, ଗଦା, ଚକ୍ର, ତ୍ରିଶୂଳ, ପରଶୁ, ଶଙ୍ଖ, ଘଂଟା, ପାଶ, ଶକ୍ତି ଦଣ୍ଡ, ହସ୍ତୀଚର୍ମ, ପାନପାତ୍ର ଓ କମଣ୍ଡଳୁ ଧାରଣ କରିଛନ୍ତି। ତାଙ୍କର ସୌନ୍ଦର୍ଯ୍ୟ ଓ ମନହାରୀତାରୁ ଜଣାଯାଏ ଅତୀତରେ ଏକ ସ୍ୱତନ୍ତ୍ର ମନ୍ଦିର ମଧ୍ୟରେ ତାଙ୍କର ପୂଜାର୍ଚ୍ଚନା କରାଯାଉଥିଲା । ଏଠାରେ ଆଲୋଚିତ ସମସ୍ତ ମୂର୍ତି ନିର୍ମାଣର ସମୟ ଅଷ୍ଟମ ଶତାବ୍ଦୀର ବୋଲି ଜଣାପଡିଛି । ଭୌମକର ବଂଶର ପ୍ରତ୍ୟକ୍ଷ ପୃଷ୍ଠପୋଷକତାରେ ଉଭୟ ହିନ୍ଦୁ ଓ ବୌଦ୍ଧ ତାନ୍ତ୍ରିକ ମାନେ ସିଦ୍ଧିଲାଭ ନିମିତ ରାଜଧାନୀ ଗନ୍ଧେଶ୍ୱରପାଟକର ଚତୁପାର୍ଶ୍ୱରେ ଏହି ଭୟଙ୍କରୀ ତନ୍ତ୍ରଦେବୀଙ୍କୁ ଉପାସନା କରୁଥିଲେ ।


ଉତ୍କର୍ଷ ଆମ ମାଟିର ସ୍ୱର

Ohm
PVC HDPE Pipes & Fittings
OHM PIPES PVT. LTD.




"An ISO 9001-2015 Certified Company"


**OHM PIPES, Symbol of Trust**

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

କଥା-କାହାଣୀ

# ରାଜପ୍ରାସାଦର ମୋହ



## ଶୈବାଳିନୀ ସାହୁ

ଫ୍ଲାଟ୍-୯୪, ସେକ୍ଟର-ଏ
ମେଟ୍ରୋ ପଲିଟାନ୍ କୋ-ଅପରିଟିଭ୍ ସୋସାଇଟି,
କୋଲକାତା- ୭୦୦୧୦୫
ଫୋନ: ୮୫୮୨୮୭୯୦୦୬


ଚିତ୍ର : ବିମଳ ମୋହନ ଦାସ

ମୁର୍ସିଦାବାଦରୁ କୋଲ୍‌କାତା ଅଭିମୁଖେ ଆଗେଇ ଚାଲିଥିଲା ବସ୍। ରାତ୍ରି ଦଶଟା। ସମସ୍ତେ ନିୟନ ଆଲୁଅରେ କ୍ଲାନ୍ତ ଶରୀରଟାକୁ ମେଲାଇ ଦେଇଛନ୍ତି ଛାଇ ଛାଇକା ନିଦରେ। ବସ୍‌ଟି ବହରମ୍ପୁର ଛାଡି ଲାଲ୍‌ବାଗ କଲେଜ୍ ରୋଡ୍ ଧରି ସାରିଥିଲା।

ଘର୍‌ଘର୍ ପେଁପାଁ ଶବ୍ଦ ଭିତରୁ ହଠାତ୍ ଭାସି ଆସିଲା ବୁକୁଫଟା ଚିତ୍କାର। କଣ୍ଡକ୍ଟର୍ ହାତରେ ବଳି ପଡିଲା ଭଳି ଧରିଥିଲା ଛୁଆଟିକୁ। କଣ୍ଡକ୍ଟରଟି କଳା, ଧୁମୁସା, ମୋଟା ନିଶଧାରୀ, ଗାଆଁର କଂସ ପାର୍ଟ କଲା ଭଳି ମୋଟା ପେଟୁଆ ଦିଶୁଥିଲା। ସେ ତା'ର କଳା କାନ୍ଧ ଝୁଲା ବ୍ୟାଗ୍‌ଟିକୁ ଆଗକୁ ଟାଣି ଦେଇ ଝୁଲାଇ ଧରିଲା ସାମ୍ନାରେ। ପ୍ରାୟ ଛୋଟ ଦଶ ବର୍ଷ ବୟସର ତନୁ ପାତେଳୀ ଝିଅଟିକୁ ଧରି କାହାର ଝିଅ ବୋଲି ପ୍ରଶ୍ନ ପରେ ପ୍ରଶ୍ନ ବାଣରେ ପୋତି ପକାଉଥିଲା। ଝଟି ମାଟି କାନ୍ଥ ପରି ଭୟରେ ଭୁଶୁଡି ପଡୁଥିଲା ଝିଅଟି। କଣ୍ଡକ୍ଟର ଝିଅଟିର ହାତକୁ ପରଛିଣ୍ଡା ଚଢ଼େଇର ଡେଣା ଭଳି ଡାହାଣ ହାତରେ ଭିଡି ଧରିଥିଲା ଜୋର୍‌ରେ। ଝିଅଟି କାନ୍ଦୁଥିଲା ଗଗନ ଭେଦାଇ ଭାରି ବିକଳରେ। କଣ୍ଡକ୍ଟର୍ ବାଁ ହାତରେ ସମସ୍ତ ବଳ ଖଟାଇ ବସ୍‌ର ଘଣ୍ଟିକୁ ଟିଂ ଟିଂ ଟିଂ ବଜାଇଥିଲା। ଧପାସ୍ କରି ବ୍ରେକ୍ କଷିଲା ଡ୍ରାଇଭର୍। ଡ୍ରାଇଭର୍ ଜଣଙ୍କ ପଞ୍ଜାବୀ ଭାଇ ବୋଧେ। ହଳଦିଆ ପଗଡ଼ିକୁ ମୁଣ୍ଡରେ ଆଉ ଟିକେ ସଜାଡି ନେଇ ପଛକୁ ଚାହିଁଲା ଆଶ୍ଚର୍ଯ୍ୟ ଚକିତ ଭଙ୍ଗୀରେ ମୁଣ୍ଡ ଝୁଙ୍କାଇ। ସମସ୍ତ ପାସେଞ୍ଜର୍ ବକ୍ରରେଖାରେ ମୁହଁ ଘୁରାଇଲେ ଆତଙ୍କିତ ଅବସ୍ଥାରେ। କଣ୍ଡକ୍ଟର୍ ଚିତ୍କାର କରି କରି କହି ଚାଲିଥାଏ, "କିସ୍‌କା ସାଥ୍ ଆଇ ହୈ ୟେ ଲଡ୍‌କୀ? ବତାତି ହେ ଅକେଲା ଆୟି। ଇଧର୍ ହି ଉତର୍ ଦୁଙ୍ଗା। ସଚ୍ ବୋଲ। ଟିକଟ୍ ପୈସା ନା ଦେନେକା ଇତ୍‌ନା ଝୁଟ୍।" ଝିଅଟି ଦୁଇଟି ନାଲି ରିବନ ବନ୍ଧା ବେଣୀ ହଲାଇ ଆହୁରି ଜୋର୍‌ରେ କାନ୍ଦି ଉଠିଲା।

ଆଗ ସିଟ୍‌ରେ ବସିଥିବା ସୁବଳ ଚମକି ପଡିଲା। ମୁର୍ସିଦାବାଦରୁ ବସ୍‌ଟା ଆସି ଲାଲ୍‌ବାଗ୍ ଛାଡିଲାଣି। ଛୁଆଟା ବସ୍‌କୁ କେମିତି ଆସିଲା କେହି ଜାଣି ପାରୁନାହାନ୍ତି? ସମସ୍ତେ ଭାବୁଛନ୍ତି ଆ ଭିତରେ କାହାରି ଛୁଆ ହୋଇଥିବ। 'ଆବୁ ଆବୁ' ବୋଲି ଚିତ୍କାର କରୁଥାଏ ଛୁଆଟି। କେଜାଣି ସୁବଳ ଏତେ ପଛକୁ ଝାପ୍‌ସା ଆଲୁଅରେ ଚିହ୍ନଟ କରି ପାରୁ ନ ଥିଲେ ବି ଭାରି ଆପଣାର ଲାଗିଲା ସ୍ୱରଟି। ଆଗ ସିଟ୍‌ରେ ବସିଥିବା ସୁବଳର ଅଳସ ଶରୀରଟା ମନ୍ତ୍ରବତ୍ ଟାଣି ହୋଇଗଲା ପଛକୁ। ଝିଅଟି ତା ମୁହଁ ସାମ୍ନାରୁ ଖଣ୍ଡି ଆଲୁଳାୟିତ ଚୁଳଗୁଡିକୁ ଆଡେଇ ଭୀତତ୍ରସ୍ତ ଭାବରେ ଚାହିଁ ଝପଟି ଆସିଲା ସୁବଳ ଆଡ଼କୁ। 'ଚାଚା ଚାଚା' ବୋଲି ଡାକି କୁଣ୍ଢେଇ ପକାଇଲା ତାକୁ।

ଆରେ ଏ ତ' ପର୍‌ବିନ୍। ତା' ମାଲିକ ସୁଲେମାନ୍ ଓ ନାଜିଆ ବିବିର ତୃତୀୟ ସନ୍ତାନ।

କିଛି ସମୟ ପାଇଁ ପଥର ପାଲଟି ଗଲା ସୁବଳ। ହରିଦାସ ମାଟିରୁ ମୁର୍ସିଦାବାଦ ଆସିଲା କେମିତି? ସୁବଳ କିଛି ସମୟ ଲାଗି ଭାବିଦେଲା ଅନେକ କିଛି। ସୁଲେମାନ୍ ଭାଇ ଲାଗି ଆଜି ତାର ନୂତନ ଜନ୍ମ। ସୁଦୂର ଓଡିଶା ତାର ଜନ୍ମମାଟି ହେଲେ ବି ସୁବଳ ତା ବାପାଙ୍କ ସହିତ ଦାଦନ ଖଟିବାକୁ ଆସିଥିଲା ମୁର୍ସିଦାବାଦକୁ। ରହୁଥିଲା ହରିଦାସ ମାଟି ଗ୍ରାମର ଗଙ୍ଗାକୂଳର ଗୋଟେ ମୁସଲମାନ ବସ୍ତିରେ। କିନ୍ତୁ ତା ବାପା ହିନ୍ଦୁ ମୁସଲିମ୍ ମଧ୍ୟରେ ପ୍ରଭେଦ କେବେ ଦେଖି ନ ଥିଲେ। ବାପା ତାର ଥିଲେ ଠିକାଦାର। ଉଚ୍ଚା ଉଚ୍ଚା ଘର ବନାଉଥିଲା ବେଳେ ଗୋଟେ ପାଞ୍ଚ ତାଲା ଭାରାରୁ ଖସିପଡି ଗୋଡ଼ଟିଏ ହରାଇ ଅପାରଗ ଜୀବନ ବିତାଉଛନ୍ତି ଏବେ। ସୁବଳ ଏବେ ବି ସେହି ମୁସଲମାନ ବସ୍ତିରେ ରୁହେ। ହେଲେ ମୁସଲିମ ଲୋକଗୁଡିକ ଖୁବ୍ ଉପକାରୀ। ନୂଆ ନୂଆ କାମ ଶିଖୁଥିବା ସୁବଳକୁ ବସ୍ତିର ସୁଲେମାନ୍ ଯିଏ କି



▲ ଲେଖିକା ଶୈବାଳିନୀ ସାହୁ

### ଲେଖାଣୀ ପଛର ଲେଖାଣୀ

ସକାଳର ମନଲୋଭା ସୂର୍ଯ୍ୟ ଉଦୟ ହେଉ ହେଉ ଆମ ଛାତ ଉପରେ ଓଁକାର ମନ୍ତ୍ରରୁ ଆରମ୍ଭ ହୋଇଯାଏ ଯୋଗ କ୍ଲାସ୍। ପୁଣି ସନ୍ଧ୍ୟା ଅବକାଶରେ କଦବା ମୁଁ ମୋ ଛାତ ଉପରକୁ ଆସିଲା ମାତ୍ରେ ହିଁ ଆମ ଛାତ ଠାରୁ ଅନତିଦୂରେ ଅର୍ଦ୍ଧନିର୍ମିତ ଘର ଚାଲିଆସେ ମୋ ଆଖି ସାମ୍ନାକୁ। ସେଠାରେ କାମ କରୁଥିବା ଶ୍ରମିକମାନଙ୍କ ମେଳରେ ଗୋଟିଏ କୁନିଝିଅକୁ ଦେଖି ମୋ ମନରେ ସୃଷ୍ଟି ହୋଇଥିଲା ନାନା ପ୍ରଶ୍ନବାଚୀ। ଜାଣିବାକୁ ପାଇଥିଲି ନିପଟ ମଫସଲର ଏକ ଅଖ୍ୟାତ ଗାଁରୁ ସେ ମୁସ୍‌ଲିମ୍ ଝିଅଟି ଝୁମ୍ପୁଡ଼ି ଘରୁ ମାଆକୁ ଛାଡ଼ି ଆସେ ତା' ସହିତ ଆଉ ସେଇ ଅର୍ଦ୍ଧନିର୍ମିତ ଘରେ ରହି ସେ ଖୁସି ହୁଏ। ଏଇ ଚିତ୍ର, ଚରିତ୍ର ଓ ପ୍ଲଟ୍‌କୁ ନେଇ କିଛି ଲେଖିବାର ଇଚ୍ଛା ମନ ଭିତରେ ସ୍ୱତଃ ଜାଗେ। ସମୟକ୍ରମେ ଏହି ଆଧାରରେ ଲେଖା ହେଲା ଗଳ୍ପ 'ରାଜପ୍ରାସାଦର ମୋହ'।

ଶୈବାଳିନୀ ସାହୁ

କୋଲ୍‌କାତାରେ ଘର କଣ୍ଟ୍ରାକ୍ଟରେ ତିଆରି କରେ ସେ ସୁବଳକୁ ସାଙ୍ଗରେ ନେଇ ଆସିଥିଲା ଦୁଇବର୍ଷ ତଳେ । ଯୋଗାଡ଼ିଆ ହିସାବରେ ଖୁବ୍ ଖାତିର ସୁବଳର । ଏବେ ରାସ୍ତା ମଝିରେ ଛାଡି ପାରିବନି ମାଲିକର ଛୁଆଟିକୁ । ସେ ବି ଟିକିଏ ଗନ୍ଧ ପାଇଲାନି ଛୁଆଟା କେମିତି ତାରି ପଢ଼ାରୁ ତାରି ବସ୍‌ରେ ଆସିଲା । ଅଥଚ ?

ପରବିନ୍‌କୁ ଆଣି ଶାନ୍ତ କରାଇ ନିଜ ପାଖରେ ବସାଇଲା ସୁବଳ । ରାତି ଅଧରେ ପୁଣି ମୁର୍ସିଦାବାଦ ଯାଇ ହରିଦାସ ମାଟି ଫେରିବା ଅସମ୍ଭବ । ପଛକୁ ଫେରିବାର ଉପାୟ ନାହିଁ । ସେ ବି ଫେରୁଥିଲା କାମକୁ ସୁଲେମାନ୍ ଭାଇ ପାଖକୁ କୋଲ୍‌କାତା । ସୁବଳକୁ ପାଖରେ ପାଇ ପରିବନ୍ ଟିକିଏ ସାଷ୍ଟାମ ହେଲା ଉତ୍ତାରୁ କହିଲା, "ଆବୁ ବଡ଼ ବଡ଼ ରାଜପ୍ରାସାଦରେ ରୁହନ୍ତି ବୋଲି କୁହନ୍ତି । ମୁଁ ବି ରହିବି ଆବୁ ସହିତ ରାଜପ୍ରାସାଦରେ । ଚାଚା, ତୁମେ ଏଇ ବସ୍‌ରେ ଆସୁଛ ଜାଣି ମୁଁ ବି ଏଇ ବସ୍‌ରେ ଲୁଚିକି ଉଠି ଆସିଛି ।"

ସୁବଳ ପରିବାର ସହିତ ସେମାନଙ୍କର ଖୁବ୍ ଘନିଷ୍ଠତା ଥିବାରୁ ପର୍‌ବିନ୍ ଭଲ ଓଡ଼ିଆ କହି ପାରୁଥିଲା । ସୁବଳ ବୁଝି ପାରୁ ନ ଥିଲା ପର୍‌ବିନ୍ କୋଉ ରାଜପ୍ରାସାଦର କଥା କହୁଛି । ସୁଲେମାନ୍ ଭାଇ ସହିତ ସେ ବି ତ ରୁହେ ଅଧା ତିଆରି ଘରେ । ବିନା ପ୍ଲାଷ୍ଟରିଂ ଚଟାଣରେ ବିତେ ସେମାନଙ୍କର ଦିନ ଆଉ ରାତି । ଅଥଚ ପର୍‌ବିନ୍‌ର ରାଜପ୍ରାସାଦ କଥା ବୁଝିବା ବାହାରେ ଥିଲା ତା ଲାଗି ।

ଜାଙ୍ଗୁଲୁ ଜାଙ୍ଗୁଲୁ ଅନ୍ଧାରରେ ପହଁଚି ଯାଇଥିଲେ ସୁଲେମାନ୍ ପାଖରେ ଦୁଇଜଣ ।

ଆଖି ମଳି ମଳି ଚାହିଁଲା ସୁଲେମାନ୍ । ସେ ସ୍ୱପ୍ନ ଦେଖୁନି ତ ? ନା ନା ସତ ।

ତା ସୁନାନାକୀ ଝିଅ ମୁର୍ସିଦାବାଦରୁ ଆସି କୋଲ୍‌କାତାରେ ? ସବୁ ସୁବଳର ନାଟ ନିଶ୍ଚିତ । ତାକୁ ନ ପଚାରି ?

କିଛି ନ ପଚାରି ଧପାସ୍ କରି ଶକ୍ତ ଚଟକଣି କଷିଦେଲା ସୁଲେମାନ୍ ସୁବଳ ଗାଲରେ ।

କିଛି ବୁଝିବା ଆଗରୁ ପର୍‌ବିନ୍ କାନ୍ଦି ଉଠିଲା ଗୋଠ ଛଡା ବାଛୁରୀ ଭଳି ଆଉ ଆବୁ (ବାପା)କୁ ତା'ର ଜଡାଇ ଧରିଲା ଶକ୍ତ ଭାବରେ କଅଁଳ ଲତାଟେ ଭଳି ।

ଗାଲୁରୁ ଗାଲୁରୁ କହୁଥିଲା, "ଆବୁ, ଚାଚୁର କିଛି ଭୁଲ୍ ନାହିଁ । ମୁଁ ଲୁଚିକି ଘରୁ ପଳେଇ ଆସିଛି ।"

ପର୍‌ବିନ୍ ବିକଳ ଦୃଷ୍ଟିରେ ଦେଖୁଥିଲା ସୁଲେମାନ୍‌କୁ । ସୁଲେମାନ୍ ଚାହିଁଥିଲା ଶୂନ୍ୟକୁ । ଲିଭି ଆସୁଥିବା ଜହ୍ନକୁ । ପାଖ ଘର ସାମ୍ନାରୁ ଝରି ପଡିଥିବା ଶେଫାଳି ଫୁଲର ମନ ମତାଣିଆ ସୁଗନ୍ଧରୁ ସାଉଁଟି ଆଣୁଥିଲା ତା ଅଲିଅଳି ଝିଅର ସ୍ୱପ୍ନକୁ, ଝିଅର ପଚାରିଥିବା ପ୍ରଶ୍ନକୁ ଯାହାର ଉତ୍ତର ଲାଗି ଧାଇଁ ଆସିଛି ତା ଝିଅ ଏତେ ଦୂରକୁ ।

ଅସହାୟ ହୋଇ ଚାହିଁଲା ସୁଲେମାନ୍ । ଅନର୍ଗଳ କହି ଚାଲିଥଲା ସୁବଳ ରାତ୍ରିର ଘଟଣା ଗୁଡିକ ପରଦା ପଛର ସିନେମା ଭଳି ।

ସୁଲେମାନ୍ ଚାହିଁଥିଲା ତା ହାତରେ ଗଢିଥିବା ବଡ଼ ବଡ଼ ଅଟ୍ଟାଳିକାମାନଙ୍କୁ ଯେଉଁଟା କି ସେ ତା ଛୁଆମାନଙ୍କୁ ରାଜପ୍ରାସାଦ ବୋଲି ବର୍ଣ୍ଣନା କରେ ।

କୋଳରେ ନିବିଡ଼ ଆଶ୍ଳେଷରେ ଜାକି ଧରିଥିଲା ଝିଅକୁ ।

ପର୍‌ବିନ୍ ଭାବୁଥିଲା ମନେ ମନେ ତା ଅମି କାନ୍ଦୁଥିବ ତାକୁ ଖୋଜି ଖୋଜି । ଖୋଜୁଥାଉ ।

ବିଡ଼୍ ବିଡ଼୍ ହୋଇ ମନକୁ ମନ କହି ଚାଲିଥାଏ ପର୍‌ବିନ୍, "କେତେଥର କହିଲି ଅମିକୁ ଆବୁ ଏଠି ଆମ ଗାଁ ମାଟିରେ ଝାଟିମାଟିର ଘର କରି ଦେଇଛନ୍ତି । ଆବୁ ରୁହନ୍ତି ନିଜ ହାତରେ ତିଆରି ନୂଆ ନୂଆ ଘରେ । ବଡ଼ ବଡ଼ ରାଜପ୍ରାସାଦରେ । ଆମେ ସେଇଠିକି ଚାଲ୍ ଯିବା । ହୁଁ ଅମି ତ ସବୁବେଳେ କୁହେ କଣ ନା ଏଠି ଭଲ । ବହୁତ ଭଲ । ନଡ଼ା ଛପର ଘର । ହେଲେ କି ଥଣ୍ଡା । ପାଖରେ ଗଙ୍ଗାଧାର । ଖୁବ୍ ଭଲ ଲାଗେ କାଳେ । ଆବୁ ଆମର ସବୁ ସୁଖ ସୁବିଧା ଲାଗି କରିଦେଇଛନ୍ତି । ଆମର ରାଜପ୍ରାସାଦ ପୁଣି କଣ ଦରକାର ? ଘରେ ଏତେ କୁକୁଡ଼ା, ଛେଳି ରଖିଛନ୍ତି । କାଳେ ଆମେ ଏ ସବୁ ଖାଇ ହୃଷ୍ଟପୁଷ୍ଟ ରହିବୁ । କିନ୍ତୁ ଆବୁ ତ ରାଜପ୍ରାସାଦ ଭିତରେ କିଣିକି ଖାଇଲେ ବି ବହୁତ ଭଲ ଖାଦ୍ୟ ଖାଆନ୍ତି କୁହନ୍ତି । ମୁଁ ପହଞ୍ଚିଗଲି ଆସି ତାଙ୍କ ପାଖରେ । ରାଜପ୍ରାସାଦର ଦୋଳିରେ ଝୁଲିବି । ଆବୁ କୁହନ୍ତି ସେ ଯେଉଁଠି ରୁହନ୍ତି ନୂଆ ନୂଆ ରାଜପ୍ରାସାଦ ଭିତରେ । ବର୍ଷକରେ ଥରେ ପୁଣି ନୂଆ ଘର । ଆବୁ ରହୁଥିବା ରାଜପ୍ରାସାଦକୁ ମୁଁ ଯାଇ ଯଦି ଏତେ ଉଚ୍ଚା ଘରୁ ଖେଳୁ ଖେଳୁ ପଡ଼ିଯାଏ ? ଉଫ୍ ! ଆଖି ବନ୍ଦ କରି ପର୍‌ବିନ୍ ଜାବୁଡି ଧରିଲା ତା ଆବୁକୁ ।

ସୁଲେମାନ୍ ନାଚାର । ନିଜ ମିଛ ଗପ୍ପ ଆଗରେ ନିଜେ ହିମ କାକର ପାଲଟୁଥିଲା ଆସ୍ତେ ଆସ୍ତେ । ପର୍‌ବିନ୍‌କୁ ପାଖରେ ରଖିବାକୁ ପଡିବ । ସେ ଶୁଣାଇ ଥିବା ରାଜପ୍ରାସାଦର କାହାଣୀ ତା ଉପରେ ଭାରି ପଡିଛି । ଅନିଚ୍ଛା ସତ୍ତ୍ୱେ ସୁଲେମାନ୍ ନିଜ ହାତରେ ଢଳାଇ କରିଥିବା ପାଞ୍ଚତାଲା ଘରର କାନ୍ଥ ଉଠିଥିବା ଦୁଇତାଲା ଘରେ ପଟା ବିଛାଇବାକୁ କହିଥିଲା ସୁବଳକୁ ।

ସୁଲେମାନ୍ ତା ମିଛ ଗପ ଯେ ତାରି ଉପରେ ଏତେ ଭାରି ପଡିବ ଆଉ ବୁମେରାଂ ହୋଇ ଫେରିବ ଭାବି ନ ଥିଲା । ଭାବୁଥିଲା ସେ ଘରକୁ ଯାଇ ପରବିନ୍‌କୁ ନିଜର ବାରଘର ଶୁଣ୍ଠିପିଣ୍ଡା ହେବାର କାହାଣୀକୁ କେମିତି ବା ଶୁଣାଇଥାନ୍ତା । କେବଳ ସେ ଖୁସିରେ ଶାନ୍ତିରେ ଅଛି କହିବା ଲାଗି ଏତେ ବଡ଼ ମିଛ କହିଥିଲା । ସହରରେ ସେ ତିଆରି କରୁଥିବା ଘର ଛାତ ଢଳାଇ ପଡି ସାରିଲେ ଯେ ପର୍ଯ୍ୟନ୍ତ କାନ୍ଥରେ ସିମେଣ୍ଟ ବୋଳା ନ ହୋଇଛି ସେଇଠି ସେ ଶୋଇ ସ୍ୱପ୍ନ ଦେଖେ । ଖୋଲା ଝରକା ଦେଇ ପାଖରୁ ଜହ୍ନକୁ ଦେଖେ । ତାରାମାନଙ୍କ

**ବିଡ଼୍ ବିଡ଼୍ ହୋଇ ମନକୁ ମନ କହି ଚାଲିଥାଏ ପର୍‌ବିନ୍, କେତେଥର କହିଲି ଅମିକୁ ଆବୁ ଏଠି ଆମ ଗାଁ ମାଟିରେ ଝାଟିମାଟିର ଘର କରି ଦେଇଛନ୍ତି । ଆବୁ ରୁହନ୍ତି ନିଜ ହାତରେ ତିଆରି ନୂଆ ନୂଆ ଘରେ । ବଡ଼ ବଡ଼ ରାଜପ୍ରାସାଦରେ । ଆମେ ସେଇଠିକି ଚାଲ ଯିବା । ହୁଁ ଅମି ତ ସବୁବେଳେ କୁହେ କଣ ନା ଏଠି ଭଲ । ବହୁତ ଭଲ । ନଡ଼ା ଛପର ଘର । ହେଲେ କି ଥଣ୍ଡା । ପାଖରେ ଗଙ୍ଗାଧାର । ଖୁବ ଭଲ ଲାଗେ କାଳେ । ଆବୁ ଆମର ସବୁ ସୁଖ ସୁବିଧା କରିଦେଇଛନ୍ତି । ଆମର ରାଜପ୍ରାସାଦ ପୁଣି କଣ ଦରକାର ? ଘରେ ଏତେ କୁକୁଡ଼ା, ଛେଳି ରଖିଛନ୍ତି । କାଳେ ଆମେ ଏସବୁ ଖାଇ ହୃଷ୍ଟପୁଷ୍ଟ ରହିବୁ । କିନ୍ତୁ ଆବୁ ତ ରାଜପ୍ରାସାଦ ଭିତରେ କିଣିକି ଖାଇଲେ ବି ବହୁତ ଭଲ ଖାଦ୍ୟ ଖାଆନ୍ତି କୁହନ୍ତି । ମୁଁ ପହଞ୍ଚିଗଲି ଆସି ତାଙ୍କ ପାଖରେ । ରାଜପ୍ରାସାଦରେ ଦୋଳିରେ ଝୁଲିବି । ଆବୁ କୁହନ୍ତି ସେ ଯେଉଁଠି ରୁହନ୍ତି ନୂଆ ନୂଆ ରାଜପ୍ରାସାଦ ଭିତରେ । ବର୍ଷକରେ ଥରେ ପୁଣି ନୂଆ ଘର । ଆବୁ ରହୁଥିବା ରାଜପ୍ରାସାଦକୁ ମୁଁ ଯାଇ ଯଦି ଏତେ ଉଚ୍ଚା ଘରୁ ଖେଳୁ ଖେଳୁ ପଡ଼ିଯାଏ ? ଉଫ୍ ! ଆଖି ବନ୍ଦ କରି ପର୍‌ବିନ୍ ଜାବୁଡି ଧରିଲା ତା ଆବୁକୁ ।**

ହସରେ ନିଜର ଅସ୍ତିତ୍ୱ ଖୋଜେ ।

ସୁବଳ ଖୋଲା ଝରକା ପାଖରେ ପଟା ଉପରେ ଛିଣ୍ଡା କନ୍ଥା ଉପରେ ନୂଆ ଚାଦରଟିଏ ବିଛାଇ ଦେଇଥିଲା ।

ଛାତ ତଳେ ଅନ୍ୟ ମିସ୍ତ୍ରୀମାନଙ୍କ ପାଇଁ ଯେଉଁଠି ଏକାଠି ରୋଷେଇ ହୁଏ ସେଠି ଏକ ବିରାଟ ବଡ଼ ହାଣ୍ଡିରେ ଭାତ ଟବ୍ ଟବ୍ ଫୁଟିବା ଆରମ୍ଭ କରି ଦେଇଥିଲା । ଦଶ ବର୍ଷର ଝିଅ ବୋଧେ ଆସ୍ତେ ଆସ୍ତେ କିଛି ବୁଝିବାକୁ ଚେଷ୍ଟା କରୁଥିଲା ତା ଆବୁର ଉତୁରା ମୁହଁରୁ । ରୋଷେଇ ପରେ ପର୍‌ବିନ୍ ସୁଲେମାନ୍ କୋଳରେ ବସି ଗୋଟେ ଗହୀର ଆଲୁମିନିୟମ୍ ଥାଳିରେ ଭାତ ଡାଲି ଆଳୁ ଚକଟା ଭିତରେ ଖୋଜୁଥିଲା ଆବୁର କାହାଣୀ ଆଉ ତା ଟିକି ମନରେ ଟିଭିରେ ଦେଖିଥିବା ରାଜପ୍ରାସାଦର ସୁସ୍ୱାଦୁ ଭୋଜନର ଆୟୋଜନକୁ ବି କରି ଚାଲିଥିଲା ତୁଳନା ।

କେଉଁଠି ଦିଶୁ ନ ଥିଲା ବଡ଼ ଝୁଲଣି । ଝରକା କବାଟ, ପ୍ଲାଷ୍ଟର ହୋଇ ନଥିବା ଉଚ୍ଚା ଉଚ୍ଚା ଘରଗୁଡିକ ପର୍‌ବିନ୍‌କୁ ଦାନ୍ତ ନିକୁଟି ଖତେଇ ହେଉଥିଲେ ବୋଧେ ।

ଆବୁର ବିକଳ ପଣରେ ଉବୁଟୁବୁ ହେଉଥିଲା ତା ଛୋଟିଆ ଧୁକୁ ଧୁକୁ କଲିଜା ।

ସୁବଳ ସହ ତା ଝିଅ ପର୍‌ବିନ୍ ସେଠିକି ପଳାଇ ଆସିଥିବାର ଖବର ଫୋନ୍ ଯୋଗେ ନିଜ ସ୍ତ୍ରୀ ନାଜିଆକୁ ଜଣାଇ ଦେଇ ସାରିବା ପରେ ସୁଲେମାନ୍‌ର ପରବର୍ତ୍ତୀ ଆଦେଶ ଥିଲା ସେ ସେଇ ପଟା ବିଛା ଘର ଭିତରେ ବସି ଖେଳିବ ସେ ଆଣି ଦେଇଥିବା କଣ୍ଢେଇ ସହିତ ଆଉ ସଢ଼େଇ ବାଲିଘର ଭିତରେ । ଲୁଡୁପାଲିର ଦାନ ଗୋଟିକୁ ବି ଏକା ଚଲେଇ ଏକା ଏକା ଖେଳିବ । ସନ୍ଧ୍ୟା ନଇଁ ଗଲେ ଆବୁ ସହରର ରାଜପ୍ରାସାଦ ଉପରେ ଉଇଁ ଉଠୁଥିବା ମୁହଁ ଫଣ ଫଣ ପୂର୍ଣ୍ଣିମା ଜହ୍ନ ଆଉ ତାଙ୍କ ଗଙ୍ଗା କୂଳେ ତାଳ ବଣ ଭିତରର ଚିତ୍ରିତ ଆକାଶରେ ଲୁଚକାଳି ଖେଳୁଥିବା ଫୁଲେଇ ଫାଳେ ଜହ୍ନର ହସ ଭିତରେ ପ୍ରଭେଦ କେତେ, ସେଇଟା ହେବ ଆଖିକୁ ନିଦ ନ ଆସିବା ଯାଏଁ ବାପ ଝିଅର ଗପ । ପାଖ ଘରେ କାମ ଦେଖି ସେ ଏଣିକି ଫେରିଆସିବ ସଅଳ ।

ପର୍‌ବିନ୍ ଆବୁର ହାତ ଧରି ଆଗେଇ ଯାଇଥିଲା ବାଲି ଗୋଡି ସିମେଣ୍ଟ ବସ୍ତାକୁ ଆଡେଇ ଆଉ ପହଁଚି ଥିଲା ଦୋତାଲାର ଗୋଟେ ଖୋଲା ଝରକା ପାଖରେ ପଟା ଉପରେ ଚିରା କନ୍ଥାକୁ ଭଲ ଭାବରେ ଆବୃତ୍ତ କରିଥିବା ଗୋଧି ଚମଡା ପ୍ରାୟ ଦିଶୁଥିବା ଚାଦରଟି ପାଖରେ ।

ପରବିନ୍‌ର ଆଖି ଜକେଇ ଆସୁଥିଲା ଲୁହରେ । ସୁଲେମାନ୍ ତା ମୁଣ୍ଡକୁ ଆଉଁଷି ଗାଢ଼ ଏକ ଚୁମା ଆଙ୍କି ଦେଇଥିଲା ଅବୁଝା ଝିଅର କପାଳରେ । ଦୁଇପହରେ ଆବୁ ଫେରିଲେ ପୁଣି ସାଙ୍ଗ ହୋଇ ଖାଇବେ । ରାତ୍ରିର କ୍ଳାନ୍ତି ଜନିତ ଯାତ୍ରା ଯୋଗୁଁ ଆବୁ ତାର ଶୋଇ ପଡିବାକୁ କହିଥିଲେ କୋଳରେ ଜଡେଇ ଧରି । ଆଗକୁ ବର୍ଷା ପାଗରେ କାମ କରି ପାରିବନି ଆବୁ । ତେଣୁ ବହୁତ ଜଲ୍‌ଦି ସେମାନେ ଫେରିଯିବେ ତାଙ୍କ ଗାଁ କୁ । ତାର ଅମିକୁ ଆବୁ ଫୋନ କରି ତା ପାଖରେ ଝିଅ ସୁରକ୍ଷିତ ଅଛି ଜଣାଇବା ସହିତ ଏଭଳି ଖାମ୍‌ଖିଆଲି ଗୁଣ ଲାଗି ଆଉ ଦୁଇଝିଅଙ୍କର ଯେମିତି ଅବହେଳା ନ ହୁଏ ତାଗିଦ କରିଥିଲେ ଫୋନରେ ।

ଦୀର୍ଘ ପଥ ଯାତ୍ରାଜନିତ କ୍ଳାନ୍ତିରେ ଶୋଇ ଯାଇଥିଲା ପର୍‌ବିନ୍ । ନିଦ୍ରିତ ଅବସ୍ଥାରେ ମନଟି ବି ତାର ଉଡି ଯାଇଥିଲା ପବନରେ ।


**॥ ଦୁଇ ॥**

ଜ୍ୟେଷ୍ଠ ମାସର ମଝି ସମୟ । ପର୍‌ବିନ୍‌ର ଗାଁ ଘରେ ନଡ଼ା ଛପର ଘରେ ଆଃ କି ଶାନ୍ତି ! ଆମ୍ବ ପଣସ ଭରା ଗଛର ବାସ୍ନା ପବନରେ ଖେଳେଇ ଯାଏ ପରବିନ୍ ଓ ତାର ଦୁଇ ଭଉଣୀଙ୍କ ନାକ ପର୍ଯ୍ୟନ୍ତ । ଗାଢ଼ ନିଦ୍ରା ଛୁମନ୍ତର ହୋଇଯାଏ । ସେମାନଙ୍କ ଅମି ଯଥେଷ୍ଟ ପରିଶ୍ରମ ପରେ କ୍ଳାନ୍ତ ଶରୀରଟିକୁ ମେଲେଇ ଦେଇଥିବା ବେଳେ କୃଷ୍ଣଚୂଡ଼ା, କାଠଚମ୍ପା, ମଲ୍ଲୀ, ମାଳତୀ, ସେବତୀ ପ୍ରଭୃତି ଫୁଲର ମାଳାରେ ସଜେଇ ହୁଅନ୍ତି ତିନିଭଉଣୀ । ଆମ୍ବ ପଣସର ମେଳା ବସେ ଘରେ । ଅମି ଉଠିବା ପୂର୍ବରୁ କିଛି ନ ଜାଣିଲା ଭଳି ସୁନା ଝିଅ ପାଳଟି ଯାଆନ୍ତି ତିନିହେଁ ।

ବିଳି ବିଳେଇ ଉଠିଲା ପର୍‌ବିନ୍ । ଇସ୍ ! କି ଗରମ ଏଠି । ଝାଳରେ ଜୁଡୁବୁଡୁ ଦେହ । ଉଠି ବସିଲା ସେ । ପୋକମାଛି ପରି ସାଲୁ ବାଲୁ କୋଠା ବାଡିର ସହର ଭିତରେ ଖାଁ ଖାଁ ନୀରବତା ପଞ୍ଝା ମେଲେଇ ମାଡି ବସିଥିଲା ତାକୁ । ଝରକା ପଟେ ଚାହିଁଲା ପାଖ ଘରର ଚାରି ତାଲାକୁ । ଆବୁ ଝାଳ ନାଳ ହୋଇ ହାତୁଡିରେ ପିଟି ଚାଲିଛି ପଟା । ଆଉ ଗୋଟେ ତାଲା ତିଆରିର ଘମାଘୋଟ୍ ପର୍ବ । ଖରା ପଶି ଆସୁଛି ତା ଦେହ ଭିତରକୁ ଅସୁରଟେ ଭଳି । ଖରାର ବିରାଟ ଆଁ ଗିଳି ଦେବ କି ଆଉ ତାକୁ ଆଉ ଆବୁର ଦେହକୁ । ପୁଣି ଖରାର ପ୍ରକୋପରେ ଝାଉଁଳି ପଡୁଛି ଗଛ ବୃଛ । ତଣ୍ଟି ତାର ଶୁଖି ଆସୁଥିଲା ଗାଁ ବାଙ୍ଗି କୂଅରୁ ଖରାଦିନେ ପାଣି ଶୁଖିଗଲା ଭଳି ।

ଗୋଟା ପୃଥିବୀର ଦୁଃଖ ଅଜାଡି ହୋଇ ପଡୁଥିଲା ଦଶ ବର୍ଷର ଛୁଆଟି ଉପରେ । ଆସ୍ତେ ଆସ୍ତେ ଆଖିର ପରଳ କଟି ଆସୁଥିଲା ତାର । ସାରା ପରିବାରକୁ ସୁଖ ସ୍ୱାଚ୍ଛନ୍ଦ୍ୟ ଭରି ଦେବା ଲାଗି ତା ଆବୁର ଅକ୍ଳାନ୍ତ ପରିଶ୍ରମ । ବଡ଼ବଡ଼ିଆଙ୍କ ଲାଗି ଘର ତିଆରି କରି ଦୁଇ ପଇସା କମାଉଥିବା ଆବୁ ଖାଏ ତିନି ଥର ଶୁଖିଲା ଭାତ ଆଉ ପାଣିଆ ଡାଲି । ନ ହେଲେ ଆଳୁ ଚକଟାରୁ ଚିମୁଟେ । ଆଉ ସେମାନେ ? ଗାଁରେ ଆରାମରେ ଦିନ କାଟନ୍ତି ମଜଭୁତ ମାଟିର ଘରେ । ସୁଶୀତଳ ଛାୟାରେ । ପେଟ ଭରନ୍ତି ଆବୁର ହାତରେ ତିଆରି ପୋଖରୀର ଦେଶୀ ମାଛରେ, କୁକୁଡ଼ା, ଛେଳି ମାଂସରେ, ଦେଶୀ ଅଣ୍ଡାରେ ଆଉ ନିଜ ବାଡିର ପନିପରିବାରେ । ସେମାନଙ୍କୁ ଖୁସି କରିବା ଲାଗି ଆବୁର ରାଜପ୍ରାସାଦରେ ରହିବାର ଗଳ୍ପ ସତ ଲାଗୁଥିଲା । ସତରେ ତା ଆବୁ କୋଉ ରାଜାଠୁ କମ୍ ନୁହେଁ ।

ସୁଲେମାନ୍ ଘର ଭିତରକୁ ଆସିଲା ବେଳକୁ ମିଛି ମିଛି ଶୋଇ ପଡିଥିବା ଝିଅର ମୁହଁକୁ ଆଉଁଷି ଦେଇଥିଲା ବାରବାର । କୁନି କୁନି ଗୋଡ଼ରେ ଯୋଡ଼ା ପାଉଁଜିକୁ ସାଉଁଳେଇ ଦେଉଥିଲା । ଛୋଟ ଛୋଟ ପାପୁଲିକୁ ଚାପି ଧରିଥିଲା ନିଜ ଝାଳୁଆ ଛାତିରେ । ସୁଲେମାନ୍ ଆଖିରୁ ଟପ୍ ଟପ୍ ଖସି ପଡ଼ିଥିଲା କେଇ ବୁନ୍ଦା ଅଶ୍ରୁ । ଉଠି ବସିଥିଲା ପର୍‌ବିନ୍ । ପର୍‌ବିନ୍



ଦୁଇ ସରୁ ସରୁ ହାତରେ ଜଡ଼ାଇ ଧରିଥିଲା ଆବୁର ଝାଳୁଆ ଦେହକୁ । ଆଘ୍ରାଣ କରୁଥିଲା ବାପାର ଝାଳ । ତାକୁ ଲାଗୁଥିଲା ସେ ଝାଳର ଦାମ ଦାମିକା ଅତରଠୁ ଶହେଗୁଣ ଅଧିକ ।

ସୁଲେମାନ୍ ଭାବୁଥିଲା ଏତେଦିନ ପରେ ତା ଗେହ୍ଲୀ କଣ୍ଢେଇ ତାକୁ ପାଇ ସବୁ ସ୍ନେହ ଅଜାଡି ଦେଉଛି ତା ପାଦତଳେ । କେବେ କେମିତି ପର୍‌ବିନ୍ ଲାଗି ଖାଇଲା ବେଳକୁ ହୋଟେଲ୍‌ରୁ ମାଛ ତରକାରୀ ମଗେଇ ଦିଏ ସୁଲେମାନ୍ । ହେଲେ ପରବିନ୍ ତା ପ୍ରିୟ ଆବୁକୁ ଖୁଆଇ ଦେଇଥିଲା ମିଛ ଗପ କହି । ତା ପେଟ ଖରାପ ଲାଗୁଛି । ଖାଇଲେ ଆହୁରି ଅସୁସ୍ଥ ହୋଇ ପଡିବ । ସେ ଆବୁର ଥାଳିରେ ଚାଖୁଥିଲା ଆବୁର ପାଣି ପୁରା ଭାତରେ ଥିବା ସ୍ନେହ । ସେ ଭିତରେ ଭିତରେ ପାଲଟୁ ଥିଲା ବାଳୁତରୁ ବିଲକୁଲ ଗୋଟେ ପରିପକ୍ୱ ଝିଅ । ତା ଆଖିକୋଣ ଅଶ୍ରୁରେ ଭରି ଯାଉଥିଲେ ବି ସେ ହସୁଥିଲା ଖିଲି ଖିଲି ମୁକ୍ତା ଭଳି ଖୁସିର ପ୍ରଲେପ ବୋଳି ।

ସୁଲେମାନ୍ ତାକୁ କଥା ଦେଇଥିଲା ବହୁତ ଶୀଘ୍ର ସେମାନେ ଫେରିଯିବେ ଗାଁକୁ । ସୁଲେମାନ୍ କାମ କରିବାକୁ ବାହାରି ଗଲା ପରେ ସେ ଉଠିଯାଏ ଛାତ ଉପରକୁ । ଦୂରରୁ ଲୁଚି ଚାହିଁ ରହେ ଆବୁର କାମକୁ । ଖରାର ପ୍ରକୋପକୁ ସେ ଦେହରେ ଭରି ଅନୁଭବ କରେ ଆବୁର ଯନ୍ତ୍ରଣା । ପର୍‌ବିନ୍ ଚାହିଁ ରହିଥାଏ । ଦିନେ ହଠାତ୍ ମେଲଣ ଭଳି ସଜା ଯାଇଥିବା ପଟାରୁ ଗୋଟେ ଖସି ପଡ଼ିଲା ସୁଲେମାନ୍ ହାତ ଉପରେ । ଚିତ୍କାର କରିଉଠିଲା ତା ପ୍ରିୟ ଆବୁ । ରକ୍ତ ବୋହି ପଡିଲା ଠପ୍ ଠପ୍ । ଦୂରରୁ ନାଲି ରକ୍ତ ଗୁଡିକ ଦିଶୁଥିଲା ଆହୁରି ଗାଢ଼ । ସଙ୍ଗେ ସଙ୍ଗେ ଗାମୁଛା ଗୁଡ଼ାଇ ଦେଲା ସୁବଳ । ପରବିନ୍ ପଥର ମୂର୍ତ୍ତି ପାଲଟି ଯାଇଥିଲା ସେତେବେଳକୁ । ଆବୁର କଡା ନିର୍ଦ୍ଦେଶ ଥିଲା ଛାତ ଉପରକୁ ଯିବନି । କେମିତି ଦେଖିଛି ବୋଲି କାନ୍ଦି ପାରିବ ନା କହିପାରିବ । ସୁଲେମାନ୍ ହାତରେ ଷ୍ଟିଚ୍ ପକାଇ ରୁମାଲ ଗୁଡ଼ାଇ ଦେଇଥିଲା ହାତରେ । ଝିଅ ଦେଖି ନ ଜାଣିଲା ଭଳି ଚାହିଁଥିଲା ହାତକୁ । ସୁଲେମାନ୍ କହିଥିଲା, ଏଇଟା ତାର ଫେସନ୍ । ହିରୋ ଷ୍ଟାଇଲ୍ ।

ଛାତି କୋରି ହୋଇଯାଉଥିଲା ପର୍‌ବିନ୍‌ର । ତା କଲିଜା ଭିତର ଛିଡି ଯେମିତି ରକ୍ତ ଗୁଡିକ ହାବୁକା ମାରୁଥିଲା ବାହାରକୁ । ସେ ତଥାପି ଭାବୁଥିଲା କେବଳ ରାଜମହଲର ରାଜକୁମାରର ଏମିତି ଧୈର୍ଯ୍ୟ ହୋଇପାରେ । ଦୁଃଖକୁ ଭିତରେ ପେଷି ଦେଇ ଝରଣା ଭଳି ନାଚି ଉଠିଥିଲା ପର୍‌ବିନ୍ ।

– ବାଃ, ବାଃ । ମୋ ଆବୁ ହିରୋ । ମୋ ଆବୁ ହିରୋ । ଜାବୁଡି ଧରି ବୋକ ପରେ ବୋକ ଦେଇ ଚାଲିଥିଲା ପର୍‌ବିନ୍ । ମହଳଣ ପଡା ଖରା ପରି ସୁଲେମାନ୍‌ର ମନ ଝାଉଁଳି ପଡୁଥିଲା ବାରମ୍ବାର ପରବିନ୍‌ର ହସମିଶା ଶୁଖିଲା ମୁହଁ ପାଖରେ ।

ସନ୍ଧ୍ୟା ବେଳୁ ପାଗ କୋହଲା ହୋଇଉଠିଥିଲା । ଝାଉଁବଣ ଫାଙ୍କର ସୂର୍ଯ୍ୟ ବହୁତ ମନେ ପଡୁଥିଲା ପର୍‌ବିନ୍‌ର । ସହରର ସୂର୍ଯ୍ୟଟା ଯେମିତି କାନ୍ଦୁରା କାନ୍ଦୁରା ଲାଗୁଥିଲା ତାକୁ । ରାତି ଘନେଇ ଆସିଲା ପରେ ଜଲ୍‌ଦି ଆବୁ କୋଳରେ ବସି ଖାଇ ଶୋଇ ପଡ଼ିଥିଲା ପରବିନ୍ । ରାତି ଅଧରେ ସୁଉଁ ସୁଉଁ ଶବ୍ଦରେ ନିଦ ଭାଙ୍ଗି ଯାଇଥିଲା ତାର । ବାହାରେ ବର୍ଷା ପବନର ପ୍ରକୋପ । ଆଜି ଆବୁ ଝରକା ଧାରରେ । ଛୋଟ ଛୋଟ ବର୍ଷା ଛିଟାରେ ଭିଜୁଛି ଆବୁର ଫୁଙ୍ଗୁଳା ଦେହ । ମଶାଙ୍କ ଉପଦ୍ରବରୁ ବଞ୍ଚେଇବା ପାଇଁ ପତଳା ଚାଦରର ଆସ୍ତରଣରେ ତାକୁ ଜଡେଇ କୋଳରେ ଚାପି ନିଶ୍ଚିନ୍ତରେ ଶୋଇଛନ୍ତି ଆବୁ । ଓଃ ! ପର୍‌ବିନ୍ ଆଖିରୁ ଝରିଗଲା ପ୍ରଥମ ବର୍ଷାର ତତଲା ଝର । ଆବୁର ପିଠିରେ କୁନି କୁନି ହାତକୁ ବୁଲାଇ ଆଣି ତା ଚାଦରଟିକୁ ଢାଙ୍କିଦେଇ ସେ ଜଡାଇ ଧରିଲା ଆବୁକୁ । ଶୋଇଗଲା ମାଆଟିଏ ପରି ଆବୁକୁ ଜାବୁଡି ଧରି ।

ସୁଲେମାନ୍ ହାତରେ କାମ କରି ପାରୁ ନ ଥିବାରୁ ଏବଂ ଝିଅର ଅନ୍ତର ଭିତରେ ଲୁଚି ରହିଥିବା ଦୁଃଖକୁ ସେ ଯେମିତି ନିଜ ଭିତରେ ସାଉଁଟି ଆଣି ଆଉଟୁ ଆଉଟୁ ହେଉଥିଲା । ଡହଳ ବିକଳ ମନ ଘାବୁରେଇ ଯାଉଥିଲା ମିଛୁଆ ରାଧୁଆ ଗପ ଭଳି ।

କାହିଁକି ସେ ଅବୋଧ ଛୁଆଟିକୁ ମିଛ କହିଥିଲା ସେ ରାଜପ୍ରାସାଦରେ ରୁହେ ବୋଲି । କେମିତି ବା ମିଛ କହି ନ ଥାନ୍ତା । କହି କି ପାରି ଥାନ୍ତା ତୁମମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ନିଜର ଅଳ୍ପ ବୁଦ୍ଧିକୁ ଖଟାଇ ସେ ଶହ ଶହ ଲୋକଙ୍କୁ ସାଙ୍ଗରେ ଧରି କାମ କରେ ଖରାତରାରେ । ଛିଡା କରେ ବଡ଼ ବଡ଼ ଇମାରତ୍ । ସେଇଟା ବି ସ୍ୱପ୍ନ ମହଲଠୁ, ରାଜପ୍ରାସାଦଠୁ କମ୍ ନୁହେଁ । ବିଚରା । ଛୋଟ ହୋଇ ଯାଉଥିଲା ନିଜ ଭିତରେ । ଆଉଟୁ ପାଉଟୁ ହୋଇ ଯାଉଥିଲା ନିଜ ଭିତରେ ।

କୋଠା ତୋଳା ଚାଲିଥିଲା । ମହଲା ପରେ ମହଲା । ଆଠ ଦିନରେ ଥରେ ସେମାନଙ୍କୁ ନିଜ ଅସ୍ଥାୟୀ ଆସବାବପତ୍ର ଧରି ବଦଳାଇବାକୁ ପଡୁଥିଲା ଦୋତାଲାରୁ ତିନି ତାଲା, ତିନି ତାଲାରୁ ଚାରିତାଲା, ଏଇମିତି । ପର୍‌ବିନ୍ ଏତିକି ବୁଝିଥିଲା ଅଧାଗଢା ରାଜପ୍ରାସାଦ ଭଳି ଘରେ ଏଇମିତି ରହିବାର ସୁଯୋଗ ସେମାନଙ୍କୁ ମିଳେ ହେଲେ ଚିକ୍ ଚାକ୍ ଘରେ ରହିବାକୁ ନୁହେଁ । କାରଣ ସୁଲେମାନ୍ ନିଜ ରକ୍ତ ଆଉ ହାଡରେ ଘର ଗଢିପାରେ । କିନ୍ତୁ ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବାର ସୁନେଲି ସ୍ୱପ୍ନରେ ରହିଯାଏ ସ୍ୱପ୍ନରେ । ମଶାମାଛି ଧୂଳିବାଲିରେ କାଟୁଥିବା ଜୀବନ ଲାଞ୍ଛନା ତାଡନାରୁ କମ୍ ନୁହେଁ । ଗଛ ତଳେ ରହିବା ଠୁ ଛାତ ତଳର ଛାୟାରେ ଦୁଇପଦ ସ୍ୱପ୍ନ ଗପି ପାରେ ସେ ବନେଇ ଚୁନେଇ ଛାତିକୁ ପଥର କରି । ତା' ଭଳି ହଜାର ହଜାର ସୁଲେମାନ୍ ଟାଙ୍ଗରା ଭୁଇଁରେ ଗଢ଼ନ୍ତି ଇମାରତ, ସ୍ୱପ୍ନର ମହଲ, ରାଜପ୍ରାସାଦ ଭଳି ଘର । ସେ ଘରକୁ ନୀଳ ନାଲି ଆଲୁଅରେ ସଜାଇବା ପୂର୍ବରୁ ପୁଣି ସେମାନେ ଓଲ୍ଲାଇ ଆସନ୍ତି ସ୍ୱର୍ଗରୁ ମାଟିକୁ । ପାଦ ତଳେ ଖୋଜନ୍ତି ଖାଲି ମାଟି । ପୁଣି ମାପନ୍ତି ଆଉ ଗୋଟେ ଟାଙ୍ଗରା ଭୂଇଁର ଦୈର୍ଘ୍ୟ ଆଉ ପ୍ରସ୍ଥ ।

ରାତି ପାହିଲେ ସୁଲେମାନ୍‌କୁ ଫେରିଯିବାକୁ ହେବ ଗାଁ ମାଟିକୁ । ଅଲିଅଳି ଝିଅକୁ ଏମିତି ବେଶୀ ଦିନ ରଖି ପାରିବନି ପାଖରେ । ଦେଖି ପାରିବନି ତାର ଦୁଃଖ ଦୁର୍ଦ୍ଦଶା ।

ସୁଲେମାନ୍ ଘରମୁହାଁ ହେଇଥିଲା ପରବିନ୍‌ର ହାତଧରି । ରାତି ଟ୍ରେନ୍‌ରେ ଯାଇ ସକାଳୁ ସକାଳୁ ପହଞ୍ଚି ଯାଇଥିଲା ମୁର୍ସିଦାବାଦର ହରିଦାସ ମାଟି ଗ୍ରାମରେ । ଗଙ୍ଗାକୂଳରୁ ବୋହି ଆସୁଥିଲା ଥଣ୍ଡା ଥଣ୍ଡା ସୁଲୁସୁଲିଆ ପବନ ।

ଦୁଇଭଉଣୀ ଘେରି ଯାଇଥିଲେ ପର୍‌ବିନ୍‌କୁ । ତାର ସାଙ୍ଗସାଥି ଠୁଳ ହୋଇଥିଲେ ତା ମୁହଁରୁ ଶୁଣିବା ଲାଗି ସହରର ରାଜପ୍ରାସାଦର କାହାଣୀ ଯେଉଁଟା ସେମାନେ ସ୍ୱପ୍ନ ଦେଖନ୍ତି ନିଛାଟିଆ ଖରାବେଳେ । ହସି ଉଠନ୍ତି ଆଉ ଗୁଣୁ ଗୁଣୁ ଗୀତ ଗାଆନ୍ତି ରାତି ଅଧରେ । ଥରୁଟିଏ ଚାହିଁଲା ପର୍‌ବିନ୍ ନିଜ ଆବୁର ହରିଣ ଭଳି ଭୀତତ୍ରସ୍ତ ଆଖି ଯୋଡିକୁ, ଆବୁର ହତାଶ ପଣକୁ ।

ପର୍‌ବିନ୍ ଗପି ଚାଲିଲା ଅନର୍ଗଳ ।

ବିରାଟ ରାଜପ୍ରାସାଦ ଭିତରେ ମଖମଲ ଗଦିରେ ଶୋଉଥିଲା ଆବୁ ସହିତ ସେ ନିଶ୍ଚିନ୍ତରେ । ପ୍ରତିଦିନ ବହୁ ସୁସ୍ୱାଦୁ ବ୍ୟଞ୍ଜନ ଖାଇ ଖାଇ ଅରୁଚି ବୋଧର ବର୍ଣ୍ଣନାରେ ସମସ୍ତେ ବିମୋହିତ ହେଉଥିଲା ବେଳେ ସୁଲେମାନ୍ ଦୂର ଆକାଶରୁ ଚିତ୍ରିତ ମେଘମାଳା ଭିତରୁ ଖୋଜୁଥିଲା ସପ୍ତରଙ୍ଗରୁ କାଣିଚାଏ, ଯେଉଁଟାରେ ସେ ତା ଏଡ଼େ ବକଟେ ଝିଅର ଓଠରୁ ପରିପକ୍ୱତାର ଭାଷାକୁ ବଦଳାଇ ଦେବ ସୁନେଲି ସ୍ୱପ୍ନରେ । ନିୟତିର ନଥିପତ୍ରରେ ସେ ଲେଖିଦେବ ତା ପିଲାମାନଙ୍କ ଉଜ୍ଜ୍ୱଳ ଭାଗ୍ୟ ଓ ଭବିଷ୍ୟତ ।

ପର୍‌ବିନ୍ ଡାକୁଥିଲା ହାତ ଧରି, ଆବୁ ଜଲ୍‌ଦି ଫେରି ଆସ ଆମ ଏଇ ଭଙ୍ଗା ସ୍ୱର୍ଗକୁ । ଏଇଠି ଗଢିବା ସମସ୍ତେ ମିଶି ନୂଆ ରାଜପ୍ରାସାଦ । ଏଇଠି ଦେଖିବା ରାତି ରାତି ପୁଳାଏ ସ୍ୱପ୍ନ । ଜଲ୍‌ଦି ଆସିବ ନା ଆବୁ ?

ଆଖି ମିଟିକା ମାରୁଥିଲା ସମୟ । ପର୍‌ବିନ୍ ନିବିଡ଼ ଆଶ୍ଳେଷରେ ବାନ୍ଧି ରଖିଥିଲା ତା ଆବୁକୁ । ଝିଅ ଆଖିରେ ସୁଲେମାନ ଚପଳାମିର ଉତ୍ତାଳ ଲହଡି ବଦଳରେ ଏଣିକି ଦେଖୁଥିଲା ଅନ୍ତଃହୀନ ଶାନ୍ତି ଓ ସାନ୍ତ୍ୱନାର ଦିଗନ୍ତ ବ୍ୟାପୀ ଗୋଟେ ଅମାପ ଅନନ୍ତ ଆକାଶର ସ୍ଥିରତା ।

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



# (୧୬) ପ୍ରଜ୍ଞାପୀଠରେ ତେତିଶ ବର୍ଷ


**ଜୟନ୍ତୀ ରଥ**

'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬


ଫଟୋ ସୌଜନ୍ୟ : ଲେଖିକା

'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି



▲ ଲେଖିକା ଜୟନ୍ତୀ ରଥ

ସେ ଗପ ନେଇ ଯାଏ ତ ତା' ହାତରେ ଧରେଇ ଦେଉଥିଲେ ଇନ୍ଦିରା ଗୋସ୍ୱାମୀଙ୍କ 'ଅଧାଲେଖା ଦସ୍ତାବିଜ୍', ମୀରାବେନ୍‌ଙ୍କ ଆତ୍ମଜୀବନୀ, ଆହୁର କେତେ ସଦ୍ୟ ପ୍ରକାଶିତ ଉପାଦେୟ ବହି । କହୁଥିଲେ କୌଣସି ପରିସ୍ଥିତିରେ ଲେଖା ଛାଡ଼ ନାହିଁ । ଲେଖାର ଧାରା ବଦଳେଇବାକୁ ପରାମର୍ଶ ଦେଉଥିଲେ । ନିର୍ଦ୍ଦେଶ ଦେଉଥିଲେ ଉପନ୍ୟାସ ଲେଖିବାକୁ ।

ପାଖରେ ରହୁଥିଲେ ବିଶିଷ୍ଟ କବି, ଗାଳ୍ପିକା, ଔପନ୍ୟାସିକା ବନଜ ଦେବୀ, ମନ ଉଦାସ ଲାଗିଲା ବେଳେ ବେବି ଛୁଟି ଯାଉଥିଲା ତାଙ୍କ ପାଖକୁ । ସେ ଥିଲେ ତା' ପାଇଁ ସ୍ରୋତସ୍ୱତୀ ଜାହ୍ନବୀ । ତାଙ୍କୁ ଦେଖିବା ମାତ୍ରେ ନିମିଷକେ ଧୋଇ ହୋଇ ଯାଉଥିଲା ତା'ର ଗ୍ଲାନି, ତା'ର ଅନ୍ତର୍ଦାହ । ସ୍ୱର ଏତେ କୋମଳ ! ବଚନ ଏତେ ମଧୁର ! ତାଙ୍କ ସାନ୍ନିଧ୍ୟ ଥିଲା ତା' ପାଇଁ ମହାର୍ଘପ୍ରାପ୍ତି, ବରଦାନ, ନିରଳସ, ନିରବଚ୍ଛିନ୍ନ ଭାବେ ସେ ଲେଖି ଯାଉଥିଲେ ଗଳ୍ପ, କବିତା, ଉପନ୍ୟାସ । ଆନୁଷ୍ଠାନିକ ଶିକ୍ଷା ଲାଭ କରିବାର ସୁଯୋଗ ନଥିଲା । ଅଳ୍ପ ବୟସରେ ବିବାହ କରିଥିଲେ । ଏକ ସମ୍ଭ୍ରାନ୍ତ, ରକ୍ଷଣଶୀଳ ପରିବାରର ବଡ଼ବୋହୂ । ଘରର ସବୁ କାମ ଜଂଜାଳ ଭିତରେ ବଡ଼ ଝିଅ ସହିତ ଏକାଠି ବସି ପରୀକ୍ଷା ଦେଇଥିଲେ ମାଟ୍ରିକ, ଆଇ.ଏ. । ବି.ଏ. ପରୀକ୍ଷା ଦେଇ ପାରି ନଥିଲେ ଅସୁସ୍ଥତା ଯୋଗୁଁ । ଘରେ ସଂରକ୍ଷିତ ହିନ୍ଦୀ, ବଙ୍ଗଳା କାବ୍ୟ, ଗଳ୍ପଗ୍ରନ୍ଥ, ଉପନ୍ୟାସ ପଢ଼ି ବିସ୍ତାରିତ କରିଥିଲେ ତାଙ୍କ କଳ୍ପଲୋକ । ବିସ୍ତାରିତ, ଉଦାର ହୃଦୟ । ବୟଃକନିଷ୍ଠ ଲେଖକ ଲେଖିକାଙ୍କ ଭଲ ଲେଖାଟିଏ ପଢ଼ିଲେ ଆନନ୍ଦରେ ଆପ୍ଲୁତ ହୋଇଉଠେ ତାଙ୍କ ମୁହଁ । ଠିକଣା ଦେଖି ଚିଠି ଲେଖନ୍ତି । ନମ୍ବର ପାଇଲେ ଫୋନ୍ କରନ୍ତି । 'ଗାୟତ୍ରୀର ପୁଅ', 'ବସ୍ତିସାରା ଶୋକ', 'ଅନ୍ୟ ରାସ୍ତାର ଲୋକ', 'ନଦୀ ଓ ଜହ୍ନରାତି', 'କାଠପୁଅ', 'ତାରା ଫୁଟିବାର ବେଳା', 'ରାଗ ବେହାଗ' ଆଦି ଗଳ୍ପ ସଂକଳନ, 'ବନ ହଳଦୀ', 'ଭୂମିଲଗ୍ନା', 'ଦୂର ନକ୍ଷତ୍ରର ଦୀପ' ଆଦି କବିତା ସଂକଳନ, ଓଡ଼ିଆ ସାହିତ୍ୟକୁ ତାଙ୍କର ଅମୂଲ୍ୟ ଅବଦାନ । ମହତ୍ତର ଚେତନା ସହ ସରଳ ଜୀବନଚର୍ଯ୍ୟା । ଆତ୍ମୀୟ ପରିଚିତ ସମସ୍ତଙ୍କୁ ଆଦରରେ ବାନ୍ଧି ରଖିପାରନ୍ତି । ସମସ୍ତଙ୍କ ପ୍ରତି ସମ୍ବେଦନଶୀଳା । ଅଭିମାନ ନାହିଁ । କାହା ବିରୁଦ୍ଧରେ ଅଭିଯୋଗ ନାହିଁ । ସବୁବେଳେ ମୁଣ୍ଡରେ ଥାଏ ଓଢ଼ଣା । ତାଙ୍କ ବ୍ୟକ୍ତିତ୍ୱର ଗୋଟିଏ ଉଜ୍ଜ୍ୱଳ ଦିଗ ଦେଖି ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲା ବେବି । ଅନ୍ୟାୟ, ଅନାଚାର ଦେଖିଲେ ସେ ମୌନ ରହିପାରନ୍ତି ନାହିଁ । ପ୍ରତିବାଦ କରନ୍ତି ମୃଦୁ ସ୍ୱରରେ, ଶାଣିତ, ଶକ୍ତ ଭାଷାରେ । ବେବିର ସାରସ୍ୱତ ସାଧନା, ଆଧ୍ୟାତ୍ମିକ ଅନୁସନ୍ଧିତ୍ସାର ମାର୍ଗ ଉଦ୍‌ଭାସିତ ହୋଇ ଉଠିଥିଲ ବନଜ ଦେବୀଙ୍କ ସାନ୍ନିଧ୍ୟରେ ।

ସହନଶୀଳତା ଓ ତ୍ୟାଗର ପ୍ରତିମୂର୍ତ୍ତି ବନଜ ମାଉସୀଙ୍କ ଠାରୁ ସେ ଶିଖିଥିଲା ଜୀବନର ମହାମନ୍ତ୍ର– ଯେତେବେଳେ ତୁମର ଶବ୍ଦ ନିରବତା ଠାରୁ ଶ୍ରେୟସ୍କର, ସେତେବେଳେ କଥା କୁହ । ନଚେତ୍ ନାହିଁ । ଘର କାମ ସାରି ଅପରାହ୍ନ ସମୟରେ ଦିନେ ଦିନେ ସେ ଚାଲି ଆସନ୍ତି ତା' ପାଖକୁ । ସଂଗ୍ରହାଳୟ ସାମ୍ନାରୁ ବସ୍ ଧରି ଦୁହେଁ ଯାଆନ୍ତି ନୀଳାଦ୍ରିନାଥ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ । ଦେବଦର୍ଶନ ପୂର୍ବରୁ ସାକ୍ଷାତ କରନ୍ତି ଓଡ଼ିଆ ସାହିତ୍ୟର ମହାଦେବୀ ବ୍ରହ୍ମୋତ୍ରୀଙ୍କୁ । ନିୟତ ଈଶ୍ୱରରତା ବ୍ରହ୍ମୋତ୍ରୀ ଏକଦା ନାରୀମନ ତଳର ସ୍ୱପ୍ନ, କାମନା ଉପରେ ଆଲୋକପାତ କରି ଏକ ନୂତନ ଦିଗନ୍ତର ସୂତ୍ରପାତ କରିଥିଲେ ଓଡ଼ିଆ କାବ୍ୟ ଜଗତରେ । ବେବି ଦେଖିଲା ବେଳକୁ ଐହିକ ମାୟା ସେ ଅତିକ୍ରମ କରି ସାରିଥିଲେ । ଦିବ୍ୟ ସମ୍ମୋହନ ଭାବରେ ସେ ବୁଡ଼ି ରହୁଥିଲେ ।

ଗଭୀର ଈଶ୍ୱର ଅନୁରକ୍ତି, ଈଶ୍ୱର ଉପଲବ୍ଧିକୁ ନେଇ ଲେଖୁଥିଲେ ରାଶି ରାଶି କବିତା । ବ୍ରହ୍ମୋତ୍ରୀଙ୍କ ସ୍ୱାମୀ ବିଜୟକୃଷ୍ଣ ମହାନ୍ତି ଓଡ଼ିଶାର ସୁନାମଧନ୍ୟ ଗାଳ୍ପିକ । ସାଧାରଣ ମଣିଷର ଆଶା, ହତାଶା, ଅସହାୟତା, ଅବଚେତନରେ ଥିବା ନିଭୃତ ଇଚ୍ଛାକୁ ନେଇ ଲେଖିଥିଲେ ଅଜସ୍ର ଗପ । ବାସ୍ତବତାର ନିଖୁଣ ଚିତ୍ର ଫୁଟି ଉଠିଥିଲା ସେଇ ଜୀବନଧର୍ମୀ ଗପ ସବୁରେ । ବେବିକୁ ଭଲ ଗପ ଲେଖିବାର ବାଟ ଚଢ଼ଉଥିଲେ । କହୁଥିଲେ ଗପଟିଏ ଲେଖି ସାରିବା ପରେ କିଛି ଦିନ ପକେଇ ରଖିବ । ସାଙ୍ଗେ ସାଙ୍ଗେ କେଉଁଠି ଛାପିବାକୁ ଦେବ ନାହିଁ । ହାତରେ ରହିଲେ ଗପଟି ସଂଶୋଧିତ ହେବ । ବେବିର ପୁରୀ ଯିବାର ପଛରେ ଦୁର୍ବାର ଆକର୍ଷଣ ଥିଲା ଏଇ ପତିପତ୍ନୀଙ୍କର ସ୍ନେହସିକ୍ତ କଥା । ଭେଟ ହେଲେ ବ୍ରହ୍ମୋତ୍ରୀ ମାଉସୀ ବେଶି କିଛି କୁହନ୍ତି ନାହିଁ । ଭାବଭରା ଆଖିରେ ଚାହିଁ ରହନ୍ତି  ବହୁକ୍ଷଣ । ଖାଣ୍ଟି କ୍ଷୀରରେ ସର ପକେଇ ଚା' କରି ଦିଅନ୍ତି । ମଉସାଙ୍କ ଗପ ସରେ ନାହିଁ । ଯିବାଠୁ ଆସିବା ପର୍ଯ୍ୟନ୍ତ କହୁଥାନ୍ତି ପଢ଼ିଥିବା ଭଲ ଗପ, ଭଲ କବିତା ବିଷୟରେ । ମାଉସୀ ସଂକ୍ଷେପରେ ତାଙ୍କ ମତ ରଖନ୍ତି । ଜୀବନର ସ୍ମରଣୀୟ ଘଟଣା । ମହାବାହୁଙ୍କ କରୁଣା ସଂପର୍କରେ ଗପିଲାବେଳେ ଆଖି ଛଳଛଳ ହୋଇଯାଏ ମଉସାଙ୍କର ।


ରମାକାନ୍ତ ରଥ


ମନୋଜ ଦାସ


ମନୋରମା ବିଶ୍ୱାଳ ମହାପାତ୍ର


ସରୋଜିନୀ ସାହୁ

ବଡ଼ ଭାବୁକ ମଣିଷ ଥିଲେ । ବହିକୁ ସବୁଠାରୁ ଜୀବନର ବଡ଼ ବନ୍ଧୁ ବୋଲି ଭାବୁଥିଲେ । ବହି କିଛି ମାଗେ ନାହିଁ । ବହି ବିଶ୍ୱାସ ଭାଙ୍ଗେ ନାହିଁ । ବହି କୁତ୍ସା ରଟନା କରେ ନାହିଁ । ବହି ଅଡୁଆ ସୂତା ଛିଣ୍ଡେଇ ବାଟ କଢ଼େଇ ନିଏ । ଆଲୁଅ ଦେଖାଏ । ଶାଶ୍ୱତ ଆନନ୍ଦ ଦିଏ । ବିଜୟକୃଷ୍ଣଙ୍କ ଜୀବନଚର୍ଯ୍ୟା ଦେଖି ବେବିର ହୃଦ୍‌ବୋଧ ହୋଇଥିଲା ଯେ ବହିକୁ ଆଦରି ନେଲେ ଜୀବନର ଦୁର୍ଗମ ପଥ ଅତିକ୍ରମ କରିହେବ ସହଜରେ, ଅକ୍ଳେଶରେ । ମଉସାଙ୍କ ଘରେ ଆଲମାରୀ, ଟେବୁଲ, ଚଉକି, ପଲଙ୍କ, ଶିଡ଼ିଘର ପାହାଚ ସବୁଠି ବହିର ଆସ୍ଥାନ । ବହୁତ ସମୟରେ ଏମିତି ହୁଏ....ପହଞ୍ଚିଲେ ବସିବା ପାଇଁ ଜାଗା ନଥାଏ । ମଉସା ଚଉକିରୁ ବହି ବାଢ଼ି ଖଟରେ ରଖନ୍ତି । ବସିବା ପାଇଁ ଜାଗା କରନ୍ତି । ବହି ପ୍ରେମ ବିଭୁ ପ୍ରେମରେ ବିତିଗଲା ଏ ଦୁହିଁଙ୍କ ଜୀବନ । ସାହିତ୍ୟ ପାଇଁ ସମର୍ପିତ ଏମିତି ଜୀବନ କ୍ୱଚିତ ଦେଖନ୍ତି ବେବି ।

ମଉସାଙ୍କ ବ୍ୟକ୍ତି ସତ୍ତାରେ ଦୃଶ୍ୟ ଭାଗ ଅପେକ୍ଷା ଅଦୃଶ୍ୟ ଭାଗ ପ୍ରୋଜ୍ଜଳ ଥିଲା । ସଂସାରର ସବୁ ଭୋଗ୍ୟ ବସ୍ତୁକୁ ସେ ତୁଚ୍ଛ କରି ଦେଇଥିଲେ । ଜୀବନ ପ୍ରତି ବୈରାଗ୍ୟ ଥିଲା ମାତ୍ର ବିତୃଷ୍ଣା ନଥିଲା । ସବୁ ରାଗ ଅନୁରାଗର ଊର୍ଦ୍ଧ୍ୱକୁ ସେ ଚାଲି ଯାଇଥିଲା । ତାଙ୍କୁ ଆକଳନ କରିବା ସହଜ ନଥିଲା । ତାଙ୍କୁ ଦେଖିଲେ ବିଶ୍ୱାସ କରିହେଉ ନଥିଲା ଯେ ସିଏ ଦିନେ ଲେଖିଥିଲେ–

"ମୋତେ ନେବ ?
ମୋତେ ଗୃହବଧୂ କରିନେବ ?
ମୋର କପାଳରେ ନାଲି ସିନ୍ଦୂର
ଟୋପା ଦେବ ?
ମୁଁ ଯେ ବାରବଧୂ
ମୋତେ ବରବଧୂର କି ସମ୍ମାନ
ଆଣିଦେବ ?
ମୋତେ ନିଅ
ମୋତେ ଗୃହବଧୂ କରି ନିଅ ।
ମୋର କପାଳରେ ନାଲି ସିନ୍ଦୂର ଟୋପା ଦିଅ ।
ମୁଁ ଯେ ବାରବଧୂ
ମୋତେ ବରବଧୂ ଗୌରବ ଆଣିଦିଅ ।"

ଯୌବନରେ ଅପରୂପା ସୁନ୍ଦରୀ ବ୍ରହ୍ମୋତ୍ରୀ ଉତ୍ତୀର୍ଣ୍ଣ ଯୌବନରେ ବେଶ ପରିଧାନ ପ୍ରତି ନିତାନ୍ତ ଉଦାସୀନ ଥିଲେ ।

ମଉସା ବନ୍ଧୁ ପ୍ରେମୀ ଥିଲେ । ସାମାଜିକ ଉତ୍ସବ ଅନୁଷ୍ଠାନରେ ଆଗ୍ରହର ସହ ଯୋଗ ଦେଉଥିଲେ । ଭୁବନେଶ୍ୱର ପୁସ୍ତକ ମେଳାର ମଉସା ଥିଲେ ଜଣେ ପ୍ରମୁଖ ଉଦ୍ୟୋକ୍ତା । ସବୁବର୍ଷ ପୁସ୍ତକମେଳା ସପ୍ତାହରେ ସେ ଭୁବନେଶ୍ୱର ଆସୁଥିଲେ । ସେଠାରେ ଦେଖା ହେଲା ବେଳେ ବେବି ହାତରେ ଆଦରରେ ଦେଉଥିଲେ ତାଙ୍କ ସଦ୍ୟ ପ୍ରକାଶିତ ଗଳ୍ପ ସଂକଳନ, ଉପନ୍ୟାସ, ମାଉସୀଙ୍କ କବିତା ସଂକଳନ । ଗଳ୍ପ ସଂକଳନ ନିଭୃତ ସଂଳାପ, ଅବ୍ୟକ୍ତ, ପ୍ରଚକ୍ଷୁ, କବିତା ସଂକଳନ ଦୀପ୍ତି ଓ ଦ୍ୟୁତି, ଅବତରଣ, ପ୍ରଦକ୍ଷିଣ- ଏଇସବୁ ବହି ତା' ପାଖରେ ଅଛି ଦୁହିଁଙ୍କ ସ୍ମୃତିର ସନ୍ତକ ହୋଇ । ଏବେ ଆଖି ବୁଜିଲେ ଦିଶେ, ପୁରୀ ଲବଣଖିଆ ଛକ ପାଟରା ମଠ ସାମ୍ନାର ଏକ ପୁରୁଣା କାଳିଆ କୋଠା । ଛାତ ଉପରେ ଛନ ଛନ ହୋଇ ବଢ଼ିଥିବା ତୁଳସୀ ଗଛ, ଦୁର୍ଲଭା ଗଛ, ଘର ଭିତରେ ଦୁଇଯୋଡ଼ା ମମତାସ୍ନିଗ୍ଧ ଚକ୍ଷୁ । ସେ ଶୂନ୍ୟକୁ ହାତ ଟେକି ପ୍ରଣାମ ଜଣାଏ ।

ସଂଗ୍ରହାଳୟକୁ ଆସିଥିଲେ ଓଡ଼ିଆ କଥା ସାହିତ୍ୟରେ ନୂଆ ଧାରା ସୃଷ୍ଟି କରିଥିବା ଜଗଦୀଶ ମହାନ୍ତି । ଆସିଥିଲେ, ଗାଳ୍ପିକା ପତ୍ନୀ ସରୋଜିନୀଙ୍କ ସହ । ଗପରେ ବାଗ୍‌ମୟ । କିନ୍ତୁ କଥା କହନ୍ତି କମ୍ । ବଡ଼ ଅନ୍ତର୍ଭେଦୀ ଦୃଷ୍ଟି ତାଙ୍କର । ପ୍ରାଚୀନ ମୂର୍ତ୍ତି ସବୁକୁ ସେ ଯେଉଁଭଳି ନିରୀକ୍ଷଣ କରି ଦେଖୁଥିଲେ, ତାହା ଥିଲା ତା' ପାଇଁ ଲକ୍ଷଣୀୟ । ଆକସ୍ମିକ ଦାରୁଣ ଦୁର୍ଘଟଣାରେ ତାଙ୍କର ଜୀବନ ପ୍ରଦୀପ ଲିଭିଗଲା । ସରୋଜିନୀ ଅପା ଏକା ହୋଇଗଲେ । ଓଡ଼ିଆ ଗଳ୍ପର ଆଶ୍ଚର୍ଯ୍ୟ ସୁନ୍ଦର ଯୁଗଳବନ୍ଦୀ ଥିଲେ ଦୁହେଁ । କେତେ ଯୋଜନା ଥିଲା ଅବସର ପରେ ଦୁହେଁ ଏକାଠି ଭୁବନେଶ୍ୱରର ନୂଆ ଘରେ ରହିବେ । ଏକାଠି ପଢ଼ିବେ । ଲେଖିବେ । ସଭା ସମିତି ଯିବେ । ନିଷ୍ଠୁର କାଳ ସେଇ ସୁକୁମାର ସ୍ୱପ୍ନକୁ ଭାଙ୍ଗିଦେଲା । ନିଜକୁ ସଜାଡ଼ି ଗଳ୍ପଲେଖାରେ ମନୋନିବେଶ କରିଛନ୍ତି ସରୋଜିନୀ ଅପା । ସେଦିନର ସେଇ ମନଖୋଲା ହସ ଆଉ ତାଙ୍କ ମୁହଁରେ ନାହିଁ ।

ଆସିଥିଲେ ରାଉରକେଲାରୁ ଗାଳ୍ପିକା ସ୍ୱର୍ଣ୍ଣଦେବୀ । ବହୁତ ଅଳ୍ପ ଲେଖନ୍ତି । କିନ୍ତୁ ଭାରି ପ୍ରଭାବଶାଳୀ ତାଙ୍କ ଲେଖା । କହୁଥିଲେ, 'ପତ୍ରିକାର ସୂଚୀରୁ ତମ ନାଁ ଦେଖିଲେ ମୁଁ ଆଗ ତମ ଗପ ପଢ଼େ ।' ଏମିତି ଈର୍ଷାମୁକ୍ତ ଅଭିମତ ସମସ୍ତେ ଦେଇ ପାରନ୍ତି ନାହିଁ । ବେଶ୍ କିଛିଦିନ ଅସୁସ୍ଥତା ଭୋଗିବା ପରେ ୨୦୨୧ରେ ସେପାରିକୁ ଚାଲିଗଲେ ସ୍ୱର୍ଣ୍ଣଅପା । ଶେଷବେଳକୁ ତାଙ୍କ ସହ ବିଶେଷ ଯୋଗାଯୋଗ ନଥିଲା ।

ସାରା ପୃଥିବୀ ରୋଗାକ୍ରାନ୍ତ (କରୋନା) ଥିବାବେଳେ ସ୍ୱର୍ଣ୍ଣଅପା ଚୁପଚାପ୍ ନିଜ ରୋଗର ବୁଜୁଳା ଧରି ଲେଉଟିଗଲେ ।

ଓଡ଼ିଆ ସାହିତ୍ୟର ମୂର୍ଦ୍ଧନ୍ୟ କବି ପଦ୍ମଭୂଷଣ ରମାକାନ୍ତ ରଥ, ଅନନ୍ୟା କବି ପ୍ରତିଭା ଶତପଥୀ, ଅଗ୍ରଗଣ୍ୟା କଥାଶିଳ୍ପୀ ପଦ୍ମଭୂଷଣ ପ୍ରତିଭା ରାୟ, ପଦ୍ମଶ୍ରୀ ବୀଣାପାଣି ମହାନ୍ତି ଆସିଛନ୍ତି ତା' ପାଖକୁ ସଂଗ୍ରହାଳୟର ପ୍ରବେଶ ଦ୍ୱାର ଅତିକ୍ରମ କରି । ଅଧିକରୁ ଅଧିକ ଭଲ ଲେଖିବା ପାଇଁ ପ୍ରେରଣା ଦେଇଛନ୍ତି ଜୀବନକୁ ଭିନ୍ନ ବାଗରେ ଦେଖିବା ପାଇଁ, ବଂଚିବା ପାଇଁ ବାଟ ଦେଖେଇଛନ୍ତି ।

ସେମାନଙ୍କ ସସ୍ନେହ ଉପହାର ଝୋଟିପକା କାନ୍ଥ, ଅଖଣ୍ଡ ଦୀପ (ପ୍ରତିଭା ରାୟ) ତନ୍ମୟ ଧୂଳି, ଜବାକୁସୁମ, ସକାଙ୍ଗ, ଶବରୀ (ପ୍ରତିଭା ଶତପଥୀ), ନୟା ନୟା କହୁକହୁ, ସରଳ ହୃଦ୍‌ଗଣିତ, ଜାହାଜ, ଅଷ୍ଟମ ଋତୁ, ଶ୍ରୀରାଧା (ରମାକାନ୍ତ ରଥ), ପାଟଦେଈ, ଏକାକୀ ପରାଶର, ବୀଣାପାଣି ଗଳ୍ପ ସମଗ୍ର ଏବେବି ସୁରକ୍ଷିତ ତା ବହି ଆଲମାରୀରେ । ବୀଣାଅପା ଅନୁଭବୀ ମଣିଷ । ବୁଝି ପାରୁଥିଲେ ତା'ପ୍ରତି କେତେଜଣ ସହକର୍ମୀ ଓ ଉପରିସ୍ଥଙ୍କ ଅସହିଷ୍ଣୁ ଭାବ । ଛୁଇଁ ପାରୁଥିଲେ ତା' ମନତଳର ଅବପାତକୁ । କହୁଥିଲେ କୌଣସି ପରିସ୍ଥିତିରେ କଲମ ଛାଡ଼ିବୁ ନାହିଁ । ଏ କଲମ ତୋର ବଞ୍ଚିବାର ଅବଲମ୍ବନ, ତା' ଗପକୁ ସିଧାସଳଖ ପ୍ରଶଂସା ନକରି କବି ରମାକାନ୍ତ କହୁଥିଲେ, "ଜୟନ୍ତୀ, କେବେ ହେଲେ ଭାବିବ ନାହିଁ


ପ୍ରବାସିନୀ ମହାକୁଡ଼


ପ୍ରବୀଣା ମହାନ୍ତି


ବନଜ ଦେବୀ


ଅପର୍ଣ୍ଣା ମହାନ୍ତି

ଯେ ମୁଁ ଲେଖୁଚି । ଶବ୍ଦ ସବୁ ରହିଛି ଉପରେ । ତମେ ଖାଲି ସଜାଡ଼ି ରଖୁଚ ।" ଓଡ଼ିଆ ସାହିତ୍ୟର ଉଜ୍ଜ୍ୱଳ ତମ ଜ୍ୟୋତିଷ୍କମାନଙ୍କର ସ୍ନେହର ସ୍ପର୍ଶ ପାଇ ସେ ଧନ୍ୟ ହୋଇଛି । ଲଢ଼ିବାର ସେଇ ସମୟରେ କେଉଁ କୋଣ ଅନୁକୋଣରୁ ଶୀତଳ ପବନ ବୋହି ଆସି ତା' ପ୍ରାଣକୁ ପୁଲକିତ କରିଛି । ଦୈବଯୋଗକୁ ତା'ର ପ୍ରତିପକ୍ଷଙ୍କ ପ୍ରୟାସକୁ ପ୍ରତିରୋଧ କରିଥିଲେ ସେହି ସମୟରେ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ କବି ରାଜେନ୍ଦ୍ର କିଶୋର ପଣ୍ଡା । ସଚିବ ଭାବରେ ତାଙ୍କର ଅବଧି ଅଳ୍ପ ଥିଲା । ତେବେ ସେ ତାକୁ ପ୍ରଚୁର ସାହସ ଦେଇଥିଲେ ଉଭୟ କଥାରେ ଓ ତାଙ୍କ ରଚିତ କବିତା ମାଧ୍ୟମରେ ।

"ଦାରୁଣ ତମ ଦୁଃଖରେ ବି ମାଟିକୁ ଫାଟିଯାଆ
ବୋଲି କହିବୁନି ମାଆ
ମାଟିକୁ ଫାଟିଯାଆ ବୋଲି କହିଲେ
ପୋତି ହୋଇଯିବ ଆକାଶ ।"

କବିଙ୍କର 'ଝିଅ ପାଇଁ ଗୋଟିଏ କବିତା'ର ଏଇ ପଂକ୍ତି ବେବିର ଅନ୍ତରରେ ସୃଷ୍ଟି କରିଥିଲା ଅଦ୍ଭୁତ ଆତ୍ମବଳ । ଆଃ ! କବିତାର ବି ଅଦ୍‌ଭୁତ ଯାଦୁକରୀ ଶକ୍ତି । ଭାଙ୍ଗି ଯାଉଥିବା ମନକୁ ସଳଖି ଦେଇପାରେ । ଈର୍ଷା, ପରାଶ୍ରୀକାତରତା, ଷଡ଼ଯନ୍ତ୍ରର କୁହେଳି ଭିତରେ ବାଟବଣା ହୋଇ ଯାଉଥିବା ବେଳେଏଇ କବିତା ତା' ମନରେ ଦେଇଥିଲା ଦମ୍ଭ । ପ୍ରତ୍ୟୟ ଆଗକୁ ଚାଲିବା ପାଇଁ ।

ସାହିତ୍ୟିକ, ସାରସ୍ୱତ ସଭା ସମିତି ଗଲାବେଳେ ସେ ସଖ୍ୟ ପାଉଥିଲା ବନଜ ମାଉସୀଙ୍କର । ବରେଣ୍ୟ ସ୍ରଷ୍ଟା, ଦ୍ରଷ୍ଟା ମନୋଜ ଦାସଙ୍କର ଚେତନା ଉଦ୍ରେକକାରୀ ଭାଷଣ, ଚନ୍ଦ୍ରଶେଖର ରଥଙ୍କ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ, ମହାପାତ୍ର ନୀଳମଣି ସାହୁଙ୍କ ଉଚ୍ଛଳ ରସପୂର୍ଣ୍ଣ ଭାଷଣ ସବୁ ସେ ଶୁଣିଛି ଏଇ ମନସ୍ୱିନୀ ସାହିତ୍ୟିକାଙ୍କ ସହ ଏକାଠି । ଶୁଣି ସାରିବା ପରେ ତାଙ୍କ ସହ ଭାଷଣର ସାରାଂଶ ଉପରେ ଆଲୋଚନା କରିଛି । ଏବେ ଏକା ସହରରେ ରହିଲେ ବି ପରସ୍ପରଠୁ ବହୁ ଦୂରରେ ଦୁହେଁ । ଆଉ ଏକାଠି ସଭାକୁ ଯିବାର ଅବକାଶ ନାହିଁ । ବେବି ମନେମନେ ଝୁରେ ସେଇ ସୁନ୍ଦର ଲଳିତ ମୁହୂର୍ତ୍ତମାନଙ୍କୁ । ମନୋଜ ଦାସଙ୍କ ଭାଷଣ ଶୁଣିବାକୁ ଗଲାବେଳେ ତା' ପାଇଁ ସ୍ଥାନ ସଂରକ୍ଷିତ କରି ରଖିଥାନ୍ତି ପ୍ରବୀଣା ଅପା । ତା'ର ଗାଳ୍ପିକା, ଔପନ୍ୟାସିକା ବାନ୍ଧବୀ । ମନୋଜ ଦାସଙ୍କ ସଭାରେ ଶ୍ରୋତାଙ୍କର ଅସମ୍ଭବ ଭିଡ଼ । ବହୁ ସମୟରେ ବହୁ ପଦସ୍ଥ ଅଧିକାରୀ, ପ୍ରତିଷ୍ଠିତ ବ୍ୟକ୍ତି ବସିବାକୁ ଜାଗା ନପାଇ ତଳେ ବସନ୍ତି । ଇମ୍ଫା ଶାରଳା ସମ୍ମାନ ଗ୍ରହଣ କରିବା ଅବସରରେ ସ୍ରଷ୍ଟା ମନୋଜ ଦାସ କହିଥିଲେ ସୃଜନଶୀଳତାକୁ ମାପିବା ପାଇଁ ଯେଉଁ ପୁରସ୍କାର ଦିଆଯାଏ, ସେଥିରେ କିଏ ଆଗ କିଏ ପଛ ବା କିଏ ଯୋଗ୍ୟ କିଏ ଅଯୋଗ୍ୟ ତାହା ବିଚାର କରିବା ଅସମୀଚିନ । ସୁତରାଂ ପୁରସ୍କାର କୌଣସି ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱର ପ୍ରତିରୋଧ ନକରୁ । ସଂପ୍ରତି ଆମେ ଏମିତି ଏକ ସମୟରେ ଉପନୀତ ଯେଉଁଠି ମୂଲ୍ୟବୋଧ ନିତ୍ୟାନ୍ତ ଅଦରକାରୀ, ବିଭ୍ରାନ୍ତିର ରାଜୁତିରେ ବୈଚିତ୍ର୍ୟମୟ ହୋଇ ଉଠିଛି ପରିବେଶ ଓ ପରିସ୍ଥିତି । ପରାକାଷ୍ଠା ଓ ପ୍ରତିଭା ନଥାଇ ଜନପ୍ରିୟତାର ଶୀର୍ଷରେ ପହଞ୍ଚି ହେଉଛି । ତ୍ୟାଗ, ସାଧନା ଓ ତିତିକ୍ଷାର ବାରମ୍ବାର ଅପମୃତ୍ୟୁ ଘଟି ଚାଲିଛି । ମଣିଷ ମନରେ ଥିବା ଭାବାବେଗ, ବ୍ୟାକୁଳତା, ପ୍ରେମ, ହତାଶା, ବୈରାଗ୍ୟ, ସ୍ପୃହା କିନ୍ତୁ ବଦଳିନି । ମଣିଷ ସବୁବେଳେ ଚାହୁଁଛି ଅନ୍ଧାରରୁ ଆଲୋକକୁ ଯିବା ପାଇଁ । ଏଇ ମାନସିକତାକୁ ଚିହ୍ନି ଲେଖକମାନେ ଲେଖନୀ ଚାଳନା କରନ୍ତୁ ।

ଏକଥା ବହୁ ବର୍ଷ ପରେ ବି ଅକ୍ଷରେ ଅକ୍ଷରେ ମନେ ରଖିଛି ବେବି ।

ସେ ଭୁଲି ନାହିଁ, କବି ରମାକାନ୍ତ ସରସ୍ୱତୀ ସମ୍ମାନ ପାଇବା ଅବସରରେ କବି ରାଜେନ୍ଦ୍ର ପଣ୍ଡା ଦେଇଥିବା ବକ୍ତବ୍ୟ- "ଯେଉଁ ମାନସୀଙ୍କୁ ନେଇ କବି 'ଶ୍ରୀରାଧା' ପରି କାଳଜୟୀ କାବ୍ୟ ରଚନା କରିବାକୁ ସମର୍ଥ ହୋଇଛନ୍ତି, ତାଙ୍କୁ ତ ଆମେ ଦେଖି ପାରିବା ନାହିଁ କି ତାଙ୍କୁ କୃତଜ୍ଞତା ଜଣାଇ ପାରିବା ନାହିଁ । ଜଣାଇବା ବି କ'ଣ ଦରକାର । କବି ନିଜେ ହିଁ ତ ଶ୍ରୀରାଧାଙ୍କ ମାଧ୍ୟମରେ ଅର୍ଥକୁ ପରମ କରି ବାକ୍‌କୁ ମୌନ କରି ଦେଇଛନ୍ତି ।

ତାଙ୍କ କବିତା ପଢ଼ି ହୁଏ ମୋହିତ, ଅଦୀକ୍ଷିତ ପାଠକ ତାଙ୍କ କବିତା ପଢ଼ି ହୁଏ ଚକିତ ।"

ବେବି କବିଙ୍କ କବିତା ପଢ଼ି ଉଭୟ ଚକିତ ଏବଂ ମୋହିତ ହୁଏତ । ଆଲମାରୀ ଭିତରୁ ଶ୍ରୀରାଧା ତାକୁ ହାତ ଠାରି ଡାକନ୍ତି । କି ଦୁର୍ନିବାର ଆକର୍ଷଣ ଶ୍ରୀରାଧାଙ୍କ ପାଇଁ କାବ୍ୟପ୍ରେମୀ ପାଠକ/ପାଠିକାଙ୍କର । ଏଇ ଗୋଟିଏ କାବ୍ୟ ଉପରେ ଶହ ଶହ ପୃଷ୍ଠାର ପ୍ରବନ୍ଧ । ଏଇ କାବ୍ୟକୁ ନେଇ ନୃତ୍ୟନାଟିକା । ଏକକ ଅଭିନୟ । କେତେ ଭାରତୀୟ ଓ ବିଦେଶୀ ଭାଷାରେ ଅନୂଦିତ ଏଇ କାବ୍ୟ । ଏତେ ଆବେଦନ / ଏତେ ସମ୍ବେଦନ ଥାଏ କବିତାରେ !

ତା'ମନର ଗୋଟିଏ ପାର୍ଶ୍ୱ କ୍ଷତାକ୍ତ ହେଉଥିବା ବେଳେ, ଆଉ ଗୋଟିଏ ପାର୍ଶ୍ୱରେ ଫୁଟି ଦିଶୁଥିଲା ସବୁଜ ଶସ୍ୟର ସମ୍ଭାର, ଫୁଟି ଉଠୁଥିଲା ନାନା ରଙ୍ଗର ସୁଗନ୍ଧିତ ପୁଷ୍ପ ଯାହାର ଆଭା ଆଚ୍ଛାଦିତ କରି ରଖୁଥିଲା ତାର ସମଗ୍ର ସତ୍ତାକୁ । ଏକ ପାଖରେ ନିର୍ଦ୍ଦେଶକଙ୍କ ସ୍ଥାନାନ୍ତରିତ କରିଦେବାର ଅନୁଚିତ ଧମକାଣ ଅନ୍ୟପାଖରେ ସଚିବଙ୍କ ନିର୍ଭୟ ପ୍ରତିଶ୍ରୁତି- କାହା କଥାରେ କାନ ଦିଅନି । ଲେଖ, ପଢ଼, ପିଏଚ୍‌ଡି କର । ଗୋଟିଏ ପଟେ କର୍ତ୍ତୃପକ୍ଷଙ୍କ ଉପେକ୍ଷା । ଆଉ ଗୋଟିଏ ପଟେ ବହୁ ସହକର୍ମୀଙ୍କ ସ୍ନେହ, ଶୁଭେଚ୍ଛା, ଶ୍ରଦ୍ଧା । ଅଫିସ୍‌ରେ ନିରୋଳା ସମୟରେ ସେ ପଢୁଥିଲା ତା'ର ପ୍ରିୟ କବି ମାୟାଧର ମାନସିଂହଙ୍କୁ । ରାଧାମୋହନ ଗଡ଼ନାୟକଙ୍କୁ । ଅନନ୍ତ ପଟ୍ଟନାୟକଙ୍କୁ । ସଚ୍ଚି ରାଉତରାୟ ଏବଂ ସମସାମୟିକ ପ୍ରଭାବଶାଳୀ କବିମାନଙ୍କୁ । ମାନସିଂହଙ୍କ କବିତାକୁ ମନ ଭିତରେ ତୁହାଇ ତୁହାଇ ଉଚ୍ଚାରଣ କରୁଥିଲା "ଦୁଃଖ ଦହନ ଦେବ ହେ ଯଦି ଦୁଃଖ ଦହନ ଦିଅ /ସେଇ ଦହନର ସ୍ୱର୍ଣ୍ଣାଲୋକେ ତୁମକୁ ଦେଖାଇ ଦିଅ ।"

ପ୍ରଣମ୍ୟ କଥାଶିଳ୍ପୀ ମନୋଜ ଦାସ, ରାମଚନ୍ଦ୍ର ବେହେରା, ବିଜୟକୃଷ୍ଣ ମହାନ୍ତି, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ ଆଚାର୍ଯ୍ୟ...ଏମାନଙ୍କ ପ୍ରେରଣାଦାୟୀ ଚିଠି ପଢୁଥିଲା ଏବଂ ଚିଠିର ଉତ୍ତର ଲେଖୁଥିଲା ।

ଦୁଃଖର ବଳୟ ଭିତରେ ଆନନ୍ଦର ଦ୍ୟୁତି ଥିଲା । ଏବେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ନାତୁଣୀର ଟିଫିନ୍ ବକ୍ସରେ ହାତ ତିଆରି ମଣ୍ଡାପିଠା ଧରି ଆସୁଥିଲେ ତା' ପାଖକୁ କବି ମନୋରମା ମହାପାତ୍ର ବିଶ୍ୱାଳ । ତାଙ୍କ କବିତାରେ ଗାଁ, କାଶତଣ୍ଡୀ,

କନିଅର, ନଦୀ ବାସ୍ତବ ଠୁ ବେଶି ସୁନ୍ଦର, ବେଶି ଜୀବନ୍ମୟ । ଭାବୁଚି ଚିଠି ଲେଖିବି ମା'କୁ ଫାଲଗୁନି ତିଥିର ଝିଅ, ଥରେ ଖାଲି ଡାକିଦେଲେ । ଏସବୁ ମନୋଜ୍ଞ କବିତା ସଂକଳନ ସହିତ ଶିଶୁମାନଙ୍କ ପାଇଁ ସେ ବହୁ ଉପାଦେୟ ପୁସ୍ତକ ଲେଖିଛନ୍ତି । ତାଙ୍କର 'ଶବ୍ଦ ସରସ୍ୱତୀ' ପୁସ୍ତକରେ ସେ କବିତାରେ ବରେଣ୍ୟ ନାରୀ ସ୍ରଷ୍ଟାଙ୍କ ସୃଷ୍ଟି ସଂପର୍କରେ ଆଲୋଚନା କରିଛନ୍ତି । ମନୋରମାଙ୍କ ସାନ୍ନିଧ୍ୟ ବଡ଼ ମନୋରମ ।



ବି.ଜେ.ବି. କଲେଜରେ ପ୍ରାଧ୍ୟାପିକା ଥାଆନ୍ତି ଡ. ଅର୍ଚ୍ଚନା ନାୟକ । ଅସାଧାରଣ ପ୍ରତିଭାମୟୀ, ତେଜସ୍ୱିନୀ ଅର୍ଚ୍ଚନା ଅପା ତାକୁ ଦେଖାଯାନ୍ତି ଦମ୍ଭର ପ୍ରତିମୂର୍ତ୍ତି ଭଳି ।ନିଜ ସଂକଳ୍ପରେ ସବୁବେଳେ ଅଟଳ, ଅଚଳ । ନୂଆ କିଛି ଲେଖିବାର ଅଭୀପ୍‌ସା ସବୁବେଳେ ସଜାଗ ଥାଏ ତାଙ୍କ ଭିତରେ ତାଙ୍କ ରଚିତ ଅନ୍ୟନାୟିକା, ଶ୍ରମଣାର ପୃଥିବୀର ପ୍ରତି ଚରିତ୍ର ଭିତରେ ଶୁଣାଯାଏ ତାଙ୍କ ଅନ୍ତଃସ୍ୱର । ହଜାର ହଜାର ବର୍ଷ ତଳକୁ ଯାଇ ଚରିତ୍ରଟିକୁ ତା'ର ପରିବେଶ, ପରିସ୍ଥିତି ସହିତ ଯଥାଯଥ ଉପସ୍ଥାପିତ କରିବାର ଅଦ୍ଭୁତ ସାମର୍ଥ୍ୟ ଅର୍ଚ୍ଚନା ଅପାଙ୍କର ।

'ରାଣୀ ଶ୍ୟାମାବତୀ' ତାଙ୍କର ଅନବଦ୍ୟ ଉପନ୍ୟାସ । 'ସାତପଦ୍ମର ଦ୍ୱୀପ' ଉପନ୍ୟାସର ଆବେଦନ ବି କିଛି କମ୍ ନୁହେଁ । ତାଙ୍କର ସୁନ୍ଦର ସୁନ୍ଦର ଡିଜାଇନ୍‌ର ଶାଢ଼ି, ଅକ୍ସି ଡାଇଜଡ୍ ଗହଣା, ରକମ ରକମର ମାଳି, କାନଫୁଲ, ବେବିକୁ ଆକର୍ଷିତ କରେ । ନାନା ରଙ୍ଗର ଫୁଲରେ ତାଙ୍କ ବଗିଚା ହସୁଥାଏ ସବୁ ଋତୁରେ । ଦିବ୍ୟଜନନୀ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅତିମାନସ ଚେତନାରେ ଅନୁପ୍ରାଣିତା ଅର୍ଚ୍ଚନା ଅପା ଭିତରେ ସେ ଦେଖେ ତ୍ୟାଗ ଓ ଭୋଗର ଅପୂର୍ବ ମଧୁର ସମନ୍ୱୟ । ଥରେ କଥା ପଡୁ ପଡୁ ଜାଣିଲେ ଜୁଲାଇ ନଅ, ବେବିର ଜନ୍ମତାରିଖ । ତାଙ୍କର ଜନ୍ମ ତାରିଖ ଜୁଲାଇ ୧୬ । ସେଇଦିନ ଠୁ ସବୁ ବର୍ଷ ତା ଜନ୍ମ ତାରିଖରେ ଶ୍ରୀମା, ଶ୍ରୀଅରବିନ୍ଦଙ୍କ ଦର୍ଶନ ଆଧାରିତ ବହି, ତାଙ୍କର ନୂତନ ପ୍ରକାଶିତ ବହି, ପଣ୍ଡିଚେରୀ ଆଶ୍ରମ ଧୂପକାଠି, ନୂଆ ଡିଜାଇନ୍‌ର ଚୂଡ଼ି କି ମାଳି- ଏମିତି ଉପହାର ନେଇ ସେ ଆସନ୍ତି ତା' ପାଖକୁ । ସାଙ୍ଗରେ ଥାଆନ୍ତି ସେଲି ଅପା । ରେସନାରା ବେଗମ୍ । ରାଜନୀତି ବିଷୟର ପ୍ରାଧ୍ୟାପିକା । ତାଙ୍କ ଜନ୍ମ ତାରିଖ ବି ଜୁଲାଇ ୧୭ । ସେମାନେ ଏକାଠି ବସନ୍ତି । ଦୁର୍ଲଭ ଆନନ୍ଦରେ ବିତିଯାଏ କିଛି ସମୟ । ଅର୍ଚ୍ଚନା ଅପା କେବଳ ସ୍ନେହ ଆଦର ଦେଖେଇ ରହି ଯାଆନ୍ତି ନାହିଁ । ଆବଶ୍ୟକ ସ୍ଥଳେ ଆକଟ କରନ୍ତି । ତାଗିଦ୍ କରନ୍ତି । ଭାଙ୍ଗି ପଡୁଥିବା ବେଳେ ଦମ୍ଭ ଦିଅନ୍ତି । ବେବି ଚାକିରି ଛାଡ଼ିବା ପାଇଁ ମାନସିକ ପ୍ରସ୍ତୁତି କରୁଥିବା ବେଳେ କହନ୍ତି: "କି କଥା...କାହା ଉପରେ ରାଗି ତୁ ଛାଡ଼ିଦେବୁ ଚାକିରି ! ତତେ ସେମାନେ କିଏ ଚାକିରି ଦେଇଛନ୍ତି ? ଟାଣ୍ ହ । ଏତେ ନରମା ହେଲେ ସମସ୍ତେ ଦଳି ଚକଟି ଦେବେ ।" ଏମିତି ଉପଦେଶ ବି ପାଇବାର ସୌଭାଗ୍ୟ ସମସ୍ତଙ୍କର ନଥାଏ ।



ହାତରେ ସମୟ ନେଇ ଆସିଥାଏ ପ୍ରବାସିନୀ ଅପା । କବି ପ୍ରବାସିନୀ ମହାକୁଡ଼ । ସଂଗ୍ରହାଳୟର ଉଦ୍ୟାନ ଭିତରେ ବସି ଗପ କରନ୍ତି ଦୁହେଁ କିଛି ସମୟ । ଘର, ବାହାର, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କେତେ ପ୍ରସଙ୍ଗ ଆସେ ତାଙ୍କ ଗପ ଭିତରକୁ ଅଫିସ୍‌ରୁ ସିଧା ଟାଣି ନେଇଯାଏ ରବୀନ୍ଦ୍ର ମଣ୍ଡପ କି ଜୟଦେବ ଭବନ । ଶୁଣେ ମୋହିନୀ ମୋହନଙ୍କ ବୃନ୍ଦ ବଂଶୀଗାନ । ବଂଶୀର ସ୍ୱରରେ ଶୁଣେ ଷଡ଼ଋତୁଙ୍କ ଗତିବିଧି । ବିମୋହିତ ହୋଇଯାଏ । ବିସ୍ମୃତ ହୋଇଯାଏ । ପ୍ରବାସିନୀ ଅପା କହେ ଜ୍ଞାନପୀଠ ବିଜୟିନୀ ପ୍ରସିଦ୍ଧ କବି ଔପନ୍ୟାସିକା ଅମୃତା ପ୍ରୀତମଙ୍କ ଅଦ୍ଭୁତ ଜୀବନଚର୍ଯ୍ୟା ବିଷୟରେ । ଆବୃତ୍ତି କରେ ଗୁଲଜାରଙ୍କ କବିତା । ଥରେ ଥରେ ଟାଣିଦିଏ ହାସ୍ୟକବି ସମ୍ମିଳନୀକୁ । ଅସରା ଅସରା ହସ । ଭୁଲି ହୋଇଯାଏ ଅଶ୍ରୁର ଉତ୍ତାପ । ବହୁ କିସମର ଫୁଲ ଗଛ ଲଗେଇବାରେ ତାର ବଡ଼ ସଉକ । ଫୁଲର ବିବିଧ ରଙ୍ଗ ଓ ମହକରେ ସେ ଆତ୍ମବିସ୍ମୃତ ହୋଇଯାଏ । ଏବେବି ଫୋନ୍ କଲେ ପଚାରେ, ତୋ ବଗିଚାରେ କ'ଣ ଫୁଲ ଫୁଟିଛି ? କବିଟିଏ, ନିରୁତା କବିଟିଏ ହିଁ ଏମିତି ପଚାରିପାରେ । ଅପରାଜିତାର ଦିନରାତି, କେହି ଜଣେ ଶୁଭାଙ୍ଗୀ, ମୁହୂର୍ତ୍ତ ମୁହୂର୍ତ୍ତ, କାଚନାରୀ ଆଦି ବହୁ ରସୋତ୍ତୀର୍ଣ୍ଣ କବିତା ସଂକଳନର ସ୍ରଷ୍ଟା ପ୍ରବାସିନୀ ଅପା କବିତା ଭିତରେ ବଞ୍ଚେ ।

ବହୁ 'ନା ନା'କୁ ପଦାଘାତ କରି ପରିପୂର୍ଣ୍ଣ ଜୀବନ ବଞ୍ଚିଥିବା, 'ଅସତୀ' 'ନଷ୍ଟନାରୀ', 'ଅତିଥି', 'ଝିଅର କାନ୍ଦଣା'ର କବି ଅପର୍ଣ୍ଣା ମହାନ୍ତି ବୋଧ ଦିଅନ୍ତି କଥାରେ । କଥା ଏତେ ସ୍ନେହସିକ୍ତ ହୋଇପାରେ ! ତାହା ଜଣେ ଅପର୍ଣ୍ଣା ଅପାଙ୍କୁ ଦେଖିଲେ ଜାଣି ପାରିବେନି । ସବୁ ବୟସର ମଣିଷ ତାଙ୍କ ସ୍ନେହର ଡୋରରେ ବନ୍ଧା । କିଏ ଡାକେ ମନୁ, (ଡାକ ନାଁ), କିଏ ଅପର୍ଣ୍ଣା, କିଏ ଅପା ତ କିଏ ଭାଉଜ । ଯେଉଁଠି ଠିଆ ହେଲେ ଆନନ୍ଦର ଗୋଟିଏ ମାହୋଲ ସୃଷ୍ଟି କରି ଦିଅନ୍ତି । ଥରେ ବୁଝେଇବାକୁ ଯାଇ ବେବିକୁ କହିଥିଲେ- "କଷ୍ଟ ପାଅନା । ବାହାରର କଥା ଭିତରକୁ ନିଅନା । ମାଛରଙ୍କାମାନେ ଉଡ଼ନ୍ତି, ମୟୂର ଉଡ଼େନି, ତା ପକ୍ଷର ଭାର ତାକୁ ବୋହିବାକୁ ପଡ଼େ । ମୟୂର ନାଚେ ତାର ପକ୍ଷ ମେଲେଇ । ଅନ୍ୟକୁ ଆନନ୍ଦ ଦିଏ । ତମେ ନିଜକୁ ମୟୂର ଜାଗାରେ ରଖ । ମାଛରଙ୍କାର ଗତିବିଧି ଆଡ଼କୁ ନଜର ଦିଅନି ।"

ପ୍ରସଙ୍ଗ - ୧



# ପାରଳାଖେମୁଣ୍ଡି


ରାଜପ୍ରାସାଦ

# ପାରଳାଖେମୁଣ୍ଡି ରାଜ ପରିବାର


**ଲଳିତ ମୋହନ ମିଶ୍ର**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି
ଫୋନ:୯୪୩୭୯୮୫୮୬୬/୯୬୯୨୭୪୦୩୬୬


ଫଟୋ ସୌଜନ୍ୟ : ଲେଖକ

ଛୋଟ ପିଲାଟି ଉଦାସ ନୟନରେ ଚାହିଁ ରହିଛି ଦୂର ଦିଗ୍‌ବଳୟକୁ । ଦଳେ ଗେଣ୍ଡାଳିଆ ଦୂର ଆକାଶରେ ଉଡ଼ି ଯାଉଛନ୍ତି । ମନେପଡ଼େ ତାର ପିଲାଦିନର ସେହି ଗୀତ: 'ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ିଦେଲେ ପର / ରାଜାଝିଅ ବାହାନୁଛି ଦେଖି ବୁଢ଼ାବର ।' ଦୂର ଦିଗ୍‌ବଳୟରୁ ଆଖି ଫେରାଇ ଛୋଟ ପିଲାଟି, ଗୋରୁ ପଲ ଆଡ଼କୁ ଦେଖୁଛି । ସମୟ ଅତିକ୍ରାନ୍ତ ହୋଇଯାଇଛି । ଶିଶୁର ସେ ଯୁବକ ଏବଂ ଏବେ ଯୁବକରୁ ବୟସର ଅପରାହ୍ନରେ । କିନ୍ତୁ ମାନସପଟରେ ଉଙ୍କି ମାରୁଛି ତାର ସେହି ଅଭୁଲା ସ୍ମୃତି । ପିଲାଦିନେ ତାର ବାପା ରାଜଉଆସକୁ ବୁଲାଇ ନେଉଥିଲେ । ପ୍ରତିଦିନ ଦେଖାଇ ଦେଉଥିଲେ, ସେହି କୀର୍ତ୍ତିରାଜିପୂର୍ଣ୍ଣ ରାଜଉଆସ ଏବଂ ବୃନ୍ଦାବନ ପେଲେସ୍ । ପେଟ ଚାଖଣ୍ଡକ ପାଇଁ ବିଭିନ୍ନ ସ୍ଥାନ ବୁଲିଛି ରୋଜଗାର ପାଇଁ । କିନ୍ତୁ ଗାଁ ମାଟିର ସେହି ଅପାସୋରା ସ୍ମୃତି ମାନସପଟରେ ଆଜି ବି ଜୀବନ୍ତ ରହିଛି । ପାରଳାଖେମୁଣ୍ଡି ହେଉଛି ଓଡ଼ିଶାର ଏକ ପ୍ରାଚୀନ ସହର । ଯାହାକି ଓଡ଼ିଶା ଇତିହାସରେ ଏକ ବିଶେଷ ସ୍ଥାନ ଅଧିକାର କରିଛି । ଏଠାକାର ରାଜଉଆସ, ବୃନ୍ଦାବନ ପେଲେସ୍ ଏବଂ ମନ୍ଦିରର ଲୋକ ପ୍ରସିଦ୍ଧି ରହିଛି ।

## ଖେମୁଣ୍ଡି ରାଜ୍ୟ ଓ ରାଜ ପରିବାର

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ କି ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା, ଅନନ୍ୟ ଅବଦାନ ପାଇଁ ଓଡ଼ିଶା ଇତିହାସରେ ପାରଳା ରାଜ ପରିବାର ସବୁଦିନ ସ୍ମରଣୀୟ । ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରିବା ପାଇଁ ବ୍ରିଟିଶ୍ ସରକାରଙ୍କ ନିକଟରେ ଦାବି ଉପସ୍ଥାପନରେ ଅଦମ୍ୟ ସାହସ ଏବଂ ନିରନ୍ତର ଉଦ୍ୟମ ପାଇଁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନିକଟରେ ଚିରଦିନ କୃତଜ୍ଞ ରହିବ ଏ ଓଡ଼ିଆ ଜାତି । ଖେମୁଣ୍ଡି ସାମ୍ରାଜ୍ୟ ପୂର୍ବଗଙ୍ଗର ଏକ ଶାଖା ଦ୍ୱାରା ସ୍ଥାପିତ ହୋଇଥିଲା । ଏହା ସୂର୍ଯ୍ୟବଂଶୀ ଗଜପତିଙ୍କ ଶାସନ ପୂର୍ବରୁ ଥିଲା । ଯିଏକି କଳିଙ୍ଗ କ୍ଷେତ୍ର ଉପରେ ଶାସନ କରିଥିଲେ । ସେତେବେଳେ ରାଜବଂଶର ମୁଖ୍ୟମାନଙ୍କୁ ଚନ୍ଦ୍ରବଂଶୀ ବୋଲି କହୁଥିଲେ । ଚତୁର୍ଦ୍ଦଶ ଶତାବ୍ଦୀର ପ୍ରାରମ୍ଭରେ ପୂର୍ବଗଙ୍ଗା ରାଜା ଭାନୁଦେବ ଦ୍ୱିତୀୟଙ୍କ ପୁତ୍ର ନରସିଂହ ଦେବଙ୍କ ଦ୍ୱାରା ଖେମୁଣ୍ଡି ରାଜ୍ୟର ମୂଳଦୁଆ ପଡ଼ିଥିଲା । ତାଙ୍କର ବଂଶଧରମାନେ ଖେମୁଣ୍ଡି ଅଞ୍ଚଳର ଉତ୍ତରାଧିକାରୀ ହେଲେ । ମୁଖ୍ୟ ସାମ୍ରାଜ୍ୟ ପୂର୍ବାଞ୍ଚଳ ଗଙ୍ଗରାଜା ସୂର୍ଯ୍ୟବଂଶୀ ଗଜପତି ସାମ୍ରାଜ୍ୟ ଦ୍ୱାରା ପରାସ୍ତ ହେବା ପରେ ଶେଷ ହେଲା । ଷୋଡ଼ଶ ଶତାବ୍ଦୀରେ ପାରଳାଖେମୁଣ୍ଡିର ରାଜା ସୁବର୍ଣ୍ଣଲିଙ୍ଗ ଭାନୁଦେବ ଥିଲେ । ତାଙ୍କର ପୁତ୍ର ଅନଙ୍ଗ କେଶରୀ ରାମଚନ୍ଦ୍ର ଦେବଙ୍କୁ ଖେମୁଣ୍ଡିର କିଛି ଅଞ୍ଚଳ ପ୍ରଦାନ କରିଥିଲେ । ତାଙ୍କର ପୁତ୍ର ଚୋଦଙ୍ଗା ଦେବ ଖ୍ରୀଷ୍ଟପୂର୍ବ ୧୬୦୮ରେ ତାଙ୍କ ପୁଅମାନଙ୍କ ମଧ୍ୟରେ ବିଭକ୍ତ କରି ତିନୋଟି ଶାଖାରେ ବିଭକ୍ତ କରିଥିଲେ । ୧. ବଡ଼ଖେମୁଣ୍ଡି, ୨. ସାନଖେମୁଣ୍ଡି, ୩. ପାରଳାଖେମୁଣ୍ଡି । ବଡ଼ଖେମୁଣ୍ଡି ପରିବାର ୧୫୫୪ ଖ୍ରୀଷ୍ଟାବ୍ଦରେ ହିନ୍ଦୋଳର ରାଜବଂଶ ସ୍ଥାପନାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୭୬୮ ମସିହାରେ ପାରଳାଖେମୁଣ୍ଡି ବ୍ରିଟିଶ୍ ପ୍ରଭାବରେ ଆସିଥିଲା । ପାରଳାଖେମୁଣ୍ଡି ଜମିଦାରୀ ରାଜ୍ୟ ଓଡ଼ିଆ ଭାଷାର ଅଂଶ ଗୁଡ଼ିକୁ ଏକତ୍ର କରିବା, ଆଧୁନିକ ଶିକ୍ଷା ବ୍ୟବସ୍ଥାର ପ୍ରଚାର, ରାଜ୍ୟ ଭିତ୍ତିଭୂମି ନିର୍ମାଣ ଇତ୍ୟାଦିରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସମ୍ପତ୍ତିର ଏକ ବଡ଼ ଅଂଶ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଅଛି । ଯଦିଓ ଗଙ୍ଗା ଓଡ଼ିଶାରେ ଅବସ୍ଥିତ । ପାରଳାଖେମୁଣ୍ଡିର ଶେଷ ରାଜା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶା ରାଜ୍ୟ ଆନ୍ଦୋଳନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏକ ସ୍ୱତନ୍ତ୍ର ସ୍ୱାଧୀନ ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ରାଜା ଭାବରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନାମ ସ୍ମରଣ କରାଯାଏ । ୧୯୩୬ ମସିହାରେ ଗଠିତ ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ମଧ୍ୟ ସେ ହୋଇଥିଲେ । ଓଡ଼ିଶାର ବର୍ତ୍ତମାନ ଗଜପତି ଜିଲ୍ଲା ଯାହା ପୂର୍ବାରୁ ଐତିହାସିକ ଗଞ୍ଜାମ ଜିଲ୍ଲାର ଏକ ଅଂଶ ଥିଲା, ତାଙ୍କ ନାମରେ ନାମିତ ହୋଇଥିଲା ଖେମୁଣ୍ଡି ରାଜ୍ୟ ।

## ଖେମୁଣ୍ଡି ସାମ୍ରାଜ୍ୟର ରାଜାଗଣ

ଖେମୁଣ୍ଡି ରାଜ୍ୟର ପ୍ରତିଷ୍ଠା ଏବଂ ଏହାର ପ୍ରଥମ ରାଜପୁରୁଷଙ୍କ ବିଷୟରେ ଏକ କିମ୍ବଦନ୍ତୀ ଅଛି । ଉତ୍କଳୀୟ ସୂର୍ଯ୍ୟବଂଶୀ ଗଜପତି କପିଳେଶ୍ୱର ଦେବଙ୍କ ପାଟରାଣୀ ଗର୍ଭରୁ ଅଠର ଜଣ ପୁତ୍ର ଜନ୍ମଲାଭ କରିଥିଲେ । ରାଜା କପିଳେଶ୍ୱରଙ୍କ ଔରସରୁ ଏକ ଦାସୀ ଗର୍ଭରୁ ପୁରୁଷୋତ୍ତମ ଦେବ ଜନ୍ମ ଗ୍ରହଣ କରିଥିଲେ । ସେ ପରବର୍ତ୍ତୀ ସମୟରେ ପାରଳାଖେମୁଣ୍ଡି ରାଜ୍ୟର ପ୍ରତିଷ୍ଠାତା ଏବଂ ଆଦିପୁରୁଷ । ଖେମୁଣ୍ଡି ରାଜବଂଶର ବିବରଣୀ- ୧.ନରସିଂହ ଦେବ (୧୩୦୯-୧୩୨୦) ୨. ମଦନରୁଦ୍ର ଦେବ (୧୩୨୦-୧୩୩୯), ୩. ନାରାୟଣ ରୁଦ୍ର ଦେବ(୧୩୩୯-୧୫୫୩), ୪.ଆନନ୍ଦ ରୁଦ୍ର ଦେବ (୧୩୫୩-୧୩୬୭), ୫.ଜୟରୁଦ୍ର ଦେବ (୧୩୬୭-୧୩୯୯), ୬.ଲକ୍ଷ୍ମୀ ନରସିଂହ ଦେବ (୧୩୯୯-୧୪୧୮), ୭. ମଧୁକର୍ଣ୍ଣ ଗଜପତି(୧୪୧୮-୧୪୪୧) ୮.ମୃତ୍ୟୁଞ୍ଜୟ ଭାନୁ ଦେବ



ଲେଖକ ଲଳିତ ମୋହନ ମିଶ୍ର

(୧୪୪୧-୧୪୬୭),୯.ମାଧବ ଭାନୁଦେବ (୧୪୬୭-୧୪୯୫), ୧୦. ଚନ୍ଦ୍ର ବେତାଳ ଭାନୁ ଦେବ(୧୪୯୫-୧୫୨୦), ୧୧.ସୁବର୍ଣ୍ଣଲିଙ୍ଗ ଭାନୁ ଦେବ (୧୫୨୦-୧୫୫୦)

ବଡ଼ଖେମୁଣ୍ଡି ଏବଂ ସାନଖେମୁଣ୍ଡି ଶାଖା ପ୍ରତିଷ୍ଠା ପରେ ପାରଳାଖେମୁଣ୍ଡି ରାଜ୍ୟର ଶାସକମାନେ: ୧୨.ଶିବଲିଙ୍ଗ ନାରାୟଣ ଭାନୁଦେଓ (୧୫୫୦-୧୫୬୮) ୧୩. ସୁବର୍ଣ୍ଣ କେଶରୀ ଗୋବିନ୍ଦ ଗଜପତି ନାରାୟଣ ଦେଓ (୧୫୬୮-୧୫୯୯), ୧୪.ମୁକୁନ୍ଦ ରୁଦ୍ର ଗଜପତି ନାରାୟଣ ଦେଓ (୧୫୯୯-୧୬୧୯) , ୧୫. ମୁକୁନ୍ଦ ଦେବ (୧୬୧୯-୧୬୩୮), ୧୬. ଅନନ୍ତ ପଦ୍ମନାଭ ଗଜପତି ନାରାୟଣ ଦେଓ (୧୬୩୮-୧୬୪୮), ୧୭. ସର୍ବଜ୍ଞାନ ଜଗନ୍ନାଥ ଗଜପତି ନାରାୟଣ ଦେଓ (୧୬୪୮-୧୬୬୪), ୧୮. ନରହରି ନାରାୟଣ ଦେଓ(୧୬୬୪-୧୬୯୧), ୧୯. ବୀରା ପଦ୍ମନାଭ ନାରାୟଣ ଦେଓ ଦ୍ୱିତୀୟ(୧୬୯୧-୧୭୦୬), ୨୦. ପ୍ରତାପ ରୁଦ୍ର ଗଜପତି ନାରାୟଣ ଦେଓ (୧୭୦୬-୧୭୩୬), ୨୧. ଜଗନ୍ନାଥ ଗଜପତି ନାରାୟଣ ଦେଓ ଦ୍ୱିତୀୟ (୧୭୩୬-୧୭୭୧), ୨୨.ଗୌର ଚନ୍ଦ୍ର ଗଜପତି ନାରାୟଣ ଦେଓ (୧୭୭୧-୧୮୦୩), ୨୩. ପୁରୁଷୋତ୍ତମ ଗଜପତି ନାରାୟଣ ଦେଓ (୧୮୦୩-୧୮୦୬), ୨୪. ଜଗନ୍ନାଥ ଗଜପତି ନାରାୟଣ ଦେଓ ତୃତୀୟ (୧୮୦୬-୧୮୫୦), ୨୫. ପ୍ରତାପରୁଦ୍ର ଗଜପତି ନାରାୟଣ ଦେଓ ଦ୍ୱିତୀୟ (୧୮୫୦-୧୮୮୫), ୨୬. ଗୌର ଚନ୍ଦ୍ର ଗଜପତି ନାରାୟଣ ଦେଓ ଦ୍ୱିତୀୟ (୧୮୮୫-୧୯୦୪), ୨୭. କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ (୧୯୧୩-୨୫ମଇ୧୯୭୪), ୨୮.ଗୋପୀନାଥ ଗଜପତି ନାରାୟଣ ଦେଓ (୨୫ ମଇ ୧୯୭୪-୧୦ ଜାନୁଆରୀ ୨୦୨୦), ୨୯. କଲ୍ୟାଣୀ ଗଜପତି (୧୦ଜାନୁଆରୀ ୨୦୨୦- ଆଜି ପର୍ଯ୍ୟନ୍ତ)

## ବଂଶ ପରମ୍ପରା

କିମ୍ବଦନ୍ତୀ ଅନୁସାରେ ଗଙ୍ଗ ବଂଶର ଗୋତ୍ର କନ୍ୟନ । ଗଙ୍ଗବଂଶ ରାଜତ୍ୱ ସମୟରେ ମହେନ୍ଦ୍ର ଗିରିରେ ଶୈବ ମନ୍ଦିର ନିର୍ମାଣ କରି ଗୋକର୍ଣ୍ଣେଶ୍ୱର ଦେବଙ୍କୁ ଉପାସନା କରୁଥିଲେ । ପରବର୍ତ୍ତୀ ସମୟରେ ଗଙ୍ଗମାନେ ମା' ମାଣିକେଶ୍ୱରୀଙ୍କୁ ନିଜର ଇଷ୍ଟଦେବତା ଭାବରେ ପୂଜା କଲେ । କିମ୍ବଦନ୍ତୀ ଅନୁସାରେ ସୂର୍ଯ୍ୟବଂଶୀ କପିଳେଶ୍ୱର ପୁତ୍ର ପୁରୁଷୋତ୍ତମ ଦେବୂକାଂଚି ଅଭିଯାନରେ ବାଟରେ ଜଗନ୍ନାଥଙ୍କ ଦଧି ଖାଇବା ଘଟଣା, ମାଣିକ ଗଉଡୁଣୀଙ୍କୁ ମାଣିକେଶ୍ୱରୀ ଜ୍ଞାନକରି ଇଷ୍ଟଦେବ ଭାବେ ଗ୍ରହଣ କରିଥିଲେ । ଗଙ୍ଗବଂଶୀ ରାଜାମାନେ ଜୈନ, ଶୈବ, ବୈଷ୍ଣବ ଓ ଶାକ୍ତ ସଂସ୍କୃତି ଓ ପରମ୍ପରାରେ ଚଳି ଆସୁଥିଲେ । ଗଙ୍ଗବଂଶୀ ରାଜାମାନେ ସର୍ବଧର୍ମ ସମନ୍ୱୟରେ ବିଶ୍ୱାସ ରଖି ବିଭିନ୍ନ ଧାର୍ମିକ ଅନୁଷ୍ଠାନ ମଠ ମନ୍ଦିର ସ୍ଥାପନ କରିଥିଲେ ।

## ଗଜପତି ଜିଲ୍ଲା ନାମକରଣ ଓ ତାର ଇତିହାସ

ଗଜପତି ଭାରତ ଦେଶର ଓଡ଼ିଶା ରାଜ୍ୟର ଏକ ଜିଲ୍ଲା । ଏହି ଜିଲ୍ଲା ଅବିଭକ୍ତ ଗଞ୍ଜାମ ଜିଲ୍ଲାରୁ ୦୨ ଅକ୍ଟୋବର ୧୯୯୨ ରେ ସୃଷ୍ଟି ହୋଇଥିଲା । ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ନାମାନୁସାରେ ଗଜପତି ଜିଲ୍ଲାର ନାମକରଣ କରାଯାଉଥିଲା । କିନ୍ତୁ ଗଜପତି ସେତେବେଳେ ଏକ ଉପାଧି ଥିଲା । ପରବର୍ତ୍ତୀ ସମୟରେ ଗଜପତି ଶବ୍ଦ ଏକ ଜିଲ୍ଲାର ନାମକରଣ ହୋଇଥିଲା । ଏକ ପୃଥକ ରାଜ୍ୟ ଗଠନରେ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ସ୍ମରଣୀୟ । ପାରଳାଖେମୁଣ୍ଡି ହେଉଛି ଗଜପତି ଜିଲ୍ଲାର ମୁଖ୍ୟାଳୟ । ଓଡ଼ିଶାର ତୃତୀୟ ସର୍ବନିମ୍ନ ଜନବହୁଳ ଜିଲ୍ଲା ଭାବରେ ପରିଗଣିତ । ଗଜପତି ଜିଲ୍ଲାର ଇତିହାସ ପାରଳାଖେମୁଣ୍ଡି ରାଜ୍ୟରୁ ଆସିଛି । ଏହା ଓଡ଼ିଶାର ଗଜପତି ରାଜ୍ୟର ଏକ ଅଂଶ ଥିଲା । ଦ୍ୱାଦଶ ଶତାବ୍ଦୀରେ ପାରଳାଖେମୁଣ୍ଡି ରାଜ୍ୟର ଏକ ଅଂଶ ଥିଲା । ମୁକୁନ୍ଦ ଦେବ ଖେମୁଣ୍ଡିଙ୍କ ଶାସନ କାଳରେ ତିନୋଟି ରାଜ୍ୟ ୧. ବଡ଼ଖେମୁଣ୍ଡି, ୨. ସାନଖେମୁଣ୍ଡି, ୩. ପାରଳାଖେମୁଣ୍ଡିର ସୃଷ୍ଟି । ଶିବଲିଙ୍ଗ ଭାନୁଦେବ ପାରଳାଖେମୁଣ୍ଡିର ଶାସକ ଥିଲେ । ରାଜାମାନଙ୍କର ଏକ ଧାଡ଼ି ଓଡ଼ିଶାର ମୋଗଲ ମରାଠା ଶାସନରେ ପାରଳାଖେମୁଣ୍ଡି ଉପରେ ଶାସନ ଜାରି ରଖିଥିଲା । ବ୍ରିଟିଶ୍‌ମାନେ ଓଡ଼ିଶାର ନିୟନ୍ତ୍ରଣ ସମାପ୍ତ କରିବା ପୂର୍ବରୁ ୧୭୬୭ ମସିହାରେ ଗଜପତି ଜଗନ୍ନାଥ ନାରାୟଣ ଦେବଙ୍କ ଶାସନ କାଳରେ ପାରଳା ବ୍ରିଟିଶ ରାଜ୍ୟର ସାମ୍ରାଜ୍ୟରେ ପରିଣତ ହୋଇଥିଲା । ରାଜା ଗଜପତି ଜଗନ୍ନାଥ ନାରାୟଣ ଦେବ ଏବଂ ତାଙ୍କ ପୁଅଙ୍କୁ ବ୍ରିଟିଶ୍‌ମାନଙ୍କ ଗିରଫ କରିଥିଲେ । ଏହା ପରେ ରାଜ୍ୟ ପ୍ରତ୍ୟକ୍ଷ ବ୍ରିଟିଶ ତତ୍ତ୍ୱାବଧାନରେ ଆସିଥିଲା । ରାଜାଙ୍କ ଗିରଫଦାରୀ ବିରୋଧରେ ରାଜ୍ୟର ଆଦିବାସୀ ଏବଂ ପାଇକ ମଧ୍ୟରେ ବିଦ୍ରୋହ ହୋଇଥିଲା । ଏହି କାରଣରୁ ରାଜ ପଦ ପୁନଃ ସ୍ଥାପିତ ହୋଇଥିଲା । ପାରଳାଖେମୁଣ୍ଡି ଓଡ଼ିଶା ସହିତ ଏକୀକରଣ ନହେବା ପର୍ଯ୍ୟନ୍ତ ଏକ ଶାସକ ରାଜ୍ୟ ଭାବରେ ପ୍ରଶାସନ ଅଧିନରେ ରହିଲା । ପାରଳାର ଜଣେ ପ୍ରମୁଖ ରାଜା ଥିଲେ କୃଷ୍ଣଚନ୍ଦ୍ର ଗଜପତି । ସେ ଉତ୍କଳ ସମ୍ମିଳନୀରେ ଜଣେ ସକ୍ରିୟ ସଦସ୍ୟ ଥିଲେ ଏବଂ ଓଡ଼ିଶା ପାଇଁ ପୃଥକ ରାଜ୍ୟ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏବଂ ଉତ୍କଳ ସମ୍ମିଳନୀ ଉଦ୍ୟମରେ ୧ ଏପ୍ରିଲ ୧୯୩୬ରେ ୟୁନାଇଟେଡ୍ ଓଡ଼ିଶାର ପୃଥକ ରାଜ୍ୟ ଗଠନ ହେଲା । ଭିଶାଖାପାଟନମ୍ ଜିଲ୍ଲାର ପାରଳାଖେମୁଣ୍ଡି ରାଜ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା- ରାଜଧାନୀ ଏବଂ ଅଧିକାଂଶ ଅଞ୍ଚଳ ରାଜ୍ୟ ଅଧିନରେ ଆସୁଥିଲେ । ଓଡ଼ିଶା ଏବଂ ଅବଶିଷ୍ଟ ତେଲୁଗୁ ଭାଷାଭାଷୀ ଅଞ୍ଚଳ ମାଡ୍ରାସ ରାଷ୍ଟ୍ରପତିଙ୍କ ଅଧୀନରେ ରହିଲା । ୧୯୩୭ ମସିହାରେ ଓଡ଼ିଶାର ପ୍ରଥମ ରାଜ୍ୟପାଳ ସାର୍ ଜନ୍ ଅଷ୍ଟିନ୍ ହବ୍‌ବ୍ୟାକ୍ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କୁ କେବିନେଟ୍ ଗଠନ ପାଇଁ ନିମନ୍ତ୍ରଣ କରିଥିଲେ । ଶ୍ରୀ ଗଜପତି ୧ ଏପ୍ରିଲ ୧୯୩୭ ରୁ ୧୮ ଜୁଲାଇ ୧୯୩୭ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ଥିଲେ । ୨୪ ନଭେମ୍ବର ୧୯୪୧ରୁ ୩୦ ଜୁନ୍ ୧୯୪୪ପର୍ଯ୍ୟନ୍ତ ସେ ଦ୍ୱିତୀୟ ଥର ପାଇଁ ଓଡ଼ିଶାର ପ୍ରଧାନମନ୍ତ୍ରୀ ହୋଇଥିଲେ ।

## ଗଜପତି ପ୍ରାସାଦ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଭୁବନେଶ୍ୱର ଠାରୁ ମାତ୍ର ୨୩୭ କିଲୋମିଟର । ଏହା ମହେନ୍ଦ୍ରତନୟା ନଦୀକୂଳରେ ଅବସ୍ଥିତ । ଏହି ରାଜପ୍ରାସାଦକୁ ଗଜପତି ଶାସକ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନିର୍ମାଣ କରିଥିଲେ । ଇତିହାସ ଅନୁଯାୟୀ, ପାରଳାଖେମୁଣ୍ଡିର ଶାସନ କାଳରେ ସେହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଗଜପତି ପ୍ରାସାଦ ରାଜ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି



କରିଥାଏ । ଏହି ପ୍ରାସାଦ ନିର୍ମାଣର ସଂକଳ୍ପ ୨୦ମଇ ୧୮୩୫ ରେ ଛଅ ଲକ୍ଷ ବ୍ୟୟରେ ନିର୍ମିତ ହୋଇଥିଲା । ଏହି ପ୍ରାସାଦ ପାରଳାଖେମୁଣ୍ଡି ଗଙ୍ଗ ରାଜବଂଶର ଗଜପତି ଶାସକଙ୍କ ସ୍ଥାୟୀ ବାସସ୍ଥାନ ପାଇଁ ନିର୍ମିତ ହୋଇଥିଲା । ଗଜପତି ପ୍ରାସାଦ ଏବଂ ବୃନ୍ଦାବନ ପେଲେସ୍ ପାରଳାଖେମୁଣ୍ଡିରେ ଅବସ୍ଥିତ । କିଙ୍ଗ୍ ପେଲେସ୍ ବିଶ୍ୱ ଐତିହ୍ୟ ମଧ୍ୟରେ ସମୃଦ୍ଧି ଓ ସଂସ୍କୃତି ପାଇଁ ଜଣାଶୁଣା । ଏହି ରାଜକୀୟ ଦୁର୍ଗର ପରିକଳ୍ପନା କାରୁକାର୍ଯ୍ୟ ଏବଂ ନିର୍ମାଣ ଦାୟିତ୍ୱ ନେଇଥିଲେ ବ୍ରିଟିଶ୍ ବସ୍ତୁକାର ରବର୍ଟ ଫେଲୋ ଚିଶୋଲମ୍ । ଏହି ଦୁର୍ଗର ଡିଜାଇନ୍ ୟୁରୋପୀୟ ସ୍ଥାପତ୍ୟ ବୈଶିଷ୍ଟ୍ୟ ସହିତ ମିଳିତ ଇଣ୍ଡୋ-ସରସେନିକ୍ ଶୈଳୀରେ ନିର୍ମିତ ହୋଇଛି । ଗଜପତି ପ୍ରାସାଦଟିରେ ଇଂଲଣ୍ଡର ବକିଂହାମ୍ ପ୍ରାସାଦର ନିର୍ମାଣ ଶୈଳୀ ଅନୁସୃତ ହୋଇଥିବା କଥିତ । ଏହି ପ୍ରାସାଦଟି ତିନି ମହଲା ବିଶିଷ୍ଟ । ଯେଉଁଥିରେ ଏକ ଗୁପ୍ତ ହଲ୍ ଏବଂ ଏକ ବିଧ୍ୱଂସଙ୍କ ମାର୍ଗ ଅଛି ଯାହା ମହାରାଜାଙ୍କର ମୁଖ୍ୟ ଗହ୍ୱର ସହିତ ସଂଯୁକ୍ତ । ଏହି ମହଲରେ ମହାରାଜାଙ୍କର ମୁଖ୍ୟ ପେଲେସ ସହିତ ସଂଯୋଗ କରୁଥିବା ଏକ ଅଣ୍ଡରଗ୍ରାଉଣ୍ଡ୍ ଗୃହ ଅନ୍ତର୍ଭୁକ୍ତ । ବିଶ୍ୱାସ କରାଯାଏ ଯେ ଏହି ଗୁପ୍ତମାର୍ଗର ବ୍ୟବହାର ରାଜ ପରିବାରକୁ ଶତ୍ରୁମାନଙ୍କ ଠାରୁ ଆକ୍ରମଣ ସମୟରେ ଲୁଚାଇବା ପାଇଁ ବ୍ୟବହୃତ ହୋଇଥାଏ । ଅଦ୍ଭୁତ କାଷ୍ଠ କାରୁକାର୍ଯ୍ୟ ଦ୍ୱାରା ପେଲେସ୍ ନିର୍ମିତ । ପେଲେସ୍‌ର ମୁଖ୍ୟ ଫାଟକର ଉଭୟ ପାର୍ଶ୍ୱରେ ଦୁଇଟି ସିଂହ ମୂର୍ତ୍ତି ଦେଖାଯାଏ । ଏକ ବିରାଟ ଆଖିଦୃଶିଆ ସାଜସଜ୍ଜା ଲୁହା ଗେଟ୍ ଗୋମୁଜା ନାମରେ ଜଣାଶୁଣା । ଦୁଇଟି ଗୋଲ ଆକୃତିର ଉଚ୍ଚ ମିନାର ମଧ୍ୟରେ ଲୁହାର ଗେଟ୍ ହୋଇଛି । ରାଜ ପେଲେସ୍‌କୁ ସଠିକ୍ ଘଣ୍ଟା ବା ସମୟ ସୂଚାଇବା ପାଇଁ ଏକ ବଡ଼ ମାଉଣ୍ଟ୍ ଧାତୁ ଘଣ୍ଟି ମୁଖ୍ୟ ପ୍ରବେଶ ପଥରେ ଅବସ୍ଥିତ । ବିଭିନ୍ନ କାରୁକାର୍ଯ୍ୟରେ ସଜାଯାଇଥିବା କାନ୍ଥ ଏବଂ ବଡ଼ବଡ଼ କାଠ ଦ୍ୱାରା ନିର୍ମିତ ଦରବାର ହଲ୍ କିଙ୍ଗ୍ ପେଲେସ୍‌ର ମୁଖ୍ୟ ଆକର୍ଷଣ । ଏହା ଅନୁଭବ କରିବ ପାଇଁ ଉତ୍କୃଷ୍ଟ କଳା । ଦରବାର ହଲ୍ ରାଜପ୍ରାସାଦର ମଝିରେ ଅବସ୍ଥିତ । ଏଥିରେ ରାଜ ମହଲ ଏବଂ ରାଣୀ ମହଲ (ଗଜପତି ପ୍ରାସାଦର ଦୁଇଟି ମୁଖ୍ୟ ଡେଣା) ରହିଥାଏ । ନିର୍ମାଣ ଏତେ ସମୃଦ୍ଧ ଯେ ଯଦି ଜଣେ ସେହି ସ୍ଥାନରେ ସେଣ୍ଟର୍ ଲାଇନ୍ ଉପରେ ଠିଆ ହୁଏ ତେବେ ଉଭୟ ଡେଣାର ତୁଳନା କରିହୁଏ । ଏପରି ଦେଖାଯାଏ ଯେ ଗୋଟିଏ ଅଧା ଏବଂ ଅନ୍ୟ ଅର୍ଦ୍ଧର ଦର୍ପଣର ପ୍ରତିଛବି ପରି ପ୍ରତୀୟମାନ ହୁଏ ।

## ବୃନ୍ଦାବନ ପେଲେସ୍


ଯମୁନା କୂଳରେ ବୃନ୍ଦାବନ । କିନ୍ତୁ ପାରଳାଖେମୁଣ୍ଡିର ବୃନ୍ଦାବନ ପେଲେସ୍ ମହେନ୍ଦ୍ର ତଟିନୀ ତଟରେ ଅବସ୍ଥିତ । ଏଠାରେ ଆମ୍ର କାନନ, ଶାଳ ଓ ଶାଗୁଆନର ଉଦ୍ୟାନ ସହ ନାନା ଜାତିର ପୁଷ୍ପଲତା ଭରପୁର । ମୃଗ ମୟୂରଙ୍କ ମୁକ୍ତବିହାରକୁ ନେଇ ଅମରାବତୀର ନନ୍ଦନ କାନନ ଏଠି ଗଢ଼ି ଉଠିଥିଲା । ଏହା ଏକ ତ୍ରିତଳ ପ୍ରାସାଦ । ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ପ୍ରାସାଦଟି । ଗ୍ରୀଷ୍ମ ସମୟରେ



ବ୍ୟବହାର କରିବା ପାଇଁ ପାରଳାଖେମୁଣ୍ଡିର ମହାରାଜା ଦ୍ୱାରା ନିର୍ମିତ ହୋଇଥିଲା ବୃନ୍ଦାବନ ପେଲେସ୍ । ଏହା ମହେନ୍ଦ୍ରତନୟା ନଦୀ କୂଳରେ ଅବସ୍ଥିତ । ପ୍ରାଚୀନ ସ୍ଥାପତ୍ୟର ଏକ ଅଦ୍ଭୁତ ଅଂଶ । କାନ୍ଥରେ ଚମତ୍କାର କଳାକୃତି ସହିତ ପେଲେସ୍‌ଟି ଅତି ଚମତ୍କାର ସ୍ମାରକୀ ଅଟେ । ରାଜପ୍ରାସାଦ ନିକଟରେ ଏକ ସୁନ୍ଦର ବଗିଚା ମଧ୍ୟ ଅବସ୍ଥିତ । ଏହି ପ୍ରାସାଦଟି ବର୍ତ୍ତମାନ ଭାରତ ସରକାରଙ୍କର ସମ୍ପୂର୍ଣ୍ଣ ଅଧିନରେ ରହିଛି । ଏହାକୁ ଏକ ଶିକ୍ଷାକେନ୍ଦ୍ର ଭାବରେ ମଧ୍ୟ ବ୍ୟବହାର କରାଯାଇଛି ।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ

ଜୀବନର ପ୍ରତିଟି ମୁହୂର୍ତ୍ତରେ ଦୁଃଖ ସହି ପ୍ରଜା ପାଳନରେ କ୍ଷଣେ ମାତ୍ର ଅବହେଳା କରି ନଥିବା ରାଜା ଥିଲେ ମହାରାଜା କୃଷ୍ଣଚନ୍ଦ୍ର । ଜୀବନର ପ୍ରାରମ୍ଭରେ ପିତୃବ୍ୟ ପରେ ପିତା, ଯୌବନରେ ସ୍ତ୍ରୀ ଓ ମାତା ପରେ ଜୀବନର ସାୟାହ୍ନରେ ପୁତ୍ର ଓ ଶେଷ ଅବସ୍ଥାରେ ପୁତ୍ରୀର ବିୟୋଗ ଯେ ଏତେ ଦାରୁଣ ଦୁଃଖ ଦେଇଥିଲା






ହୁଏତ ଏହା ବହୁତ କମ ଲୋକଙ୍କୁ ଗୋଚର । ତଥାପି ସେ ଥିଲେ ଶତ ସିଂହ ସମ ପରାକ୍ରମୀ, ଧୈର୍ଯ୍ୟବାନ ଓ ବିଜ୍ଞ । ଜୀବନର ଝଡ଼ଝଞ୍ଜା ଭିତରେ ସେ ସୁଖକୁ ଖୋଜି ପାଇଥିଲେ ମାଟି ମା'ର ସେବା କରିବା, ପ୍ରଜା ମୁହଁରେ ହସ ଫୁଟାଇବାରେ । ଆଉ ତାଙ୍କରି ଏହି ଅନନ୍ୟ ପ୍ରଚେଷ୍ଟା ହିଁ ହସ ଫୁଟାଇ ପାରିଥିଲା କୋଟି କୋଟି ଓଡ଼ିଆଙ୍କ ମୁହଁରେ ଏପ୍ରିଲ ପହିଲା ୧୯୩୬ ମସିହାରେ । ଗଙ୍ଗବଂଶୀ ନରେଶ ରାଜା ଶ୍ରୀ ଗୌରଚନ୍ଦ୍ର ଗଜପତି ଓ ମାତା ରାଧାମଣିଙ୍କ ଔରସରୁ ୨୬ ଅପ୍ରେଲ ୧୮୯୨ ମସିହାରେ ଜନ୍ମଗ୍ରହଣ କରିଥିଲେ ପୁଣ୍ୟତୋୟା ମହେନ୍ଦ୍ର ତନୟା ତଟସ୍ଥ ବାଣୀକ୍ଷେତ୍ର ପାରଳାଖେମୁଣ୍ଡି ରାଜ ନଅରରେ । ପିଲାଟି ଦିନରୁ ଶିକ୍ଷା ଦୀକ୍ଷା ପାଇଥିଲେ ପଣ୍ଡିତ ଶ୍ୟାମସୁନ୍ଦର ରାଜଗୁରୁ, ଆପନ୍ନା ପଣ୍ଡା ଓ ଟେଲର ସାହେବଙ୍କ ଭଳି ଜ୍ଞାନୀ ଗୁଣୀଙ୍କ ଠାରୁ । ତେଣୁ କୃଷ୍ଣଚନ୍ଦ୍ର ହୋଇଥିଲେ ବହୁ ପ୍ରତିଭାର ଅଧିକାରୀ ଆଉ ଦୂରଦର୍ଶୀ । ତେବେ ଓଡ଼ିଆଙ୍କ ଦୁର୍ଦ୍ଦିନର ଅନ୍ଧକାରରେ କୃଷ୍ଣଚନ୍ଦ୍ର ସାଜିଥିଲେ ପୂର୍ଣ୍ଣିମାର ଚନ୍ଦ୍ର । ସେ ବାଲ୍ୟକାଳରୁ ହିଁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ୱପ୍ନ ଦେଖିଥିଲେ । ନିଜ ଗୁରୁଙ୍କ ଦ୍ୱାରା ପ୍ରତିଷ୍ଠିତ 'ଉତ୍କଳ ହିତୈଷିଣୀ' ହେଉ କି 'ଗଞ୍ଜାମ ଜାତୀୟ ସମିତି' ଖଣ୍ଡ ବିଖଣ୍ଡିତ ଓଡ଼ିଶା ପଦେଶକୁ ଏକତ୍ରିକରଣ ପାଇଁ ସେ ମନ ସ୍ଥିର କରିଥିଲେ ଛୋଟବେଳୁ ହିଁ । ଇତିମଧ୍ୟରେ ୯ଟି ଉତ୍କଳ ସମ୍ମିଳନୀ ହୋଇ ସାରିଥାଏ । ଉତ୍କଳ ସମ୍ମିଳନୀର ୧୦ମ ଅଧିବେଶନ ପାରଳାଖେମୁଣ୍ଡିରେ ହେଲା । ମାମୁଁ ରାଜର୍ଷି ବିକ୍ରମଦେବ ବର୍ମା ଏହାର ସଭାପତିତ୍ୱ କରୁଥାନ୍ତି । 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ' ଗଠନ କରିବା ଆବଶ୍ୟକ ବୋଲି ଗଜପତି ପ୍ରସ୍ତାବ ଦେଲେ । ମଧୁବାବୁ ଏଥିରେ ସହମତି ଦେଲେ । କିନ୍ତୁ ଏ ସମୟରେ ନୀଳକଣ୍ଠ ଦାସ କହିଥିଲେ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ପାଇଁ ପ୍ରଥମେ ଶିକ୍ଷାର ଆବଶ୍ୟକତା ରହିଛି । କିନ୍ତୁ ଏତେବଡ଼ ଭୂଖଣ୍ଡରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପଢ଼ିବା ଓ ପଢ଼ାଇବାର ଖର୍ଚ୍ଚ ବହନ କରିବା ସମ୍ବଳ ଉତ୍କଳ ସମ୍ମିଳନୀ ପାଖରେ ନାହିଁ । ଏହାଶୁଣି ମହାରାଜା ଦଶହଜାର ଟଙ୍କା ତତ୍‌କ୍ଷଣାତ୍ ବ୍ୟୟ କରିଥିଲେ । ଆଉ ଏହିଠାର ସେ ନିଜ ରାଜକୋଷର କବାଟ ଖୋଲି ଦେଇଥିଲେ ସମଗ୍ର ଓଡ଼ିଶାର ହିତ ପାଇଁ । ଯାହା କେବେ ତାଙ୍କ ଶେଷନିଦ୍ରା ଯାଏଁ ବନ୍ଦ ହୋଇନଥିଲା । ଉତ୍କଳ ସମ୍ମିଳନୀ ପ୍ରଥମେ ଚାହୁଁଥିଲା କେବଳ ଓଡ଼ିଆ ଭାଷାଭାଷୀର ଏକତ୍ରୀକରଣ ଓ ଏକଶାସନ ଅଧୀନ । କିନ୍ତୁ ଏଥିରେ ମତଦ୍ୱେଧ ଥିଲା । କେତେକ ବଙ୍ଗରେ ତ ଆଉ କେତେକ ମଧ୍ୟପ୍ରଦେଶରେ ରହିବାକୁ ଚାହୁଁଥିଲେ । ମଣ୍ଟେଗୁ ଚେମ୍‌ସ୍ ଫୋର୍ଡ଼ ଶାସନ ସଂସ୍କାର ବେଳେ ଓଡ଼ିଶାକୁ ବିହାରର ଏକ ଉପ ପ୍ରଦେଶ ଗଠନ କରିବା ଲାଗି ମସୁଧା ହୋଇ ନଥିଲେ ଏହି ସ୍ୱତନ୍ତ୍ର ପ୍ରଦେଶ ଦାବି ଆରମ୍ଭ ହୋଇ ନଥାନ୍ତା । ଆଉ ଏହା ସଫଳ ହୋଇଥିଲା ମହାରାଜାଙ୍କ ଦୃଢ଼ ମନୋବଳ ଲାଗି । ଡଫ୍‌ଙ୍କ ଉପରେ କୃଷ୍ଣଚନ୍ଦ୍ରଙ୍କ ବ୍ୟକ୍ତିଗତ ପ୍ରଭାବ ଯୋଗୁଁ ସେମାନେ ମାଡ୍ରାସ ଭାଗରେ ଥିବା ଓଡ଼ିଶାର ଦକ୍ଷିଣ ଅଞ୍ଚଳକୁ ମିଶିବା ଲାଗି ସୁପାରିଶ୍ ଦେଲେ । ଏହାପରେ ୧୯୨୮ ମସିହାରେ ସାଇମନ କମିଶନ ଭାରତକୁ ଶାସନ ସଂସ୍କାର ନିମିତ୍ତ ଆସିଲେ । ଏଥିରେ ସମସ୍ତ ଇଂରେଜ ସଭ୍ୟ ଥିବାରୁ ସାରା ଦେଶ ଓ ଜାତୀୟ କଂଗ୍ରେସ ଏହାର ବର୍ଜନ କଲେ । କିନ୍ତୁ ଓଡ଼ିଶା ନିହିତ ସ୍ୱାର୍ଥ ପାଇଁ କେବଳ ଏକମାତ୍ର କୃଷ୍ଣଚନ୍ଦ୍ର Welcome Simon କହିଥିଲେ ପାଟନାର ବିହାର ଓଡ଼ିଶା ସଭାରେ । ଯାହାକି ପରବର୍ତ୍ତୀ ସମୟରେ ସି.ଆର.ଅଟଲିଙ୍କ ଓଡ଼ିଶା ଉପସମିତି ଗଠନ କରିବାରେ ସହାୟକ ହୋଇଥିଲା । ଖାଲି ଏତିକି ନୁହେଁ ୧୯୩୦, ୧୯୩୨ରେ ଲଣ୍ଡନରେ ଅନୁଷ୍ଠିତ ପ୍ରଥମ ଓ ତୃତୀୟ ଗୋଲଟେବୁଲ ବୈଠକରେ କେବଳ ଯେ ଓଡ଼ିଶାର ଦାବି ବଳିଷ୍ଠ ଭାବେ ଉପସ୍ଥାପିତ କରିନଥିଲେ ସେ, ବରଂ ବ୍ୟକ୍ତିଗତ ଭାବେ ସଭ୍ୟମାନଙ୍କୁ ଭୋଜି ଭାତ ଦେଇ ଆପ୍ୟାୟିତ କରି ସବ୍‌କମିଟିର ମତ ସେଥିରେ ଓଡ଼ିଶାର ହିତ ହେବାରେ ସାହାଯ୍ୟ କରିଥିଲେ । ଏତେ ଉଦ୍ୟମ ସତ୍ତ୍ୱେ ୧୯୩୧ ମସିହା ଓଡ଼ିଶା ସୀମା ନିର୍ଦ୍ଧାରଣ



ଲାଗି ଭାରତ ସରକାର ସାର୍ ସାମୁଏଲ୍ ଓଡ଼ନେଲଙ୍କ ଅଧ୍ୟକ୍ଷତାରେ ୩ଜଣିଆ କମିଟି ଗଠନ କରିଥିଲେ, ସେମାନେ ଦୁଇଜଣ ଭାରତୀୟ ସଭ୍ୟଙ୍କ ମତ ବିରୁଦ୍ଧରେ ଯାଇ ମାନ୍ଦ୍ରାଜରେ କେତେକ ଗୋରା କର୍ମଚାରୀଙ୍କ କୁପରାମର୍ଶରେ ମହାରାଜାଙ୍କ ମତକୁ ପ୍ରତ୍ୟାଖ୍ୟାନ କଲେ । ପାରଳା ଓ ଜୟପୁର ଆଦି ଓଡ଼ିଶାରେ ମିଶିବାକୁ ଚାହାନ୍ତି ନାହିଁ ବୋଲି ଲେଖିଦେଲେ । ଯିଏ ସମଗ୍ର ଦେଶରେ ଛିନ୍ନ ବିଚ୍ଛିନ୍ନ ହୋଇପଡ଼ିଥିବା ରାଜ୍ୟବାସୀଙ୍କୁ ଏକତ୍ର କରିବାର ପଣ ନେଇଥିଲେ ସେ ନିଜ ଜନ୍ମମାଟି ପ୍ରତି ଅନ୍ୟାୟକୁ ସହନ୍ତେ ବା କିପରି ? ସେ ପୁନର୍ବାର ୩ୟ ଥର ପାଇଁ ଲଣ୍ଡନ ଯାଇ ପ୍ରତିବାଦର ସ୍ୱର ଲର୍ଡ଼ ଲିନଲୀଥଗୋଙ୍କ ଠାରେ ପହଞ୍ଚାଇଲେ । ପ୍ରକଶଥାଉ କି ଏ ସମସ୍ତ ଗସ୍ତ ଖର୍ଚ୍ଚ ସେ ନିଜ ମୁଣାରୁ କରୁଥିଲେ । ସର୍ବଶେଷରେ ମହାରାଜାଙ୍କ ପରିଶ୍ରମ ଫଳପ୍ରଦ ହେଲା । କିଛି ମନ୍ଦ ବୁଦ୍ଧିଙ୍କ କୁଟିଳ ଚକ୍ରାନ୍ତ ଯୋଗୁଁ ପାରଳାର ଏକ ତୃତୀୟାଂଶ ହିଁ ମିଶିପାରିଲା ଓ ଜୟପୁରର ମଧ୍ୟ ଓଡ଼ିଶାରେ ମିଶ୍ରଣ ହେଲା ୧୯୩୬ ମସିହାରେ । ଇଂରେଜମାନେ ଓଡ଼ିଶା ଅଧିକାର କଲା ପରେ ରାଜାମାନଙ୍କୁ ଜମିଦାର ଭାବରେ ବ୍ୟବହାର କରୁଥିଲେ । କିନ୍ତୁ ପାରଳାଖେମୁଣ୍ଡି ରାଜବଂଶର ମହାନତାକୁ ଦେଖି କୃଷ୍ଣଚନ୍ଦ୍ରଙ୍କୁ ୧୯୧୮ରେ ବ୍ରିଟିଶ ସରକାର ରାଜା ସାହେବ ଉପାଧି ପ୍ରଦାନ କଲେ । ପରବର୍ତ୍ତୀ କାଳରେ ଗଜପତିଙ୍କ ସାହସିକତା ଓ କାର୍ଯ୍ୟଦକ୍ଷତାକୁ ଦେଖି ୧୯୩୭ ରେ ତାଙ୍କୁ ମହାରାଜା ଉପାଧି ଦେଲେ । ମଧୁବାବୁଙ୍କ ଠାରୁ ଗୋଦାବରୀଶ, ସମସ୍ତଙ୍କ ପ୍ରିୟ ଥିଲେ ମହାରାଜା । ଏଭଳି ମହାନ ବ୍ୟକ୍ତିତ୍ୱ ଓ ବହୁମୁଖୀ ପ୍ରତିଭାର ଅଧିକାରୀ ଆମ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ହେବା କିଛି ଆଶୀର୍ବାଦରୁ କମ ନଥିଲା । ଜିଲ୍ଲା ସଦର ମହକୁମା ଗୁଡ଼ିକର ସ୍କୁଲ୍‌କୁ କଲେଜରେ ପରିଣତ କରାଇଥିଲେ । ଏହାପରେ କଟକ ମେଡ଼ିକାଲ କଲେଜ ପ୍ରତିଷ୍ଠା, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଓ ବିଭିନ୍ନ କଲେଜରେ ସ୍ନାତକୋତ୍ତର ବିଭାଗ ଉଚ୍ଚ ଶିକ୍ଷା ନିମିତ୍ତ ବ୍ୟବସ୍ଥା କରାଇଥିଲେ । କେବଳ ଯେ ସେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଏହାର ପରିଚାଳନାରେ ଧୂରୀଣ ନଥିଲେ, ସେ ଥିଲେ ଓଡ଼ିଆ ସାହିତ୍ୟର ପୃଷ୍ଠପୋଷକ । ମହାରାଜା ବାଳକ, ବାଳିକା ବିଦ୍ୟାଳୟ ଭଳି ଅନେକ ଶିକ୍ଷାନୁଷ୍ଠାନର ନିର୍ମାଣ ଓ ବାର୍ଷିକ ଖର୍ଚ୍ଚ ତୁଲାଉଥିଲେ । ନାରୀ ଶିକ୍ଷା ପାଇଁ ଏକ ଭବ୍ୟ ଉଚ୍ଚବିଦ୍ୟାଳୟ ନିର୍ମାଣ କରାଇ ସେ ସମୟରେ ଓଡ଼ିଆ ବାଳିକାଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବାରେ ଚେଷ୍ଟା କରିଥିଲେ । ଏଥିସହ ସଂସ୍କୃତ ମହାବିଦ୍ୟାଳୟର ଉନ୍ନତି ପାଇଁ ଅନେକ ଅର୍ଥଦାନ କରିଥିଲେ । ତା'ଛଡ଼ା ୯୬୬୪ ଏକର ଜମି ମଠ ଓ ମନ୍ଦିର ଚାଳନା ପାଇଁ ଦାନ କରିଥିଲେ ।





ବାସ୍ତବରେ ଉତ୍କଳର ଗୌରବ ଯଦି ମଧୁସୂଦନ ଦାସ ହୁଅନ୍ତି, ସେହି ଗୌରବର ଉତ୍ତରାଧିକାରୀ ହେବେ ଉତ୍କଳର ବରପୁତ୍ର, କୃଷ୍ଣଚନ୍ଦ୍ର ଗଜପତି । ଯେତେବେଳେ ସ୍ୱାଧୀନ ଚିନ୍ତା ଓ ମତ ନିର୍ଭୀକ ଭାବରେ ବ୍ୟକ୍ତ କରିବାରେ ଉତ୍କଳ ଗୌରବଙ୍କ ଭଳି ବ୍ୟକ୍ତିତ୍ୱ ପୂର୍ବ ଭାରତରେ ବିରଳ, ସେତେବେଳେ ଉଦାରତା, ଉର୍ତ୍ସର୍ଗୀକୃତ କର୍ମତତ୍ପରତା, ଅହେତୁକ ନିଷ୍ଠା ଓ ସର୍ବୋପରି ଉତ୍କଳର ଗୌରବ ବୃଦ୍ଧି ନିମିତ୍ତ ସାଙ୍ଗଠନିକ ଦକ୍ଷତାକୁ କୃଷ୍ଣଚନ୍ଦ୍ରଙ୍କ ସହ କେହି ସରି ହେବେ ନାହିଁ କଥାଟି ମଧ୍ୟ ସତ୍ୟ । ବିପୁଳ ସମ୍ପତ୍ତିର ଅଧିକାରୀ ହୋଇ ମଧ୍ୟ ସେ ନିଜର ଭୋଗ ବିଳାସରେ ତାକୁ ବ୍ୟୟ ନକରି ଜୀବନକୁ ନିରାଡ଼ମ୍ବର ଓ ସୁସଂଯତ ଭାବରେ ଗଢ଼ି ତୋଳିଥିଲେ, କେବଳ ଏ ଜାତି ଓ ତା'ର ସ୍ୱତନ୍ତ୍ରତା ନିମିତ୍ତ ।

## ରାଜ ପରିବାରରୁ ରାଜନୀତି

ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପରେ ଗୋପୀନାଥ ଗଜପତି ରାଜ ସିଂହାସନ ଆରୋହଣ କରିଥିଲେ ଓ ତାଙ୍କ ସାନଭାଇ ଥିଲେ ଗଜପତି ସର୍ବଜ୍ଞ ଜଗନ୍ନାଥ ନାରାୟଣ ଦେବ । ଉଭୟଙ୍କ ପରିବାର ବ୍ୟବସାୟିକ ପ୍ରତିଷ୍ଠାନ କାରବାର ଦୃଷ୍ଟିରୁ ଚେନ୍ନାଇ ଠାରେ ରହି ଆସୁଥିଲେ ଏବଂ କିଛି ବର୍ଷ ବିଦେଶରେ ରହୁଥିଲେ । ରାଜ ପରିବାରରୁ ରାଜନୀତି । ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ବ୍ୟକ୍ତିଗତ ନିମନ୍ତ୍ରଣ ପାଇ ଗୋପୀନାଥ ଗଜପତି ସକ୍ରିୟ ରାଜନୀତିରେ ପ୍ରବେଶ କରିଥିଲେ । ଅତ୍ୟନ୍ତ ଧୀର, ସ୍ଥିର ଓ ନମ୍ର ସ୍ୱଭାବର ଗଜପତି ନିଜର ମାର୍ଜିତ ବ୍ୟବହାର ଯୋଗୁଁ ବ୍ରହ୍ମପୁର ଲୋକସଭା ଆସନରୁ ୧୯୮୯ ଓ ୧୯୯୧ରେ ଦୁଇଥର ବ୍ରହ୍ମପୁର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ଅନେକ ସଂସଦୀୟ ସମିତିର ସଦସ୍ୟ ଭାବେ କାର୍ଯ୍ୟ କରି ସେ ନିଜ ଦକ୍ଷତାର ପରିଚୟ ଦେଇଥିଲେ । ଗୋପୀନାଥ ଗଜପତିଙ୍କ ପାରିବାରିକ ଜୀବନରେ ଅନେକ ଝଡ଼ଝଞ୍ଜା ଦେଖିବାକୁ ମିଳିଥିଲା । ପତ୍ନୀ ବନଜା ଦେବୀଙ୍କ ୧୫ବର୍ଷ ପୂର୍ବେ ମୃତ୍ୟୁ ଘଟିଥିବା ବେଳେ ୫ବର୍ଷ ପୂର୍ବେ ତାଙ୍କର ଏକମାତ୍ର ପୁତ୍ର ଦିଗ୍‌ବିଜୟଙ୍କର ମଧ୍ୟ ପରଲୋକ ହୋଇ ଯାଇଥିଲା । ତେବେ ୨୦୧୬ ଅଗଷ୍ଟ ମାସରେ ଏକ ଓଡ଼ିଆ ଟିଭି ଚ୍ୟାନେଲର





# CMC INFRATECH PRIVATE LIMITED

At : Chorda, Po: Jajpur Road
Dist : Jajpur-755019
Ph : 06726-222177, Mob : 9861961777
Email : cmcinfratech@gmail.com
Web : www.cmcinfratech.com



**Anirudha Mohanty**
Managing Director




ଷ୍ଟିଙ୍ଗ ଅପରେସନ ମାଧ୍ୟମରେ ଖବର ପ୍ରକାଶ ପାଇଥିଲା ଯେ ଗୋପୀନାଥ ଗଜପତି ନିଜ ପ୍ରାସାଦରେ ନଜରବନ୍ଦୀ ଭାବେ ଅଟକ ଅଛନ୍ତି । ଏହି ଖବର ସ୍ଥାନୀୟ ବାସିନ୍ଦାଙ୍କୁ ଉତ୍ତେଜିତ କରିଥିଲା । ଶତାଧିକ ମହିଳା ଓ ପୁରୁଷ ରାଜପ୍ରାସାଦ ମଧ୍ୟକୁ ପ୍ରବେଶ କରି ଗଜପତିଙ୍କୁ ଉଦ୍ଧାର କରିଥିଲେ । ଅସହାୟ ଏବଂ ଦୁର୍ବଳ ଅବସ୍ଥାରେ ପଡ଼ି ରହିଥିବା ଗଜପତିଙ୍କୁ ଚେନ୍ନାଇ ସ୍ଥିତ ଆପୋଲୋ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ।

## ମହେନ୍ଦ୍ରଗିରି ପର୍ବତ

ଓଡ଼ିଶା ରାଜ୍ୟର ପୂର୍ବ ଘାଟରେ ମହେନ୍ଦ୍ରଗିରି ପର୍ବତ ଅବସ୍ଥିତ ଏବଂ ଏହା ପାରଳାଖେମୁଣ୍ଡି ଠାରୁ ୪୦ କିଲୋମିଟର ଦୂରରେ ଅବସ୍ଥିତ । ସବୁଜ ଘଞ୍ଚ ଜଙ୍ଗଲ ଏବଂ ବନ୍ୟଜନ୍ତୁ ଦ୍ୱାରା ଆଚ୍ଛାଦିତ ଏକ ସୁନ୍ଦର ପାହାଡ଼ । ମହେନ୍ଦ୍ରଗିରି ହେଉଛି ଓଡ଼ିଶାର ଦ୍ୱିତୀୟ ସର୍ବୋଚ୍ଚ ପର୍ବତ ଶିଖର । ସର୍ବୋଚ୍ଚ ଗିରିଶୃଙ୍ଗ ମଧ୍ୟରେ ଅନ୍ୟ ଏକ ପର୍ବତ ଅଜୟଗଡ଼ । ଏହାର ଉଚ୍ଚତା ୪୫୩୪ଫୁଟ । ଖ୍ରୀଷ୍ଟଧର୍ମ ପ୍ରଚାରକ ତଥା ପାରଳା ରାଜା ଏହି ଗିରିଶୃଙ୍ଗଙ୍କୁ ଶୈଳନିବାସ ଭାବରେ ବ୍ୟବହାର କରୁଥିଲେ ।

## ଶେଷକଥା

ପାରଳାରେ ମହାଦେଈ କଲ୍ୟାଣୀ ଗଜପତିଙ୍କ ଶାସନ ଆରମ୍ଭ ହୋଇଛି । ପାରଳା ମହାରାଜ ଗୋପୀନାଥ ଗଜପତି ନାରାୟଣ ଦେବଙ୍କ ପରଲେକ ପରେ ରାଜ ପରିବାର ରୀତିନୀତି ଅନୁଯାୟୀ ସିଂହାସନ ଆରୋହଣ କରିଛନ୍ତି ତାଙ୍କ କନ୍ୟା କଲ୍ୟାଣୀ ଗଜପତି । ବିଧିବଦ୍ଧ ଭାବେ ରାଜ ପୁରୋହିତ କଲ୍ୟାଣୀ ଗଜପତିଙ୍କ ରାଜ୍ୟାଭିଷେକ କରିଥିଲେ । ଏହାପରେ ପାରଳା ରାଜ ପରିବାରର ଦାୟିତ୍ୱ ଗ୍ରହଣ କରିଛନ୍ତି କଲ୍ୟାଣୀ ଗଜପତି ରାଜଦେଈ ।



## ସେମାନେ ଯାହା କୁହନ୍ତି



ମୁଁ ପିଲାବେଳୁ ଏହି ରାଜ ପରିବାର ସହିତ ଜଡ଼ିତ କହିଲେ ଅତ୍ୟୁକ୍ତି ହେବ ନାହିଁ । ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଦେଖିନାହିଁ ସତ କିନ୍ତୁ ବାପା ତାଙ୍କୁ ପିଲାବେଳେ ଦେଖିଥିଲେ । ଆମେ ରାଜ ନଅର ବୁଲିବାକୁ ସାଧାରଣତନ୍ତ୍ରରେ ଯାଉ । ଗୋପିନାଥ ଗଜପତିଙ୍କ ସଂସ୍ପର୍ଶରେ ଆସିଛୁ । ସେ ଅଧିକାଂଶ ସମୟ ଚେନ୍ନେଇରେ ରହୁଥିଲେ ମଧ୍ୟ ରଥଯାତ୍ରାକୁ ରଥରେ ଛେରାପହଁରା କରିବାକୁ ନିଶ୍ଚିତ ଆସନ୍ତି । ଲୋକମାନଙ୍କ ସହିତ ମିଶନ୍ତି । ରାଜ ପରିବାରରେ ବିଗତ କିଛିଦିନ ଅସନ୍ତୋଷ ଦେଖା ଯାଇଥିଲା । ଏବେ ଗୋପୀନାଥ ଗଜପତିଙ୍କ କନ୍ୟା କଲ୍ୟାଣୀ ଗଜପତି ଏଠାରେ ରହୁଛନ୍ତି ।

**ରାଜେନ୍ଦ୍ର ସାହୁ,** ରାଜ ନଅର ନିକଟ, ପାରଳାଖେମୁଣ୍ଡି



ମୋର ବାପା ସୁରକ୍ଷା ଦାୟିତ୍ୱରେ ଥିଲେ । ମୁଁ ଏବେ ଏହି ସୁରକ୍ଷା ଦାୟିତ୍ୱରେ ରହିଛି । ବହୁତ ଯାତ୍ରୀ ବୃନ୍ଦାବନ ପେଲେସ୍ ବୁଲିବାକୁ ଆସନ୍ତି । ଶୀତଦିନେ ଅଧିକ ଯାତ୍ରୀ ଆସନ୍ତି । ଏଠାରେ ରାଣୀଙ୍କର ସ୍ନାନାଗାର ତଥା ସଜବାଜ ପାଇଁ ସ୍ୱତନ୍ତ୍ର କୋଠରୀ ଅଛି । ଆଜିକାଲି ମାର୍ବଲ ଗ୍ଲେଜ୍ ଟାଇଲ୍‌ରେ ଘର ସଜାଉଛନ୍ତି । କିନ୍ତୁ କେଉଁ କାଳର ଏହି ବୃନ୍ଦାବନ ପେଲେସ୍ ଗ୍ଲେଜ୍ ଟାଇଲ୍‌ରେ ସ୍ନାନାଗାର, ସାଜସଜ୍ଜା ଗୃହ ନିର୍ମିତ ହୋଇଅଛି । କେଉଁ ପୁରାତନ ଯୁଗର ବି.ଏନ୍. ପେଲେସ୍ ହୋଇଥିଲେ ମଧ୍ୟ ନୂତନ ଆଧୁନିକ ଶୈଳୀର କଳାସଂସ୍କୃତି ଏଠାରେ ଦେଖିବାକୁ ମିଳେ । ଏଠି ଶତ୍ରୁମାନଙ୍କ ଠାରୁ ସୁରକ୍ଷିତ ନିମିତ୍ତ ସୁଡ଼ଙ୍ଗ ନିର୍ମିତ ହୋଇଥିଲା ।

**ସଞ୍ଜୟ ଦାସ,** ବୃନ୍ଦାବନ ପେଲେସ୍, ସୁରକ୍ଷାକାରୀ



ପାରଳାଖେମୁଣ୍ଡି ରାଜ ପରିବାରରେ ଏବେବି ଅନେକ ପରିବାର ବିଭିନ୍ନ କାମ କରି ଜୀବିକା ନିର୍ବାହ କରୁଛନ୍ତି । ରାଜାଙ୍କର ଅନେକ ଜମିବାଡ଼ି ରହିଛି । ସେଗୁଡ଼ିକର ବିକ୍ରି ଭଙ୍ଗା ପାଇଁ କିଛିଦିନ ରାଜ ପରିବାର ଏବଂ ଅନ୍ୟ କେତେକ ପରିବାର ପାଖରେ ଅସନ୍ତୋଷ ଦେଖା ଦେଇଥିଲା । ଶେଷରେ  ସରକାର ହସ୍ତକ୍ଷେପ କରିବାକୁ ବାଧ୍ୟ ହୋଇଥିଲେ । ଏବେ କଲ୍ୟାଣୀ ଗଜପତି ବାପା ଗୋପୀନାଥ ଗଜପତିଙ୍କ ଅନ୍ତେ ଅଧିକାଂଶ ସମୟ ପାରଳାଖେମୁଣ୍ଡିରେ ରହୁଛନ୍ତି । କର୍ପୁର ଉଡ଼ି ଯାଇଛି ମାତ୍ର କନା ଖଣ୍ଡିକ ପଡ଼ି ରହିଛି । ରାଜା ନାହାଁନ୍ତି କି ସେତେବେଳର ପ୍ରତିପତ୍ତି ନାହିଁ । କିନ୍ତୁ ରାଜ ପରିବାର ରହିଛି । ରାଜ ଉଆସ, ବୃନ୍ଦାବନ ପେଲେସ୍ ଧ୍ୱଂସ ସ୍ତୁପ ଆଡ଼କୁ ଗଲାଣି । ସରକାରଙ୍କ ଏବଂ ପ୍ରତ୍ନତତ୍ତ୍ୱ ବିଭାଗର ରକ୍ଷଣାବେକ୍ଷଣ ଅଭାବରୁ ସେ ଯୁଗର କଳା ଧିରେ ଧିରେ ଲୋପ ହେବାକୁ ଲାଗିଲାଣି ।

**ସୁରେଶ ସାହୁକାର,** ପ୍ରଧାନଶିକ୍ଷକ



ରାଜ ନଅର ଓ ରାଜ ପରିବାର ସହିତ ଯଦିଓ ଜନସାଧାରଣ ଏବେ ଏତେ ଜଡ଼ିତ ନୁହଁନ୍ତି । ତଥାପି ପାରଳାଖେମୁଣ୍ଡି କିମ୍ବା ଗଜପତି ରାଜ ପରିବାର ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଯାଇଛି । ତାହାର ଅବଦାନ ଏହି ରାଜ ପରିବାରର ଅନ୍ୟତମ ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର, ଯେକି ଆମର ପ୍ରାତଃ ସ୍ମରଣୀୟ । ତାଙ୍କରି ଦ୍ୱାରା ସ୍ୱତନ୍ତ୍ର ଜିଲ୍ଲା ଗଜପତି (ପାରଳାଖେମୁଣ୍ଡି) ହୋଇଛି । ଗଜପତି ଜିଲ୍ଲା ଯଦିଓ ଅନ୍ୟ ଜିଲ୍ଲା ତୁଳନାରେ ସେତେ ଉନ୍ନତ ହୋଇପାରି ନାହିଁ ତଥାପି ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ କାର୍ଯ୍ୟ ଅବିସ୍ମରଣୀୟ । ତାଙ୍କରି ସମୟରେ ଯାହା ଉନ୍ନତିମୂଳକ କାର୍ଯ୍ୟ ହୋଇଛି, ତାହା କେବେ ଲୋକମାନଙ୍କ ମାନସପଟରୁ ଲିଭି ଯିବ ନାହିଁ । ଏବେ ବି ସମୟ ଅଛି । ଗଜପତି ଜିଲ୍ଲାକୁ ଆହୁରି ସମୃଦ୍ଧ ଏବଂ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଦରକାର । ଓଡ଼ିଆ, ଶବର ଓ ତେଲୁଗୁ ସମ୍ପ୍ରଦାୟର ଭାଷାଭାଷୀ ଲୋକେ ଏଠାରେ ବସବାସ କରୁଥିବା ବେଳେ ସମସ୍ତେ ଶାନ୍ତିପ୍ରିୟ ଏବଂ ପରସ୍ପର ମଧ୍ୟରେ ଭାଇଚାରା ରହି ଆସିଛି । ରାଜରାଜୁଡ଼ା ଅମଳରେ ବିଦ୍ୟା ନଗରୀ ଭାବେ ପରିଚିତ ଥିଲା ପାରଳା ।

**ଅମୂଲ୍ୟ ପାଣିଗ୍ରାହୀ,** ସ୍ଥାନୀୟ ଅଧିବାସୀ

# ରୋନାଲିସାଙ୍କ ରୋଷେଇ



# ଛେନାର ନାନାକଥା



## ରୋନାଲିସା ପଣ୍ଡା

ମାର୍ଫତ : ଅରୁଣାଂଶୁ ପାଣିଗ୍ରାହୀ, ସହଦେବଖୁଣ୍ଟା,
ବାଲେଶ୍ୱର-୭୫୬୦୦୧
ଫୋନ:୭୦୦୮୪୮୬୭୩୮

ଫଟୋ ସୌଜନ୍ୟ : ଲେଖିକା



### ଛେନା କାକରା

**ଆବଶ୍ୟକ ସାମଗ୍ରୀ :** ଅଟା ଦେଢ କପ୍, ମଇଦା ୧କପ୍, ଗୁଡ଼ ଅଧ କପ୍, ପାଣି ୨କପ୍, ଗୁଜୁରାତି ଗୁଣ୍ଡ ୧ ଚାମଚ, ଲୁଣ ଅଧ ଚାମଚ, ଛେନା ୨କପ୍, ତେଲ କିମ୍ବା ଘିଅ ଛାଣିବା ପାଇଁ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟେ କରେଇରେ ପାଣି, ଗୁଡ଼ ଓ ଲୁଣ ଦେଇ ତାକୁ ଗରମ କରିବେ, କିଛି ଅଟା ନେଇ ଅଳ୍ପ ପାଣି ମିଶାଇ ଖଳି ତିଆରି କରିବେ ଓ ସେଇ ଫୁଟୁଥିବା ପାଣିରେ ପକେଇ ଦେବେ । ଗୋଟେ ମିନିଟ ପରେ ପାଣିରେ ଅଧ ଚାମଚ ଘିଅ ଦେଇ ସେଥିରେ ଅଟା ଓ ମଇଦା ଉଭୟ ପକାଇ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ଦେବେ । ଏହାପରେ ଗ୍ୟାସ୍ ବନ୍ଦ କରିଦେବେ । ଅନ୍ୟ ଏକ କରେଇରେ ଛେନାକୁ ଗୁଜୁରାତି ଗୁଣ୍ଡ ଓ ଗୁଡ଼ ଦେଇ ପୁର ତିଆରି କରିବେ । ଏହାପରେ ପ୍ରସ୍ତୁତ ଅଟା ଜନ୍ତୁଣିରେ ଛେନା ପୁର ପୁରାଇ ଗରମ ତେଲ କିମ୍ବା ଘିଅରେ ଛାଣି ପ୍ରସ୍ତୁତ କରିବେ କାକରା ।

### ପାଳୁଅ ଲଡୁ



**ଆବଶ୍ୟକ ସାମଗ୍ରୀ :** ପାଳୁଅ ଗୁଣ୍ଡ ୧କପ୍, ମଇଦା ୧କପ୍, ସୁଜି ୧/୨କପ୍, ଅଦା, ପାନମହୁରି ଗୁଣ୍ଡ ୨ ଚାମଚ, ଖାଇବା ସୋଡ଼ା ୧ ଚାମଚ, ଲୁଣ ୧/୨ଚାମଚ, ଚିନି ୨୫୦ ଗ୍ରାମ, ଲେମ୍ବୁରସ ୧ ଚାମଚ, ଗୁଜରାତି ଗୁଣ୍ଡ ଅଳ୍ପ, ତେଲ ଛାଣିବା ପାଇଁ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପାଳୁଅ ଗୁଣ୍ଡକୁ ପାଣିରେ ବତୁରାଇ ଦିଅନ୍ତୁ । ଗୋଟେ ପାତ୍ରରେ ମଇଦା, ସୁଜି, ଅଦା, ପାନମହୁରି, ଲୁଣ, ଖାଇବା ସୋଡ଼ାକୁ ଗୋଳାଇ ଦିଅନ୍ତୁ । ସେଥିରେ ଦୁଇ ଚାମଚ ତେଲ ପକାନ୍ତୁ । ତାପରେ ପାଳୁଅ ପକାଇ ଚକଟି ଅଟା ଗୁଳା ପ୍ରସ୍ତୁତ କରନ୍ତୁ । କରେଇରେ ତେଲ ଗରମ କରି ପ୍ରସ୍ତୁତ ଅଟା ଗୁଳାକୁ ଛୋଟ ଛୋଟ ଗୁଳା କରି ଉଷୁମ ତେଲରେ ଛାଣି ରଖନ୍ତୁ । ଚିନି ଶିରା ପ୍ରସ୍ତୁତ କରିବା ପାଇଁ କରେଇରେ ଚିନି ଓ ପାଣି ଫୁଟାନ୍ତୁ । ସେଥିରେ ଟିକେ ଲେମ୍ବୁ ରସ ଓ ଗୁଜୁରାତି ଗୁଣ୍ଡ ପକାନ୍ତୁ । ପାଳୁଅ ଲଡୁ ଗୁଡ଼ିକୁ ଚିନି ଶିରାରେ ପକାଇ ଅଳ୍ପ ସମୟରେ ବାହାର କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଆପଣଙ୍କ ପାଳୁଅ ଲଡୁ ।

### ଛେନାପୋଡ଼ ପିଠା

**ଆବଶ୍ୟକ ସାମଗ୍ରୀ :** ଛେନା ୨୫୦ ଗ୍ରାମ୍, ଚିନି ୧୫୦ ଗ୍ରାମ, ସୁଜି ୩ ଚାମଚ, ଗୁଜୁରାତି ଗିଣ୍ଡ ଅଳ୍ପ, ଗୋଲାପ ଜଳ ୧ଚାମଚ, ଘିଅ ୧ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟେ ବଡ଼ ପାତ୍ରରେ ଛେନାକୁ ଭଲ ଭାବରେ ମସୃଣ ହେବା ପର୍ଯ୍ୟନ୍ତ ଗୋଳାଇବେ । ସେଥିରେ ସମସ୍ତ ସାମଗ୍ରୀ ଦେଇ ଗୋଳାଇବେ ଓ ପୂରା ଚିକ୍କଣ ଆଣ ପ୍ରସ୍ତୁତ କରିବେ । ପରେ ଛୋଟ ଛୋଟ ଗିନାକୁ ଘିଅ ଲଗାଇ ଓେଥିରେ ଛେନା ଆଣକୁ ରଖିବେ । କରେଇ ଗରମ କରି ସେଥିରେ ଏକ ଲୁହା ପ୍ଲେଟ୍ ବା ଛାଞ୍ଚ ରଖି ତା ଉପରେ ଏହି ଗିନା ଗୁଡ଼ିକ ରଖି ଗ୍ୟାସ୍‌କୁ ଅଳ୍ପ ଆଂଚ କରିବେ ଓ କରେଇକୁ ଘୋଡ଼ାଇ ଦେବେ । ୧୦ମିନିଟ୍‌ରେ ତିଆରି ହୋଇଯିବ ଛେନାପୋଡ଼ ପିଠା ।



# M/S. SABITRI TECHNICAL & SERVICES



BIJAYA KUMAR ROUL
Proprietor



SOMYA RANJAN PANDA
Managing Partner

## DEALS IN :

- Electrical & Instrumentation Job.
- Mechanical & Fabrication Job.
- Ducting.
- Insulation & Piping Job.

(Materials & All types of Manpowder Supply)

OFF. ADD : Manmath Jena/ Bijaya Ku. Roul, C/o-
Kalpana Store, Main Road, Jajpur Road, Dist.- Jajpur, Odisha, Pin-755019

B.O. ADD : Bijaya Ku. Roul, C/o- Roul Ghara, Kadabarabga, Kusunnagar, Anijo, Dist- Bhadrak, Odisha, Pin-756115

MOB : +91 94387 51870
+91 70080 35944

Email : sabitri.technical18@yahoo.com

ରୋଷେଇଶାଳି-୨

# ଗୀତିକାଙ୍କ ରାନ୍ଧଣା



# ଲୋଭନୀୟ ରେସିପି




## ଗୀତିକା ଜ୍ୟୋତିପର୍ଣ୍ଣା

ନିଉ କଲୋନୀ, ନେଳିଆବାଗ,
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧,
ଫୋନ:୬୩୭୦୪୬୦୩୦୬
@foodiebliss47/mysterious_geet


ଫଟୋ ସୌଜନ୍ୟ : ଲେଖିକା



### ଆଳୁ କୁଲୁଚା:

**ଆବଶ୍ୟକ ସାମଗ୍ରୀ :** ୫୦୦ଗ୍ରାମ ମଇଦା, ୫ଟି ସିଝା ଆଳୁ, ଅଧାକପ୍ କଟାପିଆଜ, ଅଧା ଚାମଚ ରେଡ୍ ଚିଲ୍ଲି ପାଉଡର, ଅଧା ଚାମଚ ଜିରା ଗୁଣ୍ଡ, ଅଧା ଚାମଚ ଧନିଆ ଗୁଣ୍ଡ, ସ୍ୱାଦ ଅନୁଯାୟୀ ଲୁଣ, ୧ ଚାମଚ କସ୍ତୁରୀ ମେଥି, ୧ ଚାମଚ କଳାଜିରା, ଚିମୁଟାଏ ବେକିଂସୋଡ଼ା, ଛାଣିବା ପାଇଁ ରିଫାଇନ୍ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟିଏ ପାତ୍ରରେ ମଇଦା, ଲୁଣ, ବେକିଂ ସୋଡ଼ା, କଳାଜିରା, କସ୍ତୁରୀ ଏବଂ ଅଳ୍ପ ତେଲ ମିଶାଇ ଗୋଳାଇ ଦିଅନ୍ତୁ ଏବଂ ପାଣି ପକାଇ ଦଳି ରଖନ୍ତୁ । ଏହି ମିଶ୍ରଣକୁ ୨୦ରୁ ୩୦ମିନିଟ୍ ଏକ ପାତ୍ରରେ ରଖି ଛାଡ଼ି ଦିଅନ୍ତୁ । ବର୍ତ୍ତମାନ ସିଝା ଆଳୁରେ କଟାପିଆଜ, ରେଡ୍ ଚିଲ୍ଲି ପାଉଡ଼ର, ଜିରା ଗୁଣ୍ଡ, ଧନିଆଗୁଣ୍ଡ ମିଶାଇ ଭଲ ଭାବେ ଚକଟି ରଖନ୍ତୁ । ବର୍ତ୍ତମାନ ଅଟାରୁ ଛୋଟ ଛୋଟ ଗୋଳା ପ୍ରସ୍ତୁତ କରି ବେଲନ୍ତୁ ଏବଂ ଆଳୁପୁର ଦେଇ ପୁରୀ ଆକାରରେ ବେଲି ଦିଅନ୍ତୁ । ବର୍ତ୍ତମାନ କଡ଼େଇରେ ରିଫାଇନ୍ ତେଲ ଗରମ କରି କୁଲୁଚା ଗୁଡ଼ିକୁ ଛାଣି ଦିଅନ୍ତୁ । କୁଲୁଚାକୁ ପନୀର, ଆଳୁ, ସବ୍‌ଜି ସହିତ ଗରମ ଗରମ ପରଷି ଦିଅନ୍ତୁ । ସାଧାରଣତଃ କୁଲୁଚା ପୁରୀ ଆକାର ଠୁ ବଡ଼ ହୋଇଥାଏ ।

### ଚିକେନ୍ ଜଲ୍‌ଫ୍ରେଜି

**ଆବଶ୍ୟକ ସାମଗ୍ରୀ :** ୫୦୦ ଗ୍ରାମ ଚିକେନ୍, କଟା ହୋଇଥିବା ୪ଟି ପିଆଜ, ୨ କପ୍ ଟମାଟୋ ପ୍ୟୁରି (ଟମାଟୋ ପେଷ୍ଟ), ଅଧା କପ୍ ସରୁସରୁ ହୋଇ କଟା ହୋଇଥିବା ଅଦା, ଅଧା କପ୍ କଟା ହୋଇଥିବା ରସୁଣ, ୧ଚାମଚ ଜିରା, ୧ ଚାମଚ ରେଡ୍ ଚିଲ୍ଲି ପାଉଡ଼ର, ଅଧା ଚାମଚ ହଳଦୀ ଗୁଣ୍ଡ, ଅଧା ଚାମଚ ଧନିଆଗୁଣ୍ଡ, ଅଧା ଚାମଚ ଗରମ ମସଲା, ଅଧା ଚାମଚ ଚିକେନ ମସଲା, ୩ ରୁ ୪ ଚାମଚ ଖାଇବା ତେଲ, ସ୍ୱାଦ ଅନୁଯାୟୀ ଲୁଣ, ୨ ଚାମଚ ଲେମ୍ବୁରସ, କିଛି ଧନିଆପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ସେଥିରେ ଦହି, ସମସ୍ତ ମସଲାଗୁଣ୍ଡ, ଲେମ୍ବୁରସ ଏବଂ ଲୁଣ ପକାଇ ଭଲ ଭାବେ ଗୋଳାଇ ୩୦ ମିନିଟ୍ ପର୍ଯ୍ୟନ୍ତ ମେରିନେଟ୍ କରନ୍ତୁ । ଗ୍ୟାସ୍‌ରେ ଏକ ପ୍ୟାନ୍‌ରେ ତେଲ ପକାଇ ସେଥିରେ ଜିରା ଏବଂ ପିଆଜକୁ ରଙ୍ଗ ବଦଳିବା ପର୍ଯ୍ୟନ୍ତ ଭାଜି ନିଅନ୍ତୁ । ଏହା ଭଲ ଭାବେ ଭାଜି ହୋଇଯିବା ପରେ ଏଥିରେ କଟା ଅଦା ଏବଂ ରସୁଣ ପକାଇ ୨ରୁ ୩ ମିନିଟ୍ ଭାଜନ୍ତୁ । ବର୍ତ୍ତମାନ ୨ କପ୍ କଟା ହୋଇଥିବା ଟମାଟୋକୁ ମିକ୍ସିରେ ଚଲାଇ ପ୍ୟୁରି ପ୍ରସ୍ତୁତ କରିନିଅନ୍ତୁ ଏବଂ ପିଆଜରେ ମିଶାଇ ଦେଇ ୪ରୁ ୫ ମିନିଟ୍ ଢାଙ୍କୁଣି ଲଗାଇ ଭଲ ଭାବେ କଷି ନିଅନ୍ତୁ । କଷି ହେବା ପରେ ସେଥିରେ ରେଡ୍ ଚିଲ୍ଲି ପାଉଡ଼ର, ଧନିଆଗୁଣ୍ଡ, ଗରମ ମସଲା ଏବଂ ଚିକେନ ମସଲା ପକାଇ କଷନ୍ତୁ । ମସଲାରୁ ତେଲ ବାହାରିବା ପରେ ମେରିନେଟେଡ ଚିକେନ୍ ପକାନ୍ତୁ । ଢାଙ୍କୁଣି ବନ୍ଦ କରି ଚିକେନ୍ ସିଝିବା ଯାଏଁ ଭଲଭାବେ କଷନ୍ତୁ । କଷିହେବା ପରେ ଆବଶ୍ୟକ ଅନୁଯାୟୀ ଲୁଣ ପକାଇ ଓହ୍ଲାଇ ଦିଅନ୍ତୁ ଏବଂ କିଛି କଟା ହୋଇଥିବା ଧନିଆପତ୍ରରେ ଗୋଳାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଜଲ୍‌ଫ୍ରେଜି । ଏହାକୁ ରୁଟି କିମ୍ବା ଭାତ ସହିତ ପରଷି ଦିଅନ୍ତୁ ।



# ସୃଜନଶୀଳତାରେ ସନ୍ତୁଷ୍ଟି

'ସନ୍ତୁଷ୍ଟି' ସୃଜନର ଶତ୍ରୁ । ଅସନ୍ତୋଷ ଆଗକୁ ବାଟ କଢାଇ ନିଏ । ଆତ୍ମସନ୍ତୋଷର ତାଡ଼ନାରେ ଆମେ ହୁଏତ ଲେଖାଲେଖି କରୁଛୁ । ଯଦିଓ କେହି କେହି ନିଜ ପାଇଁ ଲେଖୁଛନ୍ତି ବୋଲି କହି ଭୁଆଁ ବୁଲାନ୍ତି । କାରଣ କେହି ବି ନିଜ ପାଇଁ ଲେଖେ ନାହିଁ । ପ୍ରତ୍ୟେକଟି ସୃଜନ କର୍ମ ପଶ୍ଚାତ୍‌ରେ ଯେମିତି ଏକ ଦୈବୀ ପ୍ରେରଣା ଥାଏ, ସେମିତି ପ୍ରତିଟି ସୃଜନ-ଲେଖାଟିକୁ ଆଉଜଣେ କିଏ ବା ଏକାଧିକ ଜଣ ଦେଖନ୍ତୁ, ପଢ଼ନ୍ତୁ ବୋଲି ଲେଖକଟି ଭିତରେ ସୁପ୍ତ ଇଚ୍ଛାଟିଏ ଥାଏ । ତାକୁ ସେ ପ୍ରକାଶ କରିବା ନକରିବା ଅଲଗା କଥା । କିନ୍ତୁ ଇଚ୍ଛାଟିଏ ବା ଆଗ୍ରହଟିଏ ବିନା କୌଣସି କାର୍ଯ୍ୟ ସମ୍ଭବ- ଏଥିରେ ମୋର ବିଶ୍ୱାସ ନାହିଁ ।

ଏବେ ନିକଟରେ ଯୁବକବି ଚିତ୍ତରଂଜନ ନାୟକଙ୍କ ସହିତ ସୃଜନ-ସନ୍ତୁଷ୍ଟି ବିଷୟର କଥା ହେଉଥିଲି । ଚିତ୍ତରଞ୍ଜନ ବୟସରେ କନିଷ୍ଠ ହେଲେ ମଧ୍ୟ ମୁଁ ତାଙ୍କୁ ଜ୍ଞାନ ଓ ସର୍ଜନ କ୍ଷମତାରେ ମୋ ଠାରୁ ବଡ଼ ବୋଲି ବିବେଚନା କରେ । କାରଣ ମୋ ଜାଣିବାରେ ସେ କେବଳ ଇଂରାଜି ଲିଟରେଚର୍ ପଢ଼ନ୍ତି ନାହିଁ । ଓଡ଼ିଆ ସାହିତ୍ୟର ସେ ଜଣେ ପ୍ରଖର ପଢାଳି ଓ ପଢି ମନେରଖନ୍ତି ଅନେକଙ୍କୁ, ବିଶେଷ କରି ନୂଆପିଢ଼ି ଓ ଯୁବପିଢ଼ିଙ୍କର ସେ ଜଣେ ସବୁଠୁ ସହିଷ୍ଣୁ ସାଥୀ । ଆମେ ଅନେକ ସମୟରେ ସାହିତ୍ୟର ନାନା ବିସଙ୍ଗତିକୁ ନେଇ କଥା ହେଉ । ସାହିତ୍ୟ ଲେଖାଲେଖି କରୁଥିବା ଜଣେ ବ୍ୟକ୍ତି ଭିତରେ ସନ୍ତୁଷ୍ଟି ଆସିଗଲେ,ସେ ନିରବି ଯାଏ କି ? ମୋର ଏଇ ପ୍ରଶ୍ନକୁ ସେ ସମର୍ଥନ କରି ମୁଁ ଭାବୁଥିବା ପ୍ରକାରେ ଉତ୍ତର ଜଣାଇଲେ । ମୁଁ ଜାଣିଲି ଯେ, ସର୍ଜନାରେ ସନ୍ତୁଷ୍ଟି ଏକ ମାରାତ୍ମକ ବ୍ୟାଧି । ଅନେକ ବଡ଼ବଡ଼ ଲେଖକଙ୍କ ସାକ୍ଷାତକାରରେ ପଢ଼ିଛି ଯେ ଅସନ୍ତୋଷ ହିଁ ଲେଖେଇ ନିଏ । ଅର୍ଥାତ୍ ଲେଖକଟି ଭିତରେ ଯେଉଁ ମୁହୂର୍ତ୍ତରେ ସନ୍ତୁଷ୍ଟି ଆସିଯାଏ, ସେଇଠି ତାର ସୃଜନକ୍ରିୟା ବନ୍ଦ୍ ହେଇଯାଏ । ଏପରି ସବୁବେଳେ ଘଟୁନଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଦେଖା ଯାଇଛି ଯେ, ଆମର କିଛି ପ୍ରଖର ଲେଖକ ଭଲ ଲେଖି ସୁନାମ ଅର୍ଜନ କରିଥିବା ସତ୍ତ୍ୱେ ନିରବି ଯାଇଛନ୍ତି । ଅର୍ଥାତ୍ ସେମାନଙ୍କ ଲେଖନୀ ଆଉ ଚଳଚଂଚଳ ନାହିଁ । ଏହାର କାରଣ ଖୋଜିବା ବେଳେ ମୋତେ ଚକିତ କଲା କେତୋଟି କଥା । ଯେଉଁମାନେ ନିରବି ଯାଇଛନ୍ତି ସେମାନେ ସମସ୍ତେ ଏକ ବଡ଼ ଧରଣର ପୁରସ୍କାର ପାଇବା ପରେ ହିଁ ଚୁପ୍ ହୋଇ ଯାଇଛନ୍ତି । ଏହାକୁ ପରୀକ୍ଷା କରିବା ପାଇଁ ଆପଣମାନେ ଯଦି ଟିକିଏ ପଛକୁ ଫେରିବେ ତେବେ ଜାଣି ପାରିବେ ଯେ, ପ୍ରକୃତରେ କେତେଜଣ ଲେଖକ ଏବେ ଲେଖୁନାହାନ୍ତି ବା ଲେଖିବାର ଗତି ସେମାନଙ୍କର ମନ୍ଥର ହୋଇଛି । ଆହୁରି ଜାଣିପାରିବେ ଯେ ସେମାନେ କିଛି ନା କିଛି ପୁରସ୍କାର ପାଇବା ପରେ ହିଁ ନିରବି ଯାଇଛନ୍ତି ।


ମୋର କହିବାର କଥା ହେଉଛି, ଯେଉଁ ଲେଖକଟି ନିରବି ଯାଇଛି ତା' ଭିତରେ ସନ୍ତୁଷ୍ଟି ଆସି ଯାଇଛି । ଅର୍ଥାତ୍ ପୁରସ୍କାରଟିଏ ଆସିବା ପର୍ଯ୍ୟନ୍ତ ସେ ଲେଖୁଥିଲା ଓ ହିସାବ କିତାବ କରି ବହି ମଧ୍ୟ ଛପାଉଥିଲା । ଯହୁଁ ପୁରସ୍କାର ପାଇଗଲା ସେ ତାର ଲକ୍ଷ୍ୟସ୍ଥଳ ବା ଡେଷ୍ଟିନେସନ୍‌ରେ ପହଞ୍ଚିଗଲା ବୋଲି ଭାବିଲା ଏବଂ ଆଉ ଲେଖିକି କ'ଣ ଲାଭ ଭାବି ଚୁପ୍‌ଚାପ୍ ବସିଲା । ଆପଣମାନେ ଜାଣି ଆଶ୍ଚର୍ଯ୍ୟ ହେବେ, ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରୁଥିବା ଜଣେ ଜଣେ ଲେଖକ ଅନ୍ତତଃ ପକ୍ଷେ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଲେଖାଲେଖି ପରେ ପୁରସ୍କର ପାଉଛନ୍ତି । ତା'ପରେ ସେମାନେ ନିରବି ଯିବା ବେଳେବେଳେ ସ୍ୱାଭାବିକ ଲାଗୁଥିଲେ ମଧ୍ୟ ଏବେ ଯୁବ ପୁରସ୍କାର ପାଉଥିବା ଯୁବ ଲେଖକମାନେ ମଧ୍ୟ ଲେଖାଲେଖିରେ ନିରବ, ନହେଲେ ମନ୍ଥର । ଏହାର କାରଣ କ'ଣ ସନ୍ତୁଷ୍ଟି ନା ଆଉ କିଛି ? କାରଣ ଲେଖାଲେଖି ଆରମ୍ଭ କରୁକରୁ ପୁରସ୍କାର ପାଇଯିବା ଫଳରେ ସେ ଅଧିକ ଦାୟିତ୍ୱଶୀଳ ହୋଇ ଲେଖାଲେଖିକୁ ଗତିଶୀଳ କରିବା କଥା । କିନ୍ତୁ ଘଟୁଛି ଓଲଟା । ଏତେ ଶୀଘ୍ର ଓ ଏତେ କମ୍ ବୟସରେ କାହିଁକି ଲେଖାଲେଖି ପ୍ରତି ନିସ୍ପୃହ ସେମାନେ- ଏହାର ସଠିକ୍ ଉତ୍ତର କେବଳ ସେମାନେ ଦେଇ ପାରିବେ । କାରଣ ସେମାନଙ୍କ ଆଗରେ ପଡ଼ିଛି ଅନେକ ବାଟ । ଯାହାକି ଲେଖାଲେଖି କରି ସେମାନେ ଯଶଖ୍ୟାତି ଅର୍ଜନ କରିବା ସହ ପାଠକଙ୍କ ଅଦରଣୀୟ ହୋଇପାରିବାର ସୁଯୋଗ ରହିଛି ସେମାନଙ୍କ ପାଇଁ । ଅଥଚ ଗୋଟେ ଯୋଡ଼େ ବଡ଼ ପୁରସ୍କାର ପାଇଯିବା ପରେ ଲେଖକୀୟ ସନ୍ତୁଷ୍ଟି ଆସିଯିବା କଥା ଆଶ୍ଚର୍ଯ୍ୟ ଚକିତ କରୁଛି । ପୁରସ୍କାର ତେବେ କଣ ପ୍ରେରଣା ଦିଏନା, ଦିଏ ଲେଖକର ମୃତ୍ୟୁ ବଟିକା ! ତାହେଲେ ତ ଲେଖକଙ୍କ ପାଇଁ ପୁରସ୍କାର ପ୍ରଥା ବନ୍ଦ ହୋଇଯିବା ଦରକାର ।

ଆଜିକାଲି ପୁରସ୍କାର ପାଇବାର ସୁଯୋଗ ଓ ବ୍ୟବସ୍ଥା ବେଶ୍ ରୋଚକ । ତା ସହିତ ଶହ ଶହ ମାନପତ୍ର, ଉତ୍ତରୀୟ ଦେବାନେବର ଉତ୍କଣ୍ଠା । ତେବେ ପାଆନ୍ତୁ । ସେଥିରେ ଆମର କିଛି କହିବାର ନାହିଁ । କିନ୍ତୁ ପୁରସ୍କାର ପାଇବାର ଉତ୍ତର ଦାୟିତ୍ୱଟିକୁ ମଧ୍ୟ ନିଭାଇବା ଭଳି ଛାତି ରହିବା ଦରକାର । ନହେଲେ ସାହିତ୍ୟ ଧିରେ ଧିରେ କେବଳ ପୁରସ୍କାରାଭିମୁଖୀ ହୋଇଯିବ ଏବଂ ଲେଖକମାନେ ଆଉ ଲେଖିବାକୁ ଆଗ୍ରହୀ ହେବେ ନାହିଁ ।

ପାଠକୀୟ ପୁରସ୍କାର ଯେ ବଡ଼ ପୁରସ୍କାର ସେ କଥା ଆଜିକାଲି କେହି ଭାବୁ ନାହାନ୍ତି । ଆଜି କେବଳ ଅର୍ଥ ବେଶି ଯେଉଁଠି, ସେଇଟିକୁ ବଡ଼ ପୁରସ୍କାର ବୋଲି ଭାବୁଛନ୍ତି ସମସ୍ତେ । କିନ୍ତୁ ପୁରସ୍କାର ପାଇଥିବା ଲେଖକଟିକୁ ପର ବର୍ଷ ଲୋକେ ଭୁଲି ଯାଉଛନ୍ତି । ମନେରହେ କିନ୍ତୁ ଲେଖକର ଲେଖା । ଏଣୁ ଲେଖା ମାଧ୍ୟମରେ ପାଠକର ହୃଦୟରେ ସ୍ଥାନ ନେବା ପାଇଁ ଉଦ୍ୟମ ହେଲେ, ତାହା ହେବ ଏକ ଚିରସ୍ଥାୟୀ ପୁରସ୍କାର ।




SMiLE GOLD
Agarbati
JHPPL
SMiLE+
SMiLE
AN ISO 9001:2008 Certified
Since : 20years
Our Product
SMiLE+ SANITISER
SMiLE GOLD
ROSE
LEMON GOLD
Rose Gold
NEEM GOLD
MALLI GOLD
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796


Azadi Ka Amrit Mahotsav
ବିଜୟର ପର୍ବ ଶାରଦୀୟ ଦୁର୍ଗାପୂଜା
ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
नालको NALCO
A Navratna CPSE
ବିଶ୍ୱର ସବୁଠାରୁ କମ୍ ବ୍ୟୟରେ ଆଲୁମିନା ଉତ୍ପାଦନକାରୀ ୧
ବିଶ୍ୱର ସବୁଠାରୁ କମ୍ ବ୍ୟୟରେ ବକ୍ସାଇଟ୍ ଉତ୍ପାଦନକାରୀ ୧
ଦ୍ୱିତୀୟ ସର୍ବାଧିକ ବୈଦେଶିକ ମୁଦ୍ରା ଉପାର୍ଜନକାରୀ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ୨
@nalcoindia @NALCO_India @NALCO_India @nalco_india